This article endeavours to analyse the bride price system of some of the culturally significant tribes of the state, on the light of aforesaid analysis of the bride price syndrome. The analysis is based upon prevailing wedding practices, which are seen widely practiced in the state. Six numbers of sample tribes hailing from the four corners of the state are given. Though, with the change of time and space having influence upon the ensuing marriage practices today, all the cares are taken to stick to the traditional format and rituals of the institution of the bride price without taking into consideration the changed mode of bride price. The six tribes taken for analysis are - Santal, Juang, Ho, Bondo, Kharia and Didayi.

Santal :

The most culturally pregnant Santal tribe ensconced in the undulated and hilly regions of the district of Mayurbhanj and its adjoining areas of Keonjhar and Balasore districts have a well-laid marriage tradition with tradition bound bride price system. The seven types of marriage practices prevalent in the Santal tribe have the system of bride prices with slight variations from marriage to marriage. Bride price is paid both in cash and kind consisting of a few rupees, cow, bullock, three sarees one to mother of the bride, one to her paternal grand mother and the third one to her father's sister. The expenses in marriage depend largely upon the form of marriage. Marriage is a communal affair and members of both the villages and also neighbouring villages participate in it. The parents of the boy and the girl and the village officials play very important roles.

The bride price admissible to different form of marriage in the Santal tribe such as normal marriage includes two calves; a goat, two sarees and an amount of Rs.9/- (Rupees Nine only) are given to the bride's family.

In case of marriage by smearing vermilion, a system of marriage that is not considered normal yet, approved by Santal society includes two calves, a goat and three sarees demanded by the villagers of bride side.

In case of love marriage it has a special demand. Villagers of the bride's village insisted the other

party to give a goat or a pig. If both sides are satisfied with the marriage proposal then bridegroom's side would offer a coarse yellowish saree, two calves (one calf incase of absence by death to bride's father) a goat, three kgs of rice used Rs.9/- as the bride price.

The chart of detailed distribution of bride price Vermillion, turmeric paste, comb are given to the mother of the bride, mother-in-law, and to sister-in-law of the bride. Besides these ten feet, eleven feet and twelve feet sarees are given to mother, grandmother and sister-in-law (paternal side) respectively. One calf, one calf and rupees three, and one goat are also given to brother, father and dead ancestors respectively. Three rupees to *chief majhi halam* of the village, one rupee to deputy chief, one rupee to asst. chief and one rupee to messenger.

The bride price for marriage by kidnapping includes three numbers of cotton saree, two calves, one goat, and nine rupees. Besides the other items such as vermilion, turmeric paste and combs are also given as bride price.

In case of ostentatious marriage, as the name suggests the bride price is an elaborate affair bringing extended relations to share the price. One young bullock is meant for brother-in-law, one napkin each to the maternal uncle, paternal uncle of the bride and others. The presentation items include saree, ornaments and cosmetics.

In case of remarriage of divorcee the bride price involves Rs.9/-, one calf and coarse yellowish saree (2 No.s). The male folks of the bridegroom side get a goat.

In case of widow marriage both widow and widower are entitled to marry -with the provision of bride price to be given after one year after the union. This includes Re.1/- for Deputy Majhi Asst Chief and messenger. The chief is entitled to get Rs.3/- one calf is give to the brother and father each. The father is entitled to get Rs.3/-. One saree is given each to bride's mother, mother-in-law.

Juang :

Juang is an exclusive tribe found only in Orissa. Ethnically the Juangs are considered a branch of Mundari group. Marriage is the most important event in the life of Juang. It not only satisfies their biological urge but also gives them status in the society. There are several methods of acquiring mates in the Juang society. All the four forms of marriage have the institution of bride price associated with them.

The price includes money and material kinds. Though there is more or less uniformity in the bride price in the Juang tribe. Yet we get a great deal of difference from other tribes.

In the normal marriage the bride price includes paddy measuring 4 Khandi and 7 Khandi of rice are given to the village. Other bride price like four bags of rice is given to the head of the family. One napkin is given each to the father of the bride, elder brother of bride's father, elder brother of bride's father and one saree to mother of bride.

In case of love marriage bride price is not given. In some cases bride price is given. This includes one napkin is given each to the head of the family, elder brother of bride's father, and maternal uncle of bride. Four bags of rice and one napkin is given to father of the bride and one saree is given to mother of the bride.

In case of widow marriage if the young brother of the dead spouse marries the widow the bride price is not given. But when a widow marries somebody else - bride price is given. This includes a feast and wine to the villagers.

In case of divorcee's marriage bridegroom side gives Rs.5/- and people take away forcibly one cattle from the groom's village. Some times feast, wines are given as bride price

In case of marriage by force, paddy, rice, saree, etc are given as bride price. Besides this one napkin each is given to father, elder brother of father, maternal uncle of bride and one saree to mother of the bride.

Ho :

The Hos constitutes a major group among the tribes of Orissa. They are well known as Kol to the outside world. But they dislike to be addressed as Kol because in Sanskrit it means pig. The Hos have a well entrenched wedding institutions. They consider marriage as essential to fecundity. Adult marriage is the rule. A man usually marries outside his Killi and village.

The marriage of the tribe is divided in to two categories. They are fresh marriage (Adawa andi) and re-marriage (seluandi).

Fresh marriage (Adawa andi) is again divided into four types. They are arranged marriage (Jisukuandi), love marriage (Kepeya andi), marriage by elopement (Sansaura) and forced marriage (Aparitipi).

Likewise remarriage (seluandi) is also divided into three

categories. They are widow marriage (Gandiandi), divorcee marriage (Baragilaandi) and marriage separation (Bapagoandi). Each system of marriage has the tradition of bride price, which is prevalent in the Ho tribe. The average amount of bride price consist of 10 to 15 heads of cattle, Rs.50/- and ornaments, besides 50 to 100 pots *illi* and the ocst of feeding the *Killi* members. Individual form of marriage such as in the normal marriage, the bride price includes Rs. 101/- as cash component, a cow, calf, goat and cock as cattle wealth one saree is to mother and sister of the bride. One napkin each is to father and brother of the bride.

In case of love marriage (Kepeyaandi) there is no bride price involved where both bride and bridegroom both want to wed without support for their respective family. Where groom family is unwilling in that case the bride is persuaded to marry elsewhere and bride price is given. This includes Rs.100/-, one cow, one goat/hen, three saree and two napkins.

In case of marriage by elopement (sansauraandi) it has provision of bride price. Bride's side demand bride price and sometimes they realize more cattle, goat and poultry. But in general term the bride price includes Rs.101/-, one cow, one goat, one-napkin for brides fathers, one saree for bride's mother.

In case of marriage by Force (aparitapiandi) bride price is demanded without any logic. Sometimes is fixed arbitrarily as per the dictates of the bride side.

In case of divorcee's, marriage, 'Bride Price' is not insisted upon nor there is any well laid tradition for the bride price. It all depends upon groom's side. They may give the price according to the dictate of their will or they may not give the price altogether.

In case of marriage by Separation the separated woman is entitled to marry it has social sanction. It all depends upon the bridegroom's party for deciding the rate of the bride price without giving the bride's party to dictate the term.

Bondo :

Bondos live in the remote south-western tip of Malkangiri uplands and north-west of the river Machkund in the district of undivided Koraput. Though few in number the tribe has successfully retained the distinctive features of its culture chiefly on accounts of its geographical isolation and more perhaps due to its stubborn and independent sprits.

The most interesting features of Bondo marriage is that the wife of often older than the husband. Older girls prefer to marry younger boys who would earn for them when they grow old.

Like their counterpart tribe, Bondo tribe, has also the institution of bride price. At the same time, one also sees subtle variations in the bride price system. Bondo practices seven types of marriage. The details of the bride price, given in each forms of Bondo marriages are as follows.

Bride price in case of normal marriage includes a pot of rice bear is given to the villagers along with Rs. 5/-. Bride price to the kith and kin of the bride are one young bullock to father of the bride, one young cow to brother of the bride and Rs.2050 to mother of the bride.

In case of forced marriage, unlike other tribe, Bondo slaps a penalty fee of Rs. 1000/- (Rupees One Thousand) only on the bridegroom for taking away the bride forcibly. Besides, 4 nos. of cattle are realized with force from the groom's side. After receiving the imposed fines in shape of money and kinds the actual bride price is discussed. It includes one calf and one young bullock, which are offered to the father of the bride.

In case of widow marriage if anybody marries a widow in that case the man is enjoined by the tradition to give three nos. of cattle as bride price. In the case of distant relative proposing to marry the widow - he is required to give either a calf or a young bullock as bride.

When there occurs a love marriage, the bride price includes one calf and one young bullock. There is no provision of saree for the mother of the bride.

In case of marriage of a separated woman tussle may be involved in this type of marriage. If anybody who wishes to marry a lady separated by their spouse - the man is required to give bride price in the shape of cattle, which is to be given back to the earlier one. Sometimes, if it is not complied, the first husband, forcibly take away cattle of the perspective bride.

In case of marriage to sister-in-law, which is widely prevalent in the Bondo society, the bride price is a special treat. If any blood related man marries to his sister-in-law vice the death of her husband, in that case there is no provision for bride price. But in case of distant relatives, he is required to give either a cow or bullock as bride price.

In case of anybody marries to wife's younger sister, vice wife's demise and death the bride price includes one young bullock and one calf.

Kharia :

The Kharias are widely spread over in Orissa, Bihar, West Bengal and Madhya Pradesh. The Kharias are named so in accordance with the tradition that their first ancestors carry a *bangh*. The Hill Kharias are the primitive and backward section of the tribe. The Hill Kharias live in the hills and forests of Mayurbhannj.

Adult boys marry at the age of twenty and above and girls marry at the age of fifteen to eighteen years. They practiced monogamy. They practice cross-cousin marriages. Marriage by arrangement and negotiation is the ideal pattern. The groom's party pays bride price, which consists of Rs.60/- in cash, six pieces of clothes, one mound of paddy, two barrels of liquor, one goat and other such edibles, which are required for the wedding feast.

Kharia tribe practices four different kinds of marriage. They are normal negotiated marriage, marriage of the divorcee, widow marriage and love marriage. But unlike other tribes Kharia has uniform rate of bride price for all categories. All the forms of marriage include the following bride price.

Sometimes bride prices include also Rs. 12/- (twelve rupees) and 12 sarees are given to the Bride's party. Puffed rice, flattened rice and rice amounting to 5 to 7 Gauni (15 to 21kg) are also given. Besides, all these, ornaments and other related accessories are given as bride price.

Didayi :

Didayi constitute a small group listed as one of the sixty-two varieties of Scheduled tribes in the State of Orissa.

Like other tribes Didayi has also the tradition of marriage and bride price. Monogamy is the common practice. Cross cousin in the mother's line is the most preferential type. Marriage by negotiation is very elaborate and expensive and is generally avoided.

Didayi tribe practices arranged marriage and love marriage. In these types of marriage the tradition of bride price are followed. There also found slight variations in bride price.

Bride price in case of arranged marriage includes one cow or two, a goat and some amounts in cash to bride's father.

Beside price in case of love marriage includes. One saree to mother of the bride, one napkin, one or two lows, a goat to father of the bride. Besides, one or two pot full of juice of Sago palm tree is given.

A cursory glance on the bride price system prevalent in the tribes reveals that marriage is considered as an essential institution in the tribal society. In majority of cases the mother of the bride and the maternal uncle are treated in high esteem followed by others. The village has share in the bride price – which is suggestive of communitarian participation in the marriage celebration. In case of southern located tribes such as Bondo, and others, the bride price has not included mother as the prime receiver.

The bride price, with a paltry sum and cattle are invariably associated with it. Nowhere, the rigour of bride price, acts as a deterrent for union and betrothal. The simple and unsophisticated life style of the tribes asks for the perspective bridegroom to give something so as to take the life partner. This is symbolic of enthusing the male to become an enabling member in the run up to make a full-fledged family unit amidst the all-hospitable environment of the tribal community – where all stand for one and vice versa.

Now days, there is discordant note found in the tribal society, the bride price with continuous association with mainstream society takes the shape of dowry system where bride groom demands a price for the bride's family.

The tradition of bride price, as it is juxtaposed with the dowry system of the present time, smacked of due regards to feminine principles. Woman is considered as the wonder creation and constitutes the hubs of societal process with family as the basic unit. In the family, though the woman plays the first fiddle, yet both husband and wife plays critical role in the complex socio-economic system. They are compared to the double helix of DNA- the two strands are never complete in it but are together. Tribal society recognizes the exclusiveness as well as their co-operative attitude to perpetuate the orders of social existence vis-à-vis a larger communitarian ethos. Globalization sponsored consumerist cultures have had its dent upon the integrated belief system of the tribal people. There is a wild rush for ostentatious life pattern. It is now confined among the neo-educated tribal people cutting across various tribes - is suggestive of a chink in the tribal value which may exacerbate in the days to come.

ATDC, Unit - I, Bhubaneswar

# ଦେଶିୟା ସମାଜରେ ବିବାହ ପ୍ରଥା

ପ୍ରଫେସର ଖଗେଶ୍ୱର ମହାପାତ୍ର

କୋରାପୁଟ ଅଞ୍ଚଳର ଆଦିବାସୀମାନେ 'ଦେଶୀୟା' ନାମରେ ପରିଚିତ । ଅଷ୍ଟ୍ରିକ, ଦ୍ରାବିଡ଼ ଓ ଆର୍ଯ୍ୟଗୋଷ୍ଠୀର ସାମାଜିକ ରୀତିନୀତି ସମନ୍ୱୟରେ ସେମାନଙ୍କ ସମାଜ ବ୍ୟବସ୍ଥା ସଙ୍ଗଠିତ ହୋଇଛି । କୟା, ପାର୍ଜୀ, ଓଲାର ଇତ୍ୟାଦି ଦ୍ରାବିଡ଼ ଭାଷାଭାଷୀ ତଥା ପାରେଙ୍ଗା, ଗାଦବା, ବଣ୍ଡା, ଡିଡାୟୀ ଇତ୍ୟାଦି ମୁଣ୍ଡା ଭାଷାଭାଷୀ ଲୋକମାନେ ଏବଂ ଭତଡ଼ା, ରଣା, ଓମାନାତ୍ୟ, ମାଟିଆଇତ୍ୟାଦି ଓଡ଼ିଆ ଭାଷ୍ୟାଷୀ ଲୋକମାନଙ୍କ ସମବାୟରେ ଏକ ବିଶାଳ ଆର୍ଯ୍ୟ-ଅନାର୍ଯ୍ୟ ସମ୍ମିଶ୍ରିତ ସାଂସ୍କୃତିକ-ପରିମଣ୍ଡଳ ମଧ୍ୟରେ ଜୀବନ ଯାପନ କରନ୍ତି । ଓଡ଼ିଶା, ଆନ୍ଧ୍ର ଓ ମଧ୍ୟପ୍ରଦେଶର ଉପାନ୍ତ ଅଞ୍ଚଳ କିମ୍ବା ସ୍ଥୂଳତଃ ଦଣ୍ଡକାରଣ୍ୟ ଏହି ଜନ-ଗୋଷ୍ଠୀର ଚାରଣ - ଭୂମି ।

ଦେଶୀୟା ସମାଜରେ ବିବାହ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ । ସେମାନଙ୍କ ଜୀବନର ସର୍ବାଧିକ ବଳିଷ୍ଠ ଆଭିମୁଖ୍ୟ - ବିବାହ ଓ ସ୍ତ୍ରୀ ଲାଭ । ତାଙ୍କ ସମାଜରେ ନାରୀର ସ୍ଥାନ ଓ ମର୍ଯ୍ୟାଦା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶୀୟା ଲୋକର ସମସ୍ତ ପୁରୁଷକାର ଗୋଟି କନ୍ୟାର ହୃଦୟ ଜୟ କରିବାରେ ଏବଂ ଆମରଣ ପତ୍ନୀରୂପେ ତା'ର ଆନୁଗତ୍ୟ ଲାଭ କରିବାରେ ଅଭିନିବିଷ୍ଟ ରହେ । ଧନଧାନ୍ୟ ପ୍ରଲୋଭନରେ କିମ୍ବା ଶକ୍ତି ସାମର୍ଥ୍ୟ ପ୍ରୟୋଗରେ କୌଣସି ସ୍ତ୍ରୀକୁ କରଗତ କରିବା ସେମାନଙ୍କ ନିକଟରେ ଏକ ଜଘନ୍ୟ ପରିକଳ୍ପନା । ତେଣୁ ସ୍ନେହ, ପ୍ରେମ ଓ ପ୍ରକୃତ ମନ ଘେନାଘେନି ସେମାନଙ୍କ ଦାମ୍ପତ୍ୟ ଜୀବନର ଯୋଗସୂତ୍ର । ମନ ଭାଙ୍ଗିଲେ ବିବାହ ବନ୍ଧନ ଛିଣ୍ଡିଯାଏ, ଘର ଭାଙ୍ଗିଯାଏ । ପୁଅ ବୋହୂ ଆଣିଲେ ବାପମାଆ, ଭାଇ ଭଉଣୀଙ୍କୁ ଛାଡ଼ି ତା'ର ନିଜର ଭିନ୍ନ ସଂସାର ରଚନା କରେ । ସ୍ୱାମୀ ସ୍ତ୍ରୀଙ୍କ ସାରାଜୀବନ ଅତିବାହିତ ହୋଇଥାଏ । ଆନ୍ତରିକ ସହଯୋଗରେ ସୁଖଦୁଃଖ, ଭାବ ଅଭାବ ନିର୍ବିଚାରରେ ସୁଖୀ ପରିବାର ଗଠିତ ହୋଇଥାଏ ।

ପରସ୍ପର ସାହଚର୍ଯ୍ୟ ବିନା ନାରୀ ବା ପୁରୁଷର ଏକାଂଗ ଜୀବନ ଯାପନର ପରିକଳ୍ପନା ଦେଶୀୟା ସମାଜରେ ଏକ ଅଭାବିତ ଘଟଣା ।

ଦେଶୀୟାମାନଙ୍କ ମଧ୍ୟରେ ପ୍ରଚଳିତ ବିବାହ ରୀତି ଚତୁର୍ବିଧ - ବିଭା, ଭଦ୍‌ଲିଆ ବିଭା, ସଗର୍ତ୍ତା ବିଭା ଓ ପଇସା ମୁଣ୍ଡି ବିଭା ।

(୧) ବିଭା : ଆମ ସମାଜରେ ସାଧାରଣତଃ ଯେଉଁ ରୀତିରେ ପିତାମାତା କର୍ତ୍ତୃକ ବରକନ୍ୟା ନିର୍ବାଚନ ହୋଇ ବିବାହ କରାଯାଏ ଏହା ତାହା ସହିତ ତୁଳନୀୟ । ପୁଅର ବିବାହ ବୟସ ହେଲେ ଏବଂ ପିତାମାତାଙ୍କ ଆର୍ଥିକ ସ୍ୱଚ୍ଛଳତା ଥିଲେ ସେମାନେ କନ୍ୟା ସନ୍ଧାନରେ ପୁରୁଣା ବନ୍ଧୁ ଘରେ ଉପସ୍ଥିତ ହୁଅନ୍ତି । ସାଙ୍ଗରେ ନେଇ ଯାଆନ୍ତି ଉପହାର, ଖାଦ୍ୟସାମଗ୍ରୀ ଓ ମଦ । ଖୁବ୍ ଆନନ୍ଦରେ ଖିଆପିଆ ହୁଏ । ତା'ପରେ ନାନା ଛଳରେ ଅସଲ ଉଦ୍ଦେଶ୍ୟ ବ୍ୟକ୍ତ କରନ୍ତି ବରକର୍ତ୍ତା ସାଧାରଣତଃ ପ୍ରସଙ୍ଗ ଉତଥାପନ କରିବାର ରୀତି ଏହିପରି-କନ୍ୟାଘରର ଲୋକେ ପଚାରନ୍ତି, ତୁମେମାନେ ଏପରି ଆକସ୍ମିକ ଭାବେ ଆସିବାର ନିଶ୍ଚୟ କିଛି ଉଦ୍ଦେଶ୍ୟ ଅଛି । ହାତରେ ଦାଆଧରି ଆସି କାଟିବା କଥା ଲୁଚାଉଛ କାହିଁକି ? ସେତେବେଳେ ବରକର୍ତ୍ତା ଉତ୍ତର ଦିଅନ୍ତି - ତମ ବାଡ଼ିରେ ଫୁଲ ଫୁଟିଛି, ଆମେ ସେଥିପାଇଁ ଆସିଛୁ । କନ୍ୟାକର୍ତ୍ତା ହସି ହସି ମନ୍ତବ୍ୟ କରନ୍ତି-ବେଶ୍, ଫୁଲ ନେବାକୁ ଇଚ୍ଛା ତ ନିଅ । ଗଛକୁ କାହିଁକି ଆଘାତ କରୁଛ ? ପିନ୍ଧିବା ପାଇଁ ତ ଫୁଲ, ତାକୁ ଦେବାକୁ କିଏ କ'ଣ ନାହିଁ କରେ ? ଏତିକିରୁ ପରସ୍ପର ମନୋଭାବ ଜଣା ପଡ଼ିଯାଏ । ଆଉ ଅଧିକ କଥା ନ ବଢାଇ ବରକର୍ତ୍ତା ଘରକୁ ଫେରି ଆସନ୍ତି ।

ତା'ପରେ ବରକର୍ତ୍ତା ତାଙ୍କର ପୁରୋହିତ 'ଦିଶାରୀ' ସହିତ ଅକ୍ଷତ ଚାଉଳ ନେଇ ସାକ୍ଷାତ କରନ୍ତି ଏବଂ ଶୁଭଦିନ ନିର୍ଣ୍ଣୟ କରନ୍ତି । ଦୁଇଜଣ ଲୋକଙ୍କୁ

'ଯୋଡ଼ା' ବୋଲି ମଧ୍ୟସ୍ଥ ରୂପେ ପଠାଯାଏ । ସେମାନଙ୍କୁ କୁହାଯାଏ ରାଇବାଡ଼ିଆ । ଖାଦ୍ୟପେୟ ଉପହାର ଧରି ସେମାନେ କନ୍ୟାଘରେ ଉପସ୍ଥିତ ହୁଅନ୍ତି । ଗାଁର ବଡ଼ସାନ ସମସ୍ତେ ବସିକରି କନ୍ୟାପଣ 'ଜଲା' ଛିଡ଼ାଇ ଦିଅନ୍ତି । ତା'ପରେ ରାଇବାଡ଼ିଆମାନେ ଫେରିଆସି ଖବର ଦେଲେ ବିବାହର ଆୟୋଜନ ଆରମ୍ଭ ହୋଇଥାଏ । ଚାଉଳପତ୍ର, ମଦ, ମାଂସ, ଲୁଗାପଟା ସବୁ ଯୋଗାଡ଼ ହେଲେ ଗାଆଁର ପୁଅଝିଅ ମିଶି କନ୍ୟା ଗାଆଁକୁ ଯାଆନ୍ତି । ସେଠି ସେ ଗାଆଁର ଲୋକଙ୍କୁ ଭୋଜି ଖୁଆଇ, ଉପହାର ଦେଇ ସାରାରାତି ନାଚଗାନରେ କଟାଇ ଦିଅନ୍ତି । ଡେଉଁସା ନାଚବେଳେ ଦୁଇ ଗାଆଁର ଯୁବକ ଯୁବତୀମାନଙ୍କ ମଧ୍ୟରେ ନାନାରକମ କୌତୁକ ଓ ବୁଦ୍ଧି ପରୀକ୍ଷା ହୁଏ । ବରପକ୍ଷର ଯୁବକମାନେ ଗୀତ ଗାଆନ୍ତି -

"ଚାଉଳ ଚକନିରେ ମଇରା ଚାଉଳ ଜେନି
କନିଆ ପଟର ଧାଙ୍ଗଡ଼ିମନକେ ମୁଣ୍ଡେ ଉକୁନି
ଏ ଡଙ୍ଗର ଟକ ମଇରା ସେ ଡଙ୍ଗର ଟକ
କୁଁଟେ ଚଢ଼ି ଦେଖ-ମଇରା କେନ ଧାଙ୍ଗେଡ଼ି ନିକ"

ଇତ୍ୟାଦି । ରାତି ପାହିଲେ କନ୍ୟାକୁ ଧରି ଘରକୁ ବାହୁଡ଼ନ୍ତି । ବାଟରେ ଗାଆଁ ପାଖାପାଖି କ୍ଷେତ ମଝିରେ 'ଧୂଳିସର' ଭାତ ଖୁଆନ୍ତି ଏବଂ ସେଠି ସନ୍ଧ୍ୟାଯାଏ ଉତ୍ସବ କରିକରି ଅପେକ୍ଷା କରନ୍ତି । ଗୋଧୂଳି ସମୟରେ ଦିଶାରୀ ଆସି କୁକୁଡ଼ା ବଳିଦେଇ ପୂଜାବିଧି ସାରିଦେଲେ କନ୍ୟାକୁ ଗାଆଁକୁ ଆଣନ୍ତି । ସେ ରାତି ପୁଣି ଉତ୍ସବ ଲାଗି ରହେ । ସକାଳ ପାହିଲେ କନ୍ୟାକୁ ମୁକୁଟ ବାନ୍ଧି ଦିଅନ୍ତି, ଲଗନ ବୁଲାନ୍ତି ଓ କାଦୁଅ ହାଣ୍ଡି ଖେଳାନ୍ତି । ତା'ପରେ ନଈକୁ ଯାଇ ସେ ହାଣ୍ଡି ଭସାଇ ଦେଇ ଘରକୁ ଫେରି ଖିଆପିଆ କରନ୍ତି, ଉତ୍ସବ ଶେଷ ହୁଏ । ବନ୍ଧୁବାନ୍ଧବ ବାହୁଡ଼ି ଯାଆନ୍ତି । ଆଠ ଦିନପରେ ପୁଣି ବରକନ୍ୟା ଦୁଇଜଣ ଜଣେ ସଙ୍ଗୀକୁ ଧରି କନ୍ୟାଘରକୁ ଆସି ଚାରି ପାଞ୍ଚଦିନ ରହିଯାଆନ୍ତି । ତାକୁ କୁହାଯାଏ ହାଣ୍ଡି ବାହୁଡ଼ାଣି । ବିବାହ ଉତ୍ସବ ଏତିକିରେ ସମାପ୍ତ ହୁଏ ।

(୨) ଉଦ୍‌ଲିଆ ବିଭା : ଏହା ଯଥାର୍ଥତଃ ପ୍ରେମବିବାହ । ଉଦ୍‌ଲିଆ ଶବ୍ଦର ଅର୍ଥ ଗୋପନରେ ପଳାୟନ । ଦୁଇଟି ଯୁବକ ଯୁବତୀଙ୍କ ମଧ୍ୟରେ ମନ ମିଳିଲେ କୌଣସି କାରଣରୁ, ଯଥା - ପିତାମାତାଙ୍କ ଅସମ୍ମତି କିମ୍ବା ଆର୍ଥିକ ଦୂରବସ୍ଥା ରୂପକ ବାଧା ସୃଷ୍ଟି ହେଲେ, ସେମାନେ ଏହି ରୀତିରେ ବିବାହ କରନ୍ତି । ସାଧାରଣତଃ ଦୋଳପର୍ବ ବେଳେ, ଯାହାକି ହଲ ପୋଡ଼ା ଉତ୍ସବ ରୂପେ ପରିଚିତ ଯୁବକ ଯୁବତୀମାନେ ବରକନ୍ୟା ବରଣ କରିଥାଆନ୍ତି । ଡେଉଁସା ଦାଣ୍ଡରେ ନାଚଗୀତ କରୁ କରୁ ପୁଅଝିଅ ସୁତୁରା ସୁତୁରି ହୋଇଯାଆନ୍ତି । ଯାହାର ବାଧା ନଥାଏ ସେ ତା'ର ବିବାହ ନିର୍ବନ୍ଧ ପ୍ରକାଶ କରିଦିଏ । ଯାହାର ବାଧାଥାଏ ସେ ଗୋପନରେ ପଳାୟନ କରିବାକୁ ମନ୍ତ୍ରଣା କରିଦିଏ । ସମୟ ସମୟରେ ଅପରାପର ଗ୍ରାମର ଯୁବକମାନେ ଆସି କାହାର ମନହରଣ କରି ନେଇ ପଳାନ୍ତି । ଅଦୃଶ୍ୟ ପୁଅଝିଅଙ୍କର ଖୋଜା ପଡ଼ିଯାଏ । ପଳାତକ ବରକନ୍ୟା ଭିନ୍ନ ଗ୍ରାମରେ ଯାଇ ଲୁଚି ରହନ୍ତି । ଦିନାକେତେ ଗଲେ ପୁଅ ଘରକୁ ଖବର ଦିଏ । ବାପମାଆ ଯାଇ ବୋହୂକୁ ଘେନି ଆସି ଲୁଗା ଘୋଡ଼େଇ ପକାଇ ବରଣ କରିନିଅନ୍ତି । ତା'ପରେ କଥା ପ୍ରଘଟ ହୁଏ । କନ୍ୟାଘରର ଲୋକ ସନ୍ଧାନ ପାଇ ଝିଅକୁ ଝିଙ୍କି ଆଣିବାକୁ ଉପସ୍ଥିତ ହୁଅନ୍ତି । ସେ ଗାଆଁର ଲୋକେ ପ୍ରଥମେ ପ୍ରଥମେ ଫାଙ୍କି ଦିଅନ୍ତି । ତା'ପରେ ଗାଆଁର ମୁଖ୍ୟ ନାଇକ ଇତ୍ୟାଦି ଦୁଇପକ୍ଷର କଥା ଶୁଣି ନ୍ୟାୟ କରନ୍ତି । ଜଲାପାଟି ଓ ଉପହାର ଦେଇ ଯଥାବିଧି ବିବାହ ଅନୁଷ୍ଠାନ କରନ୍ତି । ଯଦି କୌଣସି କ୍ଷେତ୍ରରେ କନ୍ୟାର ପିତାମାତା ଆଦୌ ସମ୍ମତି ନ ଦିଅନ୍ତି, ତେବେ ବରପକ୍ଷ ଗାଆଁବାଲାଙ୍କୁ ଭୋଜିଭାତ ଦେଇ ବିବାହ କରିଯାଏ । ଏଠାରେ ଲକ୍ଷଣୀୟ ଯେ ବାଧା ସୃଷ୍ଟି କରି କୌଣସି ପୁଅଝିଅଙ୍କ ବିବାହ ବନ୍ଦ କରିବା ଆଦୌ ସମ୍ଭବ ନୁହେଁ ।

(୩) ସଗର୍ଡା ବିଭା : ସଗର୍ଡା ଅର୍ଥ କ୍ଷତିପୂରଣ । ବିବାହିତା ସ୍ତ୍ରୀକୁ କେହି ଅପହରଣ କରିନେଇ ପୁନର୍ବିବାହ କଲେ ତାକୁ ସଗର୍ଡା ବିଭା କୁହାଯାଏ

ଏବଂ କନ୍ୟାର ପୂର୍ବ ସ୍ୱାମୀକୁ ଏଥିପାଇଁ ତା'ର ପ୍ରଦତ୍ତ ଝଲା ଟଙ୍କା କ୍ଷତିପୂରଣ ରୂପେ ଦେବାକୁ ପଡ଼ିଥାଏ । ଦେଶୀୟା ପୁରୁଷ ସ୍ତ୍ରୀର ମନ ଘେନିବାକୁ ସର୍ବଦା ଜାଗ୍ରତ ରହୁଥିଲେ ବି ସମୟ ସମୟରେ ଅନ୍ୟ ପୁରୁଷର ଆକର୍ଷଣରେ ସ୍ତ୍ରୀ ଛାଡ଼ି ଚାଲିଯାଏ । ବିବାହିତା ସ୍ତ୍ରୀ ଓ ଜାର ପୁରୁଷ ମଧ୍ୟରେ ଗୋପନରେ ପ୍ରଣୟର ସୂତ୍ରପାତ ହୁଏ । ଦୁହିଁଙ୍କ ମଝିରେ ମଧ୍ୟସ୍ଥ କରନ୍ତି କେହି ଜଣେ ଦି'ଜଣ - 'ସାର୍‌ଚି କାରିଆଣୀ' । ଶେଷରେ ପଳାଇଯିବାର ଦିନବାର ଠିକ୍ ହୁଏ ଏବଂ ନିର୍ଦ୍ଧାରିତରେ ମଧ୍ୟସ୍ଥର ସହଯୋଗରେ ସେମାନେ ଦୂର ଗ୍ରାମକୁ ପଳାୟନ କରି ଆତ୍ମଗୋପନ କରନ୍ତି । ତା'ପରେ ପରିତ୍ୟକ୍ତ ସ୍ୱାମୀ ବିଚରା ଖୋଜାଖୋଜି କରି ଖବର ପାଇଲେ ଗାଆଁ ଲୋକଙ୍କ ସାହାଯ୍ୟରେ ତାଙ୍କ ପାଖରେ ଉପସ୍ଥିତ ହୋଇ ନିଜର ଦାବି ଜଣାଏ । ହଜିଲା ଗୋରୁ ଖୋଜିବାକୁ ଆସିଛୁ ବୋଲି କହି ଅନୁସନ୍ଧାନ ଆରମ୍ଭ କରନ୍ତି । ଅପରପକ୍ଷ ପ୍ରଥମେ ପ୍ରଥମେ ଅସ୍ୱୀକାର କରନ୍ତି । ତା'ପରେ କ୍ରମେ ସବୁକଥା ପ୍ରକାଶ ପାଏ । ସେମାନେ ସ୍ତ୍ରୀ ବାବଦକୁ କ୍ଷତିପୂରଣ ଦାବି କରନ୍ତି । ନାଇକ ବାରିକ ବସି ମଧ୍ୟସ୍ଥତା କରି ଅର୍ଥର ପରିମାଣ ସ୍ଥିର କରିଦିଅନ୍ତି । ତା'ପରେ ଦୁଇ ଗାଆଁର ଲୋକ ଭୋଜିଭାତ ଖାଇ ଆନନ୍ଦ କରନ୍ତି । ଗାଆଁ ଲୋକଙ୍କ ପ୍ରୀତ୍ୟର୍ଥେ ସଦର ଭେଟ, ନାଇକର ମାନ୍ୟାର୍ଥେ ମୁଣ୍ଡଟଙ୍କା (ନଦୀର ପ୍ରଶାନ୍ତି) ରୂପେ କିଛି କିଛି ଅର୍ଥ ପ୍ରଦାନ କରି ଅପହାରକ ପୁରୁଷ କନ୍ୟାକୁ ପୁନର୍ବିବାହ କରି ସଂସାର କରେ ।

(୪) ପଇସା ମୁଣ୍ଡି ବିଭା : ଆମ ସମାଜରେ ସାଧାରଣତଃ ଏ ପ୍ରକାର ବିବାହ ପରିଦୃଷ୍ଟ ହୁଏ ନାହିଁ । ପଇସା ମୁଣ୍ଡି ଶବ୍ଦଟି ମୂଳ ସମ୍ଭବତଃ ପ୍ରବିଷ୍ଟାମୁଣ୍ଡା । ଏହାର ମର୍ମ ହେଉଛି ଗୋଟିଏ ବିବାହିତା ବା ଅବିବାହିତା କନ୍ୟା କୌଣସି ପୁରୁଷ ପ୍ରତି ପୂର୍ଣ୍ଣ ଆସକ୍ତ ହୋଇ ବିବାହ ଉଦ୍ଦେଶ୍ୟରେ ତା' ଗୃହରେ ସ୍ୱଇଚ୍ଛାରେ ପ୍ରବେଶ କରି ଆତ୍ମ ନିବେଦନ କଲେ ତାକୁ କୁହାଯାଏ ପଇସାମୁଣ୍ଡି । ଏହି ପ୍ରକାର ବିବାହ ଖୁବ୍ ବିରଳ । ତଥାପି ଏହି ରୀତିରେ ବିବାହ ସମାଜ ଦ୍ୱାରା ଅନୁମୋଦିତ । ଏପରି କ୍ଷେତ୍ରରେ ପୁରୁଷ ବିବାହର କୌଣସି ଘନଘଟା ନକରି 'ଲୁଗା ଘୋଡ଼ାଇ' ପକାଇ କନ୍ୟାକୁ ବଧୂରୂପେ ଗ୍ରହଣ କରେ ଏବଂ ଶକ୍ତିମତ ଗ୍ରାମବାସୀଙ୍କୁ ଭୋଜିଭାତ ପ୍ରଦାନ କରେ ।

ପ୍ରାଚୀନ ଭାରତରେ ଅଷ୍ଟବିଧ ବିବାହ ରୀତିର ପ୍ରଚଳନ ଥିଲା - ବ୍ରାହ୍ମ, ଦୈବ, ଆର୍ଷ, ପ୍ରାଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଓ ପୈଶାଚ । ଏହା ସହିତ ଦେଶୀୟା ସମାଜରେ ପ୍ରଚଳିତ ବିବାହ ରୀତି ଚତୁଷ୍ଟୟ ତୁଳନୀୟ । ହଳ ପୋଡ଼ା ଉତ୍ସବରେ ବରକନ୍ୟା ନିର୍ବାଚନ ବାସ୍ତବତଃ ଏକପ୍ରକାର ସ୍ୱୟମ୍ବରସଭା । ଉଦ୍‌ଲିଆ ବିଭା ଗାନ୍ଧର୍ବ ରୀତି ସହିତ ଏବଂ ସାଧାରଣ ବିବାହ ପ୍ରାଜାପତ୍ୟ ରୀତି ସହିତ ତୁଳନୀୟ । ଆସୁର ରୀତିର ବିବାହର ବୈଶିଷ୍ଟ୍ୟ କନ୍ୟାପଣ ପ୍ରଦାନ । ଏହି ରୀତି 'ଝଲା' ବା 'ସଗର୍ତା' ପ୍ରଦାନ ପ୍ରଥା ମଧ୍ୟରେ ଲକ୍ଷଣୀୟ ।

ପରିଶେଷରେ ବିବାହ ସଂକ୍ରାନ୍ତୀୟ ଏକ କୌତୁକ ଗଳ୍ପ ପ୍ରଦତ୍ତ ହେଲା । ଗୋଟିଏ ଯୁବକ ଗୋଟିଏ ଯୁବତୀକୁ ବହୁତ ସୁତୁରାଇଲା ଏବଂ ତାକୁ ବିବାହ ପରେ ଶହେ ଟଙ୍କାର ଫୁଲ ଦେବାକୁ ପ୍ରତିଶ୍ରୁତି ଦେଲା । ଝିଅଟି ପ୍ରଲୁବ୍ଧ ହୋଇ ଯୁବକ ସହିତ ଉଦ୍‌ଲିଆ ବାହାରିଗଲା । କିଛିଦିନପରେ ସେମାନଙ୍କର ଯଥାରୀତି ବିବାହ ହେଲା । ଝିଅଟି ପ୍ରତିଶ୍ରୁତି ପୂରଣ ପାଇଁ ତାଗିଦା ଦେବାରୁ ଯୁବକଟି ଦିନେ କିଛି କାଠ ଚମ୍ପା ଫୁଲ ଆଣି ଥୋଇଦେଲା । ଏହା ଦେଖି ଝିଅଟି ପ୍ରତାରିତ ହୋଇଛି ବୋଲି କ୍ଷୋଭ ଓ ଦୁଃଖରେ ନିଜ ଘରକୁ ଫେରିଆସିଲା । ବାପାମାଆ, ସାହିଭାଇ ଆଶ୍ଚର୍ଯ୍ୟ ହୋଇଗଲେ । ତା'ପରେ ସମସ୍ତ କଥା ଶୁଣି ତାକୁ ବୁଝାଇଦେଲେ ଯେ କାଠ ଚମ୍ପା ଫୁଲକୁ ହିଁ କହନ୍ତି "ଶହେ ଟଙ୍କାର ଫୁଲ" । ଝିଅଟି ନିଜର ମୂର୍ଖତା ପାଇଁ ଲଜ୍ଜିତା ହୋଇ ତା'ର ସ୍ୱାମୀ ଘରକୁ ପୁଣି ବାହୁଡ଼ିଲା ।

◆◆◆

ଏଚ୍.ଆଇ.ଜି - ସି/୧୨୩,
ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର

# ଡ଼ିଡାୟୀ ସମାଜରେ ବିବାହ

ପ୍ରଫେସର କୃଷ୍ଣକୁମାର ମହାନ୍ତି

ଡ଼ିଡାୟୀ ଏକ ଅନୁସୂଚିତ ଜନଜାତି ଗୋଷ୍ଠୀ ଯେଉଁମାନେ କେବଳ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ମୁଖ୍ୟତଃ ବାସ କରନ୍ତି । ଡ଼ିଡାୟୀ ଅଧ୍ୟୁସିତ ଅଞ୍ଚଳ କୋଣ୍ଡାକାମେରୁ ପର୍ବତମାଳା ଓ ମାଛକୁଣ୍ଡ ନଦୀର ଉପତ୍ୟାକା ତଥା ଡୁଡୁମା ଜଳପ୍ରପାତକୁ ଅନ୍ତର୍ଭୁକ୍ତ କରିଥାଏ । ପୂର୍ବକାଳରେ ଉକ୍ତ ଅଞ୍ଚଳ ଘନ ଜଙ୍ଗଲ ପୂର୍ଣ୍ଣ ଥିବା ଯୋଗୁ ଅପହଞ୍ଚ ଥିଲା ଏବଂ ଜନସଂଖ୍ୟାର ସାନ୍ଦ୍ରତା ଖୁବ୍ କମ୍ ଥିଲା । କେତେକ ଡ଼ିଡାୟୀ ଗାଁ ୨୦୦୦-୩୫୦୦ ଫୁଟ ଉଚ୍ଚ ପର୍ବତର ଉପରିଭାଗରେ ଥିବାବେଳେ ଅନ୍ୟକେତେକ ମାଛକୁଣ୍ଡ ନଦୀର ଉପତ୍ୟକା କିମ୍ବା ପର୍ବତର ପାଦଦେଶରେ ଦେଖାଯାଏ । ବାଲିମେଳା ଜଳବିଦ୍ୟୁତ ପ୍ରକଳ୍ପର ଜଳଭଣ୍ଡାର ହେବାଫଳରେ କେତେକ ଗାଁ ଅପେକ୍ଷାକୃତ ଉଚ୍ଚ ଅଞ୍ଚଳକୁ ମଧ୍ୟ ସ୍ଥାନାନ୍ତରୀତ ହୋଇଅଛି । ଯୁଗଯୁଗ ଧରି ସେମାନେ ଜଙ୍ଗଲପୂର୍ଣ୍ଣ ପର୍ବତ, ଉଚ୍ଚନୀଚ ମାଳଭୂମି, ପର୍ବତର ପାଦଦେଶରେ ଥିବା ଅପେକ୍ଷାକୃତ ସମତଳ ଅଞ୍ଚଳ ଓ ପାର୍ବତ୍ୟ ନଦୀର ଉପତ୍ୟାକାରେ ବାସକରି ଆସୁଛନ୍ତି । ବାସସ୍ଥଳୀର ପରିବେଶ ସହିତ ସମ୍ପର୍କ ସ୍ଥାପନ କରି ବିଭିନ୍ନ ସାମାଜିକ-ସାଂସ୍କୃତିକ ପରିବର୍ତ୍ତନ ସତ୍ୱେ ସେମାନଙ୍କ ନିଜ ସଂସ୍କୃତିକୁ ବଜାୟ ରଖିଛନ୍ତି । କାରଣ ସମାଜ ଓ ସଂସ୍କୃତି ବ୍ୟତୀତ କୌଣସି ଗୋଷ୍ଠୀ ତିଷ୍ଠି ରହିବା ସମ୍ଭବ ନୁହେଁ ।

ଡ଼ିଡାୟୀମାନେ ଅଷ୍ଟ୍ରୋଏସିଆଟିକ୍ ମୁଣ୍ଡା ଭାଷା ସମଷ୍ଟିର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ଭାଷା 'ଗାତା' ନାମରେ ପରିଚିତ । ଜନସଂଖ୍ୟା ଦୃଷ୍ଟିରୁ ସେମାନେ ଏକ ସଂଖ୍ୟାଲଘୁ ଗୋଷ୍ଠୀ । ବିଭିନ୍ନ ଜନଗଣନା ବର୍ଷରେ ସେମାନଙ୍କ ଜନସଂଖ୍ୟା ନିମ୍ନରେ ଆଲୋଚିତ ହେଲା :-

| ଜନଗଣନା ବର୍ଷ | ଜନସଂଖ୍ୟା | ଦଶନ୍ଧୀଗତ ଅଭିବୃଦ୍ଧିହାର |
|---|---|---|
| ୧୯୪୧ | ୧୬୬୧ | - |
| ୧୯୬୧ | ୧୯୭୮ | (+) ୯.୫ |
| ୧୯୭୧ | ୨୧୬୪ | (+) ୯.୪ |
| ୧୯୮୧ | ୧୯୭୧ | (-) ୮.୯ |
| ୧୯୯୧ | ୫୪୭୧ | (+) ୧୭୭.୫୭ |

୧୯୪୧ ଜନଗଣନା ବର୍ଷକୁ ଆଧାର ରେଖା ଭାବରେ ଗ୍ରହଣ କଲେ ୧୯୬୧ ଓ ୧୯୭୧ରେ ଡ଼ିଡାୟୀ ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଇଥିଲେ ମଧ୍ୟ ଦଶନ୍ଧୀଗତ ବୃଦ୍ଧିହାର ସେତେ ଉତ୍ସାହଜନକ ନୁହେଁ । ପୁନଶ୍ଚ ୧୯୮୧ରେ ଅଭିବୃଦ୍ଧି ହାର ନୈରାଶ୍ୟଜନକ ଭାବରେ ହ୍ରାସ ପାଇଅଛି । କିନ୍ତୁ ୧୯୯୧ ଜନଗଣନା ବର୍ଷରେ ଅଭିବୃଦ୍ଧି ହାର ବୃଦ୍ଧି ପାଇଅଛି ।

| ଜନଗଣନା ବର୍ଷ | ଜନସଂଖ୍ୟା | | | ମହିଳା-ପୁରୁଷ ଅନୁପାତ |
|---|---|---|---|---|
| | ସମୁଦାୟ | ପୁରୁଷ | ମହିଳା | |
| ୧୯୬୧ | ୧୯୭୮ | ୯୬୨ | ୧୦୧୬ | ୧୦୫୬ |
| ୧୯୭୧ | ୨୧୬୪ | ୧୧୩୧ | ୧୦୩୩ | ୯୧୩ |
| ୧୯୮୧ | ୧୯୭୧ | ୯୬୩ | ୧୦୦୮ | ୧୦୪୭ |
| ୧୯୯୧ | ୫୪୭୧ | ୨୬୯୪ | ୨୭୭୭ | ୧୦୩୧ |

ଗୋଟିଏ ଗୋଷ୍ଠୀର ଜନସଂଖ୍ୟାରେ କେତେ ସଂଖ୍ୟକ ମହିଳା ଦେଖାଯାନ୍ତି ତାହା ଅନୁଯାୟୀ ମହିଳା-ପୁରୁଷ ଅନୁପାତ ନିର୍ଣ୍ଣୟ ହୋଇଥାଏ । ୧୯୬୧ ଜନଗଣନା ବର୍ଷକୁ ଆଧାର ରେଖା ଭାବରେ ଗ୍ରହଣ କଲେ ୧୯୭୧ ରେ ଏହା ହ୍ରାସ ପାଇଅଛି ଏବଂ ୧୯୮୧ ରେ ଏହା ବୃଦ୍ଧି ପାଇ ୧୯୯୧ ରେ ହ୍ରାସ ପାଇଅଛି । ତଳ ଲିଖିତ ସାରଣୀରୁ ତିନିଗୋଟି ଜନଗଣନା ବର୍ଷରେ ଡିଡାୟୀ ମାନଙ୍କ ବୈବାହିକ ପ୍ରସ୍ଥିତି ସମ୍ବନ୍ଧରେ ସୂଚନା ମିଳେ :

| ବୈବାହିକ ପ୍ରସ୍ଥିତି | ୧୯୬୧<br>ପୁରୁଷ-ମହିଳା-ସମୁଦାୟ | ୧୯୭୧<br>ପୁରୁଷ-ମହିଳା-ସମୁଦାୟ | ୧୯୮୧<br>ପୁରୁଷ-ମହିଳା-ସମୁଦାୟ |
|---|---|---|---|
| ଅବିବାହିତ | ୨୯୧-୪୧୫-୭୦୬<br>(୧୪.୭୧)-(୨୦.୯୮)-(୩୫.୬୯) | ୫୦୭-୪୮୦-୯୮୭<br>(୨୩.୪୩)-(୨୨.୧୮)-(୪୫.୬୧) | ୪୭୪-୪୫୪-୯୨୮<br>(୨୪.୬)-(୨୩.୫)-(୪୭.୧୧) |
| ବିବାହିତ | ୬୨୨-୫୦୨-୧୧୨୪<br>(୩୧.୪୫)-(୨୫.୩୮)-(୫୬.୮୩) | ୫୮୪-୫୪୦-୧୧୨୪<br>(୨୬.୯୯)-(୨୪.୯୫)-(୫୧.୯୪) | ୪୬୧-୪୮୮-୯୪୯<br>(୨୩.୪୦)-(୨୪୭୭)-(୪୮.୧୭) |
| ବିଧବା/ବିପତ୍ନିକ | ୪୩-୯୩-୧୩୬<br>(୨.୧୭)-(୪.୭୧)-(୬.୮୮) | ୩୯-୧୩-୫୨<br>(୧.୮୦)-(୦.୬୦)-(୨.୪୦) | ୨୭-୬୧-୮୮<br>(୧.୩୭)-(୩.୧୦)-(୪.୪୭) |
| ଛାଡପତ୍ରପ୍ରାପ୍ତ / ପରିତ୍ୟକ୍ତ | ୬-୬-୧୨<br>(୦.୩୦)-(୦.୩୦)-(୦.୬୦) | ୧-୦-୧<br>(୦.୦୫)-(୦.୦୦)-(୦.୦୫) | ୧-୪-୫<br>(୦.୦୫)-(୦.୨୦)-(୦.୨୫) |
| ସମୁଦାୟ ଜନସଂଖ୍ୟା | ୯୬୨-୧୦୧୬-୧୯୭୮<br>(୪୮.୬୩)-(୫୧.୩୭)-(୧୦୦.୦୦) | ୧୧୩୧-୧୦୩୩-୨୧୬୪<br>(୫୨.୨୬)-(୪୭.୭୪)-(୧୦୦.୦୦) | ୯୬୩-୧୦୦୭<br>(୪୮.୮୮)-(୫୧.୧୨)-(୧୦୦.୦୦) |

ଉପରୋକ୍ତ ସାରଣୀରୁ ଜଣାଯାଏ ଯେ, ପ୍ରତ୍ୟେକ ଜନଗଣନା ବର୍ଷରେ ବିବାହିତ ଜନସଂଖ୍ୟା ଅବିବାହିତ ଜନସଂଖ୍ୟା ଠାରୁ ଅଧିକତର ଅଟେ । ଅବିବାହିତ ମହିଳା ଜନସଂଖ୍ୟା ୧୯୬୧ରେ ପୁରୁଷ ମାନଙ୍କ ଠାରୁ ବେଶୀ ହୋଇଥିଲେ ମଧ୍ୟ ୧୯୭୧ ଓ ୧୯୮୧ରେ ଅବିବାହିତ ମହିଳାଙ୍କ ସଂଖ୍ୟା ଅବିବାହିତ ପୁରୁଷ ଜନସଂଖ୍ୟା ଠାରୁ କମ୍ ଅଟେ । ବିବାହିତ ପୁରୁଷ ଓ ମହିଳା ମାନଙ୍କ କ୍ଷେତ୍ରରେ ଦେଖାଯାଏ ଯେ, ୧୯୬୧ ଓ ୧୯୭୧ରେ ମହିଳା ମାନଙ୍କ ତୁଳନାରେ ବିବାହିତ ପୁରୁଷ ମାନଙ୍କ ସଂଖ୍ୟା ଅଧିକ ହୋଇଥିବା ସ୍ଥଳେ ୧୯୮୧ରେ ବିବାହିତା ମହିଳାଙ୍କ ସଂଖ୍ୟା ଅଧିକ ଅଟେ । ତିନିଗୋଟି ଜନଗଣନା ବର୍ଷରେ ଛାଡ଼ପତ୍ର ପ୍ରାପ୍ତ ତଥା ପରିତ୍ୟକ୍ତ ପୁରୁଷ ଓ ମହିଳା ସମୁଦାୟ ଜନସଂଖ୍ୟାର ଏକ ଶତାଂଶରୁ ମଧ୍ୟ କମ୍ ଅଟେ ।

| ସାକ୍ଷରତା/ଶିକ୍ଷାଗତ ପ୍ରସ୍ଥିତି | ୧୯୬୧<br>ପୁରୁଷ-ମହିଳା-ସମୁଦାୟ | ୧୯୭୧<br>ପୁରୁଷ-ମହିଳା-ସମୁଦାୟ | ୧୯୮୧<br>ପୁରୁଷ-ମହିଳା-ସମୁଦାୟ |
|---|---|---|---|
| ଅଣ-ସାକ୍ଷର | ୯୧୬-୧୦୦୮-୧୯୨୪<br>(୯୫.୨୨(-(୯୯.୨୧)-(୯୭.୨୭) | ୧୧୧୪-୧୦୩୩-୨୧୪୭<br>(୯୮.୫)-(୧୦୦.୦୦)-(୯୯.୨୧) | ୯୦୬-୧୦୦୨-୧୯୦୮<br>(୯୪.୦୮)-(୯୯.୪୦)-(୯୬.୮୧) |
| ବିବାହିତ | ୬୨୨-୫୦୨-୧୧୨୪<br>(୩୧.୪୫)-(୨୫.୩୮)-(୫୬.୮୩) | ୫୮୪-୫୪୦-୧୧୨୪<br>(୨୬.୯୯)-(୨୪.୯୫)-(୫୧.୯୪) | ୪୬୧-୪୮୮-୯୪୯<br>(୨୩.୪୦)-(୨୪.୭୭)-(୪୮.୧୭) |
| ବିଧବା/ବିପତ୍ନିକ | ୪୩-୯୩-୧୩୬<br>(୨.୧୭)-(୪.୭୧)-(୬.୮୮) | ୩୯-୧୩-୫୨<br>(୧.୮୦)-(୦.୬୦)-(୨.୪୦) | ୨୭-୬୧-୮୮<br>(୧.୩୭)-(୩.୧୦)-(୪.୪୭) |
| ଛାଡପତ୍ରପ୍ରାପ୍ତ/ ପରିତ୍ୟକ୍ତ | ୬-୬-୧୨<br>(୦.୩୦)-(୦.୩୦)-(୦.୬୦) | ୧-୦-୧<br>(୦.୦୫)-(୦.୦୦)-(୦.୦୫) | ୧-୪-୫<br>(୦.୦୫)-(୦.୨୦)-(୦.୨୫) |
| ସମୁଦାୟ ଜନସଂଖ୍ୟା | ୯୬୨-୧୦୧୬-୧୯୭୮<br>(୪୮.୬୩)-(୫୧.୩୭)-(୧୦୦.୦୦) | ୧୧୩୧-୧୦୩୩-୨୧୬୪<br>(୫୨.୨୬)-(୪୭୭୪)-(୧୦୦.୦୦) | ୯୬୩-୧୦୦୭<br>(୪୮.୮୮)-(୫୧.୧୨)-(୧୦୦.୦୦) |

ଉଭୟ ଡ଼ିଡ଼ାୟୀ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ଏବଂ ଶିକ୍ଷାଗତ ପ୍ରସ୍ଥିତି କେତେ ନିମ୍ନରେ ତାହା ସହଜରେ ଅନୁମେୟ ।

ଏଠାରେ ଉଲ୍ଲେଖ କରିବା ସମୀଚିନ ଯେ, ଜନସଂଖ୍ୟା ଅଭିବୃଦ୍ଧିର ହାର, ନିମ୍ନ ସାକ୍ଷରତା ହାର, ଅଣକୃଷି ଭିତ୍ତିକ ଅର୍ଥନୀତି, ଅର୍ଥନୈତିକ ଅନଗ୍ରସରତା, ବାସସ୍ଥଳୀର ପ୍ରତିକୂଳ ପରିବେଶ ଇତ୍ୟାଦି ଦୃଷ୍ଟିରେ ରଖି ସେମାନଙ୍କୁ ଭାରତ ସରକାରଙ୍କ ନୀତି ନିୟମ ଅନୁଯାୟୀ ଆଦିମ ଜନଜାତି ଭାବରେ ଗ୍ରହଣ କରାଯାଇ ସେମାନଙ୍କ ସର୍ବାଙ୍ଗୀନ ଉନ୍ନୟନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

## ଅର୍ଥନୈତିକ ପ୍ରସ୍ଥିତି :

ଡ଼ିଡ଼ାୟୀ ମାନେ ପ୍ରଧାନତଃ ଖାଦ୍ୟ-ସଂଗ୍ରହ ଓ ଖାଦ୍ୟ ଉତ୍ପାଦନ ପ୍ରଯୁକ୍ତି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ବଣ ଜଙ୍ଗଲରୁ ଖାଦ୍ୟୋପଯୋଗୀ ଫଳମୂଳ, ଜାଳେଣୀ କାଠ, ମହୁ ଇତ୍ୟାଦି ସଂଗ୍ରହ କରନ୍ତି । ପାହାଡ ପର୍ବତର ଢାଲୁ ଅଞ୍ଚଳରେ ଜଙ୍ଗଲ କାଟି ସଫାକରି ପୋଡୁଚାଷ ବା ଅସ୍ଥାଣୁ କୃଷି ଦ୍ୱାରା ବହୁବିଧ ଖାଦ୍ୟଶସ୍ୟ ଉତ୍ପାଦନ କରନ୍ତି । ଅପେକ୍ଷାକୃତ ସମତଳ ଅଞ୍ଚଳରେ ଯେଉଁଠାରେ ପାଣିର ସୁବିଧା ଅଛି ସେଠାରେ ହଳ ଲଙ୍ଗଳ ସାହାର୍ଯ୍ୟରେ ଜମି ସ୍ଥାୟୀଭାବରେ ଚାଷ କରି ଫସଲ ଉତ୍ପାଦନ କରନ୍ତି । । ଯେଉଁ ମାନଙ୍କର ନିଜର ଚାଷ ଜମି ନଥାଏ ସେମାନେ ଅନ୍ୟ ଲୋକଙ୍କ ଚାଷ ଜମିରେ କାମ କରି କିମ୍ବା ମୂଲ ମଜୁରିଆ ଭାବରେ କାମ କରି ଅର୍ଥ ଉପାର୍ଜନ କରନ୍ତି । ଏହା ବ୍ୟତୀତ ଅନେକ ଲୋକ ଗାଈଗୋରୁ, ଛେଳିମେଣ୍ଢା, କୁକୁଡା, ଘୁଷୁରି ଇତ୍ୟାଦି ଗୃହପାଳିତ ପଶୁ ରଖିଥାନ୍ତି । ଯେଉଁ ମାନଙ୍କର ଭଲ ଚାଷ ଜମିଥାଏ ଓ ନିକଟରେ ପାଣିର ସୁବିଧା ଥାଏ ସେମାନଙ୍କ ଅର୍ଥନୈତିକ ପ୍ରସ୍ଥିତି ଉତ୍ତମ । କିନ୍ତୁ ପୋଡୁଚାଷରୁ ଯେଉଁ ଖାଦ୍ୟଶସ୍ୟ ଉତ୍ପନ୍ନ କରାଯାଏ, ତାହା ଶ୍ରମ ସାପେକ୍ଷ ଓ ଉତ୍ପାଦିତ ପଦାର୍ଥ ୨-୩ ମାସର ଖାଦ୍ୟ ଚାହିଦା ମେଣ୍ଟାଇଥାଏ । ପୋଡୁଚାଷ ଫଳରେ ଜଙ୍ଗଲ କ୍ଷୟ ହୋଇ ପରିବେଶର ସନ୍ତୁଳନ ନଷ୍ଟ ହେଉଥିଲେ ମଧ ଅନ୍ୟାନ୍ୟ ଜୀବିକା ନିର୍ବାହ ପନ୍ଥା ନଥିବା ଯୋଗୁଁ ତାହା ସେମାନେ ବାଧହୋଇ ଅବଲମ୍ବନ କରିଥାନ୍ତି । ଏହା ବ୍ୟତୀତ ସେମାନଙ୍କ ବାସଗୃହ ନିକଟସ୍ଥ ବାଡିବଗିଚାରେ ବିଭିନ୍ନ ଋତୁରେ ଶାଗ, ଫଳ ଓ ପନିପରିବା ଉତ୍ପାଦନ କରି ଖାଇବା ବ୍ୟତୀତ ହାଟବଜାରରେ ମଧ ବିକ୍ରୟ କରିଥାନ୍ତି । ଜଙ୍ଗଲ କ୍ଷୟ ହେବାଫଳରେ ଶିକାରର ଗୁରୁତ୍ୱ ଆଉ ଉପଲବ୍ଧ ହେଉନାହିଁ । ବାଲିମେଳା ଜଳଭଣ୍ଡାର ନିକଟରେ ବାସକରୁଥିବା ଡିଡାୟୀମାନେ ସମୟ ସମୟରେ ଡଙ୍ଗା ଓ ଜାଲ ସାହାର୍ଯ୍ୟରେ ମାଛ ଧରିଥାନ୍ତି । ଅର୍ଥନୈତିକ କାର୍ଯ୍ୟକଳାପ ଗୁଡ଼ିକ ପ୍ରତି ଦୃଷ୍ଟି ଦେଲେ କ୍ରମାନ୍ୱୟରେ କୃଷିକାର୍ଯ୍ୟ, ଜଙ୍ଗଲରୁ ଫଳମୂଳ ସଂଗ୍ରହ, ମୂଲ ମଜୁରୀ, ପଶୁପାଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦର୍ଶାଇଥାଏ ।

ପୂର୍ବକାଳରେ ଡିଡ଼ାୟୀମାନେ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ଥିଲେ । ନିଜ ସଂସ୍କୃତି ବଳରେ ସେମାନେ ପରିବେଶକୁ ଉପଯୋଗ କରି ସର୍ବନିମ୍ନ ଗ୍ରାସାଚ୍ଛଦନ ମୂଳକ ଅର୍ଥନୈତିକ ସ୍ତରରେ ଥିଲେ । କାଳ କ୍ରମେ ସେମାନେ ପଡୋଶୀ ଗୋଷ୍ଠୀମାନଙ୍କ ସମ୍ପର୍କରେ ଆସିଲେ ଓ ସେମାନଙ୍କ ଉପରେ ଆଧୁନୀକରଣର ପ୍ରଭାବ ପଡ଼ିଲା । ଜୀବିକା ନିର୍ବାହର ପନ୍ଥା ଜଟିଳ ହୋଇ ବହୁ ପଦାର୍ଥର ଚାହିଦା ବୃଦ୍ଧି ପାଇଲା । ଅର୍ଥନୈତିକ ସ୍ତରରେ ପ୍ରତ୍ୟକ୍ଷ ବିନିମୟ ସ୍ଥାନରେ ଅର୍ଥ ବିନିମୟର ମାଧ୍ୟମ ରୂପେ ଦେଖାଦେଲା । ଅର୍ଥ ଉପାର୍ଜନ ବ୍ୟତୀତ ସେମାନେ କିପରି ଜୀବିକା ନିର୍ବାହ କରିବେ ସେ ସମ୍ପର୍କରେ ପ୍ରଶ୍ନବାଚୀ ଦେଖାଗଲା । ବିଭିନ୍ନ ସାମଗ୍ରୀ କ୍ରୟ କରି ବ୍ୟବହାର କରିବା ନିମନ୍ତେ ଅର୍ଥର ଆବଶ୍ୟକତା ଦେଖାଗଲା । ତେଣୁ ସେମାନେ ଉତ୍ପାଦିତ ତଥା ସଂଗୃହିତ ଦ୍ରବ୍ୟ ବିନିମୟରେ ଅର୍ଥ ପ୍ରାପ୍ତ ହେଲେ ଏବଂ ସେହି ଅର୍ଥକୁ ବିଭିନ୍ନ ଉପାୟରେ ଖର୍ଚ୍ଚ କଲେ ।

## ରାଜନୈତିକ ପ୍ରସ୍ଥିତି :

ପୂର୍ବକାଳରେ ଡ଼ିଡାୟୀମାନଙ୍କର ସାମାଜିକ-ରାଜନୈତିକ ସଂଗଠନ ଗୋଷ୍ଠୀ କୈନ୍ଦ୍ରିକ ଥିଲା । ସମସ୍ତ ଡିଡାୟୀ ଗାଁ ଗୁଡିକୁ ମିଶାଇ ଏକ କେନ୍ଦ୍ର ସଂଗଠନ ଥିଲା । ଏହା ବ୍ୟତୀତ ଅଞ୍ଚଳ ସଂଗଠନ ଓ ଗ୍ରାମ ସ୍ତରରେ ଗ୍ରାମ ସଂଗଠନ ମଧ୍ୟ ଥିଲା । କୁଟୁମୁଲୁଗୁମାରେ ଉକ୍ତ କେନ୍ଦ୍ର ସଂଗଠନର ସତ୍ତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ପୂର୍ବେ ପାରମ୍ପରିକ ଗ୍ରାମସଭା ଖୁବ୍ ଶକ୍ତିଶାଳୀ ଥିଲା ଏବଂ ତା'ର ମୁଖିଆକୁ ନାଏକ କୁହାଯାଉଥିଲା । ଉକ୍ତ ସଭାରେ ନାଏକ, ଗାଁର ପୂଜାରୀ ପଲାସୀ ଓ ଚାଲାଣ ମୁଖ୍ୟଅଂଶ ଗ୍ରହଣ କରୁଥିଲେ । କିନ୍ତୁ ସ୍ୱାଧୀନୋତ୍ତର କାଳରେ କ୍ରମେ ପଞ୍ଚାୟତରାଜ ଅନୁଷ୍ଠାନ ପ୍ରତିଷ୍ଠିତ ହେବା ଫଳରେ ପାରମ୍ପରିକ ରାଜନୈତିକ ସଂଗଠନ ଗୁଡ଼ିକ ଦୁର୍ବଳ ହୋଇଯାଉଛି । ତ୍ରି-ସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା-ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ-ହେବା ଫଳରେ ଏଥିର କର୍ମକର୍ତ୍ତାମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହେଉଛନ୍ତି । ବର୍ତ୍ତମାନ ସେମାନେ ଏହି ନୂଆ ପଞ୍ଚାୟତରାଜ ବ୍ୟବସ୍ଥାକୁ ଗ୍ରହଣ କରି ସାରିଲେଣି । ପୁନଶ୍ଚ ଏହା ସୂଚନାଯୋଗ୍ୟ ଯେ, ନୂଆ ଓ ପୁରୁଣା ବ୍ୟବସ୍ଥା ମଧ୍ୟରେ ସଂଘର୍ଷ ଦେଖାଯାଉନାହିଁ ।

## ଧର୍ମବିଶ୍ୱାସ :

ଡିଡାୟୀମାନେ ସାଧାରଣତଃ ବହୁ ଈଶ୍ୱର ବିଶ୍ୱାସୀ । ସେମାନେ ଉଭୟ ହିତକାରୀ ଓ ଅହିତକାରୀ ଦେବାଦେବୀ ଓ ପ୍ରେତାତ୍ମା ମାନଙ୍କ ପୂଜା ଆରାଧନା କରିଥାନ୍ତି । ସେମାନେ ଜୀବ-ଜଡ ଉପାସନାବାଦ, ଜୀବନାରୋପବାଦ, ପ୍ରକୃତି ଉପାସନା, ବଡପୂଜା ବା ଫେଟିସ୍‌ବାଦ ଓ ଗୁଣିଗାରେଡି ଉପରେ ବିଶ୍ୱାସ କରନ୍ତି । ସେମାନଙ୍କ ଧର୍ମ ଓ ତନ୍ତ୍ର ବିଶ୍ୱାସ ବିଭିନ୍ନ କର୍ମକର୍ମାଣୀ ଓ ଉତ୍ସବ ଅନୁଷ୍ଠାନ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ । ଦେବାଦେବୀ ମାନଙ୍କ ମଧ୍ୟରେ ସେମାନେ ସୂର୍ଯ୍ୟଦେବତା ଓ ବସୁମାତାଙ୍କୁ ଅଗ୍ରାଧିକାର ଦେଇଥାନ୍ତି । ବିଭିନ୍ନ ପୂର୍ବବ୍ୟବସ୍ଥିତ ଦିନରେ ପୂଜାବଳୀ ମାଧ୍ୟମରେ ଦେବାଦେବୀ ମାନଙ୍କୁ ପରିତୁଷ୍ଟ କରାଯାଇଥାଏ । ଗ୍ରାମଦେବତା ଭାବରେ ହୁଣ୍ଡିଙ୍କୁ ପୂଜାକରାଯାଏ । କାରଣ ସେ ହିତକାରୀ ଦେବତା ଭାବରେ କୁପ୍ରେତ, ଦୂରାରୋଗ୍ୟ ରୋଗ ଓ ଦୈବୀ ଦୁର୍ବିପାକରୁ ଗ୍ରାମକୁ ରକ୍ଷା କରିଥାନ୍ତି । ଏହା ବ୍ୟତୀତ ଭୀରୁଭୈରବଙ୍କୁ ମଧ୍ୟ ପୂଜା କରାଯାଇଥାଏ । ସେମାନଙ୍କ ପୁରୋଧାଙ୍କୁ ପଲାସୀ କୁହାଯାଏ । ପୁନଶ୍ଚ ସେମାନେ ହିତକର / ଅହିତକର, ନିବାରଣ ମୂଳକ, ସାଂସ୍ପର୍ଶିକ, ହୋମିଓପ୍ୟାଥିକ, ପ୍ରେତାତ୍ମା ଅପସାରଣ ଇତ୍ୟାଦି ଗୁଣିଗାରେଡି ଉପରେ ବିଶ୍ୱାସ ରଖି ଆବଶ୍ୟକ ପୂଜା ଓ କର୍ମକର୍ମାଣୀ ଅନୁଷ୍ଠିତ ହୋଇଥାଏ । ପୂର୍ବରୁ ଉପାସନା ପରିବାର ସ୍ତରରେ ଅନୁଷ୍ଠିତ ହେଉଥିବା ସମୟରେ ବିଭିନ୍ନ ପୂଜା ସମଗ୍ର ଗୋଷ୍ଠୀ ସ୍ତରରେ ହୋଇଥାଏ । ବିଭିନ୍ନ ଗୋଷ୍ଠୀ ସହିତ ସାଂସ୍କୃତିକ ସଂସ୍ପର୍ଶ ଏବଂ ଆଧୁନିକତାର ପ୍ରଭାବ ଗୁଣିଗାରେଡି ଉପରେ ବିଶ୍ୱାସ ଧୀରେ ଧୀରେ କମିବାରେ ଲାଗିଛି ।

## ସାମାଜିକ ପ୍ରସ୍ଥିତି :

ଡ଼ିଡାୟୀ ସମାଜିକ ସଂଗଠନ ଖୁବ୍ ସରଳ ଅଟେ । ସେମାନଙ୍କ ଗୋଷ୍ଠୀ ବିଭିନ୍ନ କ୍ଲାନ୍ ବା କିଲ୍ଲିରେ ବିଭକ୍ତ ହୋଇଥାଏ । ପ୍ରତ୍ୟେକ କ୍ଲାନର ନିଜର ସୂଚକ ଥାଏ । କ୍ଲାନ୍ ବହିର୍ବିବାହୀ ହୋଇଥିବାରୁ ଗୋଟିଏ କ୍ଲାନର ଅନ୍ତର୍ଭୁକ୍ତ ପୁରୁଷ ଓ ମହିଳା ବିବାହ କରିପାରନ୍ତି ନାହିଁ । ସେମାନଙ୍କ ସମାଜ ପିତୃ ତାନ୍ତ୍ରିକ, ପିତୃ ବଂଶାନୁକ୍ରମିକ କିମ୍ବା ପିତୃରୈଖିକ ଓ ପିତୃ ଆବାସକ ଅଟେ । ସମ୍ପ୍ରସାରିତ ପରିବାର ଅପେକ୍ଷା ନ୍ୟୁକ୍ଲିୟସୀୟ ବା ସରଳ ପରିବାର ସଂଖ୍ୟାଧିକ ଅଟେ । ବିବାହ ପରେ ସ୍ୱାମୀ ସ୍ତ୍ରୀ ନିଜ ପିତାଙ୍କ ଗୃହରେ ବାସ ନକରି ନୂତନ ଗୃହ ନିର୍ମାଣ କରି ବସବାସ କରନ୍ତି । ଏବଂ ଏହାକୁ ନୂତନ ଆବାସିକ ବ୍ୟବସ୍ଥା କୁହାଯାଏ ।

ସେମାନଙ୍କ ସାମାଜିକ ପ୍ରସ୍ଥିତି ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ, ଜ୍ଞାତି ସମ୍ପର୍କ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କେତେକଙ୍କ ମତରେ ଉକ୍ତ ସମାଜରେ ଅର୍ଦ୍ଧଗୋଷୀ ବା ମଇଟି ଦ୍ୱୈତ ସଂଗଠନ ଭାବରେ ଦେଖାଯାଏ । କିନ୍ତୁ ଏହା ବିବଦମାନ ମତାମତ ଅଟେ । ଏହା ସତ୍ୟଯେ, ସେମାନଙ୍କ ଗୋଷୀ କେତେଗୁଡ଼ିଏ ବହିର୍ବିବାହୀ ତଥା ସୂଚକ ବିଶିଷ୍ଟ କ୍ଲାନରେ ବିଭକ୍ତ । ପ୍ରତ୍ୟେକ କ୍ଲାନରେ କେତେକ ଏକରୈଖିକ ବଂଶ ଅନ୍ତର୍ଭୁକ୍ତ ଅଟେ ଏବଂ ପ୍ରତ୍ୟେକ ବଂଶରେ ବହୁ ସଂଖ୍ୟକ ପରିବାର ଥାଏ । କ୍ଲାନ୍, ବଂଶ ଓ ପରିବାର ସାମାଜିକ ଅନୁଷ୍ଠାନ ଭାବରେ ବହିର୍ବିବାହୀ ଅଟେ । ପୂର୍ବେ କେତେକ ଗ୍ରାମରେ ଏକ କ୍ଲାନର ଲୋକମାନେ ବସବାସ କରୁଥିବାରୁ ଗ୍ରାମ ଗୁଡ଼ିକ ବହିନିର୍ବାହ ଥିଲା ଓ ବିବାହ ନିମନ୍ତେ ଅନ୍ୟ ଗ୍ରାମ ଉପରେ ନିର୍ଭର କରୁଥିଲେ । ଅପରପକ୍ଷେ, ଯେଉଁ ଗ୍ରାମ ଗୁଡିକ ବହୁକ୍ଲାନ୍ ବିଶିଷ୍ଟ ଉକ୍ତଗ୍ରାମରେ ବିବାହ ନିମନ୍ତେ ନିଷେଧାଜ୍ଞା ନାହିଁ ।

**ବିବାହ ଅନୁଷ୍ଠାନ :**

ଡ଼ିଡାୟୀ ସମାଜରେ ଏକ ବିବାହ ପ୍ରଥା ବହୁଳ ଭାବରେ ପ୍ରଚଳିତ ଅଛି । ଏହା ଫଳରେ ଏକ ସମୟରେ ଗୋଟିଏ ପୁରୁଷ ଓ ଗୋଟିଏ ମହିଳା ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଖୁବ୍ କମ୍ ସଂଖ୍ୟାରେ ହେଲେ ମଧ୍ୟ ବହୁ ପତ୍ନୀକ ବିବାହ ମଧ୍ୟ ଦେଖାଯାଏ । ଏହା ଦ୍ୱାରା ଏକ ସ୍ୱାମୀଙ୍କର ଏକ ସମୟରେ ଏକାଧିକ ପତ୍ନୀ ମଧ୍ୟ ଥାତି । କେତେକ ବିଶାରଦଙ୍କ ମତରେ ଯେକୌଣସି ଗୋଷୀ ମଧ୍ୟରେ ବିବାହଯୋଗ୍ୟ ମହିଳାଙ୍କ ସଂଖ୍ୟା ବିବାହଯୋଗ ପୁରୁଷ ମାନଙ୍କ ଠାରୁ ଅଧିକ ଥିଲେ ବହୁ-ପତ୍ନୀ ବିବାହ ପ୍ରଥାର ପ୍ରଚଳନ ଦେଖାଯାଏ । ପୁନଶ୍ଚ କେତେକ ସ୍ଥଳରେ ଏକାଧିକ ପତ୍ନୀ ଥିବାରୁ ସ୍ୱାମୀ ନିଜକୁ ଗୌରବାନ୍ୱିତ ମନେ କରନ୍ତି ଓ ପତ୍ନୀମାନେ ଉପାର୍ଜନ କ୍ଷମହୋଇ ପରିବାରର ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିଥାନ୍ତି । ଅନ୍ୟକେତେକ ସ୍ଥଳରେ ପ୍ରଥମ ସ୍ତ୍ରୀଙ୍କ ସନ୍ତାନ ସନ୍ତତି ଜାତ ନହେଲେ ସ୍ୱାମୀ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବାକୁ ବାଧ୍ୟ ହୋଇଥାନ୍ତି, କାରଣ ବଂଶରକ୍ଷା ନିମନ୍ତେ ଏହା ଏକାନ୍ତ ଉପଯୋଗୀ ବୋଲି ମନେ କରିଥାନ୍ତି । ବହୁପତ୍ନୀ ବିବାହ କ୍ଷେତ୍ରରେ ସମୟ ସମୟରେ ସ୍ତ୍ରୀମାନେ ବିଭିନ୍ନ ପରିବାରରୁ ଆସୁଥିବା ସମୟରେ କେତେକ କ୍ଷେତ୍ରରେ ରକ୍ତ ସମ୍ପର୍କୀୟ ଭଉଣୀମାନେ ମଧ୍ୟ ଏକ ସ୍ୱାମୀଙ୍କୁ ବିବାହ କରିଥାନ୍ତି । ବିବାହ ବିଧି ପ୍ରତି ଦୃଷ୍ଟିଦେଲେ ଦେଖାଯାଏ ଯେ, ସମଗ୍ର ଡିଡାୟୀ ଗୋଷୀ ଏକ ଅନ୍ତର୍ବିବାହୀ ସମଷ୍ଟି ଅଟେ, କାରଣ ଅନ୍ୟ ଗୋଷୀରେ ବିବାହ ନିଷେଧାଜ୍ଞା ପ୍ରଚଳିତ ଅଛି । ଗୋଷୀ ମଧ୍ୟରେ ଥିବା କ୍ଲାନ୍, ବଂଶ ପରିବାର ଇତ୍ୟାଦି ସାମାଜିକ ଅନୁଷ୍ଠାନ ଗୁଡ଼ିକ ବହିର୍ବିବାହୀ ସମଷ୍ଟି ଅଟେ, କାରଣ ଗୋଟିଏ କ୍ଲାନ୍, ବଂଶ ଓ ପରିବାରର ଲୋକମାନଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇପାରି ନଥାଏ । ସମାଜରେ ଯୌନ ଶୃଙ୍ଖଳା ରକ୍ଷା ନିମନ୍ତେ ସେମାନେ ସଚେତନ ହୋଇଥିବାରୁ ଉକ୍ତ ନିୟମ ବା ବିଧି ଗୁଡ଼ିକ ପାଳନ କରିଥାନ୍ତି ଓ ନିକଟତମ ରକ୍ତ ସମ୍ପର୍କୀୟ ମାନଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିନଥାନ୍ତି । ଅଗମ୍ୟଗମନ ନିଷେଧାଜ୍ଞା ଗୁଡ଼ିକୁ କଡାକଡି ଭାବରେ ପାଳନ କରାଯାଇଥାଏ ।

ଡ଼ିଡ଼ାୟୀ ସମାଜରେ ବିବାହ ସାଥୀ ନିରୂପଣ ସମୟରେ ସାଧାରଣତଃ ମହିଳାମାନଙ୍କ ତଥା କନିଆଁଙ୍କର ମତାମତ ନିଆଯାଇଥାଏ । ବିଭିନ୍ନ ପ୍ରକାର ବିବାହ ସାଥୀ ମନୋନୟନ ପ୍ରଥା ଦେଖାଯାଏ, ଯଥା: ସ୍ଥିରୀକୃତ ବିବାହ (ତୋଷୋ), ଆନୁଷ୍ଠାନିକ ଅପହରଣ ବିବାହ, ସେବା ବିବାହ, ପାରସ୍ପରିକ ସମ୍ମତି ଓ ସହପଳାୟନ ବିବାହ ଇତ୍ୟାଦି । ସ୍ଥିରୀକୃତ ବିବାହ ସାଧାରଣତଃ ସଂଖ୍ୟାଧିକ ଏବଂ ଏହା ବର କନିଆଁଙ୍କ ପିତାମାତା ତଥା ଗୁରୁଜନ ମାନଙ୍କ ଦ୍ୱାରା ସ୍ଥିର କରାଯାଇଥାଏ । କେତେକ ସ୍ଥଳରେ ବିବାହ ଘଟକ ତଥା ମଧ୍ୟସ୍ଥିଙ୍କ ସାହାର୍ଯ୍ୟ ନିଆଯାଇଥାଏ । ମଧ୍ୟସ୍ଥି ବିବାହ ସମ୍ବନ୍ଧ ଉଭୟ

ପକ୍ଷ ସହିତ ପ୍ରାରମ୍ଭିକ କଥାବାର୍ତ୍ତା କରି ବିବାହ ନିର୍ଣ୍ଣୟ ନମନ୍ତେ ଆବଶ୍ୟକ ପଦକ୍ଷେପ ନେଇଥାନ୍ତି । ଉକ୍ତ କାର୍ଯ୍ୟ ନିମନ୍ତେ ଘଟକମାନେ ଅର୍ଥ କିମ୍ବା ସାମଗ୍ରୀ ବା ଉଭୟ ଆକରରେ ସେମାନଙ୍କ ପାଉଣା ପାଇଥାନ୍ତି । ଏହାପରେ ବିବାହ ସମ୍ବନ୍ଧରେ ପ୍ରତ୍ୟକ୍ଷ କଥାବାର୍ତ୍ତା ଆରମ୍ଭ ହୋଇଥାଏ । ବିବାହ ସ୍ଥିରୀକୃତ ହେବା ସମୟରେ ଗାଁ ମୁଖିଆଙ୍କ ମତାମତ ବା ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । ପଲାସୀଙ୍କ ସହ ସାକ୍ଷାତ କରି ବିବାହ ଦିନ ନିର୍ଦ୍ଧାରିତ ହୋଇଥାଏ । ସମୟ ସମୟରେ ନାଏକଙ୍କ ଉପସ୍ଥିତିରେ କନିଆଁ ପଣ / ଠିକ୍ ନିଆଁସୁନା କରାଯାଇଥାଏ । ଉକ୍ତ କନିଆଁ ପଣ କନିଆଁ ପିତା ବରପିତାଙ୍କ ଠାରୁ ଅର୍ଥ କିମ୍ବା ପଦାର୍ଥ ତଥା ଉଭୟ ଆକାରରେ ପାଇବାକୁ ହକଦାର ହୋଇଥାନ୍ତି । ସ୍ଥିରୀକୃତ ବିବାହ ଅନ୍ୟ ପ୍ରକାର ବିବାହସାଥୀ ମନୋନୟମ ପଦ୍ଧତି ଠାରୁ ଅଧିକ ସମ୍ମାନପ୍ରଦ ଅଟେ । କେତେକ ସ୍ଥଳରେ କନିଆଁପଣ ଦେବା ନିମନ୍ତେ ଅକ୍ଷମ ଥିବା ବର ଘରଜୋଇଁ ଭାବରେ ଶଶୁର ଘରେ ରହି ବିଭିନ୍ନ ଅର୍ଥ ଉପାର୍ଜନକାରୀ କାର୍ଯ୍ୟରେ ନିଜକୁ ନୟୋଜିତ କରିଥାଏ । ଅନ୍ୟକେତେକ କ୍ଷେତ୍ରରେ ବର ଓ କନିଆଁ ପରସ୍ପର ବିବାହ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ ଅନ୍ୟ ସ୍ଥାନକୁ ଏକତ୍ର ପଳାୟନ କରିଥାନ୍ତି ଓ ସ୍ୱାମୀ ସ୍ତ୍ରୀ ଭାବରେ ଅବସ୍ଥାନ କରିଥାନ୍ତି । କିଛି କାଳପରେ ପୁନଶ୍ଚ ସେମାନେ ନିଜ ଗ୍ରାମକୁ ଫେରି ଆସିଥାନ୍ତି ଓ ଜ୍ଞାତି ସମ୍ପର୍କୀୟ ମାନଙ୍କୁ ଭୋଜିଭାତ ଦେବାପରେ ସେମାନଙ୍କୁ ଗ୍ରହଣ କରାଯାଇଥାଏ । ଅପରପକ୍ଷରେ, ବିବାହଯୋଗ୍ୟ କନିଆଁଙ୍କୁ ବର ଆନୁଷ୍ଠାନିକ ଭାବରେ ଅପହରଣ କରି ବିବାହ କରିଥାଏ ଏବଂ ଏହି କ୍ଷେତ୍ରରେ କନିଆଁପଣ ଦେବାକୁ ପଡ଼ିନଥାଏ ।

ବିବାହ ଏକ ସାମାଜିକ ଅନୁଷ୍ଠାନ ଯାହା ଫଳରେ କେବଳ ଗୋଟିଏ ପୁରୁଷ ଓ ମହିଳା ପରସ୍ପର ଜ୍ଞ୍ୟାତି ସମ୍ପର୍କ ଭୁକ୍ତ ହୋଇ ନଥାନ୍ତି, ବରଂ ଗୋଟିଏ ସମଷ୍ଟି ଅନ୍ୟ ସମଷ୍ଟି ସହିତ ସମ୍ପର୍କିତ ହୋଇଥାଏ । ଏହାଦ୍ୱାରା ଜ୍ଞାତି ସମ୍ପର୍କରେ ପରସିର ବୃଦ୍ଧି ପାଇଥାଏ । ଡିଡ଼ାୟୀ ସମାଜରେ ବିବାହ ସର୍ବସାଧାରଣ ଘୋଷଣା ମାଧମରେ ଉତ୍ସବ ମୁଖରିତ ହୋଇ ଅନୁଷ୍ଠିତ ହୋଇଥାଏ । ମାଙ୍ଗଳିତ ଉପାସନା, କର୍ମକର୍ମାଣୀ, ପୂଜା, ଭୋଜିଭାତ ଓ ନୃତ୍ୟଗୀତ ବିବାହ ଉତ୍ସବ ସହିତ ଅଙ୍ଗାଙ୍ଗୀଭାବରେ ଜଡ଼ିତ ଅଟେ । ପରିବାରର ଅର୍ଥନୈତିକ ପ୍ରସ୍ତୁତି ଅନୁଯାୟୀ ଉତ୍ସବର ପରିସର ନିର୍ଣ୍ଣିତ ହୋଇଥାଏ । ଡିଡ଼ାୟୀ ସମାଜରେ ବିଧବା ବିବାହର ପ୍ରଚଳନ ଦେଖାଯାଏ । କେତେକ ସ୍ଥଳରେ ସମ୍ପତି ଥିଲେ ବଡ ଭାଇଙ୍କ ମୃତ୍ୟୁପରେ ସାନଭାଇ ତାଙ୍କ ସ୍ତ୍ରୀ ବା ବିଧବା ଭାଉଜଙ୍କୁ ବିବାହ କରିଥାଏ । ବିବାହ ନିଷେଧାଜ୍ଞା ପାଳନ ନକଲେ ସେଥି ନିମନ୍ତେ ସାମାଜିକ ବାସନ୍ଦର ବ୍ୟବସ୍ଥା ଦେଖାଯାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାରସ୍ପରିକ ବୁଝାମଣା ଅଭାବରେ ବା ସନ୍ତାନ ସନ୍ତତି ଜାତ ନହେଲେ ବିବାହ ସମ୍ପର୍କ ବିଚ୍ଛିନ୍ନ ହୋଇ ଛାଡପତ୍ର ଦିଆଯାଇଥାଏ । ସ୍ୱାମୀ କିମ୍ବା ସ୍ତ୍ରୀ ବା ଉଭୟ ଛାଡପତ୍ର ନିମନ୍ତେ ଆବେଦନ କରିପାରିଥାନ୍ତି ।

ଡ଼ିଡାୟୀ ସମାଜରେ ବିବାହ ଫଳରେ ସାମାଜିକ ପ୍ରତିଷ୍ଠା ଲାଭ, ଯୌନ ଶୃଙ୍ଖଳା ପ୍ରତିଷ୍ଠା, ପରିବାର ଗଠନ, ନୂତନ ଜ୍ଞାତି ସମ୍ପର୍କ ସୃଷ୍ଟି ଇତ୍ୟାଦି ବହୁ ସୁଫଳ ମିଳିଥାଏ । ବିବାହ ପରେ ପ୍ରତ୍ୟେକ ପୁରୁଷ ତଥା ମହିଳା ସେମାନଙ୍କ ସମାଜରେ ପ୍ରତିଷ୍ଠିତ ହୋଇଥାନ୍ତି, କାରଣ ସେମାନଙ୍କୁ ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟକ୍ତି ରୂପେ ଗ୍ରହଣ କରାଯାଇଥାଏ । ବିବାହ ଏକ ସାମାଜିକ ଅନୁଷ୍ଠାନ ଭାବରେ ଡିଡାୟୀ ସଂସ୍କୃତିର ଏକ ବିଶିଷ୍ଟ ଅଙ୍ଗଭାବରେ ପରିଚିତ ହୋଇଥାଏ ।

◆◆◆

ଏ/୧୫୨, ଶହୀଦ ନଗର,
ଭୁବନେଶ୍ୱର

# ଲୋଧା ସମାଜରେ ବିବାହ

ଡ଼କ୍ଟର ନଗେନ୍ଦ୍ରନାଥ ମହାପାତ୍ର

ଓଡ଼ିଶାର ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ଅନ୍ୟତମ ଜନଜାତି ଗୋଷ୍ଠୀ ଭାବରେ ଲୋଧାମାନେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ମହକୁମା ଅନ୍ତର୍ଗତ ଅରଣ୍ୟାଞ୍ଚଳରେ ବିଭିନ୍ନ ସ୍ଥାରେ ବାସ କରନ୍ତି । ବାରିପଦା ସଦର ମହକୁମାର ବିଭିନ୍ନ ବ୍ଲକ ଯଥା – ଶୁଳିଆପଦା, ମୋରଡ଼ା, ବାରିପଦା, ବଡ଼ସାହି, ଖୁଣ୍ଟା, ଉଦଳା, ଶାମାଖୁଣ୍ଟା ଓ କପ୍ତିପଦା ବ୍ଲକର ବିଭିନ୍ନ ଗ୍ରାମରେ ଏମାନେ ବିଚ୍ଛିନ୍ନ ଭାବରେ ବାସ କରନ୍ତି । (ଆଇ.ଟି.ଡି.ଏ) ଅଧୀନରେ ଶୁଳିଆପଦା ବ୍ଲକର ପଥରନେସା, ଶଁଖାଶୋଳ, ଧବଣୀ ଓ ନେକଡ଼ାଗୁଞ୍ଜା ଗ୍ରାମ; ମୋରଡ଼ା ବ୍ଲକର ହାଣ୍ଡିଭଙ୍ଗା, ଚିକିଟା ମାଟିଆ, ଟିଆଁସି ଓ ପୂର୍ଣ୍ଣଚନ୍ଦ୍ରପୁର; ବାରିପଦା ବ୍ଲକର ଚମ୍ପାଗଡ଼ ଓ ପାଉଁଶିଆ ଏପରି ମୋଟ ୧୪ଟି ଲୋଧାବସତି ପୂର୍ଣ୍ଣ ଗ୍ରାମ ଥିବାବେଳେ କପ୍ତିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଉଦଳା, ଖୁଣ୍ଟା ଓ କପ୍ତିପଦା ବ୍ଲକର କେତୋଟି ଲୋଧା ଗ୍ରାମ ଅବସ୍ଥିତ । ବାରିପଦା ମହକୁମାରେ ବାସ କରୁଥିବା ଲୋଧା ଗୋଷ୍ଠୀର ମୋଟ ଲୋକସଂଖ୍ୟା ୨,୮୫୭ ଜଣ ।

ଆଲୋଚ୍ୟ ଆଦିମ ଜନଜାତି ନୋଧ, ଲୋଧ କିମ୍ବା ଲୋଧା ନାମରେ କଥିତ ହୋଇଥାନ୍ତି । କେତେକଙ୍କ ମତରେ ସଂସ୍କୃତ ଲୁବ୍ଧକ ଶବ୍ଦର ଅପଭ୍ରଂଶ ରୂପ ଲୋଧା ହୋଇଅଛି । ଏହି ସିଦ୍ଧାନ୍ତ ସମୀଚୀନ ବୋଲି ମନେ ହୁଏ । ଉକ୍ତ ଜନଜାତିର ଲୋକେ ମଧ୍ୟପ୍ରଦେଶ, ଓଡ଼ିଶାର ମୟୂରଭଞ୍ଜ, ପୂର୍ବତନ ବିହାରର ପ୍ରଦେଶର ସିଂହଭୂମ ଓ ପଶ୍ଚିମ ବଙ୍ଗଳାର ମେଦିନୀପୁର ଜିଲ୍ଲାରେ ମୁଖ୍ୟତଃ ବାସ କରୁଥିବାର ଦେଖାଯାଏ । ଏତଦ୍ ବ୍ୟତୀତ ପଶ୍ଚିମ ବଙ୍ଗର ବର୍ଦ୍ଧମାନ, ବୀରଭୂମ, ବାଙ୍କୁଡ଼ା, ହୁଗୁଲୀ, ହାଉଡ଼ା, ଚବିଶ ପ୍ରଗଣା, କଲିକତା ଓ ନଦିଆ ଜିଲ୍ଲାର କେତେକସ୍ଥାନରେ ଏମାନେ ବାସ କରୁଥିବାର ଜଣାଯାଏ । ମଧ୍ୟପ୍ରଦେଶରେ ଏମାନେ ମୂଳତଃ ବାସ କରୁଥିଲେ ଓ ସେଠାରେ ପ୍ରଭୂତ ଭୂସମ୍ପତ୍ତିର ଅଧିକାରୀ ରୂପେ ସମ୍ମାନ ଜନକ 'ଠାକୁର' ଉପାଧିରେ ଭୂଷିତ ହୋଇଥିବାର ଜଣାଯାଏ । ଲୋଧାମାନେ କେତେବେଳେ ନିଜକୁ ଲୋଧାଖଡ଼ିଆ କେତେବେଳେ ଲୋଧା-ଶବର ରୂପେ ଅଭିହିତ କରି ପୌରାଣିକ ଜାରାଶବର କିମ୍ବା କିମ୍ବଦନ୍ତୀର ସୁବିଖ୍ୟାତ ବିଶ୍ୱବସୁ ଶବରଙ୍କ ବଂଶଧର ଭାବରେ ନିଜକୁ ପରିଚିତ କରାଇଥାନ୍ତି ।

ଲୋଧାଙ୍କର ନଅଗୋଟିବଂଶ ଅଛି । ପ୍ରତ୍ୟେକ ବଂଶର ସ୍ୱତନ୍ତ୍ର ସଂଜ୍ଞା ଓ ଗୋତ୍ର ରହିଅଛି । ଲୋଧାଗୋଷ୍ଠୀର ଲୋକେ ପିତୃ ଶାସିତ, ପିତୃ କୈନ୍ଦ୍ରିକ ପରିବାରର ଅନ୍ତର୍ଭୁକ୍ତ । ସେମାନେ କେବଳ ନିଜ ଗୋଷ୍ଠୀ ମଧ୍ୟରେ ବିବାହ କରନ୍ତି । ସ୍ୱଗୋତ୍ରରେ ବିବାହ ନିଷିଦ୍ଧ । ବିବାହ ପରେ କନ୍ୟା ବର ଘରକୁ ଯାଇ ରହେ । ବିବାହ ପରେ କନ୍ୟା ପିତୃ ବଂଶର ଗୋତ୍ର ଓ ସଂଜ୍ଞା ପରିତ୍ୟାଗ କରି ସ୍ୱାମୀଙ୍କ ଗୋତ୍ର ଓ ସଂଜ୍ଞା ଗ୍ରହଣ କରେ । ଅବିବାହିତ ଅବସ୍ଥାରେ କନ୍ୟା ବାପାଙ୍କ ଘରେ ଶୌଚବିଧି ପୂର୍ଣ୍ଣ ଭାବରେ ପାଳନ କରୁଥିବା ବେଳେ ବିବାହ ପରେ ପିତାମାତାଙ୍କ ମୃତ୍ୟୁ କ୍ଷେତ୍ରରେ ତିନିଦିନ ଅଶୌଚ ପାଳନ କରିଥାଏ ।

ସାଧାରଣତଃ ଲୋଧା ଜନଜୀବନରେ ଚାରିପ୍ରକାର ବୈବାହିକ ସ୍ଥିତି ଦେଖାଯାଏ । ସେଗୁଡ଼ିକ (୧) ଅବିବାହିତ, (୨) ବିବାହିତ (୩) ବିଧବା ଏବଂ (୪) ପରିତ୍ୟକ୍ତା । ଲୋଧାସମାଜରେ ବାଲ୍ୟ ବିବାହ, ବିଧବା ଓ ବହୁ ବିବାହ ପ୍ରଥା ପ୍ରଚଳିତ ।

ଲୋଧା ଗୋଷ୍ଠୀର ପୁଅଝିଅମାନେ ବିବାହଯୋଗ୍ୟ ବୟସ (ସାଧାରଣତଃ ପୁଅର ବୟସ ୨୦/୨୫ ବର୍ଷ ଓ କନ୍ୟାର ବୟସ ୧୫/୨୦ ବର୍ଷ) ହେଲେ ବିବାହ କରନ୍ତି । ବିବାହ ପରେ କନ୍ୟାବର ଘରକୁ ଆସେ ଓ ସେଠାରେ ଅବଶିଷ୍ଟ ସମସ୍ତ ଜୀବନ କଟାଇଥାଏ । ପୂର୍ବରୁ ବାଲ୍ୟ ବିବାହ ପ୍ରଥା ବହୁଳ ପ୍ରଚଳିତ ଥିଲା । ବର୍ତ୍ତମାନ ମଧ୍ୟ ଅନେକ ସ୍ଥାନରେ ଏହି ପ୍ରଥା ପ୍ରଚଳିତ ରହିଅଛି । ଏମାନଙ୍କ ସମାଜରେ ବିଧବା ବିବାହ ପ୍ରଚଳିତ ଥିବାବେଳେ ଅନ୍ୟଜାତି ବିବାହ ମଧ୍ୟ ପ୍ରଚଳିତ । ଅନ୍ୟଜାତି ବିବାହରେ ଲୋଧାପୁଅ ଅନ୍ୟ ଗୋଷ୍ଠୀ / ଜାତିର କନ୍ୟା ବିବାହ କରିବା ଘଟଣା ଦେଖାଯାଇ ନାହିଁ । ଲୋଧାଝିଅ ମାନେ ଅନ୍ୟ ଜାତିର ପୁରୁଷଙ୍କୁ ବିବାହ କରିଥିବା ପରିଲିକ୍ଷିତ ହୁଏ ।

ଲୋଧା ସମାଜରେ ପ୍ରକାର ଭେଦରେ ଚାରି ପ୍ରକାର ବିବାହ ଅନୁଷ୍ଠିତ ହୁଏ । ସେଗୁଡ଼ିକ ହେଲା : (୧) ବେହା (୨) ସାଂଘା (୩) ନେଇ ପଳାଇ ବିବାହ କରିବା ଓ (୪) ଅନ୍ୟଜାତି ବିବାହ । ଏସବୁର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

୧. ବେହା : ସାଧାରଣତଃ ଲୋଧା ଗୋଷ୍ଠୀର ପୁଅଝିଅ ମାନଙ୍କ ବିବାହ କ୍ଷେତ୍ରରେ ପ୍ରସ୍ତାବ, ଦେଖାଚାହାଁ, ପସନ୍ଦ, ପଣ ଦେବାପରେ ବିବାହ ଅନୁଷ୍ଠିତ ହୁଏ । ଏହାକୁ ବେହା-ପ୍ରକୃତ ବିବାହ କହାଯାଏ । ଏଥିରେ ବାଲ୍ୟ ବିବାହ ଅନ୍ତର୍ଭୁକ୍ତ । ଏପରି ବିବାହରେ ବର କନ୍ୟା ଘରକୁ ବିବାହ କରିବାକୁ ଯାଏ । ବିବାହ ଶେଷରେ ଆଡ଼ମ୍ବର ସହକାରେ କନ୍ୟା ସହ ନିଜ ଘରକୁ ଫେରି ଆସେ । ଏଥିରେ ନିର୍ଦ୍ଦିଷ୍ଟ ରୀତିନୀତି ପାଳିତ ହୁଏ ।

୨. ସାଂଘା : କୌଣସି ପୁରୁଷର ସ୍ତ୍ରୀ ମରିଗଲେ କିଂବା ପଳେଇଗଲେ ସେହି ପୁରୁଷ ସେହିପରି କୌଣସି ସ୍ତ୍ରୀକୁ (ଯାହାର ସ୍ୱାମୀ ମରି ଯାଇଥିବ କିମ୍ବା ଛାଡ଼ି ଦେଇଥିବ) ବିବାହ କରିବାକୁ ସାଂଘା କହନ୍ତି ।

ଏପରି ବିବାହ କ୍ଷେତ୍ରରେ ସଂପୃକ୍ତ ପୁରୁଷ ଓ ସ୍ତ୍ରୀ ଆଗରୁ ଦେଖାଚାହାଁ କରି ସିଦ୍ଧାନ୍ତ ନେଇଥାନ୍ତି । କୌଣସି ଗୋଟିଏ ଦିନରେ ବରପକ୍ଷରୁ ଅନ୍ତତଃପକ୍ଷେ ପାଞ୍ଚଜଣ ଭଦ୍ରଲୋକ ଯାଇ ସ୍ତ୍ରୀ ଲୋକଟିକୁ ଆଣି ପୁରୁଷ ଲୋକଟିର ଘରେ ଛାଡ଼ି ଦେଇ ଯାଆନ୍ତି । ଏଥିସକାଶେ ବରପକ୍ଷକୁ କେତେକ କ୍ଷେତ୍ରରେ ସାଇଭାଇଙ୍କ ଭୋଜିଭାତ ଦେବାକୁ ହୋଇଥାଏ ।

୩. ନେଇ ପଳାଇବା : ବିବାହ ଯୋଗ୍ୟ ପୁଅଝିଅ ପରସ୍ପରକୁ ଭଲପାଇ ବିବାହ ପାଇଁ ସିଦ୍ଧାନ୍ତ ଗ୍ରହଣ ପରେ ଝିଅକୁ ପୁଅ ନେଇ ପଳାଇ ଯାଏ । ପରସ୍ପର ମଧ୍ୟରେ ବିବାହ କାର୍ଯ୍ୟ ସମ୍ପାଦନ ନିମନ୍ତେ ବାପା ମାଆ ରାଜି ହେବା ଓ ପରିସ୍ଥିତି ଶାନ୍ତିହେବା ପରେ ସେ ନିଜ ଘରକୁ ଝିଅକୁ ନେଇ ଫେରିଥାଏ । ଏପରି କ୍ଷେତ୍ରରେ ପୁଅଟି ଝିଅକୁ ନିଜ ଘରକୁ ଆଣି ଆସିପାରେ କିମ୍ବା ବାପା ମାଆ ଓ ପରିବାରର ଅନ୍ୟ ସଦସ୍ୟମାନେ ଅରାଜିଥିଲେ କୌଣସି ବନ୍ଧୁ ବାନ୍ଧବଙ୍କ ଘରେ କିଛିଦିନ ଆଶ୍ରୟ ନେଇଥାଏ । ପୁଅଟି ଝିଅ ସହିତ ନିଜ ଘରକୁ ଫେରିବା ପରେ କନ୍ୟାର ବାପାଙ୍କୁ ପଣବାବଦେ ଟଙ୍କା ଓ ଲୁଗାପଟା ଦେବାକୁ ହୁଏ । ଏଥି ସହିତ ସାଇଭାଇଙ୍କୁ ଭୋଜିଭାତ ଦେବାକୁ ହୋଇଥାଏ । ଏପରି ବିବାହରେ ପଣବାବଦ ଅର୍ଥ 'ବେହା' ସହିତ ସମପରିମାଣର ହୋଇଥାଏ ।

୪. ଅନ୍ୟଜାତି ବିବାହ : ଏ ଅଞ୍ଚଳରେ ବିଭିନ୍ନ ଜାତିର ଲୋକଙ୍କ ଘରେ କେତେକ ଲୋଧା ଝିଅ ସ୍ତ୍ରୀରୂପେ ସଂସାର କରି ଚାଲିଥିବାର ଦେଖାଯାଏ । ସେହିପରି ସ୍ଥଳେ ଲୋଧା ସ୍ତ୍ରୀଟି ସମ୍ପୃକ୍ତ ପୁରୁଷର ଜାତି ଓ ଗୋତ୍ର ଗ୍ରହଣ କରେ । ସେମାନଙ୍କ ସନ୍ତାନମାନେ ପିତୃପରିଚୟରେ ପରିଚିତ ହୁଅନ୍ତି । ଅନ୍ୟ ଜାତିର କେତେକ ପୁରୁଷ ଲୋଧା ସ୍ତ୍ରୀଟିକୁ ଲୋଧା ବସ୍ତି / ଚାକିରିସ୍ଥାନ / ଅନ୍ୟତ୍ର ରଖିଥିବା ବେଳେ ନିଜ ଘରେ ସେମାନଙ୍କର ସ୍ୱଜାତୀୟ ବିବାହିତା ସ୍ତ୍ରୀ ରହିଥାଏ ।

କେତେକ କ୍ଷେତ୍ରରେ ସମ୍ପୃକ୍ତ ଜାତୀୟ ପୁରୁଷଟି ଲୋଧା ସ୍ତ୍ରୀଲୋକଟିକୁ ଆନୁଷ୍ଠାନିକ ବିବାହ ନକରି ମଧ୍ୟ ସ୍ୱାମୀ ଓ ସ୍ତ୍ରୀ ରୂପରେ ଘର ସଂସାର କରିଥାନ୍ତି ।

ଘରଜୋଇଁଆ : ଏପରି କ୍ଷେତ୍ରରେ ବର ଜଣକ କନ୍ୟାଘରେ ରହେ । କୌଣସି ପିତା ମାତାଙ୍କର ଏକମାତ୍ର କନ୍ୟା ବ୍ୟତୀତ କୌଣସି ସନ୍ତାନ ସନ୍ତତି ନଥିଲେ ଭୂସମ୍ପତ୍ତି ତଥା ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ନିମନ୍ତେ ମନ ପସନ୍ଦର ପୁଅଟିକୁ ନିଜ ଝିଅ ସହ ବିବାହ କରାଇ ଘରେ ରଖିଥାନ୍ତି । ଏପରି ସ୍ଥଳେ କନ୍ୟା ବରର ଗୋତ୍ର ସାଙ୍ଗିଆ ଗ୍ରହଣ କରିଥାଏ ।

ବହୁ ବିବାହ : ଲୋଧା ସମାଜରେ ଏକ ପତ୍ନୀ ବିବାହ ଅଧିକ ହେଉଥିଲେହେଁ ବହୁ ବିବାହପ୍ରଥା ପ୍ରଚଳିତ । କୌଣସି ବିବାହିତା ସ୍ତ୍ରୀର ସନ୍ତାନ ସନ୍ତତି ନ ହେଲେ ପୁତ୍ର ସନ୍ତାନ ନ ହେଲେ / ରୋଗଗ୍ରସ୍ତ ହୋଇ ଗୃହ କାର୍ଯ୍ୟ କରିବାରେ ଅକ୍ଷମା ହେଲେ କିମ୍ବା ସମ୍ପୃକ୍ତ ପୁରୁଷଟିର ଅନ୍ୟ ସ୍ତ୍ରୀ ସହିତ ପ୍ରେମ ସମ୍ପର୍କ ସ୍ଥାପିତ ହେଲେ ଏପରି ବିବାହ ଅନୁଷ୍ଠିତ ହୁଏ ।

ନିଷିଦ୍ଧ ବିବାହ : ଲୋଧାମାନେ ନିଜ ଗୋତ୍ରରେ ବିବାହ କରନ୍ତି ନାହିଁ । ବଂଶ ମଧ୍ୟରେ ସାନ ବଡ଼ଥିଲେ ବଡ଼ ବଂଶର ପୁଅ ସାନ ବଂଶର ପୁଅକୁ ବିବାହ କରିପାରେ । କକା - ଝିଆରୀ, ମାମୁଁ - ଭାଣିଜୀ ବିବାହ ନିଷିଦ୍ଧ । ଭାଇବୋହୂ ବିଧବା ହେଲେ ବଡ଼ଭାଇ (ଦେଢ଼ଶୁର)ଙ୍କ ସହିତ ସ୍ୱାମୀ ସ୍ତ୍ରୀ ସମ୍ପର୍କ ରକ୍ଷିତ ହୁଏ ନାହିଁ । କିନ୍ତୁ ବିଧବା ଭାଉଜ ଦିଅର ସହିତ ସ୍ୱାମୀ ସ୍ତ୍ରୀ ରୂପେ ସଂସାର କରିବାକୁ ସମାଜର ଅନୁମତି ମିଳେ ।

ପଣପ୍ରଥା : ଲୋଧା ସମାଜରେ ଅଦ୍ୟାବଧି ପଣପ୍ରଥା ପ୍ରଚଳିତ ରହିଅଛି । କନ୍ୟା ବିବାହ ଯୋଗ୍ୟ । କିମ୍ବା ଯୌବନ ପ୍ରାପ୍ତ ହୋଇନଥିଲେ ପଣର ପରିମାଣ ଅଧିକ ହୁଏ । ବିବାହ ଯୋଗ୍ୟା ଝିଅ ଅପେକ୍ଷା ଏପରି ସ୍ଥଳେ ଦୁଇଶହ ପର୍ଯ୍ୟନ୍ତ ଟଙ୍କା ଅଧିକ ହୋଇଥାଏ । ସ୍ଥାନ ବିଶେଷରେ ଅର୍ଥର ପରିମାଣ ଅଳ୍ପାଧିକ ହୋଇପାରେ କିନ୍ତୁ ବିବାହ ବସ୍ତ୍ରର ପରିମାଣ ସବୁଠି ସମାନ ହୋଇଥାଏ । ବିବାହ ବେଳେ ବରପକ୍ଷ କନ୍ୟାଘରକୁ ତିନିଖଣ୍ଡ ଲୁଗା ଦେବାକୁ ହୋଇଥାଏ ।

ପଣପ୍ରଥା ପ୍ରଚଳନକର ଅର୍ଥ ହେଉଛି କନ୍ୟା କିଣାବିକା କରିବା । ପିତାମାତା / ଅଭିଭାବକ କନ୍ୟାକୁ ବିକ୍ରି କରନ୍ତି । ପଣ ବାବଦ ଅର୍ଥ କନ୍ୟାର ମାଆ ନିଅନ୍ତି । ଅର୍ଥର ପରିମାଣ ସମୟ / ପରିସ୍ଥିତି ଅନୁସାରେ ସ୍ଥିର ହୋଇଥାଏ ।

ଘଟକାଳି : ପୁଅ ଝିଅଙ୍କର ବିବାହରେ ଘଟକାଳି ମାଧ୍ୟମରେ ବିବାହ ପ୍ରସ୍ତାବ ପଡ଼ିଥାଏ । ସାଧାରଣତଃ ଲୋଧା ସମାଜରେ ବର ପକ୍ଷରୁ କନ୍ୟା ଘରକୁ ପ୍ରଥମେ ଘଟକାଳି ମାଧ୍ୟମରେ ପ୍ରସ୍ତାବ ପଠାଯାଏ । ଝିଅଟି ନିଜ ଗାଁର କିମ୍ବା ପାଖ ଗାଁର ହୋଇଥିଲେ ତା' ବିଷୟ ପୂର୍ବରୁ ଜଣାଯାଇଥାଏ । ଦୂର ଗାଁର ହୋଇଥିଲେ ଘଟକାଳି ସବୁ ଖବର ଆଣିଦିଏ । ଘଟକାଳି ପୁରୁଷ ଅଥବା ସ୍ତ୍ରୀ ଉଭୟ ହୋଇ ପାରନ୍ତି ।

ମନୋନୟନ : ପ୍ରସ୍ତାବ ପଡ଼ିଲା ପରେ ମନୋନୟନ ହୁଏ । ସାଧାରଣତଃ ପୁଅ ଝିଅଙ୍କର ବୟସ, ରୂପ, ଗୁଣ, ସ୍ୱାସ୍ଥ୍ୟ, ସମ୍ପଦ, ଶିକ୍ଷା, ବୁଦ୍ଧିମତ୍ତା ପ୍ରଭୃତି ବିଷୟ ମନୋନୟନ ଦିଗରେ ସହାୟକ ହୋଇଥାଏ । ପୁଅଟି ରୋଜଗାରକ୍ଷମ, ହୃଷ୍ଟପୁଷ୍ଟ, ସ୍ୱାସ୍ଥ୍ୟବାନ, ଚତୁର, କୌଶଳୀ ଓ ପରିବାର ପୋଷଣର କ୍ଷମତା ଥିବାର ଲକ୍ଷ୍ୟ କରାଯାଏ । ଝିଅଟି ସୁନ୍ଦରୀ, ଗୁଣବତୀ, ମେଳାପୀ, ଗୃହକର୍ମ ନିପୁଣା, ଚରିତ୍ରବତୀ, ବୁଦ୍ଧିମତୀ ଓ ଲଜ୍ୟାବତୀ ହୋଇଥିବା ଦିଗରେ ଅଧିକ ଦୃଷ୍ଟି ଦିଆଯାଏ । ବିବାହ ପାଇଁ ମନୋନୟନ ସମୟରେ ମାମୁଁ ବଂଶ ଉପରେ ଗୁରୁତ୍ୱ ଆରୋପ କରାଯାଏ । ଅନେକ ସମୟରେ ବରର ଶାରୀରିକ ଆର୍ଥିକ କ୍ଷମତା ଓ ଭୂସମ୍ପତ୍ତି ଉପରେ ମନୋନୟନ ନିର୍ଭର କରେ ।

**ବର ଓ କନ୍ୟା ଦେଖା :** ଘଟକାଳି ମାଧ୍ୟମରେ ପ୍ରସ୍ତାବ ପଡ଼ିବା ଓ ମନୋନୟନ ପରେ କନ୍ୟା ପକ୍ଷରୁ ପ୍ରଥମେ ବର ଘରକୁ ଆସନ୍ତି । ଏହାକୁ ବରଦେଖା କହନ୍ତି । କନ୍ୟାଘରୁ ଅତି କମ୍‌ରେ ନଅଜଣ (କନ୍ୟାର ବାପା, ବାପାଙ୍କର ମାମୁଁ, କନ୍ୟାର ମାମୁଁ, କକା, ଅଜା ଓ ଗାଁର ଭଦ୍ରଲୋକ ଏଥିରେ ଅନ୍ତର୍ଭୁକ୍ତ) ଲୋକ ଘଟକାଳି ସହିତ ଆସନ୍ତି । ଏହା କୌଣସି ଶୁଭ ଦିନରେ ହୋଇଥାଏ । ଏମାନେ ବରଘରେ ପହଞ୍ଚି ଗୋଡ଼ ହାତ ଧୋଇ ପିଣ୍ଡାରେ ବସିବା ପରେ ପାନ, ବିଡ଼ି / ଦୁକ୍ତାଚୂନ ଦିଆଯାଏ । ପରେ ଚୂଡ଼ା, ଗୁଡ଼, ମୁଢି, ପ୍ରଭୃତି ଜଳଖିଆ ଖାଇବାକୁ ଦିଆଯାଏ । ଏହାପରେ ବରଦେଖା ହୁଏ । ବର ଦେଖି କଥା ବାର୍ତ୍ତା କରି ମନୋନୀତ ହେଲେ କନ୍ୟା ଘରକୁ ଝିଅ ଦେଖିବା ପାଇଁ ନିମନ୍ତ୍ରଣ ଦିଆଯାଏ । ବରଦେଖା ଦଳ ବରଘରେ ଅତିକମ୍‌ରେ ତିନିଥର ଖାଆନ୍ତି । କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ହୋଇଥାଏ ।

ଆନୁଷ୍ଠାନିକଭାବେ ନିମନ୍ତ୍ରଣ ଦେବାପରେ କନ୍ୟା ଦେଖିବା ପାଇଁ ବରଘରୁ ଅନ୍ତତଃ ପକ୍ଷେ ପାଞ୍ଚଜଣ ଯାଇଥାନ୍ତି । କନ୍ୟା ଦେଖିବା ପାଇଁ ଯାଉଥିବା ଦଳରେ ଝିଅ/ସ୍ତ୍ରୀ ଲୋକ ଦୁଇଜଣ ସହ ମୋଟ ପାଞ୍ଚଜଣ ଯାଇଥାନ୍ତି । ଝିଅ ଦେଖି ମନୋନୀତ ହେଲେ ପଣ କଥା ପଡ଼େ ଓ ଦିଆଯାଏ ।

**ସ୍ୱୀକୃତି :** ଝିଅ ମନୋନୀତ ହୋଇ ପଣ ବିଷୟରେ ନିଷ୍ପତ୍ତି ହେବାପରେ ବିବାହ ପାଇଁ ମତଦାନ / ସ୍ୱୀକୃତି ହୁଏ । ସେଦିନ କନ୍ୟାପିତା ନିଜ ଗ୍ରାମର ଭଦ୍ରଲୋକଙ୍କ ସହିତ ଘରର ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରିଥାନ୍ତି । ବରର ବାପା ପଣଟଙ୍କା ଦେବାପରେ ସମସ୍ତଙ୍କ ଉପସ୍ଥିତିରେ ଗଣାହୁଏ । ସାମ୍ପ୍ରତିକ କାଳରେ କାଗଜର ନୋଟ୍ ପ୍ରଚଳନ ହେତୁ କାଗଜ ନୋଟ୍ ସହିତ ଅନ୍ତତଃ ପକ୍ଷେ ଗୋଟିଏ ରୁପାର ଟଙ୍କା / ପ୍ରଚଳିତ ମୁଦ୍ରା ଦିଆଯାଏ । ଗୋବର ଲିପା ପରିଷ୍କାର ଭୂମି ଉପରେ କଂସା ଥାଳିଟିଏ ଥୁଆ ଯାଇଥାଏ । ଏହି ଥାଳିରେ ଟଙ୍କା ରଖି ଗଣାହୁଏ । ଟଙ୍କା ଗଣିଲା ବେଳେ ଶୁଭ ଶଂଖ ବାଜେ । ଏହି ସମୟରେ କନ୍ୟାର ସାଙ୍ଗ ମାନେ ଖାଲି ଥାଳି ଟଙ୍କା ନିଲି, ଦିଲି ମାଆ ପରେର ଘରେ ଗୀତଟି ଗାଆନ୍ତି । ସୁମଧୁର ସ୍ୱର ଲହର ମଧ୍ୟରେ ପରିବେଶ କରୁଣ ମଧୁର ଭାବ ବ୍ୟଞ୍ଜକ ହୋଇ ଉଠେ । ଏହି ଅନୁଷ୍ଠାନ ପରେ ସେହିଦିନ ବିବାହ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥାଏ ।

**ବିବାହ ନିମନ୍ତ୍ରଣ :** ବିବାହ ଉତ୍ସବ ନିମନ୍ତେ ଦିବସ ଧାର୍ଯ୍ୟ ହେବାପରେ ଏଥିପାଇଁ ପୁଅ/ଝିଅ ଘରେ ନିମନ୍ତ୍ରଣ ଓ ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ବନ୍ଧୁ ବାନ୍ଧବଙ୍କ ସହ ଗାଁର ମୁଖିଆ, କଟୁଆଳ, ଡାକୁଆ, ଦେହୁରୀ, ବାରିକ, ଧୋବା ପ୍ରଭୃତିଙ୍କୁ ଗୁଆ ଚଳାଇ ନିମନ୍ତ୍ରଣ କରାଯାଏ । ଗୋଟିଏ ହଳଦୀ ମଖା ଗୋଟା ଗୁଆ ନେଇ ବନ୍ଧୁଙ୍କ ଘରକୁ କେହିଜଣେ ଲୋକ ଯାଇଥାନ୍ତି । ବନ୍ଧୁଙ୍କ ଘରେ ପହଞ୍ଚିବା ପରେ ସମ୍ପୃକ୍ତ ଘରର ଲୋକେ ଗୋଡ଼ ଧୋଇବା ପାଇଁ ଲୋଟାରେ ଜଳ ଦେଲା ଉତ୍ତାରୁ ନିମନ୍ତ୍ରଣ ଦେବା ପାଇଁ ଯାଇଥିବା ବ୍ୟକ୍ତି ଜଣକ ନେଇଥିବା ଗୁଆଟିକୁ ସେହି ଜଳପୂର୍ଣ୍ଣ ଲୋଟାରେ ରଖନ୍ତି । ସେହି ଗୁଆଟିକୁ ପାଣିଦେଇଥିବା ସ୍ତ୍ରୀ ଲୋକ ଜଣକ ଉଠାଇ ନେଇ ବାହାଘର ବିଷୟ ଜାଣିବା ପରେ ଗୁଆଟିକୁ ପୁଣି ସେହି ବ୍ୟକ୍ତିଙ୍କୁ ଫେରାଇ ଦିଅନ୍ତି । ଏହିପରି ଭାବରେ ସବୁ ବନ୍ଧୁଙ୍କ ଘରେ ଗୁଆ ନିମନ୍ତ୍ରଣ କରିବା ବିଧି ପ୍ରଚଳିତ । ଯେଉଁ ବନ୍ଧୁଙ୍କୁ ଶେଷରେ ନିମନ୍ତ୍ରଣ ଦିଆଯାଏ, ସେଠାରୁ ଗୁଆ ଫେରେ ନାହିଁ । ଅନ୍ୟ କେତେକ ଲୋଧା ଗ୍ରାମରେ ମଧ୍ୟ ଅନ୍ୟ ପ୍ରକାର ରୀତି ପ୍ରଚଳିତ । କେଉଁଠି ଦଶଗୋଟି ଗୁଆ ଦେଇ ନିମନ୍ତ୍ରଣ କରିବା ବିଧି ପ୍ରଚଳିତ । ସେ ସ୍ଥାନରେ ନିମନ୍ତ୍ରଣ ପାଇଁ ଦେଇଥିବା ଗୁଆ ଫେରି ନଥାଏ ।

ବିବାହ ପାଇଁ ବରଘର ମଉଡ଼, ସିନ୍ଦୁର, ନୂଆଲୁଗା, କତୁରୀ, ବାଜା, ବାଣ ଓ ଶଗଡ଼ ପ୍ରଭୃତି

ବ୍ୟବସ୍ଥା କରନ୍ତି । ସାମ୍ପ୍ରତିକ କାଳରେ ଅନେକ ସ୍ଥାନରେ ଟ୍ରଲିରିକ୍ସା, ଟ୍ରେକର ସହିତ ମାଇକ୍‌ର ବ୍ୟବସ୍ଥା ହେଉଥିବାର ପରିଲକ୍ଷିତ ହୁଏ ।

**ନଗ / ଲଗ୍ନ ହାଣ୍ଡି :** ବିବାହ ଦିବସରେ ଧୋବା ଓ ବାରିକ ଆସନ୍ତି । ଧୋବା ଲୁଗାପଟା ସଫା କରନ୍ତି । ବାରିକ ପରିବାରର ସମସ୍ତଙ୍କର ଚୁଟି ଦାଢି ଓ ନଖ କାଟନ୍ତି । ସଧବା ସ୍ତ୍ରୀ ଲୋକେ ପଡ଼ିଶା ଘରୁ ଶୁଭ ଘଟରେ କୋଇଲି ପାଣି ସଂଗ୍ରହ କରି ଆଣନ୍ତି । ଏହାପରେ ବର ଘରର ଲୋକେ ବରକୁ ଗାଧୋଇବା ପାଇଁ ନଈ ବନ୍ଧକୁ ନେଇ ଯାଆନ୍ତି । ଗାଧୋଇ ସାରି ବର ନାଲି ଧଡ଼ିର ଧଳା ଧୋତି ପିନ୍ଧେ । ଗାଧୋଇସାରି ବର ଘରକୁ ଫେରିବା ପରେ ଘରେ ନୂଆ ହାଣ୍ଡି ବସେ । ଏହା ନଗ / ଲଗ୍ନ ହାଣ୍ଡି । ଏହି ହାଣ୍ଡି ପାଖରେ ବସୁମାତା ଓ ଧରମ ଦେବତାଙ୍କ ଉଦ୍ଦେଶ୍ୟରେ 'ସିନ୍ଦୁର ଗଡ଼ା' ହୁଏ । ଏହାପରେ ବଡ଼ାମ / ଗରାମ ଥାନକୁ ବରକୁ ନିଆଯାଏ । ସାଥିରେ ନୂଆ ଲୁଗା, ପଥରଗୁଣ୍ଡ, କତୁରୀ, ସିନ୍ଦୁର, ଗୋଡ଼ (ମଦ୍ୟେ) ପ୍ରଭୃତି ଦ୍ରବ୍ୟ ସବୁ ନିଆଯାଏ । ସେଠାରେ ପୂଜା ସାରି ବର ଫେରିଲେ ନୂଆ ହାଣ୍ଡିଟିକୁ ନୂଆକୁଲା ଉପରେ ରଖାହୁଏ । ହାଣ୍ଡି ଉଠିଲାପରେ ହଳଦୀ ବଟା ପାଣିରେ ହଳଦୀ ଲଗାଇ ବରକୁ ଗାଧୋଇ ଦିଅନ୍ତି । ହଳଦୀ ଲଗାଇବା ବେଳେ ଗୀତଟିଏ ବୋଲାଯାଏ । ଗୀତଟି ହେଲା -

"ବାର ବାର ମଙ୍ଗଳବାର ଗୋ
କା'ର ଘରେ ବସେ ନୂଆ ହାଣ୍ଡି ଗୋ
ନୂଆ ହାଣ୍ଡିର ବାସେ ଲିଦେ ଉମରାୟ ଗୋ ।"

ଇତ୍ୟବସରରେ କଟୁଆଳ ଗୋଟିଏ ନୂଆ ଗୁଆ କଣା କରି ଆମ୍ବ ପତ୍ର ଦେଇ ବରର ଡାହାଣ ହାତରେ ନୂଆ ସୂତାରେ ବାନ୍ଧି ଦିଅନ୍ତି ।

ଗୀତ ଗାଇ ସାରିବା ପରେ ପୂର୍ବ ପଶ୍ଚିମ ଦିଗରେ ସିନ୍ଦୂର ଦିଆଯାଏ । ଏହାପରେ ଘର ଲୋକେ ଗୀତ ଗାଇ ବରକୁ ଗାଳି ଦିଅନ୍ତି । ବାରିକ ଅଳତା ପିନ୍ଧାଏ । ଗୀତରେ ବାରିକକୁ ବର ନଖ କାଟିବା ସହ ଅଳତା ପିନ୍ଧାଇବାରେ ସାବଧାନ ହେବାକୁ ନିର୍ଦ୍ଦେଶ ଥାଏ । ଏହାପରେ ବିବାହ ସକାଶେ ଯିବା ପାଇଁ ବର ଘରୁ ବାହାରେ ଓ ବଳଦ ଗାଡ଼ି / ଟ୍ରଲି / ଟ୍ରେକରରେ ବସେ । ବର ସହିତ ଆଣ,ବୁଢ଼ୀ, ଭିଣୋଇ, କଟୁଆଳ ପ୍ରଭୃତି ଗାଡ଼ିରେ ବସନ୍ତି ଓ ଯାତ୍ରା ଆରମ୍ଭ ହୁଏ । ଘରେ କିମ୍ବା ରାସ୍ତାରେ ଯିବା ବେଳେ ପୂର୍ବ ନିର୍ଦ୍ଦିଷ୍ଟ ଆମ୍ବ ଗଛ ସହ ବରର ବିବାହ ସମ୍ପନ୍ନ ହୁଏ ।

ବରର ବାପା ସାଧାରଣତଃ ଚାଲି ଚାଲି ନଗହାଣ୍ଡି ହାତରେ ଧରି ଯାଆନ୍ତି । ଘରୁ ବାହାରିବା ବେଳେ ବରରବାପା ଏକା ସାଥିରେ ବାହାରନ୍ତି କିନ୍ତୁ କନ୍ୟାଘରେ ବରପହଞ୍ଚିବା ପୂର୍ବରୁ ପହଞ୍ଚିଥାନ୍ତି ।

ନଗ ହାଣ୍ଡିରେ କନ୍ୟା ନିମନ୍ତେ ମଥା ବନ୍ଧା ଫିତା, ପିତଳ, କତୁରୀ, ଗୋଟିଏ କାଠ ପାନିଆ, କାଠର ମାଳ ଗୋଟିଏ, ଦନାରେ ହଳଦୀ ସାଚଖଣ୍ଡ, ଦନେ ମିଠାଇ, ଚୂନା ଅଧାକିଲୋ, ନାଲି/କଳା ଅଣ୍ଟା ଦଉଡ଼ି ଖଣ୍ଡିଏ, ମାଆ ଶାଢୀ, ମାମୁଁ ଧୋତି, ଶଳା ପିନ୍ଧା, ଆଣବୁଢୀ ଥିଲେ ଶାଢୀ / ଧୋତି ରଖାଯାଏ । ହାଣ୍ଡିର ମୁହଁ ଶୁଖିଲା ଶାଳପତ୍ର ଦେଇ ବୋଦେଇ ଦଉଡ଼ିରେ ବନ୍ଧାହୁଏ ।

ବର ବାପା ନଗହାଣ୍ଡି ଧରି କନ୍ୟାଘରେ ପହଞ୍ଚିଲା ପରେ କନ୍ୟାଘରେ ଶୁଭଶଙ୍ଖ ବାଜେ । କନ୍ୟାପିତା ଆଗେଇ ଆସି ବର ପିତାଙ୍କ ହାତରୁ ନଗହାଣ୍ଡି ନିଅନ୍ତି । ବାହାରେ ଛାମୁଣ୍ଡିଆ ବନ୍ଧା ହୋଇଥାଏ । ତା'ତଳେ ହାଣ୍ଡି ରଖାଯାଏ । ବରର ବାପା ହାତଗୋଡ଼ ଧୋଇ ବସନ୍ତି । ଗାଁର ଲୋକେ ପହଞ୍ଚିଲେ ହାଣ୍ଡି ଖୋଲି ସାମଗ୍ରୀ ସବୁକୁ ଦେଖାଯିବା ବିଧି ।

**ବରଯାତ୍ରୀ ଦଳ ସହିତ କଳି (ଗୀତ ଯୁଦ୍ଧ) :** ବରଯାତ୍ରୀ ଦଳରେ ବର ଘର / ବଂଶ / ଗୋଷ୍ଠୀର ବୋହୂ, ଝିଅ, ବନ୍ଧୁ, ବାନ୍ଧବ, ସାଙ୍ଗସାଥି ମିଶି ପଚାଶ

/ ଷାଠିଏ ଜଣ ଯାଇଥାନ୍ତି । (ଆଗରୁ ସମସ୍ତେ ୨/୩ଟି ଶଗଡ଼ରେ ବସି ଯାଉଥିଲେ) ବରଯାତ୍ରୀ ଦଳ କନ୍ୟା ଗାଁରେ ପହଞ୍ଚିଲା ବେଳକୁ ଗାଁ ମୁଣ୍ଡରେ ସେହି ଗାଁର ଝିଅ, ବୋହୂ, ଆଇବୁଢ଼ୀ ସମସ୍ତେ ମିଶି ଗୀତଗାଇ ବରଯାତ୍ରୀ ଦଳକୁ ଗାଳି କରନ୍ତି । ବରଯାତ୍ରୀ ଦଳରେ ଥିବା ଝିଅ / ସ୍ତ୍ରୀ ଲୋକେ ଗୀତରେ ଏହାର ଉତର ଦିଅନ୍ତି । ଏହି ଗୀତ ଯୁଦ୍ଧ ବେଶ୍ କିଛି ସମୟ ଧରି ଚାଲେ । ଅନ୍ତିମ ପର୍ଯ୍ୟାୟରେ ସାଧାରଣତଃ ବରପକ୍ଷର ବିଜୟ ହୁଏ । ବରଯାତ୍ରୀଦଳ ବିଜୟ ଉଲ୍ଲାସରେ ନିମ୍ନ ଲିଖିତ ଗୀତଟି ଗାଇ ଥାଆନ୍ତି ।

"ଆଗୋ କନିଆର ମାଆ, ସୁଧା ଘରନିଏ
ବର ବେଟୀକେ ନିଏଯାବ ଚଡ଼ଚଡ଼ି ବାଜିଏଁ"
କନ୍ୟାପକ୍ଷ ପରାଜୟ ସ୍ୱୀକାର କରି ଗୀତରେ ଗାଆନ୍ତି
"ଥାଲି ଥାଲି ଟାକା ନିଲି ଦିଲି ପରେର ଘରେ ।"

ଏହାପରେ ସମସ୍ତେ ମିଶି ବରକୁ କନ୍ୟାଘରକୁ ନିଅନ୍ତି । ବର ଶଗଡ଼ରୁ ଓହ୍ଲାଇ ନିର୍ଦ୍ଦିଷ୍ଟ ସ୍ଥାନରେ ବିଛା ହୋଇଥିବା ନୂଆ ପାଲ ପଟିଆରେ ବସେ । ବର ସହିତ ବରର ଭିଣୋଇ ଓ କଟୁଆଳ / କଟାଳ ବସନ୍ତି । ଏହି ସମୟ ଭିତରେ କନ୍ୟାକୁ ମହୁଲ ଗଛ ସହିତ ବିବାହ ଦେବାର ଆୟୋଜନ କରାଯାଏ । ବର ଘରର ସ୍ତ୍ରୀଲୋକେ କନ୍ୟାକୁ ହଳଦୀ ଲଗାଇ ଦିଅନ୍ତି । ହଳଦୀ ମଖାଇ ନୂଆଲୁଗା, ଅଳଙ୍କାର ପିନ୍ଧାଇ ମହୁଲ ଗଛ ସହିତ ବିବାହ ପାଇଁ ନେଇ ଯାଆନ୍ତି । ବରର ଆମ୍ବଗଛ ସହିତ ଯେପରି ବିବାହ ହୋଇଥାଏ, କନ୍ୟାର ମହୁଲ ଗଛ ସହିତ ସେହିପରି ବିବାହ ଅନୁଷ୍ଠିତ ହୁଏ । ବରର ଡାହାଣ ହାତ ପାପୁଲି ଗଛର ଗଣ୍ଡିସହିତ ବନ୍ଧା ହେଉଥିବା ବେଳେ କନ୍ୟାର ବାମହାତ ପାପୁଲି ବନ୍ଧାଯାଏ । ହଳଦୀ ମଖା ନୂଆ ସୂତାରେ ଗଛର ଗଣ୍ଡି ସହିତ ବର / କନ୍ୟାର ପାପୁଲିକୁ ବନ୍ଧାହୁଏ । ଗଛର ଗଣ୍ଡି ଉପରେ ତିନିଗୋଟିପା ସିନ୍ଦୁର ଲଗାଯାଏ । ବର ଓ କନ୍ୟା ବିବାହ କରିଥିବା ଗଛର ଫଳ ଖାଇବା କିମ୍ବା ଗଛକୁ ଚଢିବା ସହିତ ଡାଳପତ୍ର ଭାଙ୍ଗିବା ନିଷେଧ । ଏହା ସ୍ୱାମୀ ସ୍ତ୍ରୀ ଦୁହିଁଙ୍କର ବୈବାହିକ ଜୀବନର ସୁରକ୍ଷାକାରୀ 'ଜୀବନାଟି' ରୂପେ ପରିଗଣିତ ହେଉଥିବାର କେହି କେହି କହନ୍ତି । କନ୍ୟାକୁ ମହୁଲ ଗଛ ସହିତ ବିବାହ ପାଇଁ ନେଇଯିବା ପୂର୍ବରୁ କନ୍ୟାର ମାଆ ବରକୁ ଆଣି ଛାମୁଣ୍ଡିଆ ତଳେ ବସାଇ ଦିଅନ୍ତି । ବର ସହିତ ବରର ଭିଣୋଇ ଓ କଟାଳ ବସନ୍ତି ।

ମହୁଲ ଗଛ ସହିତ କନ୍ୟାର ବିବାହ ଶେଷରେ ଘରକୁ ଫେରେ ଓ ଛାମୁଣ୍ଡିଆ ତଳେ 'ଗୋତ୍ରାକାଟ' ଅନୁଷ୍ଠାନ ହୁଏ । ଏହା କନ୍ୟାପକ୍ଷର କଟାଳ କରନ୍ତି ।

**ବିବାହ :** ବେଦୀ ପାଖରେ ପୂର୍ବରୁ ଛିଡ଼ା ହୋଇଥିବା ବର ସମ୍ମୁଖରେ କନ୍ୟାଆସି ଠିଆ ହୁଏ । ବରକୁ କନ୍ୟାର ଭାଇ କିମ୍ବା ବରର ଭିଣୋଇ କାନ୍ଧେଇ ଆଣି ବେଦୀ ପାଖରେ ଠିଆକରନ୍ତି । ବର ଓ କନ୍ୟା ପରସ୍ପରକୁ ଦେଖି ନପାରିବା ପାଇଁ ନୂଆ ଲୁଗା କିମ୍ବା ଛତା ଦେଇ ପରସ୍ପରକୁ ଢଙ୍କେଇ ଦିଅନ୍ତି । ଏପରି ବ୍ୟବସ୍ଥାରେ ବର ଓ କନ୍ୟା ଉଭୟେ ବେଦୀ ଚାରିପଟେ ପରସ୍ପର ବିପରୀତ ମୁଖୀ ହୋଇ ସାତଥର ଘୂରନ୍ତି । ପ୍ରାର୍ଥନା ଶେଷରେ ଧାନ ଓ ଅରୁଆ ଚାଉଳ ବରକନ୍ୟା ଉପରକୁ ଫିଙ୍ଗନ୍ତି । ଏହାପରେ ବର ଓ କନ୍ୟା ବେଦୀର ଦୁଇ ପାଖରେ ବସନ୍ତି । କଟାଳ ବର ହାତକୁ ଘଟ ଉପରେ ରଖି କନ୍ୟାର ହାତକୁ ଆଣି ବରର ହାତ ସହିତ ନୂଆ ହଳଦୀ ମଖାସୂତାରେ ବାନ୍ଧି ଦିଅନ୍ତି । ବରର ପଗଡ଼ି ସହିତ କନ୍ୟାର ପିନ୍ଧା ଶାଢୀକୁ ଗଣ୍ଠେଇ ଦିଅନ୍ତି । ଦୁହିଁଙ୍କ ଚାରିପଟେ ପୂର୍ବରୁ ଘେରା ହୋଇଥିବା ପରଦା / ଛତା ଅପସାରଣ କରାଯାଏ । କଟାଳ କନ୍ୟାକୁ ଆଣି ବରର ବାମ ଦିଗରେ ବସାଇ ଦିଅନ୍ତି । ଥାଳିରେ

ଦୁବ, ଧଳାଧାନ, ସିନ୍ଦୁର ପ୍ରଭୃତି ଥାଏ । ବରକନ୍ୟାଙ୍କୁ ବନ୍ଦାପନା କରାଯାଏ । କଟାଳ ବରକୁ କନ୍ୟାର ମଥାରେ ସିନ୍ଦୁର ଲଗାଇ ଦେବାକୁ କହନ୍ତି । କଟାଳଙ୍କ ନିର୍ଦ୍ଦେଶ ମତେ ବର ନିଜ ହାତରେ ଧରିଥିବା ଗୁଆକାତି ସାହାର୍ଯ୍ୟରେ କନ୍ୟାର କପାଳ ଓ ସୁନ୍ଥାରେ ତିନିଥର ସିନ୍ଦୁର ଲଗାନ୍ତି । ବିବାହ ଅନୁଷ୍ଠାନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବର ଗୁଆକାତି ଓ କନ୍ୟା କଜ୍ଜଳପାତି ଧାରଣ କରିବା ବିଧି । ସିନ୍ଦୂର ପିନ୍ଧାଇ ସାରିବା ପରେ ଦୁଇଟି ମଥାରେ ବନ୍ଧାଯାଏ । ବିବାହ ଅନୁଷ୍ଠାନ ଶେଷରେ ବର ଓ କନ୍ୟା ଦୁହିଁଙ୍କୁ ଗ୍ରାମର ବଡାମ ଓ ଶୀତଳା ଥାନକୁ ନେଇ ଯାଆନ୍ତି । ସେଠାରେ ଦେବାଦେବୀଙ୍କର ଦର୍ଶନ ଶେଷରେ ଘରକୁ ଫେରିଲାପରେ କନ୍ୟାର ମାଆ ବର ଓ କନ୍ୟାଙ୍କୁ ଘର ଭିତରକୁ ନେଇଯାଇ ଚୂଡ଼ା ଓ ଗୁଡ଼ ଖାଇବାକୁ ଦିଅନ୍ତି । ଖାଇବା ପୂର୍ବରୁ ବର କନ୍ୟା ପକ୍ଷରୁ ଦିଆ ଯାଉଥିବା ଉପହାର / ଯୌତୁକ ସାମଗ୍ରୀ ଦେଖନ୍ତି । ବର ଖାଇ ସାରିଲେ ସେହି ଥାଳିରେ ଥିବା ଅବଶିଷ୍ଟ ଖାଦ୍ୟ କନ୍ୟା ଖାଇଥାନ୍ତି । ଅନ୍ୟମାନେ ସମସ୍ତେ ଭୋଜିଭାତ ଖାଇ ସକାଳେ ବରକନ୍ୟା ସହ ବରଯାତ୍ରୀ ଦଳ ନିଜଗାଁକୁ ଫେରନ୍ତି ।

ଶଳାବିଧା : ବିବାହ ବେଳେ କନ୍ୟାର ଭାଇ ବରର ପିଠିରେ ବିଧା ମାରିବା ବିଧି । ହାତରେ ନମାରି ଲଡୁ / ମିଠାଇ / ଆଳୁ / ବାଇଗଣ ପ୍ରଭୃତି ବରପିଠିକୁ ଲକ୍ଷ୍ୟ କରି ଫିଙ୍ଗିଥାଏ । କେହି କେହି ଛୋଟ ଛୋଟ ପଥରଖଣ୍ଡ, ଗୋଡ଼ି ମଧ୍ୟ ମାରନ୍ତି । ନୂଆ ଭିଣୋଇ ଏଥିପାଇଁ କିଛି ଟଙ୍କା କିମ୍ବା କିଛି ମିଠାଇ ଦେଇ ଦେଲେ ଏହି ବିଧା ବର୍ଷଣ ବନ୍ଦ ହୁଏ ।

ବାସି ବିଭା : ବିବାହ ଶେଷରେ ବରକନ୍ୟା କନ୍ୟାଘରୁ ବିଦାୟ ନିଅନ୍ତି । ଏମାନଙ୍କୁ ଧରି ବରଯାତ୍ରୀ ଦଳ ନିଜ ଗ୍ରାମକୁ ଫେରନ୍ତି । ବର ଘର ବାହାରେ ଛାମୁଡ଼ିଆ ତଳେ ନିର୍ମିତ ବେଦୀ ଉପରେ ବରକନ୍ୟା ବସନ୍ତି । ବରର ମାଆ କଂସା ଥାଳିରେ ଅରୁଆ ଧାନ, ଅରୁଆ ଚାଉଳ, ଧୂପ, ଦୀପ, ଦୁବ, ସିନ୍ଦୂର, ହଳଦୀ ପ୍ରଭୃତି ନେଇ ପୁଅ ବୋହୂଙ୍କୁ ବନ୍ଦାପନା କରନ୍ତି । ସେଠି ପୁଅ ବୋହୂ ହାତରେ ଲୁହା କତୁରୀ ଓ ମଥାରେ ତିନିଥର ସିନ୍ଦୂର ପିନ୍ଧେଇ ଦିଅନ୍ତି । ଏହାପରେ ବରର ମାଆ ପୁଅ ବୋହୂଙ୍କୁ ଘର ଭିତରକୁ ନିଅନ୍ତି ।

ନଣନ୍ଦପେଡ଼ି : ବରକନ୍ୟା ଘରକୁ ପଶିବା ବେଳେ ବରର ଭଉଣୀ ଓ ତାର ସାଙ୍ଗସାଥୀମାନେ ଦୁଆର ମୁହଁରେ ବସି ରାସ୍ତା ବନ୍ଦ କରି ଦିଅନ୍ତି । କନ୍ୟା ବାପଘରୁ ଆଣିଥିବା ନଣନ୍ଦ ପେଡ଼ି କିମ୍ବା କିଛି ଟଙ୍କା ନେବାପରେ ଯାଇ ବାଟ ଛାଡ଼ନ୍ତି ।

ଲୁକ୍ ଲୁକାଣି ଖେଳ : ଗାଧୁଆ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ନେଇଯାଇ ଶିଳ ଉପରେ ଠିଆ କରେଇ ବରକନ୍ୟାଙ୍କୁ ଗାଧୋଇ ଦିଅନ୍ତି । ଗାଧୋଇବାକୁ ଯିବାବେଳେ ବରକନ୍ୟା ଦାନ୍ତ ଘଷନ୍ତି । ଆଗରେ କନ୍ୟା ପଛରେ ବର । ବିବାହ ପାଇଁ ଅନୁକୂଳ କରି ବାହାରି ଯିବା ସମୟରେ ଯେଉଁ ନୂଆଘଟ (ଶୁଭଘଟ)ରେ ପାଣି ଭର୍ତ୍ତି କରି ବସା ଯାଇଥାଏ, ସେହି ଘଟର ଜଳ ଆଣି ବରକନ୍ୟା ଦୁହିଁଙ୍କ ମଥାରେ ଢାଳି ଗାଧୁଆ ଆରମ୍ଭ କରାଯାଏ । ଶୁଭଘଟ ଉପରେ ଧନୁଶର ରଖା ଯାଇଥାଏ । ବରର ଗୁଆକାତି ଓ କନ୍ୟାଧରିଥିବା କଜ୍ଜଳପାତି ଗାଧୋଇଥିବା ଶିଳତଳେ ଗାତଖୋଳି ପୋତି ସାତଥର ଖୋଜାଖୋଜି କରି ପାଆନ୍ତି । ଏହା 'ଲୁକ୍ ଲୁକାଣି ଖେଳ' ନାମରେ କଥିତ । ବର କଜ୍ଜଳପାତି ପାଇ ସାତଥର ବୋହୂମଥାରେ ଟିକା ଦିଏ । କନ୍ୟା ମଧ୍ୟ ବର ମଥାରେ ଗୁଆକାତିରେ ସାତଥର ତିଳକ ଦିଏ । ଏହାପରେ ସେମାନେ ତେଲ ହଳଦୀ ଲଗାନ୍ତି । ଏହାପରେ ଉଭୟଙ୍କ ହାତରେ

ବନ୍ଧାଥିବା ବିଧ୍ (ମଙ୍ଗଳସୂତ୍ର) ଖୋଲି ଦିଆଯାଏ । ଶେଷରେ ପରିବାରର ସମସ୍ତେ ଗାଁପାଖରେ ଥିବା ନଦୀ କିମ୍ବା ବନ୍ଧକୁ ବରକନ୍ୟାଙ୍କୁ ନେଇ ଗାଧୋଇ ଯାଆନ୍ତି । ଗାଧୋଇ ଯିବାବେଳେ କନ୍ୟା ଲୋଟା ଓ ବର ଧନୁଶର ବାଉଁଶ ସାଙ୍ଗରେ ନେଇ ଯାଆନ୍ତି । ଗାଧୁଆ ସାରି ଫେରିବା ବେଳେ କନିଆଁ ଲୋଟାରେ ପାଣି ଆଣେ । ବର ସାଥିରେ ନେଇଥିବା ଖଲିପତ୍ରରେ ଧନୁଶର ବିନ୍ଧେ । ଖଲିରେ ଧନୁବିନ୍ଧା ଅବସ୍ଥାରେ କନ୍ୟା ଧନୁଶର ବିଦ୍ଧ ଖଲି ବୋହି ଆଣେ । ଘରକୁଫେରି ଧନୁଶର ଖଲି । ମୁଡ଼ିଆ ଉପରେ ରଖନ୍ତି । ସେଦୁହେଁ ସେହିପରି ଓଦା ଲୁଗାରେ ବେଦୀରେ ବସନ୍ତି । ବରର ମାଆ ଓ ଭଉଣୀ ଆସି ବରକନ୍ୟାଙ୍କୁ ବନ୍ଦାପନା କରନ୍ତି । ବନ୍ଦାପନା ଶେଷରେ ପୁଅବୋହୂଙ୍କୁ ଘରକୁ ନିଅନ୍ତି । ସେଠାରେ ଗାଁ, ସାଇ ପଡ଼ିଶା, ବନ୍ଧୁ ବାନ୍ଧବମାନେ ଆସି ମୁହଁଚାହିଁ ଦେଇ ନୂଆ ବୋହୂ ମୁହଁ ଦେଖନ୍ତି ।

ବାହାଫେରା : ବାହାଘରର ନଅ ଦିନରେ କନ୍ୟା (ବୋହୂ)ର ବାପା, ଭାଇ, କକା କିମ୍ବା ମାଆ ଯେକେହି ଆସି ଝିଅ ଜ୍ୱାଇଁଙ୍କୁ ଫେରେଇ ନେଇ ଯାଆନ୍ତି । ଜୋଇଁ ଶ୍ୱଶୁର ଘରେ ଅଢେଇ ଦିନ ରହି ନିଜ ଘରକୁ ଫେରିବା ବିଧି । ଦୂରବାଟ ହୋଇଥିଲେ ଅଢେଇ ଦିନ ପରେ ଝିଅ ଜ୍ୱାଇଁଙ୍କୁ କିଛିଦୂର ବାଟେଇ ଦେଇ ପୁଣି ଫେରାଇ ନେଇ ଯାଆନ୍ତି । ଝିଅ ଜ୍ୱାଇଁ ଫେରିବା ବେଳେ ସେମାନଙ୍କୁ ଛାଡ଼ିବାକୁ ଆସିଥିବା ସମ୍ପର୍କୀୟ ସେହିପରି ଜ୍ୱାଇଁ ଘରେ ଅଢେଇ ଦିନ ରହିବା ବିଧି । ଏଥିରେ ବ୍ୟତିକ୍ରମ ମଧ୍ୟ ହୁଏ । କେହି କେହି ଗୋଟିଏ ଦିନ ରହି ପରଦିନ ନିଜ ଘରକୁ ଚାଲି ଯାଆନ୍ତି ।

ଏହିପରି ଭାବରେ ପାରମ୍ପରିକ ରୀତିରେ ଭୋଜିଭାତ ସହ ଲୋଧା ସମାଜରେ ବିବାହ ଉତ୍ସବ ସମ୍ପନ୍ନ ହୁଏ । ମାଂସ ପ୍ରିୟ ଲୋଧା ସାମାଜିକ ଉତ୍ସବ ମୁଖର ଦିବସ ଗୁଡ଼ିକ ସପରିବାର ବନ୍ଧୁ ବାନ୍ଧବ ସାଇପଡ଼ିଶା ସମସ୍ତଙ୍କୁ ଉତ୍ତମଭୋଜନ ସାଙ୍ଗକୁ ଆକଣ୍ଠ ପାନୀୟରେ ଆପ୍ୟାୟିତ କରିଥାନ୍ତି ।

◆◆◆

ପଞ୍ଚାୟତ ସମିତି କଲେଜ - ଧର୍ମପୁର
ମୁ / ପୋ : ମହାବିଲା
ଭାୟା - ଶୁଳିଆପଦା
ଜି : ମୟୂରଭଞ୍ଜ - ୭୫୭୦୨୨

# ସିନ୍ଦୁରୀ ମେୟାଁ ବାବୁ ସିନ୍ଦୁରୀ ମେ...

ଡ଼ଃ ଲତା ଭୋଳ

କ୍ରମ ବର୍ଦ୍ଧିଷ୍ଣୁ ମଣିଷ ସମାଜରେ ବିବାହ ଏକ ସାମାଜିକ ପ୍ରକ୍ରିୟା । ଯେବେଠାରୁ ମଣିଷ ଯାଯାବରୀୟ ଜୀବନ ପରିତ୍ୟାଗ କରି ସମାଜ ଗଠନର ପରିକଳ୍ପନା କଲା, ସେତେବେଳେ ହୁଏତ ସାମାଜିକ ଜୀବନକୁ ଶୃଙ୍ଖଳିତ ରଖିବା ପାଇଁ ପୁରୁଷ-ସ୍ତ୍ରୀଙ୍କ ମଧ୍ୟରେ ଅବାଧ ଯୌନ ସମ୍ପର୍କ ପରିତ୍ୟେଜ୍ୟ ହୋଇ ପବିତ୍ର ବିବାହ ବିଧି ବ୍ୟବସ୍ଥା ପ୍ରଚଳିତ ହେଲା । ଫଳତଃ ସାମାଜିକ ସ୍ୱୀକୃତି ସହ ପୁରୁଷ-ସ୍ତ୍ରୀ ସଂସାରୀକ ବନ୍ଧନରେ ଆବଦ୍ଧ ହୋଇ ପରିବାର ଗଠନ ପୂର୍ବକ ମଣିଷ ବଂଶ ବୃଦ୍ଧିରେ ସହାୟକ ହେଲେ ।

ଅନୁରୂପଭାବେ ହୋ/କୋହ୍ଲ ସମ୍ପ୍ରଦାୟରେ ବିବାହ (ଆଁନ୍ଦି) ଏକ ସାମାଜିକ ପରମ୍ପରା/ପ୍ରକ୍ରିୟା କୋହ୍ଲ ଲୋକକଥା କହେ ଯେ ସର୍ବଶକ୍ତିମାନ ଈଶ୍ୱର (ଓ୍ୱାରାଂଦାଲେ)ଙ୍କ ଇଙ୍ଗିତ/ନିର୍ଦ୍ଦେଶରେ ତାଙ୍କର ଦୂତ ଗୁଇ, ସୁମି, ମୁଗୁଲୁ, ବୁଦୁ, ଗୁରା, ଶୁକ୍ରା ଓ ଶୁନିଙ୍କ ଦ୍ୱାରା ପୃଥିବୀ, ପାହାଡ଼, ପର୍ବତ, ଗଛଲତା ଏବଂ ଯାବତୀୟ ଜୀବଜନ୍ତୁ ଉତ୍ପତ୍ତି ହୋଇଥିବା ବେଳେ ଦେଶାଉଲି, ପାଉଁଇ, ଗଅବଙ୍ଗା ଓ ଜାୟାରା ଆଦି ଦେବାଦେବୀ ସୃଷ୍ଟିର ପ୍ରଥମ ପୁରୁଷ ଲୁକୁକଲା (ଆଦିପୁରୁଷ)କୁ ସର୍ଜନା କଲେ । କିନ୍ତୁ କେବଳ ପୁରୁଷ ଦ୍ୱାରା ମଣିଷ ବଂଶ ବୃଦ୍ଧି ସମ୍ଭବ ନହେବାରୁ ଲୁକୁକଲା ଜନ୍ମର ୧୨ ବର୍ଷ ପରେ ଈଶ୍ୱର ଆଦିନାରୀ ଲୁକୁକୁଳିଙ୍କୁ ଜନ୍ମ ଦେଇଥିଲେ । ପୁଣି ଆଦିପୁରୁଷ ଲୁକୁକଲା ଓ ଆଦିନାରୀ ଲୁକୁକୁଳିଙ୍କ ମଧ୍ୟରେ ଯୌନ ଚେତନା ସୃଷ୍ଟି କରିବା ପାଇଁ ଈଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଦେବାଦେବୀଙ୍କର ଧର୍ମଭିତ୍ତିକ ପ୍ରଚେଷ୍ଟାରୁ ମଣିଷ ବଂଶ ବିସ୍ତାରିତ ହେଲା । କିନ୍ତୁ ସମୟାନୁକ୍ରମେ କୋଲ୍ / କୋହ୍ଲ ସମ୍ପ୍ରଦାୟର ଉତ୍ପତ୍ତି ହେବା ଫଳରେ ପୁରୁଷ - ସ୍ତ୍ରୀଙ୍କର ଈଶ୍ୱରକୃତ ବା ପ୍ରାକୃତିକ ମିଳନ ପ୍ରକ୍ରିୟା ପ୍ରତିହତ / ପ୍ରତ୍ୟାଖାତ ହୋଇ ସମାଜ, ବସତି, ବାସଗୃହ ଓ ସାମାଜିକ ବିଧିବ୍ୟବସ୍ଥା ସହିତ ବିବାହ ପ୍ରଥା ପ୍ରଚଳନ କରାଯାଇ ପୁରୁଷ - ସ୍ତ୍ରୀଙ୍କର ଯୌନ ଚେତନାକୁ ଶୃଙ୍ଖଳିତ ଭାବରେ ସାମାଜିକ ଜୀବନଧାରାରେ ଅଙ୍ଗୀଭୂତ କରିଦିଆଗଲା ।

କୋହ୍ଲ ସମାଜରେ ସମ୍ଭବତଃ ଆଜକୁ ପ୍ରାୟ ୫୦୦୦ ବର୍ଷ ପୂର୍ବେ ସ୍ୱତନ୍ତ୍ର ବିବାହ ବ୍ୟବସ୍ଥା ପ୍ରଚଳିତ ହୋଇଥିବା ଅନୁମେୟ । କାରଣ ତତ୍‌କାଳୀନ ଜାମୁଡିପେ (ଜମ୍ବୁଦ୍ୱୀପ)ରେ କୋଲ୍ / କୋହ୍ଲ ସଭ୍ୟତା ବିଦ୍ୟମାନ ଥିବା କାଳରେ ପ୍ରଥମ ଆନୁଷ୍ଠାନିକ ବିବାହୋତ୍ସବ ଅନୁଷ୍ଠିତ ହୋଇଥିବାର କୋହ୍ଲ-ବିବାହ ଶ୍ଳୋକ ଇଙ୍ଗିତ ଦିଏ ।

କୋହ୍ଲ ସମ୍ପ୍ରଦାୟର କିମ୍ବଦନ୍ତୀଭିତ୍ତିକ ଇତିହାସ କହେ ଯେ ଜମ୍ବୁଦ୍ୱୀପରେ ଟୁଆର କଲା/କାସାର କଲା ଧର୍ମ ସଂସ୍ଥାପନ ପାଇଁ ଈଶ୍ୱର (ସିଂବଙ୍ଗା)ଙ୍କ ଅବତାର ଭାବରେ ଜନ୍ମଗ୍ରହଣ କରିଥିଲେ । ସେ ଦୁନୁହାଲାମ୍ ଓ ଦୁନୁକୁଳିଙ୍କ କୋଳରେ ପୋଷ୍ୟପୁତ୍ର ରୂପେ ପ୍ରତିପାଳିତ ହୋଇ ଯେଉଁ ଲୀଳା ପ୍ରକଟ କରିଥିଲେ ତାହା କୋହ୍ଲ ସମାଜର ଦେଓ୍ୱାଁ (ଯାଦୁଧର୍ମୀୟ କର୍ମକର୍ତ୍ତା) ବା ଏଣ୍ (ପୁରୋହିତ) ସେମାନଙ୍କର ବିବାହ (ଆଁନ୍ଦି) ପୂଜା ବିଧିରେ ଆବୃତ୍ତି ପୂର୍ବକ ପୂଜା ଅର୍ଚ୍ଚନା କରିଥାଆନ୍ତି ।

"ଓଁ....ଜ.....ରା.......ମ୍......ଟିଂ ଦିଅମ୍
ହିର୍‌ଲା ଟୁଆର୍‌କଲା ! ହିର୍‌ଲା କାସାରା କଲା !!
ହିର୍‌ଲା ଓ୍ୱାରାଂଦାଲେ, ହିର୍‌ଲା ନାଗଟିଂ ଦଅମ୍ !!!

ଲେଲେ ବାଂବୁଂ ନୁଂ ଅଂ ଆମ୍
ଊଁ....ଊଁ.... ଇଙ୍ ଏଣ୍ ଆଂବାଂ ॥୦॥
ଓ୍ୱାରାଂ ସବେ ରୁଉପ୍ ଆମ୍ ସାବେଦା, ସବେଦାଃସାନାମ୍"

ଆଦି ସଂସ୍କୃତି ଅନ୍ତର୍ଗତ କୋହ୍ଲ ସମ୍ପ୍ରଦାୟର ବିବାହ ବିଧି ବ୍ୟବସ୍ଥା ବହୁ ପୁରାତନ ଏବଂ ସ୍ୱତନ୍ତ୍ର । ଏମାନଙ୍କର ବିବାହ ସମ୍ପର୍କ ସମଗୋତ୍ର ବା ମିତ୍ରଗୋତ୍ର ମଧ୍ୟରେ ଅନୁଷ୍ଠିତ ହୁଏ ନାହିଁ (ବାନ୍ଦିୟା, ମୁନ୍ଦୁୟା, ଗିଲୁଆ, ରୁନ୍ଦୁଆ – ମିତ୍ର ଗୋତ୍ର, କାଇକେ, ମେଲଗାଣ୍ଡି ଓ ହାଇବୁର, ବାଦ୍ରା – ମିତ୍ରଗୋତ୍ର ଇତ୍ୟାଦି)

କୋହ୍ଲ ସମ୍ପ୍ରଦାୟରେ ସାଧାରଣତଃ ଦୁଇ ପ୍ରକାର ବିବାହ ବିଧି ପ୍ରଚଳିତ ।

୧. ପ୍ରଥମ ବା ସାଧାରଣ ବିବାହ (ଆଁନ୍ଦି): ଏଥିରେ ଉଭୟ ପୁଅ ଏବଂ ଝିଅ ପ୍ରଥମଥର ପାଇଁ ବିବାହ କରନ୍ତି, ଯାହାକି ପିତାମାତା ବା ଗୁରୁଜନଙ୍କ ସ୍ୱୀକୃତି କ୍ରମେ ହିଁ ପରମ୍ପରା ଅନୁସାରେ ଅନୁଷ୍ଠିତ ହୁଏ ।

୨. ପୁନର୍ବିବାହ (ସେଲ୍ଲଃ ଆଁନ୍ଦି): ଏ କ୍ଷେତ୍ରରେ ପୁରୁଷ କିମ୍ବା ସ୍ତ୍ରୀ କିମ୍ବା ଉଭୟେ ଦ୍ୱିତୀୟ ଥର ବିବାହ କରିଥାଆନ୍ତି । କୌଣସି କାରଣରୁ ପୁରୁଷ-ସ୍ତ୍ରୀ ହରା/ସ୍ୱାମୀ ହରା କିମ୍ବା ପରିତ୍ୟକ୍ତ / ପରିତ୍ୟକ୍ତା ହୋଇ ପିତାମାତଙ୍କ ସ୍ୱୀକୃତି ଅଥବା ନିଜର ଇଚ୍ଛା ଅନୁଯାୟୀ ପୁନଃ ବିବାହ କରନ୍ତି ।

ପୁଣି ପ୍ରଥମ ବା ସାଧାରଣ ବିବାହ ତିନି ଭାଗରେ ବିଭକ୍ତ ।

୧. ଆୟୋଜିତ ବିବାହ (ଜିସୁକୁ ଆଁନ୍ଦି) : ଏପରି ବିବାହ ଉଭୟ ପୁଅ ଓ ଝିଅର ପିତାମାତାଙ୍କ ଦ୍ୱାରା ନିର୍ବାଚିତ ତଥା ସ୍ଥିରୀକୃତ ହୋଇ ଉଭୟ ପରିବାରର ସ୍ୱୀକୃତି କ୍ରମେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୁଏ ।

୨. ପ୍ରେମ ବିବାହ (କେପେୟା): ଏଥିରେ ପ୍ରଥମେ ପୁଅ ଓ ଝିଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠେ ଏବଂ ତାପରେ ଉଭୟ ପରିବାର ସେହି ସମ୍ପର୍କକୁ ସ୍ୱୀକୃତି ପ୍ରଦାନ ପୂର୍ବକ ବିବାହ କାର୍ଯ୍ୟ ସମ୍ପନ୍ନ କରିଥାଆନ୍ତି । ଏହା ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୁଏ ।

୩. ଏକ ତରଫା ଝିଅକୁ ଡାକିନେଇ ବିବାହ (ସାସାଙ୍ଗ୍ ଉରା):

ଝିଅଟିଏ ଅନ୍ୟ ଗ୍ରାମକୁ ବୁଲି ଯାଇଥିବା ସମୟରେ (ବନ୍ଧୁ ଘରକୁ ବା ଯାନିଯାତ୍ରା ଦେଖିବାକୁ) ସମ୍ପୃକ୍ତ ଗ୍ରାମର କୌଣସି ପରିବାର ଏବଂ ବରପାତ୍ର ତାକୁ ଦେଖି ପସନ୍ଦ କରି ନିଅନ୍ତି ଏବଂ କୌଣସି ଉପାୟରେ (ବନ୍ଧୁବାନ୍ଧବ ବା ଝିଅର ସାଙ୍ଗସାଥିଙ୍କ ମାଧ୍ୟମରେ) ଝିଅଟିକୁ ଘରକୁ ଡକାଇ ଆଣି ହଳଦୀ ପାଣିରେ ଗୋଡ ଧୋଇ ଦିଅନ୍ତି । ପୁଅଟି (ବରପାତ୍ର) ତାର କପାଳରେ ସିନ୍ଦୁର ଲଗାଇ ଦିଏ । ଏହାକୁ ଏକ ପ୍ରକାର ବିବାହ ବୋଲି ବିବେଚନା କରାଯାଇଥାଏ । ପରେ ଅବଶ୍ୟ କନ୍ୟାର ପିତାମାତାଙ୍କୁ ରାଜି କରାଇ ପରମ୍ପରା ଭିତ୍ତି ବିବାହ କାର୍ଯ୍ୟ ସମ୍ପନ୍ନ କରନ୍ତି । ଏପରି କ୍ଷେତ୍ରରେ ଯଦି କନ୍ୟାର ପିତାମାତା ସମ୍ମତ ନ ହୁଅନ୍ତି, ତେବେ ଝିଅକୁ ଫେରସ୍ତ ନେଇ ଅନ୍ୟତ୍ର ବିବାହ କରାଇ ପାରନ୍ତି । ତେବେ ସେପରି ପରିସ୍ଥିତି ପ୍ରାୟତଃ ଆସେ ନାହିଁ ।

ପୁନର୍ବିବାହ ମଧ୍ୟ ତିନି ଭାଗରେ ବିଭକ୍ତ ।

୧. ଆୟୋଜିତ ପୁନର୍ବିବାହ: ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କେହି ଆକସ୍ମିକ ମୃତ୍ୟୁବରଣ କଲେ କିମ୍ବା ସ୍ୱାମୀ-ସ୍ତ୍ରୀଙ୍କର କୌଣସି କାରଣରୁ ବିବାହ ବିଚ୍ଛେଦ ଘଟିଲେ, ସେମାନେ ଉଭୟ ପୁନର୍ବିବାହ ବା ଦ୍ୱିତୀୟ

ବିବାହ କରିପାରନ୍ତି । କିନ୍ତୁ ଏପରି ବିବାହ ପିତାମାତାଙ୍କ ଆୟୋଜନ କ୍ରମେ ହିଁ ଅନୁଷ୍ଠିତ ହୋଇଥାଏ । ଏଥିରେ ବିଶେଷ ବିଧିବ୍ୟବସ୍ଥା ଅନୁସୃତ ହୁଏ ନାହିଁ । ଏହାକୁ ବିଧବା ବିବାହ (ଗାଣ୍ଡିଆଁନ୍ଦି/ଗାଣ୍ଡା ଆଁନ୍ଦି) ଏବଂ ପରିତ୍ୟକ୍ତ/ପରିତ୍ୟକ୍ତା ବିବାହ (କଆବାଗେ ଏରା ଆଁନ୍ଦି/ ଏରାବାଗେ କଆ ଆଁନ୍ଦି) କୁହାଯାଇଥାଏ ।

୨. ପ୍ରେମ ସମ୍ବଳିତ ପୁନର୍ବିବାହ: ବିବାହିତ/ ବିବାହିତା ପୁରୁଷ ଓ ସ୍ତ୍ରୀ ଏକତ୍ର ରହି କିମ୍ବା ନ ରହି ମଧ୍ୟ ଯଦି ଅନ୍ୟ କୌଣସି ଝିଅ / ମହିଳା ବା ଅନ୍ୟ ପୁରୁଷ ସହିତ ପ୍ରେମ ବ୍ୟାପାରରେ ସଂଶ୍ଳିଷ୍ଟ ହୋଇ ବିବାହ କରନ୍ତି, ତେବେ ତାହା ପ୍ରେମ ସମ୍ପର୍କିତ ପୁନର୍ବିବାହ ଅନ୍ତର୍ଭୁକ୍ତ ହୋଇଥାଏ । ଏଥିରେ କୌଣସି ପ୍ରକାର ବିଧି-ପରମ୍ପରା ନଥାଏ, ପରନ୍ତୁ ଏଥିପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇପାରେ ।

୩. ଏକ ତରଫା ପରିତ୍ୟକ୍ତା/ବିଧବା ସ୍ତ୍ରୀକୁ ଡାକିନେଇ ବିବାହ:

କୌଣସି ବିଧବା / ପରିତ୍ୟକ୍ତା ମହିଳାକୁ ମେଳା-ମଉଛବରୁ ଡକାଇ ନେଇ ଯଦି ଅନୁରୂପ ଭାବରେ ହଳଦୀ ପାଣିରେ ଗୋଡ ଧୋଇଦେଇ ସିନ୍ଦୁର ଲଗାଇ ଦିଆଯାଏ, ତେବେ ତାହା ଏ ପ୍ରକାର ବିବାହ ବୋଲି ପରିଗଣିତ ହୁଏ । ଏଥିରେ କେବଳ ମହିଳାଟିର ଗାର୍ଜିନକୁ ଜଣାଇବା ବ୍ୟତୀତ ଅନ୍ୟାନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ ।

ବସ୍ତୁତଃ କୋହ୍ଲ ସମାଜରେ ବିଭିନ୍ନ ପ୍ରକାର ବିବାହ ବିଧି ପ୍ରଚଳିତ ଥିଲେହେଁ କେବଳ ଆୟୋଜିତ ସାଧାରଣ ବିବାହ ଉପରେ ହିଁ ଗୁରୁତ୍ୱ ଦିଆଯାଇଥାଏ । ଏଥିରେ ସମସ୍ତ ପ୍ରଥା-ବିଧି ପାରମ୍ପରିକ ଧାରରେ ଅନୁସୃତ ହେବା ସଙ୍ଗେ ସଙ୍ଗେ ଏପରି ବିବାହୋତ୍ସବକୁ କୋହ୍ଲମାନେ ବେଶ୍ ଆଗ୍ରହର ସହିତ କାର୍ଯ୍ୟକାରୀ କରନ୍ତି ଏବଂ ଖୁବ୍ ଆନନ୍ଦ ଉଲ୍ଲାସରେ ଉପଭୋଗ ମଧ୍ୟ କରିଥାଆନ୍ତି । ତେବେ ଆର୍ଥିକ ଦିଗରେ ଦୁର୍ବଳ କୋହ୍ଲମାନେ ସାଧାରଣ ପ୍ରେମ ବିବାହ ଏବଂ ଏକ ତରଫା ଝିଅକୁ ଡାକିନେଇ ବିବାହ (ସାସାଙ୍ଗ ଉରା) ପ୍ରଥାକୁ ସହଜରେ ଗ୍ରହଣ କରିନେବାକୁ ଇଚ୍ଛା କରନ୍ତି ।

କୋହ୍ଲ ସମାଜରେ ବିବାହୋତ୍ସବ ଅନୁଷ୍ଠିତ ହେବା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ ବିଧି ବ୍ୟବସ୍ଥା ପ୍ରଚଳିତ ଥିବାର ଦେଖାଯାଏ । ସେସବୁ ପ୍ରଥା କାର୍ଯ୍ୟ ମୁଖ୍ୟତଃ ଦୁଇଜଣ ମଧ୍ୟସ୍ଥିଙ୍କ ସହାୟତାରେ ହିଁ ସମ୍ପାଦିତ ହୋଇଥାଏ । ବରପକ୍ଷର ମଧ୍ୟସ୍ଥିଙ୍କୁ "ଦ୍ୱତାମ୍ କାର୍ଯ୍ୟ" ଏବଂ କନ୍ୟାପକ୍ଷର ମଧ୍ୟସ୍ଥିଙ୍କୁ "ଲିୟୁ" କୁହାଯାଏ । ବିବାହ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଏମାନେ ବେଶ୍ ସକ୍ରିୟ । ମଧ୍ୟସ୍ଥିଙ୍କ ବିନା ସହଚର୍ଯ୍ୟରେ କୋହ୍ଲ-ବିବାହ ଅସମ୍ଭବ ମନେହୁଏ ।

ବର ଏବଂ ତାଙ୍କର ଶୁଭାକାଂକ୍ଷୀ ବନ୍ଧୁବାନ୍ଧବ ବା ପରିବାରର ଲୋକେ କନ୍ୟାକୁ ପରୋକ୍ଷରେ ଦେଖି ପସନ୍ଦ କରିବା ପରେ ଦୃତାମ୍ କାର୍ଯ୍ୟ (ବରପକ୍ଷର ମଧ୍ୟସ୍ଥି) ମାଧ୍ୟମରେ କନ୍ୟାଘରେ ବିବାହ ପ୍ରସ୍ତାବ ଆଗତ କରାଯାଏ । ଦ୍ୱତାମ୍ କାର୍ଯ୍ୟ ପ୍ରସ୍ତାବ ଦେବା ପାଇଁ କନ୍ୟାଘରକୁ ସିଧାସଳଖ ଯାଆନ୍ତି କିମ୍ବା ଯିବାପାଇଁ ସମ୍ପୃକ୍ତ ଗ୍ରାମର କୌଣସି "ଲିୟୁ" (କନ୍ୟାପକ୍ଷର ମଧ୍ୟସ୍ଥି)ଙ୍କ ସହାୟତା ଲୋଡି ଥାଆନ୍ତି । କନ୍ୟାଘରେ ପ୍ରସ୍ତାବଟି ଗ୍ରହଣୀୟ ହେଲେ ମଧ୍ୟସ୍ଥି ମାନଙ୍କ ମାଧ୍ୟମରେ ବାର୍ତ୍ତା ନେବା ଦେବା ହୋଇ ଆନୁଷ୍ଠାନିକ ଭାବରେ ବରଘର ପକ୍ଷରୁ ବିବାହ ପ୍ରସ୍ତାବ କନ୍ୟାଘରେ ଉପସ୍ଥାପନ କରାଯାଏ । ଏଥିପାଇଁ ଶୁଭବେଳା ଦେଖି ବରର ପିତା ବା ମୁରବୀ ଗ୍ରାମର କେତେଜଣ ଦାୟିତ୍ୱସମ୍ପନ୍ନ ଭଦ୍ରଲୋକଙ୍କୁ ଦ୍ୱତାମ୍ କାର୍ଯାଙ୍କ ସହିତ କନ୍ୟାଘରକୁ ପ୍ରେରଣ କରନ୍ତି । ସେମାନେ ଏକ ହାଣ୍ଡି

ହାଣ୍ଡିଆ ଏବଂ ସାତ ସେର/କିଲୋ ଚାଉଳ (ପ୍ରଥମ ବିବାହ ପାଇଁ ଅରୁଆ ଚାଉଳ ଏବଂ ପୁନର୍ବିବାହ ପାଇଁ ଉଷୁନା ଚାଉଳ) ଗୋଟିଏ ନୂଆ ଗାମୁଛାରେ ବାନ୍ଧି କନ୍ୟାଘରକୁ ଯାଇଥାଆନ୍ତି ।

କନ୍ୟାଘରେ ସମ୍ପୃକ୍ତ ଗ୍ରାମର କେତେକ ମୁରବୀ ଶ୍ରେଣୀୟ ଭଦ୍ରଲୋକଙ୍କ ସହିତ କନ୍ୟାପକ୍ଷ ଅତିଥି ମାନଙ୍କୁ ସ୍ୱାଗତ ଜଣାନ୍ତି । ବସିବା ପାଇଁ ଖଟ ଏବଂ ଗୋଡ ଧୋଇବା ପାଇଁ ପାଣି ଦିଆଯାଏ । ସମସ୍ତେ ଗୋଡ ଧୋଇ ସାରିବା ପରେ ପରିବାରର ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ ସେମାନଙ୍କୁ ପ୍ରଣାମ ଜଣାଇ ଥାଆନ୍ତି । ପ୍ରଥମେ ଦୁକ୍ତା-ଚୂନ ଓ ବିଡି ଆଦିରେ ଅତିଥି ସତ୍କାର ଆରମ୍ଭ ହୁଏ । କିଛି ସମୟ ହସଖୁସି - ଗପସପ ଚାଲେ । ତହିଁ ଉତ୍ତାରୁ ସେମାନଙ୍କୁ ଘର ଭିତରକୁ ଡାକିନେଇ ଆସନ ପ୍ରଦାନ କରନ୍ତି ଏବଂ ଜଣେ ସ୍ତ୍ରୀ ଲୋକ ହାଣ୍ଡିଆ ପରଷେ । ଏହି ସମୟରେ ସ୍ତ୍ରୀ ଲୋକଟି ସମସ୍ତ ଅତିଥିଙ୍କୁ ଏକ ପ୍ରକାର ଭିନ୍ନ ଶୈଳୀରେ ସମ୍ବର୍ଦ୍ଧନା ଜ୍ଞାପନ କରେ । (ଡାହାଣ ହାତଟିକୁ ଅଳ୍ପ ଉପରକୁ ଉଠାଇ ମୁଣ୍ଡ ପର୍ଯ୍ୟନ୍ତ ନିଏ ଏବଂ ତଳକୁ ଆଣେ । ଏହି କ୍ରମରେ ଜଣ ଜଣ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଏ ।) ସେହିପରି ଅତିଥିମାନେ ମଧ୍ୟ ଗୋଟିଏ ହାତରେ ହାଣ୍ଡିଆ ଧରି ଅନ୍ୟ ହାତଟିରେ ପ୍ରତି ସମ୍ବର୍ଦ୍ଧନା ଜ୍ଞାପନ କରିଥାଆନ୍ତି । ଏହାପରେ ହାଣ୍ଡିଆ ସେବନ କରାଯାଇଥାଏ । ହାଣ୍ଡିଆ ସେବନର ପ୍ରଥମ ସୋପାନଟି ଖୁସି ଗପ ମଧ୍ୟରେ ସମାପ୍ତ ହୁଏ । ପୁଣି ଲଗାତର ଦ୍ୱିତୀୟ ଥର ହାଣ୍ଡିଆ ପାନ ସମୟରେ କନ୍ୟାପକ୍ଷରୁ "ଲିୟୁ" (ମଧ୍ୟସ୍ଥି) ପ୍ରାସଙ୍ଗିକ ପ୍ରକରଣ ଆରମ୍ଭ କରି କହନ୍ତି-"ବନ୍ଧୁ ! ଆମ ଗରୀବ କୁଡିଆରେ ଆଜି ଆପଣମାନେ ଅତିଥି ହୋଇଥିବାରୁ ଆମେ ଅତ୍ୟନ୍ତ ପ୍ରୀତ । କିନ୍ତୁ ଏ କୁଡିଆବାସୀ ଆପଣ ମାନଙ୍କର କି ସେବାରେ ଲାଗି ପାରିବେ, ପ୍ରକାଶ କଲେ ଆମେ କୃତାର୍ଥ ହୁଅନ୍ତୁ ।" ଉତ୍ତରରେ ବର ପକ୍ଷର ମଧ୍ୟସ୍ଥି କହନ୍ତି-"ବନ୍ଧୁ ! ଆପଣମାନେ ଜାଣନ୍ତି, ପ୍ରାଚୁର୍ଯ୍ୟ ଭିତରେ ବୁଡି ରହି ମଧ୍ୟ ମଣିଷକୁ ଅଭାବ କାୟା ସହିତ ଛାୟା ସଦୃଶ ଲାଗି ରହିଥାଏ । ଆମର ସବୁ ଅଛି । ହେଲେ ଆମ ପାଖରେ ପତ୍ରର ଅଭାବ । ସେଥିପାଇଁ ପ୍ରାକୃତିକ ଅଳଙ୍କାର - ସେହି ପତ୍ର ନେବାକୁ ମନ ବଳାଇ ଆପଣ ମାନଙ୍କର ଆତିଥ୍ୟ ଗ୍ରହଣ କଲୁଁ ।" ପୁଣି ଲିୟୁ ପ୍ରଶ୍ନ କରନ୍ତି - "ଆପଣଙ୍କର ସେ ପଟେ କ'ଣ ପତ୍ର ନାହିଁ ? ଦୂତାମ୍‌କାର୍ଯୀ କହନ୍ତି - "ଅଛି, କିନ୍ତୁ ଆପଣଙ୍କ ପାଖରେ ଥିବା ସୁନ୍ଦର-ମନୋରମ ପତ୍ର ଆମର ସେପଟେ ଦୃଷ୍ଟି ଗୋଚର ହେଉନାହିଁ । ଯଦି କନ୍ୟାଘରେ ଦୁଇ ବା ତିନୋଟି ବିବାହଯୋଗ୍ୟା ଝିଅ ଥାଆନ୍ତି, ତେବେ ପ୍ରଶ୍ନ ହୁଏ - "କେଉଁ ପତ୍ର ନେବାକୁ ମନସ୍ଥ କରିଛନ୍ତି ? ତାଳପତ୍ର, ନା - ମଧ୍ୟମ ପତ୍ର କିମ୍ୱା ଉପରର କଅଁଳିଆ ପତ୍ର !" ବରପକ୍ଷରୁ ପସନ୍ଦ ହୋଇଥିବା ଝିଅଟି ସମ୍ପର୍କରେ ଇଙ୍ଗିତ ଦିଆଯାଏ ।

ଏହିପରି ବିଭିନ୍ନ ପ୍ରକାର ପ୍ରତୀକଧର୍ମୀ କଥପୋକଥନ ମାଧ୍ୟମରେ ଉଭୟ ପକ୍ଷ ପରସ୍ପର ଦ୍ୱାରା ପ୍ରଭାବିତ ହୋଇ ବରପକ୍ଷ ଆଣିଥିବା ହାଣ୍ଡିଆ ସମସ୍ତେ ସେବନ କରନ୍ତି । କନ୍ୟା ପକ୍ଷରୁ ଚାଉଳ ପୁଟୁଳି ଖୋଲି ଦେଖାଯାଏ ଯେ ତାହା ଅରୁଆ ଚାଉଳ କିମ୍ୱା ଉଷୁନା ଚାଉଳ । ସଙ୍ଗେ ସଙ୍ଗେ ପୁଣି କନ୍ୟାପକ୍ଷରୁ ବରପକ୍ଷକୁ ଆମନ୍ତ୍ରଣ କରାଯାଇ ଆପଣତଃ ଗୋଟିଏ ଦିନ ଧାର୍ଯ୍ୟ କରାଯାଏ । ଶେଷରେ ଭୋଜନର ବ୍ୟବସ୍ଥା ହୁଏ । ବରପକ୍ଷ ଲୋକେ ସେଠାରେ ରାତ୍ରିଯାପନ କରି ତହିଁ ପରଦିନ ସକାଳେ ହାଣ୍ଡିଆ ପାନ ପୂର୍ବକ ବିଦାୟ ନେଇଥାଆନ୍ତି ।

ପୁଣି ନିର୍ଦ୍ଧାରିତ ଦିବସରେ କନ୍ୟାଘର ତରଫରୁ କେତେଜଣ ଭଦ୍ରଲୋକ ଓ ଲିୟୁ ଗୋଟିଏ

ହାଣ୍ଡି ହାଣ୍ଡିଆ ଏବଂ ସାତ ସେରକିଲୋ ବିରି (କନ୍ୟାର ପ୍ରଥମ ବିବାହ ହୋଇଥିଲେ ଗୋଟା ବିରି ଓ ପୁନର୍ବିବାହ ପାଇଁ ଭଙ୍ଗା ବା ଫାଳ ବିରି ନେଇ ବରଘରକୁ ଯାଆନ୍ତି । ସେଠାରେ ମଧ୍ୟ ଅନୁରୂପ ଭାବେ ଗ୍ରାମର କିଛି ଭଦ୍ରଲୋକଙ୍କ ସହାୟତାରେ ବରପକ୍ଷରୁ କନ୍ୟାଦଳକୁ ପାରମ୍ପରିକ ରୀତିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥାଏ । ଘର ଭିତରେ ଆସନ ଗ୍ରହଣ ପୂର୍ବକ ପ୍ରଥମେ ହାଣ୍ଡିଆ ସେବନ କରନ୍ତି ଓ ଦ୍ୱିତୀୟ ଥର ହାଣ୍ଡିଆ ପାନ ସମୟରେ ପ୍ରାସଙ୍ଗିକ ଆଲୋଚନା ଆରମ୍ଭ କରି ଦ୍ୱୀତାମ୍କାର୍ଯୀ ଅତିଥିଙ୍କୁ ଆସିବାର ଅଭିପ୍ରାୟ ପଚାରନ୍ତି । ଉତ୍ତରରେ ଲିୟୁ ପୂର୍ବକଥା ସ୍ମରଣ କରାଇଦେବା ସହିତ ସେମାନଙ୍କ ନିମନ୍ତ୍ରଣ ରକ୍ଷା କରି ଆସିଥିବାର ଜଣାଇ ଥାଆନ୍ତି । ତାପରେ ପାରିବାରିକ ବିଷୟ ଆଲୋଚନା ହେଉ ହେଉ ବରପକ୍ଷ କହନ୍ତି – "ବନ୍ଧୁ ! ଆପଣମାନେ ତ ଦେଖି ଜାଣିପାରୁଥିବେ ଯେ ସବୁ ସମ୍ବଳ ଥାଇ ମଧ୍ୟ କୁମ୍ଭାର ଆମ ପାଇଁ ହାଣ୍ଡି ଗଢ଼ି ଦେଇ ନାହାଁନ୍ତି । ତେଣୁ ତୃଷାର୍ତ୍ତ ମାନଙ୍କୁ ଜଳଦାନ କରି ପୂଣ୍ୟ ଅର୍ଜନ କରିବା ଆମ ପକ୍ଷରେ ସମ୍ଭବ ନୁହେଁ । ଏହା ବ୍ୟତୀତ ଖାଦ୍ୟ ସିନା କାଠ ସାହାଯ୍ୟରେ ରନ୍ଧା ହେଉଛି,ହେଲେ ଖାଇବା ପାଇଁ ଖଲିପତ୍ର ନାହିଁ । ତେଣୁ ଆମେ ନାହିଁ ନଥିବା ଅସୁବିଧା ଭୋଗୁଛୁଁ । ଏହିପରି ବିଭିନ୍ନ ପ୍ରକାର ପରୋକ୍ଷ କଥାବାର୍ତ୍ତା ମଧ୍ୟରେ କନ୍ୟାପକ୍ଷ ବରର ଘର, ପରିବାର ତଥା ଚଳଣୀ ବିଷୟରେ ଅବଗତ ହୋଇ ଥାଆନ୍ତି । ବନ୍ଧୁବାନ୍ଧବ ପାଇଁ ଉପଯୁକ୍ତ ମନେକଲେ ଅର୍ଥାତ୍ ଉଭୟ ପକ୍ଷ ସମ୍ମତି ପ୍ରଦାନ କଲେ ନିର୍ବନ୍ଧ ଦିନ ଧାର୍ଯ୍ୟ କରାଯାଏ । କିନ୍ତୁ ନିର୍ବନ୍ଧ ପୂର୍ବରୁ ପୁଣି ପ୍ରଚଳିତ ପ୍ରଥା ଅନୁଯାୟୀ ବର ଚାରି ଜଣେ / ଦିଜଣ ବନ୍ଧୁଙ୍କ ସହିତ କନ୍ୟାକୁ ଦେଖିବାକୁ ଯାଏ ।

ଏଥିରେ ସମ୍ମତି ମିଳିଲେ ନିର୍ବନ୍ଧ ଦିନ ବା ତିଥିଟିକୁ ମଧ୍ୟସ୍ଥି ମାଧ୍ୟମରେ ଦୋହରା ଯାଇଥାଏ । କୋହ୍ଳମାନେ ନିର୍ବନ୍ଧକୁ "ବାଲା" କହନ୍ତି । ଏହିଦିନ କନ୍ୟାସୁନା (ଗନଂ) ପ୍ରସଙ୍ଗ ପୁଙ୍ଖାନୁପୁଙ୍ଖ ଆଲୋଚିତ ହୋଇ କନ୍ୟାସୁନା ଆଦାନ-ପ୍ରଦାନ କରାଯାଏ । କନ୍ୟାଘର ପକ୍ଷରୁ ପ୍ରାୟତଃ ମଧ୍ୟସ୍ଥି, କନ୍ୟାର ମାମୁଁ କିମ୍ବା ପରିବାରର ଜଣେ ଅଭିଜ୍ଞ / ବୟସ୍କ ବ୍ୟକ୍ତି କିମ୍ବା ସେପରି କେହି ନଥିଲେ କନ୍ୟାର ପିତା, ଦେଓ୍ୱାଁ (ଯାଦୁଧର୍ମୀୟ କର୍ମକର୍ତ୍ତା) ବା ଏର୍ (ପୁରୋହିତ), ହାଣ୍ଡିଆ ଭାର ନେବା ପାଇଁ ଦୁଇଜଣ ଗ୍ରାମବାସୀ, ହାଣ୍ଡିଆ (ମେରାମିଶ୍ରିତ ହାଣ୍ଡିଆ) ଚଳାଇବା ପାଇଁ ଦୁଇଜଣ ସ୍ତ୍ରୀ ଲୋକ (ଜଣେ ପଡୋଶିନୀ ଏବଂ ଅନ୍ୟ ଜଣେ ସମ୍ପର୍କୀୟ) ଗ୍ରାମର ମୁଖିଆ, ଗ୍ରାମର ୨/୩ ଜଣ ମୁରବୀ ସ୍ଥାନୀୟ ବ୍ୟକ୍ତି ଓ କନ୍ୟାର ଭାଇ ବା ସମ୍ପର୍କୀୟ ଭାଇ ବର ଘରକୁ ସୂର୍ଯ୍ୟାସ୍ତ ପୂର୍ବରୁ ସୂର୍ଯ୍ୟ ଦର୍ଶନ କରି ଯାତ୍ରା ଆରମ୍ଭ କରନ୍ତି ଏବଂ ସନ୍ଧ୍ୟା ସୁଦ୍ଧା ବରଘରେ ପହଞ୍ଚିଯାଆନ୍ତି । ଯାତ୍ରାର ଶୁଭାଶୁଭ ମୁହୂର୍ତ୍ତ ନିର୍ଦ୍ଧାରିତ ହୁଏ ପାଣ୍ଡାଇତି (ଜ୍ୟୋତିଷ)ଙ୍କ ଦ୍ୱାରା ଗ୍ରାମ ମଧ୍ୟରେ ପହଞ୍ଚିଯାଆନ୍ତି । ଯାତ୍ରାର ଶୁଭାଶୁଭ ମୁହୂର୍ତ୍ତ ନିର୍ଦ୍ଧାରିତ ହୁଏ ପାଣ୍ଡାଇତି (ଜ୍ୟୋତିଷ)ଙ୍କ ଦ୍ୱାରା । ଗ୍ରାମ ମଧ୍ୟରେ ପହଞ୍ଚିଥିବା ଭିତରେ ଯଦି ବିରାଡ଼ି, ଶୃଗାଳ, ଗଧ, ଶାଗୁଣା ପ୍ରଭୃତି ଦୃଷ୍ଟିଗୋଚର ହୁଏ, ତେବେ ଗୃହକୁ ପ୍ରତ୍ୟାବର୍ତ୍ତନ କରି ପୁନଶ୍ଚ ଶୁଭ ସମୟ ଦେଖି ବାହାରନ୍ତି । କିନ୍ତୁ ଗ୍ରାମରୁ ବାହାରି ଯାଇଥିଲେ ଅଶୁଭ ଦୃଶ୍ୟ ଦେଖି ମଧ୍ୟ ଘରକୁ ବାହୁଡନ୍ତି ନାହିଁ, ହେଲେ ଅଶୁଭ ସଙ୍କେତ ସମ୍ପର୍କରେ ବରଘରେ ଜଣାଇଦିଆଯାଏ । ଏହାକୁ କୋହ୍ଳମାନେ "ଏରେ" କହନ୍ତି ।

ପୂର୍ବ ଯୋଜନା ଅନୁଯାୟୀ କନ୍ୟାଦଳକୁ ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହିତ ବରପକ୍ଷରୁ ସ୍ୱାଗତ କରାଯାଏ । ବସିବା ପାଇଁ ଖଟ ଏବଂ ଗୋଡହାତ ଧୋଇବା ନିମନ୍ତେ ନୋଟାରେ ପାଣି ଦିଆଯାଏ । ଉପସ୍ଥିତ ସମସ୍ତ କନ୍ୟାପକ୍ଷର ଲୋକେ ଅତିଥିମାନଙ୍କୁ

ପ୍ରଣାମ ଜଣାନ୍ତି । ଜଣେ ପୁରୁଷ ଲୋକ ପ୍ରଥମେ ଦୁଲ୍ଲାଚୂନ ଓ ବିଡି ପ୍ରଦାନ କରିଥାଆନ୍ତି । ଦୁଃଖ-ସୁଖ - ଗପସପ ଓ ଥଟ୍ଟା ପରିହାସ ମଧ୍ୟରେ କିଛି ସମୟ ଅତିବାହିତ ହୁଏ । ଇତ୍ୟବସରରେ ହାଣ୍ଡିଆ ଛଣା ହୋଇଯାଇଥାଏ । ତେଣୁ ସେମାନଙ୍କୁ ଘର ଭିତରକୁ ନେଇ କନ୍ୟାପକ୍ଷର ଅତିଥିମାନେ ଲିୟୁଙ୍କ ସହ ଦକ୍ଷିଣକୁ ମୁହଁକରି ଓ ବରପକ୍ଷର ଭଦ୍ରବ୍ୟକ୍ତି ତଥା ବନ୍ଧୁବାନ୍ଧବ ମଧ୍ୟସ୍ଥିଙ୍କ ସହିତ ଉତ୍ତର ଦିଗକୁ ମୁହଁ କରି ସାମ୍ନାସାମ୍ନି ପଡିଥିବା ଦୁଇଟି ପଟିଆରେ ବସନ୍ତି । ଜଣେ କିମ୍ୱା ଦୁଇଜଣ ସ୍ତ୍ରୀ ଲୋକଙ୍କ ଦ୍ୱାରା ହାଣ୍ଡିଆ ପରିବେଷିତ ହୁଏ, ଓ ହାଣ୍ଡିଆ ସେବନ ପୂର୍ବରୁ ସେମାନେ ଅତିଥି ମାନଙ୍କୁ ସ୍ୱତନ୍ତ୍ର ଶୈଳୀରେ ସମ୍ବର୍ଦ୍ଧନା ଜ୍ଞାପନ କରନ୍ତି । ଅତିଥିମାନେ ମଧ୍ୟ ଅନୁରୂପ ଭାବରେ ପ୍ରତି ସମ୍ବର୍ଦ୍ଧନା ଜଣାଇ ଥାଆନ୍ତି । ଗପସପ, ଥଟ୍ଟା ପରିହାସ ମଧ୍ୟରେ ହାଣ୍ଡିଆ ସେବନର ପ୍ରଥମ ସୋପାନଟି ସମାପ୍ତ ହୁଏ ଏବଂ ଦ୍ୱିତୀୟ ସୋପାନର ପ୍ରାରମ୍ଭରେ ନେପଥ୍ୟରୁ (ପ୍ରକୋଷ୍ଠ ଭିତରୁ) ଭାସି ଆସେ ବନ୍ଧୁତ୍ୱପୂର୍ଣ୍ଣ ପ୍ରୀତିଭରା ସଙ୍ଗୀତର ମୂର୍ଚ୍ଛନା । ଗାଁର ସ୍ତ୍ରୀ - ବୋହୂମାନେ ଗାଇ ଉଠନ୍ତି -

" ବିଙ୍ଗେନ୍‌ଗେ ଇକିରରେୟବାଲା
କୁଲେଏନ୍ ହୁଟୁବ୍‌ରେୟ ବାଲା
ସେନ୍‌ଲେନାମ୍ ବଲଲେନାମ୍ ବାଲା
ନୁଇଁୟଲାଂ ଜମେୟାଲାଂ ବାଲା ।"

ଓଡ଼ିଆ - "ଅତଳ ଗର୍ଭର ସର୍ପ ହେଲେବି ବନ୍ଧୁ
ପର୍ବତ ଶିଖର ବାଘ ହେଲେ ବି ବନ୍ଧୁ
ଆସିଅଛ ଆସିଅଛ ବନ୍ଧୁ
ଆନନ୍ଦ ଉଲ୍ଲାସେ ଖାଇବା ପିଇବା ବନ୍ଧୁ ।"

କିଛି ସମୟ ସଙ୍ଗୀତ - ବାଦ୍ୟ ମଧ୍ୟରେ ଅତିକ୍ରାନ୍ତ ହୁଏ । ପୁନଶ୍ଚ ହାଣ୍ଡିଆ ପରିବେଷଣ କରାଯାଏ । ଦୁଇ ପକ୍ଷଙ୍କ ମଝି ଅଂଶରେ ଦୁଇଟି ଶାଳପତ୍ର ଦୋନା ସହିତ ପାଖ ଭୂମି ଉପରେ ରଖାଯାଇଥାଏ କିଛି ଛେଳି ଲେଣ୍ଡି ଏବଂ ଶିଆଡୀ ମଂଜି , ଯାହାକି କ୍ରମାନ୍ୱୟରେ ଗୋ-ସମ୍ପଦ ତଥା ଟଙ୍କାର ପ୍ରତୀକ । ଦୋନାରେ ଥାଏ କିଛି ଦୂବଘାସ, ଯାହାକି ଗ୍ରାମ-ଦେବତୀଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ ।

ହାଣ୍ଡିଆ ପାନ କରୁକରୁ ଦୂତାମ୍ କାର୍ଯ୍ୟୀ କନ୍ୟାପକ୍ଷଙ୍କୁ ଆସିବାର କାରଣ ସମ୍ପର୍କରେ ପଚାରନ୍ତି, କନ୍ୟାପକ୍ଷରୁ ଲିୟୁ (ମଧ୍ୟସ୍ଥି) କିମ୍ୱା ଜଣେ ଅଭିଜ୍ଞ - ଚତୁର ବ୍ୟକ୍ତି (ମୁଖପାତ୍ର) କୌତୁକିଆ ଢଙ୍ଗରେ ପ୍ରତ୍ୟୁତ୍ତର ଦେଇ ଇଙ୍ଗିତ କରନ୍ତି ଯେ ବରପକ୍ଷ କନ୍ୟାଘରେ ଆତିଥି ଗ୍ରହଣ କରିଥିବା ସମୟରେ ଯେଉଁ ଆମନ୍ତ୍ରଣ ଜଣାଇଥିଲେ, ତାହା ରକ୍ଷା କରି ସେମାନେ ଏଠାକୁ ଆଗମନ କରିଛନ୍ତି । କିଛି ସମୟ ପରେ ଆରମ୍ଭ ହୁଏ ଉଭୟ ପକ୍ଷଙ୍କ ମଧ୍ୟରେ ଆନୁଷ୍ଠାନିକ କନ୍ୟାସୁନା (ଗନଂ) ଆଲୋଚନା । ବରପକ୍ଷର ଜଣେ ଅଭିଜ୍ଞ ତଥା ଚତୁର ବ୍ୟକ୍ତି (ମୁଖପାତ୍ର) ବା ମଧ୍ୟସ୍ଥି (ଦୂତାମକାର୍ଯ୍ୟୀ) ପ୍ରତୀକ ଧର୍ମୀ ଭାଷାରେ କନ୍ୟାପକ୍ଷଙ୍କୁ କହନ୍ତି - "ବନ୍ଧୁ ! ଆମ ଘର, ପରିବାର ଓ ଚଳଣୀ ବିଷୟରେ ଆପଣମାନେ ତ ଅଚ୍ଛ ବହୁତେ ଜାଣି ସାରିଥିବେ । ଆମର ପତ୍ର ଓ ପାଣିର ବହୁତ ଅଭାବ । ଏତିକି ସାହାଯ୍ୟ କଲେ ଆମେ ଉପକୃତ ହେବୁ ।" କନ୍ୟାପକ୍ଷ - "ବନ୍ଧୁ ! ଆପଣମାନଙ୍କ ଗସ୍ତ କାଳରେ ତ ଦେଖି ଥିବେ କେଉଁପତ୍ର ବା କେଉଁ ପାତ୍ରର ସହାୟତାରେ ଆପଣମାନଙ୍କ ଅଭିପ୍ରାୟ ପୂରଣ ହୋଇପାରିବ । ପୁଣି ପତ୍ର ଓ ପାଣି ସାଧାରଣତଃ ସ୍ତ୍ରୀ ଲୋକମାନେ ଆବଶ୍ୟକ କରି ଥାଆନ୍ତି । ସେଗୁଡିକୁ ଆପଣଙ୍କ ସେବାରେ ପ୍ରଦାନ କରାଗଲେ, ଯୋଡିବଳଦରୁ ଗୋଟିକର ଅଭାବରେ ହଳ କରିବା ଯେପରି ଅସମ୍ଭବ, ଆମର ମଧ୍ୟ ସେହି ଅବସ୍ଥା ହେବ ।

ବରପକ୍ଷ - "ଗୋଟିଏ ବଳଦରେ ହଳ ହୁଏ ନାହିଁ କିମ୍ୱା ଗୋଟିଏ ହାତ ବିଶିଷ୍ଟ ମଣିଷକୁ ପୂର୍ଣ୍ଣାଙ୍ଗ ମଣିଷ କୁହାଯାଇପାରେ ନାହିଁ । ତେଣୁ ଗୋଟିଏ ହାତକୁ

ଦୁଇହାତ ଏବଂ ଗୋଟିଏ ବଳଦ ସହିତ ଯୋଡିବନ୍ଧ ସଂଯୋଗ କରାଇ କାର୍ଯ୍ୟସିଦ୍ଧି କରାଯାଇପାରେ । ଆପଣମାନଙ୍କୁ କାର୍ଯ୍ୟ ତୁଲାଇବା ପାଇଁ ଗୋଟିଏ ବାଛୁରୀ/ଦାମୁଡିଆ ଦେଲେ କ'ଣ କାଯ୍ୟ ସମ୍ପନ୍ନ ହୋଇପାରିବ ନାହିଁ ?" ଏତିକି କହି ତଳେ ଥିବା ଛେଳି ଲେଣ୍ଡିରୁ ଗୋଟିଏ ଦୋନାରେ ରଖନ୍ତି ଓ ସେଥିରେ ସହମତ ହେବାପାଇଁ କନ୍ୟାପକ୍ଷଙ୍କୁଇଙ୍ଗିତ ପ୍ରଦାନ କରାଯାଇଥାଏ ।

କନ୍ୟାପକ୍ଷ - "ଗୋଟିଏ ବାଛୁରୀ / ଦାମୁଡିଆରେ ତ ଚାଷକାର୍ଯ୍ୟ ସୁବିଧାରେ ହୋଇ ପାରିବ ନାହିଁ କିମ୍ବା ଗୋବର ଖତ ମଧ୍ୟ ଚାଷ ଜମି ପାଇଁ ନିଅଣ୍ଟ ହେବ । ତେଣୁ ୧୦ଟି ଦାମୁଡିଆ ଦେଲେ ଭଲ ହେବ ।" ଏଥିସହ ସହମତ ହେବାକୁ ବରପକ୍ଷଙ୍କୁ ଅନୁରୋଧ କରାଯାଏ ।

ଏହି କ୍ରମରେ କଥାବାର୍ତ୍ତା ଚାଲେ ଓ ବରପକ୍ଷ କ୍ରମାନ୍ୱୟରେ ଯେତୋଟି ବଳଦ ଦେବାକୁ ପ୍ରସ୍ତାବ ଦିଅନ୍ତି, ସେହି ଅନୁସାରେ ଗୋଟିଏ ଲେଖାଏଁ ଛେଳିଲେଣ୍ଡି ଦୋନାରେ ପଡ଼େ । ଶେଷରେ ପ୍ରାୟତଃ ଗୋଟିଏ ସଂଖ୍ୟକ ହିଁ ନିଷ୍ପତ୍ତି ଗ୍ରହଣ କରାଯାଏ । (ଏବେର ନିର୍ଦ୍ଧାରଣ ଅନୁଯାୟୀ) ।

ତାପରେ ଅନୁରୂପ ପ୍ରକ୍ରିୟାରେ କୌତୁକିଆ ପ୍ରତୀକାତ୍ମକ ଭାଷା ବିନ୍ୟାସ ମାଧ୍ୟମରେ ଗନଂ ଟାକା ବିଷୟ ଆଲୋଚିତ ହୁଏ ଏବଂ ଏଥିରେ ଶିଆଡୀ ମଞ୍ଜି ବ୍ୟବହାର କରାଯାଏ । ଆଲୋଚନା ଶେଷରେ ଗନଂଟାକା ୧୦୧ରେ ସ୍ଥିରୀକୃତ ହୋଇଥାଏ । ତତ୍ ସହିତ ଉଭୟ ପକ୍ଷରୁ ଶୁଭ ସଙ୍ଗୀତ ଗାନ କରିଥାଆନ୍ତି ।

ବରପକ୍ଷ -

"କାବାଲା ନାଇଇ୍ ଚାଡ୍‌ଲମ୍‌ଯାନା ବାଲା
ଚାଡ୍‌ଲମ୍ ନାଇଇ୍ କାବାଲାଯାନା ବାଲା
ମେରଂ ଗୁରିଃ ଗନଂ ତେୟାବାଲା.
ଲାମାଃ ଜାଂ ସାଡିଗେୟା ବାଲା ।"

କନ୍ୟାପକ୍ଷ -

"ଦୁବି ଚାସାଡ୍ ପାକୁଡ୍‌ଯାନା ବାଲା
ସିରୁଂ ଦମ୍ଭୁ କାନ୍‌ଟାଯାନା ବାଲା
ମି ବାଦାଟକେ ମେଲାବାଲା
ମି ଗୁଟୁ ଟୁୟଆଁରା ବାଲା ।"

ଓଡିଆ: (ବରପକ୍ଷ)

"ଖଣ୍ଡିଆ ଇଙ୍ଗଳ ପୂର୍ଣ୍ଣହେଲା ବନ୍ଧୁ
ପୂର୍ଣ୍ଣ ଇଙ୍ଗଳ ଖଣ୍ଡିଆ ହେଲା ବନ୍ଧୁ
ଛେଳି ଲେଣ୍ଡି ମୂଲ୍ୟରେ ବନ୍ଧୁ
ଶିଆଳୀ ମଞ୍ଜୀ ଦାମରେ ବନ୍ଧୁ ।"

ଓଡ଼ିଆ - (କନ୍ୟାପକ୍ଷ)

"ଦୁବଘାସ ରେଜେଇ ପାଲଟିଲା ବନ୍ଧୁ
ଧନ୍ୱନ୍ତରୀ ଘାସ କନ୍ଥାହେଲା ବନ୍ଧୁ
ଗୋଠେ ଗଡିଆ ବେଙ୍ଗ ବନ୍ଧୁ
ଦଳେ ହୁଡିଆ ଶୃଗାଳ ବନ୍ଧୁ ।"

ଆଗରୁ କୋହ୍ଲ ସମ୍ପ୍ରଦାୟରେ ଗନଂ ବା କନ୍ୟାସୁନାର କୌଣସି ନିର୍ଦ୍ଦିଷ୍ଟ ପରିମାଣ ନିର୍ଦ୍ଧାରିତ ହୋଇ ନଥିଲା । ଏଥିରେ ଇଚ୍ଛା ମୁତାବକ ଅର୍ଥ ଏବଂ ଗୋସମ୍ପଦ ଆଦାନ-ପ୍ରଦାନ ହୋଇ ପାରୁଥିଲା । କିନ୍ତୁ ୮୦ ଦଶକ ପରେ କୋହ୍ଲ ସମାଜ କନ୍ୟାସୁନାକୁ ସୀମିତ ରଖି ଗୋଟିଏ ବାଛୁରୀ ଏବଂ ୧୦୧ ଟଙ୍କା ସ୍ଥିର କରିଥିବା ଜଣାଯାଏ । ତଥାପି ପରମ୍ପରା ଦୃଷ୍ଟିରୁ କନ୍ୟାସୁନା ପ୍ରସଙ୍ଗ ଧାରାବାହିକ ଭାବରେ ଆଲୋଚିତ ହୋଇଥାଏ । ଏତଦ୍‌ବ୍ୟତୀତ ଏକଥା ମଧ୍ୟ କନ୍ୟାପକ୍ଷରୁ କୁହାଯାଏ ଯେ କନ୍ୟାକୁ ବରଘର କିପରି ସଜାଇନେବେ (ଅଳଙ୍କାର ସମ୍ପର୍କରେ), ତାହା ତାଙ୍କ ଉପରେ ନିର୍ଭର କରେ ଏବଂ ବରପାଇଁ କିଛି ଉପହାର (ଧୋତି, ଗାମୁଛା, ମୁଦି, ଘଣ୍ଟା ଆଦି) ଦେବାକୁ ଇଚ୍ଛାଥିଲେ, ତାହା ସେଠାରେ ପ୍ରକାଶ କରନ୍ତି । ଏସବୁପରେ କନ୍ୟାପକ୍ଷ କନ୍ୟାସୁନାର ଅନ୍ୟ ଏକ ଅଂଶ "ଏଙ୍ଗାବାଗେଲିଜାଃ" (କନ୍ୟାର ମା ପାଇଁ ଲୁଗା)

ସମ୍ପର୍କରେ ସୂଚାଇ ଦିଅନ୍ତି । ପୁଣି ସକ୍ଷମ ଅନୁସାରେ କନ୍ୟାର ପିତା, ଭାଇ, ଭଉଣୀ ମାନଙ୍କ ପାଇଁ ଲୁଗାପଟା ପ୍ରସଙ୍ଗରେ ନିଷ୍ପତ୍ତି ଗ୍ରହଣ କରାଯାଏ । ଏହା ଅବଶ୍ୟ କନ୍ୟାସୁନା ପରିସରଭୁକ୍ତ ହୋଇନଥାଏ । ଏଗୁଡିକ ସବୁ ବାହାଘର ସମୟରେ ବରପକ୍ଷରୁ ପ୍ରଦାନ କରାଯାଏ ।

ଶେଷରେ ଉଭୟ ପକ୍ଷ ପରସ୍ପରଙ୍କ ମଧ୍ୟରେ କରମର୍ଦ୍ଦନ କରାଯାଇ ଅତିଥି ମାନଙ୍କ ପାଇଁ ଭୋଜନ ଓ ଶୟନର ବ୍ୟବସ୍ଥା ହୁଏ । ତହିଁ ପରଦିନ ସକାଳେ ଅତିଥିମାନଙ୍କୁ ହାଣ୍ଡିଆ ପ୍ରଦାନ ପୂର୍ବକ ଗୋଗୃହାଳ ପରିଦର୍ଶନ କରାଇ ଥାଆନ୍ତି । କନ୍ୟାର ଭାଇ ପସନ୍ଦ ମୁତାବକ ଗୋଟିଏ ବାଛୁରୀ / ଦାମୁଡିଆର ଶିଙ୍ଗରେ ତେଲ ଲଗାଇ ଗନଂ ବାବଦ ଗୋ ସମ୍ପଦ ଚିହ୍ନିତ କରେ । ପ୍ରଥା ଅନୁଯାୟୀ ସେମାନଙ୍କ ସହିତ ଆସିଥିବା ସ୍ତ୍ରୀ ଲୋକଙ୍କ ହାତରେ ବରପକ୍ଷରୁ କନ୍ୟାର ବଡ ଭଉଣୀ ପାଇଁ ଗୋଟିଏ ମାଈ କୁକୁଡା କିମ୍ବା ଛେଳି ପଠାଯାଏ । ଏହାକୁ "ଆଜିହାନାର୍ ସିମ୍" ବା ମେରମ୍ କୁହାଯାଏ । ଗୃହ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଉଭୟପକ୍ଷ ପୁଣି ସାମ୍ନାସାମ୍ନି ପଟିଆରେ ବସନ୍ତି । ମଧ୍ୟସ୍ଥଳରେ ବରପକ୍ଷର ମଧ୍ୟସ୍ଥି ବା ମୁଖପାତ୍ର ଗୋଟିଏ ଥାଳିରେ ଗନଂ ଟାକା (୧୦୧) ରଖିଥାଆନ୍ତି । ଏହା କନ୍ୟାପକ୍ଷରୁ ମଧ୍ୟସ୍ଥି ବା ମୁଖପାତ୍ରଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ । ଦୂତାତ୍ମକାର୍ଯ୍ୟ ନିର୍ବାଚିତ ଦାମୁଡିଆଟିକୁ ପଘା ସହ କନ୍ୟାର ଭାଇ ହାତରେ ସମର୍ପଣ କରିବା ପରେ ଖାଦ୍ୟ କିମ୍ବା ପାନୀୟ ସେବନ ପୂର୍ବକ ଗୃହକୁ ବାହୁଡି ଥାଆନ୍ତି । ଏହି କନ୍ୟାସୁନା ସହ ପ୍ରତ୍ୟାବର୍ତ୍ତନକୁ କୋହ୍ଲ ସମାଜ "ଗନଂହାର୍" କହେ ।

ଏହାପରେ ଅନୁଷ୍ଠିତ ହୁଏ ପିନ୍ଧାଣୀ ପର୍ବ । ଏଥିରେ ପ୍ରଥମେ ବରପକ୍ଷରୁ କନ୍ୟାପାଇଁ ଯାଏ ଶାଢି, ଚୂଡି, ସାୟା, ବ୍ଲାଉଜ, ଆଇନା, ପାନିଆ, ସୁବାସିତ ତୈଳ ଆଦି ଯାବତୀୟ କନ୍ୟାସଜ ସହ କିଛି ମିଷ୍ଟାନ୍ନ ଓ ହାଣ୍ଡିଆ । ସେଦିନ କନ୍ୟା ସୁସଜ୍ଜିତ ହୋଇ ସମସ୍ତଙ୍କୁ ପ୍ରଣାମ ଜଣାଏ ଏବଂ ବର ପକ୍ଷରୁ ନିଆଯାଇଥିବା ହାଣ୍ଡିଆ କିଛି କନ୍ୟାଟିକୁ ପାନ କରିବାକୁ ପଡ଼େ । ଏହି ବିଧିବ୍ୟବସ୍ଥାକୁ "ଏରାତିଲ୍" କୁହାଯାଏ । ପୁଣି ସେହିପରି କନ୍ୟାପକ୍ଷରୁ ବରପାଇଁ ଯାଏ ପିନ୍ଧାଣୀ ସଜ (ଧୋତି, ଗଞ୍ଜି, ଗାମୁଛା, କୁର୍ତ୍ତା ଆଦି) ସହିତ ମିଷ୍ଟାନ୍ନ ଓ ହାଣ୍ଡିଆ । ବର ମଧ୍ୟ ନୂତନ ବସ୍ତ୍ର ପରିଧାନ ପୂର୍ବକ ସମସ୍ତଙ୍କୁ ପ୍ରଣାମ ଜଣାଇ ହାଣ୍ଡିଆ ସେବନ କରେ । ଏହାକୁ କୋହ୍ଲମାନେ "ଆରାତିଲ୍" କହିଥାଆନ୍ତି । ଏ ସମସ୍ତ ପ୍ରକାର କାର୍ଯ୍ୟ ଧାରା ଶେଷ ହେଲେ ଅନ୍ୟୁନ ୧୫ ଦିନ ବ୍ୟବଧାନ ରଖି ପାଣ୍ଡାଇତି (ଜ୍ୟୋତିଷ) ବିବାହ ପାଇଁ ଶୁଭଦିନ ଧାର୍ଯ୍ୟ କରନ୍ତି । ଏହି ସମୟ ମଧ୍ୟରେ ଅନୁଷ୍ଠିତ ହୁଏ ବାଟପୂଜା । ବିବାହ ସମ୍ପର୍କିତ ପ୍ରତ୍ୟେକ କାର୍ଯ୍ୟବିଧି ପାଇଁ ବର-କନ୍ୟା ଘରକୁ ଗତାଗତ କାଳରେ ଦୃଶ୍ୟମାନ ହୋଇଥିବା ସମସ୍ତ ଅଶୁଭ ସଙ୍କେତ ଯୋଗୁଁ ପାଣ୍ଡାଇତିଙ୍କ ଗଣନା କ୍ରମେ ଏହି ପୂଜା ବର ଓ କନ୍ୟା ଉଭୟଙ୍କ ଘରର ଠିକ୍ ମଧ୍ୟସ୍ଥଳରେ କରାଯାଏ । ପୂଜା କରନ୍ତି ଦେଓ୍ୱାଁ (ଯାଦୁଧର୍ମୀୟ କର୍ମକର୍ତ୍ତା) ବା ଏର୍ (ପୁରୋହିତ) । ଏଥିରେ ଛେଳି / କୁକୁଡା / ମେଣ୍ଢା ଆଦି ବଳୀ ଦିଆଯାଏ । ଏହାଦ୍ୱାରା ବିବାହ କର୍ମ ପାଇଁ ସମସ୍ତ ଅଶୁଭ / ଦୋଷ ଖଣ୍ଡିତ ହୁଏ । କିନ୍ତୁ ଗଣନାରେ ଯଦି ଦୋଷ ଖଣ୍ଡନ ହେବା ଭଳି ଜଣାପଡ଼େ ନାହିଁ, ତେବେ ସେହି ବିବାହ କାର୍ଯ୍ୟ ପ୍ରସ୍ତାବଟି ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାତ ହୋଇଥାଏ । ପ୍ରଦତ୍ତ ସମସ୍ତ ସାମଗ୍ରୀ ଓ ଗନଂ ଆଦି ପ୍ରତ୍ୟାହୃତ ହୁଏ ତେବେ ଏପରି ଦୁର୍ଯୋଗ ପ୍ରାୟତଃ ଆସେ ନାହିଁ ।

ବାଟପୂଜା ପରେ ବିବାହ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ବର କନ୍ୟାଙ୍କୁ ନାଚ-ଉତ୍ସବାଦିକୁ ଯିବାପାଇଁ ବାରଣ କରାଯାଇଥାଏ । ପ୍ରଥା ଅନୁସାରେ ବିବାହର ୯ଦିନ ପୂର୍ବରୁ ବିବାହଯାଏଁ ଦୁଇ ତିନିଜଣ ପଡୋଶୀ ସ୍ତ୍ରୀଲୋକ ସୂର୍ଯ୍ୟାସ୍ତ ସମୟରେ (ଗୋଧୂଳି ବେଳା) ଦୈନିକ ବରର ଗୋଡହାତ ଧୋଇ ଦେଇ ହଳଦୀ -

ତେଲ ମଖାଇ ଦିଅନ୍ତି । ଏଥିରେ ବର ପାଇଁ ସ୍ୱତନ୍ତ୍ର ଆସନ (ପାଲରେ) ବ୍ୟବହୃତ ହୁଏ । ଏହାର ଲମ୍ବ ୩ ହାତ ଓ ପ୍ରସ୍ଥ ୭ ଖଣ୍ଡ ଆଇବାଏଁ (ବୁଣା) ପାଲ ଖଣ୍ଡ) ଯୋଡାହୋଇ ପ୍ରସ୍ତୁତ କରାଯାଇଥାଏ । ବର ନୂତନ ଧୋତି ଓ ଗଞ୍ଜି ପରିଧାନ କରନ୍ତି ଏବଂ ବରକୁ ଧୂପ, ଦୀପ, ଅରୁଆ ଚାଉଳ, ଦୂବଘାସ ଲଗାଇ ବନ୍ଦାପନା କରାଯାଏ । ସେହିପରି କନ୍ୟାକୁ ମଧ୍ୟ ୨/୩ ଜଣ ସ୍ତ୍ରୀ ଲୋକ ବିବାହ ୭ ଦିନ ପୂର୍ବରୁ ଗୋଧୂଳି ବେଳାରେ ଗୋଡହାତ ଧୋଇ ଦେଇ ହଳଦୀ-ତେଲ ମଖାଇ ଦିଅନ୍ତି । କନ୍ୟାଟି ଧଳା ଶାଢୀ ପରିଧାନ କରେ ଓ ତାକୁ ମଧ୍ୟ ପୂଜା ସାମଗ୍ରୀ ସହିତ ବନ୍ଦାବନା କରାଯାଇଥାଏ । ହଳଦୀ-ତେଲ ମାଖିବାର ପ୍ରଥମ ଦିବସଠାରୁ ବିବାହ ସମାପ୍ତି ପର୍ଯ୍ୟନ୍ତ ବରକନ୍ୟା ମାନଙ୍କୁ ଘରୁ ବାହାରକୁ ଯିବାପାଇଁ ନିଷେଧ ଥାଏ । ଏପରି ସେମାନେ ଘରେ ସ୍ନାନ-ଶୌଚାଦି କର୍ମ ସମାପନ କରନ୍ତି । କାରଣ ହଳଦୀ-ତେଲ ମାଖି ବରକନ୍ୟା ବରଣୀ ହୋଇଗଲେ ଭୂତ-ପ୍ରେତ-ଦୁଷ୍ଟଶକ୍ତି ଆଦି ଅଧିକ ଆକର୍ଷିତ ହୁଅନ୍ତି ବୋଲି କୋହ୍ଲ ସମାଜ ବିଶ୍ୱାସ କରେ । ଏହିଦିନ ମାନଙ୍କରେ (ହଳଦୀ-ତେଲ ମଖା - ଯାଉଥିବା ସମୟରେ) ମନୋରଞ୍ଜନ ନିମନ୍ତେ ଧାଙ୍ଗଡା ଧାଙ୍ଗଡି ମାନେ ବିବାହ ଉତ୍ସବରେ ପ୍ରଦର୍ଶିତ ହେବାକୁ ଥିବା ନାଚ ଗୁଡିକ ବାଦ୍ୟ, ତାଳ, ଗୀତ ସହ ପୂର୍ବାଭ୍ୟାସ କରନ୍ତି ।

"ନିଙ୍ଗାମ୍ ନଲା ସନୁମ୍ ନାମାଁଇ ନାପୁମ୍ ନଲା ସାମାଂ
ମିଟିଟାକ ମିଶାଚାଡ଼ା ମିଚି ମୁଚୁତ୍ ମୁଚୁତ୍
ନିଙ୍ଗାମ୍ ନଲା ସନୁମ୍ ନାମାଇଁ ନାପୁମ୍ ନଲା ସାସାଂ
ଗିଟିଲ୍ ଟାକ ମିଶାଚାଡା ଗିଟିଲ୍ ସେଗୟ ସେଗୟା"

ଓଡ଼ିଆ -ମା ଘରର ହଳଦୀ ବଟା, ବାପା ଘରର ତେଲ ମିଶିଛି ମେଥି, ମନ ମହକ - ସଜଫୁଲ ପରିବାସ,
ଶାଶୁ ଘରର ହଳଦୀ ବଟା, ଶ୍ୱଶୁର ଘର ତେଲ ମିଶିଛି ବାଲି, ହୁଏ ରଗଡ଼ି - ଆଃ ! କି ପୀଡାଦାୟକ

ଏହିପରି ପ୍ରୀତିଭରା ନାଚ-ଗୀତର ମୂର୍ଚ୍ଛନାରେ ବିବାହ - ମହୋତ୍ସବର ପଦଧ୍ୱନି ଝଂକୃତ ହୋଇଉଠେ ।

ବିବାହ ଦିବସ ଉପନୀତ ହୁଏ । ସେଦିନ ବର, କନ୍ୟା ଉଭୟଙ୍କର ପିତାମାତା ଓ କୋଇଲି ବର-କୋଇଲି କନ୍ୟା (ସାସାଂଙ୍ଗୁଲି) ସମସ୍ତେ ଉପବାସ ରହିଥାଆନ୍ତି । ବରଯାତ୍ରୀ (ଅର୍‌ଏରା), କୋଇଲିବର (ସାସାଂଙ୍ଗୁଲି), ବରର ପିତା - ମାତା, ଆତ୍ମୀୟସ୍ୱଜନ ତଥା ଝିଅ-ବୋହୂମାନଙ୍କ ଗହଣରେ ବର ପାଦ / ପାଲିଙ୍କି / ଚଉଡୁଲ୍ (ଆଜିକାଲି ମୋଟରଗାଡି ମଧ୍ୟ) ଆଦିରେ ବିବାହ କରିବା ପାଇଁ କନ୍ୟା ଘରକୁ ଯାଏ । କନ୍ୟା ଘର ଗାଁ ମୁଣ୍ଡରେ ବରର ଗୋଡହାତ ଧୋଇ ଦେଇ କନ୍ୟାପକ୍ଷର ପୁରୁଷ-ସ୍ତ୍ରୀ ଗୀତ-ବାଦ୍ୟ -ନାଚର ତାଳେ ତାଳେ ବରକୁ କୋଳେଇ ଟେକି ଆଣିଥାଆନ୍ତି । ଘରେ ପହଞ୍ଚି ଗୋଟିଏ କୋଠରୀରେ ବରକୁ ସସମ୍ମାନେ ବସାଇ ଦିଆଯାଏ ଏବଂ ବରଯାତ୍ରୀ ମାନଙ୍କ ପାଇଁ ଭୋଜନ - ପାନୀୟର ବ୍ୟବସ୍ଥା ହୁଏ । ଏହି ସମୟରେ ଉଭୟ ପକ୍ଷରୁ ଉଚ୍ଛୁଳା ସଙ୍ଗୀତର ସ୍ୱର ମନରେ ଭରିଦିଏ ମାଦକତା ।

କନ୍ୟାପକ୍ଷ - "ତୁର୍ଃ ସିଙ୍ଗି ବେଗବେଗା ତୁରଃମେ
ଆଙ୍ଗୋ ଭପିଲ୍ ଆଞ୍ଜା ଆଞ୍ଜା ଆଞ୍ଜା ଆଙ୍ଗେଃମେ
ବାଲାକ ନାଚୁରେ ଡେଡଲା ମେଡଲାକ ଲାମ୍ବିବୁଲି
କଞ୍ଜ ନେଲେଚେୟା ।"

ଓଡ଼ିଆ -"ଦୀପମାନ ସୂର୍ଯ୍ୟବେଗେ ଉଦୟ ହୁଅ
ପାହାନ୍ତିଆ ତାରା ଆଗୋ ପାହାନ୍ତିଆ ଗରା !
ସହଳ ହୁଅ ସକାଳ
ବନ୍ଧୁ ଗାଁର - ଯୁବାଯୁବ, ପରିଚେଳ୍ୟା ମାନଙ୍କୁ
ଦେଖାଇଦିଅ ।"

ବରପକ୍ଷ - "ନୁକୁରିଃନା ନୁକୁରିଃ କିମିନ୍ ଚାଲେଦ୍
ସନାଗାଣ୍ଡୁ ବେଚାନେରେ
ରୂପାଗାଣ୍ଡୁ ବେଚାନେରେ
କାଟାଲେ ନା ବୁଙ୍ଗିଇ, କାଟାଲେ ନା ବୁଙ୍ଗିଲା"

ଓଡ଼ିଆ - "କେଉଁଠି ଅଛି କାହିଁ ବୋହୂ ଆମର
ସୁନା ପିଢାରେ ଆଉ
ରୂପା ପିଢାରେ ବସାଇ
ଗୋଡ଼ ଧୋଇଦେବୁ, ଗୋଡ ଧୋଇଦେବୁ ।"

ବିବାହ ପାଇଁ ଗୋଟିଏ ସ୍ୱତନ୍ତ୍ର ବେଦୀ ବିବାହ ଦିବସର ପୂର୍ବରାତ୍ର ଠିକ୍ ଗୋଟାଏ ତିରିଶ୍ ମିନିଟ୍ ସମୟରେ ପୁରୋହିତ / ଏଣ୍ ଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମାପରେ (ଦୈର୍ଘ୍ୟ ଓ ପ୍ରସ୍ଥ ୭ ଚାଖଣ୍ଡ ଲେଖାଏଁ) ନିର୍ମିତ ହୋଇଥାଏ । ଏହାର ଦ୍ୱାର ଦକ୍ଷିଣକୁ ରହେ ଏବଂ ଦେଓ୍ୱାଁ / ଏଣ୍ ଏଠାରେ ଉତ୍ତରକୁ ମୁହଁକରି ପୂଜା କରିବାକୁ ବସନ୍ତି । ବେଦୀର ଦକ୍ଷିଣ ପାର୍ଶ୍ୱରେ ଅର୍ଥାତ୍ ପୂର୍ବ ଦିଗରେ ବର ଓ ବରର ପିତାମାତା ବସୁଥିବା ବେଳେ ପଶ୍ଚିମ ପାର୍ଶ୍ୱରେ କନ୍ୟା ଓ କନ୍ୟାର ପିତାମାତା ବିବାହ ପୂଜାବିଧି ସମୟରେ ଉପବେଶନ କରନ୍ତି ।

ବେଦୀ ଶାଳରେ ବରଘର ପକ୍ଷରୁ ଦିଆଯାଇଥିବା ସାତ ସେର / କିଲୋ ଅରୁଆ / ଉଷୁନା ଚାଉଳ ଏବଂ କନ୍ୟା ଘରୁ ଯାଇଥିବା ଗୋଟା / ଫାଳ ବିରି (ବରଘରୁ ବିବାହ ଦିନ ଫେରାଇ ଅଣାଯାଇଥାଏ) ଏକତ୍ର କରି ଗୋଟିଏ ନୂଆ ହାଣ୍ଡିରେ ରଖାଯାଏ । ବର ଗୋଟିଏ ଶାଳପତ୍ର ଖଲି (ତ୍ରୟୋଦଶଟି ପତ୍ରରେ ପ୍ରସ୍ତୁତ) ଉପରେ ବସୁଥିବା ସ୍ଥଳେ କନ୍ୟା ଶିଆଳୀ ପତ୍ରରେ ପ୍ରସ୍ତୁତ (ସାତଟି ପତ୍ର) ଖଲି ଉପରେ ବସେ । ବେଦୀ ଶାଳରେ ଏଣ୍ / ଦେଓ୍ୱାଁ ତାଙ୍କର ସହାୟକ/ଚେଲା ମାନଙ୍କ ସହାୟତାରେ ବିଧିପର୍ବକ ବିବାହ କାର୍ଯ୍ୟ ସମ୍ପନ୍ନ କରିଥାଆନ୍ତି । ବିବାହ ପୂଜାର ସମସ୍ତ ମନ୍ତ୍ର / ଶ୍ଲୋକ ଆବୃତ୍ତି ହେବା ପରେ ବିବାହ କର୍ମର ମୁଖ୍ୟ ରୀତି ସିନ୍ଦୁର ଦାନ (ସପିନ୍ଦୁରୀ) ଅନୁଷ୍ଠିତ ହୁଏ । ଏଥିରେ ଦେଓ୍ୱାଁଙ୍କର ମନ୍ତ୍ର ଆବୃତ୍ତି ସହିତ ବର ଓ କନ୍ୟା ପରସ୍ପରର କପାଳରେ ସାତଥର ଲେଖାଏଁ ସିନ୍ଦୂର ଘଷିଥାଆନ୍ତି । ଏହି ସମୟରେ ତାଳ ସହ ନାରୀଗଣ ଗାଆନ୍ତି -

ବରପକ୍ଷ: "ସିନ୍ଦୁରୀ ମେୟାଁ ବାବୁ ସିନ୍ଦୁରୀ ମେ ଗାଉ
ପିଣ୍ଡିଗି ଟେପେଡ୍ ସାମାଂରେ
ସିନ୍ଦୁରୀ ମେ, ସିନ୍ଦୁରୀ ମେ ।"

ଓଡ଼ିଆ: "ସିନ୍ଦୁର ଦିଅ ବାବୁ ଦିଅ ଘଷି
ଅନୁଚ ମୃଦୁ କପାଳରେ"

କନ୍ୟାପକ୍ଷ: "ସିନ୍ଦୁରୀ ମେୟାଁ ମାଇଁ ସିନ୍ଦୁରୀ ମେ
ହାତୀ ସାମାଂ ଟାଂଟାଂରେ, ହାତୀ ସାମାଂ
ଟାଂଟାଂରେ ସିନ୍ଦୁରୀ ମେ, ସିନ୍ଦୁରୀ ମେ ।"

ଓଡ଼ିଆ: "ସିନ୍ଦୁର ଦିଅ ଲୋ ଦିଅ ଲେସି
ହାତୀସମ ବିସ୍ତାରିତ ଦୃଢ କପାଳରେ"

ସଙ୍ଗୀତର ତାଳେ ତାଳେ ବର ଡାହାଣ ହାତର କାନି ଆଙ୍ଗୁଠିରେ କନ୍ୟାର କପାଳରେ ତଳୁ ଉପର କ୍ରମରେ ୭ ଥର ସିନ୍ଦୁର ଘଷୁଥିବା ବେଳେ କନ୍ୟା ବାମହସ୍ତର ତର୍ଜ୍ଜନୀ ଆଙ୍ଗୁଠିରେ ୭ ଥର ବରର କପାଳରେ ସିନ୍ଦୁର ଘଷେ । ତହିଁ ଉତ୍ତାରୁ ଦେଓ୍ୱାଁ ବରର ଡାହାଣ ହାତକୁ କନ୍ୟାର ବାମ ହସ୍ତରେ ଧରାଇ ଦେଇ ବେଦୀ ଚାରିପଟେ ୭ ଥର ପରିକ୍ରମଣ କରିବାକୁ କହିଥାଆନ୍ତି । ଏଥି ସହିତ ନାଚଗୀତର ଆସର ଜମେ । ବରକନ୍ୟାଙ୍କୁ ମଧ୍ୟ ସାମିଲ କରାଯାଇଥାଏ ।

"କାଡି ଗୁଟୁଚାନି, ସମ ଗୁଟୁବନା,
ବେପେଟାଆକାନା କିଂ ନାପାମାକାନାଙ୍କ
ପଚରବିନ୍ଦା କାମୁର୍ ଦିଶୁମ୍ ନିକିନ୍‌ଗେଡ୍ଡା ଜାରୀ ।"

ଓଡ଼ିଆ: " କାଡି ହୁଡିର ହେଟା,
ଭାଲିଆ ହୁଡ଼ିର ବୋଦା
ଭେଟାଭେଟି ପରେ ଏବେ -
ମଧୁମିଳନର ବେଳ ହେଲାଣି
ଅଣସେଚିତ ନୀରସ ମରୁଭୂମି
ହେବ ଏବେ କର୍ଷିତ -
ବୀର ପ୍ରସବିନୀ ଜନମ ଭୂଇଁ ।"

ଶେଷରେ କନ୍ୟାକୁ ବନ୍ଧୁବାନ୍ଧବମାନେ ଉପହାର ମାନ ପ୍ରଦାନ କରନ୍ତି ଏବଂ ବରପକ୍ଷ କନ୍ୟା ସହିତ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୁଏ । କନ୍ୟା ବିଦାୟ କାଳରେ ସାଙ୍ଗ ଝିଅ ମାନଙ୍କ ଦ୍ୱାରା ଆବେଗପୂର୍ଣ୍ଣ ସଙ୍ଗୀତ ଗାନ କରାଯାଇଥାଏ ।

"ସିଦା କୁଲିମ୍ କ ପାଇଲେ ଗାଟିମ୍‌କ
ମିୟାଡେବୁଟେ ବୁରୁଇବାଲା
ମିଶାଟେବୁ ବାଲାକେନା
ବେୟଁଲାରେ ମାନି ସୁନୁମ୍
ମିଶାଟେବୁ ସୁନୁମ୍‌କେନା
ନେନ୍ଦେ ଦୁଦୁଲୁମ୍ ! ଦୁଣ୍ଡିପାରାୟୁ
ଟାଲାଗେଗେମ୍ ଟାଇକେନା
ନାଆଁଦ ନାଆଁଦମ ବାଗେୟାଚୁଡା
କଦମଦାରୁ ଚେଚାନେଏଚେ
ନେଲେ ଜାସେନଃ କମ୍‌ରେ ମାଇନା ।"

ଓଡ଼ିଆ: ପିଲାଦିନୁ ସାଂଗସାଥି
ହସ ଖୁସିରେ ଥିଲେ ମାତି
ବୁରୁଇ ଗଛର ପ୍ରସ୍ଫୁଟିତ ଫୁଲପରି
କପୋତ କପୋତୀ ଗହଣେ
ଲୋଟଣୀ ପାରାମେଳେ
ଯାଉଛି ବଉଳ ଆଜି ଆମକୁ ଛାଡି ।
ବଉଳ ! ଆଖି ସେପାରିକୁ ଯିବାଯାଏଁ ତମେ
ଦେଖୁଥିବୁ ଆମେ
କଦମ୍ବ ଗଛର ଆଢୁଆଳେ ଲୁଚି ।"

କନ୍ୟା ସହିତ କନ୍ୟାର ପିତାମାତା, କେତେଜଣ ଆତ୍ମୀୟସ୍ୱଜନ, କନ୍ୟାର ସହାୟିକା ସ୍ତ୍ରୀଲୋକ ଏବଂ କନ୍ୟାର କେତେକ ସାଙ୍ଗଝିଅ ଯାଇଥାଆନ୍ତି ।

ବରଘରେ ପୁଣିଥରେ ଦେଓ୍ୱାଁ / ଏଣ୍ଡଙ୍କ ଦ୍ୱାରା ଅନୁରୂପ ଶୈଳୀରେ ବିବାହକାର୍ଯ୍ୟ ଅନୁଷ୍ଠିତ ହୁଏ । ବରକନ୍ୟାଙ୍କ ମଧ୍ୟରେ ସିନ୍ଦୁର ଘଷା ଓ ବେଦୀ ପରିକ୍ରମଣ ପରେ ନାଚ ଗୀତ ସହିତ ସେମାନଙ୍କୁ ଏକ ସୁସଜ୍ଜିତ କୋଠରୀକୁ ନେଇ ଯାଆନ୍ତି । ସେଠାରେ ଦୁହିଁଙ୍କୁ ସଂଗୀତ ଗାନ ପୂର୍ବକ ବନ୍ଦାପନା କରାଯାଏ ।

"ତିସିଂଗେଦା ମାଇଁ ମାଇଁକ ମେତାମେୟାଁ
ଗାପାଗେଦା ବୁଇବୁଇକ ମେତାମେୟାଁ
ଗାପାଏତେ ମେୟାଂଦ, ମାରାଂ ବଙ୍ଗାରେକ୍
ବଙ୍ଗା ମିଶାମେୟାଁ ।

ଓଡ଼ିଆ: ଆଜି ସିନା ଝିଅ ଝିଅ ଡାକ ଶୁଣିବୁ
କାଲିଠାରୁ ଡ଼ାକିବେ ଲୋ ତୋତେ ବୋହୂ
ପରଦିନ ତୋ ଘରେ
ଆଦିମାତା (ମାରାଂବଙ୍ଗା)ର ପୂଜା ।"

ଚତ୍ ସଙ୍ଗେ ସଙ୍ଗେ ସାଙ୍ଗସାଥି, ବନ୍ଧୁବାନ୍ଧବଙ୍କ ମେଳରେ ହସଖୁସି, ଥଟ୍ଟା ପରିହାସ ଚାଲେ । ପାଣ୍ଡାଇତିଙ୍କ ପରାମର୍ଶ କ୍ରମେ ୩ ଦିନ ପରେ (ତିନି ଦିନରେ ଅଶୁଭ ଥିଲେ ୧୨ ଦିନ) ବେଦୀ ଭଙ୍ଗ କରାଯାଇ ବିସର୍ଜନ ଦେବା ସହିତ ବରକନ୍ୟାଙ୍କୁ ଗାଧୋଇବା ପାଇଁ ନଦୀ କିମ୍ବା ପୋଖରୀକୁ ନେଇ ଯାଇଥାଆନ୍ତି । ଏହାକୁ "କାଦହାଟି" କୁହାଯାଏ । ସେତେବେଳେ କନ୍ୟାକୁ ଏକ ନୋଟା / କଳସୀ ଏବଂ ବରକୁ ଧନୁତୀର ଦିଆଯାଏ । ସେମାନେ ନୋଟାଟିକୁ ପାଣି ଭିତରେ ଅଦଳବଦଳ କରି ଲୁଚାନ୍ତି ଏବଂ ସେହି କ୍ରମରେ ମଧ୍ୟ ଖୋଜି ବାହାର କରାଯାଏ । ଏହିପରି ସାତଥର କରିବାପରେ ଜଳପୂର୍ଣ୍ଣ ନୋଟାଟିକୁ କନ୍ୟା ମୁଣ୍ଡରେ ଧାରଣ କରି ଆଦ୍ରବସ୍ତ୍ରରେ ଦୁହେଁ ଘରମୁହାଁ ହୁଅନ୍ତି । ବାଟରେ ବରକୁ ଦିଆଯାଇଥିବା ତୀରଟି ସେହି ଜଳପୂର୍ଣ୍ଣ ପାତ୍ରରେ ବୁଡାଇ ବର ଆଗକୁ ଆଗକୁ ସାତଥର ତୀର ଚାଳନା କରେ । ପ୍ରତ୍ୟେକଥର ତୀରଟିକୁ କନ୍ୟା ଗୋଟାଇ ଆଣି ବରକୁ ଦେଉଥାଏ । ସେଦିନ ବର ପାଇଁ ମାମୁଁ ନବବସ୍ତ୍ର ଦେଉଥିବା ବେଳେ କନ୍ୟାକୁ ମାଇଁ ନବବସ୍ତ୍ରରେ ଆଭୂଷଣ କରାଇ ଥାଆନ୍ତି । ଏହାପରେ ବର, କନ୍ୟାକୁ

ଆଦିଂ ବା ଇଶାଣ ଶାଳ ନିକଟକୁ ନେଇଯାଇଥାଏ । ଆଦିଂର ଭିତର ପାର୍ଶ୍ବରେ ରହି ବର କନ୍ୟାର ବାମ ହସ୍ତରେ ଏକ ଲୌହବଳା ପିନ୍ଧାଇ ଦେବା ସହିତ, ତାକୁ ଆଦିଂ ଭିତରକୁ ନେଇଯାଏ । ବରର ମା କିମ୍ବା ଭଉଣୀ କନ୍ୟାକୁ ନୂଆହାଣ୍ଡି ସହ ରୋଷେଇ ଉପକରଣ ଦେଇ ଚୂଲୀ ଦେଖାଇ ଦିଅନ୍ତି । କନ୍ୟାଟି ସେଦିନ ସ୍ୱହସ୍ତରେ ବ୍ୟଞ୍ଜନାଦି ପ୍ରସ୍ତୁତ କରେ ଏବଂ ସେହି ବ୍ୟଞ୍ଜନକୁ ବର ପ୍ରଥମେ ଇଶାଣରେ ଇଷ୍ଟଦେବାଦେବୀ/ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାଆନ୍ତି । ଏଥି ନିମନ୍ତେ ଏକ ନାଲି କୁକୁଡା ଇଶାଣ ଶାଳରେ ବଳୀ ଦିଆଯାଏ । ଏହାପରେ ଶାଶୁଶ୍ୱଶୁରଙ୍କ ପରିବାରରେ କନ୍ୟାଟି ନୂତନ ସଦସ୍ୟା (ନବବଧୂ) ଭାବରେ ପରିଗଣିତ ହୁଏ । ପ୍ରସ୍ତୁତ ହୋଇଥିବା ଖାଦ୍ୟ ଘରେ ଉପସ୍ଥିତ ଥିବା ସମସ୍ତ ବନ୍ଧୁବାନ୍ଧବ, ଆତ୍ମୀୟ ମାନଙ୍କୁ ନବବଧୂ ହିଁ ପରିବେଷଣ କରିଥାଆନ୍ତି । ଏହାକୁ "ଜମ୍ ଇଶିନ୍" କୁହାଯାଇଥାଏ । ଏହି ସମୟରେ ବରର ମା / ଭଉଣୀ ସମସ୍ତଙ୍କ ସହିତ ବୋହୂଟିକୁ ପରିଚିତ କରାଇ ଦିଅନ୍ତି । ତଦନୁସାରେ ନବବଧୂଟି ଖାଦ୍ୟ ବ୍ୟଞ୍ଜନାଦି ପରିବେଷଣ କରେ ।

ସେହିଦିନ ବେଦୀ ବିସର୍ଜନ ହୋଇଥିବାରୁ ତାହା କୋହ୍ଲ ସମାଜରେ ବନ୍ଦାପନା ଦିବସ ରୂପେ ବିବେଚିତ ହେବା ସହିତ ସମସ୍ତ ବିବାହ କାର୍ଯ୍ୟବିଧି ସମାପ୍ତ ହୁଏ ଏବଂ ଏହି ଦିବସ ଠାରୁ ବରକନ୍ୟା ସ୍ୱାମୀ-ସ୍ତ୍ରୀର ମର୍ଯ୍ୟାଦା ଲାଭ କରନ୍ତି ।

କୋହ୍ଲ ସମ୍ପ୍ରଦାୟରେ ସାଧାରଣ ଆନୁଷ୍ଠାନିକ ବିବାହ ବିଧି ଅତୀବ ବିସ୍ତୃତ । ପ୍ରାକ୍ ବିବାହ, ବିବାହ, ବିବାହୋତ୍ତରର କାର୍ଯ୍ୟଶୈଳୀ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରତ୍ୟେକଟି ପାରମ୍ପରିକ ପ୍ରଥା ଧର୍ମଭିତ୍ତିକ, ମନସ୍ତାତ୍ତ୍ୱିକ ତଥା ବିଜ୍ଞାନ ସମ୍ମତ ଏବଂ ପ୍ରତିଟି ସୋପାନ / ପର୍ଯ୍ୟାୟ ବାଦ୍ୟ-ତାଳ ସହ ନାଚ-ଗୀତର ଆକର୍ଷଣୀୟ ଧାରାରେ ଉଜ୍ଜୀବୀତ - ମୁଖରିତ ।

ସାଧାରଣତଃ କୋହ୍ଲ ସମାଜ ବିବାହ କର୍ମବିଧିରେ ଚାତୁର୍ଯ୍ୟପୂର୍ଣ୍ଣ ପ୍ରତୀକଧର୍ମୀ ଭାଷା ବିନ୍ୟାସ ସମ୍ବଳିତ କଥୋପକଥନ ଓ ସଙ୍ଗୀତ ଶୈଳୀ ପ୍ରଚଳିତ, ଯାହାକୁ ସାଧାରଣ ଅଣଆଦିବାସୀ ବୁଝିବା କଷ୍ଟକର ବୋଧହୁଏ ।

ତେବେ କୋହ୍ଲ ସମାଜରେ ପ୍ରଚଳିତ ସମସ୍ତ ବିବାହ ପ୍ରକାର ଠାରୁ ସାଧାରଣ ଆନୁଷ୍ଠାନିକ ବିବାହ ବ୍ୟବସ୍ଥାର ଗୁରୁତ୍ୱ, କାର୍ଯ୍ୟଧାରା ଓ ଅବଧି ଯଥେଷ୍ଟ ଅଧିକ । ଜୀବନକୁ ଉପଭୋଗ କରିବା ପାଇଁ ବିବାହୋତ୍ସବ ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ମନେହୁଏ । ଏଥିରେ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତା-ଚେତନାର ମଧୁର ସମନ୍ୱୟ ସଂଘଟିତ ।

◆◆◆

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ

(ଏହି ପ୍ରବନ୍ଧଟି ଶ୍ରୀ କାଇରା ସିଂ ବାଘିଆ, କଟୁରିଆ, (ଖଡତ) ମୟୂରଭଞ୍ଜଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ ଭିତ୍ତି କରି ରଚିତ ହୋଇଛି । କୋହ୍ଲ (ହୋ) ସମ୍ପ୍ରଦାୟର ବିବାହ ସଂସ୍କାର ଏକ ମହାନ୍ ପରମ୍ପରା । ଏ ପ୍ରବନ୍ଧରେ ତାର କିଞ୍ଚିତ୍ ଅବତାରଣା ମାତ୍ର କରାଯାଇଛି ।)

# ସାନ୍ତାଳ ବିବାହ

ଶ୍ରୀମତୀ ଦମୟନ୍ତୀ ବେଶ୍ରା

ଗୋଟାଏ ଯୁବକ ଏବଂ ଯୁବତୀକୁ ସହାବସ୍ଥାନ ପାଇଁ ସାମାଜିକ ସ୍ୱୀକୃତ ଦେବାର ପ୍ରକ୍ରିୟା ହେଉଛି ବିବାହ । ଏହା ବୈଦିକ ମନ୍ତ୍ରୋଚାର ସହିତ ସଂଘଟିତ ହୁଏ । ବଂଶ ପରମ୍ପରାକୁ ଅଗ୍ରଗତି କରାଇବାରେ ସହାୟକ ହୋଇଥାଏ । ତେଣୁ ବିବାହକୁ ଏକ ପାରିବାରିକ ଉତ୍ସବ କୁହାଯାଇ ପାରେ । କିନ୍ତୁ ସାନ୍ତାଳ ବିବାହ ପାରିବାରିକ ନ ହୋଇ ହୋଇଥାଏ ସାମାଜିକ ଉତ୍ସବ । ସମାଜ ବ୍ୟତିରେକେ କୌଣସି କ୍ରିୟା ସମ୍ପାଦିତ ହୋଇପାରରେ ନାହିଁ । ବିବାହ ସାନ୍ତାଳ ଯୁବତୀକୁ ପିତୃପକ୍ଷର 'ବଙ୍ଗା' (ଦେବତା) ମାନଙ୍କଠାରୁ ବିଚ୍ଛିନ୍ନ କରେ ଏବଂ ଯୁବକ (ସ୍ୱାମୀ) ଠାରୁ ସିନ୍ଦୁର ପାଇ ସ୍ୱାମୀ ପକ୍ଷର 'ବଙ୍ଗା' ମାନଙ୍କର ଅନୁକମ୍ପା ପ୍ରଦାନ କରାଏ । ଏଥିପାଇଁ ବ୍ରାହ୍ମଣର ମନ୍ତ୍ରୋଚାର ଅନାବଶ୍ୟକ । ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଶୈଳୀରେ ସେମାନେ ଏହି ଅନୁଷ୍ଠାନକୁ ନିର୍ବାହ କରନ୍ତି । ବିବାହର କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରଥା ମଧ୍ୟଦେଇ ତାଙ୍କର ବିବାହ ହୁଏ ନାହିଁ ବରଂ ୧୪ଟି ପୃଥକ୍ ପ୍ରଥାରେ ଯୁବକ ଯୁବତୀକୁ ବୈବାହିକ ମାନ୍ୟତା ଦିଆଯାଏ । ସେଗୁଡିକ ନିମ୍ନରେ ପ୍ରଦତ୍ତ-

(୧) ଦଲ୍ ବାପ୍ଲା - ଏକ ଆଡମ୍ବରପୂର୍ଣ୍ଣ ବିବାହ । ବାଜା ବଜାଇ ଉଭୟ ଗ୍ରାମରେ ନୃତ୍ୟ ଗୀତ ହୁଏ । (୨) ଗଲାୟଁଟି ବାପ୍ଲା - ଦୁଇଟି ପରିବାରର ଭାଇଭଉଣୀ ଆଦାନ ପ୍ରଦାନ ବିବାହ ।

(୩) ଟୁଙ୍କି ବିପିଲ ବାପ୍ଲା - ଛୋଟ କାଟିଆ ବିବାହ । ଏଥିରେ ବରକୁଳିଆ ହୋଇ କେତେଜଣ ବୟସ୍କମାନେ ହିଁ ଯାଆନ୍ତି ।

(୪) ସାଙ୍ଗା ବାପ୍ଲା - ବିଧବା ବା ଛାଡ଼ପତ୍ର ପାଇଥିବା ସ୍ତ୍ରୀର ବିବାହ । ଏହାକୁ ସାହାଗା ବିବାହ ବୋଲି ଅଭିହିତ କରାଯାଇପାରେ ।

(୫) ଜାୱାଁୟ କିରିଞ୍ଜ୍ ବାପ୍ଲା - ବିବାହ ପୂର୍ବରୁ ସନ୍ତାନବତୀ ହୋଇଥିବା ଯୁବତୀ ପାଇଁ ବରକିଣା ବିବାହ ।

(୬) ହଗିମ୍ ଟେଟାନ୍ ବାପ୍ଲା - ଦ୍ୱିତୀୟ ପତ୍ନୀ ଗ୍ରହଣ ।

(୭) ଇପୁତୁତ୍ ବାପ୍ଲା - ଝିଅ ମୁଣ୍ଡରେ ସିନ୍ଦୁର ଘଷି ତାକୁ ବାଧ୍ୟବାଧକତା କରି ବିବାହ କରିବା ।

(୮) ଅର ଆଦେର ବାପ୍ଲା - ବଳପୂର୍ବକ ଟାଣିଆଣି ବିବାହ କରିବା ।

(୯) ଛିରବଲ ବାପ୍ଲା - ପୁଅ ବା ଝିଅର ସ୍ୱେଚ୍ଛାରେ ଅନୁପ୍ରବେଶ ।

(୧୦) କଣ୍ଡେଲ ଜାପାମ୍ ବାପ୍ଲା - ଯୁବକ ଯୁବତୀର ରାଜି ଖୁସି ମିଳନ ।

(୧୧) ଆପାଙ୍ଗିର ବାପ୍ଲା - ପ୍ରଣୟୀ ସହିତ ପଳାୟନ ଜନିତ ବିବାହ ।

(୧୨) ଗାର୍ଦ୍ଦି ଜାୱାଁୟ ବାପ୍ଲା - ଅପୁତ୍ରିକ ପରିବାର ପାଇଁ ଅସ୍ଥାୟୀ ଜୋଇଁ ଅଣା ବିବାହ ।

(୧୩) ଅଳାଃ ଜାୱାଁୟ ବାପ୍ଲା - 'ଗାର୍ଦ୍ଦି ଜାୱାଁୟ' ସନ୍ତାନର ପିତା ହୋଇ ପାରିଲେ ସେ 'ଅଳାଃ ଜାୱାଁୟ' ହୁଏ । ଏହି ବିବାହ ଠିକ୍ 'ଦଲ ବାପ୍ଲା' ପରି ହୁଏ । କିନ୍ତୁ କେତେକ ପରିବର୍ତ୍ତନ ଅଣାଯାଇ ଯୁବକ ଏବଂ ଯୁବତୀର ଭୂମିକାକୁ ଓଲଟାଇ ଦିଆଯାଏ ।

(୧୪) ଆଗୁ ହାଟାଦ୍ - 'ଅଳାଃ ଜାୱାଁୟ'ର ସମ୍ଭାବ୍ୟ ବିବାହ ।

ଉପରୋକ୍ତ ସମସ୍ତ ବିବାହ ପୃଥକ୍ ହୋଇଥିଲେ ମଧ୍ୟ ସର୍ବତ୍ର ଦୁଇଟି ମୌଳିକ ନିୟମ ପରିଲକ୍ଷିତ । ପ୍ରଥମଟି ହେଲା ଅନ୍ତର୍ଗୋତ୍ର ବିବାହ ବର୍ଜନ ଓ ଦ୍ୱିତୀୟଟି ସମାଜର ବିଧି ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା । ଏହାର ଅନୁପାଳନ

ନକଲେ ଯୁବକ ଯୁବତୀକୁ ଦଣ୍ଡଭୋଗ କରିବାକୁ ପଡ଼େ ଏବଂ ତାଙ୍କର ମିଳନକୁ ମଧ୍ୟ ସାମାଜିକ ମାନ୍ୟତା ମିଳେ ନାହିଁ । ତେଣୁ ଏହାର ଅନ୍ୟ ସିଦ୍ଧାନ୍ତ ହେଲା ମିଳନ ବିଧି ପୂର୍ବକ ମଞ୍ଜୁର ହେବା ଆବଶ୍ୟକ । କେତେକ ବିବାହରେ ଯୁବକ ଯୁବତୀ ପ୍ରଥମେ ମିଳିତ ହୁଅନ୍ତି ସତ କିନ୍ତୁ ସମାଜର ସ୍ୱୀକୃତି ଅନିବାର୍ଯ୍ୟ ଭାବରେ ସେମନେ ଗାଆଁ ଦରବାରରୁ ନିଅନ୍ତି । ନିମ୍ନରେ ସାନ୍ତାଳ ବିବାହ ଗୁଡ଼ିକର ବିଶ୍ଳେଷଣ ଦିଆଗଲା ।

ଦଲ୍ ବାପ୍ଲା : 'ଦଲ'ର ଅର୍ଥ ହେଲା ବଡ଼ ଡାଲା ବା 'ଦାଉଲା' । ଯେଉଁ ବିବାହରେ କନ୍ୟା 'ଦାଉଲା'ରେ ବସି ସର୍ବସାଧାରଣ ସମ୍ମୁଖରେ ସିନ୍ଦୁର ଲାଭ କରେ ତାକୁ 'ଦଲ୍ ବାପ୍ଲା' କୁହାଯାଏ । 'ଦଲ୍ ବାପ୍ଲା' ଏକ ସୁବ୍ୟବସ୍ଥିତ ବିବାହ । ଏଥିରେ ଆଲୋଚନା, ପରାମର୍ଶ ଓ ସମ୍ମତିର ଆବଶ୍ୟକ ହୁଏ । ଏହି ବିବାହରେ ଉଭୟ ଗ୍ରାମରେ କେବଳ ଖାଦ୍ୟପେୟ ଓ ନୃତ୍ୟଗୀତର ଆସର ଜମେ ନାହିଁ ବରଂ ଏହା ଦୁଇଟି ଗ୍ରାମକୁ ସମ୍ପର୍କରେ ଖିଅରେ ଯୋଡ଼େ ।

'ଦଲ୍ ବାପ୍ଲା'ର ପ୍ରଥମ ପାହାଚ ହେଲା 'ରାଏବାରିଚ୍' ବା ମଧ୍ୟସ୍ଥିର ନିଯୁକ୍ତି । ମଧ୍ୟସ୍ଥି ସାଧାରଣତଃ ବୟସ୍କ ପୁରୁଷ ବା ସ୍ତ୍ରୀ ହୋଇଥାଏ ଯାହାରକି ବର କିମ୍ବା କନ୍ୟା ପକ୍ଷ ସହିତ ପରିଚୟ ଥିବ । ଯେହେତୁ 'ଦଲବାପ୍ଲା'କୁ ଚୂଡ଼ାନ୍ତ କରିବା ପାଇଁ ଅନେକ ଆଲୋଚନା କରିବାକୁ ପଡ଼ିଥାଏ । ସେହେତୁ ମଧ୍ୟସ୍ଥିର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ଏଥିରେ ମଧ୍ୟସ୍ଥି ଏକ ସାକ୍ଷୀ ଭାବରେ ଅବା ଯୋଗସୂତ୍ରକାରୀ ଭାବରେ କାର୍ଯ୍ୟ କରେ । ସେ ବରପିତା ଅଥବା କନ୍ୟାପିତାକୁ ପରସ୍ପରର ଘରଦ୍ୱାର ଦେଖିବା ବେଳେ ତାଙ୍କ ସହିତ ଯାଏ । ବିଭିନ୍ନ ସମ୍ବାଦର ଆଦାନ ପ୍ରଦାନ ମଧ୍ୟ କରେ ଯେଉଁଥିପାଇଁ ବିବାହ ସମ୍ପନ୍ନ ହେଲେ ସେ କିଛି ଦାନ ପାଏ । ବରପକ୍ଷ ମଧ୍ୟସ୍ଥି ମାଧ୍ୟମରେ ବିବାହ ଯୋଗ୍ୟ ପାତ୍ରୀ ସମ୍ପର୍କରେ ଅବଗତ ହୁଅନ୍ତି । ଅନେକାଂଶରେ ବରପକ୍ଷ ପାତ୍ରୀ ଦେଖିବା ପରେ ହିଁ ମଧ୍ୟସ୍ଥିର ସାହାଯ୍ୟ ଲୋଡନ୍ତି । ସେ ପ୍ରସ୍ତାବକୁ ନେଇ କନ୍ୟା ଗୃହକୁ ଯାଏ । ତା'ପରେ ପାତ୍ରୀ ଦେଖାପାଇଁ ସେ ଦିନଧାର୍ଯ୍ୟ କରେ ।

**ପାତ୍ରୀ ନିର୍ବାଚନ :**

ପାତ୍ରୀଦେଖା ମୁଖ୍ୟ ଭାବରେ ମକର ମେଳା କିମ୍ବା ହାଟରେ ହୋଇଥାଏ । ଅଧୁନା ଏହା ପ୍ରାୟ କନ୍ୟାଗୃହରେ ସଂଘଟିତ ହେଉଛି । ଏହି ଅବସରରେ କନ୍ୟା ଜଣେ ଅନୁଗାମୀ ସହିତ ଢାଲରେ ପାଣି ଆଣି ସମସ୍ତଙ୍କୁ ଦିଏ ଏବଂ ଜୁହାରୀ ହୁଏ । ସାଧାରଣତଃ ଏହା ଅନୌପଚାରିକ ହୋଇ ଥିବାରୁ ପସନ୍ଦ ଅପସନ୍ଦ ଉପରେ କୌଣସି ଟିକା ଟିପ୍ପଣୀ ଦିଆ ହୁଏ ନାହିଁ । ମଧ୍ୟସ୍ଥି ହିଁ ଦିନେ ଦୁଇଦିନ ପରେ ସେ ସମ୍ବାଦ ଆଣି ପହଞ୍ଚାଏ । ଅପସନ୍ଦ ହେବା କ୍ଷେତ୍ରରେ ମଧ୍ୟସ୍ଥି ଫେରେ ନାହିଁ । କିନ୍ତୁ ପସନ୍ଦ ହେଲେ ଆନୁଷ୍ଠାନିକ ଭାବରେ ଗାଆଁର ମୁଖିଆ ସହିତ ଗ୍ରାମର ଚାରି ପାଞ୍ଚଜଣଙ୍କୁ ସାମିଲ କରି ଘରଦ୍ୱାର ଦେଖା ହୁଏ । ଏଥିରେ ବିଧିବଦ୍ଧ ଭାବରେ ପ୍ରସ୍ତାବ ପଡ଼େ । ଝିଅପକ୍ଷ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ବାପା, ମାଆ, କକା, ଖୁଡ଼ୀ, ଗ୍ରାମର ମୁଖିଆ, ଉପମୁଖିଆ ମାନଙ୍କୁ ନେଇ ପୁଅପକ୍ଷର ଘରଦ୍ୱାର, ବିଲବାଡି ଦେଖି ଆସନ୍ତି । ଘରଦ୍ୱାର ଦେଖିଲାପରେ ବିବାହର ସମ୍ମତ ବା ଅସମ୍ମତ ପ୍ରଦାନ କରାଯାଏ । ସମ୍ମତ ହେଲେ ଆନନ୍ଦରେ ନିମ୍ନ ପ୍ରକାର ଗୀତ ଗାନ କରାଯାଏ ।

ଗୀତ: ଦେସେ ଜାଥା ରାୟବାର
ଗିରାବନ୍ ସେଟେର ଆକାଦ୍
ବାଂଦ ଦେଶ୍‌ଗିରା
ବାଂଦ ମାଝୀଗିରା
ବାଂଦ ପାଟେଦ୍ ଗିରା
ଆଟେନ୍‌ପେ ଅଜାଃ ହଲ୍‌କ

ସିରି ସିରିଇନ୍ କାଥାଞ୍ ଲାଇଆପେ କାନ୍
ହାଣ୍ଡେ ଫାଲ୍‌ନା ମାଝୀ
ନହଡ଼େ ତୁସ୍‌କା ମାଝୀ
ଉସୁଲ ବିସୁଲ କାଥା ହୁୟ ଆକାନ୍
ଭାଙ୍ଗାନ୍ ଏପେମ୍ ଗିରାଞ୍ଜ ସେଟେରାକାଦ୍

ଏହି ଗୀତରେ ଗ୍ରାମବାସୀମାନେ ମଧ୍ୟସ୍ଥିଙ୍କୁ ପଚାରୁଛନ୍ତି ଯେ ସେ କି ପ୍ରକାର ନିମନ୍ତ୍ରଣ ନେଇ ଆସିଛି । ମଧ୍ୟସ୍ଥି ଉତ୍ତର ଦେଉଛି – ସୃଷ୍ଟିକର୍ତ୍ତାଙ୍କ ନିୟମ ନାରୀ ଓ ପୁରୁଷର ମିଳନହିଁ ଚିରନ୍ତନ ସତ୍ୟ । ଏ ଗାଆଁର ଅମୁକ ମାଝୀ ସେ ଗାଆଁର ସମୁକ ମାଝୀ ମଧ୍ୟରେ ବନ୍ଧୁତ୍ୱ ସମ୍ମାନ ଆଦାନ ପ୍ରଦାନର ସ୍ଥିର ହୋଇ ଯାଇଛି । ତେଣୁ ଭୋଜିଭାତ ଖାଇବା ପାଇଁ ନିମନ୍ତ୍ରଣ ନେଇ ଆସିଛି ।

**ପଣ :**

ଏହାର ପରବର୍ତ୍ତୀ ପର୍ଯ୍ୟାୟ ହେଲା "ଟାକାଚାଲ' ବା କନ୍ୟାପଣର ଦେୟ । ବରପକ୍ଷ ଗ୍ରାମ ମୁଖିଆ ସହିତ କନ୍ୟାଘରକୁ ଯାଇ ପଣ ନିରୂପଣ କରି ଥାଆନ୍ତି । ଏହି ପଣରେ ମୁଖ୍ୟ ହେଲା 'ବାରେ ଇଟାଦ୍' ଅର୍ଥାତ୍ ଶଳାର ପାଉଣା । ଶଳା ମୁଖ୍ୟ ଭାବରେ ଗୋଟାଏ ଦାମୁଡ଼ିଆ ପାଏ । ତେଣୁ 'ଟାକାଚାଲ' ଅବସରରେ ସେ ତା'ର ପାଉଣାକୁ ଦାମୁଡିଆ ଆକାରରେ କିମ୍ବା ଟଙ୍କା ଆକାରରେ ନେବାକୁ ଇଚ୍ଛୁକ ଅଛି ତାହା ସ୍ଥିର କରାଯାଏ । ଏହା ସହିତ କନ୍ୟାର ମାମୁଁ, କକା ଏବଂ ଅନ୍ୟ ସମ୍ପର୍କୀୟ ମାନେ ମଧ ଗୋଟାଏ ଲେଖାଏଁ ତନ୍ତବୁଣା ଗାମୁଛା (କାଛା) ପାଇ ଥାଆନ୍ତି । ସଂଖ୍ୟା ଅନୁରୂପେ କେତୋଟି ନେବେ ତା'ର ଦାବି ଏହି ଅବସରରେ ସେମାନେ ରଖନ୍ତି । ପୂର୍ବରୁ ଦାବି ରଖାଯାଇଥିଲେ ତାହା ସେମାନଙ୍କୁ ଦିଆହୁଏ । କନ୍ୟାକୁ ମଧ ଏହି ସମୟରେ ଉପହାର ସଦୃଶ ଶାଢୀ, ଗହଣା ଓ ପ୍ରସାଧନ ସାମଗ୍ରୀ ଦିଆହୁଏ । ସାନ୍ତାଳୀ ଭାଷାରେ ଏହି ଉପହାର ଦେବାକୁ 'ପାଞ୍ଜାଟେନ୍' କୁହାଯାଏ । ଏସବୁ ପର୍ବପରେ କନ୍ୟାପକ୍ଷ ବରପକ୍ଷର ଆଗନ୍ତୁକଙ୍କୁ ଖାସି ମାରି ଭୋଜି ଦିଏ । ଉଭୟ ପକ୍ଷ ଆନନ୍ଦରେ ଗୀତ ଗାଆନ୍ତି –

ବୟ ବିଟି ଗନଂ ଦରେ
ବାତି ଲାଗାଅଟେ ଝୋଲପେ
ଝୋଲ୍ ଝୋଲ୍‌ଟେ ମକାୟପେ ।
ବୟବିଟି ଗନଂ ଦରେ
ସନା ଥାରିରେ ନାଟାଂପେ
ରୂପା ଭଲୁମ୍‌ରେ ଦହ ବାୟପେ ।
ବୟ ବିଟି ଗନଂ ଦରେ
କାସ କାସଟେ ବାନ୍ଦେପେ
ଟାହାଅ ଟାହାଅଟେ ଟାଲାମ୍ ଗାନ୍‌ପେ ।

ଅର୍ଥାତ୍ କନ୍ୟାପଣକୁ ସୁନା ଥାଳିରେ ଗ୍ରହଣ କର । ଆଲୁଅ ଲଗାଇ ଭଲ ଭାବରେ ନିରୀକ୍ଷଣ କରି ସାରି ରୂପା ପେଡିରେ ସାଇତି ରଖ । ଝିଅର ପଣ ଲୁଗାକୁ କୁଞ୍ଚମାରି ପିନ୍ଧି ଅତି ସାବଧାନରେ ଚାଲ ।

**ପିନ୍ଧାଣୀ :**

ସାନ୍ତାଳମାନେ 'ବାହାପାରାବ୍' ବା ଫୁଲଭାଙ୍ଗୁଣୀ ପର୍ବ ପାଳନ ପରେ ବିବାହ ପାଇଁ ଶୁଭାରମ୍ଭ କରିଥାଆନ୍ତି । ସାଧାରଣତଃ ଚୈତ୍ର ଓ ବୈଶାଖ ମାସରେ ବିବାହ କାର୍ଯ୍ୟ ସମ୍ପନ୍ନ କରନ୍ତି । ଏହି ସମୟ ବେଳକୁ କୃଷିକର୍ମ ପ୍ରାୟ ସରିଯାଇଥାଏ । ବିଲରେ କୌଣସି କାମ ବାକି ନଥାଏ । ବିବାହର ତିନି, ପାଞ୍ଚ କିମ୍ବା ସାତଦିନ ପୂର୍ବରୁ ବରକନ୍ୟାକୁ ତେଲ ହଳଦୀ ମଖାଯାଏ । ବିଧି ଅନୁସାରେ ତିନି, ପାଞ୍ଚ କିମ୍ବା ସାତଦିନ ପୂର୍ବରୁ ତିନି, ପାଞ୍ଚ କିମ୍ବା ସାତଟି ଦମ୍ପତି ସହିତ ବରକନ୍ୟାକୁ ଉଭୟ ଗ୍ରାମରେ ତେଲ-ହଳଦୀ ମଖା ହୁଏ । ଏଥିରେ ବର-କନ୍ୟାର ଭଉଣୀ କିମ୍ବା ଭାଉଜ ଖଣ୍ଡା ଧରି ଥାଆନ୍ତି । ତିନୋଟି ଝିଅ (ଚିଚରୀକୁଳି) ହାତରେ ଧନୁଶର ଶୋଭାପାଏ । ଧନୁରେ ଶର ଯୋଡି ସେମାନେ ଉପରକୁ ଉତ୍ତୋଳନ କରି ଥାଆନ୍ତି ଏବଂ ଜଣେ ମାଠିଆରେ ପାଣି ଆଣେ । ଏହି ସମୟରେ

ମାଦଳିଆ ମାନେ ମାଦଳ ବଜାଇ ତାଙ୍କ ସହିତ ଯାଆନ୍ତି । ସେହି ପାଣିରେ ବର ଏବଂ କନ୍ୟାକୁ ପିତାମାତାଙ୍କ ସହିତ ଜୁଆଳି ଉପରେ ଠିଆ କରାଇ ତାଙ୍କ ମୁଣ୍ଡ ଉପରେ ଖଣ୍ଡା ଧରି, ଖଣ୍ଡା ଉପରେ ତେଲ ଓ ପାଣି ଢାଳି ଗାଧୋଇ ଦିଆଯାଏ । ତା'ପରେ 'ମାଝୀଥାନ୍'କୁ ଯାଇ ସେଠାରେ ତିନି ବା ସାତ ଘେର ନାଚିନାଚି ପରିକ୍ରମା କରନ୍ତି । ଏହି ନାଚ ମାଧ୍ୟମରେ ସେମାନେ ମୃତ 'ମାଝୀ'ର ଆଶୀର୍ବାଦ କାମନା କରନ୍ତି ।

ଏହାପରେ ବର ମାଆ କୋଳରେ ବସି ତିନୋଟି ଶାଳପତ୍ର ଡ଼େମ୍ଫ ଚୋବାଇ ମାଆକୁ ଦିଏ । ମାଆ ତାହାକୁ ଗୁଡ଼ ସହିତ ଖାଏ । ସେହିଠାରୁ ଆରମ୍ଭ ହୁଏ ବରର କନ୍ୟା ଗୃହକୁ ଗମନ । ମାଆକୁ ଏହି ସମୟରେ 'ନୁନୁଟାକା' ସ୍ୱରୂପ ଶାଢୀ ଦିଆହୁଏ । ଏହା ସ୍ତନ୍ୟପାନ କରାଇ ବଡାଇ ଥିବାରୁ ମାଆକୁ ଉପହାର ଦିଆହୁଏ । ବର କନ୍ୟାଗ୍ରାମରେ ପହଞ୍ଚିଲେ ଗ୍ରାମ ମୁଣ୍ଡରେ ଥିବା ଗଛମୂଳରେ ତାକୁ ଡେରା କରାଯାଏ । ବର କୁଳିଆକୁ ସେଠାରେ ହାଣ୍ଡିଆ ମଧ୍ୟ ଦିଆହୁଏ । ତା'ପରେ ଗ୍ରାମର 'ମାଝୀ' ଗ୍ରାମବାସୀଙ୍କ ସହିତ ଗ୍ରାମ ମୁଣ୍ଡକୁ ଯାଇ ତାଙ୍କୁ ପାଣି ଢାଳି ଦେଇ ଗ୍ରାମ ଭିତରକୁ ସ୍ୱାଗତ କରି ଆଣେ । ଏହି ସମୟରେ ବର ପକ୍ଷର ଯୁବକ ଦଳ ଏବଂ କନ୍ୟା ପକ୍ଷର ଯୁବତୀ ମାନଙ୍କ ମଧ୍ୟରେ ନାଚଗୀତ ପ୍ରତିଯୋଗିତା ଚାଲେ । ଏହି ପ୍ରତିଯୋଗିତାରେ ଯୁବକ ଗୀତ ଗାଇଲେ ଯୁବତୀମାନେ ତା'ର ଆବୃତ୍ତି କରନ୍ତି । ଗୀତ ମାଧ୍ୟମରେ ହସ କୌତୁକର ଆସର ଜମେ । ଯିଏ ଗୀତର ପ୍ରତ୍ୟୁତ୍ତର ଦେଇ ନ ପାରିଲା ସେ ହାରିଗଲା ବୋଲି ବିବେଚିତ ହୁଏ । ଜିତିବା ବାଲାଙ୍କୁ ଏଥିରେ କିଛି ପୁରସ୍କାର ମିଳେ ନାହିଁ, ତେବେ ହରାଇଲୁ ବୋଲି ସେମାନେ ବାହାବା ନିଅନ୍ତି । ତେଣୁ ଗ୍ରାମର ଯୁବତୀମାନେ ଆସିଥିବା ଯୁବକମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରିବା ପାଇଁ ଚେଷ୍ଟା କରନ୍ତି । ଅନ୍ୟ ପକ୍ଷରେ କନ୍ୟା ଗ୍ରାମରେ ଯୁବତୀ ସଂଖ୍ୟା କମ୍‌ଥିଲେ ଯୁବକମାନେ ତାଙ୍କୁ ମଧ୍ୟ ଅଲଗା ଅଲଗା ଦଳରେ ବିଭକ୍ତ କରି ଇତାପଟ ନିଅନ୍ତି । ଏହା ଗ୍ରାମ ଦାଣ୍ଡରେ ବରର ଆଗକୁ ଆଗମନ ସଙ୍ଗେ ସଙ୍ଗେ ଚାଲିଥାଏ । କନ୍ୟାଗ୍ରାମର ଯୁବକମାନେ ମଧ୍ୟ 'କୁହ୍ଲିଏସେଦ୍' କରନ୍ତି । 'କୁହ୍ଲିଏସେଦ୍' ଗ୍ରାମଦାଣ୍ଡକୁ ପ୍ରଶ୍ନଛଳରେ ଅବରୋଧ କରିବା ବୁଝାଏ । ଯୁବକମାନେ ହାତ ଧରାଧରି ହୋଇ ଗୀତ ମାଧ୍ୟମରେ ପ୍ରଶ୍ନ କରନ୍ତି

ଚାଡ଼ି ମେରମ୍‌ପେ ଆଗୁଲେଦେ<br>
ଗଲ୍ କେଦେପେ, ଗେଦ୍ କେଦେପେ<br>
ବହଃ ଦପେ ଚାପାଦ୍ ଗିଡିକେଦ୍ ।

ଅର୍ଥାତ୍ 'ଚାଡି ମେରମ୍' (ବିବାହ ଅବସରରେ ପୁଅଘର ଝିଅ ଘରକୁ ଗୋଟିଏ ଛେଳି ଦେଇ ଥାଆନ୍ତି । ସେହି ଛେଳିକୁ ଝିଅ ଗ୍ରାମରେ ଖେଚୁଡ଼ି କରି ଗ୍ରାମବାସୀମାନେ ଖାଇ ଥାଆନ୍ତି । ଏହାକୁ'ଚାଡିମେରମ୍' କୁହାଯାଏ । ଏଠାରେ 'ଚାଡିମେରମ୍'କୁ ପ୍ରତୀକ ଭାବରେ ନିଆଯାଇଛି ।) ଆଣିଥିଲ । ତାକୁ ମାରିଲ, କାଟିଲ ମଧ୍ୟ କିନ୍ତୁ ତା'ର ମୁଣ୍ଡକୁ ଫିଙ୍ଗି ଦେଲ । ଏହା 'ବାରଯାତ୍' ବା ବରକୁଳିଆ ମାନଙ୍କୁ ପ୍ରଶ୍ନ । ଉତ୍ତର ହେଲା-ବାଇଗଣ । କାରଣ ବାଇଗଣର ମୁଣ୍ଡକୁ ଫିଙ୍ଗି ଦିଆଯାଇଥାଏ । ପ୍ରଶ୍ନର ଉତ୍ତର ବରଯାତ୍ରୀମାନେ ଗୀତ ମାଧ୍ୟମରେହିଁ ଦେଇ ଥାଆନ୍ତି । ବରଯାତ୍ରୀମାନେ ସଠିକ୍ ଉତ୍ତର ଦେଲେ ଯାଇଁ ତାଙ୍କୁ ବାଟ ଛଡାଯାଏ । ଏହି ସମୟରେ ବରକୁ ଗୁଡ଼ ଖୁଆଇବା କାମ ଚାଲେ । ଗ୍ରାମର ସ୍ତ୍ରୀ ଲୋକମାନେ ପ୍ରତିଘରେ ବରକୁ ଗୁଡ଼ ଖୁଆନ୍ତି କନ୍ୟା ଗୃହ ପହଞ୍ଚିଲେ ଗୁଡ଼ଖିଆ ପର୍ବର ସମାପନ ଘଟେ । କନ୍ୟା ଗୃହରେ କନ୍ୟାର ବଡ଼ ଭଉଣୀ ବିଚିତ୍ର ବେଶରେ ସଜ୍ଜିତ ହୋଇ ବରକୁ ଖିଅର କରେ । ଏଥିରେ ସେ ବ୍ଲେଡ଼ର ବ୍ୟବହାର କରେ ନାହିଁ । କଳାପାଚି ଓ ବାଉଁଶ ପାତିଆରେ ଖିଅର କରିବାର ଅଭିନୟ କରେ । ତା'ପରେ ତେଲ ହଳଦୀ ଲଗାଇ ତାକୁ ଗାଧୋଇ ଦିଏ । (କନ୍ୟାର ବଡ଼ ଭଉଣୀଙ୍କର ବରପାଇଁ ଏହା ପ୍ରଥମ ଓ ଶେଷ କର୍ତ୍ତବ୍ୟ । ଏହାପରେ ସାନଭଉଣୀର ବରକୁ ସେ କେବେ ସ୍ପର୍ଶ

କରେ ନାହିଁ ) ସେଠାରେ ତାକୁ ନୂଆ ଧୋତିଟିଏ ପିନ୍ଧାଇ ଦିଏ । ତା'ପରେ 'ଶାଳାଦାହ୍ଲୀ ଚାଲ' (ଶଳାକୁ ପଗଡି ପ୍ରଦାନ) ହୁଏ । ଏହା ଅତ୍ୟନ୍ତ ଚିତ୍ତାକର୍ଷକ । ବର ବ୍ରାହ୍ମଣ ବା ସହଯୋଗୀ କାନ୍ଧରେ ବସେ । ତା'ର ଶଳା ମଧ୍ୟ ତାଙ୍କର ଜଣେ ସମ୍ପର୍କୀୟ କାନ୍ଧରେ ବସେ । ଉଭୟଙ୍କ ମଧ୍ୟରେ କପଡାର ଏକ ପ୍ରତିବନ୍ଧକ ଟଣାଯାଏ । କପଡା ପ୍ରତିବନ୍ଧକର ଚାରିପଟେ ସେମାନଙ୍କୁ ତିନିଥର ବୁଲାଯାଏ । ଏହି ପରିକ୍ରମା ସମୟରେ ସେମାନେ ପରସ୍ପର ଉପରକୁ ଅରୁଆ ଚାଉଳ ଫିଙ୍ଗନ୍ତି । ତା'ପରେ ହାତ ଧରାଧରି ହୋଇ କରତ ଠେଲିବା ଶୈଳୀରେ ପରସ୍ପରକୁ ଆଲିଙ୍ଗନ କରନ୍ତି । ଶେଷରେ ବର ତା'ର ଶଳା ମୁଣ୍ଡରେ ନୂଆ ଗାମୁଛା ପଗଡି ଭାବରେ ପିନ୍ଧାଇ ଦିଏ ।

ଏହାର ଠିକ୍ ପରେ ପରେ 'ସିନ୍ଦୂର ଦାନ' ହୁଏ । ବରଯାତ୍ରୀମାନେ ବଡ଼ ଡାଲାଧରି କନ୍ୟା ଗୃହର ଦ୍ୱାରରେ ଦଣ୍ଡାୟମାନ ହୋଇ ଗୀତ ଗାଇ କନ୍ୟା ମାଗନ୍ତି । 'ଚିତ୍ରୀ କୁନ୍ଦି' ମାନେ ଲୁଗାରେ ପୁଣି ଦ୍ୱାର ଅବରୁଦ୍ଧ କରନ୍ତି । ସେମାନେ ତାଙ୍କର ପାଉଣା ପାଇଲେ ଦ୍ୱାର ଖୋଲି ଦିଅନ୍ତି । ବରର ସାନଭାଇମାନେ କନ୍ୟାକୁ ବଡ଼ ଡାଲାରେ ବସାଇ ନାଚି ନାଚି ଗୀତ ବୋଲି ଦାଣ୍ଡକୁ ଆଣନ୍ତି । ବର ପୁଣି 'ବାବଣେ' ବା ବ୍ରାହ୍ମଣ କାନ୍ଧରେ ବସେ । ଯୁବକମାନେ କନ୍ୟାକୁ ଉପରକୁ ଉତ୍ତୋଳନ କରନ୍ତି । ଏଠାରେ ମଧ୍ୟ ଉଭୟଙ୍କ ମଧ୍ୟରେ କପଡାର ପ୍ରତିବନ୍ଧକ ରହିଥାଏ । ଉପରେ ଥାଇ ପରସ୍ପର ଉପରକୁ ବରକନ୍ୟା ଅରୁଆ ଚାଉଳ ଫିଙ୍ଗା ଫିଙ୍ଗି ହୁଅନ୍ତି । ବର ଅରୁଆ ଚାଉଳକୁ ପାକୁଳି ପାଟିରେ ହିଁ କନ୍ୟା ଉପରକୁ ଫିଙ୍ଗିଥାଏ । କନ୍ୟା କେବଳ ହାତରେ ବର ଉପରକୁ ଫିଙ୍ଗିଥାଏ । ଅରୁଆ ଚାଉଳ ଫିଙ୍ଗାଫିଙ୍ଗି ଚାଲିଥିବା ସମୟରେ ବରକନ୍ୟାକୁ କପଡା ପ୍ରତିବନ୍ଧକର ଚତୁଃପାର୍ଶ୍ୱରେ ତିନିଥର ପରିକ୍ରମା କରାଇ ଦିଆଯାଏ । ତା'ପରେ ପରସ୍ପରକୁ ପୂର୍ବ ପଶ୍ଚିମକୁ ମୁହଁ କରାଇ ସାମ୍ନା ସାମ୍ନି କରି ଦିଆଯାଏ । ସେମାନେ ପରସ୍ପର ଉପରକୁ ଆମ୍ବଡାଳରେ ତିନିଥର ଲେଖାଏଁ ପାଣି ସିଞ୍ଚନ କରିବା ପରେ ବରକୁ ଶାଳ ପତ୍ରର ସିନ୍ଦୂର ଦିଆଯାଏ । ବର ତା'ର ବୃଦ୍ଧ ଏବଂ କନିଷ୍ଠ ଅଙ୍ଗୁଷ୍ଠିରେ ସିନ୍ଦୂର ନେଇ ପ୍ରଥମେ ବସୁମତୀ ମାତାଙ୍କ ଉଦ୍ଦେଶ୍ୟରେ ତଳେ ପକାଇ ତିନିଥର କନ୍ୟାର ସୁନ୍ଥାରେ ସିନ୍ଦୂର ଲଗାଇ ଦିଏ । ସିନ୍ଦୂର ଲଗାଇବା ବେଳେ ତିନିଥର 'ହରିବୋଲ' ଧ୍ୱନି ଉଚ୍ଚାରଣ କରାଯାଏ । ବାକି ଯାହା ବଳେ ତାକୁ ମଧ୍ୟ ପତ୍ରସହ ମୁଣ୍ଡରେ ବୋଳିଦିଏ । ଏହାପରେ କପଡାର ପ୍ରତିବନ୍ଧକ ହଟାଇ ଦିଆଯାଏ । ବରକୁ ତଳେ ଓହ୍ଲାଇ ଦିଅନ୍ତି । କନ୍ୟାକୁ ଡାଲା ଉପରୁ ବରଟେକି ଓହ୍ଲାଇଥାଏ । ଏହିଠାରେ ଉଭୟଙ୍କ ଅଙ୍ଗବସ୍ତ୍ରକୁ ସଂଯୋଗ କରି ଗଣ୍ଠି ପକାଇ ଦିଆଯାଏ । ଏହା ହେଉଛି ବିବାହର ମୁଖ୍ୟ ଅଧ୍ୟାୟ ଯାହକି ବର କନ୍ୟାକୁ ପତିପତ୍ନୀରେ ରୂପାନ୍ତରିତ କରେ ।

ସିନ୍ଦୂର ଦାନ ପରେ ଖାଇବାର ଆୟୋଜନ ହୁଏ । କାରଣ ସେହିଦିନ ବରକନ୍ୟା ସମେତ କନ୍ୟା ପିତାମାତା ମଧ୍ୟ ଉପାସରେ ରହିଥାଆନ୍ତି । ଏହି ଅବସରରେ ନବଦମ୍ପତିଙ୍କୁ ସଂଯୁକ୍ତ ଭାବରେ ଭୋଜନ କରାନ୍ତି । ଏହାପରେ ନବଦମ୍ପତିଙ୍କୁ ବସାଇ 'ବିଡି ଚୁମାଉଲା' ବା ବନ୍ଧାପନା କାର୍ଯ୍ୟ ହୁଏ । ତାଙ୍କୁ ନାନା ପ୍ରକାର ଉପହାର ଉପଢୌକନ ଦିଆଯାଏ । ଉପହାରରେ ସାଧାରଣତଃ ବେଲା ବାସନ, ଗହଣାଗାଣ୍ଠି, ଟଙ୍କାପଇସା, ଲୁଗାପଟା ଇତ୍ୟାଦି ଦିଆଯାଏ । ବନ୍ଧାପନା କାର୍ଯ୍ୟ ସରିଲେ ବରକନ୍ୟାକୁ ବିଦାୟ ଦିଆଯାଏ । ବରର ଗ୍ରାମରେ ମଧ୍ୟ ତାଙ୍କୁ ମହା ଆଡ଼ମ୍ବର ପୂର୍ଣ୍ଣ ସହକାରେ ସ୍ୱାଗତ କରାଯାଏ । କନ୍ୟାଗ୍ରାମ ପରି ବରର ଗ୍ରାମରେ ମଧ୍ୟ ଘରେ ଘରେ ଗୁଡ଼ ଖୁଆଇ ଆତ୍ମୀୟଚାର ପରିଚୟ ଦେଇ ଥାଆନ୍ତି । ସେମାନେ ବର ଘରେ ପହଞ୍ଚିଲେ କନ୍ୟାର ଭ୍ରାତାକୁ ବଳଦ ଦେଖାଇ ଦିଆଯାଏ । କନ୍ୟା ମଧ୍ୟ ସିଧାସଳଖ ବରଗୃହରେ ପ୍ରବେଶ କରେ ନାହିଁ । ବରର ଭଉଣୀ

ସେମାନଙ୍କୁ ଗୋଡ଼ ଧୋଇଦିଏ ଏବଂ କନ୍ୟାର ଗୋଡ଼କୁ ଧରେ । ତାକୁ ସାନ୍ତାଳୀରେ 'କାଟ୍‌କାମ୍' (କଙ୍କଡା ଧରିବା) କୁହାଯାଏ । ଟଙ୍କା ପାଇଲେ ସେ ଗୋଡ଼ ଛାଡ଼ିଦିଏ । କେବଳ ସେତିକିରେ ତା'ର ଦାବିପୂରଣ ହୁଏ ନାହିଁ । କନ୍ୟାଗୃହ ପ୍ରବେଶ କଲାବେଳେ ମଧ୍ୟ ଦ୍ୱାର ଅବରୁଦ୍ଧ କରିଥାଏ । ନଣନ୍ଦ ପେଡି ପାଇଲେ ଦ୍ୱାର ଛାଡି ଦେଇଥାଏ । ପରିଶେଷରେ ସେଠାରେ ପୁଣି 'ଗିଡିଚୁମାଉଲା' ବା ବନ୍ଦାପନାର ଆୟୋଜନ ହୁଏ । ସେମାନଙ୍କୁ ବିଭିନ୍ନ ଉପହାର ଦିଆଯାଏ । ବରପକ୍ଷ ଗ୍ରାମବାସୀ, ବନ୍ଧୁବାନ୍ଧବଙ୍କୁ ଭୋଜି ଦିଏ । ଏହିଠାରେ ବିବାହ ପରିସମାପ୍ତି ହୁଏ । ଗୋଟିଏ ଦିନପରେ ନବଦମ୍ପତ୍ତି କନ୍ୟାଗୃହକୁ ଯାଆନ୍ତି । ସେଠାରେ କନ୍ୟାର ସାନଭଉଣୀ, ଭଉଣୀ, ଭିଣୋଇଙ୍କ ଗୋଡ଼ ଧୋଇଦିଏ ଏବଂ ଭିଣୋଇକୁ 'କାଟକମ୍' କରେ । କନ୍ୟା ଘରୁ ଫେରିଲେ ନବଦମ୍ପତ୍ତି ତାଙ୍କର ସାଂସାରିକ ଜୀବନ ଆରମ୍ଭ କରନ୍ତି । କିଛିଦିନ ପରେ କନ୍ୟାରଭାଇ ଭଉଣୀ ଘରକୁ ଯାଇ ଭଉଣୀ ଭିଣୋଇଙ୍କୁ ଆଣିଥାଏ । ଏହାକୁ 'ହରମାଃ' ବା ବାଟଭାଙ୍ଗିବା କୁହାଯାଏ । ଏହାପରେ ଉଭୟ ପରିବାରରେ ଯିବା ଆସିବାର ବାଟ ଫିଟିଯାଏ ।

## ପ୍ରଥମାନୁମୋଦିତ ଉପହାର :

ସାନ୍ତାଳ ବିବାହରେ ଅଯଥା ଖର୍ଚ୍ଚ ନାହିଁ । କୌଣସିଥିରେ ବାଧବାଧକତା ବା ଆକସ୍ମିକତା ଦାବି ମଧ୍ୟ ନଥାଏ । ସବୁକିଛି ପ୍ରଥାମାନୁସାରେ ଉଭୟ ପକ୍ଷର ଆପୋଷ ଆଲୋଚନାରେ ନିର୍ଣ୍ଣିତ । ଉଭୟ ପରିବାରକୁ ସମାନ ପରିମାଣରେ ଖର୍ଚ୍ଚ କରିବାକୁ ପଡ଼େ । ଲୁଗାପଟା ଉଭୟପକ୍ଷ ଆଦାନ ପ୍ରଦାନ ହୁଅନ୍ତି । ମଧ୍ୟସ୍ଥିକୁ ଉପହାର, ଗ୍ରାମର ମୁଖିଆ, ଉପମୁଖିଆଙ୍କୁ ବସ୍ତ୍ର, ମାଣ୍ଡୱା ନର୍ମାଣ, ବେଦୀ ନିର୍ମାଣ, ବାଜାବାଲା ଖର୍ଚ୍ଚ ସହତ ଗ୍ରାମବାସୀଙ୍କୁ ଭୋଜି ଉଭୟେ ନିଜ ପକ୍ଷରୁ ଖର୍ଚ୍ଚ କରନ୍ତି । ଅନ୍ୟାନ୍ୟ ଉପହାର ସବୁ ନିମ୍ନରେ ଦିଆଗଲା ।

**ବରପକ୍ଷଠାରୁ କନ୍ୟାପକ୍ଷକୁ ମିଳୁଥିବା ଉପହାର :**

କନ୍ୟାର ପିତା : ଗନପନ୍ (ପଣଲୁଗା) ସହିତ ପାଞ୍ଚସିକା

କନ୍ୟାର ମାତା : ୧୬ ହାତ 'ଖାଣ୍ଡା ଲୁଗ୍‌ଳି' ବା ୧୬ ହାତି ଶାଢୀ (ଏକ ବିଶେଷ ପ୍ରକାରର ତନ୍ତବୁଣା ୧୬ ହାତ ଶାଢ଼ୀ, ଏହା କେବଳ ବିବାହ ବେଳେ କନ୍ୟାର ମାଟାକୁ ଦିଆଯାଏ ।)

କନ୍ୟାର ବଡ଼ ଭାଇ : 'ବାରେ ଇତାଦ୍' ବା ଭାଇ ବଳଦ

କନ୍ୟାର ସାନ ଭାଇ : ପଗଡି ପାଇଁ ଗାମୁଛା

କନ୍ୟାର ମକର: ୧୪ ହାତି (ଖାଣ୍ଡା ଲୁଗଳି) ଶାଢୀ

କନ୍ୟାର ଖୁଡି : ୧୨ ହାତି (ଖାଣ୍ଡା ଲୁଗ୍‌ଳି) ଶାଢୀ

କନ୍ୟାର ବଡ଼ ଭଉଣୀ : ଶାଢୀ । 'ତାଳାମ୍ ଗାଣ୍ଡେ' ଅର୍ଥାତ୍ ଅବିବାହିତ ଥିଲେ ।

କନ୍ୟାର ସାନ ଭଉଣୀ : ଏକ ଅଣା । ସିନ୍ଦୁର ଦାନ ପୂର୍ବରୁ ଦ୍ୱାର ଖୋଲିବା ପାଇଁ । ଏକ ଅଣା କଙ୍କଡା ଛଡାଇବା ପାଇଁ । ବରର ଦ୍ୱିତୀୟ ଆଗମନରେ ଯେତେବେଳେ ଗୋଡ ଧୋଇଦିଏ ।

କନ୍ୟା : ନୂତନ ବସ୍ତ୍ର । ଗୋଟାଏ ବାଛୁରୀ । ଗୋଟାଏ କଂସାବେଲା ସହିତ ଏକ ଟଙ୍କା । ତା'ର ଅଳିଭଞ୍ଜନ ପାଇଁ । ଯେତେବେଳେ ବରକନ୍ୟାକୁ ବର ଘରେ ଭୋଜନ ଦିଆଯାଏ । ସେତେବେଳେ ନୂଆ ବାସନରେ ତାକୁ ଖାଇବାକୁ ଦିଆଯାଏ ।

କନ୍ୟାର ମାମୁଁ, ବଡ଼ବାପା, କକା : ଗୋଟାଏ ଲେଖାଏଁ ଗାମୁଛା ଏହାର ପ୍ରତିବଦଳରେ ବରଯାତ୍ରୀମାନଙ୍କୁ ଚୂଡ଼ା, ମୁଢ଼ି, ହାଣ୍ଡିଆ, ବିଡିପିକା ଇତ୍ୟାଦି ଦିଆଯାଏ ।

**ବାବଣେଏରା (କନ୍ୟାର ସହଯୋଗୀ):** ଗୋଟାଏ ଶାଢୀ, ଏକ ଠୋଲା ହାଣ୍ଡିଆ, ଏକ ଠୋଲା ମୁଢି, ଏକ ଠୋଲା ଚାଉଳ । ଚାରିଅଣା 'ଚାକ୍ ପୁରାଇନୀ' ଅର୍ଥାତ୍ ବେଦୀ ଚାରିପଟେ ଗୋବର ଲିପିବା ନିମନ୍ତେ

ଗାତେକୁଳି (ସାଙ୍ଗସାଥୀ): ଏକ ଅଣା, 'ସଙ୍ଗ୍ ଛାଡାଉନି' ବା ସଙ୍ଗ ଛାଡ଼ିବା ପାଇଁ ।

ମାଝୀ (ଗ୍ରାମର ମୁଖିଆ): ଏକ ଟଙ୍କା । ଗୋଟାଏ ଗାମୁଛା ବା ଧୋତି ।

ଜଗମାଝୀ (ଉପମୁଖିଆ): ଆଠ ଅଣା, ଗୋଟାଏ ଗାମୁଛା ବା ଧୋତି ।

ବରପକ୍ଷଠାରୁ ବରପକ୍ଷକୁହିଁ ମିଳୁଥିବା ଉପହାର :

ଲୁମ୍‌ତିକଳା(ବରର ସହଯୋଗୀ): ଗୋଟାଏ ପଗଡି

ବାବ୍‌ଣେ (ସହଯୋଗୀ): ପାଞ୍ଚହାତ ଗାମୁଛାଟିଏ ।

ବରର ମାଆ: ଏକଟଙ୍କା । 'ନୁନୁ ଟାକା' ଅର୍ଥାତ୍ ସ୍ତନ୍ୟପାନ କରାଇଥିବାରୁ ।

ବରର ସାନ ଭଉଣୀ: ଚାରିଅଣା । ଯେତେବେଳେ ବରଯାତ୍ରୀମାନେ କନ୍ୟାକୁ ଧରି ଘରକୁ ଫେରନ୍ତି ସେତିକିବେଳେ ସେ କବାଟ ବନ୍ଦ କରେ । ପଇସା ଦେଲେ ଦ୍ୱାର ଖୋଲେ ।

ବାବ୍‌ଣେ ଏରା (ସହଯୋଗୀର ସ୍ତ୍ରୀ): ଚାରିଅଣା 'ଚାକ୍ ପୁରାଇନୀ' ବା ଗୋବର ଲିପା ବାବଦକୁ ।

ତିତ୍‌ରୀ କୁଳି (ତିନିଜଣ କୁଆଁରୀ କନ୍ୟା): ଏକ ଠୋଲା ମୁଢି, ଏକ ଠୋଲା ଚାଉଳ ଏବଂ ପ୍ରତ୍ୟେକଙ୍କୁ ଚାରିଅଣା ଲେଖାଏଁ ପଇସା ଦିଆଯାଏ ।

ଜଗମାଝୀ (ଗ୍ରାମର ଉପମୁଖିଆ): ଗୋଟାଏ ଗାମୁଛା ଯଦି ବିବାହ ପ୍ରଥମ କିମ୍ବା ଶେଷ ସନ୍ତାନର ହୋଇଥାଏ ।

ରୋଷେଇଆ: 'ଚୁହ୍ଲା ଝାଳାଉନି' ବା ଚୁଲି ସଫା ବାବଦକୁ ଚାରିଅଣା ।

ମଧ୍ୟସ୍ଥି : ଗୋଟାଏ ଗାମୁଛା ସହିତ ନଅ ଅଣା 'କାରପା କାଉଡି' ବା ଜୋତା ପିନ୍ଧିବା ପାଇଁ । କାରଣ ବିବାହ ସମ୍ପର୍କକୁ ଚୂଡାନ୍ତ କରିବାରେ ମଧ୍ୟସ୍ଥିର ସାତହଳ ଜୋତା ଘୋରି ହୋଇଯାଇଥାଏ ।

କନ୍ୟାପକ୍ଷ ମଧ ସେହିପରି ଉପହାରମାନ ଦେବାର ବିଧି ରହିଛି । କିନ୍ତୁ ସଂଖ୍ୟା ଦୃଷ୍ଟିରୁ ସେଗୁଡ଼ିକ ଅଳ୍ପ । ନିମ୍ନରେ ତାହା ପ୍ରଦତ୍ତ ।

ଲୁମତି କୁଳି (କନ୍ୟାର ସହଯୋଗୀ): ଏକ ଅଣା

ତିତ୍‌ରୀ କୁଳି (ତିନିଜଣ ଯୁବତୀ): ପ୍ରତ୍ୟେକଙ୍କୁ ଏକ ଠୋଲା ମୁଢି, ଏକ ଠୋଲା ଚାଉଳ ଓ ଏକ ଅଣା ।

ଜଗମାଝୀ : ଏକ ଅଣା 'ଗୁପି' ବା ପୁଛିଆ କୁଣ୍ଡି । ଝିଅର ପିନ୍ଧାଣୀ ଓ ବିବାହକୁ ତତ୍ତ୍ୱାବଧାନ କରୁଥିବାରୁ ।

ମାଝୀ, ପାରାନିକ : ଗୋଟାଏ ଲେଖାଏଁ ଗାମୁଛା । ବିବାହ ପ୍ରଥମ କିମ୍ବା ଶେଷ ସନ୍ତାନର ହୋଇଥିଲେ

ବର : ଗୋଟାଏ କଂସା ବେଲା କିମ୍ବା ଥାଳି । ଏହା ତାର ଅଳିଭାଞ୍ଜନ ପାଇଁ ଖାଇବା ସମୟରେ ଦିଆଯାଏ । ଏହା ସହିତ ତାକୁ ଏକଟଙ୍କା ଦିଆଯାଏ ।

ବରର ଭଉଣୀ: ଏକ ଅଣା । କଙ୍କତା ଛଡାଇବା ବାବଦରେ । ବରକନ୍ୟା ବରଘରକୁ ଗଲେ ସେଠାରେ ବର ସାନ ଭଉଣୀ ଭାଇ ଭାଉଜର ଗୋଡ଼ ଧୋଇଦିଏ । ତେଲ ଲଗାଇ ଦିଏ ଏବଂ ଥାଳ ପାଣିରେ ଗୋଡ଼କୁ ଜାବୁଡି ଧରେ । ପଇସା ପାଇଲେ ଛାଡିଦିଏ ।

ମଧ୍ୟସ୍ଥି: ସାତ ଅଣା

## ବିବାହ ଖର୍ଚ୍ଚ :

ବିବାହ ଖର୍ଚ୍ଚର ଏକ ତୃତୀୟାଂଶ ପ୍ରାୟ ଉପରୋକ୍ତ ଦାନ ଉପହାରରେ ବ୍ୟୟ ହୁଏ । ବାକି ଦୁଇ ତୃତୀୟାଂଶ ଖାଇବା ଓ ପିଇବାରେ ଖର୍ଚ୍ଚ କରାଯାଏ । ଗାଆଁ ଲୋକେ ନିୟମ ଦୃଷ୍ଟିରୁ ପାଞ୍ଚଟି କିମ୍ବା ସାତଟି ହାଣ୍ଡିଆ ନେଇଥାଆନ୍ତି । ଏହା ସତ୍ତ୍ୱେ ଗୃହସ୍ୱାମୀ ଖାଇବାଠାରୁ ଅଧିକ ହାଣ୍ଡିଆ ହିଁ ବସାଏ । ସମସ୍ତ ଅତିଥିର ଅଭ୍ୟର୍ଥନା ସେ କେବଳ ହାଣ୍ଡିଆରେ କରିଥାଏ । ସେଥିପାଇଁ ବିବାହ ବେଳେ ସ୍ୱତନ୍ତ୍ର ଭାବେ ଏକ 'ଖାନ୍ଦାଶାଲ' କରାଯାଏ । ସେଠାରେ କେବଳ ହାଣ୍ଡିଆ ଚାଲାଯାଏ ଏବଂ ସେଠାରୁ ବାହାର କରି ଲୋକ ମାନଙ୍କୁ ପରଷା ଯାଏ । ବେଳେବେଳେ 'ଖାନ୍ଦାଶାଲ'ର କାମ କେବଳ ରୋଷେଇ କାମରେ ବି ଲାଗେ । 'ଖାନ୍ଦାଶାଲ୍' ଡାଳରେ ନିର୍ମିତ ଏକ ପ୍ରକୋଷ୍ଠ । ବିବାହର ତିନିଦିନ ପୂର୍ବରୁ ଗ୍ରାମବାସୀମାନେ ଏହି ପ୍ରକୋଷ୍ଠକୁ ନିର୍ମାଣ କରନ୍ତି । ତେଣୁ ସେମାନଙ୍କୁ ଅତିରିକ୍ତ ଭାବରେ

ଖାଇବାକୁ ଦିଆଯାଏ । ଖାଇବା ମଧ୍ୟରେ ପ୍ରମୁଖତଃ କୋଳଥ ଡ଼ାଲି ଓ ଭାତଥାଏ । 'ଗିରାଚଲ' ବା ଗୁଆଗଣ୍ଠି ପଡ଼ିବା ଦିନଠାରୁ ହିଁ ହାଣ୍ଡିଆ ପିଆ ଆରମ୍ଭ କରାଯାଏ । ଯେଉଁ ଗ୍ରାମବାସୀମାନେ ଗୁଆଦେଇ ଯାଆନ୍ତି ସେମାନେ ପ୍ରଥମେ ଖାଇପିଇ ହିଁ ଗୁଆ ନେବାକୁ ଯାଆନ୍ତି ।

ବିବାହବେଳେ ବରପକ୍ଷ ଏକ ଭୋଜିଦିଏ । ଆର୍ଥିକ ସ୍ଥିତି ଅନୁରୂପେ କନ୍ୟାପକ୍ଷ ମଧ୍ୟ ଭୋଜି ଦିଏ । ତେବେ ନିୟମ ଅନୁସାରେ ବରପକ୍ଷକ ଛେଳି ଓ ଚାଉଳ କନ୍ୟାଗ୍ରାମକୁ ପଠାଇବାକୁ ହୁଏ । ଏହାକୁ 'ଚାଡି ମେରମ୍' କୁହାଯାଏ । କନ୍ୟା ଗ୍ରାମରେ ତାକୁ ଭୋଜି କରି ଖିଆଯାଏ ।

ସମ୍ପ୍ରତି ବିବାହରେ ଗାଡିର ପ୍ରଚଳନ ହେଲାଣି । କିନ୍ତୁ ଆଗରୁ ବିବାହ ପାଇଁ ଚାଲି ଚାଲି ଯାଉଥିଲେ । ସାଙ୍ଗରେ ଚାରି ପାଞ୍ଚ ଜଣ ଡମ ରହୁଥିଲେ । ସେମାନେ ବାଜା ବଜାଇ ଲୋକମାନଙ୍କର ମନୋରଞ୍ଜନ କରୁଥିଲେ । ଏଥିପାଇଁ ତାଙ୍କୁ ଖାଇବା ପିଇବା ଖର୍ଚ୍ଚ ଦିଆ ଯାଉଥିଲା । ଯେଉଁ ମାନଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିଲା ସେମାନେ ପାଲିଙ୍କି ମଧ୍ୟ ବ୍ୟବହାର କରୁଥିଲେ । ଘୋଡାରେ ବର ଆସି ବିବାହ କରିବା ଦୃଷ୍ଟାନ୍ତ ଆଜି ମଧ୍ୟ ସାନ୍ତାଳ ଗ୍ରାମରେ ଦେଖିବାକୁ ମିଳେ । ଯେଉଁମାନେ ପାଲିଙ୍କିରେ ବିବାହ କରିବାକୁ ଯାଉଥିଲେ ସେମାନଙ୍କଠାରୁ କନ୍ୟାମାତା ମାନେ 'ଝିଲିଲାଡୁ' ବା ମିଠା ଦାବି କରୁଥିଲେ । ତେଣୁ ବରପକ୍ଷ ସେସବୁ ସଙ୍ଗରେ ଧରି ଯାଉଥିଲେ । ବର 'ଝିଲିଲାଡୁ' ବନ୍ଧା ହୋଇଥିବା ବଟୁଆ ଶାଶୁ ହାତକୁ ବଢାଇ ଦେଉଥିଲା ଏବଂ ତା'ର ପ୍ରତିବଦଳରେ ତାକୁ ଗାଈ ବା ବାଛୁରୀ ମିଳୁଥିଲା ।

W.G. Archer ଙ୍କ ଭାଷାରେ "In Certain areas, if the boys goes with a palki, the girl's mother can demand 'Jhili Ladu' or Sweets and the boy gives her a cloth with five rupees tied up in it. In return she gives him a cow or calf."

କନ୍ୟାର ଆର୍ଥିକସ୍ଥିତି ବିବାହ ଖର୍ଚ୍ଚ ନ ତୁଲାଇ ପାରିବା ପରି ଥିଲେ ସେ ବରଘରୁ 'ବନ୍ଦ୍ ହୁଲୁ' ବା ବିବାହ ପାଇଁ ସାହାଯ୍ୟ ବରପକ୍ଷରୁ ପାଏ । ଏହା ତାକୁ ଫେରାଇବାକୁ ପଡ଼େ ନାହିଁ । ଯଦି ଫେରାଏ ତାହା ହେଲେ ସୁଧ ଦିଏ ନାହିଁ । 'ବନ୍ଦ୍‌ହୁଲୁ' ଦେଲେ ପଣ ବଳଦ କନ୍ୟା ଭ୍ରାତା ପାଉ ନଥିଲା ବରଂ ବନ୍ଧକ ସୂତରେ ତାଙ୍କଠାରେ ହିଁ ରହୁଥିଲା । 'ବନ୍ଦ୍‌ହୁଲୁ' କେବଳ କନ୍ୟାପକ୍ଷ ପାଏ । ଏହା କନ୍ୟାପକ୍ଷର ବିବାହ ଭାରକୁ ଲାଘବ କରୁଥିଲା ।

ବିବାହର କୌଣସି ଖର୍ଚ୍ଚ ବିବରଣୀ ଲିପିବଦ୍ଧ କରାହୁଏ ନାହିଁ । କାରଣ ସବୁଥିରେ ଗ୍ରାମବାସୀମାନେ ସାକ୍ଷୀ ଥାଆନ୍ତି । ତାଙ୍କର ଉପସ୍ଥିତିରେ ସବୁକିଛି ସମ୍ପାଦନ କରାଯାଇଥାଏ । ବିବାହ ଭାଙ୍ଗିଗଲେ ଦୋଷୀପକ୍ଷ ଅପର ପକ୍ଷକୁ ତା'ର ସମସ୍ତ ଖର୍ଚ୍ଚ ଫେରାଏ । ସାଧାରଣତଃ କନ୍ୟା ଗର୍ଭବତୀ ଥିବାର ଜଣା ପଡ଼ିଲେ ବା ସେ ପ୍ରେମିକ ସହିତ ପଳାଇ ଯିବା ସ୍ଥିତିରେ ବିବାହ ଭାଙ୍ଗିଯାଏ । ଏପରି ସ୍ଥିତିରେ ବରପକ୍ଷ ନୀତି ମୁତାବକ ଯେତିକି ଖର୍ଚ୍ଚ କରିଥାଏ ତାହା ଫେରାଯାଏ । ନୀତି ବାହାରେ କରିଥିବା ଖର୍ଚ୍ଚ ସେ ପାଏ ନାହିଁ । ଝିଅପକ୍ଷ ଦ୍ୱାରା ବାହାଘର ଭାଙ୍ଗିଲେ ପୁଅର ସାମାଜିକ ମର୍ଯ୍ୟାଦା ଯଥାବତ ରହେ କିନ୍ତୁ ପୁଅପକ୍ଷ ଦ୍ୱାରା ଭାଙ୍ଗିଲେ ଝିଅ ହୋଇଯାଏ 'ଅର୍ଦ୍ଧ ଛାଡ଼ରୀ' । ବିବାହ ପାଇଁ 'ମାଣ୍ଡୱା' ନିର୍ମିତ ହୋଇ ସାରିଥିଲେ ଏବଂ ଝିଅକୁ ତେଲ ହଳଦୀ ମଖାଇ ନଥିଲେ ସେ ହୁଏ 'ମାଣ୍ଡୱା ଛାଡୱି' । ଝିଅ ତେଲ ହଳଦୀ ମାଖି ସାରିଥିଲେ ଏବଂ ସିନ୍ଦୂର ପ୍ରଦାନ କରା ହୋଇନଥିଲେ ସେ ହୁଏ 'ସୁନୁମ୍ ସାସାଂ ଛାଡୱି' । ଏସବୁ ତାକୁ ଯୁବତୀ ଭାବରେ କାହାକୁ ବିବାହ

କରିବାରେ ବାରଣ କରି ନଥାଏ, ତଥାପି ଅଭିଆତୀ ଝିଅର ମର୍ଯ୍ୟାଦା ସେ ହରାଏ ।

**ଟୁଙ୍କି ଦିପିଲ :**

'ଟୁଙ୍କି'ର ଅର୍ଥ ହେଲା ଛୋଟ ଟୋକେଇ । ଉପରେ ବଡତାଲାର ଉଲ୍ଲେଖ ଅଛି ଯାହା କି 'ଦଲ୍‌ବାପ୍ଲା' ବା ବଡ଼ ବିବାହ ସହିତ ଜଡିତ ଅଛି । ସେହିପରି 'ଟୁଙ୍କି' ସହିତ ଛୋଟ ବିବାହ ବା ସ୍ୱଳ୍ପ ଖର୍ଚ୍ଚ ବିବାହ ସଂଶ୍ଳିଷ୍ଟ । ଏଥିରେ ମଧ୍ୟସ୍ଥିର ନିଯୁକ୍ତ ହୁଏ ସତ ମାତ୍ର ତା'ର କର୍ତ୍ତବ୍ୟ ସୀମିତ ଥାଏ । 'ଦଲ୍‌ବାପ୍ଲା' ପରି ବାରମ୍ବାର ତାକୁ ସମ୍ବାଦ ଆଦାନ ପ୍ରଦାନ କରିବାକୁ ପଡ଼େ ନାହିଁ । ଘରଦ୍ୱାର ଦେଖିବା, ଲୁଗାପଟା ଦିଆନିଆ ହେବା, କନ୍ୟାପଣ ଦେବା କାର୍ଯ୍ୟକୁ ଗୋଟାଏ ଥରରେ ସମାପନ କରାଯାଏ । 'ମାଣ୍ଡଆ' ନିର୍ମାଣ ବା ଡମ ବାଇଦର ପ୍ରୟୋଜନ ଏଥିରେ ନଥାଏ । ବଡ଼ ଭୋଜି ମଧ୍ୟ ଦିଆଯାଏ ନାହିଁ । ତଥାପି ଏହା ବିବାହର ମାନ୍ୟତା ପାଏ ।

ଏହି ବିବାହରେ ବର କନ୍ୟା ଘରକୁ ଯାଏ ନାହିଁ କିମ୍ବା କନ୍ୟା ଘରେ ବିବାହର କୌଣସି ଆୟୋଜନ ହୁଏ ନାହିଁ । ଗାଆଁର ପାଞ୍ଚ ସାତ ଜଣ ବିବାହ ଭାର ଧରି କନ୍ୟା ଘରକୁ ଯାଆନ୍ତି । ତାଙ୍କୁ ସାଧାରଣ ଅତିଥି ଭାବରେ ଖାଇବାକୁ ପିଇବାକୁ ଦେଇ ଗ୍ରାମର ମୁଖିଆ ତଥା ଅନ୍ୟମାନଙ୍କ ଉପସ୍ଥିତିରେ ତାଙ୍କ ସହିତ କନ୍ୟାକୁ ପଠାଇ ଦିଆଯାଏ । ବର ଘରେ ଯୁବକ - ଯୁବତୀକୁ ଏକ ନିରାଡମ୍ବର ପରିବେଶରେ ବିବାହ ସୂତ୍ରରେ ଆବଦ୍ଧ କରାଯାଏ । ଏହି ବିବାହରେ 'ଦଲ୍‌ବାପ୍ଲା'ର ଅଧିକାଂଶ ଅଧ୍ୟାୟକୁ ଉଚ୍ଛେଦ କରାଯାଏ । ତେବେ 'ସିନ୍ଦୂରଦାନ' ରହେ । ଝିଅପକ୍ଷରେ ବିବାହର କୌଣସି ଆୟୋଜନ ହୋଇ ନଥିଲେ ମଧ୍ୟ ପଣ ତଥା ଅନ୍ୟାନ୍ୟ ପାଉଣା ସେମାନେ ପାଆନ୍ତି । ବାସ୍ତବରେ 'ଟୁଙ୍କି ଦିପିଲ' ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ପରିବାର ପାଇଁ ଏକ ସମାଜ ସ୍ୱୀକୃତ ବିବାହ ।

**ଇପୁଟୁଦ୍ :**

ସାନ୍ତାଳ ବିବାହରେ ସିନ୍ଦୂର ମୁଖ୍ୟ ଭୂମିକା ଗ୍ରହଣ କରେ । ଏହି ସିନ୍ଦୂର ଜଣେ ଯୁବତୀ ମଥାରେ ନ ପାଇବା ପର୍ଯ୍ୟନ୍ତ ସ୍ତ୍ରୀର ଆସନ ଗ୍ରହଣ କରିପାରେ ନାହିଁ ଏବଂ ପିତା ପକ୍ଷର 'ବଙ୍ଗା' ମାନଙ୍କର ହୋଇ ରହେ । ସେ ସ୍ୱାମୀଘରେ ଥାଇପାରେ କିମ୍ବା ସନ୍ତାନର ଜନନୀ ହୋଇପାରେ କିନ୍ତୁ ଯେ ପର୍ଯ୍ୟନ୍ତ 'ସିନ୍ଦୂରଦାନ୍' ହୋଇ ନାହିଁ ସେ ପର୍ଯ୍ୟନ୍ତ ପୂଜା ହେଉଥିବା ସ୍ଥାନକୁ ଲିପା ପୋଛା କରିପାରେ ନାହିଁ, ପୂଜାପାଇଁ ହାଣ୍ଡିଆ ଅଥବା ପିଠା ପଣା ମଧ୍ୟ ତିଆରି କରିପାରେ ନାହିଁ । କିନ୍ତୁ ଥରେ ସିନ୍ଦୂରଦାନ ପାଇଲେ ପିତାପକ୍ଷର 'ବଙ୍ଗା' ମାନଙ୍କର ଅନୁକମ୍ପା ହରାଏ ଏବଂ ସବୁଦିନ ପାଇଁ ତା ସ୍ୱାମୀର ହୋଇଯାଏ । ଥରେ ସ୍ୱାମୀଠାରୁ ସିନ୍ଦୂର ପାଇଲେ ତା'ର ଇହକାଳ ପରକାଳର ସାଥୀ ହୋଇଯାଏ । ଛାଡପତ୍ର ପାଇବା ସ୍ଥିତିରେ କିମ୍ବା ସ୍ୱାମୀ ମରିଗଲେ ମଧ୍ୟ ନିୟମତଃ ସେ ପ୍ରଥମ ସ୍ୱାମୀର ହୋଇହିଁ ରହେ । ତେଣୁ, ପରେ ବିବାହ କଲେ ମଧ୍ୟ ପୂଜା ସହିତ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ଦ୍ୱିତୀୟ ସ୍ୱାମୀ ଘରେ କରିପାରେ ନାହିଁ । ସିନ୍ଦୂରର ଏପରି ଭୂମିକା ରହୁଥିବା ସ୍ଥଳେ ବେଳେବେଳେ ଯୁବକମାନେ ବଳପୂର୍ବକ ଝିଅମାନଙ୍କ ମଥାରେ ସିନ୍ଦୂର ଘଷି ଦିଅନ୍ତି । ଏହି ସିନ୍ଦୂର ଘଷାକୁ ଝିଅପକ୍ଷ ସମ୍ମତି ଦେଲେ ଆନୁଷ୍ଠାନିକ ଭାବରେ ବୈବାହିକ ସୂତ୍ରରେ ବାନ୍ଧି ଦିଆଯାଏ ।

ଏହି 'ଇପୁଟୁଦ୍' ସାଧାରଣତଃ ପୁଅଝିଅ ରାଜିଥାଇ ତାଙ୍କର ଅଭିଭାବକମାନେ ରାଜି ନଥିଲେ ହୋଇଥାଏ । ବେଳେବେଳେ ଗୋଟାଏ ପକ୍ଷରାଜିଥାଇ ଅପରପକ୍ଷ ରାଜି ନଥିଲେ ତାଙ୍କୁ ବିବାହ ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଏହି ଉପାୟ ଅବଲମ୍ବନ କରାଯାଏ । ଝିଅର ସମ୍ମତି ନଥାଇ ମଧ୍ୟ ପୁଅର ଏକ ପାଖିଆ ଅନ୍ଧପ୍ରେମକୁ କେନ୍ଦ୍ରକରି 'ଇପୁଟୁଦ୍' ହେଉଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଗୋଟାଏ ଝିଅପାଇଁ ପ୍ରସ୍ତାବ ଆସିଥିଲେ ଏବଂ କଥାବାର୍ତ୍ତା କିଛିବାଟ ଆଗେଇ ଥିଲେ ଓ ତା'ପରେ ଆଉ ଏକ ଭଲ ପ୍ରସ୍ତାବ ଆସିଲେ ଝିଅର ମଙ୍ଗଳ ପାଇଁ ବାପାମାଆ ଭଲ ପାତ୍ରକୁ

ସିନ୍ଦୂର ଘଷିବା ପାଇଁ ଉପଦେଶ ଦେଇ ଥାଆନ୍ତି । ଏହା କଲେ ପ୍ରଥମ ପ୍ରସ୍ତାବ ଆସିଥିବା ସ୍ଥାନରୁ ପିତାମାତାଙ୍କୁ ଅପମାନିତ ହୋଇବାକୁ ପଡ଼େ ନାହିଁ । ଏ ସମସ୍ତ ସ୍ଥିତିରେ 'ଇପୁତୁଦ୍'କୁ ଏକ ଅପରାଧ ଭାବରେ ଗ୍ରହଣ କରାଯାଏ । ତେଣୁ ଉଭୟ ପକ୍ଷର ଗ୍ରାମ ମୁଖିଆ ଏହାର ଆପୋଷ ଆଲୋଚନା କରି ସମାଧାନ ଆଣନ୍ତି । 'ଇପୁତୁଦ୍'ରେ ୬୦ ପାଇ ଚାଉଳ, ଗୋଟାଏ ଖାସି ଜୋରିମାନା କରାଯାଏ । ଝିଅ ପକ୍ଷର ସମ୍ମତି ନେଇ ତାଙ୍କଠାରୁ ମଧ ଗୋଟାଏ ଖାସି ଓ ୬୦ ପାଇ ଚାଉଳ ନେଇ ଭୋଜିଭାତ କରି ଖାଆନ୍ତି । ସେହିଠାରେ ଦିନ ଧାର୍ଯ୍ୟ କରି ଅଥବା ସେହି ବୈଠକରେ ଅତି କମ୍‌ରେ ପାଞ୍ଚଟି ଗ୍ରାମର ଗ୍ରାମବାସୀଙ୍କ ସମ୍ମୁଖରେ ବିବାହ କାର୍ଯ୍ୟ ସମ୍ପନ୍ନ କରି ଦିଆଯାଏ ।

ଏହି ବିବାହରେ ଅଧିକାଂଶ ଉପହାର ବାଦ୍ ପଡେ । ତିନୋଟି 'ଖଣ୍ଡାଲୁଗଲି' ପଣ ବଳଦ ପରି କେତେକ ଉପହାରକୁ ପରେ ଦିନଧାର୍ଯ୍ୟ କରି କନ୍ୟାପକ୍ଷ ବରପକ୍ଷଠାରୁ ଆଦାୟ କରନ୍ତି । ସାନ୍ତାଳ ଭାଷାରେ ତାକୁ 'ଗନଂସିଦି' କୁହାଯାଏ ।

ଯୁବତୀ ବିବାହ ପାଇଁ ରାଜି ନହେଲେ ତାକୁ ବାଧ କରାଯାଏ ନାହିଁ କିନ୍ତୁ କୁମାରୀର ମର୍ଯ୍ୟାଦା ସେ ହରାଏ । ଅନ୍ୟପକ୍ଷରେ 'ଇପୁତୁଦ୍' ଭାବରେ ଜଣେ ଯୁବତୀ ସିନ୍ଦୂର ଲାଭ କରିଥିଲେ ଜଣେ ବିବାହିତା ସ୍ତ୍ରୀ ପରି 'ବଙ୍ଗା' ମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ କାମରେ ସେ ଲାଗିପାରେ । 'ଇପୁତୁଦ୍' ହୋଇଥିବା ଯୁବତୀ ଯଦି ଯୁବକ ସହିତ ସଂସାର ଗଢିବାରେ ଅରାଜି ହୁଏ ତେବେ ବିବାହ ପରେ ବିଚ୍ଛେଦ ହୋଇଥିବା ପରି ବିବେଚିତ ହୁଏ । ସିନ୍ଦୂରର ସଂସ୍ପର୍ଶରେ ସେ ଯୁବକର 'ବଙ୍ଗା' ମାନଙ୍କର ହୋଇଯାଏ । ତା'ର ଅରାଜି ହେତୁ ସେପରି ସମ୍ପର୍କ ଛିନ୍ନ ହେଲେ ଯୁବତୀ ତେଜ୍ୟା ବା 'ବହଃ ଛାଡଓ୍ୱି' ହୁଏ । ସାନ୍ତାଳ ମାନ୍ୟତା ଅନୁସାରେ ସେହି ଯୁବତୀ ଅନ୍ୟତ୍ର ବିବାହ କଲେ ସେ ଏ ଜନ୍ମ ପାଇଁ ତା'ର ହୁଏ କିନ୍ତୁ ଆରଜନ୍ମ ପାଇଁ ପ୍ରଥମେ ସିନ୍ଦୂର ଲଗାଇଥିବା ବ୍ୟକ୍ତିର ହୋଇଥାଏ । ସେହିପରି ଜଣେ ଯୁବତୀ ବିବାହ କରି ସିନ୍ଦୂର ଲାଭ କଲେ ପ୍ରଥମ ସ୍ୱାମୀର ନ ହୋଇ ଇହକାଳ ପରକାଳ ପାଇଁ ଦ୍ୱିତୀୟ ସ୍ୱାମୀର ହୁଏ । କହିବାର ତାତ୍ପର୍ଯ୍ୟ – ସାନ୍ତାଳ ଯୁବତୀର ଇହକାଳ ପରକାଳର ସାଥୀ ହେଉଛି ତାକୁ ପ୍ରଥମେ ସିନ୍ଦୂର ଲଗାଇଥିବା ବ୍ୟକ୍ତି ।

'ଇପୁତୁଦ୍' ବିବାହରେ ସାନ୍ତାଳମାନଙ୍କର ଏଭଳି ଧାରଣା ଥିବାରୁ ଏହି ବିବାହ ତାଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ।

**ସାଘାଂବାପ୍ଲା :**

ବିଧବା ବା ଛାଡ଼ପତ୍ର ପାଇଥିବା ଯୁବତୀର ବିବାହକୁ 'ସାଘାଂ ବାପ୍ଲା' କୁହାଯାଏ । ସାନ୍ତାଳ ସମାଜରେ ବିଧବା ବିବାହ ପ୍ରଥା ଅଛି । ସ୍ୱାମୀର ମୃତ୍ୟୁପରେ ସେ ଅନ୍ୟତ୍ର ବିବାହ କଲେ କାହାରି ଆପତ୍ତି ନଥାଏ । ବିଧବାଟି ସନ୍ତାନର ଜନନୀ ହୋଇ ନଥିଲେ କିମ୍ବା ସନ୍ତାନ ଅତି ଛୋଟ ଥିଲେ ଭବିଷ୍ୟତକୁ ଦେଖି ଦ୍ୱିତୀୟ ବିବାହ କରେ । ସନ୍ତାନମାନେ ବଡ଼ ବଡ଼ ଥିଲେ ସେ ଦ୍ୱିତୀୟ ବିବାହ କରି ନଥାଏ । ସାନ୍ତାଳମାନଙ୍କର ଆଉ ଏକ ପ୍ରଥା ଅଛି ଯାହାକୁ ସାନ୍ତାଳ ଭାଷାରେ 'ଦହସାଓଁହା', 'ଦହଗୁଆଳ' 'ହିଲିଚ୍‌ଏରା ସାଗା' ବା 'ଆସୁଲ ସାଗା' କୁହାଯାଏ । ଏ ସମସ୍ତର ଅର୍ଥ ହେଲା ଭାଇର ମୃତ୍ୟୁପରେ ଭାଉଜକୁ ସେହି ଘରେ ହିଁ ପୁନଃ ବୋହୂ କରି ରଖିବା । ମୃତ ଭାଇର କେହି କନିଷ୍ଠ ଭ୍ରାତା ଥିଲେ ଏବଂ ସେମାନେ ଭାଉଜକୁ ସ୍ତ୍ରୀ ଭାବରେ ଗ୍ରହଣ କରିବାକୁ ରାଜିଥିଲେ ଭାଉଜର ସମ୍ମତି ନେଇ ତାକୁ 'ସାଗାବାପ୍ଲା' କରନ୍ତି ।

ଛାଡ଼ପତ୍ର ପାଇଥିବା ନାରୀର ମଧ ଦ୍ୱିତୀୟ ବିବାହ କରିବାରେ କୌଣସି ବାଧା ନଥାଏ । ସେ ଦିଅରକୁ ବିବାହ କରୁ ଅଥବା ଅନ୍ୟ ଯୁବକକୁ ଉଭୟ ପରିସ୍ଥିତିରେ କେବଳ 'ସାଗାବାପ୍ଲା' କରି ପାରିବ । 'ସାଗାବାପ୍ଲା'କୁ ଉଚ୍ଚମାନର ମର୍ଯ୍ୟାଦା ଦିଆଯାଏ ନାହିଁ । କାରଣ ସେ ନାରୀ ସିନ୍ଦୂର ପାଇଲେ ବି ପୂଜାକାମରେ ଲାଗିପାରେ ନାହିଁ । ଏଥିରେ ମଧ

ସାମାନ୍ୟ ବ୍ୟତିକ୍ରମ ଅଛି । ଜଣେ ବିଧବା ତା'ର ଦିଅରକୁ 'ସାଙ୍ଗାବାପ୍ଲା' କଲେ ସେ ସମସ୍ତ ପୂଜା କାମରେ ଲାଗେ । ପୂର୍ବରେ ବର୍ଣ୍ଣିତ ଅଛି ସିନ୍ଦୂର ଜଣେ ଯୁବତୀକୁ ଇହକାଳ ପରକାଳର ସାଥୀ କରାଏ । ତାହା ସଙ୍ଗେ ସଙ୍ଗେ ସ୍ୱାମୀର 'ବଙ୍ଗା' ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରାଏ । ବିଧବା ପ୍ରଥମ ବିବାହ ବେଳେ ସେହି ଘରର ଅର୍ଥାତ୍ ସେହି 'ବଙ୍ଗା' ମାନଙ୍କର ହୋଇ ସାରିଥିବାରୁ ପୂଜା ଉପକରଣ ସଜାଇବାରେ କିମ୍ବା ନିଜେ ପୂଜା କରିବାରେ ଅସୁବିଧା ହୁଏ ନାହିଁ ।

**ବିବାହ ପ୍ରଥା :**

ଯୁବତୀ କିମ୍ବା ବିଧବାର ଅନ୍ୟତ୍ର ବିବାହ କ୍ଷେତ୍ରରେ 'ଦଲ୍‌ବାପ୍ଲା' ପରି ମଧ୍ୟସ୍ଥିର ଆବଶ୍ୟକ କରାଯାଏ । ସେ ସମ୍ବାଦ ଆଦାନ ପ୍ରଦାନରେ ପୃଷ୍ଠପୋଷକତା କରେ । ଝିଅର ପିତା 'ଦଲ୍‌ବାପ୍ଲା' ପରି ପୁଅର ଘରଦ୍ୱାର ଦେଖେ । ପସନ୍ଦ ହେଲେ ସମ୍ମତି ଦିଏ ଓ ଗ୍ରାମର ମାଝୀକୁ ବିବାହ ତିଥି କହେ । ସେହି ଅନୁସାରେ ମୁଖିଆ ଏକ ଛୋଟଦଳ ଅର୍ଥାତ୍ କିଛି ଲୋକଙ୍କୁ କନ୍ୟା ଘରକୁ ପଠାଏ । ସେହି ଦଳ ନିରୂପିତ ହୋଇଥିବା କନ୍ୟାପଣ ସାଥିରେ ନେଇ ଯାଏ । ଏକ ନିରାଡମ୍ବର ପରିବେଶରେ ହସ୍ତାନ୍ତର କରେ । କନ୍ୟାପିତା ସେହି ଦଳକୁ ଭୋଜନ କରାଇ ତାଙ୍କ ସହିତ ଝିଅକୁ ବିଦା କରେ ।

ବର ଘରେ ଗ୍ରାମବାସୀଙ୍କ ଉପସ୍ଥିତିରେ ବର କନ୍ୟାକୁ ତେଲ ହଳଦୀ ଲଗାଇ ଦିଆଯାଏ । ସେଠାରେ ବର କନ୍ୟାକୁ ସିନ୍ଦୂର ଦିଏ । ଏହି ସିନ୍ଦୂର ଦେବା ବିଧି 'ଦଲବାପ୍ଲା' ଠାରୁ ଅଲଗା ହୋଇଥାଏ । ସାନ୍ତାଳ ବିଶ୍ୱାସ ଅନୁସାରେ ଦ୍ୱିତୀୟ ବିବାହ ଯେହେତୁ ଶରୀର ପାଇଁ ଏକ ସାଲିସ ମାତ୍ର ତେଣୁ କନ୍ୟାକୁ ସେ ସିଧା ସଳଖ ସିନ୍ଦୁର ଲଗାଇ ପାରେ ନାହିଁ । ଗୋଟାଏ କାଠ ଚମ୍ପା ଫୁଲରେ ଡାହାଣ ହାତର ବୃଦ୍ଧ ଓ କନିଷ୍ଠ ଆଙ୍ଗୁଠିରେ ତିନିଥର ସିନ୍ଦୁର ଲଗାଇ କନ୍ୟାର ଖୋସାରେ ଖୋସିଦିଏ । କେଉଁଠି କେଉଁଠି ବାମ ହାତର କନିଷ୍ଠ ଓ ବୃଦ୍ଧ ଆଙ୍ଗୁଳିରେ ସିଧା ସଳଖ ଭାବରେ ସେ ସୂତାରେ ସିନ୍ଦୂର ଲଗାଏ । ଉଭୟ ପରିସ୍ଥିତିରେ ବାମହସ୍ତ ହେଉ କିମ୍ବା କାଠ ଚମ୍ପା ଫୁଲ, ପ୍ରଥମ ବିବାହରେ ଦିଆଯାଇ ଥିବା ସିନ୍ଦୂରର ସମ୍ମାନ ହାନି ନ କରିବା ପାଇଁ ଏପରି ଉପାୟ ଅବଲମ୍ବନ କରାଯାଇ ଥାଏ ।

'ସାଙ୍ଗା' ବିବାହରେ ପ୍ରଥା ଦୃଷ୍ଟିରୁ କନ୍ୟାପଣ ବ୍ୟତିରେକେ ବରପକ୍ଷ ଠାରୁ ଗ୍ରାମବାସୀ ତଥା କନ୍ୟାପକ୍ଷ ପାଇଁ କିଛି ଦାବି କିମ୍ବା ଉପହାର ନଥାଏ । ତଥାପି ବରପକ୍ଷର ମୁଖିଆ ଓ ଉପମୁଖିଆକୁ ପାଞ୍ଚଟଙ୍କା ଲେଖାଏଁ ଦିଆଯାଏ ।

କେତେକ ବିଦ୍ୱାନ ମତ ଦିଅନ୍ତି ଭାଉଜର ଦିଅର ସହିତ 'ସାଙ୍ଗା ବାପ୍ଲା' ହେଲେ ପୂଜାପାଠ କରିବାର ଅଧିକାର ରହେ ନାହିଁ । କିନ୍ତୁ ଦ୍ୱିତୀୟ ସ୍ୱାମୀଠାରୁ ପୁତ୍ର ସନ୍ତାନ ଲାଭ କଲେ ଉପରୋକ୍ତ ଅଧିକାର ସେ ପ୍ରାପ୍ତ ହୁଏ । ଏ ସମ୍ପର୍କରେ W. G. Archer କହନ୍ତି – "The Sindur extinsuishes the bonga relationship with her previous husband and once she has had a male child by her second husband, she is fully qualified to assist him in the worship of his bongas."

ଭାଉଜକୁ ରଖିବା ସ୍ଥିତିରେ ମଧ୍ୟସ୍ଥି ବା କନ୍ୟାପଣର ଆବଶ୍ୟକ କରାଯାଏ ନାହିଁ । କେବଳ ଗ୍ରାମବାସୀଙ୍କୁ ଖାଇବା ପିଇବା ଦେଇ ତାଙ୍କ ସମ୍ମୁଖରେ ସେ ସିନ୍ଦୂର ଲଗାଇ ଦିଏ ।

**ଅର୍ ଆଦେର ବାପ୍ଲା :**

ଏହାର ଅର୍ଥ ହେଲା ଓଟାରି ଆଣିବା । ଏହା 'ଇପୁତୁଦ୍'ର ଅନ୍ୟରୂପ । 'ଇପୁତୁଦ୍' ରେ ପ୍ରଥମେ ସିନ୍ଦୂର ଘଷି ଦିଆଯାଏ, କନ୍ୟାପରେ ଆସେ କିନ୍ତୁ 'ଅର୍ ଆଦେର'ରେ ଆଗ କନ୍ୟା ଆସେ, ସିନ୍ଦୂର ପରେ ଦିଆଯାଏ । 'ଅର୍ ଆଦେର' ସାଧାରଣତଃ ପୁଅ ଝିଅ ରାଜିଥିଲେ ଏବଂ ତାଙ୍କ ଗୃହରେ ଅରାଜି ହେଉଥିଲେ

ସମ୍ଭବ ହୁଏ । 'ଇପୁତୁଦ୍' ପରି ଦୁଇ ବା ତତୋଧିକ ପ୍ରସ୍ତାବ ଆସିଥିଲେ, କାହାରିକୁ ମନା କରି ହେଉ ନଥିଲେ ସୁଯୋଗ୍ୟ ପାତ୍ରକୁ 'ଅର୍ ଆଦେର' କରିବା ପାଇଁ ସୁଯୋଗ ଦିଆଯାଏ । ଗୋଟାଏ ପକ୍ଷର ଆର୍ଥିକ ସ୍ଥିତି ଭଲ ନଥିଲେ ମଧ୍ୟ ଯୁବକ କନ୍ୟାକୁ ନେଇ ଏହି ରୀତିରେ ବିବାହ କରେ । 'ଅରଆଦେର୍' ଦା ଓଟାରି ନେଇ ବିବାହ କରି ଥାଆନ୍ତି । ତାହା ସାଧାରଣତଃ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲେ ଏବଂ ପୁଅ ପକ୍ଷର ତାକୁ ଗ୍ରହଣ କରୁ ନଥିଲେ । ଝିଅ ତା'ର ସାଙ୍ଗମାନଙ୍କ ସହିତ ପୁଅକୁ ଟାଣି ନିଏ ଓ ନିଜଘରେ ସ୍ୱାମୀ ଭାବରେ ରଖେ ।

'ଅର୍ ଆଦେର' ବିବାହର ଏକ ପ୍ରଥା ହେଲେ ମଧ୍ୟ 'ଇପୁତୁଦ୍' ପରି ଏହା ଏକ ଅପରାଧ । ଉଭୟ ପରିସ୍ଥିତିରେ ଏହା ଗ୍ରାମ ମୁଖିଆଙ୍କ ସମକ୍ଷକୁ ଆସଲେ । ସେ 'କୁହ୍ଲିହୁଲୁବ୍' (ଦାଣ୍ଡ ଦରବାର) କରେ । କାରଣ ଏପରି କାର୍ଯ୍ୟ କଲାଟା ଗ୍ରାମର ସମ୍ମାନରେ ଆଞ୍ଚ ଆଣେ । କେଉଁ ପରିସ୍ଥିତିରେ ସେ ଏପରି କାର୍ଯ୍ୟ କଲା ସେ ସମ୍ପର୍କରେ ଅବଗତ ହୋଇ ଝିଅପକ୍ଷର ଗ୍ରାମ ମୁଖିଆଙ୍କୁ ଘଟଣା ଜଣାଏ । ଏଥିପାଇଁ ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଏ । ପ୍ରତିପକ୍ଷ ତା'ର ତୁରନ୍ତ ବିଚାର ପାଇଁ ଗ୍ରାମର ମୁଖିଆ ସହ କେତେଜଣ ଗ୍ରାମବାସୀଙ୍କୁ ନେଇ ଯୁବକ ଗ୍ରାମର ମୁଖିଆ ଘରେ ହାଜିର ହୁଅନ୍ତି । ସେଠାରେ ଉଭୟପକ୍ଷ ବସି ତାହା ବିଚାର କରନ୍ତି । ପୁଅ ଝିଅ ରାଜି ଥିଲେ ଉଭୟ ପକ୍ଷ ମିଶି ଦୁଇଟି ଖାସି ମାରି ଭୋଜି ଭାତର ଆୟୋଜନ କରନ୍ତି । ପୁଅକୁ ଅତିରିକ୍ତ ଭାବରେ କିଛି ଟଙ୍କା ଦଣ୍ଡସ୍ୱରୂପ ଦେବାକୁ ପଡ଼େ । ସେହିଠାରେ ହିଁ ବିବାହ ଦିନ ଧାର୍ଯ୍ୟ ହୁଏ ଓ ତାଙ୍କୁ ବିବାହ ସୂତ୍ରରେ ବାନ୍ଧି ଦିଆଯାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଝିଅର ପ୍ରସ୍ତାବ ଆଗରୁ ଆସି ସାରିଥିଲେ ଏବଂ ବିବାହ ନେଇ କିଛି ଖର୍ଚ୍ଚ ହୋଇ ଯାଇଥିଲେ ପ୍ରସ୍ତାବ ଆସିଥିବା ଯୁବକ ପକ୍ଷ କ୍ଷତିପୂରଣ ଦାବି କରନ୍ତି । ସେ ସବୁ 'ଅର୍ ଆଦେର' କରିଥିବା ଯୁବକଙ୍କୁ ଭରଣା କରିବାକୁ ପଡ଼େ ।

'ଅର୍ ଆଦେର' ହୋଇଥିବା ଝିଅର ଅନିଚ୍ଛା ସତ୍ତ୍ୱେ ବେଳେବେଳେ ଯୁବକମାନେ ଟାଣି ନିଅନ୍ତି । ଏପରି ହେଲେ ଉଭୟ ପକ୍ଷ ଦରବାରରେ ବସିଥିବା ସଭାରେ ଯୁବକ ତଥା ସେ ଗ୍ରାମର ମୁଖିଆଙ୍କୁ ଅପମାନିତ ହେବାକୁ ପଡ଼େ । ସେହିଠାରୁ ହିଁ ଝିଅକୁ ଫେରାଇ ନିଆଯାଏ । ଦଣ୍ଡ ସ୍ୱରୂପ ଯୁବକ 'ଲାଜା ଓ ମାରାଓ' ଜରିମାନା ଦିଏ । ଗ୍ରାମ ତରଫରୁ ମଧ୍ୟ ତାକୁ ଅର୍ଥଦଣ୍ଡ ଦିଆଯାଏ । କିନ୍ତୁ 'ଅର୍ ଆଦେର'ରେ ଝିଅ 'ଛାତ୍ରୀ' (ଛାତୁଇ) ରୂପେ ଗଣା ହେଉଥିବାରୁ ପାତ୍ରର ଯୋଗ୍ୟତା ଦେଖି ସେ ରାଜି ହୋଇଥାଏ ।

ଏହାର ବିବାହ ଶୈଳୀ ଠିକ୍ 'ସାଙ୍ଗାବାପ୍ଲା' ପରି । ତଫାତ୍ ଏତିକି ଯେ 'ସାଙ୍ଗା ବାପ୍ଲା'ରେ କନ୍ୟା ପ୍ରାୟ ସିଧାସଳଖ ଭାବରେ ସିନ୍ଦୂର ନ ପାଇ ବାମହାତ ବା ଫୁଲ ମାଧ୍ୟମରେ ପାଏ । କିନ୍ତୁ 'ଅର୍ ଆଦେର ବାପ୍ଲା'ରେ ସେ 'ଦଲ୍‌ବାପ୍ଲା' ପରି ଡାହାଣ ହାତରେ ସିନ୍ଦୂର ପାଏ । କନ୍ୟା ବରଘରକୁ ଆସିସାରିଥିବାରୁ ତାଙ୍କ ଘରେ ବିବାହର କୌଣସି ଆୟୋଜନ ହୁଏ ନାହିଁ । କନ୍ୟାପଣ ବିଧି ମୁତାବକ କନ୍ୟାପକ୍ଷ ପାଏ । 'ଦଲ୍‌ବାପ୍ଲା'ରେ କନ୍ୟାର ବରଘରକୁ ଆସବା ଭିତରେ ବିଭିନ୍ନ ପର୍ଯ୍ୟାୟରେ ଯାହା ଖର୍ଚ୍ଚହୁଏ ସେସବୁ ପ୍ରାୟ ବାଦ୍ ଦିଆଯାଏ । ପଣବସ୍ତ୍ର, ପଣବଳଦ ଯଥାରୀତି ରହେ ।

### ଝିର୍ ବଲଃବାପ୍ଲା :

'ଇପୁତୁଦ୍' ଓ 'ଅର୍ ଆଦେର' ରେ ଆମେ ଦେଖିଲେ ସେଥିରେ ଯୁବକର ପ୍ରଭୁତ୍ୱ ରହିଛି । ଯଦିବା ଝିଅମାନେ କାଁ - ଡାଁ 'ଅର୍ ଆଦେର' କରିବାର ଶୁଣାଯାଏ ତଥାପି ତାହା ଅତି ନଗଣ୍ୟ । 'ଝିରବଲଃ' ଝିଅମାନଙ୍କର ଏକମାତ୍ର ମାଧ୍ୟମ ଯାହା ସାହାଯ୍ୟରେ ପୁଅ ଏବଂ ତା'ର ପିତାମାତା ତାକୁ ବୋହୂ ଭାବରେ ଗ୍ରହଣ କରିବା ପାଇଁ ବାଧ୍ୟ ହୁଅନ୍ତି । ଏଥିରେ ଜଣେ ଅଭିଆଡୀ ଝିଅ ପୁଅ ଘରକୁ ଯାଏ । ଏହା ଯୁବକ ପ୍ରତି ତା'ର ଶ୍ରଦ୍ଧାଥିଲେ କିମ୍ବା ଯୁବକ ପ୍ରଥମେ ତାକୁ ଚାହୁଁଥିଲେ ଏବଂ ପରେ ଆଖି ଫେରାଉ ଥିଲେ

ହୋଇଥାଏ । କୌଣସି ଯୁବକ ଦ୍ୱାରା ଗର୍ଭବତୀ ହୋଇଥିଲେ ସେ ତା'ର ଅଧିକାର ପାଇବା ପାଇଁ ଏପରି ଉପାୟ ଅବଲମ୍ବନ କରେ । କେତେକ ଛାତପତ୍ର ପାଇଥିବା ଯୁବତୀ ମଧ୍ୟ ଯୁବକ ନେବାକୁ ସାହସ କରୁନଥିଲେ ଓ ସେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲେ ଏପରି ଉପାୟ ଅବଲମ୍ବନ କରନ୍ତି । 'ଢିରବଲଃ'ରେ ଯୁବତୀ ନିଜର ଆବଶ୍ୟକୀୟ ଲୁଗାପଟା ନେଇ ଯୁବକ ଘରେ ପହଞ୍ଚେ । ତାଙ୍କ ପିଣ୍ଡାରେ ବସି ଯୁବକର ବାପା ମାଆଙ୍କୁ ମୁଁ ତୁମ ପୁଅ ସହିତ ଆଜୀବନ ରହିବା ପାଇଁ ଆସିଛି ବୋଲି କୁହେ । ଏପରି ଆଗମନକୁ ପୁଅର ବାପା ମାଆ ସାଧାରଣତଃ ଅନାଦର କରିଥାଆନ୍ତି । ତେଣୁ ତାକୁ ବୁଝାଇ ସୁଝାଇ ଫେରିବା ପାଇଁ ଉପଦେଶ ଦିଅନ୍ତି । ରାଜି ନହେଲେ ପୁଅକୁ ଡାକି ସେବିଷୟରେ ପଚାରି ବୁଝନ୍ତି । ପୁଅର ଇଙ୍ଗିତରେ ସେ ଆସିଥିଲେ ଗାଆଁର 'ଜଗମାଝୀ' (ଡାକୁଆ)କୁ ଏ ବିଷୟରେ ଜଣାନ୍ତି ।

'ଜଗମାଝୀ' ଗାଆଁର ଦଶବାର ଜଣ ବୁଢାବୁଢୀଙ୍କୁ ତାଙ୍କ ଅଗଣାରେ ଏକତ୍ରିତ କରାଏ । ସେମାନେ ସମସ୍ତେ ମିଶି ଯୁବକ ଯୁବତୀର ମତାମତ ନିଅନ୍ତି । ଯୁବକ ପ୍ରକୃତରେ ଚାହୁଁଥିଲେ ଏବଂ ଆସିବାପାଇଁ ଇଶାରା କରିଥିଲେ ଯୁବତୀକୁ ଯୁବକ ଘରେ ରହିବା ପାଇଁ ଯୁବତୀ ଘରକୁ ଖବର ପଠାଯାଏ ଯେ ତାଙ୍କ ଝିଅ ଏହିଠାରେ ଅଛି ତେଣୁ ତା'ପାଇଁ ବ୍ୟସ୍ତ ହେବା ଆବଶ୍ୟକ ନାହିଁ । ଏକଥାକୁ ସିଧା ସଳଖ ଭାବରେ ଗୃହସ୍ୱାମୀକୁ ସେମାନେ କହି ନଥାଆନ୍ତି । ସେମାନେ ଯୁବତୀ ଗ୍ରାମର ମୁଖିଆ ଘରେ ପ୍ରଥମେ ପହଞ୍ଚନ୍ତି । ଯୁବତୀକୁ ଏକ ଛତା ରୂପରେ ବର୍ଣ୍ଣନା କରି କହନ୍ତି ଯେ 'ତୁମ ଗ୍ରାମର ଛତାଟିଏ ଗୋଠଭୁଲି ବୋଧହୁଏ ଆମ ଗ୍ରାମର ଗୋଠରେ ଯାଇ ମିଶିଛି । କାଲେ ତୁମେମାନେ ଖୋଜି ଖୋଜି ହଇରାଣ ହେଉଥିବ ଭାବି ଏ ଖବର ତୁମଠାରେ ପହଞ୍ଚାଇବା ପାଇଁ ଆସିଛୁ । ଗ୍ରାମର ମୁଖିଆ ତୁରନ୍ତ ଏ ବିଷୟ ଉପମୁଖିଆକୁ ଜଣାଏ । ସେ ଖବର ନିଏ କାହାଘର ଝିଅ ଗ୍ରାମରେ ନାହିଁ । ସେହି ଅନୁସାରେ ତାଙ୍କ ଘରେ ଯାଇ ଖବର ପହଞ୍ଚେ ।

'ମାଝୀ', 'ଜଗମାଝୀ'ର ସହାୟତାରେ ଗୃହସ୍ୱାମୀ ପୁଅ ଘରକୁ 'ପାଞ୍ଜା ସେଟେର' ଯାଏ । ସେମାନେ ମଧ୍ୟ ସିଧାସଳଖ ପୁଅ ଘରକୁ ନଯାଇ ପ୍ରଥମେ 'ମାଝୀ' ଘରକୁ ଯାଇ ପହଞ୍ଚନ୍ତି । ପ୍ରାପ୍ତ ହୋଇଥିବା ସମ୍ବାଦ ଅନୁରୂପେ 'ଆମ ଗ୍ରାମର ଯେଉଁ ଛତା ଆସି ତୁମ ଗୋଠରେ ମିଶିଛି ବୋଲି ଖବର ଦେଇଥିଲ ତା'ର ଖବର ନେବାକୁ ଆସିଛୁ ବୋଲି କହନ୍ତି । 'ମାଝୀ', ପୁଣି ଜଗମାଝୀକୁ ଖବର ଦେଇ ଅତିଥିମାନଙ୍କ ଗୋଡ଼ ଧୋଇ ତେଲ ଲଗାଇଦିଏ । ସେହି ଅବସରରେ ଆସିଥିବା ଲୋକମାନେ ଏଇଟି ଆମର ଛତା ବୋଲି କହନ୍ତି । ଯୁବକ ଗ୍ରାମର 'ମାଝୀ', 'ଜଗମାଝୀ'ଙ୍କ ସମ୍ମୁଖରେ ସେମାନେ ଝିଅକୁ ପଚାରନ୍ତି ଯେ ଯେଉଁ ଅନୁରୂପେ ସେମାନେ ଖବର ପାଇଛନ୍ତି ତାହା ପ୍ରକୃତରେ ସତ କି ନୁହେଁ ? ଯୁବତୀ ଯଦି କହେ – ସେ ତା'ର ଘର ଖୋଜି ନେଇଛି ତେବେ ତାଙ୍କର ମିଳନକୁ ସ୍ୱୀକୃତ ନିଆଯାଏ । ସେଦିନ ଆଗନ୍ତୁକମାନେ ସେଠାରେ ଅତିଥି ହୋଇ ରହନ୍ତି ଏବଂ ତାଙ୍କୁ ସେହି ଗ୍ରାମର ପୁରୁଖା ଲୋକଙ୍କ ଗହଣରେ ହାଣ୍ଡିଆ ଦିଆଯାଏ । ମାଂସ, ଭାତ ଦେଇ ଆପ୍ୟାୟିତ କରାଯାଏ ।

ପରଦିନ ଝିଅଜୋଇଁଙ୍କୁ ନେଇ ସେମାନେ ତାଙ୍କ ଘରକୁ ଯାଆନ୍ତି । ସେଠାରେ ତାଙ୍କୁ ଗୋଡ଼ ଧୋଇ ତେଲ ଲଗାଇ ଦିଆଯାଏ । ଏହି ଗୋଡ ଧୋଇବା କାର୍ଯ୍ୟ ବିଶେଷ ଭାବରେ ଶାଳୀ ସମ୍ପର୍କୀୟା ମାନେ କରିଥାଆନ୍ତି । ତା'ର ପ୍ରତିବଦଳରେ ପାଉଣା ଅର୍ଥ ଆକାରରେ ସେମାନେ ଦାବି କରନ୍ତି । ଝିଅ ଜୋଇଁ ଦୁଇତିନିଦିନ ସେଠାରେ ରହି ନିଜଘରକୁ ଫେରି ଯାଆନ୍ତି ଏବଂ ସାଂସାରିକ ଜୀବନ ଯାପନ କରନ୍ତି ।

'ପାଞ୍ଜ ସେଟେର' ଝିଅଜୋଇଁ ପାଇଁ ଉଭୟ ଘରକୁ ଆତଯାତ କରିବା ନିମନ୍ତେ ବାଟ ଫିଟାଏ । ଝିଅର ବାପା ମାଆ ଯଦି 'ପାଞ୍ଜା ସେଟେର' ନ କରନ୍ତି ତେବେ କୌଣସି ପରିସ୍ଥିତିରେ ଝିଅ କିମ୍ବା ତା'ର ସ୍ୱାମୀ ଶଶୁର ଘରକୁ ଯାଇ ପାରନ୍ତି ନାହିଁ । ଝିଅର ବାପା ମାଆ ଝିଅର ପଦକ୍ଷେପରେ ରାଜି ନଥିଲେ

ଏଭଳି ପରିସ୍ଥିତି ସୃଷ୍ଟି ହେବାର ଦେଖାଯାଏ । 'ପାଞ୍ଚସେଟେର' ଯିବା ଆସିବାର ବାଟ ଫିଟାଇଲେ ମଧ୍ୟ ଯେ ପର୍ଯ୍ୟନ୍ତ ବିବାହ ନ ହୋଇଛି ସେ ପର୍ଯ୍ୟନ୍ତ ପୂଜା ପାଠରେ ସେମାନଙ୍କର ପ୍ରବେଶ ନଥାଏ । ଏପରି ଦୃଷ୍ଟାନ୍ତ ମଧ୍ୟ ଦେଖାଯାଇଛି ଯେ ବିବାହ ନ ହୋଇ ତାଙ୍କର ସନ୍ତାନ ସନ୍ତତି ହୋଇଯାଆନ୍ତି । ଫଳରେ ତାଙ୍କ ପୁଅ ଝିଅର ମଧ୍ୟ ଏକୋଇଶିଆ ହୋଇପାରେ ନାହିଁ । ତେଣୁ ଖୁବ୍ ଅଳ୍ପ ଖର୍ଚ୍ଚରେ ବିବାହ କାର୍ଯ୍ୟ ତୁଲାଇ ଦିଆଯାଏ ।

ଏହି ବିବାହ ଖୁବ୍ ନିରାଡମ୍ବର ହୁଏ । ଗ୍ରାମବାସୀମାନଙ୍କୁ ନିୟମ ମୁତାବକ ହାଣ୍ଡିଆ ଦେଲେ ସେମାନେ 'ସିନ୍ଦୂରାଦାନ୍' କରାଇ ଦିଅନ୍ତି । ଯୁବକ ତା'ର ଡାହାଣ ହାତରେ ସିନ୍ଦୂରକୁ ବୃଦ୍ଧ ଓ କନିଷ୍ଠ ଆଙ୍ଗୁଳିରେ ହିଁ ମୁଣ୍ଡରେ ଦିଏ । କିନ୍ତୁ । ଯୁବତୀ ପୂର୍ବରୁ ବିବାହ କରିଥିଲେ କିମ୍ବା ଯୁବକ ନିଜେ ଆଗରୁ ବିବାହ କରିଥିଲେ ସେ ବାମ ହାତ କିମ୍ବା ଫୁଲ ମାଧ୍ୟମରେ ସିନ୍ଦୂର ଦିଏ । କନ୍ୟାପଣ ବିଧି ମୁତାବକ ହୋଇ ନଥାଏ । ଯେହେତୁ ଝିଅ ନିଜେ ଅନୁପ୍ରବେଶ କରିଛି ସେଥିପାଇଁ ସବୁଥିରେ କୋହଳ ମନୋଭାବ ପ୍ରକାଶ ପାଏ । ତଥାପି ପୁଅପକ୍ଷ ତିନୋଟି 'ଖଣ୍ଡାଲୁଗ୍‌ଲି' ଗୋଟାଏ ଦାମୁଡିଆ ସ୍ୱତଃ ପ୍ରବୃତ୍ତ ଭାବରେ କର୍ତ୍ତବ୍ୟ ଭାବି ଦିଏ ।

**ଆପାଙ୍ଗିର :**

ନେଇ ପଳାଇଯିବାକୁ ସାନ୍ତାଳୀରେ 'ଆପାଙ୍ଗିର' କୁହାଯାଏ । ସାଧାରଣତଃ ଅନୈତିକ ପ୍ରେମ ସମ୍ପର୍କ ଗଢି ଉଠିଲେ ଏବଂ ସ୍ୱୀକୃତି ପାଇବାର କୌଣସି ସମ୍ଭାବନା ନଥିଲେ 'ଆପାଙ୍ଗିର' ହୋଇଥାଏ । କୌଣସି ଯୁବକ ବିବାହିତା ସ୍ତ୍ରୀର ପ୍ରେମରେ ପଡିଲେ କିମ୍ବା ବିବାହିତ ପୁରୁଷର ପ୍ରେମରେ ଯୁବତୀ ପଡିଲେ ତାକୁ ସମାଜ ଗ୍ରହଣ କରେ ନାହିଁ । ସେହିପରି ସମଗୋତ୍ରରେ ପ୍ରେମ ସମ୍ପର୍କ ସ୍ଥାପିତ ହେଲେ ବିବାହ ଅସମ୍ଭବ ହୋଇପଡେ । ଏଭଳି ପରିସ୍ଥିତିରେ ସେମାନେ ଘର ଛାଡି ଅନ୍ୟତ୍ର ପଳାଇ ଯାଇସେଠାରେ ଦାମ୍ପତ୍ୟ ଜୀବନ ଅତିବାହିତ କରନ୍ତି । ଗୋଟାଏ ଗୋତ୍ରର ହୋଇ ନଥିଲେ, ଅନ୍ୟ କୌଣସି ପ୍ରକାରର ପ୍ରତିବନ୍ଧକ ନଥିଲେ କିଛିଦିନ ପରେ ସମ୍ପର୍କୀୟ ମାନଙ୍କର ରାଗ ଶାନ୍ତ ହେବାର ଜାଣିଲେ ସେମାନେ ଘରକୁ ଫେରି ଆସନ୍ତି । ସମାଜ ତାଙ୍କୁ ବିବାହ ସୂତ୍ରରେ ବାନ୍ଧି ଦିଏ । ଏ ସମ୍ପର୍କିତ ବିବାହ ହେଉଛି 'ଆପାଙ୍ଗିର' ।

'ଆପାଙ୍ଗିର'ରେ ଯୁବକ ଯୁବତୀ ଏକତ୍ରିତ ହୋଇ ସାରିଥିବାରୁ ବିବାହରେ ଥିବା ପ୍ରଥମ ପର୍ଯ୍ୟାୟର ପ୍ରଥାସବୁ ବାଦ୍ ପଡିଥାଏ । କେବଳ ସମାଜର ପ୍ରାପ୍ୟ ଦେଇ କନ୍ୟାପକ୍ଷର ପଣ ଦେଇ 'ସାଙ୍ଗା' ବା 'ଟୁକି ଦିପିଲ' ଶୈଳୀରେ ବିବାହ କାର୍ଯ୍ୟ ତୁଲାଇ ଦିଆଯାଏ । ଯୁବତୀ ଆଗରୁ ବିବାହିତା ଥିଲେ ତା'ର ପ୍ରଥମ ସ୍ୱାମୀ କ୍ଷତିପୂରଣ ମାଗିଥାଏ ଯାହାକି ଦ୍ୱିତୀୟ ସ୍ୱାମୀ ଦେବାକୁ ବାଧ୍ୟ ହୁଏ । ସେହିପରି ବରର ପ୍ରଥମ ସ୍ତ୍ରୀ ଥିଲେ ମଧ୍ୟ ଦ୍ୱିତୀୟ ସ୍ତ୍ରୀର ଅଭିଭାବକ ଯଥୋଚିତ ପଣ ପାଇଥାଏ । ମାତ୍ର ଝିଅ ନିଜେ ଘରୁ ବାହାରି ମିଳିତ ହୋଇ ସାରିଥିବାରୁ ପଣଲୁଗା ପ୍ରଥମ ବିବାହରେ ପାଉଥିବା ଜଣେ ଝିଅ ପରି ପାଏ ନାହିଁ ।

ମିଳନ ସମଗୋତ୍ରୀୟ ହୋଇଥିଲେ ଦୂରଦୂରାନ୍ତରକୁ ଯାଇ ସେଠାରେ ଛଦ୍ମ ନାମରେ ଆଜୀବନ କାଳାତିପାତ କରନ୍ତି । ପାରିବାରିକ ବା ରକ୍ତଗତ ସମ୍ପର୍କ ଥିବା ସ୍ଥଳରେ ପ୍ରେମ ଗଢି ଉଠିଲେ ମଧ୍ୟ ସମାଜ ତାକୁ ଗ୍ରହଣ କରେ ନାହିଁ । ତେଣୁ ସବୁଦିନ ପାଇଁ ସେମାନେ ସେ ଅଞ୍ଚଳ ଛାଡି ଅନ୍ୟ କେଉଁଠାକୁ ଯାଇ ଘର ସଂସାର କରନ୍ତି । ଜଣେ ଅନ୍ୟକୁ ଭୁଲାଇ ଫୁସୁଲାଇ ନେବା ହେଲା 'ଆଁଗିର' କିନ୍ତୁ ଉଭୟଙ୍କ ରାଜିଖୁସିରେ ଅନ୍ୟତ୍ର ପଳାଇ ଯିବା 'ଆପାଙ୍ଗିର' ।

ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲେ କିମ୍ବା ଉଭୟ ପରିବାରରେ ବିବାହ ହୋଇ ପାରିବାର ସମ୍ଭାବନା ନଥିଲେ ମଧ୍ୟ 'ଆପାଙ୍ଗିର' ହୁଏ । ଯୁବକ ଯୁବତୀ କୌଣସି ସମ୍ପର୍କୀୟ ଘରକୁ ଯାଇ ନିଜର ଅଭିପ୍ରାୟ ଜଣାନ୍ତି । ସେଠାକାର ମୁରବୀ ଯୁବକ ଏବଂ ଯୁବତୀ

ଘରେ ତାଙ୍କର ମିଳନର ସମ୍ବାଦ ଦିଏ । ପାଖରେ ଥିଲେ ସେଦିନ ସନ୍ଧ୍ୟାରେ ଏବଂ ଦୂରରେ ଥିଲେ ଦୁଇ ଚାରିଦିନ ପରେ ସେ ତାଙ୍କୁ ଯୁବକ ଘରେ ନେଇ ଛାଡ଼ିଦିଏ । ସେଠାରେ ଗ୍ରାମର ପଞ୍ଚଙ୍କ ସମ୍ମୁଖରେ ଯୁବତୀକୁ ପଚରାଯାଏ ଯେ, "ଏହା ତୁମର ଘର ନୁହେଁ", କାହିଁକି ଏଠାକୁ ଆସିଛି ? ଯୁବତୀ ଉତ୍ତର ଦିଏ – "ମୁଁ ମୋର ଘର ବାଛି ନେଇଛି" । ଯୁବକର ମଧ୍ୟ ମତାମତ ନିଆଯାଏ । ସେ କହେ – 'ମୋର ମାଆଙ୍କର ଘରର କାମଦାମରେ ଅସୁବିଧା ହେଉଥିବାରୁ ମୁଁ କାମ କରିବା ପାଇଁ ସାଥୀଟିଏ ଆଣିଛି । ଗ୍ରାମର ପଞ୍ଚଙ୍କ ସମ୍ମୁଖରେ ଯୁବକ ଯୁବତୀକୁ ଏହିପରି ପଚାରି ବୁଝିବାକୁ ସାନ୍ତାଳୀରେ 'ତିରିଲ ତାରବ୍' କୁହାଯାଏ । ଉଭୟଙ୍କ ମିଳନ ସ୍ୱଇଚ୍ଛାରେ, କୌଣସି ବାଧ୍ୟବାଧକତାରେ ହୋଇ ନଥିବାର ଜାଣିଲେ ପୁଅଘରୁ ଝିଅଘରକୁ ଖବର ପଠାଯାଏ । ସେମାନେ 'ପାଞ୍ଜା ସେଟେର'ର ଆୟୋଜନ କରନ୍ତି । ଶେଷରେ ବିବାହ କାର୍ଯ୍ୟ ମଧ୍ୟ ସମାପନ କରାଯାଏ ।

ରକ୍ତଗତ ସମ୍ପର୍କରେ ପ୍ରେମ ହୋଇ ସେମାନେ ଏକତ୍ର ବସବାସ କରି ରହିଲେ ସେମାନଙ୍କୁ 'ବିଟଲାହା' ବା ବାସନ୍ଦ କରାଯାଏ । ତେଣୁ ସେମାନେ ସମ୍ପର୍କ ଛିନ୍ନ କରିବା ପାଇଁ ବାଧ୍ୟ ହୋଇ ଥାଆନ୍ତି । ଗ୍ରାମବାସୀମାନେ ସମବେତ ଭାବରେ ତା'ର ନିନ୍ଦା କରି ତାଙ୍କୁ ଅଲଗା ହେବାପାଇଁ ପରାମର୍ଶ ଦିଅନ୍ତି ।

**ଘାର୍ଦିଜାଓ୍ୱାଁୟ :**

ଏହା ଏକ ସାମୟିକ ବିବାହ । ପାଶ୍ଚାତ୍ୟ ଦେଶମାନଙ୍କରେ Contact Marriage ହେଲାପରି ପାଞ୍ଚବର୍ଷ ପାଇଁ ଏହି ବିବାହ ହୋଇଥାଏ । ଏହି ପାଞ୍ଚବର୍ଷ ଭିତରେ ବର ସନ୍ତାନର ଜନକ ହୋଇ ପାରିଲେ ସେ ଘର ଜୋଇଁ ହୋଇ ରହେ । ଅନ୍ୟଥା ବିବାହର ମିଯାଦ ସମାପ୍ତ ହେବା ସଙ୍ଗେ ସଙ୍ଗେ ସେ ଝିଅଘରୁ ବାହାରିଯିବା ପାଇଁ ବାଧ୍ୟ ହୁଏ । ଏହି ପାଞ୍ଚବର୍ଷ ଭିତରେ ବରର କାର୍ଯ୍ୟକଳାପ ସନ୍ତୋଷଜନକ ନ ହେଲେ ମଧ୍ୟ ସେ ଘର ଜୋଇଁର ମର୍ଯ୍ୟାଦା ଲାଭ କରିପାରେ ନାହିଁ । ଏହି ବିବାହ ଯଦିବା 'ଦଲ୍‌ବାପ୍ଲା' ପରି କରାଯାଇଥାଏ ତଥାପି ନିମ୍ନୋକ୍ତ ମତେ 'ଦଲବାପ୍ଲା' ଠାରୁ ଭିନ୍ନ ।

ପ୍ରଥମତଃ ଘରଦ୍ୱାର ଦେଖି ସାରିବା ପରେ ଯେଉଁ ନିର୍ବନ୍ଧ ବା 'ହରଃଚିହ୍ନା' କରାଯାଏ ସେଥିରେ ଅନିବାର୍ଯ୍ୟ ଭାବରେ ଧୋତି ବା ଶାଢୀର ଆଦାନ ପ୍ରଦାନ କରାଯାଏ ନାହିଁ । ଉଭୟପକ୍ଷ ରାଜିହେଲେ ଏପରି ପ୍ରଥା ବଳବତ୍ତର ରହେ । ନଚେତ୍ ପ୍ରାକ୍ ପର୍ଯ୍ୟାୟରେ ହେଉଥିବା କର୍ମକାଣ୍ଡ ନକରି ସିଧାସଳଖ ସେମାନେ ବିବାହ ପର୍ଯ୍ୟାୟରେ ପହଞ୍ଚି ଥାଆନ୍ତି ।

ଦ୍ୱିତୀୟତଃ ବିବାହ ଯୁବକ ଘରେ ନ ହୋଇ ଯୁବତୀ ଘରେ ହୋଇଥାଏ । ଏଥିପାଇଁ ଯୁବତୀର ପିତା ଗ୍ରାମର ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ଯୁବକ ଘରକୁ ଯାଆନ୍ତି । ଜଣେ ଯୁବତୀ ପରି ଯୁବକକୁ କନ୍ୟାଘରକୁ ଅଣାଯାଏ ଓ ସେଠାରେ ବିବାହ ହୁଏ ।

ତୃତୀୟତଃ କନ୍ୟା ଗ୍ରାମରେ ବର ପହଞ୍ଚିଲେ ସେଠାରେ କୌଣସି 'ଦାରାମ୍‌ଦାଃ' ବା 'ଦାରାମ୍ ଆଦେର' ନୃତ୍ୟ ହୁଏ ନାହିଁ । 'ଦାରାମଦାଃ ଏନେଜ' ବା ସ୍ୱାଗତ ନୃତ୍ୟରେ ଯୁବକ ଯୁବତୀ ଦଳ ପ୍ରତିଯୋଗୀତା ପୂର୍ଣ୍ଣ ନୃତ୍ୟଗୀତ କରି ନଥାଆନ୍ତି । କନ୍ୟାପିତା ବରକୁ ନେଇ ନିଜ ଘରେ ପହଞ୍ଚେ । ସେଠାରେ ତା'ର ଗୋଡ଼ ଧୋଇ ତେଲ ହଳଦୀ ଲଗାଇ ଦିଆଯାଏ । ବର ଜଣଙ୍କ କାନ୍ଧରେ ବସି ତା'ର ସୁନ୍ଥାରେ ସିନ୍ଦୂର ଲଗାଇ ଦିଏ ।

ପରିଶେଷରେ ଏହି ବିବାହରେ କୌଣସି କନ୍ୟାପଣ, ଭାଇର ପାଉଣା ମଧ୍ୟ ନଥାଏ । ଗ୍ରାମର ମୁଖିଆ, ଉପମୁଖିଆ, କନ୍ୟାର ବଡ଼ ଭଉଣୀକୁ ଉପହାର ଦେବାର ଧରାବନ୍ଧା ନିୟମ ମଧ୍ୟ ନାହିଁ । ତଥାପି କିଛି ଦିଆଯାଏ । ବରପକ୍ଷକୁ 'ଦାଉଲା', ସିନ୍ଦୂର ଏବଂ କନ୍ୟାପାଇଁ ନୂତନ ବସ୍ତ୍ର ଦେବାକୁ ପଡିଥାଏ ।

**ଅଲାଃ ଜାଓ୍ୱାଁୟ (ଘରଜୋଇଁ) :**

ପାରିବାରିକ ସମସ୍ୟାର ସମାଧାନ ପାଇଁ 'ଅଲାଃ ଜାଓ୍ୱାଁୟ' ବିବାହ କରାଯାଉଥାଏ ।

'ଘାର୍ଦିଜାଓ୍ୱାଁୟ' ପରି ଏହି ବିବାହରେ ମଧ ବର କନ୍ୟା ଘରକୁ ଆସେ । ସାଧାରଣତଃ ଘରେ କେବଳ କନ୍ୟା ସନ୍ତାନ ଥିଲେ ତାଙ୍କ ପାଇଁ 'ଅଳାଃ ଜାଓ୍ୱାଁୟ' ଅଣା ଯାଇଥାଏ । W. G. Archer ତାଙ୍କର Tribal Law and Justice ପୁସ୍ତକରେ ଅଳାଃ ଜାଓ୍ୱାଁୟ ରଖିବାର ସାତଟି ମାର୍ଗର ଉଲ୍ଲେଖ କରିଛନ୍ତି । କେଉଁ ପରିସ୍ଥିତିରେ 'ଅଳାଃ ଜାଓ୍ୱାଁୟ' ଅଣାଯାଇ ଥାଏ ସେଥିରୁ ତାହା ସ୍ପଷ୍ଟ ଜଣାପଡ଼େ । ତା'ର ବିଚାର ନିମ୍ନରେ ଦିଆଗଲା ।

(୧) 'ଘାର୍ଦିଜାଓ୍ୱାଁୟ' ପରି 'ଅଳାଃଜାଓ୍ୱାଁୟ' ବିବାହ ମଧ ହୋଇଥାଏ । ଏଥିରେ ମଧସ୍ଥି ନିଯୁକ୍ତ କରାଯାଏ । ପିନ୍ଧାଣିର ପଦ୍ଧତି, ଧୋତି, ଶାଢୀର ଆଦାନ ପ୍ରଦାନ ହୁଏ ନାହିଁ । 'ଘାର୍ଦିଜାଓ୍ୱାଁୟ'କୁ ଆଣିଲା ପରି କୌଣସି ଆଡମ୍ବର ହୁଏ ନାହିଁ । କନ୍ୟାପଣ, ଭାଇର ପାଉଣା ମଧ ବାଦ୍ ଦିଆଯାଏ । କିନ୍ତୁ ବରପକ୍ଷକୁ ଡାଲା, ସିନ୍ଦୂର ଓ ଗୋଟାଏ ଶାଢୀ ଦେବାକୁ ପଡ଼େ ।

ଉପରୋକ୍ତ ସବୁକିଛି 'ଘାର୍ଦିଜାଓ୍ୱାଁୟ' ବିବାହ ସହିତ ମିଶି ଯାଉଥିଲେ ମଧ 'ଅଳାଃ ଜାଓ୍ୱାଁୟ' ବିବାହରେ କେତେକ ନୂଆ ଅଧ୍ୟାୟ ଲୋଡାଯାଏ । ଯେପରିକି ବବାହ ପରଦିନ ବରକୁ 'ଜୁମିଜାଏଗା ଲେବେଦ୍ ଆଚୁର ଲାଗିଦ୍', ଅର୍ଥାତ୍ ଜମିଜାଗା ଦେଖାଇବା ପାଇଁ ନିଆଯାଏ । ସେ ଏହାପରେ ଶାଶୁ ଶ୍ୱଶୁରଙ୍କ ପାଇଁ କେଉଁ ଜମିଗୁଡ଼ିକ ଚାଷ କରିବ ସେସବୁ ଦେଖାଇ ଦିଆଯାଏ ।

(୨) କୌଣସି ଯୁବକକୁ ଜୋଇଁ କରିବାପାଇଁ ସବୁ ନିଷ୍ପତ୍ତି ସରିଯାଇଥିଲେ ତାକୁ ଉଧାର ସୂତ୍ରରେ 'ଅଳାଃ ଜାଓ୍ୱାଁୟ' କରି ଆଣାଯାଏ । ଶ୍ୱଶୁର ଘରେ ଗ୍ରାମର ପଞ୍ଚଙ୍କ ଉପସ୍ଥିତିରେ ସେ ଘର ଜୋଇଁର ମାନ୍ୟତା ପାଏ । ବିବାହକୁ ବାକି ରଖି ମଧ ସବୁ ପ୍ରକାରେ ତାକୁ ସ୍ୱୀକୃତି ମିଳେ ଏବଂ କନ୍ୟା ସହିତ ସେ ସାଂସାରିକ ଜୀବନ ଯାପନ କରେ । ଏହାକୁ ସାନ୍ତାଳୀରେ 'ଆଗୁହାଟାଲ୍' କୁହାଯାଏ । 'ଆଗୁହାଟାଲ୍' ସାଧାରଣତଃ କାମ ଅଟକି ଯାଉଥିଲେ କରାଯାଏ । ଯେହେତୁ ବିବାହ 'ଆଗୁହାଟାଲ୍'କୁ ଅନୁଗମନ କରେ ଏଥିରେ କୌଣସି ପ୍ରକାରର ପ୍ରତିବନ୍ଧକ ରହେ ନାହିଁ ।

ବେଳେ ବେଳେ ବିବାହ ପୂର୍ବରୁ ଚିନ୍ତତା ଦେଖାଯାଏ, ଯାହା ଫଳରେ ବିବାହ ହୋଇପାରେ ନାହିଁ ଏବଂ ଯୁବକକୁ ବାହାରି ଯିବାକୁ ପଡ଼େ । ଏପରି ସ୍ଥଳେ ଯୁବକ କ୍ଷତିପୂରଣ ଦାବି କରେ । ସେହି ସମୟ ମଧରେ ସେ ଅନ୍ୟତ୍ର ଯାହା ଆୟ କରି ପାରି ଥାଆନ୍ତା ତାକୁ ଆଖି ଆଗରେ ରଖି କ୍ଷତିପୂରଣ ଦିଆଯାଏ । ଜଣେ ମୂଲିଆ ଭାବରେ ତାକୁ ପାଉଣା ଦେଇ ବିଦା କରିବାର ପ୍ରଥା ମଧ ଦେଖାଯାଏ ।

(୩) 'ଘାର୍ଦିଜାଓ୍ୱାଁୟ'ର ରୂପାନ୍ତର ମଧ 'ଅଳାଃ ଜାଓ୍ୱାଁୟ' ଭାବରେ ହୋଇଥାଏ । 'ଘାର୍ଦି ଜାଓ୍ୱାଁୟ' କୌଣସି ବିଶେଷ ସାମଞ୍ଜସ୍ୟ ଥିଲେ ଅଣାଯାଇଥାଏ । ଉଦାହରଣ ସ୍ୱରୂପ ଉତ୍ତରାଧିକାରୀ ଛୋଟ ଥିଲେ ତା'ର ବଡ଼ ହେବା ପର୍ଯ୍ୟନ୍ତ 'ଘାର୍ଦିଜାଓ୍ୱାଁୟ' ସେଠାରେ ରହି ସମସ୍ତ ସୁବିଧା ଅସୁବିଧାର ତଦାରଖ କରେ । କିନ୍ତୁ କୌଣସି କାରଣ ବଶତଃ ତା'ର ମୃତ୍ୟୁହେଲେ ବୃଦ୍ଧ ଶାଶୁଶ୍ୱଶୁରଙ୍କ ସେବା ଶୁଶ୍ରୂଷା ପାଇଁ ସେଠାରେ ସେ ସବୁଦିନ ପାଇଁ ରହିଯାଏ । ଏହି ରହିବା ସାଧାରଣତଃ ମିଯାଦ ପୂରଣ ହେଲେ ଗ୍ରାମର ପଞ୍ଚଙ୍କ ସମ୍ମୁଖରେ ଗୃହସ୍ୱାମୀ ଘୋଷଣା କରି ସ୍ୱୀକୃତ ହୁଏ । ଏହାପରେ ଜମିବାଡି ମଧ ତାକୁ ଦେଖାଇ ଦିଆଯାଏ ।

(୪) 'କଣ୍ଡେଇ ଜାପାମ୍' କରି ମିଳିତ ହୋଇଥିବା ଯୁବକଙ୍କୁ ବେଳେ ବେଳେ ଗୃହସ୍ୱାମୀ ଓ ଗ୍ରାମବାସୀ 'ଅଳାଃ ଜାଓ୍ୱାଁୟ' ଭାବରେ ଗ୍ରହଣ କରନ୍ତି । 'କଣ୍ଡେଇ ଜାପାମ୍' ମୁଖ୍ୟତଃ ତାଙ୍କର ଯୁବକମାନଙ୍କ ସହିତ ହୋଇଥାଏ । ବିଶେଷ ଅସୁବିଧା ଥିଲେ ଗୃହସ୍ୱାମୀ ତାକୁ ଗ୍ରହଣ କରି 'ଅଳାଃ ଜାଓ୍ୱାଁୟ' କରେ । ସର୍ବସାଧାରଣ ସମ୍ମୁଖରେ ସେ ଏହା ଘୋଷଣା କରି ଭୋଜିଭାତ ଦିଏ ଏବଂ ଯୁବକକୁ ତା'ର ସମସ୍ତ ବିଲବାଡି ଦେଖାଇ ଦିଏ ।

(୫) ଝିଅ ଦ୍ୱାରା 'ଅର ଆଦେର' କରି ଅଣା ହୋଇଥିବା ବର ମଧ 'ଅଳାଃଜାଓ୍ୱାଁୟ' ହୋଇପାରେ । ଝିଅ ଜଣେ ଯୁବକକୁ 'ଅର ଆଦେର' କରିବା କ୍ୱଚିତ୍ ଦେଖାଯାଏ । ତଥାପି ଶାରୀରିକ ସମ୍ବନ୍ଧ ଗଢି ଉଠିଲେ, ଯୁବକ ସାହସ କରୁ ନଥିଲେ ଝିଅ ଏଭଳି ପଦକ୍ଷେପ

ନେଇଥାଏ । ଯୁବତୀ ଯଦି ବିଧବା ହୋଇଥାଏ, ତା'ର ସନ୍ତାନ ସନ୍ତତି ସାନ ଥାଆନ୍ତି ତେବେ ଏହାର ସୁଯୋଗ ନେଇ କେହି ରସିକତା କରି ତା' ସହିତ ସମ୍ପର୍କ ରଖେ ତେବେ ସାନ୍ତାଳ ସମାଜରେ ନାରୀର ଅଧିକାର ଅଛିଯେ ସେ ତାକୁ ଓଟାରି ଆଣି ସବୁଦିନ ପାଇଁ ତା' ଘରେ ରଖିପାରେ । ସେଠାରେ ଗ୍ରାମର ପଞ୍ଚଙ୍କ ସମ୍ମୁଖରେ ସେ 'ଅଲାଃ ଜାଓାଁୟ' ମାନ୍ୟତା ପାଏ ।

(୬) ଯୁବତୀର ପ୍ରତିପତ୍ତି ହେଉ କିମ୍ବା ସୌନ୍ଦର୍ଯ୍ୟ ହେଉ ସେଥିରେ ଆକୃଷ୍ଟ ହୋଇ ଯୁବକ 'ଛିରବଲ' ହୁଏ । ଯୁବତୀର ପିତାମାତାଙ୍କ ଦ୍ୱାରା ତାଙ୍କର ମିଳନ ସ୍ୱୀକୃତ ପ୍ରାପ୍ତ ହେଲେ ଏବଂ ତାଙ୍କର ପୁତ୍ର ସନ୍ତାନ ନଥିଲେ ତାକୁ 'ଅଲାଃ ଜାଓାଁୟ' କରାଯାଏ । 'ଅଲାଃ ଜାଓାଁୟ' ପ୍ରକ୍ରିୟା ଉପରୋକ୍ତ ମତେ ଗ୍ରାମବାସୀଙ୍କ ସମକ୍ଷରେହିଁ ସମ୍ପାଦିତ ହୁଏ । ପରେ ଆନୁଷ୍ଠାନିକ ଭାବେ ବିବାହ ହୋଇ ଜମିବାଡି ଦେଖାଦେଖିରେ ସମାପ୍ତ ହୁଏ ।

(୭) 'ଆଗୁମିଦ୍' ଅର୍ଥାତ୍ ଯୁବକକୁ ଡାକି ଆଣି ମଧ 'ଅଲାଃ ଜାଓାଁୟ' କରାଯାଏ । ଯେକୌଣସି ଶୈଳୀରେ ବିବାହ ହୋଇ ଥାଉନା କାହିଁକି ବରଘରୁ ଝିଅ ଜୋଇଁକୁ ଆଣି ଜଣେ 'ଅଲାଃ ଜାଓାଁୟ' କରିପାରେ । ଏହା କରିବା ପାଇଁ ସେ ଗ୍ରାମବାସୀଙ୍କୁ ଏକତ୍ରିତ କରେ । ସେଠାରେ ସେ ଘୋଷଣା କରେ ଯେ ଜୋଇଁକୁ ସେ 'ଅଲା ଜାଓାଁୟ' ଭାବରେ ଗ୍ରହଣ କଲା । ସମସ୍ତ ସମ୍ପତ୍ତିର ମାଲିକ ଆଜିଠାରୁ ଝିଅ ହେଲା ବୋଲି ଘୋଷଣା କରେ ଏବଂ ଦରକାର ବେଳେ ଗ୍ରାମବାସୀ ଏହାର ସାକ୍ଷ୍ୟ ଦେବେ ବୋଲି ମଧ କହେ । ଏହି କ୍ଷେତ୍ରରେ ବିବାହ ଆଗରୁ ହୋଇଥାଏ । 'ଅଲା ଜାଓାଁୟ' ବିବାହରେ କମ୍ ଖର୍ଚ୍ଚ ପଡୁଥିବାରୁ ଅଧିକ ହୋଇଥିବା ଖର୍ଚ୍ଚ ଫେରାଇବାର ବିଧି ନାହିଁ ।

ଏ ସମସ୍ତ କ୍ଷେତ୍ରରେ 'ଅଲାଃ ଜାଓାଁୟ' ସମ୍ପତ୍ତି ଭୋଗ କରେ ମାତ୍ର ମାଲିକାନା ପ୍ରାପ୍ତ ହୋଇ ପାରେ ନାହିଁ । ପିତା ଅନ୍ତେ ମାଲିକାନା ଝିଅ ନାମରେ ହସ୍ତାନ୍ତର ହୋଇଥାଏ । ତାଙ୍କର ସନ୍ତାନ ସନ୍ତତି ହେଲେ ସେମାନେ ମାଆର ନ ହୋଇ ବାପାର ସାଙ୍ଗିଆ ପ୍ରାପ୍ତ ହୁଅନ୍ତି ।

ସାନ୍ତାଳ ବିବାହ ଏକ ସାମାଜିକ ଉତ୍ସବ । ବିବାହର ପୃଥକ୍ ନାମକରଣ ଥିଲେ ମଧ ପ୍ରତ୍ୟେକ ବିବାହରେ ମଧସ୍ଥି, ଗ୍ରାମର ମୁଖିଆ, ଉପମୁଖିଆ, ଗ୍ରାମର ପଞ୍ଚଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ । ଏ ସମସ୍ତଙ୍କ ସମ୍ମୁଖରେ ଜଣେ ଯୁବତୀ ଯୁବକ ହାତରୁ ମଥାରେ ସିନ୍ଦୂର ପାଇଲେ ସ୍ତ୍ରୀର ମର୍ଯ୍ୟାଦା ଲାଭ କରେ । ତେଣୁ ସାନ୍ତାଳ ବିବାହରେ ସିନ୍ଦୂରର ମୁଖ୍ୟ ଭୂମିକା ରହିଛି । ସିନ୍ଦୂର ସହିତ 'ବଙ୍ଗା' (ଦେବତା) ମାନଙ୍କ ସମ୍ପର୍କ ଅତି ନିବିଡ଼ । ଜଣେ ନାରୀ ସିନ୍ଦୂରଦାନ ପାଇଲେ 'ବଙ୍ଗା' ମାନଙ୍କୁ ସେବାପୂଜା କରିବାର ଅଧିକାର ପାଏ । ସାନ୍ତାଳ ବିବାହ ଏଭଳି ଏକ ପ୍ରକ୍ରିୟା ଯାହା ନାରୀ ଓ ପୁରୁଷକୁ ପରିବାର ତଥା ସମାଜର ମଙ୍ଗଳ ସାଧନ କରିବା ସହିତ ଦେବତାମାନଙ୍କୁ ସେବାପୂଜା କରିବାରେ ବ୍ରତୀ କରାଏ ।

◆◆◆

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ପୂର୍ଣ୍ଣଚନ୍ଦ୍ର (ସ୍ୱୟଂ ଶାସିତ)
ମହାବିଦ୍ୟାଳୟ, ବାରିପଦା

# ହୋ ବିବାହ - "ଆଁ ଆଁନ୍ଦି"

ଶ୍ରୀ ବିନୋଦ କୁମାର ନାଏକ୍

ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁନ୍ଦରଗଡ଼ ଜିଲ୍ଲାରେ ହୋ ଆଦିବାସୀମାନେ ବସବାସ କରନ୍ତି । ସ୍ଥାନ ଭେଦରେ ଏମାନେ କୋହ୍ଲ, ହୋ, ମୁଣ୍ଡା ନାମରେ ପରିଚିତ । ମୟୂରଭଞ୍ଜରେ ସେମାନେ କୋହ୍ଲ ନାମରେ, ମୟୂରଭଞ୍ଜର ଠାକୁରମୁଣ୍ଡା ଅଞ୍ଚଳର 'ହୋ' ନାମରେ, ଯାଜପୁର କେଉଁଝର ସୁନ୍ଦରଗଡ଼ରେ ମୁଣ୍ଡା ନାମରେ ପରିଚିତ । ଝାଡ଼ଖଣ୍ଡ ବିହାର ଓ ପଶ୍ଚିମବଙ୍ଗରେ ଏମାନେ "ହୋ" ନାମରେ ପରିଚିତ । ଏମାନଙ୍କ ଭାଷାକୁ "ହୋ" ଭାଷା କୁହାଯାଏ । ଏ ନିବନ୍ଧରେ ଏ ସମସ୍ତଙ୍କ ପାଇଁ "ହୋ" ଶବ୍ଦ ବ୍ୟବହାର କରାଯାଇଛି ।

ହୋ ଜନଜାତିମାନେ ବିବାହକୁ ଆଁଆଁନ୍ଦି କହନ୍ତି । ନରନାରୀଙ୍କ ଯୌନ ସମ୍ପର୍କକୁ ହୋ ସମାଜ ବିବାହ ଜରିଆରେ ଅନୁମୋଦନ କରେ । ଏହା ମଧ୍ୟ ହୋ ସମାଜରେ ସନ୍ତାନ ପ୍ରଜନନକୁ ବୈଧତା ପ୍ରଦାନ କରେ ।

ଆଦିବାସୀ "ହୋ" ସମ୍ପ୍ରଦାୟରେ ଅନେକ ପ୍ରକାରର ବିବାହ ପ୍ରଥା ପ୍ରଚଳିତ । କନ୍ୟା ଲାଭ କରିବା ପଦ୍ଧତି ଅନୁସାରେ ଅନେକ ପ୍ରକାରର ବିବାହ ବ୍ୟବସ୍ଥା ଆଦିବାସୀ ହୋ ସମାଜରେ ପ୍ରଚଳିତ । ମୁଖ୍ୟତ ତିନି ଚାରି ପ୍ରକାର ବିବାହ ହୋ ସମାଜରେ ଦେଖିବାକୁ ମିଳେ । ଜି. ସୁକୁ ଆଁଆଁନ୍ଦି ହୋ ସମାଜରେ ବହୁଳ ଭାବରେ ପ୍ରଚଳିତ । ଉଭୟ ବର ଓ କନ୍ୟାର ମାତା ପିତା ଓ ଗୁରୁଜନଙ୍କ ଦ୍ୱାରା ଆପୋଷ କଥାବାର୍ତ୍ତା ଜରିଆରେ ଏହି ପ୍ରକାର ବିବାହ ସ୍ଥିର କରାଯାଏ ।

ଅନ୍ୟ ଏକ ବହୁଳ ଭାବରେ ପ୍ରଚଳିତ ବିବାହ ପ୍ରଥା ହେଲା "କେପେୟା" ଆଁଆଁନ୍ଦି । ଏହାକୁ ସାଙ୍ଗ ସାପାନାଂ ଆଁଆଁନ୍ଦି ମଧ୍ୟ କୁହାଯାଏ । ଏହାକୁ ପ୍ରେମ ବିବାହ ବା ଉଦୁଲିଆ ବିବାହ କୁହାଯାଇପାରେ । ଏହାର ଆକ୍ଷରିକ ଅର୍ଥ ହେଲା ଡକା-ଡକି ବିବାହ । କୌଣସି ପୁଅ କୌଣସି ଝିଅକୁ ପ୍ରେମ କରୁଥିଲେ, ସେ ଝିଅକୁ ଡ଼ାକି ନେଇଯାଏ ସ୍ତ୍ରୀ କରିବା ପାଇଁ । ଏମାନେ ପୁଅ ବାପ ଘରେ ପହଞ୍ଚି ପାରନ୍ତି କିମ୍ବା ପୁଅର ମାମୁଁ ବା ପିଇସା ବା ଭଉଣୀ ଘରେ ପହଞ୍ଚନ୍ତି । ସେମାନେ ଘରେ ପହଞ୍ଚିବା ପରେ ସେମାନଙ୍କୁ ପଚାରି ବୁଝି ଦୁହିଁଙ୍କର ଗୋଡ଼କୁ କଂସା ଥାଳିରେ ହଳଦୀ ପାଣିରେ ପୁଅର ଭାଉଜ କିମ୍ବା ଛୋଟ ଭଉଣୀ ଧୋଇ ଦିଅନ୍ତି । ଏମାନଙ୍କ ମିଳନକୁ ଏହା ହେଉଛି ପ୍ରାଥମିକ ସାମାଜିକ ସ୍ୱୀକୃତି । ଅବଶ୍ୟ ଯୁବକକୁ ପାରିଶ୍ରମିକ ଦେବାକୁ ପଡ଼ିଥାଏ । ଅନ୍ୟ ଏକ ବିବାହ ପୁଅ ସାମାଂ ଉରା ଆଁଆଁନ୍ଦ । ଏହାର ଅର୍ଥ ହେଲା ପୁଅ ଗାଁକୁ ଆସିଥିବା ଝିଅକୁ ହଳଦୀ ତେଲ ମଖେଇ ବିବାହ କରିବା । ଏହା ଏବେ କାଁ ଭାଁ ଦେଖାଯାଏ । ସାଧାରଣତଃ କୌଣସି ଯୁବକର ଗୁରୁଜନ ନଥିଲେ, ତାପାଇଁ କେହି କନ୍ୟା ଖୋଜୁନଥିଲେ, ସେ ମଧ୍ୟ କୌଣସି ଝିଅକୁ ପ୍ରେମ ଜାଲରେ ଫଶେଇ ବିବାହ କରିପାରୁ ନଥିଲେ, ଏହିପରି ବିବାହ ଅନୁଷ୍ଠିତ ହୋଇଥାଏ । ବିବାହ ହେବା ପର୍ଯ୍ୟନ୍ତ ଝିଅକୁ ଏ କଥା ଜଣା ନଥାଏ ।

ଅନ୍ୟ ଏକ ବିବାହ ପ୍ରଥା ହେଲା "ଅପର ତିପିଇ" ଆଁଆଁନ୍ଦି । କୌଣସି ଯୁବକ କୌଣସି ଯୁବତୀକୁ ପସନ୍ଦ କରୁଥିଲେ ଏବଂ ତାର ଗୁରୁଜନମାନେ ମଧ୍ୟ ଝିଅକୁ ପସନ୍ଦ କରୁଥିଲେ, କିନ୍ତୁ ଯୁବତୀ ଓ ତାର ପରିବାର ପୁଅକୁ ଓ ତା ପରିବାରକୁ ନାପସନ୍ଦ କରୁଥିଲେ, ଏହିପରି ବିବାହ ହୋଇଥାଏ । ଯୁବକ ତା ସାଙ୍ଗମାନଙ୍କ ସହଯୋଗରେ ପସନ୍ଦ ଯୁବତୀକୁ ହାଟ

ବଜାର ବା ପର୍ବ ପର୍ବାଣି ହେଉଥିବା ଜାଗାରୁ ଜବରଦସ୍ତି ଟାଣି ନେଇ ବିବାହ କରେ । ଏହିପରି ବିବାହ ଆଜିକାଲି ବିରଳ । ଏହିପରି ବିବାହରେ ପୁଅପକ୍ଷ ଓ ଝିଅପକ୍ଷ ମଧ୍ୟ ମନାନ୍ତର ହୁଏ ।

ଆଉ ଏକ ବିବାହ ପ୍ରଥା ହେଲା "ଅନାଦେର ଆଁଆଁଦି । ଏହି ପ୍ରକାର ବିବାହ ହୁଏ କୌଣସି ଯୁବତୀ କୌଣସି ଯୁବକ ଓ ତା ଘରକୁ ପସନ୍ଦ କରୁଥିଲେ । ସେ ଯୁବକ ଘରକୁ ଆସି ରହେ । ଏଠି ଭାବି ସ୍ୱାମୀ, ଶାଶୂ ଶ୍ୱଶୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ସବୁ କାମ କରେ । ଏହିପରି ବିବାହ ମଧ୍ୟ ଏବେ କ୍ୱଚିତ ଦେଖାଯାଏ ।

ହୋ ମାନେ ନିଜ ଗୋଷ୍ଠୀ ମଧ୍ୟରେ ବିବାହ କରନ୍ତି । ହୋ ଗୋଷ୍ଠୀମାନେ ୧୨୪ଟି କିସମ ଗୋତ୍ରରେ ବିଭକ୍ତ । ଗୋତ୍ରକୁ ହୋମାନେ "କିଲି" କହନ୍ତି । ସେମାନେ ସ୍ୱଗୋତ୍ର ବିବାହ କରନ୍ତି ନାହିଁ । ସେମାନେ ଅନ୍ୟ ଗୋତ୍ରରେ ବିବାହ କରନ୍ତି । ହୋମାନଙ୍କ ବିଶେଷତଃ ହେଉଛି ସେମାନେ ମାମୁଁ କିମ୍ୱା ପିଉସୀ ଝିଅକୁ ବିବାହ କରି ପାରନ୍ତି ବା ବିବାହ ପ୍ରସ୍ତାବ କେବଳ ପୁଅ ଘରୁ ଆସିଥାଏ ।

ଝିଅଘରୁ କେବେ ମଧ୍ୟ ବିବାହ ପ୍ରସ୍ତାବ ଆସେ ନାହିଁ । ଜଣେ ମଧ୍ୟସ୍ଥଙ୍କ ଜରିଆରେ ବିବାହ ପ୍ରସ୍ତାବ ଆସିଥାଏ ପୁଅଘରୁ । ମଧ୍ୟସ୍ଥଙ୍କୁ "ଦୁତାମ୍ କାରଜୀ" କୁହାଯାଏ । କେତେକ ଜାଗାରେ ଏହାକୁ "ରାଏବାର୍" ମଧ୍ୟ କୁହାଯାଏ । ଝିଅ ଘରର ମଧ୍ୟ "ଦୁତାମ୍ କାରଜି" ରହିଥାନ୍ତି । ଏମାନଙ୍କ କାମ ହେଲା ଉଭୟ ପକ୍ଷଙ୍କ ବାର୍ତ୍ତାକୁ ନେବା ଆଣିବା କରିବା ।

ହୋ ସମାଜରେ କନ୍ୟାସୁନା ନେବା ଦେବା ପ୍ରଥା ପ୍ରଚଳିତ । ବରପକ୍ଷ କନ୍ୟାପକ୍ଷକୁ କନ୍ୟା ସୁନା ଦେଇଥାନ୍ତି । ପୂର୍ବକାଳରେ କନ୍ୟାପଣ ଅତ୍ୟଧିକ ଥିବା ଯୋଗୁଁ ବହୁ ଯୁବକ ଓ ଯୁବତୀ ଅବିବାହିତ ରହିଯାଉଥିବା ଦେଖାଯାଉଥିଲା । ଏବେ କୋହାନ୍‌ରେ କନ୍ୟାପଣକୁ ଯୋଡିଏ ବଳଦ ଓ ଟ. ୧୦୧/ରେ ସୀମିତ ରଖାଯାଇଛି । ଓଡ଼ିଶାରେ କନ୍ୟାସୁନାକୁ ଗୋଟିଏ ଗାଈ ଓ ଟ. ୧୦୧/ରେ ସୀମିତ କରା ଯାଇଛି ।

ହୋମାନେ ସାଧାରଣତଃ ଏକପତ୍ନୀକ ମୁଷ୍ଟିମେୟ ପୁରୁଷ ବହୁପତ୍ନୀକ ହୋଇଥାନ୍ତି । ସନ୍ତାନ ସନ୍ତତି ନହେଲେ ପ୍ରଥମ ସ୍ତ୍ରୀର ଅନୁମତି ନେଇ ସ୍ୱାମୀ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥାଏ । ହୋ ସମାଜ ପିତୃ ପ୍ରଧାନ ହୋଇଥିବାରୁ ପୁତ୍ର ସନ୍ତାନ ପ୍ରଜନନର କାମନା ସ୍ୱାମୀ ସ୍ତ୍ରୀଙ୍କ ଥାଏ । ପୈତୃକ ସମ୍ପତ୍ତି କେବଳ ପୁଅକୁ ଉତ୍ତରାଧିକାର ସୂତ୍ରରେ ମିଳିଥାଏ, ଏଣୁ ପୁତ୍ର ସନ୍ତାନ ପାଇବା ଆଶାରେ ପୁରୁଷ ଦ୍ୱିତୀୟ ପତ୍ନୀ ମଧ୍ୟ ଗ୍ରହଣ କରେ ଯଦି ପ୍ରଥମ ପତ୍ନୀ କେବଳ ଝିଅମାନଙ୍କୁ ଜନମ ଦେଇଥାଏ ।

ବିବାହ ପରେ ସ୍ତ୍ରୀ ସ୍ୱାମୀ ଘରେ ଆସି ରହେ । ମୃତ୍ୟୁପରେ ତାର ଆତ୍ମା ସ୍ୱାମୀଙ୍କ ପୂର୍ବଜଙ୍କ ଆତ୍ମାଙ୍କ ସହିତ ଆଦିଙ୍‌ରେ ସ୍ଥାନ ପାଏ । ଶବ ସତ୍କାର ମଧ୍ୟ ସ୍ୱାମୀଙ୍କ ପରିବାରର ଶ୍ମଶାନରେ ହୋଇଥାଏ । ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କ ଧାର୍ମିକ ନ ହେଲେ ମଧ୍ୟ ତାହା ସ୍ଥାୟୀ ସାମାଜିକ ବନ୍ଧନ ହୋଇଥାଏ ।

ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଛାଡପତ୍ର ଦେବାର ସ୍ୱାଧୀନତା ଲାଭ କରିଥାନ୍ତି । ଛାଡ଼ପତ୍ର ଦେଲା ପରେ ଉଭୟ ସ୍ୱାମୀ ସ୍ତ୍ରୀ ନିଜ ନିଜର ଜୀବନସାଥୀ ଖୋଜିବାରେ ଅସୁବିଧା ନାହିଁ । ସ୍ତ୍ରୀ ରୁଗଣ, ଅସତ୍ ଚରିତ୍ର, ନିଃସନ୍ତାନ ହେଲେ ସାଧାରଣତଃ ପୁରୁଷ ଛାଡପତ୍ର ଦିଏ । ଡ଼ାହାଣୀ ସନ୍ଦେହରେ ମଧ୍ୟ ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର ଦେଇଥାଏ । ପୁରୁଷ ନପୁଂସକ ହେଲେ ମଦୁଆ ହେଲେ, ରୁଗ୍ଣ ହେଲେ, ଅତ୍ୟାଚାରୀ ହେଲେ, ଦୁଶ୍ଚରିତ୍ର ହେଲେ ସ୍ତ୍ରୀ ମଧ୍ୟ ସ୍ୱାମୀକୁ ଛାଡପତ୍ର ଦେଇଥାଏ ।

ସ୍ୱାମୀର ମୃତ୍ୟୁପରେ ଦିଅରକୁ ବିଧବା ବିବାହ କରିପାରେ । ବିଧବା ସ୍ତ୍ରୀ ଅନ୍ୟ ପୁରୁଷକୁ ମଧ୍ୟ ବିବାହ କରିପାରେ । ପୁରୁଷ ମଧ୍ୟ ସ୍ତ୍ରୀରର ମୃତ୍ୟୁପରେ ଅବିବାହିତ ଶାଳୀକୁ ବିବାହ ହୋଇପାରେ ବା ଅନ୍ୟ ସ୍ତ୍ରୀ ସହିତ ବିବାହ ହୋଇପାରେ ।

ହୋ ଆଦିବାସୀଙ୍କ କୁ ବାପାଲା ଆଁଆଦି କୁହାଯାଏ । ଏହାକୁ ମଧ୍ୟ ଗଂଆଁଆଦି ବା କିରିଞ୍ଜ ଆଁଆଁଦି କୁହାଯାଏ । କନ୍ୟାପକ୍ଷ ଏହାକୁ ଗଂଆଁଆଦି କହନ୍ତି । ଆକ୍ଷରିକ ଅର୍ଥରେ ବିକ୍ରୟ ବିବାହ । କନ୍ୟାପକ୍ଷ (ନଗଦ - ପଶୁସମ୍ପଦ - ଗୋରୁ ମହିଷୀ) ଆଣି ସମାଜର ସମସ୍ତ ପରମ୍ପରାକୁ ପାଳନ କରି ଝିଅକୁ ବିବାହ ଦେଉଥିବା ଯୋଗୁଁ ଏହାକୁ ଗଂଆଁଆଁଦି କହିଥାନ୍ତି । ଠିକ୍ ସେହିପରି ବରପକ୍ଷ କନ୍ୟାପାଣି ଦେଇ କନ୍ୟାକୁ ଘରକୁ ଆଣୁଥିବା ଯୋଗୁଁ ଏହାକୁ କିରିଞ୍ଜ୍ ଆଁଆଁଦି କହନ୍ତି । କିରିଞ୍ଜ ଆଁଆଁଦିର ଆକ୍ଷରିକ ଅର୍ଥ ହେଲା କ୍ରୟ ବିବାହ । "କନ୍ୟାପାଣି" ଦେବା / ନେବା କରି କରୁଥିବା ବିବାହକୁ ଏହା ସମାଜ ବାପାଲା ଆଁଆଦି କହିଥାଏ ।

ପରମ୍ପରା ଅନୁସାରେ ବାପାଲା ଆଁଆଦି ବରଘରେ ଅନୁଷ୍ଠିତ ହୋଇଥାଏ । ଅବଶ୍ୟ କନ୍ୟାଘରେ ବିବାହ ଅନୁଷ୍ଠିତ ହେବା ଚଳଣି ଏବେ ଆରମ୍ଭ ହେଲାଣି । ଏହି ବିବାହରେ ବ୍ରାହ୍ମଣ ବା ବାରିକର କୌଣସି ଭୂମିକା ନଥାଏ । ବର କନ୍ୟାଙ୍କ ବିବାହ ମହିଳାମାନେ ସମ୍ପନ୍ନ କରିଥାନ୍ତି । ବର ଓ କନ୍ୟାର ଭାଉଜମାନଙ୍କ ଦ୍ୱାରା ବର ଓ କନ୍ୟାର ହାତ ଗୋଡ଼ ମୁହଁରେ ତେଲ ହଳଦୀ ଲେପନ କରିବା କାମ ହୋଇଥାଏ । ତେଲ ହଳଦୀ ଲଗେଇବା କାମ ବିବାହର ସାତଦିନ ପୂର୍ବରୁ ପ୍ରତ୍ୟେକ ଦିନ ସନ୍ଧ୍ୟାବେଳେ ହୁଏ । ଏକାମକୁ ଭାଉଜମାନେ ସମ୍ପାଦନ କରିଥାନ୍ତି । ବାପାଲା ଆଁଆଁଦି ହେଉଛି ହୋ ସମାଜର ସମ୍ମାନଜନକ ବିବାହ । କଥାବାର୍ତ୍ତା କରି ବିବାହ ଉପଯୁକ୍ତ ଯୁବକ ପାଇଁ ଗୁରୁଜନମାନଙ୍କ କନ୍ୟା ଖୋଜିବା ହେଉଛି ବାପାଲା ଆଁଆଁଦିର ପ୍ରାଥମିକ କାମ । ଏହାକୁ କୁଲିକାଜି କୁହାଯାଏ । ଉପଯୁକ୍ତ କନ୍ୟା ବିଷୟରେ କେହି ଜଣେ ବ୍ୟକ୍ତିଙ୍କ ପାଖରୁ ଖବର ମିଳିଲେ, ଯୁବକର ଗୁରୁଜନ (ବାପା, ମା, ଭାଇଭାଉଜ, ମାମୁଁ ମାଇଁ, ପିଉସା - ପିଉସୀ) ମାନେ ଏ ଖବର ଉପରେ ଆଲୋଚନା / କଥାବାର୍ତ୍ତା କରନ୍ତି । ଝିଅର ଚେହେରା, ଚାଲିଚଳନ ଓ ତା ପରିବାରର ବୁନିଆଦି ସମ୍ପର୍କରେ ସବୁ ଜାଣି ସନ୍ତୁଷ୍ଟ ହେଲେ ବିବାହ ପ୍ରସ୍ତାବ ପକେଇବା ପାଇଁ ଝିଅ ଘରକୁ ଯିବା ଦିନ ଧାର୍ଯ୍ୟ କରନ୍ତି । ଦୂତାମ୍ କାରଜୀ - ମଧ୍ୟସ୍ଥ - ନିର୍ଦ୍ଧାରିତ ଦିନ ସମ୍ବନ୍ଧରେ ଖବର ଦେବା ପାଇଁ ଝିଅ ଘରକୁ ଯାଏ । ସେ ତାଙ୍କ ଝିଅଙ୍କ ପାଇଁ ବିବାହ ପ୍ରସ୍ତାବ ନିର୍ଦ୍ଧାରିତ ଦିନ ଆଣିବ ବୋଲି ସୂଚନା ଦିଏ । ଝିଅ ଘରର ଲୋକମାନେ ନୂଆବନ୍ଧୁମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୁଅନ୍ତି । ଘର ଅଗଣାକୁ ଲିପାପୋଛା କରି ସଫା ସୁତୁରା କରନ୍ତି ଓ ବନ୍ଧୁମାନଙ୍କ ଆଗମନକୁ ଅପେକ୍ଷା କର ରହନ୍ତି । ଘରଦ୍ୱାର ସଫାସୁତୁରା ହେବା ଦେଖି ସାହି ପଡ଼ୋଶୀମାନେ ଜାଣନ୍ତି ଯେ ଝିଅକୁ ଦେଖିବା ପାଇଁ ନୂଆବନ୍ଧୁ ଆସୁଛନ୍ତି । "ମାଇଁ ଲାଗିଡ୍ ବାଲାକ ହିଜୁଃତାନା" କଥାବାର୍ତ୍ତା ହୁଅନ୍ତି । ସେମାନେ ବନ୍ଧୁମାନଙ୍କର ଆଗମର ଶୁଭ ମୁହୂର୍ତ୍ତକୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହନ୍ତି । ଝିଅ ଘରକୁ ଝିଅର ଦିଦି - ଭିଣୋଇ, ମାମୁଁ, ମାଇଁ, ପିଉସୀ ପିଉସା ମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସେମାନେ ଉପସ୍ଥିତ ରହନ୍ତି ଝିଅ ଘରେ ।

"ଏରାକ ନେଲ୍ - ନାମ୍ତାଏଃ ଲାଗିଡ୍ ବାଲାକ ତାରାନ୍‌ରେ ଜକେୟାନ୍ତେ ଆବୁ ହାତୁତେକ ହୁଜୁଃତାନା (ପୁଅପାଇଁ ବୋହୁ କରିବା ପାଇଁ ଝିଅ ଖୋଜି ବାହାର କରିଥିବାରୁ ବନ୍ଧୁମାନେ କାନ୍ଧରେ ହାଣ୍ଡିଆ ହାଣ୍ଡି ବୋହି ଆମ ଗାଁ ଆସୁଛନ୍ତି) ଗାଁ ସାହିର ଲୋକମାନେ କଥାବାର୍ତ୍ତା କରନ୍ତି - କହିବା ବାହୁଲ୍ୟ ହେ ମାନଙ୍କ ସାମାଜିକ, ଆର୍ଥିକ ଓ ଧାର୍ମିକ କାମରେ ହାଣ୍ଡିଆ ବ୍ୟବହାରରେ ଆସେ । ଏଣୁ ହାଣ୍ଡିଆ ବୋହି ବନ୍ଧୁମାନେ ଝିଅ ଘରକୁ ବିବାହ ପ୍ରସ୍ତାବ ପକେଇବାକୁ ଆସି ପହଞ୍ଚନ୍ତି । ଝିଅ ଘର ଅଗଣାକୁ ବନ୍ଧୁମାନେ ଆସି

ପହଞ୍ଚିଲେ । ଆଦର ସହକାରେ ଖଟ ଚୌକି ମାନଙ୍କରେ ବସିବାକୁ କୁହାଯାଏ । ସେମାନଙ୍କ ସହିତ କେହି ଜଣେ ଆସି ବସନ୍ତି । ସେମାନଙ୍କୁ ଏକାକୀ ବସିବାକୁ ଦିଆଯାଏ । ସେ ସେମାନଙ୍କ ସହିତ କଥାଭାଷା ହୁଅନ୍ତି । ଏତିକିବେଳେ ସ୍ତ୍ରୀ ଲୋକମାନେ ଲୋଟା ପାଣି ନେଇଆସନ୍ତି ଓ ଅତିଥି ମାନଙ୍କୁ ପାଣି ଲୋଟା ଧରେଇଦେଇ ନମସ୍କାର କରନ୍ତି ଓ ହାତ ଗୋଡ଼ ମୁହଁ ଧୋଇହେବା ପାଇଁ ଅନୁରୋଧ କରନ୍ତି । ଅତିଥିମାନେ ମଧ୍ୟ ପ୍ରତି ନମସ୍କାର କରନ୍ତି । ଖାଲିଲୋଟାକୁ ଅତିଥିମାନଙ୍କ ପାଖରୁ ଫେରେଇନେବା ପାଇଁ ସ୍ତ୍ରୀଲୋକମାନେ ଅପେକ୍ଷା କରି ରହନ୍ତି । ଅତିଥିମନେ ଗୋଡ଼, ହାତ, ମୁହଁକୁ ଲୋଟା ପାଣିରେ ଧୋଇହୋଇ ଅପେକ୍ଷା କରି ରହିଥିବା ସ୍ତ୍ରୀଲୋକମାନଙ୍କୁ ଖାଲି ଲୋଟା ଫେରେଇ ଦିଅନ୍ତି । ଏତିକିବେଳେ ମଧ୍ୟ ପରସ୍ପରକୁ ନମସ୍କାର ଓ ପ୍ରତିନମସ୍କାର କରନ୍ତି । ଏହି ପ୍ରକାରରେ ଅତିଥିବାନଙ୍କୁ ସ୍ୱାଗତ କରାଯାଏ । ଏତିକିବେଳେ ପୁରୁଷ ଲୋକମାନେ ଧୂଆଁପତ୍ର ଶୁଖିଲା ଶାଳପତ୍ର ଧରି ଆସନ୍ତି । ସେମାନେ ପୁରୁଷ ଅତିଥିମାନଙ୍କୁ ଶାଳପତ୍ରରେ ଧୂଆଁପତ୍ର ହାତରେ ଧରେଇ ଦେଇ ନମସ୍କାର କରନ୍ତି । ଏବେ ବିଡି, ସିଗାରେଟ୍, ଦିଆସିଲି ଆଦିର ଚଳଣି ହେଲାଣି । ନିଆଁପାଇଁ ପାଳ ଦୌଡିକୁ ନିଆଁ ଲଗେଇ ଅଣା ଯାଇଥାଏ । ଅତିଥିମାନେ ଶାଳପତ୍ରର ବିଡି ନିଜେ ତିଆରି କରି ନିଅନ୍ତି । ପାଳ ଦୌଡି ନିଆଁ (ବଲ୍ ସେଙ୍ଗେଲ୍)ରୁ ବିଡ଼ିରେ ନିଆଁ ସଂଯୋଗ କରି ପିଅନ୍ତି (ପିକାସିବ୍) । ଏତିକିବେଳେ ଜଳଯୋଗ ପାଇଁ ପ୍ରସ୍ତୁତି ଚାଲେ । ଅତିଥିମାନଙ୍କୁ କୁଶଳ ମଙ୍ଗଳ ସମାଚାର ପଚାରି ବୁଝିଲା ପରେ ଘର ଭିତରକୁ ଯିବାକୁ ଅନୁରୋଧ କରାଯାଏ । ଅତିଥିମାନଙ୍କୁ ହାଣ୍ଡିଆ ପିଇବାକୁ ଦିଆଯାଏ । ହାଣ୍ଡିଆ ଦେଲାବେଳେ ମଧ୍ୟ ନମସ୍କାର ଓ ପ୍ରତି ନମସ୍କାର ହୁଏ । ହାଣ୍ଡିଆ ପିଉ ନଥିବା ଅତିଥିମାନଙ୍କୁ ଅନ୍ୟାନ୍ୟ ଜଳଖିଆ ଦିଆଯାଏ ।

ଅତିଥିମାନଙ୍କୁ ସେମାନଙ୍କ ଆସିବା ଉଦ୍ଦେଶ୍ୟ ପଚାରି ବୁଝି ନିଆଯାଏ । "ଆତେ-ତାବୁ ବାଲାକିଞ୍ ଚିଲିକାତେବେନ୍ ବେଟାୟନା, ବରଗେଲେ ଆଦାୟତାନା, ଜାଗାର୍‌ଲେବେନ ହାନାଙ୍ଗ୍ ବୁଗିୟଃଆ" - ଅଭିଜ୍ଞ ଲୋକ ପରି ଭାବରେ କଥାବାର୍ତ୍ତା ଆରମ୍ଭ କରେ । "ଆହେ ସମୁଦୀ କାହିଁକି ତୁମେ ଆମ ଘରେ ଆସି ପହଞ୍ଚିଲ, ଆମକୁ ଭୟ ଲାଗୁଛି, ପରିସ୍କାର କରି କହିଲେ ଭଲ ହୁଅନ୍ତା" । "ଏୟା-ଚାବୁ ବାଲାକ, ଆଲେ ଦାଃ ସାକାମ୍‌ତେ ଏସୁଲେ ରିଙ୍ଗାତାନା, ଦାଃସାକାମ୍‌ଲେ ଦରକାରଃତାନା, କୁଲି ପାଞ୍ଜାତେ ଆପେତାଃରେ ଦାଃ-ସାକାମ୍ ଦଲେ ପାଞ୍ଜାନାମ୍‌ତାଡା, ଏନାଗେ ଏମାଲେ ଆଚିପେ ବାନ ମେନ୍ତେ କୁଲି କାଜି ଲାଗିଡ୍ ଲିଞ୍ ହୁଜୁଃଆକାନା ।" "ତାହା ସତ ସମୁଦୀ, ପାଣି ପତ୍ରର ଆମର ବହୁତ ଅଭାବ ଅଛି, ପାଣି ପତ୍ର ଆମେ ଦରକାର କରୁଛୁ, ଖୋଜ ଖବର ଦେଇ ଜାଣିଲୁ ଯେ ତୁମ ପାଖରେ ପତ୍ର ପାଣି ଅଛି, ତୁମେ ଆମକୁ ଦେବ କିନା ନାହିଁ ପଚାରି ବୁଝିବା ପାଇଁ ଆସିଅଛୁ " । କେତେବେଳେ ମଧ୍ୟ ନୂଆବନ୍ଧୁ କହନ୍ତି ନାହିଁ ଯେ, ତୁମର ଝିଅ ଅଛି ତୁମେ ତାକୁ ଆମକୁ ବୋହୂ କରିବା ପାଇଁ ଦେବକି ? ଦାଃ ସାକାମ୍‌ର ଭାବାର୍ଥ ହେଉଛି - "ଆମେ ଜଣେ ବୋହୂ ଖୋଜୁଛୁ ଯିଏକି ଆମ ପରିବାରର ଖାଦ୍ୟ ପ୍ରସ୍ତୁତ (ରାନ୍ଧିବା ପାଇଁ) କରିବା ପାଇଁ ଜାଳେଣି କାଠ, ପତ୍ର ଓ ପାଣି ଆଣିବ ।" ଅନ୍ୟ ଅର୍ଥରେ "ବୋହୂ ଖୋଜିବାକୁ, ବୋହୂ କିଣିବାକୁ" ଆସିଅଛୁ । ଏହାପରେ ଝିଅଘର ଲୋକମାନେ କହନ୍ତି, ଏୟା ବୁଗିଗେଦା ବାଲାକିଞ୍, ଦାଃ ସାକାମ୍‌କ ଦୁକୁତାନ୍‌ରେଦ ନେଇବା - କୁଲିବାୟ ଏନାଙ୍ଗ । ଟିକିଗେ ବାଲାକିଞ୍ ଦାଃ - ସାକାମ୍ କଦପେ ନେଲ୍ - ନାମ୍‌ତାଡ଼୍‌ଗେଦା, ମେନ୍ଦ ବାରିୟା ଆପିୟା ଲେକା ଦାଃ-ସାକାମ୍‌ଦ ଅଣ୍ଡଃ ମେଦାଃ, ଏନ୍‌ରେଦ ବାଲା କିଞ୍, ସୁବା ସାକାମ୍‌ଚି ସିର୍‌ମା ସାକାମ୍‌ପେ ନାମତାନା ।"

"ହଁ ଭଲକଥା, ସମୁଦୀ, ପାଣି ପତ୍ରର ଅଭାବ ଅଛି, ତେଣୁ ଖୋଜିନେବା ଭଲ, ଠିକ୍ କଥା ସମୁଦୀ, ପାଣି ପତ୍ର ତୁମେ ଖୋଜି ବାହାର କରିଛ, ହେଲେ ଆମ ପାଖରେ ଦୁଇତିନିଟା ପାଣିପତ୍ର ରହିଛି, ଏଣୁ ସମୁଦୀ ତୁମେ ତଳପତ୍ର ଚାହୁଁଛନା ଉପର ପତ୍ର ଚାହୁଁଛ କୁହ ?" ସୁବା ସାକାମ ହେଉଛି ବଡ ଝିଅର ପ୍ରତୀକ ଓ ସିରମା ସାକାମ୍ ହେଉଛି ବଡ ଝିଅର ପ୍ରତୀକ ଓ ସର୍‌ମା ସାକାମ୍ ହେଉଛି ଛୋଟ ଝିଅ ପ୍ରତୀକ । ମଝିଆଁ ଝିଅ ଥିଲେ ତାଙ୍କ ପାଇଁ ପ୍ରତୀକ ହୋଇଥାନ୍ତା - ଟାଲା ସାକାମ୍ (ମଝିର ପତ୍ର) । ଅବଶ୍ୟ ନୂଆ ସମୁଦୀ ସେମାନେ ପସନ୍ଦ କରୁଥିବା ଝିଅକୁ ପ୍ରତୀକର ସାହାଯ୍ୟ ନେଇ ଇଙ୍ଗିତ କରନ୍ତି । ତରବରରେ କୌଣସି ବିବାହ ପ୍ରସ୍ତାବ ଗ୍ରହଣ କରାଯାଏ ନାହିଁ । ପୁଅ ଓ ଝିଅଙ୍କ ପସନ୍ଦ ଓ ନାପସନ୍ଦକୁ ସମ୍ମାନ ଦିଆ ଯାଏ । ଘରର ମୁରବୀମାନେ ସେମାନଙ୍କ ପସନ୍ଦକୁ ଝିଅ ଉପରେ ଥାପି ଦିଆଯାଏ ନାହିଁ । ସେହି ପରି ପୁଅ ଉପରେ ମଧ୍ୟ ଗୁରୁଜନ ମାନଙ୍କ ପସନ୍ଦ ବା ନାପସନ୍ଦ ଲଦି ଦିଆଯାଏ ନାହିଁ ଜୀବନ ସାଥୀ ବାଛିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ହୋ ସମାଜ ପୁଅ ଓ ଝିଅଙ୍କୁ ଦେଇଛି । ଉଭୟ ପୁଅ ଓ ଝିଅ ବିବାହ ପ୍ରସ୍ତାବରେ ରାଜି ହେଲେ, ବିବାହ ପ୍ରସ୍ତାବ ଆଗକୁ ବଢେ । ଅନ୍ୟଥା ବିବାହ ପ୍ରସ୍ତାବ ବନ୍ଦ କରାଯାଏ । ବରକୁ କନ୍ୟା ନାପସନ୍ଦ କରିଥିବା ଗୋଟିଏ ଗୀତ -

ଆବେନ୍ ଦ ମାଁ ଟିକିଞ୍
ଆବେନ୍ ଦ ବାବା ଟିକିଞ୍
ଗେଲ୍‌ବାରବୁରୁ ଦାନାଙ୍ଗ୍‌ରେ
ଆରା ଦବେନ୍ ସାଲା ଚାଃଉୟା
ଆଞ୍ ଦ ମାଁ କାଞ୍ ସୁକୁୟାନ୍
ବୁରୁ ସାରାଃ ରେସେରେସେ୍
ଆଞାଦ୍ କାଞ୍ ସୁକୁୟାନ୍
ଗାଲା ଗେଦାଜିଆ କାକାୟା କୁକୁୟୁ
ଆଞାଦ କାଞ୍ ସୁକୁୟାନ୍

ଓଡ଼ିଆ - "ବାପା ମାଆ ମିଶି ମୋ ଶୁଭ ମନାସୀ
କୋଉ ରଜାପୁଅ କଲ ଯୋଗାଡ
କାହିଁସେ ରାଇଜ ଝାଟିଆ ବୁରୁଜ
ଦୂର ପରବତ ବଣ ପାହାଡ ॥
ବଣୁଆ ମାଙ୍କଡ ହନୁର ଲାଙ୍ଗୁଡ କାଳିଆ ମୁହାଁ
ପଙ୍କୁଆ ନଈର କୋଉ ଗେଣ୍ଡାଳିଆ ନଳିଗୋଡ଼ିଆ
ତୁଟି ଯାଉଛି ମୋ ସାତ ସପନ
ରାଜା ପୁଅରେ ମାନେନା ମନ ।"

କଥାବାର୍ତ୍ତାରୁ ଝିଅ ଘର ଲୋକମାନେ ମୋଟାମୋଟି ବିବାହ ପ୍ରସ୍ତାବରେ ରାଜି ହେଲେ, ପୁଅର ଗାଁ ସାହି ଘରଦ୍ୱାର ଦେଖି ଆସିବା ପାଇଁ ଝିଅ ଘର ଲୋକ ମାନଙ୍କୁ ନିମନ୍ତ୍ରଣ ଦିଆଯାଏ ।" ଆମେ ଏବେ ବନ୍ଧୁବାସ କରିବାକୁ ଇଚ୍ଛା କରୁଥିବାରୁ ଆମ ଘର ଦ୍ୱାରା ନେଲେ ହେବ, ଯିବା ଆସିବା ରାସ୍ତା ଘାଟ ମଧ୍ୟ ଦେଖିନେବା ଦରକାର" । ହାଣ୍ଡିଏ ହାଣ୍ଡିଆ ସାଥିରେ ନେଇ ଝିଅଘର ସ୍ତ୍ରୀ ପୁରୁଷ ନିର୍ଦ୍ଧାରିତ ଦିନ ପୁଅ ଘରକୁ ଆସନ୍ତି । ଅତିଥିମାନେ ପୁଅ ଘର ଅଗଣାରେ ପହଞ୍ଚିଲା କ୍ଷଣି କଥାବାର୍ତ୍ତା ଆରମ୍ଭ ହୁଏ ନାହିଁ । ସେମାନଙ୍କୁ ଗୋଡ ହାତ ମୁହଁ ଧୋଇବା ପାଇଁ ପାଣି ଦିଆଯାଏ । ତାଙ୍କୁ ଆଦର ସମ୍ମାନର ସହିତ ବସିବାକୁ କୁହାଯାଏ । ଖାଇବା ପିଇବା ହୁଏ ଓ କୁଶଳ ମଙ୍ଗଳ କଥାବାର୍ତ୍ତା ହୁଏ । ଏହି ପରି ଭାବରେ ସଞ୍ଜ ହୋଇ ରାତି ହୁଏ । ଅତିଥମାନେ ପୁଅ ଘରେ ରାତ୍ରୀ ଯାପନ କରନ୍ତି । ଅତିଥିମାନେ ପୁଅ ଘର ଚାଲିଚଳଣ - ଦେବାନେବା - ଅତିଥି ଚର୍ଚ୍ଚା ଆଦିକୁ ବରାବର ଲକ୍ଷ୍ୟ କରନ୍ତି । ପରଦିନ ସକାଳେ ନିତ୍ୟକର୍ମ ଖିଆ ପିଆ ହୁଏ । ଅତିଥିମାନେ ଆଣିଥିବା ଖାଦ୍ୟ ସାମଗ୍ରୀ - ହାଣ୍ଡିଆ ଆଦି ସମସ୍ତେ ମିଳି ମିଶି ଖାଆନ୍ତି ଓ ପିଅନ୍ତି । ସେଦିନ ଅତିଥିମାନେ ନିଜ ଘରକୁ ଫେରିଯାନ୍ତି । ବରପକ୍ଷ ଲୋକମାନେ ଗାଁମୁଣ୍ଡ ପର୍ଯ୍ୟନ୍ତ ଆସି ବନ୍ଧୁ ମାନଙ୍କୁ ବିଦାୟ ଦିଅନ୍ତି । ଏହି ବିଦାୟକୁ ହୋ ଭାଷାରେ "ହାଣ୍ଡର" କୁହାଯାଏ ।

ଏହାପରେ ବରପକ୍ଷ ଲୋକେ ଗନଂସିଡ୍ ବାପାଲା ପାଇଁ ଝିଅ ଘରକୁ ଆସନ୍ତି । ସେମାନେ ମଧ୍ୟ

କନ୍ୟାକୁ ଲୁଗା ପିନ୍ଧାଇବା ପାଇଁ ପ୍ରସ୍ତୁତ ହୋଇ ଆସିଥାନ୍ତି । ବୋହୂ ପାଇଁ ଶାଢ଼ୀ, ବ୍ଲାଉଜ, ତେଲ, ସାବୁନ୍, ଆରିସି ପାନିଆ ଆଦି ଆଣିଥାନ୍ତି । ଖାଇବା ପିଇବା ଜିନିଷ ମଧ୍ୟ ଆଣିଥାନ୍ତି । ଏହିଦିନ କନ୍ୟାସୁନାର ପରିମାଣ ବିଷୟରେ କଥା ଛିଡେ । ଏହାକୁ ଏଣୁ "ଗନଂସିଡ୍" ବାପାଲା କୁହାଯାଏ । ଏହାର ଅର୍ଥହେଲା "କନ୍ୟାପଣି" ଛିଡ଼େଇବା ଆୟୋଜନ । ବେଳେ ବେଳେ ପୁଅପକ୍ଷ ଝିଅକୁ କେବଳ ଲୁଗା ପିନ୍ଧାଇ ଫେରିଯାନ୍ତି ଓ "କନ୍ୟାସୁନା" ନିର୍ଦ୍ଧାରଣ କରିବା ପାଇଁ ଝିଅପକ୍ଷଙ୍କୁ ବର ଘରକୁ ଯିବା ପାଇଁ ନିମନ୍ତ୍ରଣ କରାଯାଏ । କନ୍ୟାପଣ ନିର୍ଦ୍ଧାରଣ ଦିନ ଅଗଣାରେ ଯୋଡ଼ିଏ ପଟିଆକୁ ଅଳ୍ପ ବ୍ୟବଧାନରେ ଉତର - ଦକ୍ଷିଣ କରି ବିଛାଇ ଦିଆଯାଏ । ପୁଅପଟ ପୂର୍ବକୁ ମୁହଁକରି ଓ ଝିଅପଟ ପଶ୍ଚିମକୁ ମୁହଁ କରି ସାମନା ସାମନି ଅଗଣାରେ ବିଛା ଯାଇଥିବା ପଟିଆରେ ବସନ୍ତି । ଉଭୟ ପକ୍ଷର ଜଣେ ଜଣେ ମୁଖପାତ୍ର ଥାନ୍ତି । ସେହି ଦୁଇଜଣ ନିଜନିଜ ପକ୍ଷର କଥାକୁ ଉପସ୍ଥାପନ କରନ୍ତି । କଥା ଶୁଣୁଥିବା ଲୋକମାନେ ପଟିଆମାନଙ୍କ ପାଖେ ପାଖେ ବସିଥାନ୍ତି । କନ୍ୟାସୁନା ଦେବା / ନେବା ନିର୍ଦ୍ଧାରଣ କରିବା ପୂର୍ବରୁ ଦୃଶ୍ୟ ହୋଇଥିବା "ଏରେ" ବିଷୟରେ କଥାବାର୍ତ୍ତା ହୁଏ ("ଏରେ" ର ଅର୍ଥ ବରପକ୍ଷ ଓ ଝିଅପକ୍ଷ ଲୋକମାନେ ବିବାହ କଥାବାର୍ତ୍ତା କରିବାକୁ ଯିବା ଆସିବା କଲାବେଳେ ଦୃଶ୍ୟ ହୋଇ ଥିବା ଶୁଭ ଓ ଅଶୁଭ ଘଟଣା । ଶୁଭାଶୁଭ ବିଷୟରେ କଥାବାର୍ତ୍ତାବେଳେ ଗୋଟିଏ ଲେଖାଏଁ ଛେଳି ମଳକୁ ପ୍ରତ୍ୟେକ ଲକ୍ଷଣ ପାଇଁ ତଳେ ଥୁଆଯାଏ । ଶୁଭାଶୁଭ କଥାବାର୍ତ୍ତା ସରିଲେ - ଏମାନେ ଚରିବାକୁ ଯାଆନ୍ତୁ କହି ସେଗୁଡ଼ିକୁ ପାଖରେ ରଖାଯାଏ । ଏହାପରେ "କନ୍ୟାପଣ" ବିଷୟରେ ଆଲୋଚନା ଆରମ୍ଭ ହୁଏ । ଗୋଟିଏ ଶାଳପତ୍ର ଦନାରେ ଦୁବଘାସ ସହିତ ଛେଳିଲଣ୍ଡି (ମେରମ୍‌ଭଇଃ) ରଖାଯାଇଥାଏ ଓ ଅନ୍ୟ ଗୋଟିଏ ଶାଳପତ୍ର ଦନାରେ ଶିଆଳି ମଞ୍ଜି (ଲାମାଃ ଜାଙ୍ଗ) ରଖାଯାଇଥାଏ । ଛେଳିଲଣ୍ଡିକୁ ଗୋ ସମ୍ପଦର ପ୍ରତୀକ ଓ ଶିଆଳି ମଞ୍ଜିକୁ ଟଙ୍କାର ପ୍ରତୀକ ରୂପେ ପ୍ରସ୍ତୁତ କରାଯାଏ । ଛେଳିଲଣ୍ଡି ସୂଚନା ଦିଏ - କେତେ ଗୋ ସମ୍ପଦ ଝିଅପକ୍ଷ ଦାବି କରୁଛନ୍ତି କିମ୍ବା କେତେ ଗୋସମ୍ପଦ ପୁଅପକ୍ଷ ଦେବାକୁ ରାଜି ଅଛନ୍ତି । କନ୍ୟାପକ୍ଷ ପ୍ରଥମେ ଛେଳିଲଣ୍ଡିକୁ ମୁଖପାତ୍ରଙ୍କୁ ଦନାରେ ଦିଅନ୍ତି । ବରପକ୍ଷ ସେମାନେ ରାଜି ହେଉଥିବା କନ୍ୟାପଣର ପରିମାଣକୁ ଛେଳିଲଣ୍ଡି ସାହାଯ୍ୟରେ ସୂଚନା ଦିଅନ୍ତି ।

କନ୍ୟାପଣ ନିର୍ଦ୍ଧାରଣ (ଗନଂସିଡ୍) କଥାବାର୍ତ୍ତା ବହୁତ ସମୟ ପର୍ଯ୍ୟନ୍ତ ଚାଲେ । ପୂରାକାଳରେ ୪୦/୫୦ ଗୋଟି ଗୋରୁ ଓ ମହିଷି ଆଦି ଗୃହପାଳିତ ପଶୁ କନ୍ୟାପଣ (ଗନଂ) ବାବଦରେ ପୁଅଘରୁ ଝିଅ ଘରକୁ ଦିଆଯାଉଥିଲା । ଏଣୁ କନ୍ୟାପଣ ପରିମାଣର ଫଇସଲା କରିବାକୁ ଉଭୟ ପକ୍ଷକୁ ସମୟ ଲଗୁଥିଲା । କନ୍ୟାପଣ ପରିମାଣ ଝିଅର ମାମୁଁ, ପିଉସୀ, ଦିଦିଙ୍କ ମତାମତ ଉପରେ ନିର୍ଭର କରୁଥିଲା । ଅବଶ୍ୟ ଏବେ କନ୍ୟାସୁନା ଦେବା ନେବା ପରିମାଣକୁ ସୀମିତ କରାଯାଇଛି କୋହ୍ଲାନରେ ଏବେ ଯୋଡିଏ ବଳଦ ଓ ଗୋଟିଏ ଗାଈ ଓ ନଗଦ ଟ. ୧୦୫.୦୦ କନ୍ୟାସୁନା ନେବାଦେବା ପରମ୍ପରା ସୃଷ୍ଟି କରାଯାଉଛି । ଠିକ୍ ସେହିପରି ଓଡ଼ିଶାରେ "ସିଜାହରା ସୁସାର୍ ଆକ୍ଡା" ନାମକ ହୋ ମାନଙ୍କ ସାମାଜିକ ସଂସ୍ଥା ଗୋଟିଏ ଗାଈ ଓ ଟ. ୧୦୧.୦୦ କନ୍ୟାସୁନା ଦେବା-ନେବାକୁ ନିର୍ଦ୍ଧାରଣ କରିଅଛି । ଏହି ବ୍ୟବସ୍ଥାକୁ ଧିରେ ଧିରେ ହୋ-ଲୋକମାନେ ଗ୍ରହଣ କରୁଛନ୍ତି । ପୁରାକାଳରେ ଗନଂ କହିଲେ ଯୋଡିଏ ବଳଦକୁ ବୁଝାଉ ଥିଲା । ହୋମାନେ ଏହାକୁ ନେଲ୍ ଦାରମ୍ ହାଳା କହନ୍ତି । ଏହାର ଭାବାର୍ଥ ହେଲା - ସ୍ୱଗତ କରିବା ପାଇଁ ବଳଦ । ବିବାହ ପରେ ଝିଅ ଯୋଇଁକୁ ଝିଅର ବାପଘରେ ସବୁଦିନ ପାଇଁ ଏହା ଏକ ସୁଚିନ୍ତିତ ବ୍ୟବସ୍ଥା ଭାଉଜ-ଭାଇଙ୍କ ଭଉଣୀ, ଭିଣୋଇ, ଭଣଜା-ଭାଣଜୀ ମାନଙ୍କୁ ସାଦର ସତ୍କାର କରିବା କର୍ତ୍ତବ୍ୟ ଓ ଦାୟିତ୍ୱ ହୋଇଯାଏ । ହୋ ଭାଷାକୁ ଲୋକଉକ୍ତି ଅଛି - "ଗନଂଜମ୍ ବାରେକ" କନ୍ୟାସୁନା ଗ୍ରହଣ କରିଥିବା ଭାଇମାନେ । କନ୍ୟାପଣ ଦେବା-ନେବାରେ ଗୋଟିଏ ଗାଈ ଦିଆଯାଏ । ଏହାକୁ ଏଙ୍ଗା ବାଗେ ଗୁଣ୍ଡି କହନ୍ତି । ଶବ୍ଦାଦି ଅର୍ଥ ହେଲା ମାଁ ଛଡା ଗାଈ । ମାଁ ଜନମ କରି ଲାଳନ ପାଳନ କରି

ବଡ କରିଛି, ଏଣୁ ମା ଗାଈ ଗୋଟିଏ ଗାଈ । ନଗଦ ଟଙ୍କା ଆକାରରେ ଆଣିଥିବା କନ୍ୟାସୁନା ଝିଅର ଗହଣା ଗାଣ୍ଠି କିଣିବାରେ ଖର୍ଚ୍ଚ କରାଯାଏ । ଏବେ ଝିଅପକ୍ଷ ଟଙ୍କା ନେଉନାହାନ୍ତି । ବରପକ୍ଷଙ୍କୁ କନ୍ୟାକୁ ଗହଣା ଗାଣ୍ଠିରେ ସଜେଇବା ଦାୟିତ୍ୱ ଦିଆଯାଉଛି । ଏ ବିଷୟରେ ମଧ ଫଇସଲା ଗନଂସିଡ୍ ବାପାଲା ବେଳେ ଦିଆଯାଏ । ଏଇ ତିନିଟା ଗୋରୁଙ୍କୁ ବାଦ ଦେଇ ଅନ୍ୟ ଯୋଉ ଗୋରୁ କନ୍ୟାପଣ ବାବଦରେ କନ୍ୟାପକ୍ଷକୁ ଦିଆଯାଏ ତାକୁ "ମେଲାକ" କୁହାଯାଏ । ବନ୍ଧୁ ସଂଖ୍ୟାରେ ଗୋ ସମ୍ପଦ କନ୍ୟାପଣି ଦେବାକୁ ଥିଲେ, ପୁଅର ଗାଁ ସାହିର ବନ୍ଧୁ ପରିଜନ କିମ୍ବା ପୁଅର ପିଉସୀ ବା ମାମୁଁ ମଧ ସାହାଯ୍ୟ କରନ୍ତି । ଏହାକୁ "ହାରମ ଦେଙ୍ଗା" କୁହାଯାଏ । ଏହା ହେଉଛି ବିବାହରେ ସମାଜର ଭାଗିଦାରୀ । କନ୍ୟାସୁନା ଦେବା-ନେବା ପରିମାଣ ସ୍ଥିର ହେଲେ ମୁଖପାତ୍ର ମାନେ "ହରିବୋଲ୍" କହି ଏହାକୁ ଘୋଷଣା କରନ୍ତି । ଉପସ୍ଥିତ ଥିବା ସମସ୍ତେ ଖୁସିରେ ପରସ୍ପରକୁ ଆଲିଙ୍ଗନ କରନ୍ତି ଓ ପରସ୍ପରକୁ ନମସ୍କାର ଓ ପ୍ରତିନମସ୍କାର କରନ୍ତି । କନ୍ୟାପଣ ନିର୍ଦ୍ଧାରଣ କରିବା ପାଇଁ ଉଭୟ ପକ୍ଷ ବହୁ ସମୟ ଧରି ବାର୍ତ୍ତାଳାପରେ ଥିବା ଯୋଗୁଁ, ସେମାନଙ୍କୁ ଭୋକ ଶୋଷ ଲାଗିଥାଏ । ସେମାନଙ୍କୁ କଥା ଭାଷା ହେଉଥିବା ବେଳେ ଖାଇବା / ପିଇବାକୁ ଦିଆହୁଏ ନାହିଁ । ତଞ୍ଚଳ ଏମାନଙ୍କୁ ଖାଦ୍ୟପେୟ ଦିଆଯାଉ ବୋଲି ଦର୍ଶାଉଥିବା ବାପାଲା ସମୟର ଗୀତ

"ବାଦା ନାଁଶି ନାଁଶିରେ ସାଲ୍ ନାଁଶି ନାଁଶିରେ କଃ କଟା ଦୁବାକାନ, ଚେଁଣେ କଟା ଦୁବାକାନ୍ ବଦେ ନାଁୟ ନାଁୟ ନାଁୟମେ ବାଦେ ଗାମା ଗାମାୟମେ କଃ କଟା ଚେଟାଂତାନ୍, ଚେଁଣେ କଟା ଚାୟୁରଟାନ୍"

ଓଡ଼ିଆ – ପୋଖରୀ ହୁଡ଼ାରେ ହିଡିମିଚିକା ।
ବଗ ବସିଛନ୍ତି ଧାଡି ଧାଡିକା ॥
ଗହୀର ବିଲରେ ଲୋଟେ ଫସଲ ।
ଚଢେଇ ଛାଉଣି ପଲକୁ ପଲ ॥
ଚୁହାଚୁହା ମେଘ ବରଷି ଯାଆ ।
ବାଆ ବହୁଥାଇ ସୁଲୁ ସୁଲିଆ ॥
ବଗଙ୍କ ଓଠରେ ଶୋଷ
ଆକାଶରୁ ଉଡି ଆସନ୍ତି ଚଢେଇ
ପେଟରେ ଭୋକ ଉପାସ ।

ଏହାପରେ ଆସିଥିବା ସମୁଦୀମାନଙ୍କୁ ଖୁଆଇ ପିଆଇ ସନ୍ତୁଷ୍ଟ କରାଯାଏ । ନାରୀପୁରୁଷ ଏ ଉପଲକ୍ଷେ ଥିବା ବାପାଲା ଦୁରାଂ (ବିର୍ବାହଗୀତ) ଗୁଡିକ ଗାଇ ଆନନ୍ଦ ପ୍ରକାଶ କରନ୍ତି ।

ଏୟା ଏୟା ମେଁ ବାଲା ଏୟା ଏୟାମେଁ ବାଲା
ବାରେମ୍ ଲଃଚେ ମିସିମ୍ ଲବ୍‌ଚେ
କୁଲି କାପାଜି ମେଁ ବାଲା

ଓଡ଼ିଆ – ଆମ ଘରେ ଚମ ଝିଅଟି ଦିଅ ।
କହିଦିଅ ଖାଲି ଗୋଟିଏ ହଁ ॥
ସେଇ ଆମ ସୁନା ସେଇଟି ଚାନ୍ଦି ।
ତୁମ ଖାଲି ରାଜିହୁଅ ସମୁଦୀ ।
ଘରର ସଭିଙ୍କୁ ରାଜି କରାଇ
ସଭିଙ୍କୁ ସମୁଦୀ ଦେବ ବୁଝାଇ ॥

ହୋ – ବୁରୁଚୁଲା ଦାଃରେ ବେଲା ଦାଳି ଦାଃରେ
ଦାମ୍‌ଚି ବାରେଂ ନାଟା ଲେଡା ନାଟାନାଟା
ନାମ୍‌ଚି ବାରେଂ ଦାସେଲେଟା ପାସେ ପାସେ
ବୁଳିଦିଦି ନାଟା ଲେନା ନାଟା ନାଟା
ବୁଳି ଦିଦି ପାସେ ଲେନା ପାସେ ପାସେ
ଓ

ଓଡ଼ିଆ – ନିଝୁମ୍ ଗହୀର ବିଲ୍ ସେ ପାରେ ।
ଗୁମ୍ ଝୁମ୍ ବଣ ଝରଣା ଝିରେ ॥
ଭାଇ ଆସିଥିଲ ଫାସ ବସେଇ ।
ଫାଶରେ କାଣ୍ଡିଆ ଅଠା ଲଗେଇ ॥
ପରରେ କାଣ୍ଡିଆ ଅଠା ଲାଗିଲା ।
ଫାଶରେ ଶାଗୁଣୀ ବୁଢ଼ୀ ଫସିଲା ॥

ହୋ - ହରାଦଙ୍ଗ ସେନ୍‌ଚେ ଗେଦା
ହାଟିୟା ଦଙ୍ଗ୍ ସେନ୍‌ଚେ ଗେଦା
ମାଇଁଗେ କିରିଞ୍ଜଇମେ ମାଇଁଗେ କେଢାଇମେ
ମେନ୍‌ଚେଦ ସାଲା କାଞ୍ଜ୍ ମେତାମ୍ ଚାନ୍
ମେନ୍‌ଚେଦ ସାଲା କାଞ୍ଜ୍ ମେତାମ୍ ଚାନ୍
ଦିସୁମ୍ ଗଟା ଏରାମ୍ ସାଲାକେନ୍
ରାଇଜି ଗଟା ଏରାମ୍ ସାଲାକେନ୍
ଆଦିଞ୍ଜ ଚୁଲାରେ ନାଜମ୍ ବଗ୍‌ଚେ
କାଜ ନେମାଡ୍ ମେୟା ସାଲା
କାଜ ନେମାଡ୍ ମେୟା ସାଲା

ଓଡ଼ିଆ - ବାଟରେ ଚାଲିଚ ବାଙ୍କ ସଙ୍ଖ
ଶୁଣିବକି ମୋର କଥା ଅଳପ
ଚାଲୁଚ ବୋଲି ମୁଁ କହୁ ନାହିଁ
କନ୍ୟାସୁନା ଦିଅ ମାଗୁ ନାହିଁ
କନିଆ ସଜେଇ ଝିଅକୁ ମୋହର
ବୋହୂକର ତୁମ ପୁଅ ପାଇଁ
ରାଇଜି ଯାକର ଝିଅ ଦେଖିଲ
ଦେଶ ଦେଶ କନ୍ୟାପଣ ଯାଚିଲ
କେହି ଦେଲେନି କନିଆ
କାହାକୁ ଅଛପା ତମ ଘର କଥା
ହାଣ୍ଡିଶାଳ ବିଷ ନିଆଁ

ହୋ - କରେ କଟା ଦାରୁରେ ପୁଚାମଦଏଃ
ଗୁକୁକେନ୍ ଗୁକୁକେନ୍
ଗନଂ ଚାଏ ବାତ୍‌ଚେ ପୁଚା ଦଏଃ
ଗୁକୁକେନ୍ ଗୁକୁକେନ୍

ଓଡ଼ିଆ - କନିଆ ସୁନାକୁ ଭିଡିଛି ଆଣ୍ଡ
କପୋଚ ହଲାଏ କର୍କଟା ଗଛ

ହୋ - ସାକାମ୍ ପୁଲୁଃ ଚାବାଢାନା
ଚାଗିଃମୁଟି ଚାବାଢାନା
ଢୁବାଲାକ ସେନଃପେ
ଢୁବାଲାକ ସେନଃପେ
ବୁଲିବାଲା ନେଗେର ମେୟା
କାର୍‌ସି ଚେୟାଃ ପଢମ୍ ଆଇମେ
ଚୁମ୍ୟା ଡୁଇ ଡୁଇ ବାଲା
ଚୁମ୍ୟା ଡୁଇ ଡୁଇ -

ଓଡ଼ିଆ - ପଚର ଠୂଳରେ ଦନା ଗଢିଲି
ଯଚନେ ଖଡିନା ଖଣ୍ଡ ପୋଡିଲି
ଏଥର ସମୁଦୀ ନିଅ ବିଦାୟ
ସମୁଦୁଣୀ ଗାଳିଦେବ ନିଶ୍ଚୟ
ପୁଚୁଳିରେ ବାନ୍ଧ ରନ୍ଧା ପଗିବା
କାନ୍ଧରେ ଝୁଲାଅ ଲାଉର ଚୁମ୍ୟା

ବହୁତ ଗୁଡିଏ ଗୀତ ବୈବାହିକ ବନ୍ଧନ ହେବା ପୂର୍ବ କର୍ମକର୍ମାଣି ଉପଲକ୍ଷେ ବୋଲାଯାଏ । ପୁଅପକ୍ଷ ନିର୍ବନ୍ଧ (ପିନ୍ଧାଣି) ପାଇଁ ଆଣିଥିବା ଶାଢୀ-ବ୍ଲାଉଜ, ସାୟା, ତେଲ, ସାବୁନ, ପାନିଆ, ଆରସି, ଚୁଡ଼ି ଆଦି ଝିଅକୁ ଦିଅନ୍ତି (ପିନ୍ଧାଇ ଦିଅନ୍ତି) ଏହାକୁ ହୋ ମାନେ ଲିଜାଃତେଲ୍ କୁହନ୍ତି । ବରପକ୍ଷଙ୍କ ବୋହୂ ଏବେ ତା ମା ଘର ଜିମାରେ ବିବାହ ପର୍ଯ୍ୟନ୍ତ ରହେ । ବର ପୁଅ ମଧ ମଝିରେ ମଝିରେ ତା ଭାବି ପତ୍ନୀକୁ ଭେଟିବାକୁ ଆସେ । ସେ ତା ସାଥୀରେ କିଛି ଉପହାର ଆଣି ଭାବି ପତ୍ନୀକୁ ଦିଏ ଓ ଖୁସିବାସିରେ କଥାବାର୍ତ୍ତା କରେ । ଉଭୟଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୁଏ । ଫେରିଗଲା ବେଳେ ପକେଟ୍ ଖର୍ଚ୍ଚ ପାଇଁ କିଛି ଟଙ୍କା ମଧ ଦିଆଯାଏ । ବିବାହ ହେବା ପୂର୍ବରୁ ଯଦି କୌଣସି ପର୍ବପର୍ବାଣି ଆସେ, ଶାଶୁ ଘରୁ ବୋହୂ ପାଖକୁ ଲୁଗାପଟା ଆସେ ।

କନ୍ୟା ଶାଶୁ ଘରୁ ଆଣିଥିବା ପୋଷାକ ପିନ୍ଧିବା ପରେ ଉପସ୍ଥିତ ବନ୍ଧୁପରିଜନଙ୍କୁ ପ୍ରଣାମ କରି

ଆଶୀର୍ବାଦ ପ୍ରାପ୍ତ କରେ । ନୂଆ ପୋଷାକ ପିନ୍ଧିଥିବାରୁ ସେ ସୁନ୍ଦର ଦିଶେ । ଏହାକୁ ଦର୍ଶାଉଥିବା ଲୋକଗୀତ :

କାଁସାରୀ ବା ତାଲାଏ ବା
ନେରାଞ୍ଜ୍ ନେଲାଢ଼ା
ଶାଙ୍କ ସାକମ୍ ଚାୟାକ କାନାକ
ଗଂ ଆବୁ

ଖୋଜିକି ପାଇଛୁ ସୁନାନାକି ଝିଅ କରିବୁ ବୋହୂ ।

ଖେସାରି ଫୁଲକି ପଦୁଅଁ ଫୁଲ
ସୁନାଝିଅ ତାର କି ଦାଉ ଦାଉ
ନଖରୁ ନାସିକା ଗହଣା ଗାଣ୍ଠିରେ
ହୋଇଛି ଛାଇ
ସନ୍ଦେହ ଘାରୁଛି ଆସିବ ସତେକି
ଆମ ଘର ବୋହୂ ହୋଇ ।

ହୋ ମାନେ ହେଲେ ନାଚଗୀତ ପ୍ରବଣ । ଏତିକିବେଳେ ନାଗରା ମାଦଳ ବାଜିବାକୁ ଆରମ୍ଭ କରେ । ବିବାହ ନାଚ ହୁଏ । ପୁରୁଷ, ନାରୀ, ଆବାଳ ବୃଦ୍ଧ ବନିତା ନାଚିବାକୁ ଲାଗନ୍ତି । ଏହାକୁ ଲକ୍ଷ୍ୟକରି ଗୋଟିଏ ବା ପର୍ବ ସମୟର ଗୀତ ଅଛି ।

ନାଁଲାନ୍‌ଦିନ୍ ଚାନା ଚିପେ
କାଁଲାନନ୍ଦିନ୍ ଚାନା
ଦାମା ଦୁମାଂ ଦଜ ଗୁମୁଲ୍ ଚାନା
ନାଁଲାନ୍‌ଦିନ୍ ଚାନାଚିପେ
କାଁଲାନ୍‌ଚିନ୍ ଚାନା
ସୁମୁନ୍ ଆକ୍ଲା ଚାପେ
ଦକଲ୍ ଚାନା

ଭାବାର୍ଥ – ବିବାହର ଆସର ତୁମ ଘରେ ଜମିଛିକି ? ଯେ ମାଦଳ, ନାଗରାର ମୃଦୁ ଗୁଞ୍ଜନ ଶୁଣାଯାଉଛି, ନାଚ ଆଖଡା ପଡୁଛି ଉଠୁଛି । ବରପକ୍ଷଙ୍କ ଗଳାରେ ପନିପରିବା ଓ ଖାଦ୍ୟ ପଦାର୍ଥରେ ତିଆରି ମାଳ (ହାର) ସବୁ ପିନ୍ଧାଇ ଦିଆଯାଏ । ଆଳୁ, ବାଇଗଣ, ଲାଉ, କଖାରୁ ଇତ୍ୟାଦି ତିଆରି ମାଳ ସବୁ ବନ୍ଧୁମାନଙ୍କୁ ପିନ୍ଧାଇ ବିଦାୟ ଦିଆଯାଏ । ବିଦାୟ ପୂର୍ବରୁ ସେମାନଙ୍କୁ ତେଲ ହଳଦୀ ମଖେଇ ଦିଆଯାଏ । ତେଲ ହଳଦୀ ଲଗେଇବା ହେଉଛି ବୈବାହିକ ସମ୍ବନ୍ଧ ସ୍ଥାପନର ପ୍ରତୀକ । ବନ୍ଧୁମାନଙ୍କ ସହିତ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଆସି ସମସ୍ତଙ୍କୁ ନମସ୍କାର କରି ବିଦାୟ ଦିଆଯାଏ । ଏହାକୁ ହୋ ଭାଷାରେ " ହାଣ୍ଡର" କୁହାଯାଏ ।

ଗନଂସିଡ୍ ବାପାଲା ବେଳେ ଗନଂ ହାର ବାପାଲାର ତିଥି ଧାର୍ଯ୍ୟହୁଏ । ଉଭୟପକ୍ଷଙ୍କୁ ସୁହାଇଲା ଭଳି ଦିନ ସ୍ଥିର କରାଯାଏ । ଗନଂ ହାର୍ ବାପାଲା ର ଶାବ୍ଦିକ ଅର୍ଥ ହେଲା – ବରଘରୁ କନ୍ୟାସୁନା ଅଡେଇ ଆଣିବା ବ୍ୟବସ୍ଥା । ଗନଂହାର୍ ବାପାଲାବେଳେ ପୁଅ ପକ୍ଷ ଝିଅ ପକ୍ଷଙ୍କୁ କନ୍ୟାସୁନା ଦିଅନ୍ତି । ଝିଅପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୁଅପକ୍ଷ ପାରୁପର୍ଯ୍ୟନ୍ତ ଚେଷ୍ଟା କରନ୍ତି । ସେମାନଙ୍କୁ ଖୁଆଇ ପିଆଇ ସନ୍ତୁଷ୍ଟ କରାଯାଏ । ବନ୍ଧୁମାନେ ସାଧାରଣତଃ ଉପର ଓଳି ଆସନ୍ତି । ଏଥର ଆଗନ୍ତୁକ ଅତିଥିମାନଙ୍କ ଗୋଡକୁ ସ୍ତ୍ରୀଲୋକମାନେ ଧୋଇ ଦିଅନ୍ତି । ଗୋଡ ଧୋଇ ଦେଉଥିବା ସ୍ତ୍ରୀଲୋକମାନେ ଅତିଥିମାନଙ୍କ ଗୋଡକୁ ଧରି ରଖନ୍ତି ଓ ପାଉଣା ଆଦାୟ କରନ୍ତି । ଦେଖଣାହାରୀମାନେ ହୋ ଭାଷାରେ ଏତିକିବେଳେ କହୁଥିବା ଲୋକଉକ୍ତି – "ନାମା ଦାଃ କାଲବ ଦାଲ – ବାଲାକ କାଟା ଆବୁଙ୍ଗ୍‌କ ଚାନ୍‌ରେ ବାଡ୍‌କ" ଶାବ୍ଦିକ ଅର୍ଥ – ନୂଆ ପାଣିର କଙ୍କଡା କାମୁଡା ନୂଆବନ୍ଧୁଙ୍କୁ ଗୋଡ ଧୋଇବା ବେଳର ଉପହାର ପାଇଁ ଦାବିକରିବା । ସାଧାରଣତଃ ଝିଅର ଭାଇ କିମ୍ବା ଅନ୍ୟ ନିକଟ ସମ୍ପର୍କୀୟ ସବା ଶେଷରେ ନିଜ ଗୋଡ ଧୋଇବାକୁ ଆସେ ଓ ତା ପାଖରେ ଏ ଦାବି ଉପସ୍ଥାପନା କରାହୁଏ । ହସ ଖୁସି ମଧ୍ୟରେ ଉପହାର ଦେବାନେବା ହୁଏ । ଏହି ପରିସ୍ଥିତିକୁ

ଲକ୍ଷ୍ୟ କରି ଗୋଟିଏ ଲୋକ ଗୀତ -

କାଟଃ କାଟାଃ ଦାଲ ତାଡ୍ ମେୟା ବାଲା
କାଟଃ କାଟାଃ ଦାଲତାଡ୍ ମେୟା ବାଲା
ହିସିଟାକା ତେରେୟ ଦଁସିଟାକା ତେରେୟ
ହାଲେ ଅଡଂଏନ୍ ମେୟାବାଲା

ଓଡ଼ିଆ - କଙ୍କଡା ଗୋଡକୁ ଧରିଛି ଭିଡି ।
ଭାବୁଛକି ସିଏ ବିନା ମାହାସୁଲେ
ଦେବ କି ଛାଡ଼ି ? ॥
ଶୁଣ ସମୁଦୀ ହେ ଫିଟା ଖୋସଣି
କୋଡିଏ ତିରିଶ ଦିଅ ତ ଗଣି ।
ଛାଡି ଦେଇ ନେବ ମୁକୁଳାଇ
ଛଟକେ ଆଣିବ ଗୋଡକୁ ଟାଣି ॥

ସମସ୍ତ ଅତିଥିଙ୍କ ଗୋଡ ଧୁଆ ପର୍ବ ସରିଲା ପରେ ସେମାନଙ୍କୁ ଅଗଣାରେ ବିଛାଯାଇଥିବା ଆସନ / ପଟିଆରେ ବସିବାକୁ ଅନୁରୋଧ କରାଯାଏ । ଅଳ୍ପ ସମୟ କଥାବାର୍ତ୍ତା କଲାପରେ ଅତିଥିମାନଙ୍କ ରହିବା ଜାଗା ଦେଖେଇ ଦିଆଯାଏ । ସବୁ ଖାଇବା ପିଇବା ସାମନ୍, କାଠ, ପତ୍ର, ହାଣ୍ଡି ଆଦି ଦିଆଯାଏ । ବନ୍ଧୁମାନେ ନିଜେ ହିଁ ଖାଦ୍ୟପେୟ ପ୍ରସ୍ତୁତ କରନ୍ତି ଓ ଖାଆନ୍ତି ଓ ପିଅନ୍ତି । ଖାସି ମାରି ମାଂସ ତାଙ୍କୁ ଦିଆଯାଏ । କଥବାର୍ତ୍ତା କରି ଓ ଗୀତ ଗାଇ ରାତିଟା କଟେଇ ଦିଅନ୍ତି । ଏହି ଉତ୍ସବ ବେଳେ ଗାଉଥିବା କେତୋଟି ଗୀତ -

ଦାନା ବାଲାନେରା ବାଜି ନାନାରଡିଆଁ
ଦାନା ବାଲାନେରା ଜାଗାଦାଃଆଡିଆଁ
ନାଜି ନାନାର ଡିଆଁ କାମ୍ ନେମେରେ
ଜାଗାଦଃଆ ଡିଆଁ କାମ୍ ନେମେରେ
ହୁଡିଞ୍ ହନ୍‌ମେଁ ନେଗା । ନେମାଲେମେ
ମାଲଚି ରେୟଲେ ମାଲଚି ମିସାଇୟା
ବୁଲୁଂ ରେୟଲେ ବୁଲୁଂ ମସିଇୟା
ପାକାଲା ମାଣ୍ଡିରେଲେ ଚାକାଡିୟା
ପାକାଲା ମାଣ୍ଡିରେଲେ ଚାକାଡିୟା

ଓଡ଼ିଆ - ସମୁଦୁଣୀ ଦିଅ ଆମକୁ ଦେଢଶାଶୁ ହାଣ୍ଡିଆ

ଆଣ ସମୁଦୁଣୀ ହାଣ୍ଡିଆ ଠେକି ରସ ରସିଆ
ହାଣ୍ଡିଆ ନଦେଲେ ଦିଅ ଚମ ସାନଝିଅକୁ ଆଣି ଲୁଣରେ ପିଇବୁ ଖପାଲ ବାସି ତୋରାଣି ।

ହୋ - ଗୁପି ନଡଂଆ ବେନାବାଲା
ଗୁପି ନଡଂଆ ବେନା ବାଲା ।
ଚୈର ଲେକା ଦାମ୍‌କମ୍ କ
ସୁସି ଲେକା ଦୁରିଂ ତେନ୍‌କ
ନାଲେ ନଡଂଆ ବେନା ବାଲା
ଚୈର ଲେକା ଦାମ୍‌କମ୍ କ
ସୁସି ଲେକା ଦାମ୍‌କମ୍ କ
ନଲେ ନଡଂଆ ବେନା ବାଲା

ଓଡ଼ିଆ - ଡଉଲ ଡାଉଲ ବଳଦ ଯୋଡି
ଆଣିବ ସମୁଦୀ ଅଢେଇ ଭିଡି
ବଳଦ ଆଣିବ ଛୁଆ ଶିଂଖିଆ
ଘରକୁ ନେବକି ସୁନା କନିଆ ।

ସକାଳ ବେଳା ସମୁଦୀ / ସମୁଦୁଣୀ ମାନଙ୍କ ନିତ୍ୟ କର୍ମ ସାରିବା ପାଇଁ ସେମାନଙ୍କ ସହିତ ବରପକ୍ଷ କେହି ଜଣେ ପାଣି ଘାଟକୁ (ନଦୀ କୂଳକୁ ବା ପୋଖରୀ କୂଳକୁ) ନେଇଯାଏ । ସେମାନେ ବାହାର ପଟୁ ଫେରି ଆସିଲା ପରେ ଅଗଣାରେ ପରାଯାଇଥିବା ପଟିଆରେ ଉଭୟ ପକ୍ଷର ମୁରବୀ ବସନ୍ତି । ପ୍ରଥମେ ସେମାନେ ଏରେ ବିଷୟରେ ଆଲୋଚନା କରନ୍ତି । ଏହାପରେ କନ୍ୟାପଣ ପାଇଁ ଦିଆଯିବାକୁ ଥିବା ଗୋରୁ ମାନଙ୍କୁ ଦେଖନ୍ତି । କନ୍ୟାପଣ (ଯୋଡିଏ ବଳଦଙ୍କ ଓ ଟଙ୍କା

ପଇସା) ସବୁ ଅଗଣାରେ ସମସ୍ତଙ୍କ ସାମନାରେ ଦିଆ ଯାଇଥାଏ । ଘର ଭିତରେ ନୁହେଁ । ଟଙ୍କାକୁ କଂସା ଥାଳିରେ ଧୋଇ ତା ଉପରେ ରୁମାଲ ଢାଙ୍କି ବିବାହିତ (ସ୍ୱାମୀ ଥିବା) ମହିଳା ପୁଣ୍ଡକୁ ପଣତ କାନିରେ ଢାଙ୍କି ମୁଣ୍ଡରେ ବୋହି ଘରୁ ବାହାର କରେ । ମୁଣ୍ଡରେ ବୋହି ଟଙ୍କା ବାହାରକୁ ଆଣୁଥିବା ସ୍ତ୍ରୀଲୋକ ସହିତ ଆଉ ଜଣେ ସ୍ତ୍ରୀଲୋକ ହଳଦୀ ପାଣି, ତୁଳସୀପତ୍ର ଓ ଆମ୍ବପତ୍ର ଆଦି ଥୁଆ ଯାଇଥିବା ଲୋଟକୁ ମୁଣ୍ଡରେ ବୋହି ଆଣେ । ଅଗଣାରେ ଟଙ୍କା ସହିତ ଦୁଇ-ତିନିଟା ବରକୋଳି ପତ୍ର, ଦୁବଘାସ, ଅଳ୍ପ ଟିକେ ଗୋବର ରଖାଯାଇଥାଏ । ମୁଣ୍ଡରେ ବୋହିଥିବା ସ୍ତ୍ରୀଲୋକ ଦୁଇଜଣ ଅଗଣାରେ ବସିଥିବା ଲୋକମାନଙ୍କ ଚାରିପଟେ ଥରେ ଘୁରି ଯାଆନ୍ତି । ଅଗଣା ବସିଥିବା କେହି ଜଣେ ସେମାନଙ୍କ ମୁଣ୍ଡ ଉପରୁ କଂସାଥାଳି ଓ ପାଣି ଲୋଟାକୁ ତଳକୁ ଓହ୍ଲାଇ ନିଅନ୍ତି । ଏହାପରେ ସ୍ତ୍ରୀଲୋକ ଦୁଇଜଣ ଘର ଭିତରକୁ ଫେରି ଯାଆନ୍ତି । ଦୁଇପକ୍ଷ ଲୋକମାନେ ଟଙ୍କାକୁ ଗଣନ୍ତି । ଟଙ୍କାକୁ ଗଣି ବରପକ୍ଷ ଝିଅ ପକ୍ଷକୁ ଦିଅନ୍ତି । ଝିଅପକ୍ଷ ମଧ୍ୟ ଟଙ୍କାକୁ ଗଣି ଗ୍ରହଣ କରନ୍ତି । ଦେବା-ନେବା ପ୍ରକ୍ରିୟା ସରିବା ପରେ ମୁଖ ପାତ୍ରମାନେ ସିଂବଙ୍ଗା (ପରମେଶ୍ୱର)କୁ ସାକ୍ଷି ରଖି "ହରିବୋଲ" କରନ୍ତି । ଏହାପରେ ସେଇଠି ବସିଥିବା ସମସ୍ତଙ୍କ ଉପରକୁ ହଳଦୀ ପାଣି ଛିଞ୍ଚି ଦିଆଯାଏ । ଏହାପରେ ସମସ୍ତଙ୍କୁ ହାଣ୍ଡିଆ ପିଇବାକୁ ଦିଆଯାଏ । ହାଣ୍ଡିଆ ପିଇ ଅତିଥିମାନେ ନିଜ "ଜାମଡ଼ା"କୁ ଫେରି ଯାଇ ଖିଆପିଆ କରନ୍ତି । ଝିଅପକ୍ଷ ଘରକୁ ଫେରିଯିବା ପୂର୍ବରୁ ଆସିଥିବା ସମସ୍ତ ବନ୍ଧୁଙ୍କୁ ଅଗଣାରେ ପଟିଆରେ ବସେଇ ମୁହଁ ହାତ ଗୋଡ଼ରେ ତେଲ ହଳଦୀ ସ୍ତ୍ରୀଲୋକମାନେ ମଖେଇ ଦିଅନ୍ତି । ମୁଣ୍ଡ ବାଳକୁ ତେଲ ଦେଇ ପାନିଆରେ କୁଣ୍ଡେଇ ଦିଆଯାଏ । ଫୁଲ, ଫଳରେ ତିଆରି ହାର ଅତିଥିମାନଙ୍କୁ ପିନ୍ଧାଇ ଦିଆଯାଏ, ବେକରେ ଝୁଲେଇ ଦିଆଯାଏ । ଅତିଥିମାନଙ୍କୁ ବିଦାୟ ଦେଲାବେଳେ ଗାଁ ମୁଣ୍ଡ ପର୍ଯ୍ୟନ୍ତ ବାଟେଇ ଦିଆଯାଏ । ବନ୍ଧୁମାନେ ବେକରେ ଝୁଲାଇଥିବା ଫୁଲ ଫଳର ହାରକୁ ବାଟରେ ପୋପାଡି ଦିଅନ୍ତି ନାହିଁ । ହାରକୁ ସେମାନେ ପିନ୍ଧି ଝିଅ ଗାଁକୁ ଫେରନ୍ତି । ଗାଁରେ ପହଞ୍ଚି ହାରକୁ ବେକରୁ ଓହ୍ଲେଇ ଆଣି ଫଳ ଫୁଲ ଗଛରେ ଝୁଲେଇ ଦିଅନ୍ତି । ଗୋ ସମ୍ପଦ ଆକାରରେ ପାଉଥିବା କନ୍ୟାପଣକୁ ଗାଈଜଗା ଲୋକ ବରଘରୁ କନ୍ୟା ଘରକୁ ଅଡେଇ ଆଣେ । ବରପକ୍ଷ ଗୋରୁ ଅଡେଇ ଆଣୁଥିବା ଲୋକକୁ ଗୋଟିଏ କୁକୁଡା ଦିଅନ୍ତି । ହୋ ଭାଷାରେ ଏହାକୁ "ଗାଉସିମ୍" କୁହାଯାଏ "ଗାଉସିମ୍" ର ଅର୍ଥ ହେଲା "ଗୌଡ କୁକୁଡା"

## ଏରେ ବଙ୍ଗା -

ବିବାହ ପୂର୍ବରୁ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଥା ହେଉଛି ଏରେ ବଙ୍ଗା । ଏରେ ବଙ୍ଗା ହେଉଛି ଦୃଶ୍ୟ ହୋଇଥିବା ଅଶୁଭ ଲକ୍ଷଣକୁ ଦୂର କରିବା ପାଇଁ ପୂଜା ଉପାସନା । ଉଭୟ ପକ୍ଷ ଅଶୁଭ ଲକ୍ଷଣ ବିଷୟରେ ପଣ୍ଡିତ ମାନଙ୍କ ସହିତ ଆଲୋଚନା କରନ୍ତି । ଗୁଣିଆ (ପୂଜକ) କହିବା ମୁତାବକ ପୂଜା ସାମଗ୍ରୀ ଉଭୟ ପକ୍ଷ ଯୋଗାଡ଼ କରନ୍ତି । ପୂଜା ସାମଗ୍ରୀ ଆଣିବା ପାଇଁ ଖର୍ଚ୍ଚକୁ ଉଭୟପକ୍ଷ ବହନ କରନ୍ତି । କୌଣସି ଜଳାଶ୍ରୟ (ପୋଖରୀ ବା ନଈ) ପାଖରେ ଏରେ ବଙ୍ଗା କରାଯାଏ । ଏ ସ୍ଥାନଟି ଉଭୟ ପକ୍ଷଙ୍କ ଗାଁ ମଝାମଝିରେ ଥାଏ । ଏରେ ବଙ୍ଗା ସ୍ଥଳକୁ ବରପକ୍ଷ ପୂଜା ସାମଗ୍ରୀ - ଗୋଟିଏ ଗଞ୍ଜା, ଧନୁଶର, କଅଁଳ ଶାଳ ଶାଖା, ଗୋଟିଏ କେନ୍ଦୁଗଛ ଡାଳ ଆଦି ସାଥିରେ ନେଇ ଆସନ୍ତି । ଏରେ ବଙ୍ଗା ପାଇଁ ଅନ୍ୟୁନ ସାତ ଜଣ ଲୋକ ଉଭୟ ପକ୍ଷରୁ ଆସିଥାନ୍ତି । ଏରେ ପୂଜାକୁ ସ୍ତ୍ରୀଲୋକମାନେ ଆସନ୍ତି ନାହିଁ ।

ସେହିପରି ଝିଅଘର ପଟରୁ ଗୋଟିଏ କାଟୁଳୀ (ଅଣ୍ଡା ଦେଇ ନଥିବା ମାଈ କୁକୁଡା) ପାଇଁ ଦୌଡିରେ ତିଆରି ପିଢା (ବିଣ୍ଡା) ଖେଜୁରୀ ପତ୍ର (କିତା), କଅଁଳ ଶାଳଗଛ ଶାଖା ଓ କେନ୍ଦୁ ଗଛର ଡାଳ ଆଦିକୁ ସାଥୀରେ ନେଇ ଆସିଥାନ୍ତି । ଦୁଇପଟ ଟଙ୍କାରେ କିଣାଯାଇଥିବା ଛେଳିକୁ ବରପକ୍ଷ ନେଇ ଆସନ୍ତି । ଏରେ ପୂଜାବେଳେ ଦୁଇ ଗାଁର ଲୋକମାନେ ନିଜନିଜ ପଟେ ସାମନା ସାମନି ବସନ୍ତି ଓ ତାଙ୍କ ମଝିରେ ଗୁଣିଆ ବସି ପୂଜାକରେ । ଗୁଣିଆ ଏହିପରି ଗୁହାରୀ କରୁଥିବା ଶୁଣାଯାଏ -

"ସନାଦିଦି ରୂପାଦିଦି ଆପିର୍‌କେସେଡ୍ କେଡାଏଃ - ରୁକୁଅଡ୍ କେଡାଏଃ, ଟୟାଁହନ୍ ପୂକାହନ୍, ପାମ୍ପାଲ୍‌ହନ୍, ସାବେନ୍ କିଲି ସାବେନ ଜାତି ଜିଉକ ଜମ୍ବୁକ, ବିଞ୍ଜ୍‌ହନ୍, ଚକେହନ୍, ସାରାମ୍ ହନ୍, ସାଇଁଲହନ୍, ନିର କେସେଡ୍ କେଡା, ନେୟାକ ସିଂବଙ୍ଗା ଏରେୟାନା ଉଇୟାନା, ନେୟାକ ରା ଏଲାଃ ତାମ୍ ହାସିଡ୍ ଏଲାଃତାମ୍, ପାସିଡ୍ ଏଲାଃତାମ୍, ଏନାମେନ୍ତେଗେ ଆଲେ ଇଟାଗୁଣ୍ଡା, କୁଇଲା ଗୁଣ୍ଡା, ସାସାଙ୍ଗ ଗୁଣ୍ଡା, ହଲଙ୍ଗ - ଅନଲ ବାଇକେତେଲେ କେୟାଏତାନା, ଗଆରିଚାନା, ନେନ୍ ଏରେକଦ ଉଇକଦ ରା' ଏଲାଃତାମ୍, ହାସିଡ୍ ଏଲାଃତାମ୍" ।

ଭାବଅର୍ଥ -ଶାଗୁଣା ଉଡିଆସି ରାସ୍ତା ଅଗାଳିଲା, ଦୋହଲାଇ ଦୋହଲାଇ ଇଙ୍ଗିତ କଲା, ଭରଟିଆ ପକ୍ଷି, କୀଟ ପତଙ୍ଗ, ପ୍ରଜାପତି, ସବୁ ପ୍ରକାରର ଜୀବଜନ୍ତୁ, ସାପ, ବେଙ୍ଗ, ଗୟଳ, ହରିଣ ଆଦି ଜନ୍ତୁମାନେ ଦୌଡି ଆସି ବାଟ ଅଗାଳିଲେ, ଏସବୁ ଅଶୁଭର ସଙ୍କେତ ଦେଲେ, ପ୍ରଭୁ ସିଂବଙ୍ଗା ଏସବୁ ଅଶୁଭ ପ୍ରଭାବକୁ ଦୂରକର, ଏଇଥି ପାଇଁ ଆମେ ଇଟାଗୁଣ୍ଡ, କୋଇଲାଗୁଣ୍ଡ, ହଳଦୀ ଗୁଣ୍ଡ, ଚାଉଳ ଚୂନା ଆଦିରେ ଏସବୁ ପଶୁପକ୍ଷୀଙ୍କ ଚିତ୍ର ତିଆରି କରି ଡାକୁଅଛୁ, ଗୁହାରି କରୁଅଛୁ, ଏହି ଅଶୁଭ ଲକ୍ଷଣ ସବୁକୁ ଦୂର କର"

ଆଉ ଗୋଟିଏ ଗୁହାରୀ -

"ଏରେକ ଉଇକ ପୁରୁବ ତେୟାଃ, ପୁରୁବତେ, ପଶ୍ଚିମତେୟାଃ ପଶ୍ଚିମତେ, ଉତ୍ତରତେୟାଃ ଉତ୍ତରତେ, ଦକିନ୍ ତେୟାଃ ଦକିନ୍ ତେ, ବିୟୁରଉରା ସେକର ଉରାନ୍‌କା ସିଂବଙ୍ଗା, ଆମ୍‌ଗେ ନେନ୍ ଏରେକ ଅଲକେଡାମ୍, ତଲ କେଡାମ୍, ରାଏଲାଃ ତାମ୍, ହାସିଡ୍, ଏଲାଃତାମ୍, ତିସିଞ୍ଜେତେ ନିକିଞ୍ଜାଃ ଆଁଆଁଦି ବାପାଲାରେୟାଃ ବଙ୍ଗାଏ ତାନା, ଜାଗାରେ ତାନା, ଆମ୍‌ଗେ ସିଂବଙ୍ଗା ଜନମ୍ କେନ୍ ଜାଡକେନ୍ ତେମ୍, ଏରେ କେଡାମ୍ ଉଇକେଡାମ୍, ଚକେହନ୍, ବିଞ୍ଜ୍ ହନେମ୍ ଏରେ କେଡାମ୍ ଉଇକେଡାମ୍, ଚକେହନ୍, ବିଞ୍ଜ୍ ହନେମ୍, ଏରେ କେଡା ଉଇକେଡା, ବିରଦୁନ୍ଦୁ, ବିର୍ ଚାସାଡ୍ ତଲକେସେଡ୍ ହାଁ କେସେଡ୍ କେଡା, ନେଁୟାକ ଏରେୟାନ୍ ଉଇୟାନ୍ ଚେୟାଃକ ତିସିଞ୍ଜେତେ ସିଂବଙ୍ଗା ପୁଣ୍ଡିସିମ୍ ସାମଗିରି, ଆରାଃସିମ୍ ସାମଗିରି ତେଲେ ରା'ଇରିଃ ମେଚାନା; ହରି ଜରଙ୍ଗ୍ ହରିସିତୁଙ୍ଗ୍ ବୁଗିୟା କାନ୍ - ନାପାୟା କାନଃ ଚାକିଞ୍ଜ" ।

ଭାବାର୍ଥ "ପୂର୍ବର ପୂର୍ବକୁ ପଶ୍ଚିମର ପଶ୍ଚିମକୁ, ଉତ୍ତରର ଉତ୍ତରକୁ ଦକ୍ଷିଣର ଦକ୍ଷିଣକୁ ଅଶୁଭ ଲକ୍ଷଣ ଗୁଡିକ ଫେରିଯାଉ, ସିଂବଙ୍ଗା (ପରମେଶ୍ୱର), ତୁମେହିଁ - ଏ ଅଶୁଭ ଲକ୍ଷଣ ଗୁଡିକ ବାନ୍ଧିଛ ଓ ଦେଖେଇଛ, ଏଣୁ ଏସବୁ ଫିଟେଇଦିଅ - ଅପସାରଣ କର - ଆଜିଠାରୁ, ଏମାନଙ୍କ ବିବାହ ପାଇଁ ପୂଜାସେବା କରୁଅଛୁ, ତୁମେହିଁ ସିଂବଙ୍ଗା ଅଶୁଭ ଲକ୍ଷଣ ଗୁଡ଼ିକୁ ସୃଷ୍ଟିକରିଛ, ବେଙ୍ଗ ସାପ ରୂପରେ, ତାକୁ ବାନ୍ଧି ଦେଇଛ ଜଙ୍ଗଲର ଘାସରେ, ଏସବୁ ଅଶୁଭ ଲକ୍ଷଣକୁ ଆଜିଠାରୁ ଦୂର କରିବା ପାଇଁ ଧଳା ଗଞ୍ଜା, ନାଲିଗଞ୍ଜା ପୂଜା ସାମଗ୍ରୀରେ ତୁମର ପୂଜାସେବା କରୁଛୁ ଓ ପ୍ରାର୍ଥନା କରୁଛୁ ଆଜିଠାରୁ ଯୁଗ ଯୁଗ ପାଇଁ ଏମାନଙ୍କ କୁଶଳ - ମଙ୍ଗଳ ହେଉ ।"

ଏହିପରି ମନ୍ତ୍ର ଉଚ୍ଚାରଣ କରି ଦେଓଁଆ (ଗୁଣିଆ) ପଶୁପକ୍ଷୀଙ୍କ ବଳି ପକାଏ । ହୋ ମାନଙ୍କର ବିଶ୍ୱାସ ଦୃଶ୍ୟ ହୋଇଥିବା ଅଶୁଭ ଲକ୍ଷଣକୁ ଦୂର କରିବା ପାଇଁ ପୂଜାସେବା ନହେଲେ ନବ ଦମ୍ପତିଙ୍କ ଜୀବନ ସଙ୍କଟାପନ୍ନ ହୁଏ । ପୂଜା ହେବାପରେ ପୋତା ଯାଇଥିବା ଗଛ ଶାଖାକୁ ଉଭୟ ପକ୍ଷର ଦୁଇଜଣ ବ୍ୟକ୍ତି ଉପାଡି ପଛପଟକୁ ଫୋପାଡି ଦିଅନ୍ତି । ବରପକ୍ଷ କନ୍ୟାପକ୍ଷର ସମସ୍ତେ ଏକାଠି ରାନ୍ଧି ବାଢି ଖାଆନ୍ତି । ଭାତ ତରକାରୀ ପ୍ରସ୍ତୁତ ହେଉଥିବା ବେଳେ, ବରଯାତ୍ରୀ ଓ କନ୍ୟାଯାତ୍ରୀଙ୍କ ପାଇଁ, ବିବାହ ବେଳେ ଖାଇବା ପିଇବା ଜିନିଷ ଗୁଡ଼ିକ ବିଷୟରେ କଥାବାର୍ତ୍ତା କରାଯାଏ । କିଏ କେତେ ପରିମାଣର ଚାଉଳ, କେତେ ହାଣ୍ଡି ହାଣ୍ଡିଆ ଦେବ – ନେବ ଫଇସଲା ହୁଏ । ବିଦାୟ ବେଳ ଆସି ପହଞ୍ଚିଲେ । ଝିଅ ପକ୍ଷ ଲୋକମାନେ ଝିଅର ଗାଁ ପଟକୁ ମୁହଁକରି, ବରପକ୍ଷ ଲୋକମାନେ ବରର ଗାଁ ପଟକୁ ମୁହଁକରି ଦୁଇ ଧାଡିରେ ଛିଡା ହୁଅନ୍ତି । ସେମାନଙ୍କ ମଧ୍ୟରୁ କେହି ଜଣେ ସମସ୍ତଙ୍କୁ ସମ୍ବୋଧନ କରେ । "ଆଜି ପାଖରୁ ଆମ ସମ୍ପର୍କ ତୁଟେଇ ଦେବା (ଭାଙ୍ଗିଦେବା) । ପରସ୍ପର ପରସ୍ପର ଗାଁକୁ ଯିବା ଆସିବା କଲେ ମଧ୍ୟ, ତୁମେ ତୁମ ପାଇଁ ଅନ୍ୟ ଜାଗାରେ ବୋହୂ ଖୋଜିନିଅ, ଆମେ ଆମ ଝିଅ ପାଇଁ ଅନ୍ୟତ୍ର ଜ୍ୱାଇଁ ଖୋଜିନେବୁ । ଆଜିଠାରୁ ଆମ ତୁମ ସମ୍ପର୍କ ତୁଟିଲା "। ଏପରି କହିଲା ପରେ ଉଭୟ ଦଳ ପରସ୍ପର ପରସ୍ପରକୁ ନମସ୍କାର ଓ ପ୍ରତି ନମସ୍କାର କରନ୍ତି । ଏଇଠି ସେମାନେ ଆଣିଥିବା ଚଟୁ, ହାଣ୍ଡି ଇତ୍ୟାଦିକୁ ଅଦଳ ବଦଳ କରନ୍ତି । ଝିଅ ପକ୍ଷର ଚଟୁ, ହାଣ୍ଡିକୁ ପୁଅ ପକ୍ଷକୁ, ପୁଅ ପକ୍ଷର ଚଟୁ ହାଣ୍ଡିକୁ ଝିଅ ପକ୍ଷକୁ ଦିଆଯାଏ ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏରେ ବଙ୍ଗା ବେଳେ ବରପକ୍ଷ ଓ କନ୍ୟାପକ୍ଷ ନିଅନ୍ତି ସେ ନିଷ୍ପତ୍ତି ହେଲା – ବିବାହ ଦିନର ଧାର୍ଯ୍ୟ । ଯଦି ବିବାହ ତିଥି ସେଦିନ ସ୍ଥିର ହୋଇ ପାରିଲା ନାହିଁ, ତେବେ ଉଭୟ ପକ୍ଷ ଆପୋଷ ଆଲୋଚନା ପରେ ବିବାହ ଦିନ ଧାର୍ଯ୍ୟ କରନ୍ତି । ବିବାହ ଦିନ ଧାର୍ଯ୍ୟ ହେବା ପରଠାରୁ ପ୍ରତ୍ୟେକ ଦିନ ନାଚଗୀତ ଆରମ୍ଭ ହୁଏ ଉଭୟ ପୁଅ ଘରେ ଓ ଝିଅ ଘରେ । ଏହା ଚାଲେ ବିବାହ ଉତ୍ସବ ସରିବା ପର୍ଯ୍ୟନ୍ତ । ଗାଁର ଯୁବକ ଯୁବତୀ ଅଭ୍ୟାସ ଆରମ୍ଭ କରନ୍ତି – ନାଚିବା ଓ ଗୀତ ଗାଇବା । ମାଦଳିଆ ମାନେ ବାଜା ବଜେଇବା ଅଭ୍ୟାସ କରନ୍ତି, ମାଦଳ ଓ ନାଗରା ଯୋଗାଡ କରି ସନ୍ଧ୍ୟାବେଳେ ନାଚ ଗୀତର ଆସର ଜମିଯାଏ । ନାଗରା ମାଦଳ ବାଜା ଶବ୍ଦ ଶୁଣି ଆଖପାଖ ଗାଁ ଲୋକମାନେ ଜାଣିବାକୁ ପାଆନ୍ତି ଯେ ବିବାହ ତିଥି ସ୍ଥିର ହେଲା ବୋଲି । ପଚାରି ବୁଝି ବିବାହ ଦିନ କଥା ଜାଣି ସେମାନେ ମଧ୍ୟ ଏହିଦିନର ନାଚ ଗୀତରେ ସାମିଲ ହେବାପାଇଁ ପ୍ରସ୍ତୁତ ହୋଇଯାନ୍ତି ।

ବିବାହ ଝିଅ ଘରେ ହେବା ଚଳଣି ଏବେ ଆରମ୍ଭ ହେଲାଣି କିନ୍ତୁ ହୋ ସମ୍ପ୍ରଦାୟର ମୂଳ ପରମ୍ପରା ହେଉଛି, ପୁଅ ଘରେ ବିବାହ ହେବା । ଏବେ ଉଭୟ ପକ୍ଷ କଥାବାର୍ତ୍ତା ପରେ ବିବାହ କେଉଁଠି ହେବ ନିର୍ଦ୍ଧାରଣ କରୁଛନ୍ତି । ବିବାହ ଝିଅ ଘରେ ହେବାକୁ ଥିଲେ, ବର ବରଯାତ୍ରୀଙ୍କୁ ନେଇ କନ୍ୟାଘରକୁ ନାଗରା ମାଦଳର ତାଳେ ତାଳେ ଆସେ । ବରଯାତ୍ରୀ ରେ ଥାନ୍ତି – ସ୍ତ୍ରୀ – ପୁରୁଷ, ଝିଅ ପୁଅ, ଯୁବକ – ଯୁବତୀ, ବୁଢା, ବୁଢୀ, ଛୁଆ । ବିବାହ ପୁଅ ଘରେ ହେବାକୁ ସ୍ଥିରୀକୃତ ହେଲେ । ବର ପକ୍ଷରୁ ଛ, ସାତ ଜଣ ପୁରୁଷ ମାନେ କନ୍ୟାକୁ ତା ବାପ ଘରୁ ପୁଅ ଘରକୁ ପାଛୋଟି ନେବା ପାଇଁ ଆସନ୍ତି । ସାଧାରଣତଃ ସ୍ତ୍ରୀ ଲୋକମାନେ ଆସନ୍ତି ନାହିଁ । ଏ ବରଯାତ୍ରୀମାନଙ୍କୁ "ଅର୍‌ଏରାକ" କୁହାଯାଏ । ବରଯାତ୍ରୀମାନେ ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଲେ ସେମାନଙ୍କୁ ଗୋଡ ଧୋଇବା

ପାଇଁ ଲୋଟାପାଣି ଦିଆଯାଏ । ଖାଇବା ପିଇବାକୁ ଦିଆଯାଏ । ତାପର ଦିନ ସକାଳୁ ସକାଳୁ ବରଯାତ୍ରୀ ପିଇବାକୁ ଦିଆଯାଏ । ତାପର ଦିନ ସକାଳୁ ସକାଳୁ ବରଯାତ୍ରୀମାନେ କନ୍ୟାକୁ ସାଥିରେ ନେଇଯିବା ପାଇଁ ଓ ଠିକ୍ ସମୟରେ ବରଘରେ ପହଞ୍ଚିବା ପାଇଁ ହରବର ହୁଅନ୍ତି । ବରଯାତ୍ରୀଙ୍କ ସହିତ (ଅର୍‌ଏରା କଲଃ) ଗାଆଁ ସାହିର ଯୁବକ ଯୁବତୀମାନେ ଝିଅକୁ ବିବାହ ଦେବା ପାଇଁ ପୁଅ ଘରକୁ ଆସନ୍ତି । ସାଥିରେ ଧରି ଆସନ୍ତି ଝିଅକୁ ବିବାହ ଦେବା ପାଇଁ ଆବଶ୍ୟକ ହେଉଥିବା ଜିନିଷ ଗୁଡିକୁ । ଘରକୁ ବାହାରିଲା ପରେ କନ୍ୟା ଗାଁ ମୁଣ୍ଡରେ ଥିବା ଆମ୍ବ ଗଛରେ ସାକୀ ସୁତାମ୍ (ବାନ୍ଧେ) । ସେ ସାତ ଥର ସାକୀ ମୁତାମ୍‌କୁ ଗଛରେ ଗୁଡେଇ ଦିଏ । ଏହାପରେ ସେମାନେ ଗନ୍ତବ୍ୟ ପଥରେ ଆଗେଇଯାନ୍ତି । ଆସିବା ବାଟରେ ଯଦି ନଦୀ ପାରି ହେବାକୁ ଥାଏ, କନ୍ୟା ଚାଲି ଚାଲି ନଦୀକୁ ପାର କରେ ନାହିଁ । ବରଯାତ୍ରୀମାନେ ତାକୁ କାଖେଇ ନଦୀ ପାର କରନ୍ତି । ଏଇଠି ଗୋଟିଏ ବିଶେଷ ପରମ୍ପରା ରହିଛି, ପୁଅର ବଡ ଭାଇ କନ୍ୟାକୁ କାଖେଇ ନଦୀ ପାର କରିବ । ନଦୀରେ ପାଣି ନଥିଲେ ମଧ୍ୟ ଏ କାମ କରାଯାଏ । ଏହିପରି ଭାବରେ କନ୍ୟାକୁ ବରଯାତ୍ରୀମାନେ ବରଘରେ ପହଞ୍ଚନ୍ତି । ଏହା ପୂର୍ବରୁ Advance Party ଆସି ପହଞ୍ଚିଥାଏ ବରଘରେ । ସେମାନଙ୍କୁ "ଚିୟାଂ ଲେକାକ" କୁହାଯାଏ । ଏମାନେ କଥାବାର୍ତ୍ତା ଛିଡିଥିବା ଖାଦ୍ୟ ସାମଗ୍ରୀ (ଚାଉଳ, ହାଣ୍ଡିଆ, ଡାଲି, ତେଲ, ଲୁଣ, ହଳଦୀ)କୁ ପୁଅ ଘରୁ ଜିମା ନେଇଯାନ୍ତି ।

ଗାଁ ମୁଣ୍ଡକୁ କନିଆ ଆସି ପହଞ୍ଚିଲେ ବରପକ୍ଷ ଲୋକମାନେ ମାଦଳ ନାଗରା ବଜେଇ ବଜେଇ ନାଚିନାଚି ଗୀତ ଗାଇ ଗାଇ ତାକୁ ସ୍ୱାଗତ କରନ୍ତି । ଏତିକିବେଳେ ବାଜୁଥିବା ମାଦଳ ନାଗରା ତାଳ ହେଲା

ଗୁଙ୍ଗ୍ ଲେଡାଙ୍ଗ୍ ସବଃ ଲେଡାଙ୍ଗ୍
ହେଲତା ଲୁପୁଃ ତାଙ୍ଗ୍ ତାଙ୍ଗ୍ ।

କନିଆ ବରଘର ଅଗଣାକୁ ପହଞ୍ଚିବା ପୂର୍ବରୁ ଗୋଟିଏ ନାଲି ଗଞ୍ଜା କୁକୁଡାକୁ ଅଗଣାରେ ବଳି ଦିଆଯାଏ । ଏରେ ବଙ୍ଗା ପରେ ଦେଖାଯାଇଥିବା ଅଶୁଭ ଲକ୍ଷଣ କିମ୍ବା କନିଆକୁ ଆଣିଲା ବେଳେ ଦେଖା ଯାଇଥିବା ଅଶୁଭ ଲକ୍ଷଣର ପ୍ରଭାବକୁ ଖଣ୍ଡନ କରିବା ପାଇଁ ନାଲି ଗଞ୍ଜା ବଳି ପଡେ । କନିଆ ନେଇ ଆସିଥିବା ବରଯାତ୍ରୀମାନେ ଓ ଝିଅ ପକ୍ଷରୁ ଆସିଥିବା ପୁରୁଷ ସ୍ତ୍ରୀମାନେ ଏହା ଉପରେ ପାଦ ପକେଇ ପୋଚି ଦିଅନ୍ତି (ତେଗା ତୋପା) । ପୂଜା କରା ଯାଇଥିବା ସିନ୍ଦୁର ଏବଂ ତଳେ ପଡିଥିବା ରକ୍ତକୁ ପାଦରେ ଲିଭେଇ ଦିଅନ୍ତି । ଏତିକିବେଳେ ହେଉଥିବା ଅସଲ କାମ ହେଲା କନ୍ୟାକୁ ସ୍ୱାଗତ କରିବା (ଏରା ଦାରମ୍ ) ଜଣେ ସଧବା ସ୍ତ୍ରୀଲୋକ ନୂଆ କନିଆର ଗୋଡକୁ କାଠ ପିଢାରେ ରଖି ଲୋଟା ହଳଦୀ ପାଣିରେ ଧୋଇଦିଏ ଓ ଗୋଟିଏ ଛୋଟ ଡାଲାରେ କଂସାଥାଳି, ଚାଟିଆ ଓ କସ୍ତା ରଖିଗର ହଳଦୀ ଦିଆ ନୂଆ ଶାଢୀ ଦେଇ ନୂଆ ବୋହୂକୁ ସ୍ୱାଗତ ସମ୍ଭାଷଣ କରାଯାଏ । ଗୋଡ ଧୋଇଦେଇ ତାକୁ ଘର ଭିତରକୁ ପାଛୋଟି ଦିଅନ୍ତି । ଘର ଭିତରେ ତା ସଙ୍ଗୀମାନଙ୍କ ସହିତ ତାକୁ କିଛି ଖାଇବାକୁ ଦିଅନ୍ତି । କିଛି ସମୟ ପରେ କନ୍ୟାପକ୍ଷ ମନେ ବିଶ୍ରାମ କରିବା ପାଇଁ ତିଆରି କରାଯାଇଥିବା "ଜାମଡ଼ା"କୁ କନ୍ୟା ଚାଲିଯାଏ । କିଛି ସମୟ ପରେ ବରକନ୍ୟାଙ୍କୁ ଅଗଣାରେ ବିବାହ କରାଯାଏ ।

**ବିବାହ :** ବରକନ୍ୟାଙ୍କ ବିବାହ ବରଘର ଅଗଣାରେ ହୁଏ । ଚାରିଟା କଅଁଳିଆ ଶାଳ ଡାଳକୁ ପୋତା ଯାଇ ତାକୁ ଜାମୁ ପତ୍ରରେ ଛାଇ ବିବାହ ମଣ୍ଡପ ତିଆରି ହୋଇଥାଏ । ଏହି ଶାଳ ଗଛ ଡାଳ ଜାମୁ ପତ୍ରରେ ତିଆରି ବିବାହ ମଣ୍ଡପ ତଳେ ବିବାହ କାର୍ଯ୍ୟ ସମ୍ପାଦନ

ହୁଏ । ବରକନ୍ୟାମାନେ ପୂର୍ବକୁ ମୁହଁକରି ପଟିଆରେ ବସନ୍ତି । ଏହି ପଟିଆଟିମଧ୍ୟ ବିଯୋଡ ଦୌଡିରେ ସ୍ୱତନ୍ତ୍ରଭାବେ ବିବାହ ପାଇଁ ବୁଣା ଯାଇଥାଏ । ବିଯୋଡ ଦୌଡିରେ ବୁଣାଯାଇଥିବା ପଟିଆ କିମ୍ବା ଶାଳ ପତ୍ର ଖଲିରେ ବର କନ୍ୟା ବସନ୍ତି । କେତେକ ଜାଗାରେ ବର ଶାଳ ପତ୍ର ଖଲିରେ ବସେ ଓ କନ୍ୟା ଶିଆଳି ପତ୍ର ଖଲିରେ ବସେ । ସଧବା ସ୍ତ୍ରୀ ଲୋକମାନେ ଏମାନଙ୍କ ବିବାହ କରାନ୍ତି । ସାଧାରଣତଃ ବରର ଭାଉଜ ଓ କନ୍ୟାର ଭାଉଜ ବିବାହ କର୍ମ ସମ୍ପନ୍ନ କରନ୍ତି । ବରକନ୍ୟାଙ୍କୁ ତେଲ ହଳଦୀ ଲଗେଇ ଉଭୟଙ୍କ ସିନ୍ଦୁର ଘସା ଘସି କରି ବିବାହ କର୍ମ ସମ୍ପନ୍ନ କରାଯାଏ । ପ୍ରଥମେ ବର ଘର ତେଲ ହଳଦୀ ବର କନ୍ୟାଙ୍କ ହାତ ଗୋଡ ଦେହରେ ମଖେଇ ଦିଆଯାଏ । ଏତିକି ବେଳେ ଉଭୟ ପୁଅ ପକ୍ଷର ଓ ଝିଅ ପକ୍ଷର ସ୍ତ୍ରୀଲୋକମାନେ ଖୁସିରେ ଏହିପରି ଗୀତ ବୋଲନ୍ତି ।

ନେଙ୍ଗାମେ ନଲାଃ ସାସଂ ମାଇଦା
ନାପୁମେ ନଲାଃ ସୁନୁମ୍
ମିଚିଲଅକ ମିସାଚାଡା ମିଚି ମୁତୁଡ୍ ମୁତୁଡ୍
ହାନାର୍‌ମେ ନଲାଃ ସାସାଂ ମାଇନା
ହଞ୍ଜାରମେ ନଲାଃ ସୁନୁମ୍
ଗିଚିଲଅକ ମିସାଚାଡା ଗିଚିଲ୍ ସେଗୟ ସେଗୟ

ଓଡ଼ିଆ – ବାପ ଘର ତେଲ ମା' ହାତର ହଳଦୀ
ଦେହକୁ ମୁଲାମ୍ ମହକି ଉଠେ ସୁଗନ୍ଧୀ
ଶାଶୁ ଘରତେଲ ଶ୍ୱଶୁର ଘର ହଳଦୀ
ଦେହକୁ ରଗଡେ ବାଲିତ ହେଇଚି ଖୁନ୍ଦି

ବିବାହ ବେଳେ କନ୍ୟା ବରର ବାଁ ପଟେ ବସେ । ତେଲ ହଳଦୀ ଲେପନ ପରେ ସିନ୍ଦୁର ଘସା ଘସି କାମ ହୁଏ । ଉଭୟେ ଉଭୟଙ୍କୁ ସିନ୍ଦୁର ଘସନ୍ତି । ବର ବାଁହାତ କାନି ଆଙ୍ଗୁଳୀରେ ସାତଥର କନ୍ୟାର କପାଳରେ ଉପରୁ ତଳକୁ ସିନ୍ଦୁର ଘସି ଦିଏ । ଏହାପରେ କନ୍ୟା ଡାହାଣ ହାତର ବିଶି ଆଙ୍ଗୁଠିରେ ସାତଥର ବରର କପାଳରେ ତଳରୁ ଉପରକୁ ସିନ୍ଦୁର ଘସିଦିଏ । ଏତିକିବେଳେ କନ୍ୟାର ସାନ ଭଉଣୀମାନେ ଅବା ସଙ୍ଗୀମାନେ ଏପରି ଗୀତ ଗାଆନ୍ତି ।

ସିନ୍ଦୁର ମେନା ମାଇ ସିନ୍ଦୁରୀ ମେଁ
ସିନ୍ଦୁର ମେନା ମାଇ ସିନ୍ଦୁରୀ ମେଁ
ହାତୀ ସାମାଂ ଡାଂଡାଂରେ, ହାତୀ ସାମାଂ
ଡାଂଡାଂରେ ସିନ୍ଦୁରୀ ମେ
ହାତୀ ସାମାଂ ଡାଂଡାଂରେ,
ହାତୀ ସାମାଂ ଡାଂଡାଂରେ ସିନ୍ଦୁରୀ ମେଁ

ଓଡ଼ିଆ –
ସିନ୍ଦୁ ଟୋପା ଦେଲୋ ସଖୀ
ଦେ ସିନ୍ଦୁର ଘସି ।
ହାତୀ ଶୁଣ୍ଡିଆ କଳାକଟାଚା
ରଙ୍ଗରେ ଉଠୁ ହସି ॥
ଟାଙ୍ଗରା ଭୂଇଁ ମଥାଟା ତାର
ରଙ୍ଗରେ ଉଠୁ ଭରି
ସିନ୍ଦୁର ଘସି କରିଦେ ନାଲି
ମନଟା ଉଠୁ ପୁରି ॥

ଏତିକି ବେଳେ ମାଦଳ ଏମିତି ବାଜୁଥାଏ
ଗୁମ୍ ଜୁମ୍ବା କାଦାଲ୍ ଜୁମ୍ବା
ଦେବତା ଅଛି ବଙ୍ଗା ବାଙ୍ଗେଇଃ
ଚାଙ୍ଗ୍ ଚାଙ୍ଗ୍

ଯୁବକ ଯୁବତୀମାନେ ଅଣ୍ଟାରେ ହାତ ଛନ୍ଦି ଧରାଧରି ହୋଇ ବିବାହ ବେଦୀ ଚାରିପଟେ ମାଦଳ- ନାଗରାର ତାଳେ ତାଳେ ନାଚୁଥାନ୍ତି ଓ ଏହିପରି ଗୀତ ଗାଉଥାନ୍ତି ।

ଅକନିଃ ନା ଅକନିଃ
ଦିଚ୍ କିମିନ୍ ଦ
କାଚି ଚେରେମ୍ ନେଲାରେୟା
ଦିଚ୍ କିମିନ୍ ଦ
ନି – ଦୁନା – ନି ଦୁ
ବିଲାଇ ମୁଟା ଟାଇମୁଙ୍ଗ୍

ଓଡ଼ିଆ -

କାହିଁ ଗଲା ତୁମ ନୂଆ କନିଆଟି
ଦେଖିଥାନ୍ତେ ଟିକେ ମୁହଁଟି ତାର
ହେଇ ଦେଖ ସେଠି ଠିଆଟା ହେଇଛି
ବିଲେଇ ମୁହଁଟା ପକା ନଜର
ଆଖିତା ଯାଇଛି କୋଟରେ ପଶି ।
ଟାକୁଆ ଗାଲରେ ମାଣକ ଚାଉଳ
ମାପି ଭରି ଦେଲେ ନଯାଏ ଖସି ॥

କେବେ କେବେ ଦେଖିବାକୁ ମିଳେ କା ବରକୁ ଗୋରୀ କନ୍ୟା, କିମ୍ବା ଡେଙ୍ଗା ବରକୁ ଗେଡି କନ୍ୟା । ଏହାକୁ ଆକ୍ଷେପ କରି ବୋଲୁଥିବା ଗୀତ ।

ମୁଲ୍‌ଗା ନାଲାଃ ନାକ ସାସାଙ୍ଗ୍ ତାଡା
ସାସାଙ୍ଗ୍ ତାଡା
ରାସୁଇଁ ନାଲାଃ ନାକ ପିଆଜି ତାଡା
ପିଆଜି ତାଡା

ଓଡ଼ିଆ -

ଅଭିଲା କଥାଏ କେତେ ଅବାଗ ।
କେତେ ଅବାଗ ।
ଭଜା ହୋଇ ଅଛି ସର୍ଜନା ଶାଗ ॥
ହଳଦୀ ଚହିଁରେ ମିଶା ।
ରସୁଣ ଶାଗରେ ପଡିଛି ପିଆଜ ।
କଥାଟା କି ଲୋକ ହସ ॥

ଏହିପରି ବିଭିନ୍ନ ପ୍ରକାରର ଗୀତ ବୋଲାଯାଏ । ପୂର୍ବ କାଳରେ ସ୍ୱାମୀ ଓ ସ୍ତ୍ରୀର ସହବାସକୁ ନେଇ ଅଶ୍ଳୀଳ ଗୀତ ମଧ ବୋଲାଯାଉଥିଲା । ଏବେ ତାହା ଲୁପ୍ତ ପ୍ରାୟ । ତେଲ ହଳଦୀ ମଖେଇବା ଓ ସିନ୍ଦୁର ଘସା ପରେ ନୂଆ ଲୁଗାକୁ ଘର ଦୂଆରରେ ଲମ୍ବା କରି ଧରନ୍ତି ଓ ତା ତଳେ ତଳେ ସାତଥର ବର କନ୍ୟାକୁ କାଖେଇ ଘର ଭିତରକୁ ନିଆଯାଏ ଓ ବାହାରେ କରାଯାଏ ।

ସାତଥର ଘରକୁ ପଶିବା ଓ ବାହାରିବା କାମ ଶେଷ ହେଲେ, ଘର ଭିତରେ ଚୁଡା ମୁଡୀ ଆଦି ସେମାନଙ୍କୁ ଖାଇବାକୁ ଦିଆଯାଏ । ଖିଆପିଆ ବେଳେ ବରକନ୍ୟା ପରସ୍ପରକୁ ପତ୍ର ଦନାରେ ହାଣ୍ଡିଆ କିମ୍ବା ପାଣି ଦିଆ ନିଆ କରନ୍ତି । ଏ କାମ ହେଲେ ବିବାହ କର୍ମକାଣ୍ଡ ଶେଷ ହୋଇଯାଏ । ଏହା ଫଳରେ କନିଆ ଆଣିଥିବା ଲୋକଙ୍କ ପାଇଁ ତିଆରି କରାଯାଇଥିବା "ଜାମ୍‌ଡା" ପାଖକୁ ବର ହାଣ୍ଡିଏ ହାଣ୍ଡିଆ ମୁଣ୍ଡରେ ବୋହି ଆସନ୍ତି । ସେମାନେ ସେଠି ପହଞ୍ଚିଲେ ଉଭୟଙ୍କ ପାଖରୁ ହାଣ୍ଡିଆ ହାଣ୍ଡିକୁ ତଳକୁ ଓହ୍ଲେଇ ନିଆଯାଏ ଓ ସେମାନଙ୍କୁ ବସିବାକୁ କୁହାଯାଏ ।

ବରକୁ ସାଙ୍ଗ ଦେଇଥିବା ଯୁବକ ଓ କନ୍ୟାକୁ ସାଙ୍ଗ ଦେଇଥିବା ଯୁବତୀ ଏତିକିବେଳେ ପର୍ଯ୍ୟନ୍ତ ରହନ୍ତି । ଏହାପରେ ଯୁବକ ନିଜ ଘରକୁ ଫେରିଯାଏ । କନ୍ୟାପକ୍ଷ ଲୋକମାନେ ଏଇ ଭିତରେ ଭାତ ତରକାରୀ ରନ୍ଧାବଢା କରି ଖିଆପିଆ କରନ୍ତି । ସେମାନେ ଏହାପରେ ମାଦଳ ନାଗରା ବଜେଇ ବର ଘର ଅଗଣାକୁ ଆସନ୍ତି ଓ ନାଚନ୍ତି । ସେମାନେ ଦାବି କରନ୍ତି ଦେଢ ଶାଶୁ ହାଣ୍ଡିଆ ଦେବା ପାଇଁ ତାହା ଶୀଘ୍ର ନଦେଲେ ସେମାନେ ଗୀତ ଗାଆନ୍ତି ଓ ନାଚନ୍ତି ।

ଓଡ଼ିଆ -

ସମୁଦୁଣୀ ଦିଅ ଆମକୁ ଦେଢଶାଶୁ ହାଣ୍ଡିଆ
ଆଣ ସମୁଦୁଣୀ ହାଣ୍ଡିଆ ଠେକି ରସରସିଆ
ହାଣ୍ଡିଆ ନଦେଲେ ଦିଅତମ ସାନଝିଅଟିକୁ
ଲୁଣରେ ପିଇବୁ ମରିଚି ପଖାଳ ବାସି ତୋରାଣୀ

ହୋ - ଦାନା ବାଲାନେରା ନାଳି ନାନାର ଡିଆଙ୍ଗ୍
ଦାନା ବାଲାନେରା ଜାଗାଦାଃଆ ଦିୟାଙ୍ଗ୍
ନାଳି ନାନାର ଡିୟାଙ୍ଗ୍ କାମ୍ ନେମେରେ

ଜାଗାଦାଃଆ ତିୟାଙ୍ କାମ୍ ନେମେରେ
ହୁଡିଙ୍ଗ ହନ୍‌ମେ ନେରା ନେମାଲେମେ
ମାଇ୍‌ଚି ରେୟଲେ ମାଇ୍‌ଚି ମିସାଇ
ବୁଲୁଙ୍କ ରେୟଲେ ବୁଲୁଙ୍ ମିସାଇ
ପାକାଳା ମାନ୍‌ଡିଲେ ଚାକା ତିଇୟା
ପାକାଳା ମାନ୍‌ଡିଲେ ଚାକା ତିଇୟା

ଅଗଣାରେ ନାଚିଲା ବେଳେ ଦେଢଶାଶୁ ପାଇଁ ଗୋଟିଏ କୁକୁଡ଼ା ଗଞ୍ଜା, ଗୋଟିଏ ଚିଣ୍ଡି ଖାସି ସହିତ ଟାଙ୍ଗରି ଚାଉଳ ସହିତ ପରିବା ଲୁଣ ଆଦି ସେମାନଙ୍କୁ ଦିଆଯାଏ । ଦେଢ ଶାଶୁଙ୍କ ମୁଣ୍ଡରେ ହାଣ୍ଡିଏ ହାଣ୍ଡିଆ ବୋହାଇ ଦିଆଯାଏ ଓ ଅଣ୍ଟାରେ ଖାସିଟାକୁ ବାନ୍ଧିଦିଆଯାଏ ।

କନ୍ୟାର ମାମୁଁ ଅଗଣାକୁ ଆସି ନିଜ ପରିଚୟ ଦେଲେ ତାଙ୍କୁ ମଧ୍ୟ ଗୋଟିଏ ଖାସି ମିଳିଥାଏ । ସିଏ ମଧ୍ୟ ଭାଣଜୀ ଓ ଜ୍ୱାଇଁଙ୍କୁ ଉପଯୁକ୍ତ ଉପହାର ଦେଇଥାନ୍ତି । ସେମାନଙ୍କୁ ସେ ଅତିକମ୍‌ରେ ନୂଆ ଧୋତି ଶାଢୀ ଦେଇଥାନ୍ତି । ଏତିକିବେଳେ ବରପକ୍ଷ ତାଙ୍କୁ ଗୋଟିଏ ଖାସି ଦେଇଥାନ୍ତି । କେତେକ ଜାଗାରେ କନ୍ୟାର ପିଉସୀଙ୍କୁ ମଧ୍ୟ ଗୋଟିଏ ମାଈ କୁକୁଡ଼ା ମିଳିଥାଏ ।

ଏଇଠି ଲକ୍ଷ୍ୟ କରିବା କଥା ବରପକ୍ଷରୁ କନ୍ୟାର ବାପା ଭାଇ, ମା, ଦିଦି, ପିଉସୀ, ମାମୁଁଙ୍କୁ କନ୍ୟାପଣି ଓ ଉପହାର ମାନ ଦିଆଯାଇଥାଏ । କନ୍ୟାର ମା ଓ ଜେଜେମା ଆଈ (ଜୀବିତଥିଲେ) ମାନଙ୍କୁ ବରପକ୍ଷରୁ ନୂଆ ଶାଢୀ ଉପହାର ମିଳେ । ବରପକ୍ଷ ବୋହୂର ସମସ୍ତ ନିକଟ ସମ୍ପର୍କୀୟମାନଙ୍କୁ ଉପହାର ଦେଇ ସନ୍ତୁଷ୍ଟ କରନ୍ତି । ଏହା କହିବା ବାହୁଲ୍ୟ ଯୁବକ ଓ ଯୁବତୀର ସମ୍ପର୍କ ସ୍ଥାପନ ସହିତ ଦୁଇ ପରିବାରର ସମ୍ପର୍କ ସ୍ଥାପିତ ହୋଇଯାଏ ।

ହାଣ୍ଡର୍ - (ବିଦାୟ) - ଖିଆପିଆ ଶେଷହେଲେ, ଦେବା-ନେବା କାମ ଶେଷ ହେଲେ କନ୍ୟାପକ୍ଷ ଲୋକେ ବରଘର ଛାଡ଼ି ଦେବା ପାଇଁ କନ୍ୟାକୁ ବର ଘର ଅଗଣାକୁ ଆଣନ୍ତି । ସେମାନେ ଝିଅ ପାଇଁ ଆଣିଥିବା ସମସ୍ତ ସାମାନ ଗୁଡ଼ିକୁ ବର ଘରେ ଜିମା ଦେଇ ଦିଅନ୍ତି । ସେମାନେ ଖାଇ ପିଇଲା ପରେ "ଜାମ୍‌ଡ଼ା"ର ଫେରି ଯାଆନ୍ତି ନାହିଁ । ସେମାନେ ବର ଘର ଅଗଣାକୁ ଆସି ସେଠାରୁ ବିଦାୟ ନିଅନ୍ତି । ବରଘର ଲୋକମାନେ କନ୍ୟାପକ୍ଷଙ୍କ ସହିତ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଆସନ୍ତି । ଏତିକିବେଳେ ବରକନ୍ୟା ଦୁହେଁ ସମସ୍ତଙ୍କୁ ନମସ୍କାର କରନ୍ତି । ଏହି ସମୟଟା ଝିଅର ବାପା ମା'ଙ୍କ ପାଇଁ ଦୁଃଖର ସମୟ । କାନ୍ଦ ବୋବାଳି ମଧ୍ୟ ହୁଏ । ଏତିକିବେଳେ ଝିଅର ବାପା ମା, ଭାଇଭଉଣୀ ମାନେ ପୁଅ ଘର ଲୋକଙ୍କୁ ଏପରି କହନ୍ତି - ଆମର ଝିଅ - ଭଉଣୀକୁ ଆମ ଚଳଣି ସବୁ ଶିଖାଇଛୁ । ଯାହା ସେ ଶିଖିନାହିଁ ତାକୁ ଶିଖାଇବ । "ତୁ ଜାଣିନାହୁଁ" କହି ଗାଳି ଗୁଲଜ କରିବ ନାହିଁ । ପାଖକୁ ଯାଇ ନମସ୍କାର କଲାବେଳେ ଏହିକଥା ଗୁଡିକ କହନ୍ତି । ଏହାପରେ ଝିଅକୁ ଶାଶୁ ଘରେ ଛାଡି ଦେଇ ଯାଆନ୍ତି ।

ଜମ୍‌ଇସିନ୍ (ବୋହୁଭାତ) - ବିବାହ ଉତ୍ସବକୁ ଆସିଥିବା ନିମନ୍ତ୍ରିତ ଅତିଥିମାନେ ଫେରିଯିବା ପରେ "ଜମ୍‌ଇସିନ୍" ହୁଏ । ଜମ୍‌ଇସିନ୍‌ର ଅର୍ଥ ହେଉଛି "ଭୋଜନ ପାଇଁ ରାନ୍ଧିବା" । ଏହି ଦିନ ରୋଷେଇ ଘରରେ ହାମ୍ ହ ଦୁମ୍‌ହଙ୍କ ପାଇଁ ଗୋଟିଏ କୁକୁଡ଼ାକୁ ବଳୀପଡେ । ନୂଆବୋହୂ ଆଦିଂକୁ ପଶିବା ପାଇଁ ଏଇ ପୂଜା ସେବା । "ହାମ୍‌ହ ଦୁମ୍‌ହ" ର ଅର୍ଥ ହେଉଛି ମରିହଜି ଯାଇଥିବା ପୂର୍ବଜଙ୍କ ଆତ୍ମା । ପୂଜା ଅର୍ଚ୍ଚନା ବେଳେ ପୂର୍ବଜଙ୍କ ଆତ୍ମା ମାନଙ୍କୁ ଗୁହାରୀ କରାଯାଏ - "ଇଏ ହେଲା ଆମ ବୋହୂ, ଏହାକୁ ଚିହ୍ନିନିଅ, ଆଜିଠାରୁ ଇଏ ଆମର ପୂଜା-ସେବା କରିବ, ତାକୁ ଘୃଣା କରିବ ନାହିଁ, ତା ପ୍ରତି ଅସନ୍ତୋଷ କରିବ ନାହିଁ, ତାକୁ ଦଣ୍ଡ ଦେବ ନାହିଁ, ସବୁ ସ୍ଥାନରେ ତାକୁ ସୁରକ୍ଷା ପ୍ରଦାନ କରିବ । ନୂଆ ବୋହୂ ନୂଆ ଶାଢୀ ପିନ୍ଧି ନୂଆ ହାଣ୍ଡିରେ ରୋଷେଇ ଘରେ ଭାତ ତରକାରୀ ରାନ୍ଧି

ଗାଁ ସହିତ ଛୋଟ ବଡ ସମସ୍ତ କୁଟୁମ୍ବଙ୍କୁ ଖାଇବାକୁ ଦିଏ । ବରଘରର "ଜ୍ଵାମଡା"କୁ ଖାଇ ଭାଗି ଦିଆଯାଏ । ବିବାହର ତିନି ବା ଚାରି ଦିନରେ "ଜନଇସିନ୍" ହୁଏ । ବିବାହବେଳେ ବରକନ୍ୟା ପିନ୍ଧିଥିବା କପଡାକୁ ଏଇଦିନ ପୋତିଦିଆଯାଏ ।

**ମାଣ୍ଡିଇଡ୍ :** ଭାତ ପହଞ୍ଚାଇବା ବିବାହକୁ ଆସିଥିବା କୁଣିଆମାନେ ବିଦାୟ ନେଲାପରେ ଝିଅର ବାପା ମା ଝିଅ ଘରକୁ ଆସନ୍ତି । ସେମାନେ ରନ୍ଧା ଭାତ ତରକାରୀ ସାଥିରେ ନେଇ ଆସିଥାନ୍ତି । ସେମାନେ ଝିଅ ଜୋଇଁଙ୍କୁ ଖାଇବାକୁ ଦିଅନ୍ତି । ସାଧାରଣତଃ ସେମାନେ ସେହି ଦିନହିଁ ଫେରିଯାନ୍ତି । ବେଳେ ବେଳେ ରାତିଟାକୁ ଝିଅ ଘରେ ବିତେଇ ଥାନ୍ତି । ଏପରି ସ୍ଥଳେ ଆରଦିନ ବଡି ଭୋରରୁ ଫେରି ଯାଆନ୍ତି ।

**ମାଣ୍ଡାତୋଗାତପା :** ବାହୁଡା - ନୂଆବୋହୂ ସ୍ୱାମୀ ସହିତ ବେଭାର ନେଇ ବାପ ଘରକୁ ଆସେ । ବେଭାର କହିଲେ ହାଣ୍ଡିଏ ହାଣ୍ଡିଆ ବୁଝାଇ ଥାଏ । ଝିଅ ଜୋଇଁ ଆସିଲା ପରେ ଝିଅ ଘରର "ଜ୍ଵାମଡା"କୁ ଭାଗି ଦିଆଯାଏ । ବିବାହ ବେଳେ ନାଚଗୀତ ହୁଏ । ହୋମାନେ ନାଚ ଗୀତ ପ୍ରବଣ । ନାଗରା ମାଦଳ ବାଜେ । ମାଦଳ ନାଗରା ଶବ୍ଦରେ ଗାଁ ନାଚ ଆଖଡା ଉଠେପଡେ । ମାଦଳ ତାଳ ସବୁ ଏପରି ହୋଇଥାଏ -

(୧) ରୁଗୁଡ୍ ସୁଉଡ୍ ଦାଃଦ ମିସିଞ୍ଜ ସାଆସା ସୁଉଃଇ ମୁଡିଡ୍ ସାଆସ ।

(୨) ଡିଙ୍ଗ୍ ଡୁବୁଲ୍ ଡେସାଙ୍ଗ୍ ଡୁବୁଲ୍ ନାଙ୍ଗ୍ ନାଙ୍ଗ୍
ଦେସାଙ୍ଗ ଡୁବୁଲ୍ ନାଙ୍ଗ୍

(୩) କୁଦାବୁଟା ରିଇ ରିଇ୍ ପାଆସୁ ବୁଟା ଗୁଗୁମ୍ ନାଙ୍ଗ ନାଙ୍ଗ୍ ବାଲେଃ କିମିନ୍ ମେନ୍‌ତେଗେଦା (୨)

ସିମ୍‌ତାଲେ ଗଜାଇଃ ନାଙ୍ଗ୍ ନାଙ୍ଗ୍
ଜାଙ୍ଗ୍ ତାଲେ ନେମାଇଃ ନାଙ୍ଗ୍ ନାଙ୍ଗ୍

(୪) ଆଦିଙ୍ଗ୍ ବିଚାର୍ ବିଚାର୍‌ତେ
ଜ୍ଵାମଡା ବିଚାର୍ ବିଚାର୍‌ତେ
ନେନ୍ଦର କୁଇ ଗାଡି ଅକୟମେତାମ୍ ନାଙ୍ଗ୍ ନାଙ୍ଗ୍
ମିସିଞ୍ଜ୍ ମେଚାଞ୍ଜ୍ ମିସିଞ୍ଜ୍ ନାଙ୍ଗ୍ ନାଙ୍ଗ

(୫) ମାଲ୍‌ଚି ବାକାଇ ବୁଗିନ୍ ବାକାଇତାଡ୍
ବେଙ୍ଗାଲା ବାକାଇ ବୁଗିନ୍ ବାକାଇତାଡ୍
ମାଲ୍‌ଚି ଟିକିଞ୍ଜ୍ ଗଡ୍‌ତାନ୍‌ତେ
ସାଙ୍କା ଦକିଞ୍ଜ୍ ରାପୁଡ୍ କେଡ୍
ବାଙ୍ଗାଲା ଟିକିଞ୍ଜ୍ ଗଡ୍‌ତାନ୍‌ତେ
ସାଙ୍କା ଦକିଞ୍ଜ୍ ରାପୁଡ୍ କେଡ୍
ତାଦିନିଙ୍ଗ୍ ଡିବିଲ୍
ଟିନିଙ୍ଗ୍ ଡିବିଲ୍ ନାଙ୍ଗ୍ ନାଙ୍ଗ୍

(୬) ମାଣ୍ଡିବୁନୁମ୍ ଚେଟାନ୍‌ରେ (୨)
ବୁନୁମ୍ କୁଟୁଙ୍ଗବା ବୁନୁମ୍ କୁଟୁଙ୍ଗ ବା
ବାଆଚେ ମେଣମ୍ ଦଙ୍ଗ୍‌ବ ଦଙ୍ଗ୍‌ବ (୨)
ବାଲେଃ କିମିନ୍ ବାଆଚାଡ୍ (୨)
ଦିନିଙ୍ଗ୍ ଜ୍ଵାଙ୍ଗନା ଡୁବୁଲ୍
ଦେସାଙ୍ଗ ଜ୍ଵାଙ୍ଗେନା ଡୁବୁଲ୍
ଡିସିଙ୍ଗ୍ ଡିସିଙ୍ଗ୍ ନାଙ୍ଗ୍ ନାଙ୍ଗ୍

(୭) କୁଦା ସୁଲା ଦାଃ ଟିନାମ୍ ଦିପିଲ୍‌ତାନ୍
ବାରୁ ସୁଲା ଦାଃ ଟିନାମ୍ ଦିପିଲ୍ ତାନ୍
କାଟିମ୍ ବେଲିଞ୍ଜ୍ ତାନ୍ କାଟାମ୍ ତେଗାଞ୍ଜ୍ ତାନ୍
ଦାଟିଞ୍ଜ୍ ଡୁବୁଲ୍ ଡିଙ୍ଗ୍ ଡୁବୁଲ୍

(୮) ରାପୁଡ୍ ରାପୁଡ୍ ମାଆର୍ ଡାଣ୍ଡା (୨)
ମିସା ଗଃ କେନ୍ ମାଆର ଡାଣ୍ଡା (୨)
ଡିସିଙ୍ଗ ଡିସିଙ୍ଗ

(୯) ଆଦିଞ୍ଜ୍ ବିଚାର୍ ବିଚାର୍ ତେ
ଚୁଟିଆମ୍ ନିର୍‌ଚାନ୍ (୨)
ଜିଆଙ୍ଗ୍ ଟିକିଞ୍ଜ୍ ଚାଟାଞ୍ଜ୍ ଟିକିଞ୍ଜ୍
କାଃ କାଃ କିଞ୍ଜ୍ ଲାନ୍ଦାଟାନ୍ (୨)
ଦାଃ ଟିନିଲ୍ ଡିପିଲ୍ ଡିଙ୍ଗ୍ ଡିପିଲ୍

ନୂଆ ବରକନ୍ୟା ଦୁହେଁ ବିବାହ ହେବାପରେ ସାଙ୍ଗସାଥୀଙ୍କ ଗହଣରେ ନାଚ ଆଖଡାକୁ ଆସନ୍ତି । ଅନ୍ୟମାନଙ୍କ ସହିତ ହାତକୁ ଛନ୍ଦି ଅଣ୍ଟାରେ ଧରାଧରି ହୋଇ ଧାଡିରେ ନାଚନ୍ତି । ଏତିକିବେଳେ ଭାଇଭଉଣୀ, ଭାଇ ଭାଉଜ, ବାପା, ମା, ପିଉସୀ, ମାଉସୀ, ମାଇଁ ସମସ୍ତେ ନାଚରେ ସାମିଲ ହୁଅନ୍ତି । ବରକନ୍ୟା ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ବନ୍ଧୁ କୁଟୁମ୍ବ ସମସ୍ତେ ଆନନ୍ଦିତ ହୁଅନ୍ତି । ଗାଁ ସାହିର ଯୁବକ ଯୁବତୀ, ବୁଢାବୁଢୀ, ଆଖପାଖ ଗାଁରୁ ଆସିଥିବା ଟୋକାଟୋକୀ ସମସ୍ତେ ନାଚଗୀତରେ ଭାଗ ନିଅନ୍ତି ଓ ଖୁସି ହୁଅନ୍ତି । ଏହା ବନିଯାଏ ଏକ ସାମୁହୀକ ଉତ୍ସବ । ନିଜ ସମ୍ପ୍ରଦାୟର କାହାରିକୁ ଏଥିରେ ସାମିଲ ହେବା ପାଇଁ ବାରଣ କରାଯାଏ ନାହିଁ । ବିବାହ ଦିନ ଧାର୍ଯ୍ୟ ହେବା ଠାରୁ ଉଭୟ ବର ଓ କନ୍ୟା ଘରେ ରାତିରେ ନାଚଗୀତ ହୁଏ । ବିବାହ ହେବା ସାତ ଦିନ ପୂର୍ବରୁ ବର କନ୍ୟାକୁ ହଳଦୀ ତେଲ ଲେପନ କାମ ଆରମ୍ଭ ହୁଏ ପ୍ରତ୍ୟେକ ଦିନ ସନ୍ଧ୍ୟାବେଳେ ବରକନ୍ୟାଙ୍କୁ ନିଜଘର ଅଗଣାରେ ପଟିଆରେ ବସେଇ ତେଲ ହଳଦୀ ହାତ ଗୋଡ ମୁହଁରେ ମଖେଇ ଦିଆଯାଏ । ଏ କାମ କରନ୍ତି ସଧବା ଭାଉଜମାନେ । ତେଲ ହଳଦୀ ଲଗେଇବା ବେଳେ ବର ଓ କନ୍ୟାର ଜଣେ ଜଣେ ସଙ୍ଗୀ ଥାନ୍ତି ବରର ପୁଅ ସାଙ୍ଗ ଥାଏ ଓ କନ୍ୟାର ଝିଅ ସାଙ୍ଗ ଥାଏ । ଏମାନେ ବିବାହ ସରିବା ପର୍ଯ୍ୟନ୍ତ ବର ଓ କନ୍ୟାର ସାଥୀ ହୋଇରହନ୍ତି । ଏମାନଙ୍କୁ "ଲୁକୁନ୍ଦି" କୁହାଯାଏ ।

ହୋ ସଂସ୍କୃତିର ବିଶେଷତ୍ୱ ହେଲା ମାମୁଁ ଝିଅ ବା ପିଉସୀ ଝିଅକୁ ବିଭାହୋଇ ପାରିବା । ମାମୁଁ, ପିଉସା ଓ ଶ୍ୱଶୁରଙ୍କୁ ସମ୍ବୋଧନ କରାଯାଉଥିବା ଶବ୍ଦ ହେଉଛି "କୁମା" । ଠିକ୍ ସେହିପରି ମାଇଁ ପିଉସୀ, ଶାଶୁଙ୍କୁ ସମ୍ବୋଧନ କରାଯାଉଥିବା ଶବ୍ଦ ହେଉଛି "ହାତମ୍" ।

ମାମୁଁ ପୁଅ ଓ ପିଉସୀ ଝିଅ କିମ୍ବା ପିଉସୀ ପୁଅ ମାମୁଁ ଝିଅ ମଧ୍ୟରେ ଟାହିଟାପରା ଥଟ୍ଟା ତାମସା ଚାଲେ । ଏପରି ହେଉଥିଲେ ଦେଖଣାହାରୀମାନେ ଏପରି କହୁ ଥିବା ଶୁଣାଯାଏ । କୁମା ହାତମ୍ ହନ୍‌କ ଲାପାନ୍ଦା ତାନା" ଏପରି ମଧୁର ସମ୍ପର୍କକୁ ଦର୍ଶାଉଥିବା ଗୀତ

(୧) ଜାଇଃ କାକ ମେତାଞ୍ ରେୟ
ଜେତାଇଃ କାକ ମେତାଞରେୟ
ହାତମ୍ ଇଞାଃ ହନଗେୟ ତୁଙ୍ଗିଇ ମେତାଞାଃ
(ମାଗେଦୁରାଂ)

ଓଡ଼ିଆ – ଯିଏ ପଛେ ଯାହା କହୁ ମୋର କି ଯାଏ
ମୋ ପିଉସୀ ଝିଅ ମତେ ଚୁଙ୍ଗି ଡାକି ଦିଏ
ମୁଁ ତାକୁ ଭଲ ପାଏ ।
ଜାଣେ ମୋ ପାଇଁ ସିଏ ॥

(୨) ବୁରୁନା ରେଦ କୁଲାକ ମେନାଃଆ
ଗାଡାନା ରେଦ ବିଙାକ ମେନାଃଆ
ବାଉରି ହାଲାଇ ମାମୁରବେଟି
ମିସାଗ ଚେଲାଙ୍ଗ୍ ଆ –

ଓଡ଼ିଆ – ବଣ ପଟେ ଗଲେ ପଡିବୁ
ବାଘ ହାବୁଡେ ଯାଇ
ସାପ ଦେବ କାମୁଡି
ପାରି ହେଲେ ତୁ ନଈ
ଅବୁଝା ହୁଅନା ମୋ ମାମୁଁ ଝିଅ ।
ତରତର ତୁହି କେବେ ନହୁଅ ॥
ଅଟକି ଯାଟିକେ ସାଥି ହୋଇଯିବା
ଆଉ କେଉଁଥିକି ନଥିବ ଭୟ ॥

ବିବାହକୁ ନେଇ କେତେଗୁଡିଏ ଲୋକଉକ୍ତି –

(୧) "ଫୁଟଉଆକାନ୍ ବା ତାଃରେ ଉରୁକ ବିୟୁରେନ୍" ହାପାନୁମ୍ ପା କୁଲିକାଜି
ଫୁଟିଥିବା ଫୁଲ ପାଖରେ ଭଅଁର ଘୁରି ବୁଲିବା

ଯୁବତୀକୁ ବୋହୂ କରିନେବା ପାଇଁ ପ୍ରାଥମିକ ଖୋଜ ଖବର ନେବା -

(୨) "ସିଞ୍ଜ ସୁବା ଦାରୁ ସୁବାତଃ
ବାଲା ସାକାଓଃ
ଗଛ ପାଖରେ ହେବା (ସାହାରା ନେବା)
ଝିଅ ପୁଅକୁ ବିଭା କରିବା ।

(୩) "ଆଦଆ ଚାଉଲି ତିକି ଚାଉଲି ମିସାଏ"
ରାଣ୍ଡିୟାନ୍ ହ ଡିଂଡା ହାପାନୁମ୍ ନାମ୍
ଅରୁଆ ଚାଉଳରେ ଉସୁନା ଚାଉଳ ମିଶାଇବା
ରାଣ୍ଡ ଯୁବତୀ ଝିଅକୁ ବିଭା ହେବାକୁ ଇଚ୍ଛା କରିବା

(୪) "ବୁର୍‌ଦୁଡ୍‌କ ଆପରବୟାନ୍‌ରେ ବୁନୁମ୍
ଏଚେ ଅଃଲେ"
ହାପାନୁମ୍ କ ହ ଚାଃ ନିର
ଝଡିପୋକର ପର ହେଲେ ଉଇହୁଙ୍କାରୁ ବାହାରିବ ।
ଯୁବତୀ ଚାଲେଇଯାଇ ବିବାହ କରିବ ।

(୫) "ଦାଃ ସାକାମ୍ ନାମ୍"
ଏରା କିରିଞ୍ଜ୍ ଏରା ଲାଗିଡ୍ କୁଲିକାଜି
ପାଣିପତ୍ର ଖୋଜିବା

ପୁଅ ପାଇଁ ବୋହୂ ଖୋଜିବା ପାଇଁ ପ୍ରାଥମିକ ଖୋଜ ଖବର ନେବା

(୬) "ତାରାନ୍‌ରେ ଇକେନ୍"
ବାଲା ବୁହୁଲାଗିଡ ଡିୟାଙ୍ଗ୍ ଗଃଇଡେ
"କାନ୍ଧରେ ଭାରଦେବା"
ନୂଆବନ୍ଧୁମାନଙ୍କ ପାଇଁ ହାଣ୍ଡିଆ କାନ୍ଧେଇ ନେବା

(୭) "ନାମା ଦାଃ କାଳବ ଦାଳ"
ବାଲାକ କାଟା ଆବୁଙ୍ଗ୍ ଚାନରେ ବାଡ୍‌କ
ନୂଆପାଣି କଙ୍କଡା ଗୋଡରେ ଭିଡି ଧରିବା
ଗୋଡ ଧୋଇଲା ବେଳେ ବନ୍ଧୁମାନଙ୍କ ପାଖରୁ
ଉପହାର ଦାବି କରିବ ।

◆◆◆

ଅଗ୍ରଣୀ ବ୍ୟାଙ୍କ୍ , ବ୍ୟାଙ୍କ୍ ଅଫ୍ ଇଣ୍ଡିଆ,
ବାରିପଦା, ମୟୂରଭଞ୍ଜ

# 'କୋୟା' ଜନଜାତି ସଂସ୍କୃତିରେ ବୈଚିତ୍ର୍ୟମୟ ବିବାହ ବ୍ୟବସ୍ଥା

ଶ୍ରୀ ଧନଞ୍ଜୟ ସ୍ୱାଇଁ

ପୁରାଣବର୍ଣ୍ଣିତ ମାଲ୍ୟବନ୍ତଗିରି ୧୯୯୨ ପରଠାରୁ ଜିଲ୍ଲାର ମାନ୍ୟତା ପାଇ ମାଲକାନଗିରି ଜିଲ୍ଲା ଭାବରେ ଏକ ସ୍ୱତନ୍ତ ପରିଚିତ ନେଇ ଜନ୍ମଲାଭ କରିଅଛି । ଜିଲ୍ଲାର ଜନ୍ମଜାତକକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏବେ ମଧ୍ୟ ଏ ଜିଲ୍ଲା ତାର ଆଦ୍ୟ କୈଶୋର ଅବସ୍ଥାକୁ ଅତିକ୍ରାନ୍ତ କରି ନାହିଁ । ପଥଚାରୀ ହେଉ କିମ୍ବା ଦୂରାଗତ ଭ୍ରମଣକାରୀ ହେଉ, ଦଣ୍ଡେ ଅଟକିଯାଏ ଦେଖି ଦେଲେ ଏହାର ଓଟକୁଜିଆ ପାହାଡ଼ ଉପରେ ଲାଖିଥିବା କଷି କଷି ମେଘ, ଅଳସୀ କ୍ଷେତରେ ଖରା, ଝୋଲାପାଣିକୁ ଛୁଇଁ ଛୁଇଁ ଯାଉଥିବା ବାଟଭୁଲା ପବନ, ଧୁଙ୍ଗିଆ କ୍ଷେତ୍ରରେ କୁହୁଡି ଚାଦର ମଲ୍ଲୀ ଫୁଲର ଡ଼େମ୍ଫରେ କଳା ଭଅଁର, ଯୁଆନ୍ ଧାଙ୍ଗିଡୀର ଅନୁଚାରିତ ପ୍ରେମ ଆକର୍ଷଣ, ତା କୁରେଇ ଫୁଲର ଖୋସା... ଇତ୍ୟାଦି । ଏହାର ପୁରାଣ ପ୍ରସିଦ୍ଧ ବିଭବମୟ ବଡ଼ଯାତ୍ରା, ଭୈରବ ଉପାସନାର ପରମ୍ପରା, ବଣ୍ଡା, ଡିଡାୟୀ ଓ କୋୟା ପ୍ରଭୃତି ଆଦିମ ଜନଜାତିମାନଙ୍କର ବିସ୍ମୟକର ଜୀବନଚର୍ଯ୍ୟା, ବିଜ୍ଞାନର ବିସ୍ମୟ ବାଲିମେଲାର ଜଳବିଦ୍ୟୁତ ପ୍ରକଳ୍ପଠାରୁ ଚିତ୍ରକୋଣ୍ଡାର ମାଟିବନ୍ଧ ଯାଏଁ, ସତୀଗୁଡ଼ାର ଶୀଳାବନ୍ଧଠାରୁ ସପ୍ତଧାରାର ସୂର୍ଯ୍ୟାସ୍ତ ଯାଏଁ, ଚିତ୍ରକୋଣ୍ଡା ଜଳଭଣ୍ଡାରର ଜଳଘେରୀର ଆରପଟେ ଥିବା ଜଳବନ୍ଦୀ ମଣିଷଠାରୁ ମୋଟୁର ସଂଗମସ୍ଥଳୀ ଯାଏ ଏକ ବହୁରଙ୍ଗୀ ବିଚିତ୍ର ବର୍ଣ୍ଣା ଭାବରେ ପ୍ରତିଭାତ ହୋଇଛି ମାଲକାନ୍‌ଗିରି ପର୍ଯ୍ୟଟକ ପାଖରେ ।

ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବଣ୍ଡା, ଦିଦାୟୀ, ପରଜା, ଗଦବା, ଭୂମିଆ ଓ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନଙ୍କ ମଧ୍ୟରେ 'କୋୟା' ସମ୍ପ୍ରଦାୟ ଏକ ସୁବୃହତ୍ ଜନଜାତି ଭାବରେ ଏଠାରେ ବସବାସ କରିଥାନ୍ତି । ସେମାନଙ୍କର ଜୀବନଯାତ୍ରା, ଲୋକାଚାର, ଧର୍ମ, ସାମାଜିକ ଚଳଣି, ପର୍ବପର୍ବାଣୀ, ଲୋକମୁଖରୁ ଲୋକମୁଖକୁ ଗଡି ଆସୁଥିବା ଢଗଢମାଳି, ଲୋକଗୀତ ଓ ଲୋକ ନାଟକରେ ସେମାନଙ୍କର ସଂସ୍କୃତି ନିହିତ । ସେମାନଙ୍କର ନୃତ୍ୟ, ଗୀତ, ଖାଦ୍ୟପେୟ, ବେଶଭୂଷା, ସାମାଜିକ ପ୍ରଥା, ବିବାହ ପରମ୍ପରାରେ ସେମାନଙ୍କର ସଂସ୍କୃତି ପ୍ରତିଫଳିତ - ଯାହା ଓଡ଼ିଶାର ସଂସ୍କୃତିକୁ ଋଦ୍ଧିମନ୍ତ ତଥା ପରିପୁଷ୍ଟ କରୁଅଛି । ଏମାନେ ମୁଖ୍ୟତଃ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାଠାରୁ ଓଡ଼ିଶାର ମାଲକାନଗିରି ଓ ଆନ୍ଧ୍ରପ୍ରଦେଶର ଗୋଦାବରୀ ଜିଲ୍ଲାର ଉତ୍ତରାଞ୍ଚଳକୁ ନେଇ ବିସ୍ତୃତ ପୂର୍ବଘାଟ ପର୍ବତମାଳାର ମାଳ ଅଞ୍ଚଳରେ ବାସ କରୁଛନ୍ତି । ସେମାନେ ପାଞ୍ଚଗୋଟି ଗୋଷ୍ଠୀରେ ବିଭକ୍ତ ଯଥା : ମାଡକାମି, ମାଡି, ପଡିଆମି, କବାସୀ ଓ ସୋଡି । ଆଲୋଚ୍ୟ ପ୍ରସଙ୍ଗଟିରେ କେବଳ ସେମାନଙ୍କର ବିବାହ ପରମ୍ପରା ଉପରେ ଆଲୋକପାତ କରାଯାଇଅଛି ।

## ପେଣ୍ଡୁଲ୍ :

(ପାରିବାରିକ ସ୍ୱୀକୃତି ଥାଇ ପ୍ରସ୍ତାବିତ ବିବାହ)

କୋୟା ଆଦିବାସୀମାନେ ସାଧାରଣତଃ ବଡ଼ଯାତ୍ରା (ଦୋଳଯାତ୍ରା ସମୟରେ ପାଳିତ ହେଉଥିବା ଏକ ଉତ୍ସବ) ପରେ ପରେ ବଡ଼ ମାହାପୁରୁ ମାଲକାନଗିରି ଛାଡ଼ି ମାନ୍ୟମ୍ କୋଣ୍ଡା ଅଭିମୁଖେ ଯାତ୍ରା କଲାପରେ ଏମାନେ ବିବାହ ଆୟୋଜନ କାର୍ଯ୍ୟରେ ଲାଗିପଡିଥାନ୍ତି । ଦ୍ୱିତୀୟରେ, ଭୀମୁଡୁ ପର୍ବ

(ପୁଷ୍ପପରବ) ପରେ ଫସଲ ଅମଳ ଦାମଳ ପରେ କୋୟାଲୋକମାନେ ବିବାହ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । କନିଆ ଦେଖି ଯିବା ସମୟରେ ପୁଅର ବାପ, ମା ଓ ତିନିଚାରିଜଣ ଜ୍ଞାତି ପରିଜନଙ୍କୁ ନେଇ ସାଥିରେ ଲନ୍ଦା ହାଣ୍ଡି (ମଦହାଣ୍ଡି) ଧରି ଯାଇଥାନ୍ତି । ମଦ ସେମାନଙ୍କର ସାମାଜିକ ଚଳଣିରେ ମାନ୍ୟତାର ସୂଚକ । ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଲାଗିଥାଏ । ଉଭୟ ପରିବାରର ସ୍ୱୀକୃତି ମିଳିଲା ପରେ ପୁଅଘର ଲୋକେ ଝିଅଘର ଗାଁ ତଥା ସମାଜପାଇଁ ଭୋଜିଠାରୁ ଆରମ୍ଭ କରି ତା'ର ମା' ମାମୁଁ ଓ ବଡ଼ ଭଉଣୀ ପରି ମାନ୍ୟତା ଥିବା ଲୋକଙ୍କ ପାଇଁ ମଦ, ଛେଳି, କୁକୁଡ଼ା, ବଳଦ ଓ ଚାଉଳ ଇତ୍ୟାଦି ଆୟୋଜନ କରି ଆଉଥରେ ଝିଅଘରକୁ ଯାଇ ଦେଇ ଆସନ୍ତି । କୋୟା ଭାଷାରେ ତାକୁ ମଦ୍‌କୁଣ୍ଡା (ମଦହାଣ୍ଡି), ଗୁଡ୍‌କାଲ୍ ଚିନ୍‌କାଲ୍ ଓ ସିଲ୍‌କାଲ୍ (ଗୁଡମଦ, ଚିନିମଦ ଓ ସିଲ୍ ହୋଇଥିବା ମଦ), ଗରବାକାଲ୍ (ସଲପ), କୋର୍କ (କୁକୁଡ଼ା), ପୋଦାଦ୍ କୋର୍କ (ବଡ଼ଶାଳୀ ପାଇଁ କୁକୁଡ଼ା) ନାତ୍ ମେଣ୍ଡ ନୁକା (ମାମୁଁ ପାଇଁ ଏକମାଣ ଚାଉଳ), ମେନାକନ୍ଦା (ମାମୁଁ ପାଇଁ ଗୋଟିଏ ବଳଦ), ପୋଏ ଶିଲେ (ଶାଶୁପାଇଁ ଶାଢୀ), ପୋଏ ଲନ୍ଦ୍ କୁଣ୍ଡା (ଶାଶୁ ପାଇଁ ମଦ), ପୋଏ କୋର୍କ (ଶାଶୁ ପାଇଁ କୁକୁଡ଼ା) ରେଣ୍ଡ୍ ମେକା (ଗାଁଲୋକ ଭୋଜିପାଇଁ ଦୁଇଟି ଛେଳି) ଇତ୍ୟାଦି ।

ଏହାପରେ ଆରମ୍ଭ ହୁଏ ଲନ୍ଦା କୁଟାକୁଟି କାର୍ଯ୍ୟ, ଏକ ଭିନ୍ନ ଶୈଳୀରେ ପ୍ରସ୍ତୁତ ମଦ । ବଟା ହଳଦୀ (କାମ୍‌କା) ଓ ତେଲ (ନିଉ) ମିଶାଇ କନ୍ୟାକୁ ଗାଧୋଇ ଦିଆଯାଏ । କୋୟା ଭାଷାରେ ଏହାକୁ 'ପୁଟେଏରେ' କୁହାଯାଏ । ଉପକୂଳ ଓଡ଼ିଶାର ବିବାହ କାର୍ଯ୍ୟ ସମୟର ବାଡ଼ୁଅପାଣି ଗାଧୋଇବା ସହିତ ଏହା ତୁଳନୀୟ । ଏହି ସମୟରେ ବିଭିନ୍ନ ନାଚଗୀତ ମାଧମରେ ସେମାନେ ଏହି କାର୍ଯ୍ୟଟିକୁ ସମ୍ପନ୍ନ କରିଥାନ୍ତି । ଏଇ ଗୀତଟିକୁ ଲକ୍ଷ୍ୟ କରନ୍ତୁ :

"ନିମ୍ମା ଇଙ୍ଗା ନିମ୍ମାଲେ, ନିମ୍ମା ଇଙ୍ଗା ନିମ୍ମାଲେ
ନାନଲେ ଓୟାଲେ,
କେଲାକନି ନାନ୍‌ଲେ, କେଲାକନି ନାନ୍‌ଲେ
ନାନ୍‌ଲେ ଓୟାଲେ
ମାନା ୟାୟନ୍ ଲନ୍ ନାନ୍, ମାନା ୟାୟନ୍ ଲନ୍
ନାନାଲେ ଓୟାଲେ
ଗାଲ୍ ଓ୍ୱାତ୍ କେ ଆଟନାନ, ଗାଲଓ୍ୱାଟକେ ଆଟ
ନାନ୍‌ଲେ ଓୟାଲେ"

ମର୍ମାନୁବାଦ :

"ରେ ସାଥି ! ଆମ କପାଳ ତ ଛୋଟ
କେତେ ସୁଖେ ଥିଲେ ଆମେ
ସବୁଦିନେ ହେଉଥିଲା ଭେଟ
ଏବେ ତୁ ପୁରୁଣା ସାଥି,
ବାପ, ମା, ଗାଁର ପୀରତି
ସବୁକୁ ତୁ ପର କରି
ନୂଆକରି ସଂସାର ଗଢ଼ିବୁ
ନୂଆ ସାଥି ପାଇଲେ ବି
ଆମକୁ ତୁ ପର ନ କରିବୁ ॥"

ଗୀତଟିରେ ସାମାଜିକ ବନ୍ଧନ ଓ ଆବେଗର ତୀବ୍ରତା, ଲୋକାଚାର, ସାମାଜିକ ଶୃଙ୍ଖଳା – ଯାହା ପାରିବାରିକ ତଥା ସାମାଜିକ ଜୀବନକୁ ସୁଦୃଢ଼ କରିବା ସହିତ ନୀତିନିଷ୍ଠ କରିବା ପାଇଁ ପ୍ରେରଣା ଯୋଗାଇଥାଏ ।

ଆଉ ଗୋଟିଏ ଗୀତ ଲକ୍ଷ୍ୟ କରନ୍ତୁ :

"ମା ଲୋନ୍ ଇକେ ମା ଲୋନ୍ ଇକେ
ବେ କନି ଦାଚି ବୟାନୁନି ବାୟାଲେ
କେଇମା ନୁନି କେଇମା ନୁନି
ବାଚାକେ କେଇଚିନି ନୁନିଲେ କାୟା
ମା ନୁନିଲେ ମା ନୁନିଲେ ନୁନିଲେ ବାୟା
ସାଏ ଲୋକ୍ ଦୁଆଇ ମାଟିନାନ୍ ମାଟିନାନ୍
ମା ନୁନିଲେ"

ମର୍ମାନୁବାଦ :

"ରେ ବାନ୍ଧବୀ,
ସୁଖରେ ସଂସାର କର
ଜୀବନକୁ ଉପଭୋଗ କର
ଲୁହପୋଛି ଖେଳାଇ ଦେ ହସର ଲୁଆର
ଜୀବନ ସାଥିକୁ ତୋର କରି ଆପଣାର ॥"

କନ୍ୟା ବିଦାୟ କାଳୀନ ଏହି ଗୀତର ପ୍ରବୋଧନ ଭିତରେ ଯେଉଁ ଶିକ୍ଷଣୀୟ ଉପଦେଶ ଭରି ରହିଛି ତାହା ନିଶ୍ଚିତ ଭାବରେ ଅନୁକରଣୀୟ । କନ୍ୟାର ପତିଗୃହ ଯାତ୍ରା ସମୟରେ ବାପଘର ମମତାକୁ ଛିନ୍ନ କରିବାର ଯେଉଁ ଦୁଃଖ ଏକ କାବ୍ୟିକ ପ୍ରବଣତା ମାଧ୍ୟମରେ ତାହା ମନକୁ ଆନ୍ଦୋଳିତ କରିଥାଏ ।

ଆଉ ଗୋଟିଏ ପ୍ରାଣସ୍ପର୍ଶୀ ଓ ଆବେଗମୟ ଗୀତଟିକୁ ଲକ୍ଷ୍ୟ କରନ୍ତି ।

"ବଡ୍ଡେ ଗାଟାଡ୍ ପଡ୍‌ଦେଲେ
ଟେଲେ ପଡବ୍ ଡିଗର ମନ୍ଦେଲେ
ଟେଲେ ! ଆଦାନା ଆରାର୍ ଦୁରାମ୍
ଟେଲେ ମାଲୁ ଡ଼ାକା ନାଡ୍‌କୋଲେ"

ଉପରୋକ୍ତ ଗୀତଟିରେ କନ୍ୟାର ସାଥିମାନେ ତାର ବାନ୍ଧବୀଟିକୁ ମୟୂର ଭଳି ଲମ୍ୱଲମ୍ୱ ପାହୁଣ୍ଡ ପକାଇ ଆଗେଇ ଚାଲିବା ପାଇଁ କହୁଛନ୍ତି; ଯେହେତୁ ସମୟ ଅତିକ୍ରାନ୍ତ, ସୂର୍ଯ୍ୟ ଅସ୍ତମିତ ପ୍ରାୟ । ଏଠାରେ ସୂର୍ଯ୍ୟ ଓ ମୟୂରର ପ୍ରତୀକ ସାହାଯ୍ୟରେ ଏଠାରେ ଏକ ଚମତ୍କାର ରୂପକଛଟିଏ ସୃଷ୍ଟିହୋଇ ପାରିଛି । ବାସ୍ତବରେ ସଂସାର ଏକ ଅନ୍ଧକାର ଗଳି । ଏଥିରେ ପ୍ରବେଶ ପାଇଁ ଗତି ତୀବ୍ର ହେବା ଆବଶ୍ୟକ । ଏଠାରେ ପ୍ରାକ୍ ବିବାହ କାଳକୁ ସୁଖ ଆନନ୍ଦ ଓ ଆଲୋକର ଦିନ ଭାବେ ଓ ବିବାହୋତ୍ତର ସାଂସାରିକ ଝଞ୍ଜାଳକୁ ଅସ୍ତମିତ ସୂର୍ଯ୍ୟପରର ଅନ୍ଧକାରପୂର୍ଣ୍ଣ ରାତ୍ରିଭାବେ ପରିକଳ୍ପନା କରାଯାଇଛି । ବିବାହ ପ୍ରସ୍ତାବଟିଏ ଆସିଲେ କନ୍ୟାପିତା ଯେପରି ଝିଅର ସୁଖ ଓ ସମୃଦ୍ଧି ପାଇଁ 'ବର ଓ ଘର' କଥା ଦେଖେ, ଏହି ନିମ୍ନଲିଖିତ ପଙ୍‌କ୍ତିରେ ସେହି କଥାର ପରିକଳ୍ପନା କରାଯାଇଛି ।

"ଦା ନୁନି ନି ମାମାଲ ଲୋନ୍ ମିନ୍ଦେ
ନି ମାମାଲ ଲୋନ କେହେତେ କୁଟା ମିନ୍ଦେ
ଆଲଟା କୁସା ମିନ୍ଦେ
ଗୋଡ୍ ଗାଡସାଟ୍ ମିନ୍ଦେ
ନି ମାମାଲ ଲୋନ ଟିଳିକିନି"

କନ୍ୟାର ସାଙ୍ଗସାଥିମାନେ ବିଦାୟ କାଳରେ କହୁଛନ୍ତି, ତୋ ଶ୍ୱଶୁର ଘର ଭଲ ଭଲ ଧାନ କ୍ଷେତ ଅଛି । ଗୋରୁ, ଗାଈ ବେଶୀ ଅଛନ୍ତି । ବୁଣା ଯାଇଥିବା ବଡ଼ ବଡ଼ ଟୋକେଇ ଅଛି । ତୋତେ କି ଚିନ୍ତା, ତୁ ଖାଇପିଇ ଭଲରେ ରହିବୁ ।

ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିକାଂଶ ଆଦିବାସୀ ସମ୍ପ୍ରଦାୟରେ ମାମୁଁ ଝିଅକୁ ବାହାହେବା ପରମ୍ପରା ରହିଛି । ଏଣୁ ମାମୁଁ ଝିଅ ଉତ୍ତମ ପାତ୍ରୀ ଭାବେ ବିବେଚିତା । ଏ ସମ୍ପର୍କିତ ପ୍ରବାଦଟି :

"ମାମାଁଝି ଗୁଡ୍‌ପି"
ଅର୍ଥାତ୍ ମାମୁଁ ଝିଅ ଗୁଡ଼ଘିଅ ପରି ଭଲ ।

ଝିଅ ପୁଅର ମିଳନ ପୂର୍ବରୁ ଓ୍ୱାଡ଼େ (ଶିରା ବା ଗୁଣିଆ) ଙ୍କର ପରାମର୍ଶ କ୍ରମେ ଦିନସ୍ଥିର କରାଯାଏ । ତାକୁ 'କାଲପନାଟ୍' କୁହାଯାଏ । ପୁଅର ସାଙ୍ଗ ଓ ଝିଅର ସାଙ୍ଗସାଥିମାନେ ଏ ମିଳାମିଶାରେ ସାହାଯ୍ୟ କରିଥାନ୍ତି । ସେଇ ସାଙ୍ଗସାଥିମାନଙ୍କୁ କୁକୁଡା ଦେଇ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ତାକୁ 'ଏଡ଼େଙ୍ଗା କୋର୍କ' କୁହାଯାଏ ।

ଆରମିର୍ ନାଦ୍ : (ପାରିବାରିକ ସ୍ୱୀକୃତି ନଥାଇ ପାଳିଗଲା ବିବାହ)

ଏ ପ୍ରକାର ବିବାହରେ ଝିଅ ପୁଅ ଉଭୟେ ସ୍ୱ-ଗୃହରୁ ପଳାୟନ କରି ବନ୍ଧୁବାନ୍ଧବଙ୍କ ଘରେ ଆତ୍ମଗୋପନ କରିରହିଥାନ୍ତି । ପରେ ପିତା, ମାତା ଓ

ବନ୍ଧୁ ବାନ୍ଧବ ଲୋକେ ଖୋଜା ଖୋଜି କରି ପୁଅଝିଅଙ୍କୁ ଆଣି ବିବାହ କରିଥାନ୍ତି । ପରେ ପାଇବାରିକ ସ୍ୱୀକୃତି ମିଳିଥାଏ ।

ପୋଇସ୍‌ଲାଗି ଅତାଦେ: (ଝିଙ୍କାଟଣା ବିବାହ)

ଯାନିଯାତ୍ରା, ମଣ୍ଡେଇ ଉତ୍ସବ ହେଉଥିବା ସ୍ଥାନମାନଙ୍କରେ ପୁଅ ଝିଅକୁ ମନାଇ ବିବାହ କରିଥାଏ । ଏଥିରେ ପାରିବାରିକ ସ୍ୱୀକୃତି ପରେ ମିଳିଥାଏ । ବିବାହ ପରେ ପୁଅ ସହିତ ଯଦି ଝିଅର ମନ ନ ମାନିଲା ତେବେ ଝିଅ ଲୁଚିକରି ବାପଘରକୁ ଚାଲିଆସେ ।

ନେଡ଼େମ୍ କେରସପି ପେଣ୍ଡୁଲ ମାଡ଼ନାତ୍ : (ବାଲ୍ୟବିବାହ)

ଏ ପ୍ରକାର ବିବାହ ବ୍ୟବସ୍ଥାରେ ବାଲ୍ୟାବସ୍ଥାରୁ କନ୍ୟାପିତା ଓ ବରପିତା ପୁଅ ଝିଅଙ୍କୁ ମାଳି ପିନ୍ଧାଇ ସାମାଜିକ ଅଙ୍ଗୀକାର ସହ ଏକ ପ୍ରକାର ସ୍ୱୀକୃତି ଦେଇଥାନ୍ତି । ଫଳରେ ପୁଅଝିଅଙ୍କର ବୟସପ୍ରାପ୍ତିପରେ ସେମାନଙ୍କ ଘରକୁ ବୈବାହିକ ସମ୍ପର୍କ ସ୍ଥାପନ କରିବାକୁ କେହି ଯାଆନ୍ତି ନାହିଁ ।

ଏଙ୍ଗେ ମୁତେମ୍ ଅତାଦେ : (ବଡ଼ ଭାଇର ମୃତ୍ୟୁ ପରେ ଦିଅର ଭାଉଜଙ୍କୁ ବିବାହ କରିବା ପ୍ରଥା)

କୋୟା ସମାଜରେ ଏ ପ୍ରକାର ବିବାହର ପ୍ରଚଳନ ଥିଲେ ମଧ୍ୟ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖାଯାଏ । ଏ କ୍ଷେତ୍ରରେ ଦିଅରକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ ନାହିଁ । କାରଣ ବଡ଼ଭାଇର ବିବାହ ସମୟରେ ଅନେକ ଖର୍ଚ୍ଚକରି ବିବାହ ହୋଇଥାଏ । ଏରୂପିକି ଚମ୍ୟାଟକତନ୍ (ସ୍ତ୍ରୀ, ମୃତ କିମ୍ବା ଜୀବିତ ଅବସ୍ଥାରେ ଶାଳୀକୁ ରଖିବା)

ଶାଳୀକୁ ମନାଇ କିମ୍ବା ଝିଙ୍କିନେଇ ପୁଅ ଏ ପ୍ରକାର ବିବାହ ଉପରୋକ୍ତ ପେଣ୍ଡୁଲ୍ ପ୍ରକ୍ରିୟାରେ କରିଥାଏ ।

ଆବାଦ୍ ମୁତେମ୍ ପେଣ୍ଡୁଲ୍ (ଦ୍ୱିତୀୟ ବିଭା)

ନିଜ ସ୍ତ୍ରୀର କୌଣସି କାରଣ ବଶତଃ ପିଲାପିଲି ନ ହେଲେ, ସ୍ତ୍ରୀ ରୋଗାକ୍ରାନ୍ତ ହେଲେ କିମ୍ବା ରୋଜଗାରକ୍ଷମ ହୋଇ ନ ପାରିଲେ ଏ ପ୍ରକାର ବିବାହ ହୋଇଥାଏ ।

ମାର୍ଷିନାଦ୍ ପେଣ୍ଡୁଲ୍ : (ବଦଳ ବିଭା)

ଏ ପ୍ରକାର ବିବାହରେ ପୁଅ ନିଜ ଭଉଣୀକୁ ଅନ୍ୟ ଜଣଙ୍କୁ ଦେଇ, ତା'ର ଭଉଣୀକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରେ ।

ରାଣ୍ଡ଼ି ମୁତେମ୍ କାର୍‌ସା : (ବିଧବା ବିବାହ)

ଏ କ୍ଷେତ୍ରରେ ବିଧବାକୁ ବିବାହିତ ପତ୍ନୀର ମର୍ଯ୍ୟାଦା ଦେଇ ରଖାଯାଏ । ପରେ ସାମାଜିକ ସ୍ୱୀକୃତି ମିଳିଥାଏ ।

କାଇଦେ ମୁତେମ୍ ଅଦାଦେ : (ପରସ୍ତ୍ରୀ ଗ୍ରହଣ ପ୍ରଥା)

ସାମାଜିକ ଦୃଷ୍ଟି କୋଣରୁ ଏ ପ୍ରକାର ବିବାହ ଅତୀବ ନିନ୍ଦନୀୟ ହେଲେ ମଧ୍ୟ କୋୟା ସମାଜରେ ଏ ପ୍ରକାର ବିବାହ ଦେଖିବାକ ମିଳେ । ଏଥିରେ ପୁଅକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ ।

ଏହିପରି ଭାବରେ ସାମାଜିକ ଜୀବନରେ ବିଶ୍ୱାସ ରଖୁଥିବା କୋୟାମାନେ ଅଧିକ ନାଚଗୀତ ପ୍ରିୟ ଓ ସରଳବିଶ୍ୱାସୀ । ଅନେକ ଅଭାବ କଷଣ ସତ୍ତ୍ୱେ ସେମାନେ ଭାବନ୍ତି – "ଜୀବନରେ ସୁଆଦ ଅଛି – ମରଣ ନାହିଁ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

# "ଗଁଡ୍ ମାନଙ୍କ ବିବାହ ରୀତି ।"

ଶ୍ରୀ ସୁର୍ବାସ ଚନ୍ଦ୍ର ମିଶ୍ର

ଓଡ଼ିଶା ପ୍ରଦେଶର ନବରଙ୍ଗପୁର ଜିଲ୍ଲାର ଉମରକୋଟ ତହସିଲ ଅନ୍ତର୍ଭୁକ୍ତ ଉମରକୋଟ, ରାଇଘର, ଝରିଗା, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ପରିସୀମା ମଧ୍ୟରେ ବହୁ ସଂଖ୍ୟାରେ ଗଁଡ ଜନଜାତି ବାସ କରନ୍ତି । ନବରଙ୍ଗପୁର ଜିଲ୍ଲାର ଜନଜାତିଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ସର୍ବାଧିକ ।

ନବରଙ୍ଗପୁର ଜିଲ୍ଲାର ଗଁଡ୍ ମାନେ ୧୪୦୦/୧୫୦୦ ଖ୍ରୀଷ୍ଟାବ୍ଦ ବେଳକୁ ମଧ୍ୟଭାରତର (ଯେଉଁଅଞ୍ଚଳ ସାତପୁରା ପର୍ବତ ମାଳା ଠାରୁ ଗୋଦାବରୀ ନଦୀ ଅବବାହିକା ଯାଏ ପରିବ୍ୟାପ୍ତ), ଯାହା ଗୋଣ୍ଡୱାନା ନାମରେ ପରିଚିତ ଥିଲା, ଆସି ଏଠି ବସବାସ କରିଥିଲେ । ଏଠା ଗଁଡ୍ ମାନଙ୍କ ମଧ୍ୟରେ ବହୁ ଜାତି, ପ୍ରଜାତି ଦେଖାଯାନ୍ତି । ଗଁଡ୍, ମାନଙ୍କ ଗୋତ୍ର ସନ୍ତକ ମଧ୍ୟରେ ବହୁ ଜୀବ ଜନ୍ତୁ ଓ ଦେଓ (ଦେବତା)ଙ୍କ ନାମ ଆସେ ଏବଂ ଏମାନେ ନିଜକୁ ଗାଡିଲ ଗଁଡ୍ ଋତ୍ରିଗଁଣ୍ଡ, କଶ୍ୟପ ଗଁଡ୍, ପୁଲହ୍ ଗଁଡ୍, ପୁହୁପ୍ ଗଁଡ୍, ଭରଦ୍ୱାଜ ଗଁଡ୍, ପୁଲସ୍ତ୍ୟତ୍ ଗଁଡ ବଂଶର ବଂଶଧର ତଥା ,ମାନେ ଅଗ୍ନି ଅଂଶରୁ, ଜଳ ଅଂଶରୁ, ବାୟୁ ଅଂଶ (ନେଇତାମ୍), ଚନ୍ଦ୍ର ଅଂଶରୁ, ପୃଥିବୀ ଅଂଶରୁ ତଥା ନାଗ ଅଂଶରୁ ଜାତ ବୋଲି ବିବାଦ କରନ୍ତି ।

ସ୍ଥାନୀୟ ପୂଜାରୀ, ଦିସାରି ମାନଙ୍କ ମତରେ ଗଁଡ଼ମାନେ ପ୍ରୟାସ (କଇଁଛ) କୁକୁର (ନେତାମ୍), ବାଘ (ପୟାକ୍), ଗୋଧି (ଗୋଇ), ବେନ୍ଦରି (ମାଙ୍କଡ) ମାଗ, ବକଡ଼ି (ଛେଳି), କୁକୁଡା (କ୍ରାମ୍), ଘୁଷୁରି ଆଦିକୁ ଗୋତ୍ର ସନ୍ତକ ଭାବେ ମାନିଥାନ୍ତି ଓ ଏମାନଙ୍କୁ ସମ୍ମାନ ଦେଖାଉଥାନ୍ତି ।

ଗଁଡ୍ ମାନେ ବହୁ ପ୍ରାଚୀନ ସଂସ୍କୃତିର ଧାରକ । ସେମାନଙ୍କ ସାମାଜିକ ଜୀବନରେ ଜନ୍ମ ସଂସ୍କାର ବିବାହ ସଂସ୍କାର ଓ ମୃତ୍ୟୁ ସଂସ୍କାର ର ଏକ ନିଜସ୍ୱ ସ୍ୱତନ୍ତ୍ର ଶୈଳୀ ରହିଛି । ଏହି ପ୍ରବନ୍ଧରେ ନବରଙ୍ଗପୁର ଜିଲ୍ଲାରେ ବସବାସ କରୁଥିବା ଗଁଡ୍ ମାନଙ୍କର ବିବାହ ରୀତି କ୍ଷେତ୍ର ଅଧ୍ୟୟନ ଅନୁସାରେ କରାଯାଇଛି ।

ଗଁଡ୍ ଶବ୍ଦର ବ୍ୟୁତ୍ପତ୍ତି ତାମିଲ୍ ଶବ୍ଦରୁ ହୋଇଅଛି, ଯାହାର ଅର୍ଥ ହେଲା ପର୍ବତ ନିବାସୀ । ସାଧାରଣତଃ ଗଁଡ୍ ମାନେ ନିଜକୁ କୋଇତୁର ବା କୋୟା ଭାବରେ ପରିଚିତ କରାଇଥାନ୍ତି । ଗଁଡ୍ ଓ କୋଇତୁରଙ୍କ ଭାଷାରେ ନିବିଡ ସାମସ୍ୟ ଦେଖାଯାଏ । ଏମାନେ ଦ୍ରାବିଡ ଭାଷା ଗୋଷ୍ଠୀର । ଗଁଡ୍ମାନେ ବହୁଭାଷୀ । ସମ୍ପ୍ରତି ବୟସ୍କ 'ଗଁଡ୍' ମାନେ 'ଗଁଡ' ଭାଷା କହିଲାବେଳେକୁ ଅଳ୍ପ ବୟସ୍କ ମାନେ ଓଡ଼ିଆ, ଦେଶିଆ, ଛତିଶିଗଡି, ହାଲବୀ, ହିନ୍ଦୀକୁ ଦ୍ୱିତୀୟ ଭାଷା ଭାବେ ପ୍ରୟୋଗ କରିଥାନ୍ତି ।

ମଧ୍ୟଭାରତ ଓ ଗୋଦାବରୀ ଉପତ୍ୟକାରେ ୫୦ରୁ ଉର୍ଦ୍ଧ୍ୱ ଗଁଡ୍ ଶାଖା ଦେଖାଯାଏ । ଏହି ଗଁଡ୍ ମାନଙ୍କ ମଧ୍ୟରୁ ଗୋଦାବରୀ ଅବବାହିକାର ଅନ୍ନମଦେବ (୧୪୦୦ଖ୍ରୀ)ଙ୍କ ସମୟରେ କେତେକ ଗଁଡ ଉପଶାଖା ଯଥା – ରାଜଗଁଡ୍, ଧୁରୁଆ ଗଁଡ୍, ମାଡିଆ ଗଁଡ୍, ନାଗବଂଶୀ ଗଁଡ୍, ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଉପାନ୍ତକୁ ଆସି ବସତି ସ୍ଥାପନ କରିଥିଲେ । ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାର ଗଁଡ୍ ମାନଙ୍କ ମଧ୍ୟରେ ସାଧାରଣତଃ ଯେଉଁ ବିବାହରୀତି ପରିଦୃଶ୍ୟମାନ ହୁଏ ତାହାର ସମାଜ ତାତ୍ତ୍ୱିକ ଅଧ୍ୟୟନ କରିବା ଉଚିତ ହେବ ।

ପ୍ରଥମରୁ କହି ରଖିବା ଉଚିତ ହେବ ଯେ ଅନ୍ୟ ଆଦିବାସୀ ଗୋଷ୍ଠୀ ପରି ଗଁଡ୍ ମାନଙ୍କ ମଧ୍ୟରେ ସଗୋତ୍ରୀୟ ବା ସମଗୋତ୍ରୀୟ ବିବାହ ସମ୍ପୂର୍ଣ୍ଣ

ନିଷେଧ । ନୈଚାମ୍ ଗୋତ୍ର ସହିତ ପୟାମ୍ ଗୋତ୍ରର, ପୟାମ୍ ଗୋତ୍ର ସହିତ ପୟାକ୍ ଗୋତ୍ରର, ପୟାନ୍ ଗୋତ୍ର ସହିତ ବକାଡି ଗୋତ୍ରର, ବକଡି ଗୋତ୍ର ସହିତ ନାଗ ଗୋତ୍ରର ବିବାହ ସମ୍ବନ୍ଧ ସ୍ଥିର କରାଯାଏ । ସମଗୋତ୍ର ବିବାହକୁ ରକ୍ତ ସମ୍ପର୍କର ମାନ୍ୟତା ଦେଇ ସାମାଜିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହାକୁ ନିଷେଧ କରାଯାଇଥାଏ । "ଭିନ୍ନ ଗୋତ୍ର ବା ଦେଓ ମଧ୍ୟରେ କେବଳ ବୈବାହିକ ସମ୍ପର୍କ ସ୍ଥାପନ ହୋଇ ପାରିବ । ସମଗୋତ୍ର ବା ଦେଓ ମଧ୍ୟରେ (ସମାନ ଉଷ୍ଟ ବା ଗୃହଦେବତାକୁ ମାନୁଥିବା ପରିବାର) ବିବାହ ସର୍ବାନ୍ତକରିଣରେ 'ବର୍ଜନୀୟ' (ଗୋଣ୍ଡ୍ ସାଂସ୍କୃତିକ ସମାଜ, ଷଡ୍‌ବଂଶ ନିୟମାବଳୀ : ପୃ : ୧୪)

ନବରଙ୍ଗପୁର ଜିଲ୍ଲା ଗଁଡ୍ ସମାଜରେ ସାଧାରଣତଃ ଛଅ ପ୍ରକାର ବିବାହ ରୀତି ଦେଖାଯାଏ । ସେଗୁଡ଼ିକ ହେଲା (୧) ମାହାଲା ବିଭା (୨) ଠେଙ୍ଗା ଉଚରୀନି ବିଭା (୩) ଉଦ୍‌ଲିଆ ବିଭା (୪) ପଇସାମୁଣ୍ଡି ବିଭା (୫) ମିଟ୍‌ହାନା ବିଭା (୬) ଘର କୋଇଁଆ ବିଭା ।

୧. ମାହାଲା ବିଭା : ମାହାଲା ବିଭା, ଅନ୍ୟ ସମାଜରେ ଯାହା ସ୍ଥିରୀକୃତ ବିବାହ (Arrange Marriage) ଗଁଡ୍ ସମାଜରେ ତାହାକୁ ମାହାଲାବିଭା କୁହାଯାଏ । ଏହି ବିବାହ ରୀତି ଆରମ୍ଭରୁ ଶେଷଯାଏ ଦଶଟି ପର୍ଯ୍ୟାୟଦେଇ ଗତି କରିଥାଏ । ମାହାଲା ବିଭାରେ ଯେଉଁ ଦଶଟି ପର୍ଯ୍ୟାୟ ଅନୁସୃତ ହୁଏ, ସେ ଗୁଡ଼ିକ ହେଲା (୧) ସଗା (ସମଦାନ) ମାହାଲା, (୨) ଚିହ୍ନାରି ମାହାଲା, (୩) ଜନାରି ମାହାଲା, (୪) ହଲ୍‌ଦୀ କୁଟ୍‌ନୀ, (୫) ତେଲ୍ ଚେଗାନି, (୬) ଲଗିନ୍ (୭) ଟିକାନା, (୮) ଭୋଜିଭାତ (୯) ଲେକି (ଝିଅ) ବିଦା, (୧୦) ଝିଅ ପଡପାନି ଘର ତରଫରୁ ପୁଅ ଘରକୁ ବିବାହ ପ୍ରସ୍ତାବ ନେଇ ଯିବାକୁ ହୋଇଥାଏ । ସାଧାରଣତଃ ପୁଅଘର ତରଫରୁ ଏହି ପ୍ରସ୍ତାବ ନେଇଯିବା ପାରମ୍ପରିକ ବିଧି । ପୁଅର ବାପା ଓ ମା ଏହି ପ୍ରସ୍ତାବ ନେଇ ଯାଆନ୍ତି କିମ୍ବା ପରିବାରର ପୁଅର ବଡ଼ଭାଇ କିମ୍ବା ମୁରବୀ (ସିଆନ୍) ମଧ୍ୟ ଏହି ପ୍ରସ୍ତାବନେଇ ଝିଅ ଘରକୁ ଯାଆନ୍ତି । ବର ଘର ତରଫରୁ ଦିଆଯାଇଥିବା ପ୍ରସ୍ତାବ ଯଦି ଝିଅଘର ଗ୍ରହଣ କରନ୍ତି ତାହା ହେଲେ ଏକ ନିର୍ଦ୍ଦିଷ୍ଟ ସ୍ଥିରୀକୃତ ଦିନରେ ବରଘର କନ୍ୟାଘରକୁ ଯାଆନ୍ତି । ବରପିଲାର ବାପା – ମା ସହିତ ନିଜର ସଗାସମନ୍ଧୀ (ଜ୍ଞାତିକୁଟୁମ୍ବ) କନ୍ୟାଘରକୁ ଯାଆନ୍ତି । ବିଧି ଓ ପ୍ରଥା ଅନୁସାରେ ସେମାନେ ନିଜ ସହିତ ନଡିଆ, ଧୂପ (ଝୁଣା), ଚୂଡ଼ା, ତେଲଛଣା ପିଠା (ରୋଟି), ଧାନ ଓ ବାଜରା (ଖଇ), ସଲପ, ମଦ ଭେଟି ସ୍ୱରୂପ ନେଇ କନ୍ୟାପିତା ଓ ମାତାଙ୍କୁ ସଙ୍ଖୋଳିଥାନ୍ତି । ଏହି ପ୍ରଥମ ପର୍ଯ୍ୟାୟର କାମ କେବଳ ରାତ୍ରୀ ସମୟରେ କରାଯାଏ । କନ୍ୟାଘର ଚାହିଁଲେ ନିଜ କୁଟୁମ୍ବଙ୍କୁ ଡାକି ପାରନ୍ତି । ସେଦିନ ରାତିରେ ଦୁଇ ସମ୍ବନ୍ଧ (ସମୁଦି : ବରପିତା କନ୍ୟାପିତା), ପରସ୍ପର ମଧ୍ୟରେ ଚିହ୍ନା – ପରିଚୟରେ ବତାନ୍ତି, କଥାବାର୍ତ୍ତା କରନ୍ତି । ସେହି ସମୟରେ ବରଘର ନେଇଥିବା ଜିନିଷ ଗୁଡ଼ିକର ସଦ୍ ବ୍ୟବହାର କରାଯାଇଥାଏ ।

୨. ଚିହ୍ନାରି ମାହାଲା : ପ୍ରଥମ ପର୍ଯ୍ୟାୟରେ ସଗା ମହାଲାପରେ ଦ୍ୱିତୀୟ ପର୍ଯ୍ୟାୟରେ ଚିହ୍ନାରି ମାହାଲା ହୁଏ । ଏଥିରେ ବରଘର ପ୍ରସ୍ତାବ ଦେବାର ପରଦିନ ସକାଳେ, (ବିହାନେ) ଝିଅଘର, ନିଜ ଗାଁର ସମସ୍ତଙ୍କୁ ଖବର ଦେବେ । ଖବର ପାଇ ଗାଁର ସମସ୍ତେ ନିଜ ନିଜର କାମଛାଡ଼ି ଝିଅଘରେ ଜମାହେବେ, ଏହା ବିଧି । ଖବର ପାଇ ନ ଆସିବାଟାକୁ ପ୍ରଥା ବିରୋଧ ବୋଲି ସମସ୍ତେ ମନେ କରନ୍ତି । ତାପରେ ରାତିରେ ବଳିଥିବା ସମସ୍ତ ଜିନିଷ ବ୍ୟବହୃତ ହେବ । ମାହାଲାକାରୀ (ମଧ୍ୟସ୍ଥି) ମାନେ ନଡିଆ ଭାଙ୍ଗି ପୂଜା ପାଠ କରିବେ । ଗୋଣ୍ଡି ଭାଷାରେ ଗଁଡ୍ ମାନଙ୍କ କୁଳଦେବତା ବୁଢାଦେଓଙ୍କୁ ସ୍ମରଣ କରିବେ । ପୂଜା ପାଠପରେ ଝିଅଘର ଲୋକେ ଗତରାତିରେ ପୁଅଘର ଆଣିଥିବା ସଗା ମାହାଲା ଓ ସକାଳେ (ବିହାନେ) ଚିହ୍ନାରି ମାହଲା ଖାଇବାର କଥା ପ୍ରକାଶ କରିବେ ।

୩. ଜନାରି ମାହାଲା : ଏହା ତୃତୀୟ ପର୍ଯ୍ୟାୟ । ଗଁଡ୍ ଗାଁରେ ଜଣେ ଜଣେ ମାହାଲା କାରିଆ ଥାନ୍ତି (ମଧ୍ୟସ୍ଥି) । ଏହି ତୃତୀୟ ପର୍ଯ୍ୟାୟ ମାହାଲାରେ ମାହାଲା କାରିଆ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହି ପ୍ରସ୍ତାବ ଧରି ବରଘର (ଝିଅଘରକୁ ଯିବା (ମାହାଲା)ରେ ପୁଅ ପକ୍ଷରୁ ତାର ବାପା, ମା, ମାମୁ, ଗାଁର ବୟସ୍କ ବ୍ୟକ୍ତି (ସିଆନ), ମୁରବୀ (ମୁଖିଆ (ନାୟକ) ଅନ୍ୟମାନେ ଯାଇ ପାରିବେ । ଏଥିରେ ସ୍ତ୍ରୀ ପୁରୁଷ, ସାନବଡ଼ ସମସ୍ତେ ସମ୍ମିଳିତ ହୋଇଥାନ୍ତି । ସେମାନେ ନିଜ ସହିତ ଲାଖି (ଖଇ ଲିଆ), ଗୁଡ଼, ଧୂପ, ନଡିଆ, ନିଶାଦ୍ରବ୍ୟ (ସଲପ / ମହୁଲି ମଦ), ନୂଆଲୁଗା ଓ ନୂଆଶାଢୀ ନେଇଯିବେ ।

ମାହାଲା କାରିଆ ପ୍ରଥମେ କନ୍ୟାଘରକୁ ଯାଇ ସେମାନେ ଜନାରି ମାହଲା ଆସିଛନ୍ତି ବୋଲି ସୂଚନା ଦେବ । ଝିଅଘର ନିଜ ଗାଁର ସମସ୍ତଙ୍କୁ ନିମନ୍ତ୍ରିତ । ସମସ୍ତେ ଜନାରି ମାହାଲା ଆଣିଥିବା ସମସ୍ତ ଜିନିଷ ବ୍ୟବହାର କରି ସାରିଲାପରେ ମାହାଲା କାରିଆ ପୁଅଘର ତରଫରୁ କହିବ ଯେ, "ଆମେ ଓନାରି ମାହାଲା ଆସିଛୁ । ତୁମ ଝିଅ (ଦୁଲି)କୁ ସପ୍ତାହେ, ଦି ସପ୍ତାହେ ପାଇଁ ନେବୁ । ଝିଅ, ପୁଅ ଘର ଦେଖିବ ! ଏହା ଶୁଣିଲାପରେ ଝିଅର ବାପା - ମା, ଝିଅକୁ ପ୍ରସ୍ତାବ ଆସିଥିବା ପୁଅ ଘରକୁ ପଠାଇବେ । ଏଠାରେ ଗଡ ମାନଙ୍କ ସାମାଜିକ ଦୃଷ୍ଟିକୋଣଟିକୁ ଦେଖିବା ହେଉ : ଝିଅ ଯଦି ଯାଇ, ପୁଅ ଘରେ ରହି, ସେଠା ପରିବେଶ, ନୂଆ ସମ୍ବନ୍ଧ ବାନ୍ଧିବାକୁ ଯାଉଥିବା ପରିବାର ସଦସ୍ୟଙ୍କ ବ୍ୟବହାର, ଚାଲିଚଲଣ, ଭାବୀ ସ୍ୱାମୀ (ଦୁଲୀ)କୁ ପରଖିବ, ଯଦି ଝିଅର ବିଶ୍ୱାସ ଜନ୍ମିବ ଯେ ତା'ର ବିବାହିତ ଜୀବନ ସୁଖମୟ ହେବ ସେ ପ୍ରସ୍ତାବରେ ରାଜି ହେବ । ଆଠ ପନ୍ଦର ଦିନପରେ ଝିଅକୁ ପୁଣିଥରେ ନୂଆ ଲୁଗା (ଶାଢୀ) ପିନ୍ଧାଇ ମାହାଲାକାରିଆ ତା ବାପା ମାଙ୍କୁ ଜିମା ହେବ ।

ତାର କିଛି ଦିନପରେ କିମ୍ବା ବର୍ଷକ ମଧ୍ୟରେ ପୁଅଘର ତରଫରୁ ମାହାଲାକାରିଆ ଝିଅଘରକୁ ଯାଇ ସେମାନେ ନିଜ ଝିଅକୁ ପ୍ରସ୍ତାବିତ ପୁଅ ସହିତ ବାହା ଦେବାକୁ ରାଜିକି ନୁହଁନ୍ତି ପଚାରିବ । ଯଦି ଝିଅ ଘର ରାଜି ହୁଅନ୍ତି, ପୁଅ ଘର ତରଫରୁ ବିବାହର ଯୋଗାଡ଼ ଆରମ୍ଭ ହେବ ।

୪. ହଲ୍‌ଦି କୁଟ୍‌ନି (ହଳଦୀ ଗୁଣ୍ଡ କରିବା) ରୀତି ନବରଙ୍ଗପୁର ଜିଲ୍ଲା ଆଦିବାସୀ ସମ୍ପ୍ରଦାୟଙ୍କ ବିବାହ ସଂସ୍କାର ପ୍ରାରମ୍ଭରେ ହଲ୍‌ଦି କୁଟ୍‌ନି (ହଳଦୀ ଗୁଣ୍ଡ କରିବା ରୀତି)ର ଏକ ବିଶେଷ ଭୂମିକା ରହିଛି । ବିବାହ ସ୍ଥିର ହେଲାପରେ ପୁଅ ପକ୍ଷରୁ ନିଜ ଗାଁର ସମସ୍ତଙ୍କୁ ଜଣାଇ ଦେବା ପାଇଁ ଜଣେ ବ୍ୟକ୍ତିକୁ ଠିକ୍ କରାହେବ । ସେ ବ୍ୟକ୍ତି (ପାଇକ) ଗାଁର ପ୍ରତ୍ୟେକ ପରିବାରଙ୍କୁ ହଳଦୀ କୁଟା ହେବାର ଜଣାଇଦେବ । ଗାଁର ପୂଜାରୀକୁ ମଧ୍ୟ ନିମନ୍ତ୍ରଣ କରାହେବ । ଗଁଡ ସମାଜ (ହଲ୍‌ଦି କୁଟ୍‌ନି) ଅବସରରେ ବୁଢାଦେଓ (ବଡ଼ଦେଓ : ସବୁଠାରୁ ବଡଦେବତା)ଙ୍କ ନାମରେ ନଡିଆ ଭାଙ୍ଗି, ଫୁଲ ସମର୍ପଣ କରି ଧୂପଦୀପ ଦେଇ ପୂଜାରୀକୁ ହଳଦୀ ସହ ଅରୁଆ ଚାଉଳ କୁଟି ଚୂନା କରିବାକୁ ଅନୁରୋଧ କରିବ । ପୂଜାରୀ ହଳଦୀ ଓ ଅରୁଆଚାଉଳ କୁଟି ଗୁଣ୍ଡ କଲାପରେ ଗଁଡ ଲେକ(କୁଆଁରୀ କନ୍ୟା) ମାନେ ହଳଦୀ କୁଟିବେ । ଏହି ସମୟରେ ସେମାନେ ରେଲାପାଟା (ବିବାହଗୀତ) ଗାଇବେ । ଏହି ଗୀତର ଆରମ୍ଭରେ ସେମାନେ "ଗିରିଲୟୋ-ଗିରିଲୟୋ-ରେଲାରେଲା" ଧ୍ୱନ୍ୟାତ୍ମକ ଆବୃତ୍ତି କରି ଗାଇଥାନ୍ତି ।

"ଗିରିଲୟୋ..... ଗିରିଲୟୋ.... ରେଲାରେଲା / ମାଟିମାୟେ ବରେ ବୋ / ତୁମଙ୍କେ ନୈତା ପଡ଼ଲା.. ଗିରିଲୟୋ/ମୟି ନୈତା ପଡଲା ହଳଦୀ କୁଟେ..... ଗିରିଲିୟୋ / ଢାକର ଘରେ ନୈତା ଗାଓଁଚେ ମାଟିଆ ଘରେବେ ଗିରିଲିୟୋ.....

ଗିରିଲିୟୋ.....ରେଲାରେଲା । (ଗିରିଲିୟୋ ରାହାଧରି ଗୀତ ଗାଉଛ / ମାଟିମା (ଧରିତ୍ରୀ / ପୃଥିବୀ) ତୁମେ ବରଦିଅ / ତୁମକୁ ନିମନ୍ତ୍ରଣ କରୁଛୁ / ଆମେ ହଳଦୀ କୁଟୁଛୁ / ଗାଁର ଝାକର (ପୂଜାରୀ)କୁ ଡାକି / ଗାଁର ସମସ୍ତଙ୍କୁ ଡାକି / ଆମେ ଗିରିଲିୟୋ ରାହା ଧରି ଗୀତ ଗାଉଛୁ ଯେ ।)

ଗୀତ ଗାଇ ହଳଦୀ କୁଟି ସାରିବା ପରେ ଡକା ହୋଇଥିବା ପୁଅ ଘର ଗାଁର ସମସ୍ତ ଲୋକଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯିବ । ଏହା ବିବାହ ପୂର୍ବରୁ ପାଳିତ ହେଉଥିବା ଏକ ପ୍ରଚଳିତ ବିଧି । ହଳଦୀ କୁଟା ବିଧି ପାଳିତ ହେବାର ସପ୍ତାହକ ମଧ୍ୟରେ କନ୍ୟାଘରକୁ ମାହାଲାକାରିଆ ହାତରେ ଖବର ପଠାଇ ଦିଆଯିବ ।

ବିବାହ ପୂର୍ବ "ହଳଦି କୁଟନି" ବିଧି ପାଳିତ ହେବାପରେ ପୁଅ ଘର ପକ୍ଷରୁ କନ୍ୟାଘରକୁ ୫ ମାଣଧାନ (୧ ମାଣ, ୨ ୧/୨ କି.ଗ୍ରା), ପାଣି ଦୁଆରିବା ପାଇଁ ୨ଟି ଲମ୍ବା ବେକିଆ ପିତଳ ଗରା (ଗାଗ୍ରି), ରୋଷେଇ ପାଇଁ ଆବଶ୍ୟକୀୟ ଚାଉଳ, ଡାଲି, ଲୁଣ, ପରିବା (ଭାଜିଆ), ଖଲି, ଦନା, ସ୍ୱଚ୍ଛଳ ହୋଇଥିଲେ ଛେଳି, ମେଣ୍ଢା, କୁକୁଡ଼ା, ପାରା, ଦୁଇଗୋଟି ହଳଦୀ କୁଣ୍ଡି (ଛୋଟ ହାଣ୍ଡି), ପୁଅ ଝିଅ ବିବାହ କାଳରେ ପିନ୍ଧିବା ମକୁଟ ରଖିବା ପାଇଁ ହାଣ୍ଡି, ୪ ଗୋଟି ଖୋଇସା (ସିଧା ବାଉଁଶ ଦଣ୍ଡ ବା ଶାଳ (ସର୍ଗି) ଗଛର କାଠ, ଲିଆ, ଚଡା, ମଦ, ସଲପ ପଠାଇବେ । ଝିଅଘର ଏହି ସମସ୍ତ ଜିନିଷ ଗ୍ରହଣ କରି, ଦେଖି, ପରଖି ଗାଁର ଝାକର (ପୂଜାରୀ / ଦିସାରୀ (ଯୋଗପାଗ, ପାଞ୍ଜିଦେଖି ଲଗ୍ନସ୍ଥିର କରିବା ଲୋକ / ଗାଁର ଡୋକରା - ଡୋକରୀ (ବୁଢାବୁଢୀ) ତଥା ଧାଙ୍ଗଡା ଧାଙ୍ଗଡୀ (ଅବିବାହିତ ଯୁବକ ଯୁବତୀ)ଙ୍କୁ ବାଣ୍ଟିଦେବେ ଏହି ଅବସରରେ ଗାଁର ପୌଢ (ଡୋକରୀ) ମାନେ ଗୀତ ଗାଇବେ । ହଳଦୀ କୁଟିବା ଦିନର ଯାବତୀୟ ଖର୍ଚ୍ଚ ପୁଅ ଘର ପକ୍ଷରୁ ବହନ କରାଯିବ ଏବଂ ଉଭୟପକ୍ଷ (ବର-କନ୍ୟା ଘର)ର ଜ୍ଞାତି କୁଟୁମ୍ବ ଭୋଜି ଖାଇବେ ।

## ୫. ବିବାହ ଦିନର ବିଧି ବିଧାନ :

ବିବାହ କାର୍ଯ୍ୟ ସମ୍ପନ୍ନ ହେବାର ୪/୫ ଦିନ ପୂର୍ବରୁ ପୁଅଘର ପକ୍ଷରୁ ମାହାଲାକାରିଆ (ମଧ୍ୟସ୍ଥି) ଝିଅ ଘରକୁ ଯାଇ, ନିଜ ସହିତ ନେଇଥିବା ଲାଇ (ଧାନ / ବାଜରା ଖଇ), ଗୁଡ଼କୁ କନ୍ୟାଗାଁର ଧାଙ୍ଗଡ଼ା ମାନଙ୍କୁ ବାଣ୍ଟିଥାଏ । ଏହି କ୍ରିୟାରୁ ଯୁବକ ଯୁବତୀମାନେ ବିବାହର ତଥ୍ୟ ସମ୍ବନ୍ଧରେ ଅବଗତ ହୁଅନ୍ତି । ଏହି ଲାଇବଣ୍ଟନ ହିଁ ସେମାନଙ୍କୁ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ନିମନ୍ତ୍ରଣ ଭାବେ ଗୃହୀତ ହୋଇଥାଏ । ତାପରେ ସମସ୍ତେ ମିଶି ବାହାଘରର ସମସ୍ତ କାର୍ଯ୍ୟ ତୁଲାଇ ଥାନ୍ତି । ବିଭାଘର ପାଇଁ ଲୋଡା ପଡୁଥିବା ଯେତେ ସର୍ଗପାନ (ଶାଳ ପତ୍ର, ମୁଖାରି (ଦାନ୍ତକାଠି), ପାଣି ଯାହା ଯାହା ଲୋଡା ହେବ ସେ ସବୁ ଯୋଗାନ୍ତି । ମାଣ୍ଡ (ଛାମୁଣ୍ଡିଆ) ନିର୍ମାଣ ଠାରୁ ଝିଅ ବିଦା ଯାଏ ଏମାନେ କାମ କରନ୍ତି । ବଣରୁ ରାନ୍ଧିବା ପାଇଁ କାଠ ଆଣିବା, ବର ଆସିଲେ ବସିବା ପାଇଁ ନୂଆ ପତ୍ର କୁଡ଼ିଆ ତିଆରି କରିବା କାମ କରନ୍ତି ।

ବର ଯେ ରାଜା । ସେ ପୁରୁଣା ଘରେ ବା କେମିତି ରହିବ । ଏଣୁ ଗଁଡ ସମାଜ ତାକୁ ରାଜାର ସମ୍ମାନ ଦେଇ ବିଶ୍ରାମ ନେବା ପାଇଁ ତିଆରି କରିଦେବ ପର୍ଣ୍ଣକୁଟୀର । ଭିତର ଲିପା ପୋଛା, ଝୋଟି ଚିତା ଦିଆ ହେବ । ଶାଳ ଖୁମ୍ବ ପୋତି କୁଡିଆ ତିଆରି ହେବ । ଛପର ହେବ ଜାମୁକୋଳିର କଅଁଳଡାଳ । ସବୁଜ, ଛନଛନିଆଁ ।

ବିବାହଦିନ ବରପିତା ନିଜ ସଖା ସମ୍ବନ୍ଧି, ଜ୍ଞାତି କୁଟୁମ୍ବଙ୍କୁ ଡାକି ଘରେ ବୁଢାଦେଓ, ଠାକୁରଦେଓ, ଅନକୁଆଁରିନ୍ ମାତା, ଜୁଲାଦେଓ (ରନ୍ହା) କଙ୍କାଳିନି ମାତା, ମାଓଲି ମାତା, ଦନ୍ତେଶ୍ୱରୀ, ପେଣ୍ଡାଣୀ

ମାତାଙ୍କର ପୂଜା ଅର୍ଚ୍ଚନା କରାଇବେ । ଏହି ପୂଜା ବିଧି ଅତି ଗୁପ୍ତରେ କରାଯିବ । କେହି ଜାଣିବେ ନାହିଁ । ସମସ୍ତଙ୍କ ଅଜାଣତରେ ଝାଙ୍କର (ପୂଜାରୀ) ଏହି ବିଧି ସମ୍ପନ୍ନ କରିବ । ଏହି ପୂଜା କାହିଁକି ଗୁପ୍ତରେ କରାଯାଏ ତାହାର କାରଣ ଅନ୍ୟକୁ ଜଣାଇବା ବିଧି ନିଷେଧ । ଏହା ପରମ୍ପରା ।

ପୂଜାପରେ ବରଘର ନିମନ୍ତ୍ରିତ ସମସ୍ତ ଲୋକଙ୍କ ମଧ୍ୟରେ, ବରର ମା, ବୟସ୍କା ନାରୀ, ବାଦ୍ୟ (କାଠ ମାଦଳ, ମାଟି ମାଦଳ, ଢୁଡରା, ମହୁରୀ, ନାଗରା, ଚିଡିବିଡ୍) ବଜାଇ ଗୀତ ଗାଇ ଗାଇ (ଗ୍ରାମ ଦେବତୀଙ୍କୁ ଗୁଡ (ମାତାଗୁଡ଼ି)କୁ ଯିବେ । ସେଠି ମାତାଙ୍କ ପ୍ରତୀକ ମୂର୍ତ୍ତିକୁ ହଳଦୀ ଲଗାଇବେ । ତେଲ ଲଗାଇବେ । ମାତାଙ୍କ ମୁଣ୍ଡରେ କଅଁଳ ଖଜୁରୀ ପତ୍ର ଓ ଆମ୍ବପତ୍ରରେ ନିର୍ମିତ ମୁକୁଟ (ମଉଡ) ପିନ୍ଧାଇବେ । ତତ୍ ପରେ ଦେବୀଙ୍କୁ ପୂଜା ଦେଇ, ବଳକା ହଳଦୀ, ତେଲ, ମୁକୁଟ ଧରି ଘରକୁ ଫେରିବେ ।

ତାପରେ ଦୋଷୀର କାମ ଆରମ୍ଭ ହେବ । ଦୋଷି, ଗଁଡ ସମାଜର ବିବାହ କାର୍ଯ୍ୟ ପରିଚାଳନା କରିବା ପାଇଁ ଅଧିକୃତ ହୋଇଥିବା ଏକ ବ୍ୟକ୍ତି ବିଶେଷ । ଅଣ - ଆଦିବାସୀଙ୍କ ବିବାହ କାର୍ଯ୍ୟରେ ଭଣ୍ଡାରି (ବାରିକ) ଓ ତାର ପତ୍ନୀ ଯେଉଁକାର୍ଯ୍ୟ ମାନ କରିଥାନ୍ତି, ଗଁଡ ବିବାହରେ ଦୋଷି ସେହି ଉଭୟଙ୍କ କାମ କରିଥାଏ । ଦୋଷି ବର କନ୍ୟା ଉଭୟଙ୍କୁ ଆଙ୍ଗଧୂଆ (ଗାଧୋଇ) ଦେବ । ଲୁଗା ପିନ୍ଧାଇବ । ବରକୁ ବେଶ କରାଇବ । ମୁକୁଟ ପିନ୍ଧାଇବ । ବିବାହ କାର୍ଯ୍ୟ ସରିଲେ ଝିଅକୁ ବିଦା କରିବାରେ ସାହାଯ୍ୟ କରିବ ।

ଦୋଷୀ ପୁଅକୁ ବେଶ କରିବାରେ ଭାରି ଚତପର । ସେ ପୁଅକୁ ବୀର ବେଶରେ ସଜାଇବ । ମୁକୁଟ ପିନ୍ଧାଇବା ପୂର୍ବରୁ ପାଗ ବାନ୍ଧିବ । ମୁକୁଟ ପିନ୍ଧାଇବ । କପାଳରେ ତିଳକ ଲଗାଇବ । ହାତରେ ଖଣ୍ଡା ଧରାଇବ । ଏହା ଗଁଡ କୁଳର ମହାନ୍ ପରମ୍ପରାର (ପ୍ରତୀକ । ଏଥିରୁ ଅତୀତର କାହାଣୀ ଓ ବୀରତ୍ୱର ସ୍ମୃତିକୁ ରକ୍ଷା କରିବାର ପ୍ରତୀକାତ୍ମକ ରୂପ ଦେଖିବାକୁ ମିଳେ । ମଧ୍ୟଯୁଗରେ ମୋଗଲ ଓ ମରହଟ୍ଟା ଆକ୍ରମଣର ପ୍ରତିରୋଧ କରିବାର ଐତିହାସିକ କାରଣ ଏହା ପଛରେ ଥିବାର ଜଣାଯାଏ ।

ବର ରାଜା ବେଶରେ ହାତରେ ଖଣ୍ଡା ଧରି, ପଛରେ ପତାକା ଉଡାଇ, ରାଜକୀୟ ଠାଣିରେ ବରଯାତ୍ରୀ ସହ କନ୍ୟାଘରକୁ ବାହାରିବ । ବାଜା ବାଜୁଥିବ । ଯଦି ଘୋଡାଥାଏ, ବର ସଜାଇ ହେବ, ନଚେତ୍ ପାଦରେ ଚାଲି ଚାଲି ଯିବ । କନ୍ୟାଘର ଗାଁରେ ବର ଓ ବରଯାତ୍ରୀ ପହଞ୍ଚିଲା ପରେ ମାହାଲାକାରିଆ କନ୍ୟାପିତାଙ୍କୁ ଖବର କରିବ ।

ଯଦି ପହଞ୍ଚୁ ପହଞ୍ଚୁ ରାତି ହୋଇଯାଏ, ବର ଓ ବରଯାତ୍ରୀ ରାତିସାରା ଗାଁ ବାହାରେ ରହିବେ । ତା ଆରଦିନ ସକାଳେ କନ୍ୟା ଘର ଲୋକେ ମହାସମାରୋହରେ ବର ଓ ବରଯାତ୍ରୀଙ୍କୁ ପଟୁଆରରେ ସଙ୍ଗୋଳିନେବେ । ଏହି ବିଧିକୁ ପଡ୍ ଘାଇନି (ଶୋଭାଯାତ୍ରା) କୁହାଯାଏ । ତାପରେ ବର କନ୍ୟାଘର ତରଫରୁ ବର ପାଇଁ ନିର୍ମିତ ନୂଆ ପତ୍ର କୁଡିଆରେ ରହିବ ।

ଦୋଷୀ କନ୍ୟାକୁ ମଧ୍ୟ ଗାଧୋଇ ଦେବ । ଲୁଗା ପିନ୍ଧାଇ ଦେବ । ପ୍ରଥମେ ସ୍ତ୍ରୀ ଲୋକମାନେ ହଳଦୀ ପାଣି ଢାଳି କନ୍ୟାକୁ ସ୍ନାନ କରାଇବେ । ପାଣିପଡି ମାଟି ଓଦା ସରି ସରି ହେଲାଯାଏ ଏହି ବିଧି ଜାରି ରହିବ । ଏହି ବିଧିକୁ "ଭୂମି ସରାଇବା" କୁହାଯାଏ । ଲୋକଙ୍କ ବିଶ୍ୱାସ ଯେ ପାଣି ପଡି ମାଟି ଓଦା ହୋଇ ଉର୍ବର ହେଲାପରି କନ୍ୟାର ବିବାହ ପର ଜୀବନ ପୂଜାପରେ ଅଣା ଯାଇଥିବା ମାଟିରେ ନିର୍ମିତ ବେଦୀରେ ଚାଉଳ ଚୂନା (ପିସାନ୍) ଓ ହଳଦୀ ଗୁଣ୍ଡରେ ଝୋଟି ମଣ୍ଡା ହେବ । ଏହାକୁ 'ଚଉଖ' କୁହାଯାଏ । ବେଦୀ ଚାରିକୋଣରେ କୁଟିକମ ଓ ଚିତ୍ର କରାଯାଇଥିବା ମାଠିଆ ସଜାଇ ରଖା ଯିବ । ପରେ ବେଦୀରେ ଦୀପ ଜଳାହେବ ।

ଏହି ବିଧି ବିଧାନ ହେଲାପରେ ଦୁଲି (ବିବାହ କରିବାକୁ ଯାଉଥିବା ଝିଅ)ର ବୁବୁ (ମାଇଁ) କଳସୀରେ ଧାନପୂର୍ଣ୍ଣ କରିବେ । ଦୁହିଁକୁ ମୁକୁଟ ପିନ୍ଧାଇବେ । ତାପରେ କନ୍ୟାର ମା କଳସୀରେ ଧାନ ପୂରଣ କରିବେ । ଏହି କାର୍ଯ୍ୟ ସମ୍ପନ୍ନ ହେଲାପରେ ଗୋଟିଏ କଂସା ଥାଳିରେ ଭଇଘିଅ, ଜଡ଼ାତେଲ ତଥା ଆମ୍ବପତ୍ର ଠୋଲାରେ ଗ୍ରାମଦେବତୀ (ମାଟାଦେବୀ)ଙ୍କୁ ପୂର୍ବରୁ ଅର୍ପଣ କରାଯାଇଥିବା ତେଲର କିଛି ଅଂଶ ନେଇ ବର-କନ୍ୟା ଉପରେ ଇଡିବେ । ବୟସ୍କ ପୁରୁଷ ଓ ନାରୀମାନେ ମଧ ତେଲ ଇଡିବେ । ଏହା ପରେ ସମସ୍ତେ ସମବେତ ସ୍ୱରେ ଦେଓ ପାଟା (ଦେବଦେବୀ ବନ୍ଦନା), କଳସ ବରଣ ପାଟା ଓ ତେଲ ଚେଗାଣି (ଲଗାଇବା) ପାଟା (ଗୀତ) ଗାନ କରିବେ । ଏହା ପାରମ୍ପରିକ ସ୍ୱରରେ ଗାନ କରାଯିବ ।

ଦେଓ ପାଟା :

"ଦୋଷୀ ବାନା ଲିଖେ ଦେ / ଆଛା ବାନା ଲିଖକିମ୍ ଦୋଷି / କୁଡାମାୟ ୱାୟାଡ୍ / ମାଝି ମାୟା ୱାୟାଡ୍ ତାନ / ମନ୍ଦେ ୱାୟାଦେ ପାଡେ ଗୁଡାଟ୍ / ତାନ୍ ମାନ୍ଦେ ୱାତେକି ମୁଟୁକ୍ ମୁଟୁକ୍ କୌସୁକ ୱାୟାଡ୍ / ୱାସି ଖାଲା ମାତା ଉଡାଟ୍ । ( ହେ ! ବିବାହକାଳୀନ ସବୁ କାମ କରୁଥିବା ଦୋଷି ଗ୍ରହ, ନକ୍ଷତ୍ର, ଲଗ୍ନ ଆଦି ଗଣନା କରି ବେଦୀର ସମସ୍ତ କର୍ମ କରୁଥିବା ବ୍ୟକ୍ତି) ହଳଦୀ ଓ ଚାଉଳ ଚୂନାରେ ବେଦୀ ଉପରେ ଅତି ସୁନ୍ଦର ଝୋଟି ଆଙ୍କିଦେ । ଯାହା ଦେଖି ବୁଢାଦେଓ (ଗଁଡଙ୍କ ଶ୍ରେଷ୍ଠ ଦେବତା) ଓ ମାଟିମା (ଧରିତ୍ରୀ) ମୁଗ୍ଧ ହୋଇ ସ୍ୱୟଂ ବେଦୀରେ ଆବିର୍ଭୂତ ହେବେ । ସେମାନଙ୍କ ସ୍ମିତ ହସ ଚହଟି ଯିବ ତୋର ଆଙ୍କିବା ଝୋଟି ଦେଖି । କେତେ ସୁନ୍ଦର ହସିବେ, ଚକାପିତା ମାରି ସେମାନେ ତୋ ଚିତା ଉପରେ ବିଜେ ହେବେ । ଦୋଷି ତୁ ସୁନ୍ଦର ଝୋଟି ଆଙ୍କିଦେ ।

ଦେଓ ସ୍ମରଣ ଦ୍ୱାରା ବେଦୀକୁ ସୁନ୍ଦର ଓ ଦେବତ୍ୱ ସମ୍ପନ୍ନ କରିବାର ଗଁଡ ମାନସିକତା ଏହି ଗୀତରେ ପ୍ରକାଶିତ ହୋଇଅଛି । ଏହି ଗୀତରେ ପବିତ୍ରତା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟ ଘଟିଅଛି ।

କଳସ ବରଣ ପାଟା :

ରିରିଲିୟୋ... ରେଲା ରେଲା କରସା / ବହୁନ ମସି ନିନ୍ଦୋ ମାମାଡୋରି ନିନ୍ଦକରସା / ତଣ୍ଡୱା ତୁସି ତଣ୍ଡକାର କରସା ନିହକା / ଭାଟି ନନ୍ ଭାଟି ୱାରକରସା / ନିନ୍ଦକାଭାଟି ମାମା ବିତା କରସା ନିନ୍ଦୋଭାଟି / ବହୁନ୍ ମସି ନିନ୍ଦେ କରସା / ତଣ୍ଡୱା ତୁସି ତଣ୍ଡକାଡ୍ ମାମା କରସା ନିରକା / ବହୁନ୍ ମାମା ନିନ୍ଦେ କରସା / 'ତଣ୍ଡୱା ତୁସି ତଣ୍ଡକାଡ୍ ମାମା କରସା ନିରକା / ବହୁନ୍ ମାମା ନିନ୍ଦେ କରସା ମାମୁ ନିକୋଟ୍ ବହୁନ୍ ମସି ନିନ୍ଦୋ" ।

(କଳସୀରେ ଧାନ ପୂରଣ କରିବା ଗୀତ ଆମେ ଗାଉଛୁ, ଏହା ବିବାହ ସମୟର ଗୀତ, ବିବାହ ସମୟର ଗୀତ ହେ ମାମୁ, କେମିତି ଏହି କଳସୀ ଧାନ ପୂର୍ଣ୍ଣ ହେବ, ଏବ୍ ଯାଏ ହୋଇନାହିଁ, ମୁଁ ତ ଧାନ ବାହାର କରିନାହିଁ, ତୁ ଡୋର ବାନ୍ଧିଦେ, ଧାନ ପୂର୍ଣ୍ଣ ହୋଇଯିବ, ସେଇ ପୂର୍ଣ୍ଣ ଧାନ କଳସୀରୁ ବାହର କରି ମୁଁ ବାଣ୍ଟିବି । ମୋର ଭାଣିଜୀ, ମୁଁ ତୋର ମାମୁଁ କହୁଛି ଧାନ ପୂର୍ଣ୍ଣ ହୋଇନାହିଁ, ବିଲକୁଲ ପୂର୍ଣ୍ଣ ହୋଇନାହିଁ, ତଥାପି ଧାନ ବାହାର କର ।)

ବିବାହ ବେଦୀରୁ ପୂରଣ ହୋଇଥିବା କଳସୀରୁ ଧାନ ବାହାର କରିବା କନ୍ୟାଦ୍ୱାରା ତା ବିବାହିତ ଜୀବନର ସମୃଦ୍ଧ ଓ ପୂର୍ଣ୍ଣତାକୁ ବୁଝାଇବାର ସଙ୍କେତଧର୍ମୀତା ବହନ କରିଥାଏ । ଏହି ଗୀତ ମାମୁଁ ଓ ଭାଣିଜୀର କଥୋପକଥନ ଉପରେ ଆଧାରିତ । ଗଁଡ ସମାଜରେ ମାମୁଁ ଝିଅକୁ ବିବାହ କରିବାର ପ୍ରଥା ରହିଛି । ଏହା ଦ୍ରାବିଡ଼ ପରମ୍ପରାର ସଙ୍କେତ ହୋଇଥାଏ। ଗଁଡ ମାନଙ୍କ ଶାସ୍ତ୍ରୀୟ ମତ ଅନୁସାରେ ଯଦି ମାମୁଁଙ୍କର କୌଣସି ପୁଅ ନଥାଏ ତେବେ ସେ କ୍ଷେତ୍ରରେ ଭଣଜାକୁ ଜ୍ୱାଇଁ କରି ପାରିବ । କାରଣ ଭଣଜା ହିଁ ପିତୃଶ୍ରାଦ୍ଧ ଦେଇ ପାରିବ, ଏଣୁ କୁହାଯାଏ "ମାମୁଁ ଝି ଗୁଡ଼ଘିଂ"

ଗଁଡ୍ ବିବାହରେ ଦେଓପାଟା (ଗୀତ) ଯେମିତି ପ୍ରତ୍ୟେକ କର୍ମାନୁଷ୍ଠାନ ର ଶ୍ଲୋକ । ବ୍ରାହ୍ମଣକୁ, ପୁରୋହିତକୁ ଡାକି ବିବାହ କରାଇବା ବିଧି ଏମାନଙ୍କର ନାହିଁ । କେବଳ ରାଜଗଁଡ୍ ମାନେ ସାମାଜିକ ସ୍ତରରେ ଉଚ୍ଚସ୍ଥାନରେ ରହିଥିବାରୁ (ଆର୍ଯ୍ୟାୟିତ ହୋଇ) ବିବାହ

କର୍ମମାନ କରାଉଥାନ୍ତି । ବିବାହ ଦିନର ଅନ୍ୟ ଏକ ବିଧି ହେଲା ତେଲ୍ ଚେଗାଣି । ତେଲ ଲଗାଇଲା ବେଳେ ପୁରୁଷ ସ୍ତ୍ରୀ ନିର୍ବିଶେଷରେ ନିମ୍ନୋକ୍ତ ଗୀତ ଗାଇଥାନ୍ତି ।

ତେଲ୍ ଚେଗାଣି ପାଟା :

"ବୁଢାପେନ୍, ବୁଢାପେନ୍ ନନା ମଉଡ କରିହନା / କରଲାତ୍ କରିକି ବାବୁ ବାତା ମଉଡ କରକିନ୍ / ହିନ୍ଦି ଆକି ମଉହ ବୁଢା ହିନ୍ଦି ଆକି ମଉଡଡେ । ଆଦେ ମଉଡ୍ କରକା ନନ୍ନା / ଆଦେ ମଉଡ୍ କରକାନେ କଇକି ଢାଲେ କରାବାକୁ ନିଖ୍ୱା ନିଖ୍ୱା ରାଜ ଦେ ।"

(ହେ ବୁଢା ଦେବତା ! ହେ ବୁଢା ଦେବତା ! ମୁଁ ମୁକୁଟ ପିନ୍ଧିବାକୁ ଅନୁମତି ମାଗୁଛି । ବୁଢାଦେବତା - ପିନ୍ଧିବୁତ ପିନ୍ଧେ ବାବୁ, କିନ୍ତୁ ତୋର ମୋର ରାଜ୍ୟ ରହୁ । ଅସମ୍ମାନ ନହେଉ ।) ବୁଢାଦେଓ ବିବାହର ପବିତ୍ରତା ତଥା ବିବାହପରେ ସମ୍ମାନର ସହ ବୁଧି ସହିତ ଜୀବନ ଯାପନର କଥା ଇଙ୍ଗିତରେ ସୂଚାଇ ଦେଇଛନ୍ତି ।

ବର, ପିତା-ମାତା ଠାରୁ ଅନୁମତି ମାଗି ବିବାହ କରିବାକୁ ଯିବା ଗୀତ :-

ବର : "ବୁବା ଇନ୍‌ନୋ ବୁବା ଇନ୍‌ନୋ ବୁବାବେ / ସିନ୍ଧି ଆକି ମଉଡ୍ / ସିନ୍ଧିଆକେ ମଉଡେ ଆଦେ ମଉଡ୍ କରିକ । ବୁଢା ଆଦେ ମଉଡ କରିକାନେ ।"

ପିତା : ବାଲକ ମଉଡ ଜୁବା ଆଡେ ମଉଙ୍କ ଆନୁବେ / କରକି ଢାଲେ କରାବେ / ହିଡିକ୍ ମନ୍ଦାନେ କରା / ହିଡିକି ମନନ୍ଦେ କରାବେ / କୁଟ୍ ନିମୋଟ୍ କେମା / କୁଟ୍ କପୋଟ୍ କମାଦେ / କୁଟ୍ କପେଟ୍ କିଟେକ୍ / କୁଟ୍ କପୋଟ୍ କିଟେକେ / ରାଜା ଡୋଲେ ମାୟାଡ଼େ / ରାଜା ଡୋଲେ ମାୟାଡ଼େ

ଅନୁବାଦ - ବର : "ବାପା ହୋ ! ବାପା ମୋର / ଜାଣିଛତ ଖଜୁରୀ ଗଛର କଅଁଳ ପତ୍ରରେ ତିଆରି ମୁକୁଟ ମୁଁ ପିନ୍ଧିବି, ମୁଁ ପିନ୍ଧିବି, ବାପା ହେ ମୁଁ ପିନ୍ଧିବି ।"

ବାପା : "ତୁ ତ ଏବେ ବରବେଶ ପିନ୍ଧିଛୁରେ ମୋର ଆଦରର ଧନ, ତୁତ ଏବେ ଅବିବାହିତ ଅଚୁ । ଯଦି ତୁ ମୁକୁଟ ପିନ୍ଧିବାକୁ ଇଚ୍ଛା କରିଛୁ ତା ହେଲେ ବାନ୍ଧେ (ମୁଣ୍ଡରେ ପିନ୍ଧେ), ତୋ ମନ ଖୁସିରେ ଶ୍ରଦ୍ଧାରେ ପିନ୍ଧେ ।"

ମୁକୁଟ ପିନ୍ଧି ବିବାହ କର ପୁଅରେ, ବାହା ହେବା ଝିଅପ୍ରତି କୁଟ କପଟ କରିବୁ ନାହିଁ । କୁଟ କପଟ କରିବୁ ନାହିଁ, ଏହା କଲେ ମୋର, ତୋର, କୁଳର, ଗାଇଁର ଅସମ୍ମାନ ହେବ, ଘର ଭାଙ୍ଗିଯିବ, ଜୀବନ ଉଜୁଡ଼ିଯିବ ।

ଏମିତି ପୁଅ ମୁକୁଟ ପିନ୍ଧିବା ପାଇଁ ମା, ମାମୁଁ, ମାଇଁ, ଉପସ୍ଥିତ ବୟସ୍କ ଲୋକଙ୍କ ଅନୁମତି ମାଗିବ । ସମସ୍ତ ଅନୁମତି ଦେଲାପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ମାନ ହେବ ।

ବିବାହ କାଳୀନ ମଉଡ (ମୁକୁଟ)ର ବିବରଣୀ : ବିବାହ ସମୟରେ ପର୍ଯ୍ୟାୟରେ ମଉଡ ପିନ୍ଧାଯାଏ ସେ ଗୁଡିକ ହେଲା (୧) ଦେଓ ମଉଡ (୨) ତେଲ ମଉଡ୍ (୩) ଲଗିନ୍ ମଉଡ୍ (୪) ଗଉନ୍ ମଉଡ୍ ।

୧. ଦେଓ ମଉଡ୍ (ଦେବ ମୁକୁଟ) : ଏହି ମୁକୁଟ କଅଁଳ ଖଜୁରୀ ପତ୍ରରେ ତିଆରି କରାଯାଇଥାଏ । ବିବାହ ତିଥି ସ୍ଥିର ହେଲାପରେ ବିବାହ କାର୍ଯ୍ୟରେ ଶୁଭ ସମାପନ ପାଇଁ ବିବାହର ପ୍ରଥମ ନିମନ୍ତ୍ରଣ ବୁଢାଦେଓଙ୍କୁ ଦେବା ସମୟରେ ଦେବତାଙ୍କ ପ୍ରତୀକ ଦାରୁମୂର୍ତ୍ତି (ଘୋଡା ଉପରେ ପାଗ ପିନ୍ଧି, ଖଣ୍ଡାଧରି ବସିଥିବା) ମୁଣ୍ଡରେ ସମ୍ମାନର ସହିତ ଟାଙ୍ଗାର (ପୂଜାରୀ) ପିନ୍ଧାଇ ଥାଏ । ପରେ ବିବାହ କାର୍ଯ୍ୟ କୁଶଳରେ ହେବା ପାଇଁ ମନ୍ତ୍ରପଢି (ଗୋଣ୍ଡି ଭାଷାରେ) ପ୍ରାର୍ଥନା କରିଥାଏ ।

୨. ତେଲ, ମଉଡ୍ : ବର ଓ ବନ୍ଧୁଙ୍କୁ ତେଲଚେଗାଣି (ତେଲ ଲଗାଇବା) କର୍ମାନୁଷ୍ଠାନରେ ଆମ୍ବପତ୍ରରେ ତିଆରି ମୁକୁଟ ପିନ୍ଧାଇ ଦିଆଯାଏ । ତାପରେ ଗ୍ରାମର ଯୁବତୀମାନେ ତେଲ ଚେଗାଣି ଗୀତ ଗାଇ ଗାଇ ଉଭୟଙ୍କୁ ମୁଣ୍ଡରେ ତେଲ ଦେଇଥାନ୍ତି ।

୩. ଲଗିନ୍ ମଉଡ୍ : ଏହି ମୁକୁଟ (ପିନ୍ଧି ମଉଡ) ଖଜୁରୀ ଗଛର କଅଁଳ ପତ୍ରରେ ତିଆରି କରାଯାଇଥାଏ । ଏହା ବର ବନ୍ଧୁ ହାତଧରିବା ବା ପୁଅ ଝିଅଙ୍କ ଲଗ୍ନବେଳାରେ ବେଦୀ ମଝିରେ ପୋତା ଯାଇଥିବା ମହୁଲ ଡାଳର ଚାରିପଟେ ବୁଲିବା ପୂର୍ବରୁ ବର ବନ୍ଧୁଙ୍କୁ ପିନ୍ଧାଇ ଦିଆଯାଏ । ଏହି ପ୍ରଥା ରକ୍ଷଣଶୀଳ ଭାବେ ପାଳନ କରାଯାଏ ।

ବର ପିଲା ପିତା ମାତା, ମାମୁଁ, ମାଇଁ ଆଦିଙ୍କ ଠାରୁ ମୁକୁଟ ପିନ୍ଧିବାର ଅନୁମତି ମାଗି ସାରିଲା ପରେ, ଝିଅ ଘର ଗାଁର ଯେତେକ ଯୁବକ - ଯୁବତୀ ବାଜା ବଜାଇ ପାଖ ବଣକୁ ଯାଇ ମହୁଲ ଡାଳ ଭାଙ୍ଗି ଆଣିବେ । ମହୁଲ ଡାଳ ଶୁଭ ବୋଲି ଲୋକ ବିଶ୍ୱାସ । ମହୁଲ ଗଛରେ ଦେବତାଙ୍କ ବାସ ହୋଇଥିବାରୁ ଏହା ପବିତ୍ର ଓ ଶୁଭଫଳଦାୟୀ, ଯୁବକ ଯୁବତୀ ଗଣ ମହୁଲ ଡାଳ ଆଣି ବେଦୀ ମଝିରେ ପୋତି ସାରିଲାପରେ ଶୁଭକାର୍ଯ୍ୟ ଆରମ୍ଭ କରାଯାଏ । ମହୁଲ ଡାଳ ଭାଙ୍ଗିବାକୁ ଯିବା ପୂର୍ବରୁ ବର ଘର ପକ୍ଷରୁ ନଡିଆ, ଧୂପ ନେଇ ମହୁଲ ଗଛକୁ ପୂଜା କରାଯାଏ । ଲଗିନ୍ (ହାତଗଣ୍ଠି) ସମୟରେ ମହୁଲ ଡାଳ ଆବଶ୍ୟକ । ଗଁଡ ଲୋକ ବିଶ୍ୱାସ ଯେ ମହୁଲ ଡାଳ ଜୀବନର ଗତିପଥକୁ ସୁଗମ କରିଥାଏ ଏବଂ ମୃତ୍ୟୁପରେ ଆତ୍ମାର ମୁକ୍ତିରେ ସହାୟକ ହୋଇଥାଏ । ଯଦି ବିବାହ କାଳରେ ମହୁଲ ଡାଳ ବ୍ୟବହାର କରାନଯାଏ ତାହା ହେଲେ ଆତ୍ମା ମୁକ୍ତି ପାଇବ ନାହିଁ ଓ ମରଣପରେ ଡୁମା (ପ୍ରେତ) ହେବାର ଭୟ ରହିବ । ଗଁଡ ମାନେ ମହୁଲ ଡାଳକୁ ଦେବତାର ପ୍ରତୀକ ଭାବେ ଗ୍ରହଣ କରି ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

୬. ବର କନ୍ୟାଙ୍କ ଦୋଳିଝୁଲା :

ପରବର୍ତ୍ତୀ ପର୍ଯ୍ୟାୟ ହେଲା ବର-ବଧୂଙ୍କୁ ଦୋଳିରେ ଝୁଲାଇବା ପ୍ରକ୍ରିୟା । ବର ଓ ବଧୂଙ୍କୁ ଅଣାଯାଇ ବାଉଁଶ ପାଚିଆରେ ତିଆରି ଗୋଟିଏ ବଡ଼ ଟୋକେଇ (ଟୁକୁନା, ପାଛିଆ)ରେ ବସାଇ ଦୋଳି ଝୁଲାଇବେ । ଧାଙ୍ଗଡା ଗୀତ ଗାଇ ବାଦ୍ୟର ତାଳେ ତାଳେ ନାଚିବେ । ଏହା ସାରାରାତି ଚାଲିବ । ଏହି ଦୋଳି ଝୁଲାଇବା ସମୟରେ ଗୀତକୁ ଗିରିଲିୟୋ ବା ଗିଲା ଗିଲା ଗୀତ କୁହାଯାଏ ।

ଦୋଳିଗୀତ (ପାଟା) :

ଗିରିଲିୟୋ ... ଗିଲାଗିଲା / ୟା ୟା ନାନାରେ ଇନା ବେଓ୍ୱାରେ ଗିରିଲିଞ୍ଚୋ.... ୟା ୟା ଗୋଟିରେ, ତନ୍ଦୋ ତାୟାରେ / ନାନା ବାୟାରେ ପେଞ୍ଜାରା ଦେଖାଲେ ଗିରିଲା / ଇଓ୍ୱାନା ରୋ, ସୁଜାଦାକି ନେ ନୁନି ଗିରିଲା / ୟା ୟା ମାମା ନିଓ୍ୱାଡ଼େ, ମନ୍ତାଡ଼େ, ଓ୍ୱାନାରେ ସୁଦାକେ ୟା...... ୟା ଗିରିଲା / ନୁନି ୟା......ୟା ରୋ, ସୁଦା ଜନମାଡ଼େ / ନୁନି ଗେଡରୋ, ମାଣ୍ଡା ଜୋଡିଲେ ଗିରିଲା.."

(ଅନୁବାଦ : ଗିରିଲିୟୋ.... ଗିଲା ଗିଲା ସ୍ୱରରେ ଗୀତ ଗାଉଛ, ମା ଗୋ ତୁମେ ଶୁଣ ଗିରିଲିୟୋ... ଗିଲା ଗିଲା ସ୍ୱରରେ ଗୀତ ଗାଉଛୁ । ମା ଗୋ ଦୋଳିରେ ଝୁଲାଉଛୁ, ଦେଖ ମୁଁ ଦୂରକୁ ଚାଲିଯିବି । ତୁମ ଗାଁ ଛାଡ଼ି ଯେଉଁ ସିଧାରାସ୍ତା ପଡ଼ିଛି ସେଇ ରାସ୍ତାରେ ।

ଝିଅଲୋ, ତୁ ଚାଲିଗଲା ପରେ ବେଶି ମନେ ପଡିବୁ । ତୁମ ଦୁହିଁଙ୍କ ଯୋଡି ଛାମଣ୍ଡିଆ ଖୁଣ୍ଟ ପରି ସମାନ ହେଉ । ସଙ୍ଖ ହେଉ ।

ଏହାପରେ ଧାଙ୍ଗଡା ଧାଙ୍ଗଡୀ ପନ୍ଦି ଶୁଲକ୍ ବା ସରସରା ପାଟା ଗାଇବେ । ଯାହା ଝରଣାର ପାଣି ସୁଅପରି ବିରାମହୀନ ଗତିରେ ଗଡ଼ି ଚାଲିବ । ନଥିବ ଗୀତରେ ବିରାମ, ଏହା ଅସରା, କେବଳ ପ୍ରଶ୍ନ ଆଉ ପ୍ରଶ୍ନ, ଉତ୍ତର ଅପେକ୍ଷାରେ ଏ ଗୀତ । ମନରୁ ପଦଯୋଡ଼ି ଜୀବନର ସାନ ବଡ଼ ଘଟଣାକୁ ନେଇ ଏ ଗୀତ । ଗଁଡି ଭାଷାରେ ଦ୍ରାବିଡ଼ ଭାଷା ଗୋଷ୍ଠୀର ଉଚ୍ଚାରଣରେ ଏ ଗୀତ କେତେବେଳେ ପତ୍ର ଝଡ଼ିଲା ପରିତ, କେତେବେଳେ ବିଜୁଳି ଝଲସିଲା ପରି, କେତେବେଳେ ମୟୂର ବୋବାଇଲା ପରିତ, ମେଘ ଗର୍ଜିଲା ପରି, ବହୁ ଭାବକୁ ନେଇ ଏ ଗୀତ । ଏହି ଗୀତରେ ପ୍ରକୃତି ଉପଜୀବ୍ୟ, ମଣିଷ ଉପଲକ୍ଷ । ବିବାହ କର୍ମରେ ଗୀତ ନଥିଲେ କି ଜଗବିନ, କି ଆନନ୍ଦ ? ବଞ୍ଚିଥିଲା ଯାଏ ଆନନ୍ଦ କର, ଖୁସି ହୁଅ । ଆୟୁଷ ଅଳ୍ପ, ଆନନ୍ଦ ସବୁବେଳେ ଆସେନାହିଁ । ଜଙ୍ଗଲ ମଣିଷର ଦୁଃଖ

ବେଶି, କଷ୍ଟ ବେଶି । ଗୀତ ଗାଇ ଜୀବନ ସରୁ, ଏହାହିଁ ଆଦିବାସୀ ଜୀବନଦର୍ଶନ, ଏଣୁ ଗଁଡ ସମାଜରେ ବିବାହର ପ୍ରତ୍ୟେକ ପର୍ଯ୍ୟାୟରେ ଗୀତ ଆଉ ଗୀତ ।

**ଫନ୍ଦି ଶୁଲକ୍ (ସରସରା ପାଟା) :**

"ବାଟା ବେଡା ଝରନ ପାନି / କାଲାପାନି ତୁମର ରାନି / ଅଙ୍ଗରେଜିତ ବାରାଡଣ୍ଡି / ଟାବାଲ ଟେଙ୍ଗିଂ ବେତବଡନି / କାଡି ଚବକାର ବେଉଁଲି ତୁଟି / କସା ପଟରିଆ ଚଉଁରି ମୁଣ୍ଡି / କନ୍ଦି ଲୋଟି ହିଲାଟିର / ବାଟ୍ ଗଲାୟ / ସିଦାନୁ ଆଇକାୟ / ଏଲି ଏଲି କୁର୍କି ଉଡା / ହେଲି ହେଲି ଗୁଡ୍ / ଅଇଲେ ଲନ୍ଦି ପଇଲେ ଯା / ସାତ୍ ବାଆନି ଫୁଲ୍ / ଡଙ୍ଗା ଟେଗୁନ୍ ଦକଲେକି ଡିଆ ଜଗଦଲପୁ ।"

(ଅନୁବାଦ – ପଡ଼ିଆ ଜମି, କଳାସ୍ୟାହି ପରି ଦେଖା ଯାଉଥିବା ଝରଣାରୁ ପାଣି, ଗଛ ମାନଙ୍କର ରାଣୀ ଡ଼ିମିରି ଗଛକୁ ଡେଇଁ ଇଂରେଜ ମାନଙ୍କ ପାଇଁ କାଉଡ଼ି (ଭାର) ଧରି, ଅଣ୍ଟାରେ ଫାର୍ସା ଖୋସି, ହାତରେ ବେତ ବାଡ଼ି ଧରି, ବେତବୁଣା ସରୁମୁହଁ ଥିବା ମାଛରଖା ମୁଣି (ତୁଟି), ଯାହାର ରଙ୍ଗକ ତିଆରି କଲାବେଳେ କଅଁଳପତ୍ର ପରି ସବୁଜଥିଲା, ଏବେ ସ୍ତ୍ରୀ ଲୋକର କହଁରିଆ (ଧୂସର) ଦିଶୁଥିବା ଖୋସାପରି, ରେଶମ ପୋକର ଖୋସାପରି ଦେଖା ଯାଉଛି, ସେହି ମାଛଧରା ମୁଣି ଧରି ଯାଉଛି ।

ଏଇ ମାଇକିନା ଟୋକୀ (ଅବିବାହିତ ଝିଅ) ଓ ଏ ପିଲା ଅଙ୍କା ବଙ୍କା ବାଟ ଦେଇ ବହୁଦୂରକୁ ଗଲେ । ଏମାନେ ସଙ୍ଗରେ କିଛି ଲିଆ ଓ ଗୁଡ଼ ଭେଲି ନେଇଥିଲେ ।

ଏହି ସମୟରେ ବାଟରେ ନଈ ପଡ଼ିଲା । ନଈ ସେପାରିକୁ ଯିବା ପାଇଁ ସେମାନେ ବାହାରିଲେ ନଈ ସେ ପାରିରେ ସାତବର୍ଣ୍ଣର ଫୁଲ ଫୁଟିଥିଲା । ଏମାନେ ଡଙ୍ଗାରେ ଚଢି ଚାହିଁଲାରୁ ଜଗଦଲପୁର ଦେଖା ଯାଉଥିଲା ।

**ଲଗିନ୍ (ବିବାହ ବେଦୀରେ କର୍ମ) :**

ଦେଓପାଟ୍ଟୀ, କଳସୀ ବରଣ ବାଟା, ଟେଲ ଟେଗାଣି ପାଟା, ଦୋଳିଝୁଲା ଦୋଳି ଝୁଲାଇବା କର୍ମାନୁଷ୍ଠାନ ହେବାର ପରଦିନ (କୁକୁଡା ବାସି) ପାହାନ୍ତିଆ ପହରରେ ବରର ମା ଓ କନ୍ୟାର ମା ଚିତ୍ରିତ ଦୁଇଟି ନୂଆ ମାଠିଆ ଧରି ଧର୍ମପାଣି ଆଣିବାକୁ ଯିବେ । ଏହି ପବିତ୍ର ପାଣି, ନିକଟସ୍ଥ ନଈ, ଝରଣା କିମ୍ବା ପୋଖରୀରୁ ଅଣାଯିବ । ଏହି କ୍ରିୟା ଅତି ଗୋପନରେ କରାଯିବ । ଏହାକୁ କେହି ଦେଖିବା ବିଧି ନିଷେଧ । ଏହି ଧର୍ମପାଣି ଆଣିଗଲା ବେଳେ ମା ମାନେ କଟନି ପାଟା (ବିବାହ ସଂପର୍କୀତ ଗୀତ) ଗାଇ ଗାଇ ଯିବେ ଓ ଫେରିଲା ବେଳେ ମଧ ଦୋହରାଇବେ । ଏହି ଧର୍ମ ପାଣିରେ ଚାରିଅଣା ପଇସା ଓ ଖଣ୍ଡେ ହଳଦୀ ପକାଇ ଲୁଚାଇ ରଖିବେ ।

ତାପରେ ବିବାହ ବେଦୀ ସଜାଇବେ । ବେଦୀରେ ଝୋଟି ପକାଇବେ । ଚାଉଳ ଚୂନା ସୁରୁଜ ବା ବଟା ଚାଉଳ ପିଠୋଉରେ ଚିତା ପକାଇବେ । ଚିତାରେ ବେଦୀର ଚାରିକୋଣରେ ଚାରିଗୋଟି କଳସୀରେ ଚିତ୍ର ଲେଖିବେ ଚାରିଗୋଟି ସର୍ବି (ଶାଳ) ସଳଖ ଖୁଣ୍ଟ ପୋତିବେ । ବେଦୀର ମଝିରେ ଅଣା ଯାଇଥିବା ମହୁଲ ଡାଳ ପୋତି ନୂଆ ସୂତା ଗୁଡାଇବେ । ୭ଟି ଥାକିଆ ଦୀପଗଛ ରଖିବେ । ବରର ମା ଓ କନ୍ୟା ମା ଆଣିଥିବା କଳସୀର ଧର୍ମପାଣିକୁ ମହୁଲ ଗଛ ଉପରେ ଶିକାରେ ଓହଳାଇବେ । ଏଣେ ଦୁଲା (ବର) ଓ ଦୁହି (କନ୍ୟା) କୁ ଦୋଷୀ ବେଣା ଗଛ ଧରାଇ ଚିରାଇବ । ପରେ ଦୋଷୀ ବରକୁ କନ୍ୟା ଆସିଥିବା ବାଟରେ ଏବଂ କନ୍ୟା କୁ ବର ଆସିଥିବା ବାଟରେ ଘରୁ ବାହାର କରି ବେଦୀରେ ଭେଟ କରାଇବ । ମାଣ୍ଡ (ବିବାହ ବେଦୀ)ରେ ଦୁହେଁ ଭେଟି ହେଲାପରେ ପାଳିରେ ନଡ଼ିଆ, ଅରୁଆ ଚାଉଳ, ଫୁଲ, ସିନ୍ଦୂର ରଖି, ଦୀପର ସଳିତାକୁ ଜଳାଇବେ । ଆଗପଛ କରି ବୁଲା-ବୁଲିକୁ ଧରିବେ । ଦୋଷୀ ସେ ଦୁହିଁକୁ

ମହୁଲ ଡାଳର ଚାରି ପାଖରେ ସାତଥର ପରିକ୍ରମା କରାଇବ । ଥରକରେ ଗୋଟିଏ ଖିଅ ନୂଆ ସୂତା ଗୁଡାଇବେ । ତାପରେ କୁଳ ରିବାଜ୍ ଅନୁସାରେ ହୋମ ହେବ । ହୋମ ସରିଲାପରେ ବର କନ୍ୟା ମହୁଲ ଡ଼ାଳ ନିକଟରେ ବସିବେ । ଉଭୟଙ୍କ ଉପରେ ଗୋଟିଏ ନୂଆଲୁଗା ଘୋଡାଇ ଦିଆଯାଇ ସେମାନଙ୍କ ମୁଣ୍ଡରେ ଧର୍ମପାଣି ଢାଳି ଦିଆଯିବ । ବିବାହ ପର୍ବ ଏମିତି ସରିଲାପରେ କନ୍ୟାର ବଡ଼ଭାଇ କାଣ୍ଡ (ତୀର), ଖଡ୍ଗ, ମୁଦି, ଶଙ୍ଖା ଉପହାର ଦେବେ । ଏହି ଲଗିନ୍ କୁ ମନେ ରଖିବା ପାଇଁ ଉପସ୍ଥିତ ଧାଙ୍ଗଡା - ଧାଙ୍ଗଡୀ ମାନେ ଲଗିନ୍ ପାଟା ମାରିବେ ଲଗ୍ନ ଗୀତ ଗାଇବେ -

"ଗିରି ଲିୟୋ... ରିଲାଗିଲା / ମାଣ୍ଡକେ କିଞ୍ଚୁର୍‌କେ ଯାଉଁରେ / ମାଣ୍ଡ୍‌କେ କିଞ୍ଚୁର୍‌କେ ଯାଉଁ / ଗିରିଲିୟୋ - ଗିଲା ଗିଲାଃ / ଯାଉଁ ବାବା ଯାଉଁରେ / ମାଣ୍ଡି କିନ୍ଦୁକ୍ ଲା ଯାଉଁ, ଗିରିଲିୟୋଁ .. ରିଲା ଗିଲା । ମଚୋଗିରି ଉତରଗି ଯାଉଁ ଦାଦା ଯାଉଁ / ମଚୋଗିରି ଉଚରଲି ଯାଉଁ ।"

ଅନୁବାଦ : ଗିରିଲିୟୋ... ରିଲାଗିଲା ସ୍ୱରରେ ଗୀତ ଗାଉଛୁ । ବେଦୀ ଚାରିପଟେ ବୁଲିବାରେ ବୁଲିବା; ବେଦୀ ଚାରିପଟେ ବୁଲିବା । ଚାଲ ଆମର ସବୁ ସଖା ସମ୍ବନ୍ଧ ବେଦୀ ଚାରିପଟେ ବୁଲିବା, ବେଦୀ ଚାରିପଟେ ବୁଲିବା ।

ଆମ ମୁଣ୍ଡ ଉପରେ ଏବେ ପବିତ୍ର ପାଣି ଇଡ଼ାଯିବ । ଏହି ପାଣି ମୁଣ୍ଡ ଦେଇ ପାଦ ହେଇ ମାଟି ଛୁଇଁବ, ବିବାହ କାମ ସରିବ (ଯା ଆଗରୁ) ଚାଲ ଆମର ସମ୍ବନ୍ଧ ବରବନ୍ଧୁ ସହ ବେଦୀ ଚାରିପଟେ ବୁଲିବା ।

୭. ଟିକାନା (ବନ୍ଦାଣ କର୍ମ) :

ଲଗିନ୍ ଗୀତ ଗାଇ ସାରିବା ପରେ ପୁଅଘର ଓ କନ୍ୟାଘର ସମ୍ପର୍କୀୟ ବନ୍ଧୁବର୍ଗ ତଥା ନିମନ୍ତ୍ରିତ ଓ ଉପସ୍ଥିତ ସମସ୍ତ ବ୍ୟକ୍ତି ବରକନ୍ୟାକୁ ଏକ ନୂଆ ସପ (ମସିଣା)ରେ ବସାଇବେ । ଧାଙ୍ଗଡାମାନେ ଗୀତ ଗାଇବେ ବରକନ୍ୟାକୁ ଲକ୍ଷକରି । ଗଁଡ଼ ବାଇଦ ଯଥା ମାଟି ମାନ୍ଦର ଖୁଚ୍ ମାନ୍ଦର, ଡୁଡରା ବାଜିବ । ପ୍ରଥମେ ମା ବାପା ଓ ପରେ ବଡରୁ ଛୋଟ ଯାଏ ସମସ୍ତେ ହଳଦିଆ ଓଦା ଅରୁଆ ଚାଉଳ ଓ ହଳଦୀଗୁଣ୍ଡ ବରକନ୍ୟାଙ୍କ କପାଳରେ ଟୀକା ଦେଇ ଶୁଭ ମନାସିବେ ଓ ଶକ୍ତି ଓ ସାମର୍ଥ୍ୟ ମତେ ସେମାନଙ୍କ ହାତରେ ଟଙ୍କା, ପଇସା ଓ ବସ୍ତ୍ର ଆଦି ଉପହାର ଦେବେ । ଏହି କ୍ରିୟାକୁ ଟିକାନା କୁହାଯାଏ ।

୮. ତାପରେ କନ୍ୟାଘରେ ଉଭୟପକ୍ଷ ଭୋଜି ଖାଇବେ । ଭୋଜିର ସମସ୍ତ ଖର୍ଚ୍ଚ ବରଘର ବହନ କରିବାର ବିଧି । ଏବେ ଅବଶ୍ୟ କନ୍ୟାଘର ମଧ ଏହି ଭୋଜି ଖର୍ଚ୍ଚରେ ଭାଗିଦାର ହେଉଛନ୍ତି ।

୯. ଝିଅବିଦା :

ତାପରେ ବିବାହର ସବୁଠାରୁ କରୁଣ ପର୍ବ ଆରମ୍ଭ ହେବ । ଆସିବ ଝିଅକୁ ବିଦାୟ ଦେବାର ବେଳ । ବିଧି ଅନୁସାରେ ବରପକ୍ଷରୁ ଗ୍ରାମ ଦେବତାଙ୍କୁ କଅଁଳ ଖଜୁରୀ ପତ୍ରରେ ନିର୍ମିତ ମୁକୁଟ ପିନ୍ଧାଇ, ଭୋଗ ପୂଜା ଦେଇ ସାରିବା କ୍ରିୟା ପୂର୍ବରୁ (ଦେଓ ମଉଡ୍ ବନ୍ଧା) ଶାଶୁକୁ (ବଡ଼ ଭଉଣୀକୁ) ନୂଆ ଲୁଗା ଦେବେ । ଝିଅର ମାକୁ ମାମାଅଛି ଏକ ଟଙ୍କା ଦେବେ । ପିତୃପୁରୁଷଙ୍କ ଡୁମାଙ୍କ ସନ୍ତୋଷ ବିଧାନ ପାଇଁ ଝିଅ ଚାରିଅଣା ପଇସା ଦେଇ ଝିଅ ବିଦା ପାଇଁ କହିବେ । ଝିଅ ଶେଷରେ ବାପଘର ଛାଡ଼ି ସବୁଦିନ ପାଇଁ ଶାଶୁଘରକୁ ଚାଲି ଯାଉଥିବାର ଦୁଃଖରେ ବିବାହ କାଳୀନ ବିଦାୟର କରୁଣ ଗୀତ ଗାଇ ଗାଇ କାନ୍ଦି ପକାଇ, ଅଣ୍ଟି ପଟେଇ ପଇସା ମାଗିବ । ପରେ ଝିଅକୁ ବରଘରେ ପହଞ୍ଚାଇବା ପାଇଁ କନ୍ୟା ଗାଁର କେତେକ ଝିଅ ସହିତ ଯିବେ ।

୧୦. ପତ୍‌ଘାନି ବାଜା ବଜାଇ ଗୀତ ଗାଇ କନ୍ୟାକୁ ସଙ୍ଗରେ ଧରି ବରପିତା ନିଜଗାଁକୁଫେରିବେ । ଗାଁରେ

ପହଞ୍ଚିଲା ବେଳକୁ ରାତିହେଲେ ଗାଁ ବାହାରେ ରହି ସକାଳ ହେଲେ ପଡଘାନି (ଶୋଭାଯାତ୍ରା)ରେ ଘର ଅଭିମୁଖେ ଯିବେ । ତାପରେ ବରଘରେ କନ୍ୟାକୁ ସଙ୍ଖୋଳି ନେବେ । ଚଉଠି କର୍ମଦିନ ପୁଅ ଘରେ ଭୋଜି ହୋଇ ବିବାହ ପ୍ରକ୍ରିୟା ଓ ଶେଷହେବ । ଗଁଡ ମାନଙ୍କର ଛଅ ପ୍ରକାର ବିବାହ ମଧ୍ୟରୁ ମାହାଲାବିବାହ ପାରମ୍ପରିକ ରୀତିନୀତି, ପ୍ରଥା, ବିଧି ଓ ବିଧିନିଷେଧ ଏଠାରେ ବିଶଦ ଭାବରେ ବର୍ଣ୍ଣନା କରାଗଲା । ପ୍ରବନ୍ଧର କଳେବର ଦୃଷ୍ଟିରୁ ଅନ୍ୟ ବିବାହ ଗୁଡ଼ିକର କେବଳ କେବଳ ସୂଚନା ମାତ୍ର ପ୍ରଦାନ କରାଗଲା ।

ଏର ଦଶାନା ବିହା ବା ଠେଙ୍ଗା ଉତ୍‌ରାନି ବିହା : ଜନାରି ମାହାଲାରେ ଝିଅକୁ ପୁଅଘରକୁ ପାଞ୍ଚ ସାତ ଦିନ ପାଇଁ ଡାକି ଅଣାଯାଏ । ଯଦି ଏହି ସମୟ ସୀମା ଭିତରେ ବର କନ୍ୟା ଉପରେ ହଳଦୀ ପାଣି ଛାଟି ରଖି ନିଏ, କନ୍ୟା ଆଉ ବାପ ଘରକୁ ଫେରିଯାଏ ନାହିଁ । ଏହାକୁ ହଳଦି ପାଣି ରିକା ବା ଏରଦଶାନା ବିବାହ ବା ଠେଙ୍ଗା ଉତ୍‌ରାନି ବିହା ବୋଲି କୁହାଯାଏ । ଏଥିରେ ମାହାଲା ବିବାହ ପରି ବରପକ୍ଷ ଖର୍ଚ୍ଚାନ୍ତ ହୁଅନ୍ତି ନାହିଁ । ପରେ ଉଭୟ ପକ୍ଷର ବଡ଼, ବୁଢା, ସିଆନ୍ ମାନେ ବସି ଏହି କାର୍ଯ୍ୟର ବିଚାର କରନ୍ତି ଓ ସାମାଜିକ ନିୟମ ପ୍ରକାରେ ବରପକ୍ଷ କନ୍ୟାପକ୍ଷକୁ କିଛି ଟଙ୍କା ଦିଅନ୍ତି ।

**ପଇସାମୁଣ୍ଡି ବିହା :**

ଗଁଡ୍ ସମାଜରେ ପୁଅ ଝିଅର ରାଜି ଖୁସିହିଁ ଦାମ୍ପତ୍ୟ ଜୀବନର ମୂଳ ଭିତ୍ତି । ଏହି ପ୍ରଥାରେ ପୁଅ ଝିଅ ପରସ୍ପରକୁ ଭଲ ପାଇ ବିବାହ କରିବାକୁ ରାଜି ହେଲେ ଝିଅ ନିଜ ବାପ ମାକୁ ନଜଣାଇ ନିଜ ଲୁଗାପଟା, ଜିନିଷ ପତ୍ର ଧରି ପୁଅ ଘରକୁ ଚାଲି ଆସେ ଏବଂ ସେଠି ରହେ । ଏହାକୁ ପଇସାମୁଣ୍ଡି ବିହା କୁହାଯାଏ । ପରେ ଦୁଇ ପରିବାର ମିଶି କଥାବାର୍ତ୍ତା କରି କନ୍ୟାଖୋଲା ତୁଟାଇ ବିଧିପୂର୍ବକ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥାନ୍ତି ।

**ଉଦ୍‌ଲିଆ ବିହା :**

ବାଟରେ, ନାଟରେ, ହାଟରେ, ଘାଟରେ, ମେଳା ମଣ୍ଡପରେ ଯାତ୍ରା ପରବରେ, ବନ୍ଧୁଘର ଗାଁରେ କି ଅନ୍ୟ କାହାର ବାହାଘର ଅବସରରେ ଯଦି ପୁଅଟିଏ ଝିଅଟିଏକୁ ମନକଲା, ଗୀତ ଗାଇ ବନ୍ଧୁ ବାନ୍ଧିଲା, ମିତ - ମାପ୍ରସାଦ ହେଲା, ବାଲିଫୁଲ ବାନ୍ଧିଲା, ଜହ୍ନକୁ ଦେଖାଇ, ତାରାକୁ ଦେଖାଇ ପଦପାନ୍ଦି ଝିଅ ନାଁରେ ଗୀତ ଯୋଡିଲା, ପ୍ରେମ କଲା ଆଉ ଜାଣିଲା ଯେ ସେମାନଙ୍କ ପ୍ରେମ ବିବାହରେ ବାପା - ମା ରାଜି ହେଉନାହାଁନ୍ତି, ସଙ୍କେତ ଦେଇ ପୁଅ ଝିଅକୁ ଡାକିନିଏ କୌଣସି ଯାତରାକୁ, ପରବକୁ । ତାପରେ ବନ୍ଧୁମାନଙ୍କ ସହାୟତାରେ ଝିଅକୁ ନେଇ ଚାଲିଯିବ ନିଜ ମାମୁଁ ଘର ଗାଁକୁ, ରହିବ ସେଠି କେତେଦିନ । ପରେ ପିତା ମାତା ରାଜି ହେଇ ବିବାହ କରାଇଥାନ୍ତି । ପୁଅ ସହିତ ଝିଅର ଏହି ପଳାଇବା ପ୍ରଥାକୁ ଉଦଲିଆ କୁହାଯାଏ । କୋରାପୁଟ ଜିଲ୍ଲାର ପ୍ରାୟ ସମସ୍ତ ଆଦିବାସୀ ସମ୍ପ୍ରଦାୟରେ ଏହା ଦେଖାଯାଏ ।

**ମିଟହାନା (ମିଠାନା) ବିହା : ବିଧବା ବିବାହ :**

ଯଦି କୌଣସି କାରଣରୁ ବରର ମୃତ୍ୟୁ ହୁଏ, ସ୍ତ୍ରୀ ବିଧବା ହୁଏ । ଅବଶିଷ୍ଟ ଜୀବନରେ ସେ ଯେମିତି ବୈଧବ୍ୟର ନିଃସଙ୍ଗତା ବା ଯନ୍ତ୍ରଣା ନ ଭୋଗିବ, ସେଥିପାଇଁ ଗଁଡ ସମାଜ ବିଚାର ବିମର୍ଶ କରି ବୋହୂର ମନରାଜିରେ ତା ଦିଅର (ହରଣ୍ଡ) କିମ୍ବା ସାନବାପା (ଶ୍ୱଶୁର ର ସାନଭାଇ)ରପୁଅ ବା ଶ୍ୱଶୁର ର ବଡ଼ଭାଇର ପୁଅ କିମ୍ବା ଅନ୍ୟ କୌଣସି ବନ୍ଧୁ ବାନ୍ଧବ ମଧ୍ୟରୁ ଯିଏ ଶ୍ୱଶୁର ର ବଡ଼ଭାଇର ପୁଅ କିମ୍ବା ଅନ୍ୟ କୌଣସି ବନ୍ଧୁ ବାନ୍ଧବ ମଧ୍ୟରୁ ଯିଏ ଇଚ୍ଛା କରିବ, ତା ସହିତ ସେ ଘର ବାନ୍ଧିବ (ବସାଇବ) । ଚାହିଁବା ବ୍ୟକ୍ତି ଉକ୍ତ ସ୍ତ୍ରୀର କପାଳରେ ହଳଦୀଗୁଣ୍ଡ ଓ ଓଦା ଅରୁଆ ଚାଉଳର ଟୀକା ଲଗାଇଦେବ । ଉକ୍ତ ସ୍ତ୍ରୀ ହାତରେ ଚୂଡ଼ି ପିନ୍ଧିବ ନାହିଁ । ପ୍ରଥା ଅନୁସାରେ ରୂପା ତିଆରି ପାତିଆ ପିନ୍ଧିବ । ଯଦି କେହି ନଥିବେ ତା ହେଲେ ଶାଶୁ ଓ ଶ୍ୱଶୁର ଅନ୍ୟତ୍ର ବର ବ୍ୟବସ୍ଥା କରି ବିବାହ କରାଇ ଦିଅନ୍ତି ଓ ଗାଁ ଲୋକଙ୍କୁ ଭୋଜି ଦିଅନ୍ତି ।

**ଘର ଜ୍ୱାଇଁ ରଖିବା ବିଧି :**

କେତେକ ସମ୍ପନ୍ନ ଗଁଡ ପରିବାର ନିଜ ଝିଅ ପାଇଁ ଜଣେ ମନୋନୀତ ଯୁବକକୁ ଘରେ କମିଆ (ବିଲବାଡ଼ି କାମ ଦେଖିବା ଓ ଗୋରୁଗାଈ ସମ୍ଭାଳିବା)

ରଖନ୍ତି । ସେ ଘର ଢୋଙ୍ଗ ହୁଏ । ତା'ର ଦୁଇବର୍ଷର କାମ ଦେଖି ପରବର୍ତ୍ତୀ କାଳରେ ଝିଅକୁ ତା ସହିତ ବିବାହ ଦିଅନ୍ତି ଏବଂ ସେମାନେ ନିଜ ପାଇଁ ଏକ ଅଲଗା ଘର କରି ଗୋଟିଏ ପରିସର ମଧ୍ୟରେ ରହନ୍ତି ।

କୌଣସି ଝିଅ ଯଦି ବିବାହ ପୂର୍ବରୁ ଗର୍ଭବତୀ ହୁଏ, ତାହାହେଲେ ସାମାଜିକ ନିୟମ ଅନୁସାରେ ବିଚାର କରାଯାଇ ତାହାର ସମାଧାନ୍ କରାଯାଏ । ଗଁଡ ସମାଜରେ ସ୍ତ୍ରୀ ପୁରୁଷ ଚାହିଁଲେ ଛାଡପତ୍ର ଦେବାର ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳେ ।

ମଣିଷର ଜୀବନ ଚକ୍ରରେ ବିବାହ ସବୁଠାରୁ ଏକ ସୁନ୍ଦର ବ୍ୟବସ୍ଥା । ସମାଜର ସଂସ୍କୃତି, ଶୃଙ୍ଖଳା, ବଂଶରକ୍ଷା ଆଦିର ବିବାହ ସହାୟକ ହୋଇଥାଏ । ଗଁଡ ମାନଙ୍କ ବିବାହ ବ୍ୟବସ୍ଥାରେ ଆନ୍ତଃଜାତି ବିବାହ (Inter caste Marriage) କୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି ।

ସମ୍ପ୍ରତି ଶିକ୍ଷିତ ଗଁଡ ସମ୍ପ୍ରଦାୟ, ଚାକିରୀଜୀବୀ, ନିଜ ସମ୍ପ୍ରଦାୟର ପ୍ରାଚୀନ କେତେକ ବିବାହଗତ ବିଧି ବିଧାନ, ପ୍ରଥା ଓ ପ୍ରାଚୀନ ପରମ୍ପରାକୁ ସମକାଳୀନ ଯୁଗ ରୁଚି ଅନୁସାରେ ପରିବର୍ତ୍ତନ କରି ଗଁଡ ମାନଙ୍କ ବିବାହ ବ୍ୟବସ୍ଥାରେ ଉଚ୍ଚ ଆର୍ଯ୍ୟଜାତିକ ରୀତିନୀତିକୁ ଗ୍ରହଣ କରି କ୍ରିୟାନ୍ୱୟନ୍ କରାଇବା ପାଇଁ ଏକ ବିଧି ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏ ସମ୍ବନ୍ଧରେ ଗୋଁଡ ସାଂସ୍କୃତିକ ସମାଜ ଓଡ଼ିଶା ଭୁବନେଶ୍ୱରରୁ ପ୍ରକାଶିତ 'ଷଡବଂଶୀ ନିୟମାବଳୀ'ରୁ ସୂଚନା ମିଳେ । ଶିକ୍ଷା, ଦୀକ୍ଷାର ପ୍ରଭାବରେ ସମ୍ପ୍ରତି ଗଁଡ ସମାଜ ଗୁଡିକରେ ଯେଉଁ ପରିବର୍ତ୍ତନ ମାନ ଦେଖିବାକୁ ମିଳୁଛି, ତାହା ପାରମ୍ପରିକ ବିବାହ ବ୍ୟବସ୍ଥାର ବହୁ ସ୍ଥଳରେ ବିରୋଧ କଲାଭଳି ମନେହୁଏ । ଏବେ କେତେକ ଗଁଡ ସମ୍ପ୍ରଦାୟ ଗାୟତ୍ରୀ ପରିବାରର ସଦସ୍ୟ ହୋଇ ଗାୟତ୍ରୀ ମତରେ ବିବାହ କର୍ମମାନ ଅନୁଷ୍ଠାନ କରାଉଛନ୍ତି ଯଦିଓ ଏଥିରେ ପାରମ୍ପରିକ ବିଶ୍ୱାସ ବୋଧର ସୁସଂହତ ସମନ୍ୱୟ ଦେଖିବାକୁ ମିଳୁଛି । ଏବେ ଶିକ୍ଷିତ ଗଁଡ୍ ମାନେ ନିମ୍ନ ମତେ ସେମାନଙ୍କ ବିବାହ ବ୍ୟବସ୍ଥାରେ ପରିବର୍ତ୍ତନର ପକ୍ଷପାତୀ ଯଥା (୧) ସମଗୋତ୍ର ବିବାହ ନିଷେଧ (୨) କନ୍ୟା ସନ୍ଧାନରେ ମଧ୍ୟସ୍ଥିର ଭୂମିକା, ଚାର ଶିକ୍ଷା, ଗୁଣ, ଯୋଗ୍ୟତା (୩) ସମ୍ମତି (୪) ପ୍ରତିବନ୍ଧକ ମୁକ୍ତ ପ୍ରମାଣ ପତ୍ର ହାସଲ (୫) ବନ୍ଧୁଦର୍ଶନ (୬) ହାର ମୋଡେନ୍ କନିଆଁ ମଗା ବା ବାକ୍ୟଦାନ ସମ୍ବନ୍ଧରେ ନିୟମ (୭) ବାକ୍ୟ ପ୍ରଦାନର କାର୍ଯ୍ୟକାରିତା (୮) ବାକ୍ୟ ପ୍ରତ୍ୟାହାର ସମ୍ବନ୍ଧୀୟ ନିୟମ (୯) ନିର୍ବନ୍ଧ (୧୦) ଦେବପୂଜା ଓ ମାଟିବନ୍ଦନା (୧୧) ବାତୁଅପାଣି ସଂଗ୍ରହ ଓ ତୈଳାଭିଷେକ ସମ୍ବନ୍ଧରେ ନିର୍ଦ୍ଦେଶ (୧୨) ବିବାହ ପୂର୍ବଦିନ ବରର ବ୍ରତୋପନୟନ (୧୩) ମଙ୍ଗନ (୧୪) ବିବାହ ଭୋଜି (କନ୍ୟାଘରେ) (୧୫) ବିରାଡି, ବରଯାତ୍ରୀ ଓ ଗୋଷଣୀ ସମ୍ବନ୍ଧରେ ନିର୍ଦ୍ଦେଶ (୧୬) ବାଜା (୧୭) ବର ବରଣ (୧୮) ବରବେଶ (୧୯) ବରଭୋଜନ (୨୦) କର୍ମାଣୀ ଲୁଗା (୨୧) ପାଣି ଗ୍ରହଣ (୨୨) ଯୌତୁକ (୨୩) କଉଡି ଖେଳ (୨୪) ବର ବାହୁଡା ଓ କନ୍ୟା ବିଦାୟ (୨୫) ପ୍ରୀତିଭୋଜନ (୨୬) ବୋହୂ ପାଳନ (୨୭) ଚଉଠି କର୍ମ (୨୮) ଚଉଠି ଭାର (୨୯) ବିବାହ ନୃତ୍ୟ (୨୯) ଢୋଙ୍ଗ ଡାକରା (୩୦) ନିମନ୍ତ୍ରଣ, ବନ୍ଧୁ ଆଗମନ ଓ ସାମାଜିକ ଶୃଙ୍ଖଳା (୩୨) ଆନ୍ତଃଜାତି ବିବାହ (୩୩) ସମଗୋତ୍ର ବିବାହରେ ଆପତ୍ତି (୩୪) ମାମୁଁ ଝିଅ ବିବାହ (୩୪) ଗୋତ୍ର ବାସନ୍ଦ (୩୫) ବିଧବା ଓ ପରିତ୍ୟକ୍ତା ବିବାହ (୩୬) ଛାଡପତ୍ର ବ୍ୟବସ୍ଥା (୩୮) ବଳାତ୍କାର ବିରୋଧରେ ନିୟମ - ଯଦି ଗଁଡମାନେ ଏହି ଅଷ୍ଟତ୍ରିଂଶ ନିୟମାବଳୀ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ତାହା ହେଲେ ଏହା ବ୍ରାହ୍ମଣଙ୍କ ବିବାହରୀତିର ଅନୁରୂପ ହେବ ଏବଂ ଗଁଡ ମାନଙ୍କ ଏକ ସ୍ୱକୀୟ ପାରମ୍ପରିକତା ତଥା ପ୍ରଥାସିଦ୍ଧ ବିବାହ ବ୍ୟବସ୍ଥାରେ ବହୁ ରୂପାନ୍ତର ମାନ ଦେଖିବାକୁ ମିଳିବ ।

◆◆◆

ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ର
ଉମରକୋଟ - ୭୬୪୦୭୩,
ଜି : ନବରଙ୍ଗପୁର, ଓଡ଼ିଶା

ସୂଚନା :

(କ) ପ୍ରବନ୍ଧ ପାଇଁ କ୍ଷେତ୍ର ଅଧ୍ୟୟନ :

ନବରଙ୍ଗପୁର ଜିଲ୍ଲା ଉମରକୋଟ ତହସିଲ ଅନ୍ତର୍ଭୂକ୍ତ ରାଇଘର, ଝରିଗାଁ, ଉମରକୋଟ, ଝନ୍ଦାହାଣ୍ଡି ପଞ୍ଚାୟତ ସମିତିର କେତେକ କଣ୍ଡ ଆଦିବାସୀ ଅଧୁଷିତ ଗ୍ରାମ ଯଥା : ରାଇଘର, କୁସୁମପୁର, ଡୁମରଡିହି, ଟିମନପୁର, ଉଦୟପୁର, ଗୋନା, ଖୁଡକୁ ଗ୍ରାମ, ଉପରକୋଟର ଭାଲୁଗୁଡା ଗ୍ରାମ ।

(ଖ) ତଥ୍ୟ ସଂଗ୍ରହରେ ସହାୟତା କରିଥିବା ବ୍ୟକ୍ତି : ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝୀ, ପୂର୍ବତନ ବିଧାୟକ, ଉମରକୋଟ, ଶ୍ରୀ ଖେଦୁରାମ ଝାଙ୍କର, ପୂର୍ବତନ ଅଧକ୍ଷ, ରାଇଘର ପିସ. ଘୁଡୁକୁ ଗ୍ରାମ, ଶ୍ରୀ ଜଗନ୍ନାଥ ନାୟକ, ଶିକ୍ଷକ, ରାଇଘର, ଶ୍ରୀ ମଣିରାମ ଗଁଡ୍, ଡୁମର ଡିହି (ରାଇଘର), ଶିକ୍ଷକ, ଶ୍ରୀ ଭଗବାନ ଦଳେଇ, ଶିକ୍ଷକ, ଟିମନପୁର (ସମ୍ପ୍ରତି ଖୁଣ୍ଟା, ମୟୂରଭଞ୍ଜ), ରୋଇନୁଗଁଡ୍, ଟିମନପୁର ରାଇଘର), ମାୟାଧର ମାନସିଂ ଧୁରୁଆ (ସୋନପୁର, ରାଇଘର), ଦୁର୍ଜନ ଗଁଡ, ଗଞ୍ଜାପାରା (ରାଇଘର), ମେଘନାଦ ପୂଜାରୀ, ଦରଘାଗୁଡ଼ା ଉମରକୋଟ, ରାମନାଥ ନିର୍ଗଚ, ଲେଙ୍ଗଡାଗୁଡ଼ା, ଉପକୋଟ, ବଣ୍ଡକୁ ଗଁଡ, ସିଲିଗୁଡ଼ା, ଉମରକୋଟ, ଗୋଣ୍ଡି ଗୀତ ସଂଗ୍ରହ - ଶ୍ରୀ ଜଗନ୍ନାଥ ନାୟକ, ଗଁଡ, ସିଲିଗୁଡ଼ା, ଉମରକୋଟ ।

ଗୋଣ୍ଡି ଗୀତ ସଂଗ୍ରହ : ଶ୍ରୀ ଜଗନ୍ନାଥ ନାୟକ, ରାଇଘର ତଥା ଗୀତ ଗୁଡିକର ଓଡ଼ିଆ ରୂପାନ୍ତର - ଶ୍ରୀ ମଣିରାମ ଗଁଡ ଓ ରୋଇନୁ ଗଡ, ଟିମନପୁର ଏମାନଙ୍କ ସହାୟତାରେ ଏହି ପ୍ରବନ୍ଧ ପ୍ରସ୍ତୁତି ସମ୍ଭବ ହୋଇଥିବାରୁ ଲେଖକ କୃତଜ୍ଞତା ପ୍ରକାଶ କରୁଛି ।

# ଖଡ଼ିଆ (ଢେଲ୍‌କି ଓ ଦୁଧ) ସାମାଜିକ ପ୍ରଥା : ବିବାହ

ଶ୍ରୀ ତାଉ ଭୋଇ

ଓଡ଼ିଶାର ଉତ୍ତର ପଶ୍ଚିମାଞ୍ଚଳରେ ଖଡ଼ିଆ ନାମକ ଏକ ଜନଜାତି ବସବାସ କରି ଆସୁଛନ୍ତି । ଏମାନେ ଛୋଟ ନାଗପୁର ଓ ରାଁଚି ଅଞ୍ଚଳରୁ ବିସ୍ତରଣ ହୋଇ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଢେଙ୍କାନାଳ ଜିଲ୍ଲାରେ ବହୁ ସଂଖ୍ୟାରେ ଦେଖାଯାନ୍ତି । ଏମାନେ ମୁଖ୍ୟତଃ ତିନୋଟି ବିଭାଗରେ ବିଭକ୍ତ ଯଥା : (କ) ପାହାଡ଼ି ଖଡ଼ିଆ (ଖ) ଢେଲ୍‌କି ଖଡ଼ିଆ ଏବଂ (ଗ) ଦୁଧ୍ ଖଡ଼ିଆ । ଉଦ୍ଦିଷ୍ଟ ପ୍ରବନ୍ଧରେ ଢେଲ୍‌କି ଓ ଦୁଧ ଖଡିଆମାନଙ୍କ ଉପରେ ଆଲୋଚନା କରାଯାଇଛି ।

ଢେଲ୍‌କି ଖଡ଼ିଆ ଓ ଦୁଧ ଖଡ଼ିଆ ମାନେ ନିମ୍ନୋକ୍ତ ୮ଟି ବଂଶ / ଗୋତ୍ରରେ ବିଭକ୍ତ ହୋଇଛନ୍ତି । ଢେଲ୍‌କି ଖଡ଼ିଆଙ୍କର ଆଠଟି ଗୋତ୍ର; ଯଥା : (୧) ମୁରୁ, (୨) ସୋରେନ୍ (୩) ସାମାଡ୍ (୪) ବଗ୍‌ଲିହା, (୫) ଚରହା, (୬) ହଂସା/ହଁନ୍‌ସା (୭) ମଭଲ୍ ଓ (୮) ଟୋପ୍‌ନୋ । ଦୁଧ୍ ଖଡ଼ିଆମାନେ ୯ଟି ଗୋତ୍ରରେ ବିଭକ୍ତ ଯଥା : (୧) ଡୁଙ୍ଗଡୁଙ୍ଗ, (୨) କୁଲୁ, (୩) କେର୍‌କେଟ୍ଟା, (୪) ବିଲୁଙ୍ଗ (୫) ସୋରେନ୍ (୬) ବା (୭) ଟେଟେ (୮) କିର ଏବଂ (୯) ଟୋପୋ

ଏମାନେ ଛୋଟନାଗପୁର ଅଞ୍ଚଳରୁ ଆସିଥିଲେ ଏବଂ କୋଏଲ୍ ନଦୀର ଉତ୍ତର - ପଶ୍ଚିମରେ ବସତି ସ୍ଥାପନ କରି ରହିଛନ୍ତି । ଏମାନେ ଏକ ଅନଗ୍ରସର ଜାତି ଏବଂ ଏମାନଙ୍କ ସମାଜରେ ବିବାହ ପ୍ରଥା ଯାହା ପ୍ରଚଳିତ ଅଛି, ତାହା ଅତି ସାଧାରଣ। ନାଚ, ଗୀତ ଓ କୁସୁନା ମଦର ମଜା ମଜଲିସ୍ ମଧ୍ୟରେ ବର ଓ କନ୍ୟାକୁ ଏକ ଗୃହ ମଧ୍ୟରେ ମିଳନ କରାଇ ଜୀବନ ସାଥୀ କରାଇ ଦେବା । ବିଭିନ୍ନ ଅଞ୍ଚଳରେ ରହିଥିବା ଯୋଗୁଁ ବିବାହ ପଦ୍ଧତିରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ । ପୁଣି ପାହାଡ଼ି ଖଡିଆ ମାନଙ୍କ ସହ ଦୁଧ ଓ ଢେଲକି କଡ଼ିଆ ମାନଙ୍କର ବିବହ ରୀତିରେ ବହୁ ପାର୍ଥକ୍ୟ ରହିଛି । ଏଥିରୁ ଲକ୍ଷ୍ୟ କରାଯାଇପାରେ ଯେ ଏମାନଙ୍କର ରୀତି, ନୀତି, ପ୍ରଥା, ପରମ୍ପରା ରେ ମଧ୍ୟ ଭିନ୍ନତା ରହିଛି । ଏମାନେ ଯିଏ ଯେଉଁ ଅଞ୍ଚଳରେ ବାସ କରି ରହିଛନ୍ତି; ସେମାନେ ସେହି ଅଞ୍ଚଳର ପ୍ରଥା ପରମ୍ପରା ଓ ରୀତି ନୀତିକୁ ମଧ୍ୟ ଅଳ୍ପ ବହୁତେ ଅନୁସରଣ ଓ ଅନୁକରଣ କରୁଛନ୍ତି । According to Risley, the Mundas take daughters in marriage from the Kharias, but never allow their daughters to marry them". Sir Edward Gait suggested that their is difference between the Kharias of Ranchi and those inhabiting in Orissa State".

ଏଠାରେ ରାଞ୍ଚି ଓ ସୁନ୍ଦର ଗଡ଼ ଦୁଧ ଖଡ଼ିଆ ଓ ଢେଲ୍‌କି ଖଡ଼ିଆ ମାନଙ୍କର ବିବାହ ପ୍ରଥା ଉଲ୍ଲେଖ କରାଗଲା । ଡ୍ରିଷ୍ଟ୍ରିକ୍ଟ ଗେଜେଟିୟର, ଓଡ଼ିଶା - ସୁନ୍ଦରଗଡ 1975,P.115 O.G.P. ରେ ଉଲ୍ଲେଖ ଅଛି - The Pahadi, Dhelki and Dudh Kharias are strictly endogamous. They never allow any marital relationship with one another. Boys generally marry at the age of fifteen or sixteen. ଏଥିରୁ ମନେହୁଏ ଯେ ପୁଅ ଓ ଝିଅର ଯୌବନତ୍ୱ ପ୍ରାପ୍ତି ପରେ ପରେ ହିଁ ଏମାନେ ପୁଅ ଝିଅ ମାନଙ୍କର ବିବାହ କରାଇଥାନ୍ତି । କିନ୍ତୁ ରୀତି ରହିଛି ଯେ ପୁଅ ବା ଝିଅ ଯୌବନତ୍ୱରେ ପଦାର୍ପଣ କରିବା ପରେ ଝିଅ ଦୁଇଟି ପାଣିଭରା ମାଠିଆ ବୋହିପାରୁଥିବା

ଓ ପୁଅ ଲଙ୍ଗଳ ହଳ ଧରି ଚାଷ ବା କର୍ମ ଓ ଭାର ବୋହି ପାରୁଥିବ, ତେବେ ଯାଇ ବିବାହ ସମ୍ବନ୍ଧ କରାଯାଏ । ଏହାର ଅର୍ଥ ହୋଇପାରେ ଯେ ଯୁବକ ଓ ଯୁବତୀ ଯୁବା ଅବସ୍ଥାରେ ବିଭିନ୍ନ କର୍ମ କରି ରୋଜଗାରକ୍ଷମ ହେଲେ ହିଁ ସେମାନଙ୍କୁ ବିବାହ ପାଇଁ ଉପଯୁକ୍ତ ବୋଲି ବିଚାର କରାଯାଏ । ସମ "ଭୂଇଁଆର" ଗୋତ୍ରରେ ବିବାହ କରାଯାଏ ନାହିଁ । ଏହା ନିଷିଦ୍ଧ ଥିଲେ ମଧ୍ୟ ଅଞ୍ଚ କେତେକ କ୍ଷେତ୍ରରେ ସମଗୋତ୍ରରେ ବିବାହ କର୍ମ କରାଯାଉଥିବା ଦେଖାଯାଉଛି ।

ବିବାହ ପ୍ରସ୍ତାବଟି 'ସୁୟା' (ଜଲଙ୍ଗିଆଁ/ ମଧ୍ୟସ୍ଥି) ଦ୍ୱାରା କନ୍ୟାପକ୍ଷ ସହ କରାଯାଇଥାଏ । କନ୍ୟାପକ୍ଷ ସହମତ ହେଲେ ପୁଅର ବାପାଜଣେ ବନ୍ଧୁ ଲୋକଙ୍କୁ ସାଙ୍ଗରେ ନେଇ କନ୍ୟା ଘରକୁ ଯାଇଥାନ୍ତି । ସେମାନେ ତାଙ୍କ ଗୃହରେ ପହଞ୍ଚିଲା ପରେ ଗୋଡ଼ରେ ତେଲ ହଳଦୀ ମଖାଇ ଧୋଇ ଦେଇଥାନ୍ତି । ଏହି ଅବସରରେ ବରପକ୍ଷ କିଛି ଟଙ୍କା ଗୋଡ଼ଧୋଇ ଦେଇଥିବା ବ୍ୟକ୍ତିଙ୍କୁ ଖୁସିରେ ଦେଇଥାନ୍ତି । ଏହି କର୍ମ ଝିଅର ମା', ଭାଉଜ ବା ସାନ ଭଉଣୀମାନେ କରିଥାନ୍ତି । ତା'ପରେ ସେମାନଙ୍କୁ ନେଇ ପଟି ବା ଦଉଡ଼ି ଖଟରେ ବସାଇ ଖଇନି /ଭାଙ୍ଗ ଦେଇ ଆଦର ସତ୍କାର କରନ୍ତି । ଇତି ମଧ୍ୟରେ କନ୍ୟାପକ୍ଷ ଜାତି ଭାଇ ବନ୍ଧୁଙ୍କୁ ଡ଼ାକିଥାନ୍ତି ଓ ଏକ ଭାର 'କୁସନା' (ହାଣ୍ଡିଆ) ତିଆରି କରନ୍ତି । କନ୍ୟାପକ୍ଷ ଯେଉଁ ପାଞ୍ଚ/ଦଶ ଜଣଙ୍କୁ ଡ଼ାକିଥାନ୍ତି, ସେମାନେ କଥାବାର୍ତ୍ତା ମାଧ୍ୟମରେ ବିବାହ ପ୍ରସଙ୍ଗ ପକାନ୍ତି ଓ ଆସିବା ଉଦ୍ଦେଶ୍ୟ ମଧ୍ୟ ବରପକ୍ଷର ଲୋକମାନଙ୍କୁ ପଚାରନ୍ତି । ଏହି ଅବସରରେ କୁସନା ପିଇବା କାମ ମଧ୍ୟ ଚାଲିଥାଏ । ପୁଅ ପକ୍ଷ କହନ୍ତି - "ଆମେ ଏପରି ବୁଲିବା ପାଇଁ ଆସିଥିଲୁ । ଆସିବା ବାଟରେ ଶୁଣିଲୁ ଯେ ଆପଣଙ୍କ ଗୃହରେ ଏକ ଫୁଲ ଫୁଟିଛି । ସେହି ଫୁଲର ବାସ୍ନା ସୁଘି ଆସି ଆମେ ଏ ଘର ଭିତରକୁ ପ୍ରବେଶ କଲୁ । ପ୍ରବେଶ କରି ଦେଖିଲୁ ଯେ ପ୍ରକୃତରେ ଏକ ଉତ୍ତମ, ସୁନ୍ଦର ଫୁଲ ପ୍ରସ୍ଫୁଟିତ ହୋଇଛି । ସେହି ଫୁଲକୁ ଆମେ ତୋଳି ନେବାକୁ ଚାହୁଁଛୁ । ତେବେ, ଆପଣମାନଙ୍କ ମତାମତ କ'ଣ କୁହନ୍ତୁ ?

ଏହାପରେ କନ୍ୟାର ପିତା, ମାତା ବନ୍ଧୁ ବର୍ଗ ବର ପକ୍ଷର ବଂଶ ଗୋତ୍ରାଦି ଜିଜ୍ଞାସା କରନ୍ତି । ପୁଅପକ୍ଷ ମଧ୍ୟ କନ୍ୟା ପକ୍ଷର ବଂଶ ଗୋତ୍ରାଦି ଜାଣିବାକୁ ଚାହାନ୍ତି । ଏହି ଅବସରରେ ମଧ୍ୟ ପରସ୍ପର ମଧ୍ୟରେ କୁସୁନା ପିଇବା କାମ ଚାଲିଥାଏ । ବଂଶ, ଗୋତ୍ରାଦି ଭିନ୍ନ ଭିନ୍ନ ଥିଲେ ହିଁ ବିବାହ ସମ୍ବନ୍ଧ ପକାଯାଏ । ତଥା ଅନ୍ୟାନ୍ୟ ବିଷୟ ଉପସ୍ଥାପନା କରାଯାଏ । ସମଗୋତ୍ରରେ ଏ ବିଷୟରେ ଆଉ ଆଲୋଚନା କରାଯାଏ ନାହିଁ । ଉଭୟପକ୍ଷଙ୍କ ସହମତି ହେବାପରେ ଜୁହାର ଭେଟ ହୁଏ । ପ୍ରଥମେ ପୁଅପକ୍ଷ କନ୍ୟାପକ୍ଷର ଲୋକଙ୍କୁ ଜୁହାର ସମ୍ମାନ ଦିଅନ୍ତି ଓ ତା'ପରେ ଝିଅପକ୍ଷ ପୁଅପକ୍ଷର ଲୋକଙ୍କୁ ଜୁହାର ସମ୍ମାନ ପ୍ରଦର୍ଶନ କରିଥାନ୍ତି । ତା'ପରେ ଖାଇବା, ପିଇବା କାମ ଆରମ୍ଭ କରାଯାଏ । ଏହା କନ୍ୟା ମଗୁଣି ଅବସରରେ ହିଁ ହୁଏ ।

ସାନ କୁନୁଆ : ଏଥିରେ ଝିଅ ପକ୍ଷର ଲୋକମାନେ ପ୍ରାୟ ୫ ରୁ ୧୦ ଜଣ ପୁଅ ଘରକୁ ଦେଖିବା ପାଇଁ ଯା'ନ୍ତି । ସେମାନେ ପୁଅ ଘରର ଜମି, ଗାଈ, ଗୋରୁ, ଧାନ ପୁରା (ପୁଡୁଗ) ଆଦି ଦେଖନ୍ତି । ଏହି ଅବସରରେ ସେମାନଙ୍କୁ ବହୁ ଅତିଥି ସତ୍କାର କରିଥାନ୍ତି । ଯେତେବେଳେ ଝିଅପକ୍ଷର ଲୋକେ ପୁଅର ଘର ଦେଖିବା ଉଦ୍ଦେଶ୍ୟରେ ଗାଁକୁ ଆସନ୍ତି, ପୁଅ ଗାଁର ଲୋକମାନେ ସେମାନଙ୍କୁ ପରଘେଇ ନେଇ ପୁଅ ଗୃହକୁ ପହଞ୍ଚାଇ ଦେଇଥାନ୍ତି । ସେମାନେ ଆସିବା ପୂର୍ବରୁ ପୁଅପକ୍ଷ ଛାମଡ଼ା କରି ଆମ୍ରତୋରଣାଦି ବାନ୍ଧିଥାନ୍ତି । ପୁଅପକ୍ଷର ଲୋକେ ସେମାନଙ୍କୁ ଛାମୁଡ଼ାକୁ ନେଇଥାନ୍ତି ଓ ସେଠାରେ ବୃଦ୍ଧୀ ସ୍ତ୍ରୀ ଲୋକ ବା ଅନ୍ୟ ବୋହୂମାନେ ଝିଅପକ୍ଷରୁ ଆସିଥିବା ଲୋକମାନଙ୍କ ପାଦରେ ତେଲ ହଳଦୀ ପ୍ରଲେପ ପୂର୍ବକ ଜଳରେ ପାଦ ପ୍ରକ୍ଷାଳନ କରି ଗାମୁଛାରେ ଗୋଡ ପୋଛି

ଦେଇଥାନ୍ତି । ଏହି ଅବସରରେ ପୁଅ ପକ୍ଷର ଲୋକେ ଯେଉଁ ଥାଳି ବା ତାଟିଆରେ ତେଲ ହଳଦୀ ଆଣିଥା'ନ୍ତି ତହିଁରେ ଝିଅପକ୍ଷର ଲୋକେ କିଛି ଟଙ୍କା ପଇସା ଖୁସିରେ ଦେଇଥାନ୍ତି । ତା'ପରେ ସେମାନଙ୍କୁ ନେଇ ଆସନ ବା ଖଟରେ ବସାଇଥା'ନ୍ତି । ପୁରୁଷ ଲୋକମାନଙ୍କୁ ଫାଙ୍କେ ଫାଙ୍କେ ଭାଙ୍ଗ/ଖଇନି ଦିଅନ୍ତି ଓ ବୃଦ୍ଧା ସ୍ତ୍ରୀ ଲୋକମାନଙ୍କୁ ହୁକ୍କା (ଘୁଟଘୁଟି) ପିଇବା ପାଇଁ ଦେଇଥାନ୍ତି । ଏହି ସମୟରେ ପୁଅ ଘର ପକ୍ଷରୁ ଏକ ଭାର କୁସୁନା ତିଆରି କରାଯାଏ । ଏହାପରେ ସେମାନଙ୍କ ସହଗାଁର କିଛି ଲୋକଙ୍କୁ ମଧ୍ୟ ଡ଼କାହୁଏ ଓ ସମସ୍ତେ ମିଶି କୁସୁନା ପିଅନ୍ତି । ଉଭୟ ପକ୍ଷର ଲୋକେ ପରସ୍ପର ମଧ୍ୟରେ କୁସୁନା ଆଦାନ ପ୍ରଦାନ କରି ପିଇଥାନ୍ତି । ପୁଅ ପକ୍ଷରୁ ଛେଳି, ଘୁସୁରି, କୁକୁଡା ଆଦି ମାରି ରାନ୍ଧିଥାନ୍ତି । ଏହି ଅବସରରେ ନାଚ-ଗୋବିନ୍ଦ ଚାଲିଥାଏ, କୁସୁନା ପିଇବା ମଧ୍ୟ ଚାଲିଥାଏ । ନାନା ପ୍ରକାରେ ଅତିଥି ସତ୍କାର କରାଯାଉଥାଏ । ଯଦି କିଛି ଅଭାବ ହୁଏ ବା ଖାମ୍ଖିଆଲ୍ ଭାବେ ସତ୍କାର କରାଯାଏ, ତେବେ ପ୍ରତିବାଦ ହୁଏ । ସମୟେ ସମୟେ ଝିଅପକ୍ଷ ଝିଅ ନଦେବା ପାଇଁ ମଧ୍ୟ ପ୍ରସ୍ତାବ କରନ୍ତି । କାରଣ ସେମାନେ ଅନୁଭବ କରନ୍ତି ଯେ ଯିଏ ଅତିଥି ସତ୍କାର ଠିକରେ କରିପାରୁନାହିଁ, ମାନେ ତାର ଘରେ ଅଭାବ ଅଛି, ଏଣୁ ଝିଅ ସେହି ଘରେ ଚଳି ପାରିବ ନାହିଁ । ଏହା ବୁଢାବୁଢୀ ମାନେ ହିଁ କହନ୍ତି । ଏଣୁ ଏହି ଭୟରେ ଅତିଥି ସତ୍କାର ଉତ୍ତମ ରୂପେ କରାହୁଏ । ସମସ୍ତେ ଏହି ଭୋଜି ଖାଇସାରିବା ପରେ ଢୋଲ, ମାଦଳ ବଜାଇ ନାଚଗୀତ ପରିବେଷଣ ପୂର୍ବକ ସେମାନଙ୍କୁ ବିଦାୟ ଦେଇଥାନ୍ତି ।

ଏ ମଧ୍ୟରେ ମାଙ୍ଗନି/ଗୁଡ଼ୁପାଏନ୍ ପାଇଁ ଦିନ ବାର ନିର୍ଦ୍ଧାରଣ କରାଯାଏ । ଏଥିପାଇଁ ଶୁଭ ଦିବସ ହେଉଛି - ସୋମବାର, ବୁଧବାର ଓ ଶୁକ୍ରବାର; ଅନ୍ୟ ବାର ଗୁଡ଼ିକ ଅଶୁଭ ମନେ କରନ୍ତି । ତା'ପରେ ପୁଅପକ୍ଷ ନିଜର ଜାତି ଭାଇ ବନ୍ଧୁ ମାନଙ୍କୁ ତଥା ଝିଅ ପକ୍ଷରୁ ଆସିଥିବା ଲୋକମାନଙ୍କୁ କୁସୁନା ପିଆଇ ବିଦାୟ ଦେଇଥାନ୍ତି । ଏହାକୁ ସାନ କୁନୁଆ କୁହାଯାଏ ।

ମାଙ୍ଗନି (ଲଟାଡ଼ାଆ) ଗଡୁପାଏନ୍ : ସାନ କୁନୁଆ ପରେ ପରେ ପୁଅପକ୍ଷ ବରପିଲାକୁ ସାଙ୍ଗରେ ନେଇ ବିଜୋଡ଼ ସଂଖ୍ୟା (୫,୭,୧୧,୧୩ ଜଣ)ର ଲୋକେ ମିଶି କନ୍ୟାଘରକୁ କନ୍ୟା ଦେଖିବାକୁ ଯାଆନ୍ତି । (ଝିଅପକ୍ଷ ଜାତିପ୍ରଥା, ପରମ୍ପରାନୁସାରେ ଢୋଲ, ମାଦଳ ପ୍ରଭୃତି ବାଦ୍ୟ ବଜାଇ ନାଚ ଗୀତ କରି ସେମାନଙ୍କୁ ରାସ୍ତାରୁ ପାଛୋଟି ନେଇଥାନ୍ତି ଏବଂ ଜାତି ପରମ୍ପରାନୁସାରେ ଗୋଡ଼ଧୁଆ କର୍ମ ଓ ଅତିଥିସତ୍କାର କର୍ମ କରିଥା'ନ୍ତି । ଗୋଡ଼ ଧୋଇଥିବା ସ୍ତ୍ରୀଲୋକମାନଙ୍କୁ ବରଘର ପକ୍ଷର ଲୋକେ କିଛି ଟଙ୍କା ଖୁସିରେ ଦେଇଥାନ୍ତି । ତା'ପରେ ସେମାନଙ୍କୁ ଛାମୁଡ଼ା ପାଖକୁ ନେଇ ବସାନ୍ତି ତଥା ଭାଙ୍ଗ, ଖଇନି, ବିଡ଼ି ଆଦି ଦେଇଥାନ୍ତି ।

ବରପକ୍ଷ କନ୍ୟା ପାଇଁ ଶାଢି, ବ୍ଲାଉଜ ଆଦି ଆଣିଥାନ୍ତି ଓ କନ୍ୟାକୁ ଦେଇଥାନ୍ତି । ଏହି ଅବସରରେ କୁସ୍‌ନା ପିଇବା କାମ ମଧ୍ୟ ଚାଲିଥାଏ । ଏହି କୁସନା କନ୍ୟାପକ୍ଷରୁ ଦିଆଯାଇଥାଏ । ଉଭୟ ପକ୍ଷର ଲୋକେ କୁସନା ପିଇ ନାଚ-ଗୋବିନ୍ଦ କରିଥାନ୍ତି । ଏତେବେଳେ ସେଠାରେ ଠିଆ ହୋଇଥିବା ଉଭୟ ପକ୍ଷର ଲୋକେ 'କଥନି' କରନ୍ତି ।

କନ୍ୟାର ବାପା ମାଆ ଗାଁର ଜାତି କୁଟୁମ୍ବଙ୍କୁ ଡ଼ାକି ବସାନ୍ତି ଏବଂ ଝିଅସହ ଆଉ ଦୁଇଜଣ ଝିଅ ଛିଡା ହୁଅନ୍ତି ଓ ବରସହ ଦୁଇଜଣ ପୁଅ/ସାଙ୍ଗ ଛିଡ଼ା ହୁଅନ୍ତି । ଦୁଇଦଳ ୩/୪ କଦମ୍ ଛାଡ଼ି ମୁହାଁ ମୁହିଁ ହୋଇ ଠିଆ ହୁଅନ୍ତି । ଏହାପରେ ପୁଅ ପକ୍ଷରୁ ତିନିଡାଳ କୁସନା ଓ ଝିଅ ପକ୍ଷରୁ ତିନି ଡାଳ କୁସନା ଯଥାକ୍ରମେ ସେମାନଙ୍କ ସମ୍ମୁଖରେ ରଖାଯାଏ । ତହିଁରେ ଆମ୍ବପତ୍ର ମଧ୍ୟ ରଖାଯାଇଥାଏ ।

ଏସବୁ କର୍ମ କରିବା ତଥା ବିବାହ କର୍ମ କରିବା ପାଇଁ ଜଣେ 'ପାହାନ୍' (ଦୁଧ ଖଡ଼ିଆ ପ୍ରଧାନ ଓ ଢେଙ୍କି ଖଡିଆ - କାଲୋ) / ପୂଜାରୀ ନିଯୁକ୍ତ ଥାନ୍ତି । 'ପାହାନ୍' ପ୍ରଥମେ ପୁଅକୁ ପଚାରେ, ତୁମେ ଅମୁକ (କନ୍ୟାକୁ) ପସନ୍ଦ କରୁଛ କି ନାହିଁ ? ଏହିପରି

ତନିଥର ପଚାରେ । ତିନିଥର ପସନ୍ଦ ଅଛି ବୋଲି ବରପିଲା ଉତ୍ତର ଦେବା ପରେ, ପାହାନ୍ ଝିଅକୁ ମଧ୍ୟ ଦ ତଦ୍ରୂପ ପ୍ରଶ୍ନ କରନ୍ତି ଓ ଉତ୍ତର ଯଦି ହଁ ହୁଏ; ତେବେ ସେମାନଙ୍କ ସାଥିରେ ଥିବା ଦୁଇଜଣ ପୁଅ ଓ ଦୁଇଜଣ ଝିଅକୁ ସେହିପରି କେବଳ ଥରେ ଲେଖାଏଁ ପଚାରନ୍ତି । ଉଭୟଙ୍କର ପସନ୍ଦ ହେଲେ ପୁହାନ୍ ପୁଅକୁ କୁସନା ଡାଳ ଧରି ତିନିପାଦ ସମ୍ମୁଖକୁ ଆସିବା ପାଇଁ କହେ ଓ ତାପରେ ଝିଅକୁ ମଧ୍ୟ କୁସନା ଡାଳ ଧରି ତିନିପାଦ ପୁଅ ସମ୍ମୁଖକୁ ଆସିବା ପାଇଁ କହେ । ଏ ମଧ୍ୟରେ ଅନ୍ୟଲୋକମାନେ କୁସନା ପଇଥାନ୍ତି । ପୁଅ ଓ ଝିଅ ତିନିତିନି ଥର କୁସନା ଡାଳ / ଗଡୁ ପରସ୍ପର ମଧ୍ୟରେ ଅଦଳ ବଦଳ କରିଥାନ୍ତି ଏବଂ ପାଖରେ ଥିବା ସାଙ୍ଗମାନେ ମଧ୍ୟ ନିଜ ନିଜ ମଧ୍ୟରେ ଗଡୁ ଅଦଳ ବଦଳ କରିଥାନ୍ତି । ଏହାପରେ ସେହି କୁସନାକୁ ଚକନି (ପତ୍ରଦନା)ରେ ଢାଳି ସେଠାରେ ଥିବା ସମସ୍ତଙ୍କୁ ଟିକିଏ ଦେଇ ଦେଇ ଯାନ୍ତି । ବର ବାଣ୍ଟୁଥିଲେ କନ୍ୟା ଚକନି ଧରାଇ ଦେଉଥାଏ ଓ କନ୍ୟା ବାଣ୍ଟୁଥିଲେ ବର ଚକନୀ ଧରାଇ ଦିଅନ୍ତି । ସମସ୍ତଙ୍କୁ ଏହି କୁସନା ଯେପରି ବଣ୍ଟାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଏ । ଅବଶେଷରେ ଯାହା ବଳେ ବର ଓ କନ୍ୟା ତହିଁରୁ ଟିକିଏ ଟିକିଏ ପିଇଥାନ୍ତି ।

କନ୍ୟାପକ୍ଷରୁ ଛେଳି, ଘୁସୁରି, କୁକୁଡ଼ା ଆଦି ମାରି ମାଂସ ଓ ଭାତ ରନ୍ଧା ଯାଇଥାଏ । ଉଭୟ ପକ୍ଷର ଲୋକେ କୁସନା ପିଇଥାନ୍ତି ଓ ଭୋଜି ଖାଇଥାନ୍ତି । ଖାଇସାରିବା ପରେ କନ୍ୟା ପକ୍ଷରୁ ଏକ ଫଡ଼ିଆ (ଛେଳି/ଘୁସୁରି) ଓ ଏକ କେଜି ଚାଉଳକୁ ସାତଗଣ୍ଠି ଥିବା ଗୋଟିଏ ବାଉଁଶ ଠେଙ୍ଗାରେ ଭାରକରି ଦିଅନ୍ତି । ଏତେବେଳେ ବର ପକ୍ଷରୁ ଆସିଥିବା ସମସ୍ତଙ୍କ ଲୁଗାରେ ହଳଦୀ ଲଗାଯାଏ, ନାଚ-ଗୀତ, ବାଜା ଆଦି କରି ସେମାନଙ୍କୁ ଗାଁ ବାହାର ସୀମା ପର୍ଯ୍ୟନ୍ତ ନେଇ ଛାଡ଼ି ଦେଇ ଆସନ୍ତି ।

ବରପକ୍ଷ ଏସବୁ ଦ୍ରବ୍ୟକୁ ନେଇଥାନ୍ତି । ଚାଉଳରେ ମୁଢି ଭାଜନ୍ତି ଓ ଆଣିଥିବା ମାଂସକୁ କୁସନା ସହ ଗ୍ରାମର ଜାତି ଭାଇ ମାନଙ୍କୁ ବାଣ୍ଟି ଦେଇଥାନ୍ତି । ଏହାପରେ ଖାଇପିଇ ନିଜ ନିଜ ଗୃହକୁ ଯାଇଥାନ୍ତି ।

**ବଡ଼କୁନୁଆଁ ଓ ବାଡ଼ିଘୁଥା (ମାହାଗୋଟିଆ ର ଡ଼ାଣ୍ଡାଆ ଅୟେଂଗ) :**

ବରପକ୍ଷର ଦୁଇଜଣ ବ୍ୟକ୍ତି / ଗାଁର ବନ୍ଧୁ (ଆଗୁଆ) ବଡ଼ କୁନୁଆଁ ପାଇଁ କନ୍ୟା ଗୃହକୁ ଯା'ନ୍ତି । ଏମାନେ ଏକ ଲାଉ ତୁମ୍ବାରେ କୁସ୍‌ନା ନେଇଥାନ୍ତି । ନିଜ ଗାଁର ସୀମାପାର ହେଲାପରେ ଦୁଇଜଣ ଏକ ବୃକ୍ଷ ମୂଳରେ ବସି ଟିକିଏ ଟିକିଏ କୁସନା ପିଇଥାନ୍ତି । ଗଛ ତଳେ ଆଠ / ନ'ଟି ପତ୍ର (ଗୋତ୍ର ନିମିତ୍ତ, ଗୋତ୍ର ସଂଖ୍ୟାନୁସାରେ) ପକାନ୍ତି ଏବଂ ଧରିଥିବା କୁସୁନାରୁ ଟୋପାଏ ଟୋପାଏ ତା'ଉପରେ ପକାନ୍ତି । ଏପରି କରିବାର ଉଦ୍ଦେଶ୍ୟ ହେଉଛି ଯେ ଗାଁର ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରି ସୁଫଳ ପାଇବା ବା କର୍ମର ସଫଳତା ହାସଲ କରିବା । ଏହି କୁସୁନାରୁ ଆଉ ଟିକିଏ ପିଇଥାନ୍ତି କନ୍ୟା ଗ୍ରାମର ସୀମା ନିକଟରେ ପହଞ୍ଚିବା ପୂର୍ବରୁ ଏବଂ ଗ୍ରାମ ସୀମାରେ ପ୍ରବେଶ ବେଳେ ଏକ ଗୀତ ଗାଇଥାନ୍ତି । ଏଥିରୁ ସେମାନେ ଝିଅ ଘରକୁ ଯାଉଥିବା ସୂଚନା ମିଳେ । ଗୀତଟି ହେଉଛି ଏହିପରି :

"ଗୁନ୍ ଝୁଙ୍ଗ ସାଙ୍ଗ୍‌ନା, ଗୁନ୍ ଝୁଙ୍ଗ ସାଙ୍ଗ୍‌ନା
ୟ ୟଞ୍ଜ୍ ଉବାର୍ ଠଙ୍ଗ
କନ୍ ଥେଟ୍ ଗେ ନାୟଁ
ହ କନ୍ ଥେଞ୍ଜ କିୟାର ସୁନ୍ଦାର ବଗା
ଡ଼କସିଲ୍ କିୟାର୍ ।"

ଓଡ଼ିଆ :

"ବାଟ ଚାଲି ଚାଲି, ବାଟ ଚାଲି ଚାଲି
ଦେଖିଲି ଦୁଇଟି ପକ୍ଷୀ,
ବସିଛନ୍ତି ସେ ଦୁଇଟି ପକ୍ଷୀ
ଅତି ସୁନ୍ଦର ରୂପ ।"

ଗ୍ରାମସୀମା ଠାରୁ ଏହି ପ୍ରକାରେ ଗୀତ ଗାଇ ଗାଇ ଆସନ୍ତି । ଯେତେବେଳେ କନ୍ୟା ଗୃହ ନିକଟ ହୋଇ ଆସେ, ସେତେବେଳେ ଆଉ ଏକ ପ୍ରକାର ଗୀତ ଗାଇଥାନ୍ତି; ଏହିପରି –

ଗୀତ : "ଆଁଲେ ନନି ଡ଼ା ଆଃ, ଆଲେ ନନି ଡ଼ା ଆଃ
ଢେର୍ ଡ଼ିସାଆଃ ତାଏ ଡ଼େଲ୍ କିଞ୍ ବୋଇ
ବେତ୍ ଡ଼ାଆଃ ଲାଆ ତାଏବ୍" ଇତ୍ୟାଦି

ଓଡିଆ : "ଦିଅ ଝିଅ ଦିଅ ଝିଅପାଣି
ବହୁତ ଦୂରରୁ ଆସିଲି ଝିଅ
ଶୋଷ କରୁଛି ପିଇବାକୁ ଦିଅ ପାଣି ।"

'ଆଗୁଆ' ଦୁଇଜଣ ଝିଅଘରେ ପହଞ୍ଚିଲା ପରେ ଦୁଇଜଣ ବୃଦ୍ଧା ସ୍ତ୍ରୀ ତେଲ ହଳଦୀ ଦ୍ୱାରା ସେହି ଦୁଇଜଣଙ୍କର ପାଦ ଧୋଇ ଦେଇଥାନ୍ତି । ଏହି ସମୟରେ ସେହି ଆଗୁଆ ଦୁଇଜଣ ତେଲ-ହଳଦୀ ଆଣିଥିବା ତାଟିଆ (ଗିନା)ରେ କିଛି ଟଙ୍କା ଖୁସିରେ ଦେଇଥାନ୍ତି । ଏହାପରେ ସେମାନଙ୍କୁ ଘରକୁ ନେଇ ଆସନରେ ବସାଇଁ ଭଲ ମନ୍ଦ, ଶୁଭାଶୁଭ କଥାବାର୍ତ୍ତା ଆଲୋଚନା କରିଥାନ୍ତି । ଏ ମଧ୍ୟରେ ଝିଅପକ୍ଷ ଏକ ମାଠିଆ କୁସୁନା ତିଆରି କରନ୍ତି । ଏବଂ ଏ ଦୁଇ ଜଣଙ୍କୁ ଘର ଭିତରକୁ ଡ଼ାକି ନେଇ ବସାନ୍ତି । ତୁମ୍ୱାରେ ନେଇଥିବା କୁସୁନାକୁ ମଧ୍ୟ ଘର ଭିତରକୁ ନିଅନ୍ତି । ତା'ପରେ ଝିଅର ବାପା, ମାଆ, କାକା, ମାମୁ ଓ ମୁଖ୍ୟ ବ୍ୟକ୍ତିମାନଙ୍କୁ ଡ଼ାକି ନେଇ ସେଠାରେ ବସାନ୍ତି ଓ ଆଗୁଆମାନେ ନେଇଥବା କୁସୁନା ସେମାନଙ୍କୁ ଚକନି ରେ ପିଇବା ପାଇଁ ଦେଇଥାନ୍ତି ।

ତା'ପରେ କନ୍ୟା ଘରେ ତିଆରି କରିଥିବା କୁସୁନା କୁ ଆଣି ସମସ୍ତେ ଭାଗବାଣ୍ଟି ପିଇଥାନ୍ତି ଏବଂ ପରେ ଗାଁର ଜାତିଭାଇ ମାନଙ୍କୁ ଡ଼ାକନ୍ତି ଓ ସମସ୍ତେ ମିଶି ପୁଣି କୁସୁନା ପାନ କରିଥାନ୍ତି ଏବଂ ନାଚ ଗୋବିନ୍ଦ କରିଥାନ୍ତି । କନ୍ୟାପିତା ପୂର୍ବରୁ ନିଜ ଜ୍ଞାତି କୁଟୁମ୍ବଙ୍କୁ ନିମନ୍ତ୍ରଣ କରିଥାନ୍ତି । ସେମାନଙ୍କୁ ମଧ୍ୟ କୁସୁନା ପିଇବା ପାଇଁ ଦିଆହୁଏ । ବର ପକ୍ଷରୁ ଯାଇଥିବା ଦୁଇଜଣ ଆଗୁଆ ମଧ୍ୟରୁ ଜଣେ ଓ କନ୍ୟା ପକ୍ଷର ଜଣେ ଆଗୁଆ, ଦୁଇଜଣ ମିଶି ଦୁଇ ତୁମ୍ୱା କୁସୁନା ଧରି ନେଇ ଆଗରୁ ବାହାରିବେ, ଝିଅର ଗ୍ରାମ ସୀମା ଠାରେ ଅଧା ପିଇବେ ଓ ପତ୍ର ମାନଙ୍କରେ ଟିକିଏ ଟିକିଏ ଥିପାଇବେ ଏବଂ ବରପିଲାର ଗ୍ରାମ ଅଭିମୁଖେ ଯାଆନ୍ତି । ସେମାନେ ବର ଗ୍ରାମରେ ପହଞ୍ଚିବା ପୂର୍ବରୁ ଗୀତ ଗାଇଥାନ୍ତି :

"ଗୁନ୍ ଝୁଙ୍ଗ ସାଗ୍ନା, ଗୁନ୍ ଝୁଙ୍ଗ ସାଗ୍ନା
ୟ ୟଞ୍ ଉବାର୍ ଠଙ୍ଗ
କନ୍ ଥେଟ୍ ଗେ ନାୟଁ
ହ କନ୍ ଥେଞ୍ଜ କିୟାର ସୁନ୍ଦାର ବଗା
ଡ଼କସିଲ୍ କିୟାର୍ ।"

ବରର ଘରେ ପହଞ୍ଚିବା ପୂର୍ବରୁ ମଧ୍ୟ ଏଇ ଗୀତ ଗାଇ ଥାନ୍ତି ।

"ଆଲେ ନନି ଡ଼ା ଆଃ, ଆଲେ ନନି ଡ଼ା ଆଃ
ଢେର୍ ଡ଼ିସାଆଃ ତାଏ ଡ଼େଲ୍ କିଞ୍ ବୋଇ
ବେତ୍ ଡ଼ାଆଃ ଲାଆ ତାଏବ୍" ଇତ୍ୟାଦି

ବରପକ୍ଷର (ପ୍ରଥାନୁସାରେ) ସ୍ତ୍ରୀ ଲୋକମାନେ ତେଲ ହଳଦୀ ସେମାନଙ୍କ ଗୋଡ଼ରେ ମଖାଇ ଗୋଡ଼ ଧୋଇ ଦିଅନ୍ତି ଓ ସେମାନେ ଗୀନା / ଟାଟିଆରେ କିଛି ଟଙ୍କା ଦେଇଥାନ୍ତି । ତା'ପରେ ସେହି ଦୁଇଜଣ ଆଗୁଆଙ୍କୁ ନେଇ ଆସନରେ ବସାଇ ଥାନ୍ତି ଏବଂ ଭାଙ୍ଗ, ଖଇନି ଆଦି ଦେଇ ଭଲ ମନ୍ଦ କଥାବାର୍ତ୍ତା ହୋଇଥାନ୍ତି । ଏ ମଧ୍ୟରେ କୁସୁନା ତିଆରି ହେଉଥାଏ । ପୁଅ ପକ୍ଷରୁ ନିଜ ଜାତି କୁଟୁମ୍ବଙ୍କୁ ଡ଼ାକିଥାନ୍ତି । ପୁଅର ବାପା, ମାମୁ ଆଦିଙ୍କୁ ସେହି ତୁମ୍ୱାରେ ନେଇଥିବା କୁସୁନା ପିଇବାକୁ ଦେଇଥାନ୍ତି । ଏତେବେଳେ ଝିଅ ଘରର ଆଗୁଆ ଝିଅଘରୁ ଆସୁଥିବା ବ୍ୟକ୍ତି ସଂଖ୍ୟାର ହିସାବ ଜଣାଇ ଦିଏ ଏବଂ ରହିବା, ଖାଇବା ଆଦି ବିଷୟ ମଧ୍ୟ ଅବଗତ କରାଇଥାଏ । ତା'ପରେ ପୁଅପକ୍ଷ ସେହି ବରାଦ ଅନୁସାରେ ତାହା ଯୋଗାଡ଼ କରିଥାନ୍ତି । ପୁଅପକ୍ଷ ଛେଳି,

ଘୁସୁରି, କୁକୁଡ଼ା ଆଦି ମାରି ରୋଷେଇ କରିଥାନ୍ତି । ପୁଅ ପକ୍ଷର ଆଗୁଆ (ଯିଏକି ଝିଅ ଘରକୁ ଆଗରୁ ଆସି ରହିଥାଏ) ଝିଅ ପକ୍ଷରୁ ଯେଉଁ ୨୦/୨୫ ଜଣ ଯିବେ, ସେମାନଙ୍କୁ ପୁଅ ଘରକୁ ବାଟ-ଦେଖାଇ ଆଣିଥା'ନ୍ତି । ଯେତେବେଳେ ସେମାନେ ପୁଅ ଗ୍ରାମ ନିକଟରେ ପହଞ୍ଚନ୍ତି, ସେତେବେଳେ ପୁଅଝିଅମାନେ ନାଚ,ଗୀତ ଓ ବାଜା, ମାଦଳ, ଢୋଲ ଆଦି ବାଦ୍ୟ ବଜାଇ ପୁଅ ଗୃହକୁ 'ପରଘେଇ' ଆଣିଥାନ୍ତି । ତା'ପରେ ପ୍ରଥାନୁସାରେ ଗୋଡ଼ଧୁଆ କର୍ମ କରାଯାଏ ଓ ପୁଅଝିଅ ଗଣ ନାଚ କରିଥାନ୍ତି । ତା'ପରେ ଦୁଇ ତିନି ହାଣ୍ଡି କୁସୁନା ତିଆରି କରାଯାଏ ଓ ତାହା ପିଇ ପିଇ ନାଚ ଗୋବିନ୍ଦ କରିଥାନ୍ତି ଓ ମଜା ମଜଲିସ୍ କରିଥାନ୍ତି ।

ତେଲମଖାକର୍ମ (ଜଲ୍ ଗସନଃ) : ଏହାପରେ ସେମାନେ ନିତ୍ୟକର୍ମାଦି ଶେଷ କରନ୍ତି । ତା'ପରେ ତେଲ ମଖା କାମ କରାଯାଏ । ଏଥିରେ ଉଭୟ ପକ୍ଷରୁ ଜଣେ ଜଣେ ବଳବାନ୍ ବ୍ୟକ୍ତି ସାମ୍ନା ସାମ୍ନି ହୋଇ ବସନ୍ତି । ପ୍ରଥମେ ବରପକ୍ଷର ପହିଲମାନ୍ ଝିଅ ପକ୍ଷର ପହିଲମାନ୍‌କୁ ତେଲରେ ଗାଧୋଇ ଦିଅନ୍ତି ତା'ପରେ ଝିଅ ପକ୍ଷର ପହିଲମାନ୍ ପୁଅପକ୍ଷର ପହିଲମାନଙ୍କୁ ତେଲରେ ଗାଧୋଇ ଦିଅନ୍ତି ଅର୍ଥାତ୍ ଉଭୟେ ତେଲ ଲଗା ଲଗି ହୋଇଥାନ୍ତି । ତା'ପରେଏକ ମାଠିଆ କୁସନା ଆଣି ଦୁଇ ଜଣଙ୍କ ମଧ୍ୟସ୍ଥଳରେ ରଖାଯାଏ ଓ ଚାରିଆଡ଼େ ଅନ୍ୟ ମୁଖିଆ ଲୋକମାନେ ଘେରି ରହିଥାନ୍ତି ।

ଏହାପରେ, ପୂର୍ବରୁ ଦିଆଯାଇଥିବା ୭ ଗଣ୍ଠିଯୁକ୍ତ ବାଉଁଶ ଠେଙ୍ଗା, (ଭାର), ଚାଉଳ ଆଣି ଦୁହିଁଙ୍କ ମଝିରେ ରଖାଯାଏ । ପ୍ରଥମେ ପୁଅ ପକ୍ଷର ଲୋକ ଗଣ୍ଠି ଗଣିବା ଆରମ୍ଭ କରନ୍ତି ଓ ଗମାତ୍ କରନ୍ତି । ଗଣ୍ଠି ଗଣିବା ରୀତି ଏହା ହେଉଛି : "ମଇଞ୍ଜ, ଉବବାର୍, ଉଃଫେ, ଥାଗ୍, ଥଙ୍ଗ୍, ମଲୟ, ର ଠିବ୍ ରୁଉ ଅଟେ । ଏହି ସଂଖ୍ୟାଗୁଡ଼ିକୁ କ୍ରମାନ୍ୱୟରେ ନିର୍ଭୁଲ ରୂପେ ଗଣି ନପାରିଲେ ଜରିମାନା ଦେବାକୁ ହୁଏ । ଏହି ଗଣତିବେଳେ ଝିଅପକ୍ଷର ଲୋକେ ନାନା ପ୍ରକାରର ପ୍ରତିବନ୍ଧ ସୃଷ୍ଟି କରିଥାନ୍ତି । ପାଟି ତୁଣ୍ଡ ମଧ୍ୟ ହୁଏ । କିନ୍ତୁ ପରେ ମିମାଂସା କରାଯାଏ । ଏହାପରେ ଝିଅ ପକ୍ଷରୁ ଦିଆଯାଇଥିବା ଚାଉଳ ଓ ଫଡ଼ିଆ ମାଂସ କୁ ସେହି ସ୍ଥଳକୁ ଅଣାଯାଏ ଏବଂ ଏକ ମାଠିଆ କୁସନା ମଧ୍ୟ ଅଣାଯାଏ । କୁସନାକୁ ଉଭୟ ପକ୍ଷର ଲୋକେ ବାଣ୍ଟି ପିଇଥାନ୍ତି ଓ ମିଳାମିଶା ହୋଇଥାନ୍ତି ।

ବାଉଁଶ ବାଡ଼ି, ଚାଉଳ ଓ ଫଡ଼ିଆକୁ ଆଗୁଆ ଦାୟିତ୍ୱରେ ଦିଆଯାଇଥାଏ । ତାକୁ ସେମାନ ବନ୍ଧା ବନ୍ଧିକରି ଯତ୍ନରେ ରଖନ୍ତି । ପୁଅପକ୍ଷକୁ ବିଦାୟ ଦେବାବେଳେ ପିନ୍ଧିଥିବା କପଡ଼ା ମାନଙ୍କରେ ହଳଦୀ ଲଗାଇ ଦେଇ ନାଚ ଗୀତ କରି ସେହି ଦ୍ରବ୍ୟ ସହ ଅଧରାସ୍ତା ପର୍ଯ୍ୟନ୍ତ ଛାଡ଼ିଯାଇଥାନ୍ତି । ଏସବୁକୁ ନେଇ ଝିଅ ଘରେ ଜିମା ଦିଆଯାଏ । ସେମାନେ ତାକୁ ରୋଷେଇ କରି ମୁଢ଼ି ଆଦି ସହିତ ଖୁଆଇ ବିଦାୟ ଦେଇଥାନ୍ତି ।

ଏହା ସମସ୍ତ ପ୍ରକାର ଖଡ଼ିଆ ମାନଙ୍କ ନୀତି ନିୟମ । କିନ୍ତୁ ଢେଲ୍କି ଖଡ଼ିଆ ମାନଙ୍କ ଅନ୍ୟ ଏକ ନୀତି ଅଛି ଯେ ନୂଆଖାଇ ସମୟରେ ପୁଅ ପକ୍ଷରୁ ୫/୬ ଜଣ ବୁଢୀ ଲୋକ ଓ ଜଣେ ଝିଅ ଯାଇଥାନ୍ତି ଏବଂ କନ୍ୟାକୁ ବର ଗୃହକୁ ଡାକି ଆଣିଥାନ୍ତି । ଏହାକୁ "ଲୁତୁଇ ଅବ୍‌ସୁ ନାଃ" କୁହାଯାଏ । ସାଧାରଣତଃ ଝିଅ ଆଠଦିନ ପର୍ଯ୍ୟନ୍ତ ପୁଅ ଗୃହରେ ରହିଥାଏ । ଏତେବେଳେ ବୁଢ଼ା ବୁଢ଼ୀମାନେ ଝିଅର ରଙ୍ଗ ଢଙ୍ଗ, ଚାଲିଚଳନ, କଥାବାର୍ତ୍ତା କରିବା ବିଷୟକୁ ଲକ୍ଷ୍ୟ କରିଥାନ୍ତି । ନୂଆଖାଇ ଦିନ ନୂଆ ଭାତ ରାନ୍ଧି, ନୂଆବସ୍ତ୍ର ପିନ୍ଧାଇ ତାକୁ ଖୁଆଇଥାନ୍ତି ଓ ଜୁନୁଆପାତି କରି ତା ବାପା, ମାଆଙ୍କ ନିକଟରେ ଛାଡ଼ିଦେଇ ଆସନ୍ତି ।

ଗିନିଂତାଙ୍ଗ୍ (କନ୍ୟାମୂଲ) : ଝିଅ ପକ୍ଷରୁ ପ୍ରାୟ ୫ ରୁ ୭ ଜଣ (ବିଯୋଡ ସଂଖ୍ୟା) ସ୍ତ୍ରୀଲୋକ ପୁଅ ଘରକୁ

ଯାଆନ୍ତି । ସେମାନଙ୍କୁ ଜାତିର ରୀତିରୀଓ୍ୱାଜ୍ ଅନୁସାରେ ସମ୍ମାନ ଓ ଅତିଥି ସତ୍କାର କରାଯାଏ । ତା'ଆର ଦିନ ସକାଳୁ ଗୋରୁ ମାନଙ୍କୁ ଗୁହାଳରୁ ଖୋଲି ଦିଆଯାଏ । ଯେତେବେଳେ ଗାଈଗୋରୁ ପାଳଗଦା, ଚରାଭୂଇଁ ଆଦି ଠାରେ ଗୋଠ ବାନ୍ଧି ରହନ୍ତି, ଏତେବେଳେ ସେହି ସ୍ତ୍ରୀଲୋକମାନେ ମୁହଁ ନଧୋଇ, ଦାନ୍ତ ନଘସି ସକାଳୁ ସକାଳୁ ଗୋଠକୁ ଯାଇ କନ୍ୟାପଣ ନିମିତ୍ତ ଗାଈଗୋରୁ ବାଛିଥାନ୍ତି ଓ ତାହାକୁ ବରପକ୍ଷ ଦେବାପାଇଁ ବାଧ ହୁଅନ୍ତି । ଦୁଧ ଖଡ଼ିଆଙ୍କ ପ୍ରଥାନୁସାରେ ୨ ଗୋଟି ଗୋରୁ ଅର୍ଥାତ୍ ଗୋଟିଏ ଗାଈ ଓ ଗୋଟିଏ ଛତା ଓ ଢେଳକି ଖଡିଆ ପ୍ରଥାରେ ୩ ପଟ ଅର୍ଥାତ୍ ଗୋଟିଏ ଗାଈ ଓଦୁଇପଟ ଛଡ଼ା ଦେଇଥାନ୍ତି । ପସନ୍ଦ କରି ଫେରି ଆସିବା ପରେ ପୁଅ ପକ୍ଷର ଲୋକେ ନାଚଗୀତ କରିଥାନ୍ତି । ଭୋଜି କରି କୁସୁନା ପିଇଥାନ୍ତି । ତା'ପରେ ପୁଅ ପକ୍ଷର ଲୋକେ ନାଚ ଗୀତ କରି ପସନ୍ଦ କରି ବଛାଯାଇଥିବା ଗୋରୁ ମାନଙ୍କୁ ଶ୍ୱଶୁର ଗୃହକୁ କ୍ୱାଇଁ ଘଉଡାଇ ନେଇ ପହୁଞ୍ଚାଇ ଦେଇଥାଏ । ପ୍ରଥାନୁଯାଇ ତାଙ୍କୁ ଅତିଥି ସତ୍କାର କରାଯାଏ ।

ଏହାପରେ ପୁଅ ପକ୍ଷର ଲୋକ ଯାଇ ବିବାହ ତିଥି ବାର ଠିକ୍ କରି ଆସନ୍ତି । ସାଧାରଣତଃ ବିବାହ ଲଗ୍ନ, ତିଥି ମାଘ ବା ଫଗୁଣ ମାସରେ କରାଯାଇଥାଏ । ଏହାପରେ ଜାତି ଭାଇ ମାନଙ୍କୁ ନିମନ୍ତ୍ରଣ କରାଯାଏ

ବରପକ୍ଷରୁ ଦୁଇଜଣ 'ଆଗୁଆ' ଝିଅ ଘରକୁ ପୂର୍ବପରି ଗୀତ ଗାଇ ଗାଇ ଯାଇଥାନ୍ତି । ଝିଅପକ୍ଷ ପ୍ରଥାନୁସାରେ ଅତିଥି ସତ୍କାର କରିଥାନ୍ତି । ଗାଁର ପାହାନ୍ (କାଲୋ / ପ୍ରଧାନ) ଝିଅକୁ ମହୁଲବୃକ୍ଷ ବା ଶାଳବୃକ୍ଷ ମୂଳକୁ ନେଇ ସାରନା ବୁଢୀ ଦେବୀଙ୍କୁ ପୂଜା କରି ବୃକ୍ଷରେ ସୂତାବାନ୍ଧିଥାଏ ଓ ଝିଅର ହାତରେ ମଧ ଲଗନ୍ ସୂତ୍ର ବନ୍ଧନ କରିଥାଏ । ଏହି ଅବସରରେ ବାଜା ବଜାଇ ଥାନ୍ତି ।

ତା'ପରେ ଝିଅପକ୍ଷରୁ କନ୍ୟା / ଝିଅକୁ ଏକ ଏକ ସାର୍ ଅର୍ଥାତ୍ - ଦୁଇ ଦୁଇ ଖଣ୍ଡ ଥାଳି, ଗିନା, ଗ୍ଲାସ, ବାକ୍ସ ଆଦି ଉପହାର ଦେଇଥାନ୍ତି । ଝିଅକୁ ତନ୍ତୀ ବୁଣା ଲୁଗା ଘୋଡ଼ାଇ ଗୃହରୁ ବାହାର କରିଥାନ୍ତି । ଝିଅଟି କାନ୍ଦି କାନ୍ଦି ଗୀତ ଗାଇ ଗାଇ ବାପା, ମାଆ, ମାମୁ ଆଦିଙ୍କଠାରୁ ବିଦାୟ ନେଇଥାଏ ।

ଏହାପରେ କନ୍ୟାପକ୍ଷର 'ଆଗୁଆ' ବର ଗୃହକୁ କୁସୁନା ବୋହି ନେଇଥାଏ । ପ୍ରଥାନୁସାରେ ଆଗୁଆଙ୍କୁ ସତ୍କାର କରାଯାଏ । କେତେଜଣ ବରଯାତ୍ରୀ ଆସୁଛନ୍ତି ତାହା କନ୍ୟା ପକ୍ଷକୁ କହିଥାଏ ଓ ତଦନୁସାରେ ଖାଇବା, ପିଇବା ଆଦିର ବ୍ୟବସ୍ଥା କରାଯାଇଥାଏ ।

ବରଯାତ୍ରୀ ପହଞ୍ଚିଲା ପରେ ଗାଁମୁଣ୍ଡରେ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା କରାଯାଏ । ତା'ପରେ ବାଜା, ଢୋଲ ଆଦି ବଜାଇ 'ପରଘେଇ' ଆଣନ୍ତି । ଏହି 'ପରଘେଇ' ଆଣୁଥିବା ସମୟରେ କଳସ ପାଣି, ଆମ୍ବଡାଳ ଉଭୟ ପକ୍ଷର ଲୋକେ ବ୍ୟବସ୍ଥା କରି ପାଖରେ ରଖିଥାନ୍ତି ଓ କଳସ ପାଣିକୁ ପରସ୍ପର ମଧରେ ଛିଞ୍ଚା ଛିଞ୍ଚି ହୋଇଥାନ୍ତି । ଅଣ୍ଟିରେ ଚୁଡ଼ା ରଖିଥାନ୍ତି ଓ ତାହା ପରସ୍ପର ମଧରେ ଖୁଆଖୋଇ ହୋଇଥାନ୍ତି । ବରଯାତ୍ରୀଙ୍କୁ ପରଘେଇ ନେଇ ଗୃହକୁ ପ୍ରବେଶ କରାଯାଏ ନାହିଁ । ନାଚ ଗୀତ ଉଭୟପକ୍ଷରୁ ପରିବେଷଣ କରାହୁଏ । ଅତିଥି ସତ୍କାର ମଧ କରାହୁଏ । ଏହି ଅବସରରେ କରାଯାଉଥବା ନାଚ ଗୀତ ଓ ବାଜାକୁ "ରଗଡ଼ା ବଜା" କୁହାଯାଏ । ପାଛୋଟି ନେବା ସମୟରେ ଦାଆ (ଇଲା)ରେ କନା ଗୁଡ଼ାଇ ଟୋଇତେଲ ଲଗାଇ ମଶାଲ ସଦୃଶ ଜଳାଇଥା'ନ୍ତି । ଏହାକୁ 'ଗାନାନ୍' କୁହାଯାଏ । ତା'ପରେ କୁସୁନା ପିଆ ଯାଏ । ରାତିସାରା ନାଚ ଗୀତ କରାଯାଏ । ପ୍ରତ୍ୟୁଷରୁ କନ୍ୟାକୁ ତେଲ ମଖାଇବା ପାଇଁ ବରପକ୍ଷ ଆଣିଥାନ୍ତି । ବର ଓ କନ୍ୟାକୁ ଗୋଟିଏ ପଟିରେ ଠିଆ କରାଇ ତେଲ ମଖାଯାଏ, ନାଚ ଗୀତ ହୁଏ ଓ କୁସୁନା ପାନ କରାଯାଏ । ଏହି ତେଲ ମଖା କାର୍ଯ୍ୟ ନଣନ୍ଦ, ଭାଉଜ ମାନେ ଗୀତ ଗାଇ ଗାଇ କହିଥାନ୍ତି :

ଗୀତ : "ସିସିଆ ଚଲ୍ ଗସନା, ସିସିଆ ଚଲ୍ ଗସନା
ଗୋ ନାୟଁ ସୁମାନ (ସାମାନ୍)
ବଅ ବାରି ଆଚେ ଏ
ଗୋ ସୋ ଗେନିଂ ॥"

ଓଡ଼ିଆ : "ଗିନା / ଶିଶିରେ ଥିବା ତେଲକୁ ଦୁଇଥର ଲଗାଅ, ଯେଉଁ ଜାଗାରୁ ଜଣକୁ ଲଗାଇଛି, ସେହି ସ୍ଥାନରୁ ଆଉ ଜଣକୁ ଲଗାଅ । ଯେଉଁ ସ୍ଥାନରେ ଲଗାଇବାର ଅଛି ଦୁଇଜଣକୁ ସମାନ ଭାବରେ ସେହି ସ୍ଥାନରୁ ଲଗାଅ ।"

ଏହିପରି ତେଲ ହଳଦୀ ଆଦି ଲଗାଇବା ସମୟରେ ବହୁ ପଦଗୀତ ଗାଇ ଥାନ୍ତି । ତା'ପରେ ଝିଅପକ୍ଷ ଝିଅକୁ ନେଇ ଆସିଥାନ୍ତି ଓ ନିତ୍ୟ କର୍ମାଦି ସକାଳୁ କରାଇଥାନ୍ତି । ତଥା ଭାତ, କୁସୁନା ଆଦି ଜଳଖିଆ ଆକାରରେ ଖାଇବା ପାଇଁ ଦେଇଥାନ୍ତି । ଏହାପରେ ପ୍ରାୟ ଏକ ଘଣ୍ଟା ମହାଧୁମ୍ ଧାମ୍‌ରେ ନାଚ ଗୋବିନ୍ଦ କରାଯାଏ ।

ଆଚକାର୍-ବାଠି ଗଲାଙ୍ଗ (ଦେଢଶାଶୁ - କ୍ୱାଇଁ) :

ବରର ଦେଢଶାଶୁ ବର ଗୃହକୁ ଆସି ବରକୁ କାଖେଇ କରି ନେଇଥାଏ । ବାଜା ବଜାଯାଏ । ସେଠାରେ ବର ପକ୍ଷରୁ କୁସୁନା ରଖା ଯାଇଥାଏ । ତାହା ବରପିଲା କନ୍ୟାପକ୍ଷର ସମସ୍ତଙ୍କୁ ପିଇବା ପାଇଁ ବାଣ୍ଟିଦେଇଥାଏ । (ପ୍ରଥାନୁସାରେ ଦେଢ ଶାଶୁ କ୍ୱାଇଁକୁ ଛୁଇଁବା ନିଷେଧ ଅଛି, କିନ୍ତୁ ଏହିଦିନ ହିଁ କେବଳ ଛୁଇଁ ଥାଏ । )

ତା'ପରେ ବର କନ୍ୟାକୁ ଗାଁର ନିଜ ଜାତିର ପାହାନ୍ (କାଲୋ/ପ୍ରଧାନ)/ପୂଜାରୀ ମହୁଲ ବା ଶାଳବୃକ୍ଷ ମୂଳକୁ 'ସାରନା' ଦେବୀଙ୍କ ଆସ୍ଥାନକୁ ନେଇ ବିଧି ପୂର୍ବକ ପୂଜାପାଠ ଆଦି କରି ହଳଦୀ ସୂତା (ମଙ୍ଗଳ ସୂତ୍ର) ଦୁଇ ଜଣଙ୍କ ହସ୍ତରେ ବାନ୍ଧି ଦିଏ ଏବଂ ବିବାହ କର୍ମ କରିଥାଏ । ଅନ୍ୟ ଜାତିର ପାହାନ୍ ବା ବ୍ରାହ୍ମଣ ପୂଜାରୀ ଦ୍ୱାରା ବିବାହ କର୍ମ କରାଯାଏ ନାହିଁ । ଏହା ନିଷେଧ ।

ଦେବା, ଦେବୀଙ୍କ ନିକଟରେ ସିନ୍ଦୁର, ନଡ଼ିଆ ଆଦି ପୂଜା କରାଯାଏ । ଏହି ପୂଜା ସିନ୍ଦୁରକୁ ବର ଓ କନ୍ୟା ଉଭୟେ ପରସ୍ପରର ମୁଣ୍ଡରେ ଲଗାଇ ଥାନ୍ତି । ଏହାକୁ 'ସିନ୍ଦୁର ଦାନ' କୁହାଯାଏ ।

ବିବାହ କର୍ମ ସମାପ୍ତି ପରେ ରାତ୍ରରେ 'ଦୁରା ସାଙ୍ଗର୍ ନାଃ.. (ଚଉଠି ରାତି) କର୍ମ କରାଯାଏ । ପୁଅର ଭାଉଜ, ତଥା ଅନ୍ୟ ୫/୬ ଜଣ ସ୍ତ୍ରୀଲୋକ ବରକୁ ମଧୁଶଯ୍ୟା ଗୃହକୁ ଡ଼ାକି ଆଣନ୍ତି । ତା' ପୂର୍ବରୁ କନ୍ୟାକୁ ନେଇ ସେଠାରେ ରଖିଥାନ୍ତି । ବରକୁ ସେଠାକୁ ନେଇ ନାନା ପ୍ରକାର ଗୀତ ଗାଉଥାନ୍ତି ଓ ଧିରେ ଧିରେ ସେହି ଘରୁ ଜଣେ ଜଣେ କରି ବାହାରି ଆସିଥାନ୍ତି ।

ତା' ଆରଦିନ ଗାଁର ଜାତି ଭାଇଙ୍କୁ ଭୋଜି ଦେଇଥାନ୍ତି । ଏମାନଙ୍କର ବିବାହରେ କୁସୁନା (ମଦ), ମାଂସ, ନାଚ-ଗୀତ, ବାଦ୍ୟ ଆଦି ଓ ଅତିଥି ସତ୍କାର ବହୁ ଆଡ଼ମ୍ବର ସହ ହୁଏ । ମଦ ଓ ନାଚଗୀତର ବହୁଳ ପ୍ରଚଳନ ରହିଛି ଓ ବହୁଧୁମ୍ ଧାମରେ ବିବାହ ଉତ୍ସବ ରୂପକ ଏକ ସାମାଜିକ କର୍ମ ନିର୍ବିଘ୍ନରେ ସମାପନ ହୋଇଥାଏ ।

◆◆◆

ଘର ନଂ : ଏଚ୍/୧୩୨
ପୋ.ଅ : ଧୂନାବେଡା
ଜି : କୋରାପୁଟ (ଓଡ଼ିଶା)

# ଗଦବା ଜନଜାତିର ବୈବାହିକ ପରମ୍ପରାରେ ବଣ୍ଡା-ଗଦବାର ସାମାଜିକ ସ୍ଥିତି

ଶ୍ରୀ ଜଳଧର ସ୍ୱାଇଁ

ସୃଷ୍ଟିର ନିୟମରେ ପ୍ରକୃତି ଓ ପୁରୁଷର ମିଳନ ଯେପରି ଏକ ଅନିବାର୍ଯ୍ୟ ସତ୍ୟ ଓ ସେମିତି ଆଉ ଏକ ଅନିବାର୍ଯ୍ୟ ସତ୍ୟ ହେଉଛି ସାମାଜିକ ଜୀବନରେ ମାନବଗୋଷ୍ଠୀର ସାମାଜିକ ଅଭିବୃଦ୍ଧି ତଥା ବଂଶବୃଦ୍ଧି ପାଇଁ ପୁରୁଷ ସହ ନାରୀର ଦୈହିକ ମିଳନ ସୃଷ୍ଟିର ଆଦିପୁରୁଷ ମନୁ ଆଦିନାରୀ ଶତରୂପା ହୁଅନ୍ତୁ ବା ଆଦମ୍ ଇଭ୍ ହୁଅନ୍ତୁ, କିନ୍ତୁ ସେମାନଙ୍କ ମିଳନରୁ ଯେ ଆଦିମାନବ ସମାଜର ସୃଷ୍ଟି ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ତେବେ ଏହି ଆଦିପୁରୁଷ ଓ ଆଦି ନାରୀର ମିଳନକୁ ଆମେ ବିବାହ ନାମରେ ନାମିତ କରି ପାରିବା ନାହିଁ । ବିବାହ ହେଉଛି ସମାଜଦ୍ୱାରା ସ୍ୱୀକୃତି ପ୍ରାପ୍ତ ଏକ ଶୃଙ୍ଖଳିତ ଦୈହିକ ସଂଭୋଗର ବିଧି । ସାମାଜିକ ତଥା ଗୋଷ୍ଠୀଗତ ଜୀବନରେ ଏ ପ୍ରକାର ବୈବାହିକ ବିଧି ବିଧାନ ଗଠନରେ ଯେଉଁ ମାନଙ୍କର ବିଶେଷ ଭୂମିକା ରହିଛି ସେମାନେ ହେଉଛନ୍ତି ସୃଷ୍ଟିର ସେଇ ଆଦି ମାନବ ଗୋଷ୍ଠୀ ବା ଆଦିବାସୀ ସମାଜର ମଣିଷ । କୁହାଯାଏ ଏଇ ପ୍ରାଚୀନତମ ଗୋଷ୍ଠୀମାନଙ୍କ ମଧ୍ୟରୁ ଗଦବା ଜନଜାତି ଅନ୍ୟତମ ।

ଆଦି ଯୁଗରେ ହୁଏତ ଆଦିମ ମଣିଷ ଗୋଷ୍ଠୀରେ ଏ ପ୍ରକାର ବିଧିବଦ୍ଧ ଭାବେ ବିବାହ ପ୍ରଥା ନିର୍ଦ୍ଧାରିତ ହୋଇ ନଥାଇ ପାରେ । ସେମାନେ ଯେହେତୁ ନାରୀ ପୁରୁଷ ନିର୍ବିଶେଷରେ ଏକତ୍ର ବସବାସ କରୁଥିଲେ, ଇଚ୍ଛା ମୁତାବକ ନିଜ ନିଜ ଭିତରେ ଯୌନ ସମ୍ପର୍କ ସ୍ଥାପନ କରୁଥିଲେ । ତେଣୁ ସେତେବେଳେ ଗୋଷ୍ଠୀ ମଧ୍ୟରେ ବ୍ୟକ୍ତିଗତ ବିବାହର ସୁଯୋଗ ସୃଷ୍ଟି ହୋଇଥାଇପାରେ । ମାତ୍ର ସମୟକ୍ରମେ ଗୋଷ୍ଠୀଗତ ବିବାହ ପରଂପରାରୁ ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି । ବ୍ୟକ୍ତିଗତ ବିବାହର ପ୍ରଥା ପରମ୍ପରା । ମାତୃକୈନ୍ଦ୍ରିକ ପରିବାରରୁ ସୃଷ୍ଟି ହୋଇଛି ପିତୃକୈନ୍ଦ୍ରିକ ପରିବାର । ବହୁପତି ବିବାହ ପ୍ରଥା ପରିବର୍ତ୍ତିତ ରୂପନେଇ ପରିଣତ ହୋଇଛି ବହୁଦାସୀ ବିବାହ ପ୍ରଥାରେ ଏବଂ ସର୍ବଶେଷରେ ସେମାନେ ପହଞ୍ଚିଛନ୍ତି ସାମ୍ପ୍ରତିକ ସମୟରେ ପ୍ରଚଳିତ ସେମାନଙ୍କ ସମାଜର ବହୁବିଧ ବୈବାହିକ ପ୍ରଥା ପରମ୍ପରା ନିକଟରେ । ଏହି ପରିପ୍ରେକ୍ଷୀରେ ବିଚାର ପରିସର ମଧ୍ୟକୁ ନିଆଯାଇ ପାରେ ପ୍ରାଚୀନତମ ଗଦବା ଜନଜାତିର ବୈବାହିକ ପ୍ରଥା ପରମ୍ପରା ସବୁକୁ ।

## ଗାଦବା ଜନଜାତି – ସଂକ୍ଷିପ୍ତ ପରିଚୟ :

୧୯୮୧ ତଥା ତତପରବର୍ତ୍ତୀ ଜନଗଣନାରୁ ଜଣାଯାଏ ସମଗ୍ର ଓଡ଼ିଶାରେ ୫୬୯୧୩ ଜଣ ଗଦବା ଜନଗୋଷ୍ଠୀର ଲୋକ ବସବାସ କରୁଥିବାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୬୪୧୩ । ଅର୍ଥାତ୍ କୋରାପୁଟ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟାନ୍ୟ ଆଦିବାସୀ ଅଧୁଷିତ ଅଞ୍ଚଳରେ ଏମାନଙ୍କ ସଂଖ୍ୟା କେତେ ନଗଣ୍ୟ ତାହା ସହଜରେ ଅନୁମାନ କରାଯାଇ ପାରେ । ମୁଣ୍ଡାରୀ ଭାଷାଗୋଷ୍ଠୀର ଏଇ ପ୍ରାଚୀନ ଜନଜାତି ମାନଙ୍କ ବାସସ୍ଥଳୀ ଭାବେ ଏଇ କୋରାପୁଟ ମାଳାଞ୍ଚଳକୁ ଦର୍ଶାଇବାକୁ ଯାଇ Verrier Elwin (ଭେରିଅର୍ ଇଲ୍‌ଉଇନ୍) ତାଙ୍କ Tribal Myths of Orissa ପୁସ୍ତକରେ ଏମାନଙ୍କୁ ମର୍କଟ ମଣିଷଭାବେ ଚିହ୍ନିତ କରି ଦର୍ଶାଇଛନ୍ତି ଯେ, ଏମାନେ ଭଗବାନଙ୍କର ପ୍ରଥମସୃଷ୍ଟି ଅଟନ୍ତି । ଏମାନେ

ସଂଗୀତ ପ୍ରିୟ ତଥା ବୀଣାଦି ବାଦ୍ୟଯନ୍ତ୍ର ବାଦନରେ ପାରଙ୍ଗମ ହୋଇଥିବାରୁ ପ୍ରାଚୀନ ପୁରାଣକାର ମାନେ ଏମାନଙ୍କୁ ବିଦ୍ୟାଧର ଭାବେ ଚିହ୍ନିତ କରିଛନ୍ତି । କୋରାପୁଟ ଗେଜେଟିଅର - ୧୯୬୬ ରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଅନ୍ୟ ପକ୍ଷରେ ଗବେଷକମାନେ ତଥା ପନ୍ତତତ୍ତ୍ୱବିତ୍ ମାନଙ୍କ ଦୃଷ୍ଟିରେ ଏମାନେ ମର୍କଟ ଜାତୀୟ ଶବର ବା ସଉରା ଗୋଷ୍ଠୀର ଏକ ବହୁ ପୁରାତନ ଶାଖା ବା ପୂର୍ବଜଭାବେ ଅଭିହିତ ହୋଇ ଥାନ୍ତି । ସମ୍ଭବତଃ ଏଇ ମର୍କଟ ମଣିଷ ମାନେ ରାମାୟଣ ଯୁଗରେ ଏ ଅଞ୍ଚଳରେ ଶାସନ କରୁଥିବା ବାଳି ଓ ସୁଗ୍ରୀବ ନାମକ ଦୁଇ ଗୋଷ୍ଠୀର ଶକ୍ତିଶାଳୀ ସମ୍ରାଟଙ୍କ ସୈନ୍ୟ ଭାବେ ମଧ୍ୟ ସଂଗ୍ରାମ କରି ଥାଇ ପାରନ୍ତି ବୋଲି ବହୁ ଇତିହାସ ବିତ୍ ପଣ୍ଡିତ ମତ ବ୍ୟକ୍ତ କରିଥାନ୍ତି ।

ଯାହାବି ହେଉ ଏଇ ପ୍ରାଚୀନ ତମ ଜନଗୋଷ୍ଠୀର ଲୋକେ ସମଗ୍ର କୋରାପୁଟ ମାଳାଞ୍ଚଳର ଦକ୍ଷିଣାଂଶ ଏବଂ ଆନ୍ଧ୍ରପ୍ରଦେଶର ଉତରାଂଶ ଥିବା ସୀମାଞ୍ଚଳ ଗୋଦାବରୀ ଅଞ୍ଚଳ, ଯାହା ଅତୀତରେ ଏଇ କୋରାପୁଟ ମାଳାଞ୍ଚଳର ଅଂଶ ବିଶେଷ ଥିଲା ସେଠାରେ ବସବାସ କରନ୍ତି । ସମ୍ପ୍ରତି ବିଭାଜିତ କୋରାପୁଟ ଜିଲ୍ଲାର କୋରାପୁଟ, ସେମିଳଗୁଡା, ନନ୍ଦପୁର, ପଟାଙ୍ଗି, ଲକ୍ଷ୍ମୀପୁର ପ୍ରଭୃତ ଅଞ୍ଚଳରେ ଏମାନେ ସର୍ବାଧିକ ସଂଖ୍ୟାରେ ବସବାସ କରୁଥିବାବେଳେ ନବରଙ୍ଗପୁର ଜିଲ୍ଲା, ମାଲକାନଗିରୀ ଜିଲ୍ଲାରେ ସ୍ୱଳ୍ପ ସଂଖ୍ୟାରେ ବସବାସ କରନ୍ତି ।

ଇତିହାସ କହେ ଏଇ ଗଦବା ଗୋଷ୍ଠୀର ବଣ୍ଡା ଗାଦବାମାନେ ସର୍ବ ପ୍ରଥମେ ଧାନ ନାମକ ଶସ୍ୟର ଆବିଷ୍କାର କରିବାସହ, ଧାନଚାଷ ଆରମ୍ଭ କରି କୃଷିଭିତ୍ତିକ ସମାଜ ଗଠନ କରିଥିଲେ । କୃଷି, ଗୋପାଳନ, ବସ୍ତ୍ରବୟନ ଆଦି କାର୍ଯ୍ୟ କରି ଜୀବନ ଜୀଉଁଥିବା ଏଇ ଗଦବା ଜନଜାତିର ଲୋକେ ସେମାନଙ୍କ ଆଦ୍ୟ ଜୀବନର ମୂଳ ପରମ୍ପରା ନୃତ୍ୟବାଦ୍ୟ ସଂଗୀତ ଆଦିକୁ ଭୁଲି ପାରି ନାହାନ୍ତି । ସର୍ବୋପରି ନିଜ ନିଜର ସାମାଜିକ କାର୍ଯ୍ୟ ଧାରାକୁ ନେଇ ଏମାନେ ତିନୋଟି ଶ୍ରେଣୀରେ ବିଭକ୍ତ ହୋଇ ଯାଇଛନ୍ତି । ଯଥା: ୧ - ବଣ୍ଡା ଗଦବା, ୨ - ପାରେଙ୍ଗା ଗଦବା ବା ଉରାଙ୍ଗ ଗଦବା, ୩ - ଆଲାର ଗଦବା । ଏହି ନିବନ୍ଧଟିରେ ଏହି ତିନି ଶ୍ରେଣୀର ଗଦବା ମାନଙ୍କ ମଧ୍ୟରୁ କେବଳ ବଣ୍ଡା ଗଦବାମାନଙ୍କ ବୈବାହିକ ପରମ୍ପରା ସମ୍ପର୍କରେ ଆଲୋଚନା କରାଯାଇଛି । ଏମାନଙ୍କ ମଧ୍ୟରୁ ସଗୋତ୍ର ବିବାହ ନିଷେଧ ହୋଇଛି । ସାଧାରଣତଃ ମାମୁଁ ଝିଅ ବା ମାମୁଁ ଘର ବଂଶର କନ୍ୟାକୁ ବିବାହ କରିବା ପାଇଁ ଏମାନେ ବିଶେଷ ଆଗ୍ରହ ପ୍ରକାଶ କରିଥାନ୍ତି । ଏମାନଙ୍କ ସମାଜରେ ବିବାହର ଏକ ନିର୍ଦ୍ଧାରିତ ସାମାଜିକ ରୀତିନୀତି ରହିଛି । ତାହାକୁ ଏମାନେ ଉଲ୍ଲଙ୍ଘନ କରନ୍ତି ନାହିଁ । ଏଇ ବଣ୍ଡା ଗଦବା ସମାଜରେ ପାଞ୍ଚ ପ୍ରକାରର ବିବାହ ଦେଖିବାକୁ ମିଳିଥାଏ । ଯଥା - ୧ - ମାଙ୍ଗନି ବିବାହ (ଲୁବିରିଂନାଇ), ୨ - କନ୍ୟା ଝିକା ବିବାହ (ଉଦ୍‌ଲିଆ ବିବାହ) ୩ - ଘରଜ୍ୱାଇଁ ବିବାହ, ୪ - ବିଧବା ବିବାହ (କେଣାଇ) ୫ - ପଇସା ମୁଣ୍ଡି ବିବାହ ଇତ୍ୟାଦି ।

ମାକାନି ବିବାହ : ଏ ପ୍ରକାର ବିବାହକୁ ବଣ୍ଡା ଗଦବାମାନେ ତାଙ୍କ ଭାଷାରେ 'ଓନ୍ଦୁର' ବିବାହ ବା 'ଲୁବିରିଂ ନାଇ' ବୋଲି କହିଥାନ୍ତି । ଏହା ସେମାନଙ୍କର ପରମ୍ପରା ଅନୁମୋଦିତ ସ୍ଥିରୀକୃତ ବିବାହ ବା ସମ୍ମାନଜନକ ବିବାହ ଅଟେ । ଏହି ପରମ୍ପରା ଅନୁଯାୟୀ ବିବାହ ବୟସ ହୋଇଥିବା ଗଦବା ପୁଅଟିର ବାପ ମାଆ ବା ଅଭିଭାବକ ମାନେ ସେମାନଙ୍କ ପସନ୍ଦ ମୁତାବକ ଉପଯୁକ୍ତ କନ୍ୟାର ସନ୍ଧାନ ନେଇଥାନ୍ତି । କୌଣସି ଗ୍ରାମରେ ସେମାନଙ୍କ ପସନ୍ଦ ମୁତାବକ ଉପଯୁକ୍ତ କନ୍ୟାଟିଏ ଅଛି ବୋଲି ଜାଣିବା ପରେ ଏ ସମ୍ପର୍କରେ ପ୍ରଥମେ ପୁଅକୁ ଅବଗତ କରାଇ ଦିଆଯାଏ । ପୁଅ ସେଇ ଗ୍ରାମର ସେଇ ଝିଅଟିକୁ

ଜାଣିଥିଲେ ଏବଂ ବିବାହ କରିବାକୁ ଇଚ୍ଛୁକ ବୋଲି ସମ୍ମତି ପ୍ରଦାନ କଲେ, ପ୍ରଥମେ ପୁଅର ବାପ ମାଆ ଓ ଆତ୍ମୀୟସ୍ୱଜନ ମାନେ, ଅର୍ଥାତ୍ ବଡ଼ଭାଇ, ଭାଉଜ ଇତ୍ୟାଦି ଏକ ସ୍ଥିରୀକୃତ ଦିନରେ ସାଙ୍ଗରେ ତଡାଏ ମଦ, ହାଣ୍ଡିଏ ପେଣ୍ଡମ, ମାଣେ ଚାଉଳ ନେଇ କନ୍ୟା ପିତା ଦୁଆରରେ ରଖନ୍ତି । ସେମାନଙ୍କୁ କିଛି ସମୟ ପାଇଁ ସେମାନଙ୍କ କାମରେ ସହଯୋଗ କରନ୍ତି । କନ୍ୟା ପକ୍ଷର ଲୋକମାନେ ସେମାନଙ୍କୁ ଆସିବାର କାରଣ ପଚାରିଲେ ଏମାନେ ସିଧାସଳଖ ପ୍ରସ୍ତାବଟି ନଥୋଇ ଏକ ବୈପରିବର୍ତ୍ତନ ଢଙ୍ଗରେ ନିଜ ଆସିବା ଉଦ୍ଦେଶ୍ୟ ବ୍ୟକ୍ତ କରିଥାନ୍ତି । କନ୍ୟାପିତା ଏମାନଙ୍କ ଉଦ୍ଦେଶ୍ୟ ବୁଝିଗଲାପରେ ଯଦି ସେମାନଙ୍କ ସହ ବନ୍ଧୁ ବାନ୍ଧିବାକୁ ଇଛାଥାଏ ତେବେ ସେମାନେ ଗରମ ପାଣିରେ ବରପକ୍ଷର ଲୋକ ମାନଙ୍କ ଗୋଡ଼ଧୋଇ ଦେଇ ସେମାନଙ୍କୁ ଘରଭିତରକୁ ସ୍ୱାଗତ କରନ୍ତି । କନ୍ୟାପକ୍ଷ ଓ ବରପକ୍ଷ ଲୋକଙ୍କ ମଧ୍ୟରେ ଜୁହାର ଭେଟ ହୁଏ । ସେମାନେ ଏକତ୍ର ହୋଇ କନ୍ୟାକୁ ଏଇ ପ୍ରସ୍ତାବରେ ତା'ର ସମ୍ମତି ଅଛି କି ନାହିଁ ପଚାରନ୍ତି । ଯଦି କନ୍ୟା ସମ୍ମତି ପ୍ରଦାନ କରେ, ତେବେ ପ୍ରସ୍ତାବଟି ଆଗକୁ ବଢେ । ବରପକ୍ଷର ଲୋକ ନେଇଥିବା ଦ୍ରବ୍ୟ ଗୁଡ଼ିକୁ କନ୍ୟାପକ୍ଷ ଗ୍ରହଣ କରନ୍ତି ଓ ବରପକ୍ଷ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରନ୍ତି । କନ୍ୟାର ଇଛା ଥିଲେ ବରପକ୍ଷ ଦେଇଥିବା ସମସ୍ତ ଦ୍ରବ୍ୟ ଧରି ଫେରି ଆସନ୍ତି ।

କନ୍ୟାପକ୍ଷର ସମ୍ମତି ପାଇ ବରପକ୍ଷ ଫେରି ଆସିଲେ ସେମାନେ ଦିଶାରୀ ବା ପୁରୋହିତଙ୍କୁ ଡାକି ବିବାହର ଦିନବାର ତିଥି ନକ୍ଷତ୍ର ସ୍ଥିର କରନ୍ତି । ଏହି ସ୍ଥିର କରାଯାଇଥିବା ଦିନଟି ସମ୍ପର୍କରେ ବଂଶର ମୁରବି (ରାଇବାଡିଆ) କନ୍ୟା ଘରକୁ ଯାଇଥାଏ । ଏହାପରେ ଝୋଲା ଟଙ୍କାର ପରିମାଣ ସ୍ଥିର କରିବା ପାଇଁ ଭଣ୍ଡାର ଘରିଆ ବା ମଧ୍ୟସ୍ଥିଙ୍କୁ ପଠାଯାଏ । ବିବାହ ପୂର୍ବରୁ ଭାଇ ବାଡିଆ ୨/୩ ଥର କନ୍ୟା ଘରକୁ ଯିବା ଆସିବା କରିଥାଏ । ପ୍ରତିଥର କନ୍ୟାଘରକୁ ମଦ ପେଣ୍ଡମ ଚାଉଳ କୁକୁଡା ଇତ୍ୟାଦି ନେବାକୁ ପଡ଼ିଥାଏ । ବିଭାଘର ପୂର୍ବରୁ କିମ୍ୱା ବିଭାଘର ଦିନ ବରପକ୍ଷ କନ୍ୟା ପକ୍ଷକୁ ଝୋଲା ଟଙ୍କା ଭଣ୍ଡାର ଘରିଆଙ୍କ ମାଧ୍ୟମରେ ଦେଇଥାନ୍ତି । ଏଇ ଝୋଲା ଟଙ୍କାର ପରିମାଣ ବରପକ୍ଷର ସାମର୍ଥ୍ୟକୁ ଦେଖିସ୍ଥିର କରାଯାଇଥାଏ । ଆଗେ ଶହେ କିମ୍ୱା ପଚାଶ ଟଙ୍କା ମଧ୍ୟରେ ଛିଡ଼ୁଥିବା ଏଇ ଝୋଲା ଟଙ୍କାର ପରିମାଣ ବଢି ବଢି ଆଜିକାଲି ହଜାରରେ ପହଞ୍ଚିଲାଣି ।

ବିବାହ ନିମନ୍ତେ ସ୍ଥିର କରାଯାଇଥିବା ଦିନର ଏକ ଦିନ ପୂର୍ବରୁ ବରପକ୍ଷର ଗ୍ରାମ ଲୋକ ଓ ବନ୍ଧୁ ବାନ୍ଧବମାନେ କନ୍ୟାଘରର ଗ୍ରାମକୁ ଯାନ୍ତି । ସେମାନେ କନ୍ୟାର ଘରକୁ ଯେଉଁ ରାତ୍ରିରେ ଯାଆନ୍ତି ଗ୍ରାମର ଅନ୍ୟ ଘରେ ରହନ୍ତି । ଏମାନଙ୍କ ସାଥୀରେ ଲୋକମାନେ ସେମାନଙ୍କ ସାଥୀରେ ବିବାହ ଖର୍ଚ୍ଚ ଓ ଟିକା ଦବା ପାଇଁ କିଛି ଅର୍ଥ ଝୋଲା ଟଙ୍କା, କନ୍ୟାର ମାଆ ଓ କୁଟୁମ୍ବ ଲୋକଙ୍କ ପାଇଁ ଅଲଗା ଅଲଗା ପାତ୍ରରେ ମଦ ପେଣ୍ଡମ ଓ ତା ସହିତ ମଦ୍ୟ ପାତ୍ରରେ ଦେବା ପାଇଁ ୩ ଟି ଟଙ୍କା ମଧଦେଇଥାନ୍ତି । ବାହାଘର ଦିନ ସକାଳୁ ଶୁଭବେଳା ଦେଖି ବର କାନ୍ଧରେ ଟାଙ୍ଗିଆ ପକାଇ କନ୍ୟା ଘରଗାଁକୁ ଯାଏ । ଗାଁ ମୁଣ୍ଡରେ ପୂର୍ବରୁ ଯାଇଥିବା ଗାଁଲୋକମାନେ ତାକୁ ଅପେକ୍ଷା କରିଥାନ୍ତି । ସମସ୍ତେ ମିଶି କନ୍ୟାଘରକୁ ଯାଆନ୍ତି । ଝୋଲାଟଙ୍କା ସମେତ ନେଇଥିବା ସମସ୍ତ ଦ୍ରବ୍ୟ ଝିଅ ଘରକୁ ଭଣ୍ଡାର ଘରିଆ ବା ରାଇବାଡିଆ ଦ୍ୱାରା ହସ୍ତାନ୍ତର କରାଗଲା ପରେ ବରକୁ ବନ୍ଦାପନା କରି ଘର ଭିତରକୁ ନେଇ ବସାଯାଏ ଓ ତା କାନ୍ଧରୁ ଟାଙ୍ଗିଆ କାଢିନେଇ ଘର ଭିତରେ ରଖାଯାଏ । କନ୍ୟାର ମାଆ ପାଇଁ ନିଆ ଯାଇଥିବା ମଦ୍ୟ ପାତ୍ରରେ ଟ. ୧/- ଓ କୁଟୁମ୍ବ ପାଇଁ ନିଆ ଯାଇଥିବା ମଦ୍ୟ ପାତ୍ରରେ ଟ. ୨/- ପକାଯାଇ ସେମାନଙ୍କୁ ସମ୍ମାନର ସହ ଏହା ପିଇବାକୁ ଦିଆଯାଏ ।

କନ୍ୟାଘର ଏକ ନୂଆ ମାଟି ହାଣ୍ଡିରେ ପାଣି ଗରମ କରି, ହଳଦୀ ଲଗାଇ ଦେଇ ବରକୁ ଗାଧୋଇ

ଦିଅନ୍ତି ଓ ନୂଆ ଲୁଗା ପିନ୍ଧିବାକୁ ଦିଅନ୍ତି । ବରକନ୍ୟାକୁ ଖାଇବାକୁ ଦିଆଯାଏ । ଆଗେ ଅଳଙ୍କାର ସ୍ୱରୂପ କନ୍ୟାକୁ କାଚର ମାଳି ଓ ପିତଳ ଖଡୁ ଦିଆ ଯାଉଥିଲା । ଏବେ ସୁନା ମାଳି ଓ ସୁନାର କାଚ ପାରିବା ଲୋକେ ଦେଉଛନ୍ତି, ନପାରିବା ଲୋକ ଝୋଲା ଟଙ୍କା ଦେଇଥିବାରୁ କନ୍ୟା ପାଇଁ କିଛି ଅଳଙ୍କାର ଦେଉନାହାନ୍ତି । ଏହା ପରେ କନ୍ୟାଘର ତରଫରୁ ଗ୍ରାମର ସମସ୍ତ ଲୋକଙ୍କୁ ଓ ବରଘର ଗ୍ରାମରୁ ଯାଇଥିବା ସମସ୍ତ ଲୋକମାନଙ୍କୁ ମଦ ପେଣ୍ଡମ ପିଇବାକୁ ଦିଆଯାଇ ଭୋଜି ଖାଇବାକୁ ଦିଆଯାଇଥାଏ । ଭୋଜି ଖାଇ ସାରିଲା ପରେ ଆରମ୍ଭ ହୁଏ କନ୍ୟା ବିଦାୟ ପର୍ବ । କନ୍ୟାଘର ଗ୍ରାମର ଧାଙ୍ଗଡୀମାନେ କନ୍ୟାକୁ ହଳଦୀ ଲଗାଇ ଗରମ ପାଣିରେ ଗାଧୋଇ ଦିଅନ୍ତି ଓ ନୂଆ ଲୁଗା ପିନ୍ଧାଇ ବୋହୂ ବେଶରେ ସଜାନ୍ତି । ଏହାପରେ ଗ୍ରାମର ଯୁବତୀ ଓ ବୟସ୍କ ସ୍ତ୍ରୀଲୋକମାନେ ବରଘର ଗ୍ରାମରୁ ଯାଇଥିବା ସ୍ତ୍ରୀଲୋକମାନଙ୍କ ସହିତ ମିଶି କନ୍ୟାକୁ ବରଘରେ ଛାଡ଼ିବାକୁ ଯାଆନ୍ତି । କନ୍ୟାଘର ଲୋକମାନେ ଝିଅକୁ ବିଦା କରିବାକୁ ଯାଇ ଯେଉଁ ଗୀତଗାଇଥାନ୍ତି ତାହା ଯେତିକି ଅର୍ଥପୂର୍ଣ୍ଣ ସେତିକି ମର୍ମସ୍ପର୍ଶି ହୋଇଥାଏ ମଧ୍ୟ । ସେମାନେ ଗୀତରେ ଗୀତରେ କହନ୍ତି :-

"ଯେ-ଉୟାବେ - ଉୟାବେ
ସମଦି ଡ଼େନବ ଉୟାବେ
ସମଦି ଡ଼େନବ ଇଗୁସୁ
ବାରକୁଲି ଡ଼େମ ସମରେ ବାବୁ ସମରେ ଧନୀ ।

ଜୁଆଁଇ ବୁଡ଼ାଙ୍ଗ ଜୁଆଁଇ ବୁଡ଼ଙ୍ଗ
ସୁନ୍ଦରକୁ ଡୁକାବେ
ଜୁଆଁଇ ବୁଡ଼ଙ୍ଗ - ଜୁଆଁଇ ବୁଡ଼ଙ୍ଗ
ସବାଡ଼େଙ୍ଗୁ ଡୁକା
ଆରିଆନ - ଆରିଆନ ବୁଡ଼ଙ୍ଗ
ସୁନ୍ଦରକୁ ଡୁକାବେ ॥
ବନ୍ଧୁ ବୁଡ଼ଙ୍ଗ ବନ୍ଧୁ ବୁଡ଼ଙ୍ଗ
ସୁନ୍ଦରଡେଙ୍ଗୁ ଡୁଲାଙ୍ଗତଙ୍ଗ
ଢାରିମାନେ ଡୁକୁସୁ ବଲୁତଲନିଙ୍ଗ
ପୁରୁବେ ଡୁକୁସୁଇଲିଇଡ଼ଢଙ୍ଗ
ସମଦି ବଡ଼ଙ୍ଗ ମିସ୍ରେଗୁସୁକାଇ
ଇଲି ପେଣ୍ଡମ ଉଡ଼ିନେଇ ॥"

ଓଡ଼ିଆ ମର୍ମାନୁବାଦ:

"ଯାଆରେ ଝିଅ ଯାଆ
ସମୁଦି ଘରକୁ ଯାଆ
ସମୁଦି ଘରେ ରହିବୁ
ସୁଖ ସରଧାରେ ରହିବୁ
ଆମକୁ ପାଶୋରି ଦେବୁନିରେ ଧନ
ଆମକୁ ପାଶୋରି ଦେବୁନି ।
ଯୁଆଁଇ ସହିତ ରହ
ସୁନ୍ଦର ଭାବରେ ରହି
ସବୁଦିନ ପାଇଁ ରହ
ଜ୍ୱାଇଁଙ୍କ ସାଥୀରେ ହସଖୁସିରେ
ମଞ୍ଜୁର ସଂସାର ବସେଇ ରହ ॥
ବନ୍ଧୁ ସହିତ ରହ
ବନ୍ଧୁ ସହିତ ରହ
ମଞ୍ଜୁର ଭାବରେ ସବୁରି ସାଥୀରେ
ମିଳିମିଶି କରି ରହ ॥
ପୂର୍ବର ରୀତି ରହିଛି ବୋଲି
ତୋ ପାଇଁ ଆମେ ସମୁଦି ଘରର
ପେଣ୍ଡମ ଖାଇଲୁ, ମଦ ପିଇଲୁ
ତୋ ଇଛା ଅଛି ବୋଲି ତୋତେ
ସମୁଦି ଘରକୁ ପଠେଇଲୁ
ଯାଆରେ ଝିଅ ଯାଆ
ସମୁଦି ଘରକୁ ମାଆ
ସୁଖ ଶରଧାରେ ଥାଆ ॥"

ଏହିପରି ଘର ଲୋକଙ୍କ ଠାରୁ ବିଦାୟ ନେଇ ସମସ୍ତଙ୍କୁ ଜୁହାର ହୋଇ ଗାଆଁର ଧାଙ୍ଗଡୀମାନଙ୍କ ସହ କନ୍ୟା ଯେତେବେଳେ ବରଘର ଗାଁକୁ ଆସେ ତା ସାଥୀରେ ଆସିଥିବା ତା'ର ସାଙ୍ଗସାଥୀମାନେ ତାକୁ

ବିଦାୟ ଦେବାକୁ ଯାଇ ଗାଆନ୍ତି :

"ଯାବଇନି - ଯା
ଚାଟି ରାଙ୍ଗା ରାଙ୍ଗି
ମୂଷାରାଙ୍ଗୀ ରାଙ୍ଗି
ତୁମ ଘର ଇକେ ଜୁଙ୍ଗବେ
ବଇଦ ଘର ଇକେ ଜୁଙ୍ଗବେ । ଯାଉ ବଇନି..॥
ଛାମୁଡା ଘର ଇକେ ଡୁଙ୍ଗବେ ।
ବେଦୀଘରଇକେ ଜୁଙ୍ଗବେ
ଗୀତ କାଉଡି କଉଁବେ
କଥା କାଉକି କଉଁବେ
ଜଙ୍ଗଲିଆ ଶରଣ
ଭୁଜନି ହାତ ଅଲଗୁନ । ଯଉ ବଇଛ..॥

ଓଡ଼ିଆ ମର୍ମାନୁବାଦ :

"ଯାଆରେ ଭଉଣୀ ଯାଆ
ପିମ୍ପୁଡି ପରି ଦଳବଳ ନେଇ ଯାଆ
ମୂଷା ପରି ଛପିଛପି କରି ଯାଆ
ତୋ ନିଜ ଘରକୁ ଯା
ବଇଦ ଘରକୁ ଯା ..॥
ଯାଆରେ ଭଉଣୀ ଯାଆ
ଛାମୁଡା ଘରକୁ ଯାଆ
ବେଦୀ ଘରକୁ ଯାଆ
ଗୀତର ଧାଡି କହୁଥା
କଥାର ଧାଡି କହୁଥା
ଜଙ୍ଗଲି ଶରଣ ନେଇଥା
ଡାହାଣ ହାତ ଧରିଥା ॥"

ଏହିପରି ଗୀତ ଗାଇ ଗାଇ ଗାଁର ଧାଙ୍ଗଡୀମାନେ କନ୍ୟାକୁ ଆଣି ବରଘର ନିକଟରେ ପହଞ୍ଚାଇ ଦେଲା ପରେ ପରେ ବରଘର ଠାରେ ଦିଶାରୀ ଦ୍ୱାରା ବାହାଘର କାମ ଯଥାରୀତି ଆରମ୍ଭ କରାଯାଇଥାଏ । ବରର ଘର ସାମ୍ନାରେ ବାଉଁଶର ଏକ ଛୋଟ କୁଡ଼ିଆ ଘର ତିଆରି ହୋଇଥାଏ ଓ ସେଠି ଛାମୁଣ୍ଡା ମରାଯାଇଥାଏ । ଏଇ କୁଡିଆ ଘରକୁ ଛାମୁଣ୍ଡା ଘର ବା ବାହା ବେଦୀ ଘର ବୋଲି କୁହାଯାଇଥାଏ । ବରକନ୍ୟା ଏଇ କୁଡିଆ ଘର ପାଖକୁ ଆସି ସେଠାରେ ଗୋଟିଏ କୁକୁଡା ମାରନ୍ତି ଓ ସେଇ କୁକୁଡା ପରକୁ ବିଡାଏ ପିରି ସହିତ ବାନ୍ଧି କୁଡ଼ିଆର ଚାଳରେ ଖୋସି ଦିଅନ୍ତି । କୁଡିଆ ଆଗରେ ମାଣ୍ଡିଆ ଘୋରିବା ପାଇଁ ବ୍ୟବହୃତ ହେଉଥିବା ଘୋରଣା ପଥର ବା ଚକି ପଥର ୨ଟି ଦିଶାରୀର ନିର୍ଦ୍ଦେଶ ପ୍ରକାରେ ଆଗରୁ ଥୁଆ ହୋଇଥାଏ । ଶୁଭଲଗ୍ନ ଦେଖି ଦିଶାରୀ ବରକନ୍ୟାକୁ ଆଣି ଏହି ଚକି ପଥର ଉପରେ ଅଲଗା ଅଲଗା ବସାଏ । ଧୂପ ଦୀପ ଦେଇ ବର କନ୍ୟାକୁ ବରଘର ଚରଫରୁ ପରିବାର ବା ଗ୍ରାମର ୩/୪ ଜଣ ବୟସ୍କ ସ୍ତ୍ରୀଲୋକ ବନ୍ଦାପନା କରି ସେମାନଙ୍କ ଉପରେ ହଳଦିଆ ଚାଉଳ ପକାନ୍ତି ଓ ମୁଣ୍ଡରେ ଟିକା ପିନ୍ଧାନ୍ତି । ଏହାପରେ ବରକନ୍ୟାକୁ ଉଠାଯାଇ ଗାଧୋଇବା ପାଇଁ ନଈ ବା ଝରଣାକୁ ପଠାଯାଏ । କନ୍ୟା ଗାଧୋଇ ସାରି ନୂଆଲୁଗା ପିନ୍ଧି ଝରଣା ବା ନଈରୁ ଏକ ନୂଆ ହାଣ୍ଡିରେ ପାଣି ଆଣେ ଓ ସେଥିରେ ସେ ଅଳ୍ପ ଚାଉଳ ପକାଇ ଚଗୁରାନ୍ଦେ । ଏହି ରନ୍ଧା ଯାଇଥିବା ଚରୁ ସେ ନିଜ ହାତରେ ବାଢି ପୂର୍ବ ପୁରୁଷଙ୍କୁ ବାଢେ ଓ ନିଜ ବଂଶର ଲୋକଙ୍କୁ ଖାଇବାକୁ ଦେଇଥାଏ । ଏତିକିରେ ପ୍ରଥମଦିନର ବିବାହ କାର୍ଯ୍ୟ ଶେଷ ହୁଏ । ଗ୍ରାମ ଲୋକ ଓ ବନ୍ଧୁ ବାନ୍ଧବ ମାନେ ଭୋଜି ଖାଇ ମଦ ପେଣ୍ଡମ ପିଇ ବାଇଦ ବଜାଇ ନାଚ ଗୀତ କରନ୍ତି । ଏହି ନାଚଗୀତରେ ଚାଙ୍ଗୁ ମର୍ଦ୍ଦଳ, ବୀଣା, ବଇଁଶୀ, ସହିତ ଘାଗେରା ଓ କୋଦାଳ ସହିତ ପୀଳ ଘଷି ବାଦ୍ୟର ଏକ ମଧୁର ନାଦ ସୃଷ୍ଟି ରାଯାଏ । ସାରା ରାତି ନାଚ ଗୀତରେ ନିଜକୁ ହଜେଇ ମଜେଇ ଦେଇ ଥିବା ଏଇ ଲୋକମାନେ ଗୀତରେ ଗୀତରେ ନିଜ ହାଲିଆ ହୋଇ ଯାଇଥିବା କଥା ଦର୍ଶାଇ ଆହୁରି ଅଧିକ ମଦ ଓ ପେଣ୍ଡମ ମାଗନ୍ତି ଏବଂ କହନ୍ତି । :

"ଇଣ୍ଡେବେ ଇଣ୍ଡେବେ ବେଲର ପତ୍ରୀ
କୁଇଲା ଟିମ୍ ମଲାମାଛ ଇଣ୍ଡେ
ଅନିଙ୍ଗ୍ ରାଇ ଶୋଷ ଲାଗେ ଇଗୁ
ଅସଙ୍ଗ୍ ରାଇ ଭୁକ୍ ଲାଗେ ଇଗୁ
ଆଡିନିଙ୍ଗ୍ କୋଡିକ୍ ବାଜା ତୁନିଙ୍ଗ୍
ଆଡି ନିଙ୍ଗ୍ ଘାଗରା ବାଜା ତୁନିଙ୍ଗ୍
ଅନିଙ୍ଗ ଗିଙ୍ଗ ଇଣ୍ଡେ
ଚାଉଳ ମଦ୍ ମଉଲ୍ ମଦ୍ ବେଲାକେ ବେଲା
ରାଇ ଭୁକ୍ ଲାଗେ ଗୁନି
ସରସୁ ଭୁକ୍ ଲାଗେ ଗୁନି ॥"

ଓଡ଼ିଆ ମର୍ମାନୁବାଦ:

"ଦିଅ ଦିଅ ! ବେଲ ପତ୍ରପରି ଦିଅ
ମଲାମାଛ ପଚାଅଣ୍ଡା
ଯାହାବି ଦେଉଛ ଦିଅ
ଆମକୁ ଭୀଷଣ ଶୋଷ
ଆମକୁ ଭୀଷଣ ଭୋକ
ଆମେ କୋଡ଼ିରେ ମାରୁଛୁ ଫାଳ
ବଜଉଛୁ ସୁରରେ ଘାଗରା
ଦିଅ ଦିଅ ଭୋକ ପାଇଁ / ଶୋଷ ପାଇଁ
ମହୁଲି ଚାଉଳି ଦିଅ
ଭୋକ ମରୁ, ସରିଯାଉ ଶୋଷ ॥

ଏମିତ ଗୀତରେ ଗୀତରେ ନାଚରେ ନାଚରେ ପ୍ରେମ ପ୍ରକୃତିଓ ଶୃଙ୍ଗାର ଚେତନାର ଶବ୍ଦାବଳୀକୁ ନେଇ ମୁଖରିତ ହେଉଥାଏ ରାତ୍ରୀ । ମଦ ପେଣ୍ଡମ ପିଇବାର ଶେଷ ହେଉନଥାଏ, ବିଶେଷ ହେଉଥନଥାଏ ନୃତ୍ୟ ଗୀତର । ଏମିତିରେ ରାତି ପାହିଯାଏ । ଆରମ୍ଭ ହୁଏ ଦ୍ୱିତୀୟ ଦିନର ବିବାହ କାର୍ଯ୍ୟ । ଦ୍ୱିତୀୟ ଦିନ ଦିଶାରୀର ନିର୍ଦ୍ଦେଶ ପ୍ରକାରେ ଲଗ୍ନ ଦେଖି ପୁଣିଥରେ ବର କନ୍ୟାକୁ ଆଣି ବିବାହ କୁଡିଆ ଦୁଆରେ ପଡିଥିବା ଚକିପଥର ଉପରେ ବସାଯାଏ । ଝିଅକୁ ଝିଅର ମାମୁଁ ବା ମାଇଁ କୋଳରେ ଧରି ବସେ, ସେମିତି ପୁଅକୁ ପୁଅର ମାମୁଁ ମଧ୍ୟ କୋଳରେ ଧରିବସେ । ଏହାପରେ ବନ୍ଦାପନା ବା ଟିକା ଦେବା ପର୍ବ ଆରମ୍ଭ ହୁଏ । ବର ଓ କନ୍ୟାଙ୍କ ନିଜ ନିଜ ଗ୍ରାମର ଲୋକ ଏବଂ ଆସିଥିବା ସମସ୍ତ ବନ୍ଧୁ ସମ୍ପର୍କୀୟ ମାନେ ବରକନ୍ୟାଙ୍କ ମୁଣ୍ଡରେ ହଳଦିଆ ଚାଉଳ ପକାଇ ଟିକା ଦିଅନ୍ତି ଓ ହାତରେ କିଛି ଟଙ୍କା ବା ଉପହାର ଦ୍ରବ୍ୟ ଦେଇଥାନ୍ତି । ଟିକା ଦେଲାବେଳେ ସେମାନେ ଗୀତ ଗାଆନ୍ତି ଓ କହନ୍ତି :

" ମୁଁଇ ଟିକା ବେଡ଼୍
ଗନ୍ଧବି ଅଡୁ
ବାଟା ବିର ଅନ ଫୁଲାଇ
ଶିରେ ଟିକା ବେଡ଼୍ ।"

ଓଡ଼ିଆ ମର୍ମାନୁବାଦ :

"ମୁଁଇ ଟିକା ଦେଲି
ତୁମ ଜୀବନର କ୍ଷେତ ଆହୁରି ଆହୁରି
ସରସ ସୁନ୍ଦର ହେଉ
ତୁମ ଶିରେ ଏଇ ଟିକା"

ଆମ ଆଶିଷର ଆଲୋକରେ ଆଲୋକିତ ହୋଇ ଆସନ୍ତା କାଲିକୁ ତୁମ ଉଦଭାସିତ ନିତ୍ୟ କରୁଥାଉ ॥

ଏଇ ଟିକା ଦେବାବେଳେ ସେମାନେ ହୁଳହୁଳି ମଧ୍ୟ ପକାଇ ଥାନ୍ତି ଓ ଧାଙ୍ଗେଡିମାନେ ନାଚଗୀତ ବି କରୁଥାନ୍ତି । ଟିକାଦିଆ କାମ ଶେଷ ହେଲେ ଚାଲାନ୍ ଦିଶାରୀକୁ ଜଣାଇ ଦିଏ । ଏହାପରେ ଲଗ୍ନ ନେବ ଦିଶାରୀ ଅତି ପ୍ରତ୍ୟକ୍ଷର ନଦୀ ବା ଝରଣାରୁ ଆଣି ବିବାହ କୁଡ଼ିଆ ପାଖରେ-ରଖା ଯାଇଥିବା 'ତିତାହାଣ୍ଡି' ବା 'ବିବାହ ପାଣିହାଣ୍ଡି' ର ପାଣିକୁ ବର କନ୍ୟାଙ୍କ ଉପରେ ଢାଳି ଦେଇ ବିବାହ କର୍ମର ସମାପ୍ତି ଘୋଷଣା କରିଥାଏ ।

ଏହାପରେ ବର କନ୍ୟାଙ୍କୁ ଗାଧୋଇବା ପାଇଁ ନିଆଯାଏ । ଗାଧୋଇ ସାରିଲା ପରେ ସେମାନଙ୍କୁ ନୂଆ ଲୁଗା ପିନ୍ଧିବାକୁ ଦିଆଯାଏ । କନ୍ୟାକୁ ନୂଆ ଲୁଗା

ସହିତ ନୂଆ ଚାଙ୍ଗୁଡ଼ିରେ ଚାଉଳ ଓ ପନିପରିବା ଦିଆଯାଏ । କନ୍ୟା ଉକ୍ତ ଚାଙ୍ଗୁଡ଼ିକୁ ଧରି ଆଣ୍ଠେଇ ଆଣ୍ଠେଇ କୁଡିଆ ଘର ଭିତରକୁ ଯାଏ । କନ୍ୟା ହାତରୁ ଏଇ ଚାଙ୍ଗୁଡି ଆଣି ଦିଶାରୀ ତାହାକୁ ପୂଜା ସ୍ଥାନରେ ରଖି ମନ୍ତ୍ର ପଢି ପୂଜାକରେ । ଏହାପରେ ଏହି ଚାଙ୍ଗୁଡି ସହିତ ଚରୁପାଣି, ନୂଆ ହାଣ୍ଡି ପ୍ରଭୃତି କନ୍ୟାକୁ ଦିଆଯାଏ । କନ୍ୟା କୁଡିଆ ସହିତ ଚରୁପାଣି, ନୂଆ ହାଣ୍ଡି ପ୍ରଭୃତି କନ୍ୟାକୁ ଦିଆଯାଏ । କନ୍ୟା କୁଡିଆ ଭିତରେ ଏସବୁ ଦ୍ରବ୍ୟ ସହିତ କୁକୁଡାଟିଏ ନେଇଯାଏ ଓ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରେ । ଏହି ପ୍ରସ୍ତୁତ ଖାଦ୍ୟକୁ ଦିଶାରୀର ନିର୍ଦ୍ଦେଶ ପ୍ରକାରେ ଦନାରେ ବାଢେ । ଏହି ଅନ୍ନ ବ୍ୟଞ୍ଜନକୁ ବାପଘର, ନିଜଘର, ମାମୁଁ ଘର ଲୋକଙ୍କୁ ଦିଆଯିବା ସହ ୧୨ ଭାଇ ଓ ୧୨ କୁଟୁମ୍ବର ଲୋକଙ୍କୁ ମଧ୍ୟ କନ୍ୟା ନିଜ ହାତରେ ବାଢି ଖାଇବାକୁ ଦେଇଥାଏ । ଏହି ପ୍ରସ୍ତୁତ ଖାଦ୍ୟକୁ ପ୍ରଥମେ ଦିଶାରୀ ନିର୍ଦ୍ଦେଶ ପ୍ରକାରେ ବରକୁ କନ୍ୟା ନିଜ ହାତରେ ଖୁଆଇ ଦେଇଥାଏ ଓ ପରେ ବରବି କନ୍ୟାକୁ ଖୁଆଇ ଦେଇଥାଏ । ଏହାପରେ କନ୍ୟା ବା ବୋହୁ ଏହି ଖାଦ୍ୟକୁ ଦିଶାରୀକୁ ଖୁଆଇ ଥାଏ । ଏହା ପରେ ପରିବାର ମୁଖିଆ ବ୍ୟକ୍ତି ମାନଙ୍କୁ ପରଶି ଦେଇଥାଏ । ଏତିକିରେ ଦ୍ୱିତୀୟ ଦିନର ବିବାହ କାର୍ଯ୍ୟ ଶେଷ ହୁଏ । ଉପସ୍ଥିତ ଗ୍ରାମବାସୀ ମାନେ ଭୋଜି ଖାଆନ୍ତି । ପୁଣି ରାତିସାରା ମଦ ପେଣ୍ଡମର ସୁଅ ଛୁଟେ । ନାଚଗୀତ ଚାଲିଥାଏ ।

ତୃତୀୟ ଦିନ ପୁଣିଥରେ କନ୍ୟା ବା ବୁଆରି ସେଇ ପୂଜାଘର ବା କୁଡ଼ିଆ ଘରେ ପୂର୍ବଦିନ ପରି ଚରୁ ପ୍ରସ୍ତୁତ କରେ ଓ କେବଳ ପୁଅ ଘରର ଲୋକ କୁଟୁମ୍ବ ଲୋକଙ୍କୁ ଏଇ ଚରୁ ଦିଆ ଯାଏ । ଚରୁ ଖାଇବା ପରେ ପୁଣି ଗ୍ରାମ ଲୋକ ଓ ବନ୍ଧୁ ବାନ୍ଧବ ମାନେ ଭୋଜି ଖାଆନ୍ତି । ମଦ ପିଇ ମାତାଲ ହୋଇ ବନ୍ଧୁ ଲୋକ ମାନେ ବିଦାୟ ମାଗନ୍ତି । ବିଦାୟ ମାଗିଲା ବେଳେ ସେମାନେ କହନ୍ତି :

"ଆଡ଼େମା ଆଡ଼େମା କୋଡିକି ବାଜା
ଡ଼େଲଙ୍ଗ ନିବେ
ଆଡ଼େ ମା ଆଡ଼େମା ଘାଗରା ବାଜା
ଡେଲଙ୍ଗ ନିବେ
ତାରା ପଟିଙ୍ଗ୍ ତୁରୁଗୁକି ନମୁନ୍ମ ତୁରୁଗୁ
ଲଂଦାହାଣ୍ଡି ବେଡ଼େତ ବେଡ଼େ
ଚୁଲୁବୁଲୁ ବାଟିରି ଫୁଲ୍
ଇଣ୍ଡେବେ ଇଣ୍ଡେବେ ଚାଉଲ ମଦ
ଇଣ୍ଡେବେ ଇଣ୍ଡେବେ ମଉଲୁ ମଦ୍
ଅନିଙ୍ଗ୍ ରାଇ ଶୋଷଲାଗେ ଇଗୋ
ଇଲଙ୍ଗ ନିବେ ଇଲାଙ୍ଗ ନିଙ୍କେ
ଣହେ ଜୁହାର ଡେମ୍ ତୁନିଙ୍ଗ୍
ବନ୍ଧୁ ଫୁଲାଇ ବନ୍ଧୁ ଫୁଲାଇ
ଜୁହାର ଭନି ଡ଼େମତୁ ॥"

ଓଡ଼ିଆ ମର୍ମାନୁବାଦ:

ମହୁଲିର ମଦଦିଅ !
ଦିଅ ଦିଅ ଚାଉଳିର ମଦ !
ଦିଅ ଆଣି ଇନ୍ଦା ହାଣ୍ଡି
ଚୁଲି ବୁଲି ହେ ବାଟିଲି ପୁଲ
ହେଇ ଦେଖ ପାହି ଆସିଲାଣି ରାତି
ଆଡ଼େମା ଆଡ଼େମା ବାଜୁଛି କୋଡିକିବାଜା
ଆଡ଼େମା ଆଡ଼େମା ବାଜୁଛି ଘାଗରା
ଆକାଶରୁ ଲିଭିଲେଣି ଗୋଟି ଗୋଟି ତାରା
ବିଦାୟ ବିଦାୟ ବନ୍ଧୁ ନେଉଛୁ ବିଦାୟ
ଯାଉଛୁ ଯାଉଛୁ ବନ୍ଧୁ ଦେଇ ବନ୍ଧୁଗଣ
ଯେତେ ଦେଲେ ଯେତେ ନେଲେ
ଶୋଷ ମରିଲାନି
ସରିଲାନି ଭୋକର ଆୟୁଷ
ଜୁହାର ମୁଁ ହେଉଛି ତୁମକୁ ॥"

ବିବାହ ସମୟରେ ବନ୍ଧୁ ସମୁଦିଙ୍କ ଖବର ଅନ୍ତର ବୁଝୁଥିବା ଓ ଖର୍ଚ୍ଚ ବାର୍ଚ୍ଚର ହିସାବର ଭଣ୍ଡାର

ଘରିଆ ସମସ୍ତଙ୍କୁ ଯଥା ମାନ୍ୟଦେଇ ବିଦାୟ ଦିଏ । ବରପକ୍ଷ କନ୍ୟାପକ୍ଷକୁ ବିଦାୟ ଦିଅନ୍ତି । ଏହାପରେ ବନ୍ଧୁ ଘରକୁ ମାଂସ ଓ ମଦ ପଠାଯାଏ । ୩/୪ ଦିନ ପରେ ପୁଅ ବୋହୁ ଝିଅର ବାପ ଘରକୁ ଯା'ନ୍ତି । ସେଠାରେ ୩/୪ ଦିନ ରହିଲା ପରେ ବିଦାୟ ନେଇ ନିଜ ଘରକୁ ଫେରି ଆସନ୍ତି ।

**କନ୍ୟାଜିକା ବା ଉଦ୍‌ଲିଆ ବିବାହ :** ଏହା ଏକ ପ୍ରକାର ପ୍ରେମ ବିବାହ । ପୁଅ ଝିଅ ପରସ୍ପରକୁ ଭଲପାଇ ବସିଲେ ସାଙ୍ଗସାଥୀଙ୍କ ସହଯୋଗରେ ସେମାନଙ୍କର ମିଳନ ହୁଏ । ବିଲ ପାଟରେ, ହାଟବାଟରେ, ମେଳା ମହୋତ୍ସବ ବା ଯାନିଯାତ୍ରାରେ ସେମାନେ ପରସ୍ପରକୁ ଭେଟନ୍ତି । ମନ ଦିଆନିଆ ହୁଏ । ଗୀତ ଓ ନାଚରେ ସେମାନେ ପରସ୍ପରକୁ ଭଲ କରି ପରଖି ନିଅନ୍ତି । ଏହାପରେ ପୁଅ ପକ୍ଷରୁ ପ୍ରସ୍ତାବ ଯାଏ । ଝିଅପକ୍ଷ ଯଦି ସେଇ ପୁଅ ସହିତ ନିଜ ଝିଅର ବିବାହ ପାଇଁ ରାଜି ନହୁଅନ୍ତି, ତାହେଲେ ଝିଅ ପୁଅ ପରସ୍ପର କଥା ହୋଇ ଘର ଛାଡି ଅନ୍ୟତ୍ର ପଳାଇବା ପାଇଁ ସ୍ଥିର କରନ୍ତି । କୌଣସି ଏକ ସ୍ଥାନରୁ ପୁଅ ତା'ର ସାଙ୍ଗସାଥୀଙ୍କ ସହିତ ଆସି ଝିଅକୁ ଟାଣି ନେଇ ଯାଏ । ଏହାପରେ ଝିଅ ପକ୍ଷ ପୁଅ ପକ୍ଷକୁ ଝଲ୍ଲା ଟଙ୍କା ବା ଝୋଲା ଟଙ୍କା ଦେବାକୁ କହିଥାନ୍ତି । କିନ୍ତୁ ପୁଅ ପ୍ରଥମେ ଏଥିରେ ରାଜି ହୁଏ ନାହିଁ । ଏଥିପାଇଁ ଦୁଇପକ୍ଷ ମଧ୍ୟରେ ଝଗଡ଼ା ମଧ ହୋଇଥାଏ । ଉଭୟ ପକ୍ଷର ମୁଖିଆ ଲୋକମାନେ ଏହି ଝଗଡ଼ାର ସମାଧାନ କରନ୍ତି । ମଧ୍ୟସ୍ଥିଙ୍କ କହିବା ପ୍ରକାରେ ଝୋଲାଟଙ୍କା ସ୍ଥିର ହୁଏ । ବରପକ୍ଷ ମୁଖିଆ ମାନଙ୍କ କଥାରେ ସମ୍ମତ ହେଲାପରେ କନ୍ୟାଘର ଓ ବରଘର ଲୋକ ତଥା ମୁଖିଆ ମାନେ ସମସ୍ତେ ଏକତ୍ର ମଦ ପିଅନ୍ତି । ପେଣ୍ଡମ ଖାଆନ୍ତି । ଏହାପରେ ମୁଖିଆମାନଙ୍କ କଥାରେ ଦିଶାରୀ ଯଥା ଶିଘ୍ର ବିବାହର ଦିନବାର ନିର୍ଦ୍ଧାରଣ କରେ । ଏହି ବିବାହ ସ୍ଥିର ହେବା ଠାରୁ ପ୍ରାୟ ଏକ ସପ୍ତାହ ମଧ୍ୟରେ ହୋଇଥାଏ । ଏହି ବିବାହରେ ଉଭୟ ପକ୍ଷର ବନ୍ଧୁ ବାନ୍ଧବ ଓ ଗାଁ ଲୋକ ଆସନ୍ତି । ଉଭୟ ପକ୍ଷରୁ ମଦପେଣ୍ଡମ୍ ଅଣା ହୁଏ । ଭୋଜି ଭାତର ଆୟୋଜନ କରାଯାଏ । ଗୋଟିଏ ନୂଆ ଲୁଗାରେ ଗୋଟିଏ ତମ୍ବା ମୁଦି ଓ ମଦ୍ୟ ଭର୍ତ୍ତି ପାତ୍ର ସହ କିଛି ଚାଉଳ ରଖାଯାଇ ସ୍ଥିର କରାଯାଇଥିବା ଜଲାଟଙ୍କା ସହ କନ୍ୟା ପକ୍ଷକୁ ଦିଆଯାଏ । ଏହାପରେ ସମସ୍ତେ ମଦପେଣ୍ଡମ ପିଅନ୍ତି । ଦିଶାରୀ ଯଥା ରୀତିରେ ବିବାହ କାର୍ଯ୍ୟ ସମାପନ କରେ । ବୁଆରୀ ଚରୁ ରାନ୍ଧେ । ଚରୁ ପାଇଲା ପରେ ଭୋଜିଭାତ ହୁଏ । ନାଚଗୀତରେ ବିବାହ କାମ ସମାପ୍ତ କରି ସମସ୍ତେ ଫେରନ୍ତି । ଏ ପ୍ରକାର ବିବାହରେ ମାଗନି ବିବାହ ଅପେକ୍ଷା ଯଥେଷ୍ଟ କମ୍ ଅର୍ଥ ଖର୍ଚ୍ଚ ହୋଇଥାଏ । ମାତ୍ର ମାଗନି ବିବାହ ଅପେକ୍ଷା ଏପ୍ରକାର ବିବାହରେ କିଛିଟା ଅଧିକ ଝୋଲାଟଙ୍କା ଦେବାକୁ ପଡିଥାଏ ।

**ଘରଜ୍ୱାଇଁ ବିବାହ :**

ଏ ପ୍ରକାର ବିବାହ ମାଗନି ବିବାହ ବା ପ୍ରସ୍ତାବିତ ବିବାହର ଅନୁରୂପ ହୋଇଥିଲେ ମଧ ଏ ବିବାହରେ ବରର ଜଲା ଟଙ୍କା ଦେବାର ଅସାମର୍ଥ୍ୟ ଯୋଗୁଁ ନିର୍ଦ୍ଧାରିତ ଦିନ ଝିଅ ଘରେ ରହି ଘରକାମ କରିବାକୁ ପଡ଼ିଥାଏ ଏବଂ ଘର ପୁଅ ପରିସବୁ କାମ କରି କନ୍ୟାର ପିତା ମାତାଙ୍କ ମନ ନେବାକୁ ଚେଷ୍ଟା କରାଯାଏ । ପ୍ରସ୍ତାବିତ ବିବାହରେ ଯେପରି ପ୍ରସ୍ତାବ ପଡ଼ିବା ଠାରୁ ବର୍ଷେ ବା ଦୁଇବର୍ଷ ଯାଏ ବାରମ୍ବାର ଝିଅ ଘରକୁ ମଦ ପେଣ୍ଡମ, ଚାଉଳ, କୁକୁଡ଼ା ଇତ୍ୟାଦି ଦେବାକୁ ପଡ଼ିଥାଏ, ଘରଜ୍ୱାଇଁ ବିବାହରେ ଏ ସବୁର ଆବଶ୍ୟକତା ନଥାଏ । ପୁଅଟି ଭାବି ଶ୍ୱଶୁର ଘରେ ନିର୍ଦ୍ଧାରିତ ଦିନ ଯାଏ, ଅର୍ଥାତ୍ ବର୍ଷେ, ଦୁଇବର୍ଷ ବା ତିନି ବର୍ଷ ଯାଏ କାମ କଲାପରେ ଓ ଦୁରୁ ବିବାହ ପ୍ରଥା ଅନୁଯାୟୀ ଏ ବିବାହ ଅନୁଷ୍ଠିତ ହୋଇଥାଏ । ଏ ବିବାହରେ ପୁଅ ନିଜ ଇଛାରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିପାରେ ନାହିଁ । ପୁନଶ୍ଚ କେତେକ ସ୍ଥାନରେ ଏଇ ଘରଜ୍ୱାଇଁ ବିବାହ କରିଥିବା ଜ୍ୱାଇଁ ମାନେ ସବୁଦିନ ପାଇଁ ଶ୍ୱଶୁର ଘରେ ରହି ଯାନ୍ତି ।

ବିଧବା ବିବାହ : କୌଣସି ଗଦବା ସ୍ତ୍ରୀ ଲୋକର ସ୍ୱାମୀ ମରିଗଲେ ସେ ଦ୍ୱିତୀୟ ପତି ଗ୍ରହଣ କରିବାର ପରମ୍ପରା ରହିଛି । ଏହି ପରମ୍ପରା ଅନୁଯାୟୀ ବିଧବାକୁ ବିବାହ କରିବାକୁ ଇଚ୍ଛୁକ ଥିବା ପୁରୁଷ ପକ୍ଷରୁ ଖଣ୍ଡିଏ ନୂଆ ଶାଢୀ, କିଛି ମଦ, ପେଣ୍ଡମ ଓ କୁକୁଡା ଅଣ୍ଡା ଅଣାଯାଏ । ଦିଶାରୀକୁ ଡାକି ବନ୍ଧୁ ବାନ୍ଧବ ତଥା ଗ୍ରାମ ଲୋକଙ୍କ ଉପସ୍ଥିତିରେ ନିରାଡ଼ମ୍ବର ଭାବରେ ବିବାହ କର୍ମ ଶେଷ ହୋଇଥାଏ । ଭୋଜିଭାତ ମଦ ପେଣ୍ଡମ ପିଇବା ମଧ୍ୟ କରାଯାଇ ଥାଏ ।

ପଇସା ମୁଣ୍ଡି ବିବାହ : ଏହା ସମ୍ପୂର୍ଣ୍ଣ ଭାବେ ପ୍ରେମ ବିବାହ । ଏହି ବିବାହରେ ଯଦି ପୁଅ ପାଖରେ ଖର୍ଚ୍ଚ ପାଇଁ ଟଙ୍କା ପଇସା ନଥାଏ ବା ପୁଅକୁ ନିଜର ବ୍ୟାଇଁ କରିବା ପାଇଁ ଶ୍ୱଶୁର ଘର ଲୋକେ ଚାହୁଁଥାନ୍ତି, ତେବେ ଉଭୟ କଥା ହୋଇ ଘର ଛାଡି ଅନ୍ୟତ୍ର କିଛି ଦିନ ପାଇଁ ପଳାଇ ଯାଆନ୍ତି, ନଚେତ୍ ଝିଅ ନିଜ ଇଚ୍ଛାରେ ବାହାରି ଆସି ପୁଅଘରେ ରହିଯାଏ । ଫଳରେ ପୁଅକୁ ଜଲା ଟଙ୍କା ଦେବାକୁ ପଡ଼େନି କି, ବିବାହ ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ । କିଛିଦିନ ପରେ ତିଥିବାର ଦେଖି ଏମାନେ ପ୍ରଥା ପରମ୍ପରା ପ୍ରକାରେ ବିବାହ କରନ୍ତି । ଗ୍ରାମ ଲୋକଙ୍କୁ ମଦ ପେଣ୍ଡମ ଓ ଭୋଜି ଦିଆଯାଏ । ଏ ପ୍ରକାର ବିବାହରେ ନିଜକୁ ବଡ଼ କାଦବା ଭାବେ ଚିହ୍ନିତ କରୁଥିବା ବଣ୍ଡା ଗଦବା ପୁଅଟିଏ ସାନ ଗଦବା କୁଳର ଝିଅଟିଏକୁ ଭଲପାଇ ନେଇଯାଏ ତେବେ ସାମାଜିକ ଶୃଙ୍ଖଳା ପ୍ରକାରେ ସେଇ ପୁଅକୁ ସମାଜରୁ ବାହାର କରି ଦିଆଯାଏ ବା ବାସନ୍ଦ କରାଯାଏ ।

ଅନ୍ୟ ପକ୍ଷରେ ଯଦି ବଣ୍ଡା ଗଦବା ଝିଅଟିଏ ସାନ ଗଦବା ପୁଅକୁ ଭଲପାଇ ତା ସାଥିରେ ଚାଲିଯାଏ ତେବେ ତାକୁ ସବୁଦିନ ପାଇଁ ବାପଘରୁ ବାସନ୍ଦ କରି ଦିଆଯାଏ । ସେ ନିଜ ଗ୍ରାମ ଓ ବଂଶ ସହିତ ସମ୍ପର୍କ ରଖିପାରେ ନାହିଁ ।

ଏତଦ୍ ବ୍ୟତୀତ ଏମାନଙ୍କ ସମାଜରେ ବହୁପତ୍ନୀ ବିବାହ ପ୍ରଥା ପ୍ରଚଳିତଥିବା ଦେଖାଯାଏ । ଏମାନଙ୍କ ସମାଜରେ ବାଲ୍ୟବିବାହ କି ବୃଦ୍ଧ ବ୍ୟକ୍ତିର ବିବାହ ପରମ୍ପରା ପ୍ରଚଳିତ ନାହିଁ । ଛାଡ଼ପତ୍ର ପରମ୍ପରା ବଣ୍ଡା ଗାଦବା ସମାଜରେ ବହୁଳ ପରିମାଣରେ ଦେଖାଯାଏ । ସ୍ତ୍ରୀ କଳିହୁଡ଼ି, ଦୁଶ୍ଚରିତା, ବନ୍ଧ୍ୟା ହେଲେ ବା ନିଜସ୍ୱାମୀ ସହିତ ରହିବାକୁ ନଚାହିଁଲେ ତାକୁ ଛାଡ଼ପତ୍ର ଦେବାର ପରମ୍ପରା ରହିଛି ।

ସମ୍ପ୍ରତି ଏମାନେ ସହର ବଜାରରେ ଚଳପ୍ରଚଳ ହୋଇ କିଛି ମାତ୍ରାରେ ଶିକ୍ଷାଦିକ୍ଷା ପାଇ ଅଣ ଆଦିବାସୀ ମାନଙ୍କ ପ୍ରଭାବରେ ପ୍ରଭାବିତ ହେବା ଫଳରେ ଏମାନଙ୍କ ବୈବାହକ ରୀତି ନୀତିରେ କିଛିଟା ପରିବର୍ତ୍ତନ ଦୃଷ୍ଟିଗୋଚର ହେଲାଣି । ଯଥା : ବିବାହ ଉତ୍ସବରେ ମାଇକ୍ ଲଗାଇ ନୃତ୍ୟ କରିବା, ବରକନ୍ୟାଙ୍କୁ ଉପହାର ଦେବା, ବିବାହ ପୋଷାକ ପରିଧାନ କରିବା, ବିଜୁଳି ଆଲୋକରେ ବିବାହ ମଣ୍ଡପ ସଜାଇବା ଇତ୍ୟାଦି ଯଥେଷ୍ଟ ପରିବର୍ତ୍ତନ ଘଟୁଥିଲେ ମଧ୍ୟ ଦିଶାରୀ ଦ୍ୱାରା ବିବାହ କର୍ମ ସଂପାଦନା କରିବା ଓ ବିବାହ କୁଡ଼ିଆରେ ଚରୁ ରାନ୍ଧିବା ଇତ୍ୟାଦି ପାରମ୍ପରିକ ରୀତି ନୀତି ବଜାୟ ରହିଛି । କେତେକ ଶିକ୍ଷିତ ଯୁବକ ଆଜିକାଲି ଝୋଲା ଟଙ୍କା ବଦଳରେ କନ୍ୟା ପକ୍ଷରୁ ଯୌତୁକ ଗ୍ରହଣ କରୁଥିବା ମଧ୍ୟ ଦେଖା ଗଲାଣି । ଆଉ କିଛି ବର୍ଷ ପରେ ହୁଏତ ଗଦବା ଗୋଷ୍ଠୀର ବିବାହ ପରମ୍ପରାରେ ଆହୁରି ଅନେକ କିଛି ପରିବର୍ତ୍ତନ ପରିଲକ୍ଷିତ ହୋଇ ପାରେ, ଏହି ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।

◆◆◆

ପୂଜାରୀପୁଟ ରୋଡ଼
କୋରାପୁଟ - ୭୬୪୦୨୦
ଦୂରଭାଷ : ୨୫୨୩୪୩

ବି.ଦ୍ର : ସୁନାବେଡା ଏନ.ସି. ଠାରୁ କିଛି ଦୂରରେ ଅବସ୍ଥିତ 'ଟିକାପାର' ଗ୍ରାମର ଶ୍ରମତୀ ଆଲମା କାଡ଼ମ (ଶିକ୍ଷୟିତ୍ରୀ) ଏହି ନିବନ୍ଧ ପାଇଁ ତଥ୍ୟ ଯୋଗାଇଛନ୍ତି।

# ସୁରୁଡ଼ି ବିଭା ଓ କେରଦିଁପଦା :
# କନ୍ଧ ବିବାହ ପରମ୍ପରାରେ ଦୁଇଟି ଭିନ୍ନ ଦିଗ

ଶ୍ରୀ ପ୍ରକାଶ କୁମାର ସେନାପତି

ଓଡ଼ିଶାର ଆଦିମ ଅଧିବାସୀ ମାନଙ୍କ ମଧ୍ୟରୁ ଅନ୍ୟତମ ସମ୍ପ୍ରଦାୟ ହେଉଛନ୍ତି 'କୁଇକନ୍ଧ' ସମ୍ପ୍ରଦାୟ । ପ୍ରକୃତିର ସନ୍ତାନ ଏମାନେ । ପ୍ରକୃତି କୋଳରେ ଲାଳିତ ଏହି ମାନବମାନେ ଜୀବନ ଧାରଣ ପାଇଁ ସମ୍ପୂର୍ଣ୍ଣ ନିର୍ଭର କରନ୍ତି ପ୍ରକୃତି ଉପରେ । ଓଡ଼ିଶାର ଅବିଭକ୍ତ କୋରାପୁଟ, ଫୁଲବାଣୀ ଜିଲ୍ଲାର ଅପରୂପ ପ୍ରକୃତି କୋଳରେ ଏମାନଙ୍କ ଜନ୍ମ ଓ ଜୀବନ ଧାରଣ ମଧ୍ୟ । ଏମାନଙ୍କ ସାମାଜିକ, ସାଂସ୍କୃତିକ ଜୀବନଧାରା ସୁଦ୍ଧା ଏହି ପ୍ରକୃତିଭିତ୍ତିକ ।

ଏହି ଆଦିମ ଅଧିବାସୀ କୁଇକନ୍ଧ ସମ୍ପ୍ରଦାୟଙ୍କ ବୈବାହିକ ରୀତିର ବିଶେଷତ୍ୱ ଅନନ୍ୟ । ବିଭିନ୍ନ ପ୍ରକାର ବୈବାହିକ ରୀତି ମଧ୍ୟରୁ କେତେକ ପ୍ରାଚୀନ, ପୁଣି କେତେକ ନୂତନ । ବିବାହ ଉତ୍ସବର ରୀତିନୀତିର ଧାରଣା ଦେବା ଓ ବିବାହ ସମ୍ପର୍କୀତ ଦୁଇଟି ଅନନ୍ୟ ସାଧାରଣ ପରମ୍ପରା ଓ ବିଶ୍ୱାସର ଅବତାରଣା ଉକ୍ତ ନିବନ୍ଧ ଉଦ୍ଦେଶ୍ୟ ।

**ସୁରୁଡ଼ି ବିଭା :** ବହୁତ ବର୍ଷ ପୂର୍ବେ ରାୟଗଡ଼ା ଜିଲ୍ଲାସ୍ଥିତ କୁଇକନ୍ଧ ସମ୍ପ୍ରଦାୟ ଦ୍ୱାରା ଏକ ଭିନ୍ନ ତଥା ଆର୍ଷଣୀୟ ବିବାହ ଉତ୍ସବ କରାଯାଇଥିଲା । ଯାହାକୁ 'ସୁରୁଡ଼ି ବିଭା' କୁହାଯାଉଥିଲା । 'ମରୁଡି ଅର୍ଥ 'ବଇଁଶୀ' । ସାଧାରଣତଃ ଆର୍ଥିକ ସ୍ୱଚ୍ଛଳତା ଥିବା କନ୍ଧ ପରିବାର ହିଁ ଏହି ପ୍ରକାର ବିବାହ ରୀତି ପାଳନ କରୁଥିଲେ । ତେଣୁ ଏହି ବିବାହ ଖୁବ୍ କ୍ୱଚିତ୍ ଦେଖା ଯାଉଥିଲା ।

ଏହି ବାହାଘରେ ପାରମ୍ପରିକ ରୀତିରେ ବରକନ୍ୟା ଉଭୟ ପିତାମାତାଙ୍କ ସମ୍ମତିକ୍ରମେ ନିର୍ବନ୍ଧ କରି ବାହାଘର କରାଯାଏ । ପ୍ରସ୍ତାବିତ ଝିଅ ସଂଗେ ବାହା ହେବାକୁ ବର ଗଲାବେଳେ ତାର ସାଂଗସାଥି ବଇଁଶୀ ବଜାଇ କନ୍ୟା ଘରକୁ ଯାଇଥାନ୍ତି । ଏହି ବରଯାତ୍ରୀ ଦଳରେ ପୁଅ-ଝିଅ ଉଭୟ ଥାଆନ୍ତି । ବର ପକ୍ଷର ଝିଅମାନେ କନ୍ୟା ଘରକୁ, ପରିବାରକୁ, ଗାଁକୁ ପରିହାସ କରି ଗୀତ ଗାଆନ୍ତି । କନ୍ୟାପକ୍ଷ ଝିଅମାନେ ମଧ୍ୟ ବର ଘରକୁ, ପରିବାରକୁ, ଗାଁକୁ ପରିହାସ କରି ଗୀତ ଗାଇଥାନ୍ତି ।

ଏହି ବାହାଘର ମୁଖ୍ୟ ଆକର୍ଷଣ ଶୁରୁଡ଼ି ବା ବଇଁଶୀ । ପ୍ରାୟ ୧୦/୧୨ ଜଣ ଧାଙ୍ଗଡ଼ା ବରପକ୍ଷ ତରଫରୁ ଏହି ବଇଁଶୀ ବଜାଇ କନ୍ୟା ଆଣିବାକୁ ଯାଇଥାନ୍ତି । ସଂଗରେ ଧାଙ୍ଗିଡ଼ି ମାନଙ୍କ ଏକ ଦଳ ମଧ୍ୟ ଥାଏ । ଏହି ଧାଙ୍ଗଡ଼ା – ଧାଙ୍ଗଡ଼ି ଦଳର ମୁଖ୍ୟ ଜଣେ ବୟସ୍କ ବ୍ୟକ୍ତି ରହିଥାନ୍ତି । ତାଙ୍କ ବଇଁଶୀର ସୁର ତାଳେ ତାଳେ ଧାଙ୍ଗଡାମାନେ ବଇଁଶୀ ବଜାଉଥିଲାବେଳେ ଧାଙ୍ଗଡିମାନେ ନୃତ୍ୟ କରିଥାନ୍ତି । ଏମାନେ ବ୍ୟବହାର କରୁଥିବା ବଇଁଶୀ ସାଧାରଣ ବଇଁଶୀ ଠାରୁ ଅଲଗା । ଏହି ବଇଁଶୀ ଏକ ଲମ୍ବା ବାଉଁଶ (ପ୍ରାୟ ସାଢେ ଦୁଇଫୁଟ ଲମ୍ବା)ରେ ତିଆରି ହୋଇଥାଏ । ଏଥିରେ ଛ'ଟି ରନ୍ଧ୍ର ଥାଏ ଏବଂ ବାଉଁଶର ସ୍ୱର ଠିକ୍ ଭାବରେ ହୋଇ ପାରିବ ନାହିଁ ବୋଲି ଏମାନେ କହନ୍ତି । ବୟସ୍କ ବ୍ୟକ୍ତି ଧାଙ୍ଗଡା-ଧାଙ୍ଗିଡିଦଳଙ୍କ ସବା ଆଗରେ ରହନ୍ତି । ବଇଁଶୀ ବାଦନ କରୁଥିବା ସମସ୍ତ ବ୍ୟକ୍ତି ତାଙ୍କ ଗୋଡ଼ରେ 'ଗେଗରା' (ଏକ ଲୁହାର ବଳା, ଯାହା ଭିତରେ ଛୋଟ ଛୋଟ ଲୁହାର ଗୁଳିମାନ ଥାଏ) । ପିନ୍ଧିଥାନ୍ତି । ଏହା ଘୁଙ୍ଗୁରୁ ଭଳି ଶବ୍ଦ ନ ହୋଇ ଆଉଟିକେ କର୍କଶ ହେଲେ ସୁଦ୍ଧା ଶ୍ରୁତି କଟୁ ନୁହେଁ । ମଝିରେ ମଝିରେ ଗୀତ ଗାଇ ବଇଁଶୀ ଏକା ସ୍ୱରରେ ବଜାଇଥାନ୍ତି ।

ଏମାନେ ଗୋଟିଏ ସ୍ଥାନରେ ଗୋଟିଏ ପାଦକୁ ଆଗକୁ ପଛକୁ କରି ସେହି ସ୍ଥାନରୁ ଆଗକୁ ବଢନ୍ତି ନାହିଁ । କିନ୍ତୁ କିଛି ସମୟ ଗଲେ ଅନ୍ୟପଦ ଆଗକୁ ବଢାନ୍ତି । ଏଇମିତି ଥରେ ଆଗକୁ ପାଦ ବଢିଲେ ଏକ ଟଙ୍କା କିମ୍ବା ଦୁଇଟଙ୍କା ଏପରିକି ପାଞ୍ଚ ଟଙ୍କା ବରପକ୍ଷଠାରୁ ନେଇଥାନ୍ତି । ପ୍ରତିପାଦକୁ କେତେ ଟଙ୍କା ନିଆଯିବ ତାହା ଆଗରୁ ସ୍ଥିର ହୋଇଥାଏ । ସାରାରାତି ଏମାନେ ନାଚି ନାଚି କନ୍ୟା ଘରକୁ ଯାଆନ୍ତି । ବରର ଗାଁ ଠାରୁ କନ୍ୟାଘର ଗାଁର ଦୂରତା ଯେତେ ଅଧିକ, ଏହା ସେତେ ବ୍ୟୟ ବହୁଳ । ଅନ୍ୟ ପକ୍ଷରେ କନ୍ୟାଘର ପକ୍ଷରୁ ମଧ୍ୟ ଠିକ୍ ସେହିଭଳି ଭାବରେ ଟଙ୍କା ପ୍ରଦାନ କରାଯାଇଥାଏ । ବର କନ୍ୟା ଘରକୁ ଆସିଲାବେଳେ ଏବଂ ବାହା ହୋଇ କନ୍ୟାକୁ ସାଂଗରେ ଧରି ଫେରିବାବେଳେ ଗୀତ ଗାନ କରି ଏମାନେ ପରିବେଶ ମୁଖରିତ କରିଥାନ୍ତି । ଯେହେତୁ ଏହା ବ୍ୟୟ ବହୁଳ, ତେଣୁ ଏହା କେବଳ ଆର୍ଥିକ ସ୍ୱଚ୍ଛଳ ଥିବା ପରିବାର ହିଁ ଏହି ପ୍ରକାର ବାହାଘର ଆୟୋଜନ କରୁଥିଲେ ।

ଏହି ଅନନ୍ୟ ବୈବାହିକ ରୀତି ଆଜି ସମ୍ପୂର୍ଣ୍ଣ ଲୁପ୍ତ ହୋଇ ସାରିଲାଣି । ଏହିଭଳି ଏକ ମହାନ୍ ପରମ୍ପରା ଲୁପ୍ତ ପାଇବାର କାରଣ କେବଳ ଆଧୁନିକ ଚୁଙ୍ଗା ସଭ୍ୟତାର କରାଳ ଗ୍ରାସ ହିଁ ହୋଇପାରେ ।

### କେର୍‌ଦି ପଦା :

କନ୍ଧ ସମ୍ପ୍ରଦାୟର ବିବାହ ସମ୍ବନ୍ଧିତ ଅନ୍ୟ ଏକ ଅବଲୁପ୍ତ ଅଥଚ ଆଶ୍ଚର୍ଯ୍ୟ ବିଶ୍ୱାସ ହେଉଛି 'କେର୍‌ଦି ପଦା' । ଏହି ଅଦ୍‌ଭୁତ ବିବାହ ସମ୍ବନ୍ଧିତ ରୀତି ଅନେକ ବର୍ଷପୂର୍ବେ ଲକ୍ଷ୍ମୀପୁର ଅଞ୍ଚଳରେ ରହିଥିଲା ବୋଲି ବୟସ୍କ କନ୍ଧମାନେ କହିଥାନ୍ତି । ଏଥିରେ ମଧ୍ୟ ପାରମ୍ପରିକ ରୀତି ଅନୁସାରେ ବର-କନ୍ୟାଙ୍କ ପିତାମାତା ତଥା ଗ୍ରାମର ବୟସ୍କ ବ୍ୟକ୍ତିଙ୍କ ଉପସ୍ଥିତ ତଥା ସମ୍ମତି କ୍ରମେ ହିଁ ଧାଙ୍ଗଡ଼ା ଧାଙ୍ଗଡୀଙ୍କ ବିବାହ ସ୍ଥିରୀକୃତ ହୋଇଥାଏ । ଗ୍ରାମର ଜାନି, ସାଉଁତା, ତଥା ବୟସ୍କ ବ୍ୟକ୍ତିଙ୍କ ଉପସ୍ଥିତିରେ ଏବଂ ସେମାନଙ୍କ ମୁଖ୍ୟ ଧର୍ମପୀଠ 'ଜାକ୍‌ରୀ' ନିକଟରେ (ନିର୍ବନ୍ଧ) ବିବାହର ନିଷ୍ପତ୍ତି ନିଆଯାଇଥାଏ । କିନ୍ତୁ ନିର୍ବନ୍ଧ ଠାରୁ ବିବାହ ପୂର୍ବରୁ ବର କିମ୍ବା କନ୍ୟା ଉଭୟଙ୍କ ମଧ୍ୟରୁ କେହି ଜଣେ ଯଦି ଅନ୍ୟ କୌଣସି ସ୍ତ୍ରୀ କିମ୍ବା ପୁରୁଷ ସହ ସ୍ୱଇଚ୍ଛାରେ ଚାଲିଯାଏ (ବିବାହ ଉଦ୍ଦେଶ୍ୟରେ), ତେବେ କନ୍ଧ ସମାଜ ତାକୁ ସହଜରେ ଗ୍ରହଣ କରିପାରେ ନାହିଁ । କାରଣ ଉଭୟ ବରପକ୍ଷ ଓ କନ୍ୟାପକ୍ଷଙ୍କ ସମ୍ମତିକ୍ରମେ ଗ୍ରାମର ବୟସ୍କ ବ୍ୟକ୍ତିଙ୍କ ଉପସ୍ଥିତିରେ ଏବଂ ସର୍ବୋପରି ତାଙ୍କ ସମାଜର ସର୍ବମୟୀ କର୍ତ୍ତା 'ଜାକ୍‌ରୀ' ନିକଟରେ 'ନିଷାପ୍' (ନିଷ୍ପତ୍ତି) ହୋଇଥାଏ । ତାହାକୁ କିଏ ଅବମାନନା କଲେ କନ୍ଧ ସମାଜ ତୀବ୍ର ପ୍ରତିରୋଧ କରିଥାଏ । ତେଣୁ ପୁଣିଥରେ ଗ୍ରାମର 'ଜାକ୍‌ରୀ' ଠାରେ 'ନିଷାପ' ବସେ ଏବଂ ସ୍ୱଇଚ୍ଛାରେ ଚାଲିଯାଇଥିବା ପୁଅ/ଝିଅଙ୍କ ପିତା-ମାତାଙ୍କୁ କହି ତାଙ୍କୁ ଦଣ୍ଡର ବ୍ୟବସ୍ଥା କରାହୁଏ । ଯଦି ଝିଅଟିଏ ସ୍ୱଇଚ୍ଛାରେ ଅନ୍ୟ ପୁଅ ସାଙ୍ଗରେ ଚାଲିଯାଇଥାଏ, ତେବେ ତାକୁ 'କେର୍‌ଦିପଦା' ବୋଲି କୁହାଯାଇଥାଏ । ଥରେ କନ୍ୟା ଯଦି କେର୍‌ଦିପଦା ହୋଇଯାଏ, ତେବେ କନ୍ଧ ସମାଜରେ ତା'ର ଆଉ ସ୍ଥାନ ନାହିଁ । ବଞ୍ଚିବାର ମଧ୍ୟ ଅଧିକାର ନାହିଁ ବୋଲି କନ୍ଧ ସମାଜ ବିଶ୍ୱାସ କରେ । ତେଣୁ ସେହି ସ୍ୱଇଚ୍ଛାରେ ଚାଲିଯାଇଥିବା ଝିଅ ଏବଂ ପୁଅଙ୍କୁ ଖୋଜି ଧରି ଆଣି ଗ୍ରାମର ଜାକ୍‌ରୀ ଠାରେ 'ନିଷାପ' ବସେ ଏବଂ ସ୍ୱଇଚ୍ଛାରେ ଚାଲି ଯାଇଥିବା ପୁଅ/ଝିଅଙ୍କ ପିତା-ମାତାଙ୍କୁ କହି ତାଙ୍କୁ ଦଣ୍ଡର ବ୍ୟବସ୍ଥା କରାହୁଏ । ଯଦି ଝିଅଟିଏ ସ୍ୱଇଚ୍ଛାରେ ଅନ୍ୟ ପୁଅ ସାଙ୍ଗରେ ଚାଲିଯାଇଥାଏ, ତେବେ ତାକୁ 'କେର୍‌ଦିପଦା' ବୋଲି କୁହାଯାଇଥାଏ । ଥରେ କନ୍ୟା ଯଦି କେର୍‌ଦିପଦା ହୋଇଥାଏ, ତେବେ କନ୍ଧ ସମାଜରେ ତା'ର ଆଉ ସ୍ଥାନ ନାହିଁ । ବଞ୍ଚିବାର ମଧ୍ୟ ଅଧିକାର ନାହିଁ ବୋଲି କନ୍ଧ ସମାଜ ବିଶ୍ୱାସ କରେ । ତେଣୁ ସେହି ସ୍ୱଇଚ୍ଛାରେ ଚାଲିଯାଇଥିବା ଝିଅ ଏବଂ ପୁଅଙ୍କୁ ଖୋଜି ଧରି ଆଣି ଗ୍ରାମର ଜାକ୍‌ରୀ ନିକଟରେ

ସର୍ବ ସମ୍ମୁଖରେ ଝିଅକୁ ତଳେ ଏବଂ ପୁଅକୁ ଉପରେ ରଖି ଜୀବନ୍ତ ଅବସ୍ଥାରେ ହିଁ ଏକ କେନ୍ଦୁ କାଠରେ ତିଆରି କିଳାରେ ବଳି ଦିଆଯାଇଥାଏ । ମରିବା ଯାଏଁ ସେମାନଙ୍କୁ ପ୍ରହାର ଉପରେ ପ୍ରହାର କରାଯାଉଥାଏ । ଏହି ଦୃଶ୍ୟ ଅତି ଭୟଙ୍କର । ଜାକ୍ରୀ ନିକଟରେ ଗ୍ରାମର ଜାନୀ ପୂଜା କରୁଥିବା ବେଳେ ଅନ୍ୟପକ୍ଷରେ ବାଦ୍ୟର ଏକ ବିଉତ୍ପ୍ର - ଭୟଙ୍କର ଶବ୍ଦ ଅନବରତ ବାଜୁଥାଏ । ପୁଣି ଅଭିଯୁକ୍ତ ଦୁହିଁଙ୍କ ପ୍ରାଣାନ୍ତକ ଚିତ୍କାର ଏକ ଭୟାନକ ତଥା ମର୍ମନ୍ତୁଦ ପରିବେଶ ଭିତରେ ସେମାନଙ୍କୁ ହତ୍ୟା କରାଯାଏ ।

ବର୍ତ୍ତମାନ କିନ୍ତୁ ଏହି ବିଭତ୍ସ - ନାରକୀୟ ପ୍ରଥା ଲୁପ୍ତ ହୋଇ ସାରିଲାଣି । କିନ୍ତୁ ଉକ୍ତ ଅଞ୍ଚଳର ବୟସ୍କ ଲୋକଙ୍କ ସ୍ମୃତିରେ ଆଜିସୁଦ୍ଧା ତାହା ଜୀବିତ । ଆଧୁନିକ ସଭ୍ୟ ଜଗତ ପାଇଁ ଉକତ ପ୍ରଥା ବିଭତ୍ସ, ଅମାନୁଷିକ ହେଲେ ସୁଦ୍ଧା ତାଙ୍କର ବିଶ୍ୱାସ - ତାଙ୍କର ନିୟମ ସେମାନଙ୍କ ପାଇଁ ଅନନ୍ୟ । ଏହିଲୁପ୍ତ ପ୍ରଥାର ପ୍ରକୃତ ସ୍ୱରୂପ ଏବଂ ପ୍ରଥା ପାଳନର କାରଣ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

◆◆◆

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଲକ୍ଷ୍ମୀପୁର ମହାବିଦ୍ୟାଳୟ
ଲକ୍ଷ୍ମୀପୁର (କୋରାପୁଟ)


BANAJA-2004
ବନଜ